ଧରିତ୍ରୀ
DHARITRI
ରବିବାର, ମେ ୩/୨୦୨୦ (୨୦ ପୃଷ୍ଠା) | Sunday, May 3/2020
୪୭ଶ ଭାଗ ୧୫୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-



## ସଲ୍‌ମାନ ପୁଣି କଲେ ସହାୟତା

ସଲ୍‌ମାନ ଖାନ୍ ଅଲ୍ ଇଣ୍ଡିଆ ସ୍ପେଶିଆଲ ଆର୍ଟିଷ୍ଟ ଆସୋସିଏଶନ୍‌ର ୪୫ଜଣ କଳାକାରଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୩ ହଜାର ଲେଖାଏ ଟଙ୍କା ପଠାଇ ସହାୟତାର ହାତ ବଢ଼ାଇଛନ୍ତି।

୦୭

୨୦

## ବ୍ୟାଟ୍ ନିଲାମ କରିବେ ଗିବ୍ସ

ଦକ୍ଷିଣ ଆଫ୍ରିକା ପୂର୍ବତନ ବ୍ୟାଟ୍ସମ୍ୟାନ ହର୍ଶେଲ ଗିବ୍ସ ଦିନିକିଆ ଇତିହାସରେ ସର୍ବାଧିକ ଟାର୍ଗେଟର ସଫଳ ପିଛା କରିବାବେଳେ ବ୍ୟବହାର କରିଥିବା ବ୍ୟାଟ୍‌କୁ ନିଲାମ କରିବେ।



# ଭୁବନେଶ୍ୱରକୁ ଟପିଲା ଯାଜପୁର

- ୮ ନୂଆ ସଂକ୍ରମିତ ଚିହ୍ନଟ
- କଟିକଟା ରାଜ୍ୟର ନୂଆ ହଟ୍‌ସ୍ପଟ୍
- ସ୍ଥାନୀୟ ଲୋକଙ୍କ ଅସାବଧାନତାକୁ ଦାୟୀ କଲେ ସରକାର
- ରାଜ୍ୟରେ କରୋନା ପଜିଟିଭ୍‌ଙ୍କ ସଂଖ୍ୟା ୧୫୭କୁ ବୃଦ୍ଧି

ଭୁବନେଶ୍ୱର, (ବ୍ୟୁରୋ)/ ଯାଜପୁର ଅଫିସ୍,୨।୫

ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଓଡ଼ିଶା ପାଇଁ ସବୁଠାରୁ ଚିନ୍ତା ବଢ଼ାଇଲାଣି ଯାଜପୁର। କାରଣ ଏହି ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ଭୁବନେଶ୍ୱରକୁ ଟପିଯାଇଛି। ଭୁବନେଶ୍ୱରରେ ରାଜ୍ୟର ସର୍ବାଧିକ କରୋନା ପିଜିଟଭ୍ ସଂଖ୍ୟା ୪୭ ରହିଥିବା ବେଳେ ଯାଜପୁରରେ ତାହା ୪୮କୁ ଛୁଇଁଯାଇଛି। ଶନିବାର ମୋଟ ୮ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନେ ସମସ୍ତେ ଯାଜପୁରର ବୋଲି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି। ଯାଜପୁର ଜିଲା ରେଡ୍ ଜୋନ୍‌ରେ ଥିବାବେଳେ ଜିଲାର ଦଶରଥପୁର ବ୍ଲକ ଅନ୍ତର୍ଗତ କଟିକଟା ପଞ୍ଚାୟତକୁ ରାଜ୍ୟ ସରକାର ନୂଆ ହଟ୍‌ସ୍ପଟ୍ ବୋଲି ଘୋଷଣା କରିଛନ୍ତି। କଟିକଟା ଅଞ୍ଚଳରେ ଏଯାବତ୍ ୨୧ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇସାରିଲେଣି। ଏମାନଙ୍କ ମଧ୍ୟରୁ ୫ଜଣ ପଶ୍ଚିମବଙ୍ଗ ଫେରନ୍ତା ଥିବା ବେଳେ ଅନ୍ୟମାନେ ସେମାନଙ୍କ ସଂସ୍ପର୍ଶରେ ଆସି ସଂକ୍ରମିତ ହୋଇଛନ୍ତି। ଏହି ଘଟଣା ପାଇଁ ସ୍ଥାନୀୟ ଲୋକଙ୍କ ଅସାବଧାନତାକୁ ଦାୟୀ କରିଛନ୍ତି ରାଜ୍ୟ ସରକାର। ଏ



ରାଜଧାନୀରେ କଟକଣା କୋହଳ ହେବା ପରେ ବାପୁଜୀ ନଗରରେ ଲୋକଙ୍କୁ ସଚେତନ କରାଉଛି ପୋଲିସ।

ନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପ୍ରମୁଖ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ କହିଛନ୍ତି ଯେ, କଟିକଟା ପଞ୍ଚାୟତରେ ଜନସଂଖ୍ୟା ପ୍ରାୟ ୪,୫୦୦। ସେଠାରୁ ୬୩୦ ନମୁନା ସଂଗ୍ରହ କରାଯାଇଛି। ଏଥିମଧ୍ୟରୁ ସଂସ୍ପର୍ଶରେ ଆସିଛନ୍ତି ୩୪୮ଜଣ ଓ ୨୮୨ ଅନ୍ୟମାନେ। ଏହି ଅଞ୍ଚଳରେ ସେମାନେ ନିୟମକୁ ମାନିଲେ ନାହିଁ। ଯେଉଁମାନଙ୍କୁ ହୋମ୍ କ୍ୱାରାଣ୍ଟାଇନ୍ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା, ସେମାନେ ମାନିଲେ ନାହିଁ। ସେମାନେ ସବୁଠି ବୁଲିଲେ ଓ ଅନ୍ୟମାନଙ୍କୁ ସଂକ୍ରମିତ କଲେ, ଯେଉଁଥିପାଇଁ ସେଠାରେ ବର୍ତ୍ତମାନ ୨୧ଟି ପଜିଟିଭ୍ ଚିହ୍ନଟ ହୋଇସାରିଲେଣି। ଆଗକୁ ଆହୁରି ବାହାରିବାର ସମ୍ଭାବନାକୁ ମଧ୍ୟ ଏଡ଼ାଇ ଦିଆଯାଇ ନ ପାରେ ବୋଲି ସଚିବ କହିଛନ୍ତି। ଭୁବନେଶ୍ୱର ସୁରକ୍ଷିତ ଅଛି। ଗତ ୧୫ ଦିନରେ ଗୋଟିଏ ପଜିଟିଭ୍ କେସ୍ ବାହାରିଥିବା ଏହା ପ୍ରମାଣିତ କରିଛି ବୋଲି ସଚିବ କହିଛନ୍ତି।

ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଯାଜପୁର ବ୍ଲକ ବାସୁଦେବପୁର ପଞ୍ଚାୟତର ୨ ଜଣ ଓ ନାଥସାହି ପଞ୍ଚାୟତର ଜଣେ, ବରୀ ବ୍ଲକ ବାଇଁଶିରିଆ ପଞ୍ଚାୟତର ୨ ଜଣ ଏବଂ କଳାମାଟିଆ ଓ ଉଦୟନାଥପୁର ପଞ୍ଚାୟତର ଜଣେ ଲେଖାଏ ଏବଂ ବିଞ୍ଝାରପୁର ବ୍ଲକ କଲ୍ୟାଣପୁର ପଞ୍ଚାୟତର ଜଣେ ସଂକ୍ରମିତ ହୋଇଛନ୍ତି। ନୂଆ ୮ ସଂକ୍ରମିତଙ୍କ ମଧ୍ୟରୁ ୨ଜଣ ମହିଳା ଥିବା ବେଳେ ୬ଜଣ ପୁରୁଷ ରହିଛନ୍ତି। ୨ ଜଣ ମହିଳାଙ୍କ ବୟସ ହେଉଛି ୨୪ ଓ ୬୦ ବର୍ଷ। ୬ ପୁରୁଷଙ୍କ ବୟସ ହେଉଛି ୨୮, ୫୬, ୬୩, ୪୮, ୫୫ ଓ ୬୨ବର୍ଷ। ଏମାନେ ସମସ୍ତେ କୋଲକାତା ଫେରନ୍ତା। ଆକ୍ରାନ୍ତମାନଙ୍କଠାରେ ରୋଗର କୌଣସି ଲକ୍ଷଣ ଦେଖାଯାଇ ନ ଥିଲା। ସମସ୍ତ ଆକ୍ରାନ୍ତ କ୍ୱାରାଣ୍ଟାଇନରେ ଥିଲେ ବୋଲି ସୂଚନା ଦିଆଯାଇଛି। ତେବେ କଳାମାଟିଆ ପଞ୍ଚାୟତ ତଳକାଇପଡ଼ା ଗ୍ରାମର ସଂକ୍ରମିତ ଯୁବକ ହୋମ କ୍ୱାରାଣ୍ଟାଇନ୍‌ରେ ରହୁଥିଲେ ବୋଲି କୁହାଯାଇଥିଲେ ହେଁ ସେ କ୍ରିକେଟ, ତାସ ଖେଳ ଆଦିରେ ସମ୍ପୃକ୍ତ ହୋଇ ଶତାଧିକ ଲୋକଙ୍କ ସଂସ୍ପର୍ଶରେ ଆସିଥିବା ଚର୍ଚ୍ଚା ହେଉଛି। ବିଞ୍ଝାରପୁର ବ୍ଲକ କଲ୍ୟାଣପୁର ଗ୍ରାମର ☞ପୃଷ୍ଠା-୪

## ଏଚ୍‌୧ ବି ଭିଜାଧାରୀଙ୍କ ଲାଗି ଆଶ୍ୱସ୍ତି




- ଦସ୍ତାବିଜ ଦାଖଲ ଲାଗି ମିଳିଲା ୬୦ ଦିନ

ନୂଆଦିଲ୍ଲୀ,୨।୫

ଏଚ୍‌୧ ବି ଭିଜା ଏବଂ ଗ୍ରୀନ କାର୍ଡଧାରୀଙ୍କ ଲାଗି ଆଶ୍ୱସ୍ତି। ଏ କ୍ଷେତ୍ରରେ ବ୍ୟକ୍ତି ବିଶେଷଙ୍କୁ ଦସ୍ତାବିଜ ଦାଖଲ କରିବା ନେଇ ୬୦ ଦିନ ସମୟ ପ୍ରଦାନ କରାଯାଇଛି। ୟୁନାଇଟେଡ ଷ୍ଟେଟସ୍ ସିଟିଜେନଶିପ ଆଣ୍ଡ ଇମିଗ୍ରେସନ ସର୍ଭିସେସ୍ (ୟୁଏସ୍‌ସିଆଇସି) ପକ୍ଷରୁ ଏ ସଂକ୍ରାନ୍ତରେ ଘୋଷଣା କରାଯାଇଛି। ଆବଶ୍ୟକୀୟ ଦସ୍ତାବିଜ ଦାଖଲ କରିବା ଲାଗି ଆମେରିକା ନୋଟିସ ଜାରି କରିଥିଲା। କୋଭିଡ୍ ଯୋଗୁ ଲୋକମାନେ ଏବେ ଫସି ରହିଥିବାରୁ ଦସ୍ତାବିଜ ପ୍ରଦାନ କରିବାକୁ ବିଭିନ୍ନ ଅସୁବିଧା ସାମ୍ନା କରୁଛନ୍ତି। କୋଭିଡ୍-୧୯ ଯୋଗୁ ଆମେରିକା ଅର୍ଥ ବ୍ୟବସ୍ଥା ଗଭୀର ଭାବେ କ୍ଷତିଗ୍ରସ୍ତ ହୋଇଥିବା ବେଳେ ପ୍ରାୟ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତି ସଂକ୍ରମିତ ହୋଇଛନ୍ତି।

# ସଙ୍କଟରେ ବିଶ୍ୱର ଅଧା ଶ୍ରମଶକ୍ତି

ଜେନେଭା,୨।୫

ମହାମାରୀ କରୋନା ମୁକାବିଲା ପାଇଁ ଜାରି ଲକ୍‌ଡାଉନ୍ ଯୋଗୁ ଅଣସଙ୍ଗଠିତ ଅର୍ଥନୀତିର ପ୍ରାୟ ୧୬୦ କୋଟି ଶ୍ରମିକ ଜୀବିକା ହରାଇବେ, ଯାହାଙ୍କୁ ବିଶ୍ୱର ଅଧା ଶ୍ରମଶକ୍ତି ବୋଲି ଧରାଯାଇଥାଏ। ସେହିପରି ୪୩୬ ନିୟୁତ ଉଦ୍ୟୋଗ ବନ୍ଦ ହେବା ଅବସ୍ଥାକୁ ଚାଲିଆସିଛି ବୋଲି ଅନ୍ତର୍ଜାତୀୟ ଶ୍ରମ ସଙ୍ଗଠନ



(ଆଇଏଲ୍‌ଓ) ପକ୍ଷରୁ ଶନିବାର ସତର୍କ କରିଦିଆଯାଇଛି।

ବିଶ୍ୱର ନିଯୁକ୍ତି ହରାଇବା ସମ୍ପର୍କିତ ଆଇଏଲ୍‌ଓର ସଦ୍ୟ ରିପୋର୍ଟରେ କୁହାଯାଇଛି ଯେ, ୨୦୨୦ର ଦ୍ୱିତୀୟ ତ୍ରୈମାସରେ କାର୍ଯ୍ୟ ସମୟ ବହୁ ପରିମାଣରେ ହ୍ରାସ ପାଇବ, ଯାହାକି

### ଜୀବିକା ହରାଇବେ ୧୬୦ କୋଟି

ପୂର୍ବରୁ କେବେ ଆକଳନ କରାଯାଇ ନ ଥିଲା। ୨୦୧୯ର ଶେଷ ତ୍ରୈମାସ ତୁଳନାରେ ସ୍ଥିତି ଏବେ ୧୦.୫% ବିଗିଡ଼ିଯିବା ଆଶଙ୍କା ସୃଷ୍ଟି ହୋଇଛି। ଅର୍ଥାତ୍ ୩୦୫ ନିୟୁତ ପୂର୍ଣ୍ଣକାଳୀନ ନିଯୁକ୍ତି (ସପ୍ତାହକ ୪୮ ଘଣ୍ଟା କାମ) ଉଚ୍ଛେଦ ହେବ ବୋଲି 'ଆଇଏଲ୍‌ଓ ମନିଟର ଥାର୍ଡ ଏଡିଶନ: କୋଭିଡ୍-୧୯ ଆଣ୍ଡ ଦି ୱାର୍ଲ୍ଡ ଅଫ୍ ୱାର୍କ' ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଗତମାସର ଆକଳନରେ ଏହି ହାର ୬.୭% (୧୯୫ ନିୟୁତ ପୂର୍ଣ୍ଣକାଳୀନ ଶ୍ରମିକଙ୍କ କାର୍ଯ୍ୟ) ହ୍ରାସ ପାଇବ ବୋଲି ଅନୁମାନ କରାଯାଉଥିଲା। ତେବେ ମହାମାରୀ କରୋନା ଲାଗି ସୃଷ୍ଟି ହୋଇଥିବା ସଙ୍କଟ ଯୋଗୁ ଅଣସଙ୍ଗଠିତ କ୍ଷେତ୍ରର ମୋଟ ୨ ବିଲିୟନ୍ ଶ୍ରମିକଙ୍କ ମଧ୍ୟରୁ ୧.୬ ବିଲିୟନ ଜୀବିକା ହରାଇବେ ବୋଲି ଆଶଙ୍କା ପ୍ରକାଶ ପାଇଛି। ପ୍ରକାଶ ଯେ, ବର୍ତ୍ତମାନ ସାରା ବିଶ୍ୱରେ ୩.୩ ବିଲିୟନ୍ ବା ୩୩୦ କୋଟି ଶ୍ରମଶକ୍ତି ରହିଛନ୍ତି। କାରଣ ଲକ୍‌ଡାଉନ୍ ଯୋଗୁ ଶ୍ରମିକମାନଙ୍କ ଉପାର୍ଜନ କ୍ଷମତା ବହୁ ପରିମାଣରେ କମିଯାଇଛି। ସେହିପରି ସାରା ବିଶ୍ୱରେ ୪୩୬ ନିୟୁତ ଉଦ୍ୟୋଗ ଉପରେ ☞ପୃଷ୍ଠା-୪

# ଆନ୍ଧ୍ର, କର୍ଣ୍ଣାଟକରୁ ଫେରିବେ ଓଡ଼ିଆ

## ୨ ମୁଖ୍ୟମନ୍ତ୍ରୀଙ୍କ ସହ କଥା ହେଲେ ନବୀନ




ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଆଲୋଚନା କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

ଭୁବନେଶ୍ୱର,୨।୫(ବ୍ୟୁରୋ)

ଲକ୍‌ଡାଉନ ଯୋଗୁ କର୍ଣ୍ଣାଟକ ଏବଂ ଆନ୍ଧ୍ର ପ୍ରଦେଶରେ ଫସି ରହିଥିବା ଓଡ଼ିଆ ଶ୍ରମିକମାନେ ଘରକୁ ଫେରିବେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଭିଡିଓ କନ୍‌ଫରେନ୍ସିଂ ଜରିଆରେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ବି.ଏସ୍. ୟେଦୁରପ୍ପା ଏବଂ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଜଗନମୋହନ ରେଡ୍ଡୀଙ୍କ ସହିତ ଆଲୋଚନା କରିଛନ୍ତି। କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଭିଡିଓ କନ୍‌ଫରେନ୍ସିଂରେ ଯୋଗ ଦେଇଥିଲେ। ଲକ୍‌ଡାଉନ୍‌ରେ ୨ ରାଜ୍ୟର ସରକାର ସେଠାରେ ଥିବା ଓଡ଼ିଆମାନଙ୍କର ଉପଯୁକ୍ତ ଯତ୍ନ ନେଇଥିବାରୁ ମୁଖ୍ୟମନ୍ତ୍ରୀ ☞ପୃଷ୍ଠା-୪

## କଳିଙ୍ଗା ଘାଟିରେ ବସ୍ ଓଲଟିଲା: ୨ ମୃତ

ଭଞ୍ଜନଗର,୨।୫(ଡି.ଏନ୍.ଏ.)- ପ୍ରବାସୀ ଓଡ଼ିଆଙ୍କୁ ସୁରଟରୁ ନେଇ ଫେରୁଥିବା ଏକ ବସ ଶନିବାର ରାତିରେ ଗଞ୍ଜାମ-କନ୍ଧମାଳ ସୀମାନ୍ତ କଳିଙ୍ଗା ଘାଟିରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୨ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ବୁଗୁଡ଼ା ଅଞ୍ଚଳର ଚିତ୍ତରଞ୍ଜନ ସେଠୀ ଓ ସନ୍ତୋଷ ସେଠୀ। ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଥିବା ଅନ୍ୟ ୭୦ଜଣଙ୍କୁ ଅନ୍ୟ ଏକ ବସ୍‌ରେ ଆଣି କୁକୁଡ଼ାଖଣ୍ଡି କ୍ୱାରାଣ୍ଟାଇନ୍ ସେଣ୍ଟରରେ ରଖାଯାଇଛି। ଗଞ୍ଜାମ ଓ କନ୍ଧମାଳ ପୋଲିସ ପ୍ରଶାସନ ଘଟଣାସ୍ଥଳରେ ☞ପୃଷ୍ଠା-୪

ଅନ୍‌ଲାଇନ୍‌ରେ ପଢ଼ନ୍ତୁ ଏଥରର ଛୁଟିଦିନ




www.dharitriepaper.in
www.dharitri.com

### ଆଜିର ସମ୍ପାଦକୀୟ

ସାଂଘାତିକ ଝଟକା

### ଆଜିର ମନ୍ତବ୍ୟ

"ମହାମରୀ କରୋନା ଅକଥନୀୟ ଆତଙ୍କ ଓ ଦୁର୍ଦ୍ଦଶା ଆଣିଛି।
-ଆଣ୍ଟୋନିଓ ଗୁଟେରେସ୍, ଜାତିସଂଘ ମହାସଚିବ

# ତୃତୀୟ ପର୍ଯ୍ୟାୟରେ କୋହଳ

- ଗ୍ରୀନ୍ ଜୋନ୍‌ରେ ବସ୍ ଚାଲିବ
- ଅରେଞ୍ଜ, ଗ୍ରୀନ୍ ଜୋନ୍‌ରେ ସେଲୁନ୍‌କୁ ଅନୁମତି

## ଲକ୍‌ଡାଉନ୍ ମିଆଦ ୧୭କୁ ବୃଦ୍ଧି

ନୂଆଦିଲ୍ଲୀ,୨।୫(ପି.ଟି.)

ଦୀର୍ଘ ୪୦ ଦିନ ଧରି ଦେଶରେ ଲକ୍‌ଡାଉନ ଜାରି ରହିବା ସତ୍ତ୍ୱେ କରୋନା ସଂକ୍ରମଣ କମିନାହିଁ। ଲକ୍‌ଡାଉନ ଉଠାଇଦେଲେ ସଂକ୍ରମଣକୁ ନିୟନ୍ତ୍ରଣ କରାଯାଇପାରିବ ନାହିଁ ବୋଲି ବିଭିନ୍ନ ରାଜ୍ୟ ସରକାର ଓ ବିଶେଷଜ୍ଞମାନେ ମତ ଦେଇଥିଲେ। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଲକ୍‌ଡାଉନ୍ ଅବଧିକୁ ଆଉ ଦୁଇ ସପ୍ତାହ ବଢ଼ାଇଛନ୍ତି। ଫଳରେ ମେ' ୩ରେ ଶେଷ ହେବାକୁ ଥିବା ଦ୍ୱିତୀୟ ପର୍ଯ୍ୟାୟ ତାଲାବନ୍ଦ ଅବଧି ୧୭ ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ଏହି ସମୟରେ



ଲକ୍‌ଡାଉନ୍ ବେଳେ ବିହାରର ଗୋପାଳଗଞ୍ଜରେ ବସ୍‌ରେ ଦାଦନ ଶ୍ରମିକଙ୍କ ବିପଦପୂର୍ଣ୍ଣ ଯାତ୍ରା।

ବିମାନ, ଟ୍ରେନ ଏବଂ ଆନ୍ତଃରାଜ୍ୟ ବସ୍ ଚଳାଚଳ ବନ୍ଦ ରହିବ। ସଂକ୍ରମଣ ଆଧାରରେ ଦେଶର ଜିଲାଗୁଡ଼ିକୁ ରେଡ୍, ଅରେଞ୍ଜ ଓ ଗ୍ରୀନ୍ ଏଭଳି ତିନୋଟି ଜୋନ୍‌ରେ ବିଭକ୍ତ କରାଯାଇଛି। ସେହି ଅନୁଯାୟୀ ବିଭିନ୍ନ ଜୋନ୍‌ରେ ଥିବା ଜିଲାଗୁଡ଼ିକୁ କେତେକ ଅର୍ଥନୈତିକ କାର୍ଯ୍ୟ କରିବାକୁ ଅନୁମତି ପ୍ରଦାନ କରାଯାଇଛି। ତେବେ ଲକ୍‌ଡାଉନ୍ ସମୟରେ ସବୁ ଜୋନ୍‌ରେ ସମସ୍ତ ☞ପୃଷ୍ଠା-୪

### କ'ଣ କରିହେବ

**ରେଡ୍ ଜୋନ୍:** ଅନୁମତି ମିଳିଥିବା କାର୍ଯ୍ୟ ପାଇଁ ଯାତାୟାତ ତଥା ବ୍ୟକ୍ତିଗତ ଗାଡି ଚାଲିପାରିବ। ଚାରିଚକିଆରେ ଡ୍ରାଇଭରଙ୍କ ସହ ଜଣେ ଯାତ୍ରୀ ଯାଇପାରିବେ। ଦୁଇଚକିଆରେ କେବଳ ଚାଳକ ହିଁ ଯିବେ। କେବଳ ସ୍ୱତନ୍ତ୍ର ଅର୍ଥନୈତିକ ଜୋନ୍ (ଏସ୍‌ଇଜେଡ୍), ରପ୍ତାନି ଭିତ୍ତିକ ୟୁନିଟ, ଶିଳ୍ପାଞ୍ଚଳ ତଥା ନିୟନ୍ତ୍ରଣାଧୀନ ଶିଳ୍ପ ସହରାଞ୍ଚଳ, ଔଷଧ, ମେଡିକାଲ ଉପକରଣ ଆଦି ଅତ୍ୟାବଶ୍ୟକ ସାମଗ୍ରୀ ଉତ୍ପାଦନ କରୁଥିବା ଶିଳ୍ପ ଖୋଲିବ। ଏହି ଶିଳ୍ପ ସହ ସଂଲଗ୍ନ ଯୋଗାଣ ଶୃଙ୍ଖଳ, ଆଇଟି ହାର୍ଡୱେର ଉତ୍ପାଦନ, ଛୋଟ ଶିଳ୍ପ ଆଦି ଖୋଲିପାରିବ। ଗ୍ରାମାଞ୍ଚଳରେ ସମସ୍ତ ଶିଳ୍ପ କାର୍ଯ୍ୟକୁ ଅନୁମତି ମିଳିଛି। ଶ୍ରମିକ ମିଳୁଥିବା ସହରାଞ୍ଚଳରେ ନିର୍ମାଣ କାର୍ଯ୍ୟ କରାଯାଇପାରିବ। କିନ୍ତୁ ବାହାରୁ ଶ୍ରମିକ ଆଣିବାକୁ ଅନୁମତି ଦିଆଯାଇନାହିଁ। ସେହିପରି ରେଡ୍ ଜୋନ୍‌ରେ ଗୋଟିକିଆ ଦୋକାନ, କଲୋନୀରେ ଥିବା ଦୋକାନ ଏବଂ ସହରାଞ୍ଚଳର ରେସିଡେନ୍ସିଆଲ କମ୍ପ୍ଲେକ୍ସରେ ଥିବା ଦୋକାନ ଖୋଲିପାରିବ। ଘରୋଇ ଅଫିସ୍ ୩୩% କର୍ମଚାରୀରେ ଚଲାଇବାକୁ ଅନୁମତି ମିଳିଛି।

**ଅରେଞ୍ଜ ଜୋନ:** ଅରେଞ୍ଜ ଜୋନ୍‌ରେ ଟ୍ୟାକ୍ସିରେ ଡ୍ରାଇଭରଙ୍କ ସହ ଦୁଇ ଜଣ ଯାତ୍ରୀଙ୍କୁ ଯିବା ପାଇଁ ଅନୁମତି ମିଳିଛି। ଅନୁମତି ମିଳିଥିବା କାର୍ଯ୍ୟ ପାଇଁ ଆନ୍ତଃଜିଲା ଗାଡ଼ି ଚଳାଚଳ ଓ ଯାତାୟାତକୁ ଅନୁମତି ମିଳିବ। ଦୁଇଚକିଆ ଗାଡ଼ିରେ ଆରୋହୀଙ୍କ ସହ ଅନ୍ୟ ଜଣେ ଯାଇପାରିବେ। ଏହି ଜୋନ୍‌ରେ ସେଲୁନ୍ ଖୋଲିବା ସହ ଅନଲାଇନରେ ଅଣଅତ୍ୟାବଶ୍ୟକ ସାମଗ୍ରୀ ବିକ୍ରି ହେବ।

**ଗ୍ରୀନ୍ ଜୋନ୍:** ଗ୍ରୀନ୍ ଜୋନ୍‌ରେ ସିଟ୍ ସାମର୍ଥ୍ୟର ୫୦ ପ୍ରତିଶତ ଯାତ୍ରୀଙ୍କୁ ନେଇ ବସ୍ ଚଳାଚଳ କରିପାରିବ। ଦୁଇଚକିଆ ଯାନରେ ପଛ ସିଟ୍‌ରେ ଯିବାକୁ ଅନୁମତି ମିଳିଛି। ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଆନ୍ତଃରାଜ୍ୟ ମାଲ୍ ପରିବହନ ଓ ଖାଲି ଟ୍ରକ୍ ଚଳାଚଳକୁ ଅନୁମତି ମିଳିଛି। ଏହି ଜୋନ୍‌ରେ ସେଲୁନ୍ ଖୋଲିବା ସହ ଅନଲାଇନରେ ଅଣଅତ୍ୟାବଶ୍ୟକ ସାମଗ୍ରୀ ବିକ୍ରି ହେବ।

## ସବୁ କର୍ମଚାରୀଙ୍କ ଲାଗି ଆରୋଗ୍ୟ ସେତୁ ଆପ୍ ବାଧ୍ୟତାମୂଳକ

କରୋନା ମହାମାରୀ ବିରୋଧରେ ଲଢ଼େଇକୁ ଆହୁରି ଶକ୍ତିଶାଳୀ କରିବା ଲାଗି କେନ୍ଦ୍ର ସରକାର ଉଭୟ ସରକାରୀ ଓ ଘରୋଇ ସେକ୍ଟର କର୍ମଚାରୀମାନଙ୍କ ଲାଗି ଆରୋଗ୍ୟ ସେତୁ ଆପ୍ ବ୍ୟବହାରକୁ ବାଧ୍ୟତାମୂଳକ କରିଛନ୍ତି। କାର୍ଯ୍ୟାଳୟର ଶହେ ପ୍ରତିଶତ କର୍ମଚାରୀ ଯେପରି ଏହି ଆପ୍ ବ୍ୟବହାର କରନ୍ତି ତାହା ସଂଗଠନର ମୁଖ୍ୟ ନିଶ୍ଚିତ କରିବେ ବୋଲି କୁହାଯାଇଛି।



ପୂର୍ବ ଦିଲ୍ଲୀରେ କରୋନା ସମ୍ପର୍କରେ ସଚେତନତା ସୃଷ୍ଟି କରୁଥିବା ଏକ କଟ୍‌ଆଉଟ୍ ପାଖଦେଇ ଜଣେ ମହିଳା ଯାଉଛନ୍ତି।

# ଗୋଟିଏ ବିଲ୍ଡିଂରେ ୪୪ ସଂକ୍ରମିତ

ନୂଆଦିଲ୍ଲୀ,୨।୫(ପି.ଟି.): ଦିଲ୍ଲୀର କାପାଶେରା ଅଞ୍ଚଳରେ ଥିବା ଗୋଟିଏ ବିଲ୍ଡିଂରୁ ୪୪ ଜଣ କରୋନା ପଜିଟିଭ୍‌ଙ୍କୁ ଚିହ୍ନଟ କରାଯାଇଛି। ୧୦ ଦିନ ପୂର୍ବରୁ ଉକ୍ତ ଅଟ୍ଟାଳିକାର ସମସ୍ତ ବାସିନ୍ଦାଙ୍କ ନମୁନା ପରୀକ୍ଷା ପାଇଁ ପଠାଯାଇଥିଲା। ଏମାନେ ଗତ ମାସ ୧୮ରେ ଜଣେ କୋଭିଡ୍-୧୯ ରୋଗୀ ସଂସ୍ପର୍ଶରେ ଆସିଥିଲେ। କର୍ତ୍ତୃପକ୍ଷ ତୁରନ୍ତ ଉକ୍ତ ଅଞ୍ଚଳକୁ ସିଲ୍ କରିବା ସହ ୧୭୫ ଜଣଙ୍କ ସ୍ୱାବ୍ ନମୁନା ପରୀକ୍ଷା ପାଇଁ ପଠାଇଥିଲେ। ସେଥିରୁ ୬୭ ଜଣଙ୍କ ରିପୋର୍ଟ ଆସିଥିବାବେଳେ ୪୪ ଜଣଙ୍କଠାରେ ପଜିଟିଭ୍ ଜଣାପଡିଛି। ଜାତୀୟ ରାଜଧାନୀ ଅଞ୍ଚଳର ସମସ୍ତ ୧୧ ଜିଲାକୁ ରେଡ୍ ଜୋନ୍‌ରେ ରଖାଯାଇଛି।

# ବିଶ୍ୱକୁ ମିଛ କହିଥିଲା ଚାଇନା

**ବେଜିଂ, ୨।୫**

କରୋନା ଭୂତାଣୁ ସାରାବିଶ୍ୱରେ ଆତଙ୍କ ଖେଳାଇଛି। ବିଶ୍ୱକୁ ବ୍ୟାପିଥିବା ଏହି ଭୂତାଣୁର ଉତ୍ପତ୍ତି ଓ ସଂକ୍ରମଣ ସମ୍ପର୍କରେ ଚାଇନା ଜାଣିଶୁଣି ତଥ୍ୟ ଲୁଚାଇଥିଲା, ଯାହା ଫଳରେ ଏହି ପ୍ରାଣଘାତୀ ଭୂତାଣୁ କବଳରୁ ରକ୍ଷା ପାଇବା ଲାଗି ସଫଳ ଔଷଧ ପ୍ରସ୍ତୁତିରେ ବିଶ୍ୱବାସୀଙ୍କ ପ୍ରୟାସ ବିଳମ୍ବ ହେଲା ବୋଲି ଏକ ଗୋଇନ୍ଦା ଦଲିଲ୍‌ରେ ଦାବି କରାଯାଇଛି। ଚାଇନାର ଏଭଳି ଉଦ୍ଦେଶ୍ୟମୂଳକ ଭାବେ କରାଯାଇଥିବା ପ୍ରୟାସ ଯୋଗୁ ଲକ୍ଷାଧିକ ଲୋକଙ୍କ ପ୍ରାଣହାନି ଘଟିଥିବା ଏଥିରେ ଦର୍ଶାଯାଇଛି। ୧୫ ପୃଷ୍ଠା ସମ୍ବଳିତ ଏହି ଡୋଜିୟର ଚାଇନାକୁ କାଠଗଡ଼ାରେ ଠିଆ କରାଇବ ବୋଲି କୁହାଯାଉଛି।

ଆମେରିକା, କାନାଡା, ବ୍ରିଟେନ, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ ପକ୍ଷରୁ ଫାଇଭ୍ ଆଇ ଇଣ୍ଟେଲିଜେନ୍ସ ଏଜେନ୍ସିର ଏହି ଦଲିଲ୍ ଚାଇନାର ଗୁପ୍ତ ରହସ୍ୟର ପର୍ଦ୍ଦାଫାଶ୍ କରିଛି। ପ୍ରାରମ୍ଭରେ କରୋନା ଭୂତାଣୁ ମଣିଷରୁ ମଣିଷକୁ ବ୍ୟାପିବାର ଆଶଙ୍କା ନାହିଁ ବୋଲି ଚାଇନା କହିଥିବା ଏଥିରେ ଦର୍ଶାଯାଇଛି। ଉହାନ୍‌ରେ ଭୂତାଣୁ ବ୍ୟାପିବା ପରେ ଚାଇନାର ଏଭଳି ଦାବିକୁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ ଜାନୁୟାରି ୧୪ରେ ସତର୍କ କରାଯାଇଥିଲା। ଚାଇନାର ପ୍ରାଥମିକ ତଦନ୍ତରେ କୌଣସି ସତ୍ୟତା ନ ଥିବା ଦର୍ଶାଯାଇଥିଲା। ଭୂତାଣୁ ବ୍ୟାପିବାର ଦୁଇ ସପ୍ତାହ ପର୍ଯ୍ୟନ୍ତ ଚାଇନା ନୀରବ ରହିଥିଲା। ଏନେଇ ଡାକ୍ତର ଓ ବିଶେଷଜ୍ଞମାନେ ତନାଘନା କରିବାରୁ ଚାଇନା ପକ୍ଷରୁ ଏସବୁକୁ ବନ୍ଦ କରାଯାଇ ତଥ୍ୟଗୁଡ଼ିକୁ ବିଜ୍ଞାନାଗାରରୁ ଧ୍ୱଂସ କରାଯାଇଥିଲା। ଏମିତିକି ସର୍ଚ୍ଚ ଇଞ୍ଜିନରୁ ମଧ୍ୟ କେତେକ ତଥ୍ୟ ଜାଣିଶୁଣି ଡିଲିଟ୍ କରାଯାଇଥିଲା। ନିଜ ଦେଶରେ ଚାଇନା ନିଜ ଲୋକଙ୍କ ଗସ୍ତ ଉପରେ କଟକଣା ଲଗାଇଥିବା ବେଳେ ଅନ୍ୟ ଦେଶଗୁଡ଼ିକୁ ଏହି କଟକଣା ଲଗାଇବାର କୌଣସି ଆବଶ୍ୟକତା ନାହିଁ ବୋଲି କହିଥିଲା। ଉହାନ୍‌ରେ ଭୂତାଣୁ ଉଗ୍ରରୂପ ନେବା ପରେ ଲକ୍ଷ ଲକ୍ଷ ଲୋକ ସେଠାରୁ ଭୟରେ ପଳାଇ ଆସିଥିଲେ। ଜାନୁୟାରୀ ୨୩ରେ ବେଜିଂରେ ଲକ୍‌ଡାଉନ୍ ଲାଗୁ ହେବା ପରେ ମଧ୍ୟ ଚାଇନା ସବୁକିଛି ଲୁଚାଇ ରଖିଥିଲା। ଏପରିକି ଫେବୃୟାରୀ ପର୍ଯ୍ୟନ୍ତ ଆମେରିକା, ଭାରତ, ଅଷ୍ଟ୍ରେଲିଆ, ଇଟାଲୀ ଭଳି ଅନ୍ୟ ଦେଶଗୁଡ଼ିକ ଭୂତାଣୁର ଭୟାବହତା ଓ କଟକଣା ନେଇ ସୁରାକ ପାଇ ନ ଥିଲେ ବୋଲି ଦର୍ଶାଯାଇଛି।



**କରୋନା ନେଇ ଗୋଇନ୍ଦା ଦଲିଲ୍‌ରୁ ପ୍ରଘଟ**

# ଦିନକରେ ୩୮ ହଜାର ନୂଆ ମାମଲା

- ମୋଟ ସଂକ୍ରମିତଙ୍କ ସଂଖ୍ୟା ୩୪.୩ ଲକ୍ଷକୁ ବୃଦ୍ଧି
- ପ୍ରାଣ ହରାଇଲେଣି ୨.୪୧ ଲକ୍ଷରୁ ଅଧିକ ବ୍ୟକ୍ତି
- ଆମେରିକାରେ କେବଳ ୧୧.୩୮ ଲକ୍ଷ ଆକ୍ରାନ୍ତ

**ୱାଶିଂଟନ/ରୋମ୍/ ଲଣ୍ଡନ, ୨।୫:** କରୋନା ମହାମାରୀ ଯୋଗୁ ବିଶ୍ୱ ଏବେ ଥରହର। ୨୧୨ ଦେଶରେ ଏହି ଭୂତାଣୁ ରାଜୁତି କରୁଥିବା ବେଳେ ଅନାୟାସରେ ଗୋଟିକ ପରେ ଗୋଟିଏ ଜୀବନ ଯାଉଛି। ଶନିବାର ସୁଦ୍ଧା ବିଶ୍ୱରେ ୩୪.୩ ଲକ୍ଷରୁ ଉର୍ଦ୍ଧ୍ୱ ଭୂତାଣୁ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ୨.୪୧ ଲକ୍ଷ ଲୋକ ଏପର୍ଯ୍ୟନ୍ତ ଏଥିରେ ପ୍ରାଣ ହରାଇଲେଣି। ସବୁଠାରୁ ବଡ଼କଥା ହେଲା ଗୋଟିଏ ଦିନରେ ୨ ହଜାରରୁ ଅଧିକ ମୃତ୍ୟୁ ହୋଇଥିବା ବେଳେ ୩୮ ହଜାର ନୂଆ ମାମଲା ସାମ୍ନାକୁ ଆସିଛି। ଏଥିରୁ ଶନିବାର କେବଳ ଆମେରିକାରେ ୬ ହଜାରରୁ ଉର୍ଦ୍ଧ୍ୱ ନୂଆ ମାମଲା ଦେଖିବାକୁ ମିଳିଛି।

ଆମେରିକାରେ ଅଦ୍ୟାବଧି ସଂକ୍ରମିତଙ୍କ ସଂଖ୍ୟା ୧୧.୩୮ ଲକ୍ଷରେ ପହଞ୍ଚିଛି। ଏଠାରେ କରୋନା ଯୋଗୁ ପ୍ରାଣ ହରାଇଥିବା ଲୋକଙ୍କ ସଂଖ୍ୟା ୬୬ ହଜାର ଟପିଛି। ସେହିଭଳି ସ୍ପେନ୍‌ରେ ୨.୪୫ ଲକ୍ଷରୁ ଉର୍ଦ୍ଧ୍ୱ ଆକ୍ରାନ୍ତ ଥିବାବେଳେ ୨୫ ହଜାର ୧୦୦ ଲୋକଙ୍କ ମୃତ୍ୟୁ ହୋଇଛି। ଇଟାଲୀରେ ୨୮,୭୧୦ ବ୍ୟକ୍ତି ପ୍ରାଣ ହରାଇଲେଣି। ସଂକ୍ରମିତଙ୍କ ସଂଖ୍ୟା ଏଠାରେ ବଢ଼ି ୨.୦୯ ଲକ୍ଷରେ ପହଞ୍ଚିଲାଣି। ସେହିଭଳି ଫ୍ରାନ୍ସରେ ୨୪,୫୯୬ ଜଣ ପ୍ରାଣ ହରାଇଥିବା ବେଳେ ଆକ୍ରାନ୍ତଙ୍କ ସଂଖ୍ୟା ୧.୬୭ ଲକ୍ଷ ଟପିଛି। ବ୍ରିଟେନରେ ୧.୭୭ ଲକ୍ଷ କରୋନା ରୋଗୀ ଥିବାବେଳେ ୨୭,୫୧୦ ବ୍ୟକ୍ତି ମୃତ୍ୟୁବରଣ କରିଛନ୍ତି। ଅନୁରୂପ ଭାବେ ଜର୍ମାନୀ, ରୁଷିଆ, ତୁର୍କୀରେ ଲକ୍ଷାଧିକ ସଂକ୍ରମିତ ଅଛନ୍ତି, ଯାହାକି ଆଗାମୀ ଦିନ ପାଇଁ ଚିନ୍ତା ବଢ଼ାଇଛି। ଜର୍ମାନୀରେ ୬,୭୩୬, ରୁଷିଆରେ ୧,୨୨୨, ତୁର୍କୀରେ ୩,୨୫୮, ଇରାନରେ ୬,୧୫୬, ବ୍ରାଜିଲରେ ୬,୪୩୪, ଚାଇନାରେ ୪,୬୩୩, ବେଲଜିୟମରେ ୭,୭୬୫, ନେଦରଲାଣ୍ଡରେ ୪,୯୮୭ ବ୍ୟକ୍ତି ପ୍ରାଣ ହରାଇଲେଣି।

# କରୋନା ଯୋଦ୍ଧାଙ୍କୁ କୃତଜ୍ଞତା

**ନୂଆଦିଲ୍ଲୀ,୨।୫(ପି.ଟି.):** ଦେଶରେ କରୋନା ମହାମାରୀ ବିରୋଧରେ ଲଢ଼େଇ ଚଳାଇଥିବା ଲକ୍ଷାଧିକ ଡାକ୍ତର, ସ୍ୱାସ୍ଥ୍ୟ କର୍ମଚାରୀ, ପରିମଳ କର୍ମଚାରୀ ଓ ଅନ୍ୟମାନଙ୍କୁ କୃତଜ୍ଞତା ଜଣାଇବା ପାଇଁ ୩ ସୈନ୍ୟବାହିନୀ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ କରାଯାଇଛି। ରବିବାର ସଶସ୍ତ୍ର ବଳ ପକ୍ଷରୁ ଆକାଶ ମାର୍ଗରୁ ବିଭିନ୍ନ ହସ୍ପିଟାଲ ଉପରେ ପୁଷ୍ପବୃଷ୍ଟି କରାଯିବା ସହ ଜାହାଜଗୁଡ଼ିକୁ ଆଲୋକମାଳାରେ ସଜାଯାଇ କରୋନା ଯୋଦ୍ଧାଙ୍କୁ ଧନ୍ୟବାଦ ଜ୍ଞାପନ କରାଯିବ। ଡିଫେନ୍ସ ଷ୍ଟାଫ୍ ମୁଖ୍ୟ (ସିଡିଏସ୍) ଜେନେରାଲ ବିପିନ ରାୱତ ଶୁକ୍ରବାର ଏହା ଘୋଷଣା କରିଥିଲେ।

ଦେଶରେ ଲକ୍‌ଡାଉନ୍‌କୁ କଡ଼ାକଡ଼ି କାର୍ଯ୍ୟକାରୀ କରିଥିବା ପୋଲିସ କର୍ମଚାରୀମାନଙ୍କୁ ସମ୍ମାନିତ କରିବା ଲାଗି ରବିବାର ସକାଳେ ଧନ୍ୟବାଦ ପ୍ରଦାନ ସ୍ୱରୂପ ଦିଲ୍ଲୀସ୍ଥିତ ପୋଲିସ ସ୍ମାରକୀ ଓ ଅନ୍ୟ ସ୍ଥାନରେ ଥିବା ସ୍ମାରକୀରେ ପୁଷ୍ପଗୁଚ୍ଛ ପ୍ରଦାନ କରାଯିବ। ଏହାପରେ ପୂର୍ବାହ୍ନ ୧୦ଟାରୁ ୧୧ଟା ଯାଏ ଭାରତୀୟ ବାୟୁସେନାର ଯୁଦ୍ଧବିମାନ ଓ ପରିବହନ ବିମାନଗୁଡ଼ିକ ବିଭିନ୍ନ ସହର ଉପରେ କମ୍ ଉଚ୍ଚତାରେ ଉଡ଼ିବ। ସେହିପରି ବାୟୁସେନା ଓ ନୌସେନାର ହେଲିକପ୍ଟରଗୁଡ଼ିକ କରୋନା ରୋଗୀଙ୍କୁ ଚିକିତ୍ସା କରୁଥିବା ହସ୍ପିଟାଲ ଉପରେ ଉଡ଼ି ପୁଷ୍ପବୃଷ୍ଟି କରିବେ ବୋଲି ସେନା ମୁଖପାତ୍ର କଲୋନେଲ୍ ଅମନ ଆନନ୍ଦ କହିଛନ୍ତି। କରୋନା ରୋଗୀଙ୍କୁ ଚିକିତ୍ସା କରାଯାଉଥିବା ବିଭିନ୍ନ ହସ୍ପିଟାଲର ଡାକ୍ତର, ନର୍ସ ଓ ଅନ୍ୟ କର୍ମଚାରୀମାନଙ୍କୁ କୃତଜ୍ଞତା ଜଣାଇବା ପାଇଁ ଏହା ବାହାରେ ସାମରିକ ବ୍ୟାଣ୍ଡ ପରିବେଷଣ କରାଯିବ।

**ଆଜି ଧନ୍ୟବାଦ ଜଣାଇବ ସେନା**



- ହସ୍ପିଟାଲ ଉପରେ ବିମାନରୁ ହେବ ପୁଷ୍ପବୃଷ୍ଟି
- ଆଲୋକମାଳାରେ ସଜ୍ଜିତ ହେବ ଯୁଦ୍ଧଜାହାଜ

## ଭାରତରେ କରୋନା ସ୍ଥିତି

| ରାଜ୍ୟ/ୟୁଟି | ମୋଟ ସଂକ୍ରମିତ | ଚିକିତ୍ସାଧୀନ | ଆରୋଗ୍ୟ | ମୃତ୍ୟୁ |
|---|---|---|---|---|
| ମହାରାଷ୍ଟ୍ର | ୧୨,୨୯୬ | ୯,୭୭୫ | ୨,୦୦୦ | ୫୨୧ |
| ତାମିଲନାଡୁ | ୨,୭୫୭ | ୧,୩୮୭ | ୧,୩୪୧ | ୨୯ |
| ଦିଲ୍ଲୀ | ୩,୭୩୮ | ୨,୫୧୦ | ୧,୧୬୭ | ୬୧ |
| ତେଲଙ୍ଗାନା | ୧,୦୪୪ | ୫୫୨ | ୪୬୪ | ୨୮ |
| କେରଳ | ୫୦୦ | ୯୬ | ୪୦୦ | ୪ |
| ଉତ୍ତରପ୍ରଦେଶ | ୨,୪୮୭ | ୧,୭୪୬ | ୬୯୮ | ୪୩ |
| ଆନ୍ଧ୍ରପ୍ରଦେଶ | ୧,୫୨୫ | ୧,୦୫୧ | ୪୪୧ | ୩୩ |
| ରାଜସ୍ଥାନ | ୨,୭୭୦ | ୧,୫୩୪ | ୧,୧୨୧ | ୬୫ |
| ମଧ୍ୟପ୍ରଦେଶ | ୨,୭୮୮ | ୨,୦୧୩ | ୬୨୪ | ୧୫୧ |
| କର୍ଣ୍ଣାଟକ | ୬୦୧ | ୩୦୪ | ୨୭୧ | ୨୫ |
| ଗୁଜରାଟ | ୫,୦୫୪ | ୩,୮୯୭ | ୮୯୫ | ୨୬୨ |
| ହରିୟାଣା | ୩୭୬ | ୧୩୦ | ୨୪୨ | ୪ |
| ଜମ୍ମୁ-କଶ୍ମୀର | ୬୬୬ | ୪୦୪ | ୨୫୪ | ୮ |
| ପଶ୍ଚିମବଙ୍ଗ | ୭୯୫ | ୬୨୩ | ୧୩୯ | ୩୩ |
| ପଞ୍ଜାବ | ୭୭୨ | ୬୪୦ | ୧୧୨ | ୨୦ |
| ଓଡ଼ିଶା | ୧୫୭ | ୧୦୦ | ୫୬ | ୧ |
| ବିହାର | ୪୮୧ | ୩୭୯ | ୯୮ | ୪ |
| ଉତ୍ତରାଖଣ୍ଡ | ୫୯ | ୧୯ | ୩୯ | ୧ |
| ଆସାମ | ୪୩ | ୯ | ୩୩ | ୧ |
| ଚଣ୍ଡିଗଡ଼ | ୯୪ | ୭୫ | ୧୯ | - |
| ଲଦାଖ | ୨୩ | ୬ | ୧୭ | - |
| ହିମାଚଳ ପ୍ରଦେଶ | ୪୦ | ୨ | ୩୩ | ୨ |
| ଆଣ୍ଡାମାନ ଓ ନିକୋବର | ୩୩ | ୧୬ | ୧୭ | - |
| ଛତିଶଗଡ଼ | ୪୩ | ୭ | ୩୬ | - |
| ଗୋଆ | ୭ | | ୭ | - |
| ପୁଡୁଚେରୀ | ୮ | ୩ | ୫ | - |
| ଝାଡ଼ଖଣ୍ଡ | ୧୧୫ | ୯୧ | ୨୧ | ୩ |
| ମଣିପୁର | ୨ | | ୨ | - |
| ଅରୁଣାଚଳ ପ୍ରଦେଶ | ୧ | | ୧ | - |
| ନାଗାଲାଣ୍ଡ | ୧ | | ୧ | - |
| ମିଜୋରାମ | ୧ | ୧ | - | - |
| ତ୍ରିପୁରା | ୪ | ୨ | ୨ | - |
| ମୋଟ | ୩୯,୨୪୨ | ୨୭,୩୭୨ | ୧୦,୫୬୬ | ୧,୩୦୦ |

https://www.covid19india.org ତଥ୍ୟ ଅନୁଯାୟୀ(ଶନିବାର ରାତି ୯ଟା ୩୦ ସୁଦ୍ଧା)

# ୧୨୨ ଯବାନଙ୍କୁ କରୋନା

**ନୂଆଦିଲ୍ଲୀ,୨।୫(ପି.ଟି.):** ଦିଲ୍ଲୀର ଏକ ବାଟାଲିୟନରେ ରହୁଥିବା ୧୨୨ ଜଣ ସିଆର୍‌ପିଏଫ୍ ଯବାନଙ୍କଠାରେ କରୋନା ପଜିଟିଭ୍ ଚିହ୍ନଟ ହୋଇଛି। ମୟୂର ବିହାର ଫେଜ୍-୩ ଅଞ୍ଚଳରେ ଥିବା ଉକ୍ତ ୩୧ ନମ୍ବର ବାଟାଲିୟନକୁ ସମ୍ପୂର୍ଣ୍ଣ ସିଲ୍ କରିଦିଆଯାଇଛି। ଅନ୍ୟ ଶତାଧିକଙ୍କ ନମୁନା ପରୀକ୍ଷା ପାଇଁ ପଠାଯାଇଛି। ସଂକ୍ରମିତ ଅଧିକାଂଶ ଯବାନଙ୍କଠାରେ କୋଭିଡ୍-୧୯ର କୌଣସି ଲକ୍ଷଣ ନ ଥିଲା। ମାଣ୍ଡୋଲିଠାରେ ଦିଲ୍ଲୀ ସରକାରଙ୍କ ଆଇସୋଲେଶନ କେନ୍ଦ୍ରରେ ଯବାନମାନଙ୍କୁ ରଖାଯାଇଛି। ଶୁକ୍ରବାର ୧୨ ଜଣଙ୍କଠାରେ କରୋନା ପଜିଟିଭ୍ ଜଣାପଡିଥିଲା। ଏହି ୟୁନିଟ୍‌ର ଜଣେ ୫୫ ବର୍ଷୀୟ ସବ୍‌ଇନ୍ସପେକ୍ଟରଙ୍କର କରୋନାରେ ମୃତ୍ୟୁ ହୋଇଥିଲା। ଗୋଟିଏ ବାଟାଲିୟନରେ ଏତେ ସଂଖ୍ୟାରେ ଯବାନ ସଂକ୍ରମିତ ହେବା ସରକାରଙ୍କ ଚିନ୍ତା ବଢ଼ାଇଦେଇଛି।


ବେଙ୍ଗାଲୁରୁର ଏକ ହସ୍ପିଟାଲ ପ୍ରବେଶ ପଥରେ ରୋବୋ ଦ୍ୱାରା ଲୋକଙ୍କ ଶରୀରର ତାପମାତ୍ରା ଯାଞ୍ଚ କରାଯାଉଛି।

## ଚାଇନାରେ ସଂକ୍ରମଣ ୧କୁ ହ୍ରାସ

**ବେଜିଂ,୨।୫:** କରୋନା ଭୂତାଣୁର ଉତ୍ପତ୍ତିସ୍ଥଳ ଚାଇନାରେ ଶୁକ୍ରବାର ଜଣେ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ତାହା ବାହାରୁ ଆସିଥିବା ମାମଲା ବୋଲି କୁହାଯାଉଛି। ଡିସେମ୍ବର ମାସରେ ପ୍ରଥମେ ଏହି ଭୂତାଣୁ ସଂକ୍ରମଣ ଜଣାପଡିଥିଲା। ସେଠାରେ କରୋନାରେ ୪୬୩୩ ଜଣଙ୍କର ମୃତ୍ୟୁ ଘଟିଥିଲା। ମୁଖ୍ୟ ଭୂଖଣ୍ଡ ଚାଇନାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୮୨,୮୭୫ ଥିବାବେଳେ ସେମାନଙ୍କ ମଧ୍ୟରୁ ୭୭,୬୮୫ ଜଣ ଆରୋଗ୍ୟ ଲାଭ କରିଥିବା ନ୍ୟାଶନାଲ ହେଲ୍‌ଥ କମିଶନ (ଏନ୍‌ଏଚ୍‌ସି) ପକ୍ଷରୁ ଶନିବାର କୁହାଯାଇଛି। ସବୁଠୁ ବଡ଼ କଥା ହେଲା କରୋନାର କେନ୍ଦ୍ରସ୍ଥଳ କୁହାଯାଉଥିବା ହୁବେଇ ପ୍ରଦେଶ ଏବଂ ଉହାନ୍ ସହରରେ ଗତ ୨୮ ଦିନ ମଧ୍ୟରେ ଗୋଟିଏ ହେଲେ କରୋନା ପଜିଟିଭ୍ ଚିହ୍ନଟ ହୋଇନାହାନ୍ତି। ଏବେ ଦେଶରେ ୯୮୯ ଜଣ ସଂକ୍ରମିତ ଅଛନ୍ତି।

# ମାସକରେ ମଲେଣି ୯ ବାଘ

**ଭୋପାଳ/ଉମରିଆ, ୨।୫:** ଅଭୟାରଣ୍ୟରେ ଅସୁରକ୍ଷିତ ଜାତୀୟ ପଶୁ। ଲକ୍‌ଡାଉନ୍ ସମୟରେ ଦେଶର ସଂରକ୍ଷିତ ଜଙ୍ଗଲ ଏବଂ ଅଭୟାରଣ୍ୟରେ ବିଭିନ୍ନ କାରଣରୁ ମରୁଛନ୍ତି ବାଘ। ଶନିବାର ବାନ୍ଧବଗଡ଼ ବ୍ୟାଘ୍ର ପ୍ରକଳ୍ପ ଅଧୀନ ମେଡରା ବୀଡ ଅଞ୍ଚଳରୁ ଏକ ବାଘ ଶାବକର ମୃତଦେହ ଉଦ୍ଧାର କରାଯାଇଛି। ଏହାର ଆନୁମାନିକ ବୟସ ପାଖାପାଖି ୮ମାସ ହେବ। ଏହି ଶାବକକୁ ମିଶାଇ ଗୋଟିଏ ମାସରେ ଦେଶରେ ୯ ବାଘଙ୍କ ମୃତ୍ୟୁ ଘଟିଲାଣି। କିଛିଦିନ ତଳେ ସୀମା ପରିଧିକୁ ନେଇ ଦୁଇ ବାଘଙ୍କ ମଧ୍ୟରେ ହୋଇଥିବା ଲଢେଇରେ ଗୋଟିଏର ମୃତ୍ୟୁ ହୋଇଥିଲା। ଅନ୍ୟ ଦୁଇଟି ରୋଗଗ୍ରସ୍ତ ହୋଇ ପ୍ରାଣ ହରାଇଥିବାବେଳେ ବାକି ବାଘଙ୍କ ଗଳିତ ମୃତଦେହ ଠାବ କରାଯାଇଛି। ବାନ୍ଧବଗଡ଼ ଟାଇଗର ରିଜର୍ଭ କର୍ତ୍ତୃପକ୍ଷଙ୍କ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଶନିବାର ଆର୍‌ଏଏଫ୍ ୪୯୪ ଅଞ୍ଚଳରୁ ବାଘର ମୃତଦେହ ଠାବ କରାଯାଇଥିଲା। ବ୍ୟବଚ୍ଛେଦ ରିପୋର୍ଟରୁ ଏହାର ମୃତ୍ୟୁ କେଉଁ କାରଣରୁ ହୋଇଛି ତାହା ଜଣାପଡ଼ିବ।

ଏକ ତଥ୍ୟ ଅନୁଯାୟୀ, ମାସକରେ ମରିଥିବା ସମସ୍ତ ବାଘଙ୍କ ବୟସ ୧୦ ବର୍ଷ ମଧ୍ୟରେ। ତେବେ ଲଗାତର ଏପରି ବାଘମୃତ୍ୟୁକୁ ନେଇ ବନ କର୍ମଚାରୀ ଚିନ୍ତାରେ ପଡ଼ିଛନ୍ତି। ଚଳିତବର୍ଷ ଜାନୁୟାରୀରୁ ମାର୍ଚ୍ଚ ଯାଏ ଗୋଟିଏ ବି ବାଘଙ୍କ ମୃତ୍ୟୁ ହୋଇ ନ ଥିଲା। ଗତ ବୁଧବାର ଏକାସଙ୍ଗରେ ୨ ବାଘଙ୍କ ମୃତ୍ୟୁ ହୋଇଥିଲା। ସେଥିରୁ ଗୋଟିଏ ବାନ୍ଧବଗଡ଼ ଟାଇଗର ରିଜର୍ଭରେ ଏବଂ ଅନ୍ୟ ଗୋଟିଏ ମୁକୁନ୍ଦପୁର ଚିଡ଼ିଆଖାନାରେ ହୋଇଛି। ହେଲେ ଚଳିତ ମାସରେ ଏତେସଂଖ୍ୟକ ବାଘମୃତ୍ୟୁର କାରଣ ଜଣାପଡୁନାହିଁ। ସବୁଠୁ ଅଧିକ ବାଘଙ୍କ ମୃତ୍ୟୁ ବାନ୍ଧବଗଡ଼ ନ୍ୟାଶନାଲ ପାର୍କରେ ହୋଇଥିବାବେଳେ ଦ୍ୱିତୀୟ ସ୍ଥାନରେ ରହିଛି କାହ୍ନା ନ୍ୟାଶନାଲ ପାର୍କ।



# ସ୍ୱଦେଶ ଫେରିବେ ୧୯୩ ପାକ୍ ନାଗରିକ

- ଅଟ୍ଟାରୀ-ୱାଘା ଦେଇ ୫ରେ ଯିବେ
- କେନ୍ଦ୍ର ସରକାର ଦେଲେ ଅନୁମତି

**ନୂଆଦିଲ୍ଲୀ, ୨।୫:** ପ୍ରାଣଘାତୀ କରୋନା ଭାଇରସ୍‌ର ତାଣ୍ଡବ ଜାରି ରହିଛି। ଏଥିଲାଗି ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ମହାମାରୀରୁ ବର୍ତ୍ତିବା ଲାଗି ଯୋଜନା ପ୍ରସ୍ତୁତ ହେଉଛି। ତେବେ ଭାରତରେ ଫସି ରହିଥିବା ୧୯୩ ପାକିସ୍ତାନ ନାଗରିକଙ୍କୁ ସ୍ୱଦେଶ ଫେରିଯିବା ଲାଗି କେନ୍ଦ୍ର ସରକାର ଶନିବାର ଅନୁମତି ପ୍ରଦାନ କରିଛନ୍ତି। ମେ ୫ରେ ଏହି ନାଗରିକମାନେ ପାକିସ୍ତାନ ଫେରିଯିବେ। ଏଥିଲାଗି ୧୦ ରାଜ୍ୟ ସହଯୋଗ କରିବାକୁ କେନ୍ଦ୍ର ସରକାର ନିର୍ଦ୍ଦେଶ ଦେଇଛନ୍ତି।

କରୋନା ଯୋଗୁ ଅଟକି ରହିଥିବା ପାକ୍ ନାଗରିକଙ୍କୁ ୱାଘା ସୀମା ପର୍ଯ୍ୟନ୍ତ ଯିବା ଲାଗି ରାଜ୍ୟଗୁଡ଼ିକ ସହଯୋଗ କରିବାକୁ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ୧୦ ରାଜ୍ୟର ୨୫ ଜିଲାରେ ଏମାନେ ରହୁଛନ୍ତି। ମଙ୍ଗଳବାର ପୂର୍ବରୁ ସୀମା ପର୍ଯ୍ୟନ୍ତ ଯିବା ଲାଗି ରାଜ୍ୟ ପୋଲିସ ମୁଖ୍ୟ ବ୍ୟବସ୍ଥା କରିବାକୁ କେନ୍ଦ୍ର ନିର୍ଦ୍ଦେଶ ଦେଇଛି। ପାକିସ୍ତାନ ଯିବା ପୂର୍ବରୁ ସମସ୍ତଙ୍କ ସ୍କ୍ରିନିଂ ଟେଷ୍ଟ କରାଯିବ ବୋଲି ଜଣାପଡ଼ିଛି। ପାକିସ୍ତାନ ହାଇ କମିଶନ ପକ୍ଷରୁ ବିଭିନ୍ନ ରାଜ୍ୟରେ ଅଟକି ରହିଥିବା ପାକିସ୍ତାନ ନାଗରିକଙ୍କୁ ଫେରିବା ସୁବିଧା ଯୋଗାଇ ଦେବା ଲାଗି ଭାରତକୁ ଅନୁରୋଧ କରାଯାଇଥିବା ଜଣାପଡ଼ିଛି। ଗତ ଏପ୍ରିଲ ମାସରେ ମଧ୍ୟ ଭାରତରେ ଅଟକି ରହିଥିବା କିଛି ପାକ୍ ନାଗରିକଙ୍କୁ ଫେରିଯିବା ଲାଗି ସୁବିଧା ଯୋଗାଇ ଦିଆଯାଇଥିଲା।

# ୨୦ ଦିନ ପରେ ଦେଖାଦେଲେ କିମ୍

**କଳ୍ପନାଜଳ୍ପନାର ଅନ୍ତ**



**ସିଓଲ,୨।୫:** ଦୀର୍ଘ ୨୦ ଦିନର ଅନ୍ତର୍ଦ୍ଧାନ ପରେ ଉତ୍ତର କୋରିଆ ନେତା କିମ୍ ଜଙ୍ଗ୍ ଉନ୍ ପ୍ରଥମ ଥର ପାଇଁ ସର୍ବସାଧାରଣରେ ଦେଖାଦେଇଛନ୍ତି। ପେ୍ୟାଙ୍ଗୟାଙ୍ଗ ନିକଟରେ ଏକ ସାର କାରଖାନାର ଉଦ୍‌ଘାଟନୀ ଉତ୍ସବରେ ସେ ଯୋଗଦେଇଥିବା ଶନିବାର ଉତ୍ତର କୋରିଆ ସରକାରୀ ଗଣମାଧ୍ୟମ ପକ୍ଷରୁ କୁହାଯାଇଛି। ଫଳରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ବିଶ୍ୱବ୍ୟାପୀ ସୃଷ୍ଟି ହୋଇଥିବା କଳ୍ପନାଜଳ୍ପନାର ଅବସାନ ଘଟିଛି। ରିପୋର୍ଟ ଅନୁଯାୟୀ, ଶୁକ୍ରବାର ସୁନ୍‌ଚୋନ୍‌ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କିମ୍‌ଙ୍କ ସହ ତାଙ୍କ ଭଉଣୀ କିମ୍ ୟୋ ଜଙ୍ଗ ଏବଂ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଯଦି କିମ୍ ଶାସନ କରିବାକୁ ଅସମର୍ଥ ହୁଅନ୍ତି ତେବେ ତାଙ୍କ ଭଉଣୀ କ୍ଷମତା ଦଖଲ କରିପାରନ୍ତି ବୋଲି ପୂର୍ବାନୁମାନ କରାଯାଉଥିଲା। ଗଣମାଧ୍ୟମରେ ପ୍ରକାଶିତ ଭିଡିଓ ଓ ଫଟୋରେ କିମ୍ ଏକ କଳା ମାଓ ସୁଟ୍ ପିନ୍ଧି ରିବନ କାଟୁଥିବା ଦେଖାଯାଇଛି। ସେଠାରେ ଅଧିକାଂଶ କର୍ମଚାରୀ ମାସ୍କ ପିନ୍ଧି ଧାଡ଼ିରେ ଛିଡା ହୋଇ ଖୁସି ମନାଉଥିବା ଦେଖିବାକୁ ମିଳିଛି। କିମ୍‌ଙ୍କଠାରେ ଅସୁସ୍ଥତାର କୌଣସି ଚିହ୍ନ ଦେଖାଯାଇନାହିଁ। ତେବେ ସେ ଏକ ସବୁଜ ରଙ୍ଗର ଇଲେକ୍ଟ୍ରିକ୍ କାର୍ଟରେ ଆସିଥିବା କୁହାଯାଉଛି।

ଉଲ୍ଲେଖଯୋଗ୍ୟ, ଏପ୍ରିଲ ୧୧ ପରେ କିମ୍‌ଙ୍କୁ ସର୍ବସାଧାରଣରେ ଦେଖିବାକୁ ମିଳି ନ ଥିଲା। ଏପରିକି ୧୫ ତାରିଖରେ ଉତ୍ତର କୋରିଆର ପ୍ରତିଷ୍ଠାତା ତଥା ନିଜ ଅଜା କିମ୍ ଇଲ୍ ସଙ୍ଗ୍‌ଙ୍କ ଜୟନ୍ତୀ ପାଳନ ବେଳେ ମଧ୍ୟ ସେ ଉପସ୍ଥିତ ନ ଥିଲେ। ଏଣୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଗୁଜବ ପ୍ରଚାରିତ ହୋଇଥିଲା।

**ଆଜି ଜାରି ହେବ ନିର୍ଦ୍ଦେଶନାମା**

ରାଜ୍ୟରେ ତୃତୀୟ ପର୍ଯ୍ୟାୟ ଲକ୍‌ଡାଉନ୍ ସମ୍ପର୍କିତ ନିର୍ଦ୍ଦେଶନାମା ରବିବାର ପ୍ରକାଶ ପାଇବ। କେନ୍ଦ୍ର ସରକାର ଲକ୍‌ଡାଉନ୍‌କୁ ମେ ୧୭ ଯାଏ ବୃଦ୍ଧି କରିଛନ୍ତି। ଏହାକୁ ଦୃଷ୍ଟିରେ ରଖି ଶନିବାର ରାଜ୍ୟ ପ୍ରଶାସନ ବିଭିନ୍ନ ସମୀକ୍ଷା କରିଥିବା ଜଣାପଡ଼ିଛି। ରାଜ୍ୟରେ କ'ଣ ବାଦ୍ ଦିଆଯିବ, କେଉଁ କଟକଣା କୋହଳ କରାଯିବ ସେନେଇ ନିର୍ଦ୍ଦେଶନାମା ପ୍ରକାଶ ପାଇବ।



## ସଂକ୍ଷେପରେ

### ୯ ଜିଲାରେ ଝଡ଼ବର୍ଷା ସମ୍ଭାବନା

**ଭୁବନେଶ୍ୱର, ୨।୫(ବ୍ୟୁରୋ):** ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ଉତ୍ତର ଉପକୂଳ, କେନ୍ଦୁଝର, ମୟୂରଭଞ୍ଜ ଜିଲାର ଅଳ୍ପ କେତେକ ସ୍ଥାନ, ଦକ୍ଷିଣ ଉପକୂଳ, ଅନୁଗୋଳ, କନ୍ଧମାଳ, ନୂଆପଡ଼ା, କୋରାପୁଟ, ରାୟଗଡା, ବଲାଙ୍ଗୀର, ଢେଙ୍କାନାଳ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘଡଘଡି ସହ ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋୱାର୍ନିଂ ଜାରି କରାଯାଇଛି। ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ଏଭଳି ପାଗ ଲାଗିରହିବ ବୋଲି ଅନୁମାନ କରାଯାଇଛି। ଗତ କିଛିଦିନ ଧରି ରାଜ୍ୟର ବିଭିନ୍ନ ଭାଗରେ ବର୍ଷା ହେଉଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଗତ ୪୮ ଘଣ୍ଟା ମଧ୍ୟରେ ପାରାଦୀପରେ ସର୍ବାଧିକ ୪୫.୨ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ କଟକ ୨୫, ଭୁବନେଶ୍ୱର ୮.୫, ଗୋପାଳପୁର ୩୦.୪, ପୁରୀ ୨୮.୫, ଅନୁଗୋଳ ୫.୪, ବାରିପଦା ୪.୨, ସମ୍ବଲପୁର ୩.୪, ହୀରାକୁଦ ୧୦.୨, ଭବାନୀପାଟଣା ୨.୨, କୋରାପୁଟ ୯ ଏବଂ ଟିଟିଲାଗଡରେ ୪ ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ବର୍ଷା ଲାଗି ରହୁଥିବାରୁ ରାଜ୍ୟରେ ଗ୍ରୀଷ୍ମର ପ୍ରକୋପ ହ୍ରାସ ପାଇଛି। ଅଧିକାଂଶ ସ୍ଥାନରେ ପାରଦ ୪୦ ଡିଗ୍ରୀ ସେଲସିୟସ ତଳେ ରହୁଛି। ତାଳଚେରରେ ସର୍ବାଧିକ ୪୧.୧ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ବଲାଙ୍ଗୀର ୪୦ ଏବଂ ଭବାନୀପାଟଣାରେ ସର୍ବାଧିକ ୩୯.୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

### ଲଘୁ ବନଜାତ ଦ୍ରବ୍ୟର ଏମ୍‌ଏସ୍‌ପି ବୃଦ୍ଧି

**ଭୁବନେଶ୍ୱର, ୨।୫(ବ୍ୟୁରୋ):** କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ବିଭିନ୍ନ ଲଘୁ ବନଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ବୃଦ୍ଧି କରାଯାଇଛି। ଓଡ଼ିଶା ସରକାରଙ୍କ ଏସ୍‌ଟି ଉନ୍ନୟନ ବିଭାଗ ପ୍ରମୁଖ ସଚିବ ରଞ୍ଜନା ଚୋପ୍ରା ଏ ନେଇ କେନ୍ଦ୍ରକୁ ଚିଠି ମଧ୍ୟ ଲେଖିଥିଲେ। ଚିଠିରେ ମୁଖ୍ୟତଃ ୧୬ଟି ବନଜାତ ଦ୍ରବ୍ୟର ଏମ୍‌ଏସ୍‌ପି ବୃଦ୍ଧି ସହ ବିପଣନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଶୁଖିଲା ଅଁଳା, ମଞ୍ଜି ନ ଥିବା ହରିଡା ଓ ବାହାଡା, କଞ୍ଚା ଅଁଳା ଏବଂ ଜଙ୍ଗଲ ବେଲକୁ ଚଳିତ ପ୍ରକ୍ରିୟାକରଣ ଋତୁରେ ସାମିଲ କରିବା ପାଇଁ ରାଜ୍ୟ ପକ୍ଷରୁ ଅନୁରୋଧ କରାଯାଇଥିଲା। ବଣ ମହୁର ଦର କିଲୋ ପିଛା ୧୯୫ ଟଙ୍କାରୁ ୨୨୫ ଟଙ୍କା, ରଙ୍ଗିଣୀ ଲାଖ ୧୩୦ରୁ ୨୦୦ ଟଙ୍କା ଇତ୍ୟାଦି କରାଯାଇଛି। ଏହାଛଡା ଫୁଲଝାଡୁ, ବିଭିନ୍ନ ପ୍ରକାର ତେନ୍ତୁଳି ଇତ୍ୟାଦିର ଦର ବୃଦ୍ଧି ପାଇଛି। ଏ ନେଇ ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ ଓ ବିପଣନ ସହ ଜଡିତ ଥିବା ଉଦ୍ୟୋଗୀ ଚିତ୍ତ ପାଣି କହିଛନ୍ତି ଯେ ରାଜ୍ୟ ସରକାରଙ୍କ ପ୍ରସ୍ତାବ ପରେ କେନ୍ଦ୍ର ପକ୍ଷରୁ ବିଭିନ୍ନ ଦ୍ରବ୍ୟର ଏମ୍‌ଏସ୍‌ପି ବୃଦ୍ଧି ପାଇଛି। ଏହା ଏଭଳି ବିପତ୍ତି ସମୟରେ ସ୍ୱାଗତଯୋଗ୍ୟ ପଦକ୍ଷେପ। ଅପରପକ୍ଷରେ ଏହି ପରିବର୍ଦ୍ଧିତ ଦର ତୃଣମୂଳସ୍ତରରେ ଯେପରି ଲାଗୁ ହୋଇପାରିବ, ଜନଜାତିମାନେ ଉଚିତ ମୂଲ୍ୟ ଠିକ୍ ସମୟରେ ପାଇପାରିବେ, ସେ ନେଇ ସମସ୍ତ ସଂସ୍ଥା ଯତ୍ନବାନ ହୁଅନ୍ତୁ। ଏ ନେଇ ସରକାର ବ୍ଲକ ଏବଂ ପଞ୍ଚାୟତସ୍ତରରେ ସଚେତନତା କାର୍ଯ୍ୟକ୍ରମ କରନ୍ତୁ ବୋଲି ଚିତ୍ତ ପାଣି କହିଛନ୍ତି।

# ଉଜାଡ଼ି ଦେଇଥିଲା ୧୪ ଜିଲା

**'ଫନୀ'କୁ ବର୍ଷେ**

**ଭୁବନେଶ୍ୱର, ୨।୫(ବ୍ୟୁରୋ)**


ପୁରୀ ସମୁଦ୍ରକୂଳରେ ଫନୀ ପରର ଦୃଶ୍ୟ।

୨୦୧୯ ମେ ୩ ତାରିଖ ଶୁକ୍ରବାର। ଓଡ଼ିଶା ଉପକୂଳକୁ ମାଡ଼ିଆସିଥିଲା ଭୟଙ୍କର ସାମୁଦ୍ରିକ ଝଡ଼ 'ଫନୀ'। ସକାଳ ୮ଟାରେ ପୁରୀ ଉପକୂଳକୁ ଧକ୍କା ଦେଇ ଘଣ୍ଟାକୁ ୧୭୫ରୁ ୧୮୫ କି.ମି. ବେଗରେ ପବନ ସୁ ସୁ ଗର୍ଜନ କରି ତାଣ୍ଡବ ରଚାଇଲା। କଟକ, ପୁରୀ, ଖୋର୍ଦ୍ଧା, କେନ୍ଦ୍ରାପଡ଼ା, ଯାଜପୁର, ଜଗତ୍‌ସିଂହପୁର, ନୟାଗଡ଼, ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, ଅନୁଗୋଳ, ଢେଙ୍କାନାଳ ଆଦି ୧୪ଟି ଜିଲା ନିମିଷକେ ଛାରଖାର ହୋଇଗଲା। ମହାଦ୍ରୁମ ଉପୁଡ଼ିବା ସାଙ୍ଗକୁ ବିଦ୍ୟୁତ୍ ଟାୱାର ଚୁରମାର ହୋଇଗଲା। ଏହି ଅଦିନିଆ ଝଡ଼ରେ ଦୋହଲି ଯାଇଥିଲା ଉପକୂଳ ଓଡ଼ିଶା। ଉଜୁଡ଼ି ଗଲା ପର୍ଯ୍ୟଟନର ସହର ପୁରୀ। ଏହି ପ୍ରଳୟଙ୍କରୀ ଝଡ଼କୁ ବର୍ଷେ ବିତି ଯାଇଥିଲେ ମଧ୍ୟ ସେଦିନର ସେହି ଲୋମ ଟାଙ୍କୁରା ଦୃଶ୍ୟ ଆଜି ବି ତାଜା ହୋଇରହିଛି। ବାତ୍ୟା ନାଁ ଶୁଣିବା ମାତ୍ରେ ଉପକୂଳବାସୀଙ୍କ ମନରେ ଛନକା ପଶି ଯାଉଛି। ନିକଟରେ ଦକ୍ଷିଣ ଆଣ୍ଡାମାନ ଉପକୂଳରେ ସୃଷ୍ଟି ହୋଇଥିବା ଲଘୁଚାପ କାଳେ ବାତ୍ୟା ରୂପ ନେଇ ଓଡ଼ିଶା ଆଡ଼େ ମୁହାଁଇବ ସେହି ଭୟରେ ପୁଣି ଉପକୂଳବାସୀ ଆଶଙ୍କା ମଧ୍ୟରେ ରହିଥିଲେ। ତେବେ ଓଡ଼ିଶା ପ୍ରତି କୌଣସି ବିପଦ ନ ଥିବା ପାଣିପାଗ ବିଭାଗ ସ୍ପଷ୍ଟ କରିବା ପରେ ଲୋକମାନେ ଆଶ୍ୱସ୍ତ ହୋଇଛନ୍ତି।

ବାତ୍ୟା ଫନୀ ଯେଉଁ ଅପୂରଣୀୟ କ୍ଷତି ଘଟାଇଯାଇଛି ତାହାକୁ ପୁଣି ଫେରି ପାଇବାକୁ ଆହୁରି କେତେବର୍ଷ ଯେ ଲାଗିବ ତାହା କହିବା ମୁସ୍କିଲ। ସରକାରୀ ହିସାବ ଅନୁଯାୟୀ ସାମୁଦ୍ରିକ ଝଡ଼ ଫନୀ ଯୋଗୁ ସମୁଦାୟ ୨୪,୧୭୬କୋଟି ଟଙ୍କାର କ୍ଷତି ହୋଇଥିଲା। ସେସବୁ ଭରଣା ପାଇଁ ପ୍ରାୟ ୨୯,୩୧୫ କୋଟି ଟଙ୍କା ଆବଶ୍ୟକ ପଡ଼ିବ ବୋଲି ସେତେବେଳେ ସରକାରଙ୍କ ପକ୍ଷରୁ ଆକଳନ କରାଯାଇଥିଲା। ଏହି ବାତ୍ୟା ଯୋଗୁ ୧୪ଜିଲାର ୧.୬୫କୋଟି ଲୋକ ପ୍ରଭାବିତ ହୋଇଥିଲେ। ୬୪ଜଣଙ୍କ ମୃତ୍ୟୁ ହୋଇଥିଲା। ୫ଲକ୍ଷ ୫୬ହଜାର ଘର ନଷ୍ଟ ହୋଇଥିବାବେଳେ ୬ହଜାର ୨୮୧ ଗୃହପାଳିତ ପ୍ରାଣୀଙ୍କ ଜୀବନ ଯାଇଥିଲା। ବାତ୍ୟା ଯୋଗୁ ଉକ୍ତ ଜିଲାଗୁଡ଼ିକରେ ୧ଲକ୍ଷ ୪୮ହଜାର ୬୬୩ ହେକ୍ଟର ଜମିରେ ଫସଲ ନଷ୍ଟ ହୋଇଥିବାବେଳେ ୬,୪୧୬ ଡଙ୍ଗା କ୍ଷତିଗ୍ରସ୍ତ ହୋଇଥିଲା। ବିଦ୍ୟୁତ୍ କ୍ଷେତ୍ରରେ ୫୦୦କୋଟି ଟଙ୍କାରୁ ଊର୍ଦ୍ଧ୍ୱ କ୍ଷତି ହୋଇଥିଲା। ମେ ମାସର ପ୍ରଚଣ୍ଡ ଗୁଳୁଗୁଳିରେ ଅସ୍ତବ୍ୟସ୍ତ ହେଉଥିବା ସମସ୍ତଙ୍କୁ ବିଜୁଳି ଯୋଗାଇବା ସରକାରଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଥିଲା। ଲୋକଙ୍କୁ ବିଜୁଳି ଯୋଗାଇବା ପାଇଁ ୬ମାସରୁ ଊର୍ଦ୍ଧ୍ୱ ସମୟ ଲାଗିଯାଇଥିଲା। ସ୍କୁଲ, କଲେଜ କ୍ଷତିଗ୍ରସ୍ତ ହେବା ଯୋଗୁ ପୁରୀ ଜିଲାରେ ଦୀର୍ଘ ୬ମାସ ଯାଏ ପାଠପଢା ସ୍ୱାଭାବିକ ହୋଇପାରି ନ ଥିଲା। ପାନବରଜ, କାଜୁ, ଗୁଆ, ନଡ଼ିଆ ଜଙ୍ଗଲ ଉଜୁଡ଼ି ଗଲା। ନିମାପଡ଼ାର ସପନି ସାହୁଙ୍କ କହିବା କଥା ହେଲା ଫନୀ ବାତ୍ୟା ଦେଇଯାଇଥିବା ଦୁଃଖ ଆଜି ବି ଭରି ନାହିଁ। ବାଡ଼ିରେ ଥିବା ୨୦୦ ନଡ଼ିଆ ଗଛ ଉଜୁଡ଼ି ଗଲା। ଧାନ, ବିରି, ମୁଗ, ପନିପରିବା, କଦଳୀ, ଗୁଆ ବଗିଚା ନଷ୍ଟ ହୋଇଗଲା। ସେହିଭଳି ବଗିଚା କରିବାକୁ ଆହୁରି ୧୦ବର୍ଷ ଲାଗିବ। ପ୍ରତିବର୍ଷ କିମ୍ବା ଦୁଇ ତିନିବର୍ଷରେ ଥରେ ଆମକୁ ଫନୀ ବାତ୍ୟା ଭଳି ଦୁର୍ଦ୍ଦଶା ଭୋଗିବାକୁ ପଡୁଛି। ଯାହାକିଛି ରୋଜଗାର କରି ଆଗକୁ ବଢ଼ିବାକୁ ଚେଷ୍ଟା କରିବା ବେଳକୁ ଝଡ଼ ଆମ ମେରୁଦଣ୍ଡକୁ ଭାଙ୍ଗି ଦେଉଛି ବୋଲି ସପନି କହିଛନ୍ତି।

# ସୋସିଆଲ ମିଡିଆ ଆପ୍‌ରୁ ବ୍ୟକ୍ତିଗତ ତଥ୍ୟ ହଟାଉଛନ୍ତି ବ୍ୟବହାରକାରୀ

**ନୂଆଦିଲ୍ଲୀ, ୨।୫ (ଆଇଏଏନ୍‌ଏସ୍)**

ସୋସିଆଲ ମିଡିଆର ଗତି ସବୁଠାରୁ ଆଗରେ ଥିବାରୁ ଏହାର ଆଦର କାହିଁରେ କ'ଣ ରହିଛି। କିନ୍ତୁ ବ୍ୟବହାରକାରୀଙ୍କ ବ୍ୟକ୍ତିଗତ ତଥ୍ୟ ଚୋରି ହେଉଥିବାର ଅନେକ ଅଭିଯୋଗ ଆସିଥାଏ। ସୋସିଆଲ ମିଡିଆର ବିଭିନ୍ନ ଆପ୍‌ରେ ବ୍ୟବହାରକାରୀ ଦେଉଥିବା ବ୍ୟକ୍ତିଗତ ତଥ୍ୟକୁ କାରସାଦି କରାଯାଇ କମ୍ପାନୀ କିମ୍ବା ବିଦେଶକୁ ପ୍ରେରଣ କରାଯାଉଥିବା ବିଷୟ ଅତୀତରେ ବହୁବାର ଆଲୋଚନା ପରିସରକୁ ଆସିଛି। ତେଣୁ ଇଣ୍ଟରନେଟ୍ ଉପଭୋକ୍ତାମାନେ ବ୍ୟକ୍ତିଗତ ତଥ୍ୟକୁ କିଭଳି ଅଧିକ ସୁରକ୍ଷିତ ରଖିପାରିବେ, ସେଥିସକାଶେ ପ୍ରୟାସ କରୁଛନ୍ତି। ସାଇବର ସିକ୍ୟୁରିଟି ଫାର୍ମ 'କାସପର୍ସସ୍କାଏ' ପକ୍ଷରୁ କରାଯାଇଥିବା ଏକ ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ୮୨ ପ୍ରତିଶତ ବ୍ୟବହାରକାରୀ ୱେବ୍‌ସାଇଟ୍ କିମ୍ବା ସୋସିଆଲ ମିଡିଆ ଚ୍ୟାନେଲରେ ଥିବା ସେମାନଙ୍କ ବ୍ୟକ୍ତିଗତ ତଥ୍ୟ ହଟାଇ ଦେବାକୁ ପ୍ରୟାସ କରୁଛନ୍ତି। ଅର୍ଥାତ୍ ୫ ଜଣରୁ ୪ ଜଣ ନିଜ ସୁରକ୍ଷା ନେଇ ଆଶଙ୍କାରେ ଥିବାରୁ ଏଭଳି ପଦକ୍ଷେପ ନେଉଥିବା ସଦ୍ୟ ପ୍ରକାଶିତ ରିପୋର୍ଟରୁ ଜଣାପଡ଼ିଛି।

୨୩ ଦେଶରେ କରାଯାଇଥିବା ସର୍ଭେ ଅନୁଯାୟୀ ଇଣ୍ଟରନେଟ୍ ବ୍ୟବହାରକାରୀମାନେ କେବଳ ଯେ ନିଜର ବ୍ୟକ୍ତିଗତ ତଥ୍ୟ ନେଇ ଚିନ୍ତିତ ଅଛନ୍ତି ତାହା ନୁହେଁ, ସେମାନଙ୍କ ସମ୍ପର୍କୀୟମାନେ ମଧ୍ୟ ଏଭଳି ତଥ୍ୟ ହଡ଼ପର ଶିକାର ହେଉଛନ୍ତି। ୨୪ ପ୍ରତିଶତ ଇଣ୍ଟରନେଟ୍ ବ୍ୟବହାରକାରୀ ଦାବି କରିଛନ୍ତି, ସେମାନଙ୍କ ବ୍ୟକ୍ତିଗତ ଡାଟା ଓ ପରିବାର ତଥ୍ୟ ସେମାନଙ୍କ ବିନା ସମ୍ମତିରେ ସାଧାରଣରେ ଉପଲବ୍ଧ ହେଉଛି। ତେଣୁ ବ୍ୟକ୍ତିଗତ ତଥ୍ୟ କିଭଳି ଅନ୍‌ଲାଇନ୍‌ରେ ସୁରକ୍ଷିତ ରଖାଯାଇପାରିବ ସେ ନେଇ ସୁନିଶ୍ଚିତ କରିବା ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି ବୋଲି କାସପର୍ସସ୍କାଏର କଞ୍ଜୁମର



ପ୍ରଡକ୍ଟ ମାର୍କେଟିଂ ମୁଖ୍ୟ ମାରିନା ଟିଟୋଭା କହିଛନ୍ତି। ସେଥିପାଇଁ ୪୩ ପ୍ରତିଶତ ବ୍ୟବହାରକାରୀ ନିଜର ବ୍ୟକ୍ତିଗତ ତଥ୍ୟ ଲୁଚାଇ ରଖିବା ନିମନ୍ତେ ଇଣ୍ଟରନେଟ୍ ବ୍ରାଉଜିଂ ବେଳେ ଅତ୍ୟନ୍ତ ସତର୍କତା ଅବଲମ୍ବନ କଲେଣି। କେତେକ ଉପଭୋକ୍ତା ନିଜ ଉପକରଣ (ଡିଭାଇସ୍)ରେ ବ୍ୟକ୍ତିଗତ ତଥ୍ୟ ରଖିବାକୁ ମଧ୍ୟ ଡରିଗଲେଣି। ୨୧ ପ୍ରତିଶତ ବ୍ୟବହାରକାରୀ ସେମାନଙ୍କ ବ୍ୟକ୍ତିଗତ ତଥ୍ୟ ସଂଗ୍ରହ କରାଯାଉଥିବାରୁ ଚିନ୍ତିତ ହୋଇପଡ଼ିଛନ୍ତି।

କାସପର୍ସସ୍କାଏ ପକ୍ଷରୁ ପରାମର୍ଶ ଦିଆଯାଇଛି, ଇଣ୍ଟରନେଟ୍ ବ୍ୟବହାରକାରୀ ନିଜ ତଥ୍ୟକୁ ସୁରକ୍ଷିତ ରଖିବା ଲାଗି ସେମାନେ ସେମାନଙ୍କ ଅନଲାଇନ୍ ଆକାଉଣ୍ଟର କେଉଁଥିରେ ବ୍ୟକ୍ତିଗତ ଡାଟା ରଖିବା ଠିକ୍ ହେବ ତାହାର ତାଲିକା ନିଜ ପାଖରେ ରଖିବା ଉଚିତ। ସେହି ସମୟରେ ଉପଭୋକ୍ତାମାନେ 'ପ୍ରାଇଭେଟ୍ ଚେକର୍' ବ୍ୟବହାର କରିବା ଦରକାର, ଯଦ୍ୱାରା ସେମାନଙ୍କ ବ୍ୟକ୍ତିଗତ ତଥ୍ୟ ତୃତୀୟ ପକ୍ଷ ଜାଣିବା କଷ୍ଟକର ହୋଇପଡ଼ିବ ବୋଲି ଏହି ସାଇବର ସିକ୍ୟୁରିଟି ଫାର୍ମ ପକ୍ଷରୁ କୁହାଯାଇଛି।

# ଜୁଲାଇ ୧ରୁ ଖୋଲିବ ଇଞ୍ଜିନିୟରିଂ କଲେଜ

**ବାକି ଥିବା ପରୀକ୍ଷା ସହ ନାମଲେଖା ନେଇ ଚିଠି**

**ଭୁବନେଶ୍ୱର, ୨।୫(ବ୍ୟୁରୋ)**

ଦେଶର ସମସ୍ତ ଇଞ୍ଜିନିୟରିଂ କଲେଜ ଓ ପ୍ରଫେସନାଲ ଏଜୁକେଶନ ଇନ୍‌ଷ୍ଟିଚ୍ୟୁଟ୍ ଆସନ୍ତା ଜୁଲାଇ ୧ରୁ ଖୋଲିବ। ଏନେଇ ଅଲ୍ ଇଣ୍ଡିଆ କାଉନ୍‌ସିଲ ଫର୍ ଟେକ୍ନିକାଲ ଏଜୁକେଶନ(ଏଆଇସିଟିଇ) ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଛାତ୍ରୀଛାତ୍ରଙ୍କ ପରୀକ୍ଷା ଓ ଶିକ୍ଷାବର୍ଷକୁ ନେଇ ମଧ୍ୟ ଏଆଇସିଟିଇ ସ୍ୱତନ୍ତ୍ର ଗାଇଡ୍‌ଲାଇନ ଜାରି କରିଛି। ଏ ସଂକ୍ରାନ୍ତରେ ଦେଶର ସମସ୍ତ ବୈଷୟିକ ବିଶ୍ୱବିଦ୍ୟାଳୟ କୁଳପତିଙ୍କ ସମେତ ସବୁ ରାଜ୍ୟର ବିଭାଗୀୟ ସଚିବଙ୍କୁ ଚିଠି ଲେଖାଯାଇଛି।

କରୋନା ଯୋଗୁ ଶିକ୍ଷାବର୍ଷ ପ୍ରଭାବିତ ହୋଇଥିବାବେଳେ କିଛି ପରୀକ୍ଷା ବାକି ରହିଯାଇଛି। କେବଳ ବାକି ଥିବା ସେମିଷ୍ଟର ପରୀକ୍ଷା ହେବ। ଟର୍ମିନାଲ ସେମିଷ୍ଟର ଓ ଇଣ୍ଟରମିଡିଏଟ୍ ସେମିଷ୍ଟର ପରୀକ୍ଷାକୁ ଜୁଲାଇ୧ରୁ ୩୧ମଧ୍ୟରେ କରାଯିବ ବୋଲି କୁହାଯାଇଛି। ତେବେ ଅନ୍ୟବର୍ଷର ପରୀକ୍ଷା ନ କରାଇ ଛାତ୍ରୀଛାତ୍ରଙ୍କୁ ଇଣ୍ଟରନାଲ ମାର୍କକୁ ଧ୍ୟାନରେ ରଖି ପ୍ରମୋଶନ ଦିଆଯିବ ବୋଲି ଉକ୍ତ ବିଜ୍ଞପ୍ତିରେ ପ୍ରକାଶ ପାଇଛି। ଏହାଛଡ଼ା ଚଳିତବର୍ଷ ଆଡ଼ମିଶନ ନେବାକୁ ଥିବା ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କ ପାଠପଢ଼ା ଅଗଷ୍ଟ ପହିଲାରୁ ଆରମ୍ଭ ହେବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଚଳିତବର୍ଷ ବୈଷୟିକ ଶିକ୍ଷାନୁଷ୍ଠାନଗୁଡ଼ିକ ଫି' ବୃଦ୍ଧି ନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

# ସୀମା ଚେକ୍ ପଏଣ୍ଟରେ ସମନ୍ୱିତ ପରିଚାଳନା

**ଏସ୍‌ଓପି ଜାରି**

**ଭୁବନେଶ୍ୱର, ୨।୫(ବ୍ୟୁରୋ)**

ଦେଶର ବିଭିନ୍ନ ଭାଗରେ ଅଟକି ରହିଥିବା ଓଡ଼ିଆମାନେ ରାଜ୍ୟକୁ ଫେରିବା ଆରମ୍ଭ କରିଛନ୍ତି। ସେମାନଙ୍କୁ ସମନ୍ୱିତ ଢଙ୍ଗରେ ଫେରାଇ ଆଣିବା ପାଇଁ ରାଜ୍ୟ ସରକାର ସମ୍ମିଳିତ ଉଦ୍ୟମ ଜାରି ରଖିଛନ୍ତି। ବିଶେଷ ଭାବେ ରାଜ୍ୟ ସୀମାରେ କରାଯାଇଥିବା ଚେକ୍ ପଏଣ୍ଟଗୁଡ଼ିକରେ ସମନ୍ୱିତ ପରିଚାଳନା କରିବାକୁ ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀ ଗୃହ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ପରିବହନ ବିଭାଗର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କ୍ଷେତ୍ର ସ୍ତରରେ ଏହି ସମନ୍ୱୟର ଠିକ୍ ରୂପାୟନ ନିମନ୍ତେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍‌ଆରସି) ପ୍ରଦୀପ ଜେନା ନିର୍ଦ୍ଧାରିତ କାର୍ଯ୍ୟାନ୍ୱୟନ ପଦ୍ଧତି (ଏସ୍‌ଓପି) ଜାରି କରିଛନ୍ତି। ଏହି ଏସ୍‌ଓପିକୁ ସମସ୍ତ ଜିଲାପାଳ, ଏସ୍‌ପି, ପୌରାଞ୍ଚଳ କମିଶନର, ଆଞ୍ଚଳିକ ପରିବହନ ଅଧିକାରୀ ଓ ପରିବହନ କମିଶନରଙ୍କୁ ପଠାଯାଇଛି।

ଏସ୍‌ଓପି ଅନୁସାରେ ସୀମା ଚେକ୍ ପଏଣ୍ଟଗୁଡ଼ିକୁ ପୋଲିସ ବିଭାଗ ପରିଚାଳନା କରିବ। ଅତିକମ୍‌ରେ ଇନ୍‌ସପେକ୍ଟର ପାହ୍ୟାର ଅଧିକାରୀ ସୀମା ଚେକ୍ ପଏଣ୍ଟର ଦାୟିତ୍ୱରେ ରହିବେ। ଚେକ୍ ପଏଣ୍ଟର ବିଭିନ୍ନ କାର୍ଯ୍ୟ ପାଇଁ ଆଞ୍ଚଳିକ ପରିବହନ ଅଧିକାରୀ ମାନବସମ୍ବଳ ଓ ଆବଶ୍ୟକ ସରଞ୍ଜାମ ଯୋଗାଇଦେବେ। ପ୍ରତି ଚେକ୍ ପଏଣ୍ଟରେ ଏକ ସ୍ୱାସ୍ଥ୍ୟ ସେବା ଟିମ୍ ସଂପୃକ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ମୁତୟନ କରିବେ। ପୂର୍ବ ନିର୍ଦ୍ଧାରିତ ନିୟମ ଅନୁସାରେ ଚେକ୍ ପଏଣ୍ଟରେ ଓଡ଼ିଶାକୁ ଆସୁଥିବା ସମସ୍ତ ଗାଡ଼ି କିମ୍ବା ଓଡ଼ିଶା ମଧ୍ୟ ଦେଇ ଅତିକ୍ରମ କରୁଥିବା ଗାଡ଼ିଗୁଡ଼ିକର ପଞ୍ଜୀକୃତ ତଥ୍ୟ ଭିତ୍ତି ଯାଞ୍ଚ କରାଯିବ। ଓଡ଼ିଶାକୁ ଫେରୁଥିବା ସମସ୍ତ ବ୍ୟକ୍ତିଙ୍କ ଡାହାଣ ହାତ କହୁଣି ତଳେ ଷ୍ଟାମ୍ପ ଲଗାଯିବ, ଯାହାକି କ୍ୱାରାଣ୍ଟାଇନ୍ ଅବଧି ନିର୍ଦ୍ଧାରଣ ବେଳେ କାମରେ ଆସିବ ବୋଲି ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା କହିଛନ୍ତି। ଚେକ୍ ପଏଣ୍ଟ ପାଖରେ ତଥ୍ୟ ଯାଞ୍ଚ ପରେ ଓଡ଼ିଶା ଭିତରେ ଗାଡ଼ିର ଗତିପଥ ଏବଂ ଗନ୍ତବ୍ୟସ୍ଥଳ ବାବଦରେ ଗାଡ଼ିରେ ଏକ ଷ୍ଟିକର ଲଗାଯିବ, ଯାହାକି ରାଜ୍ୟ ଭିତରେ ଗାଡ଼ିର ଯିବା ଆସିବା ପାଇଁ ପରମିଟ୍ ଭାବେ କାର୍ଯ୍ୟ କରିବ ବୋଲି ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ କହିଛନ୍ତି। ଓଡ଼ିଶା ଭିତରକୁ ପ୍ରବେଶ କରିବା ନିମନ୍ତେ ସୁନ୍ଦରଗଡ଼, କେନ୍ଦୁଝର, କୋରାପୁଟ, ଗଞ୍ଜାମ, ମୟୂରଭଞ୍ଜ, ଝାରସୁଗୁଡ଼ା, ରାୟଗଡ଼ା, ନୂଆପଡ଼ା, ବାଲେଶ୍ୱର, ବରଗଡ଼, ମାଲକାନଗିରି ଆଦି ସୀମାବର୍ତ୍ତୀ ଜିଲାଗୁଡ଼ିକରେ ୧୨ଟି 'ସୀମା ଚେକ୍ ପଏଣ୍ଟ' ନିର୍ଦ୍ଧାରଣ କରାଯାଇଛି।

# ସେବା ନ ଦେଲେ ରଦ୍ଦ ହେବ ଲାଇସେନ୍ସ

**ଘରୋଇ ହସ୍ପିଟାଲକୁ ସରକାରଙ୍କ ଚେତାବନୀ**

**ଭୁବନେଶ୍ୱର, ୨।୫(ବ୍ୟୁରୋ)**

ଲମ୍ବା ସମୟ ଧରି ରହୁଥିବା ରୋଗ କର୍କଟ, ହୃଦ୍‌ରୋଗ, ଯକ୍ଷ୍ମା ଏବଂ ଅନ୍ୟାନ୍ୟ ମାରାତ୍ମକ ରୋଗର ଚିକିତ୍ସା ପାଇଁ ଯାଉଥିବା ରୋଗୀମାନଙ୍କୁ କରୋନା(କୋଭିଡ୍-୧୯) ଭୂତାଣୁ ସଂକ୍ରମଣ ଡରରେ ଘରୋଇ ଅଣକୋଭିଡ୍ ଘରୋଇ ହସ୍ପିଟାଲ ଏବଂ କ୍ଲିନିକ୍‌ଗୁଡ଼ିକ ଚିକିତ୍ସା କରିବାକୁ ମନା କରୁଛନ୍ତି। ଏହି ରୋଗୀମାନଙ୍କର ଚିକିତ୍ସା କରିବାକୁ ମନାକଲେ ସମ୍ପୃକ୍ତ ଘରୋଇ ହସ୍ପିଟାଲ ଓ କ୍ଲିନିକ ବିରୋଧରେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆବଶ୍ୟକ ପଡିଲେ ଲାଇସେନ୍ସକୁ ବାତିଲ କରାଯିବ ବୋଲି ସରକାର ଚେତାବନୀ ଦେଇଛନ୍ତି।

କାଳେ କୋଭିଡ୍ ସଂକ୍ରମଣ ହୋଇଯିବ ଏଭଳି ଆଶଙ୍କା କରି ଘରୋଇ ହସ୍ପିଟାଲ କିମ୍ବା କ୍ଲିନିକଗୁଡିକ ଚିକିତ୍ସା ନ କରି ରୋଗୀଙ୍କୁ ଫେରାଇ ଦେଉଛନ୍ତି। ରୋଗୀ ଓ ସେମାନଙ୍କର ସମ୍ପର୍କୀୟମାନେ ହଇରାଣ ହରକତ ହେଉଛନ୍ତି। ସେହି ରୋଗୀମାନଙ୍କୁ ରକ୍ତ ଦେବା, ଡାଏଲିସିସ୍ କିମ୍ବା କେମୋଥେରାପି ଦେବାକୁ ବାରଣ କରାଯାଉଥିବା ଅଭିଯୋଗ ହେଉଛି। ଏଭଳି ଅନେକ ଅଭିଯୋଗ ପାଇବା ପରେ ରାଜ୍ୟ ସରକାର ଶନିବାର ଘରୋଇ ହସ୍ପିଟାଲଗୁଡିକ ପାଇଁ ଏକ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର(ଏସ୍‌ଓପି) ଜାରି କରିଛନ୍ତି। କୋଭିଡ୍ ହସ୍ପିଟାଲଗୁଡ଼ିକୁ ସ୍ଥାନାନ୍ତର ହେବା ପୂର୍ବରୁ ଗୁରୁତର ସନ୍ଦିଗ୍ଧ କୋଭିଡ୍-୧୯ ରୋଗୀଙ୍କ ପାଇଁ ସ୍ୱତନ୍ତ୍ର ଆଇସୋଲେଶନ ବ୍ୟବସ୍ଥା କରିବାକୁ ଅଣକୋଭିଡ୍ ହସ୍ପିଟାଲଗୁଡ଼ିକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। କରୋନା ବିପଦ ବେଳେ ମାରାତ୍ମକ ରୋଗରେ ପୀଡ଼ିତ ରୋଗୀମାନଙ୍କୁ ଆବଶ୍ୟକ ସେବା ଯୋଗାଇଦେଇ ଲୋକମାନଙ୍କର ବିଶ୍ୱାସଭାଜନ ହେବାକୁ ଘରୋଇ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି। ଗର୍ଭବତୀ ମହିଳା, ମା, ୫ ବର୍ଷରୁ କମ୍ ଶିଶୁ ଯେଉଁମାନେ ଗୁରୁତର ରୋଗରେ ପୀଡ଼ିତ ଅଛନ୍ତି ସେମାନଙ୍କୁ ଆବଶ୍ୟକ ସ୍ୱାସ୍ଥ୍ୟସେବା ପ୍ରାଥମିକତା ଭିତ୍ତିରେ ଯୋଗାଇଦେବାକୁ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛି।


**ମନେ ପଡ଼ନ୍ତି**

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**ସ୍ୱର୍ଗତା ପ୍ରତିମା ତ୍ରିପାଠୀ**
ଗ୍ରାମ: ଅବିଧି ଆନନ୍ଦପୁର, ଓଡ଼ିଶୋ, ଜଗତ୍‌ସିଂହପୁର
ଆବିର୍ଭାବ: ୦୧।୦୭।୧୯୫୫
ତିରୋଧାନ: ୧୩।୦୩।୨୦୧୯
ପ୍ରଥମ ଶ୍ରାଦ୍ଧଦିବସରେ ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
**-:ଶୋକସନ୍ତପ୍ତ:-**
ସ୍ୱାମୀ: କୈଳାସ ଚନ୍ଦ୍ର ତ୍ରିପାଠୀ, ପୁଅ: କପୁ, ଲିପୁ, ବୋହୂ: ଗେହ୍ଲି, ଟିଙ୍କି, ଝିଅ: ସୀମା, ଜ୍ୱାଇଁ: ସିଲୁ, ନାତୁଣୀ: ଗୁଡିଆ, ଲାଡ୍‌ଲି, ବନ୍ଧୁ ଓ ପରିବାରବର୍ଗ।
ଧ-୫୬୧୯୦





## ଦୁବାଇରେ ୨ ଓଡ଼ିଆ ଶ୍ରମିକ ମୃତ

କେନ୍ଦ୍ରାପଡ଼ା ଅଫିସ, ୨।୫: କେନ୍ଦ୍ରାପଡା ଜିଲାର ୨ ଶ୍ରମିକଙ୍କର ଦୁବାଇରେ ମୃତ୍ୟୁ ହୋଇଛି । ସେମାନେ ହେଲେ ପଟ୍ଟାମୁଣ୍ଡାଇ ବ୍ଲକ ମାଳିପୁର ଗ୍ରାମର ଶ୍ରୀଧର ମଲ୍ଲିକଙ୍କ ପୁଅ ନିରଞ୍ଜନ ଓ ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ୧୦ନଂ. ୱାର୍ଡର ବାବୁଲି ସେଠୀଙ୍କ ପୁଅ ବାବାଜୀ। ନିରଞ୍ଜନ ଦୁବାଇର ଶୋଭା ସଫାୟାର ନାମକ ଏକ କମ୍ପାନୀରେ ମାଳୀ କାର୍ଯ୍ୟ କରୁଥିଲେ। ଗତ ୨୭ରେ ଅସୁସ୍ଥ ହୋଇପଡିବାରୁ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ପୁନର୍ବାର ଅସୁସ୍ଥ ହୋଇ ଶୁକ୍ରବାର ସେଠାକାର ମେଡିକାଲରେ ତାଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ସେହିପରି ଦୁବାଇରେ ୨ ବର୍ଷ ହେଲା ପାଣି ପାଇପ୍ ମିସ୍ତ୍ରି ଭାବେ କାମ କରୁଥିବା ବାବାଜୀଙ୍କର ଗତ ୨୯ରେ ମୃତ୍ୟୁ ହୋଇଛି। ତାଙ୍କ ମୃତଦେହ ଘରକୁ ଆଣିବା ପାଇଁ ପରିବାର ଲୋକେ ଜିଲାପାଳଙ୍କୁ ନିବେଦନ କରିଛନ୍ତି। ୪ଦିନ ପୂର୍ବେ ବାବାଜୀଙ୍କ ଦେହ ଖରାପ ଥିବାରୁ ମେଡିକାଲରେ ଭର୍ତ୍ତି ହୋଇଥିବାବେଳେ ମୃତ୍ୟୁ ଘଟିଛି।


**ଜନ୍ମଦିନର ଶୁଭେଚ୍ଛା**

ନାମ: ..........................................

ବୟସ:..........................................

ଜନ୍ମ ତାରିଖ: ..................................



ରିଧି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପୋର୍ଟାଲରେ ନାମ ପଞ୍ଜୀକରଣ ଜରୁରୀ

**ଭୁବନେଶ୍ୱର,୨।୫(ବ୍ୟୁରୋ)**

ଲକ୍‌ଡାଉନ ଯୋଗୁ ଅନ୍ୟ ରାଜ୍ୟରେ ଥିବା ଶ୍ରମିକ, ତୀର୍ଥଯାତ୍ରୀ, ପର୍ଯ୍ୟଟକ, ଛାତ୍ରୀଛାତ୍ର ଏବଂ ଲୋକମାନେ ଓଡ଼ିଶାକୁ ଫେରିବା ଆରମ୍ଭ କରିଛନ୍ତି। ସେମାନଙ୍କ ପାଇଁ ରାଜ୍ୟ ସରକାର ଏକ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି। ଏ ନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ବିଜ୍ଞପ୍ତି ଅନୁଯାୟୀ, ଯେଉଁ ଲୋକମାନେ ଓଡ଼ିଶା ଫେରିବାକୁ ଚାହୁଁଛନ୍ତି, ସେମାନେ ୱେବ୍ ପୋର୍ଟାଲରେ ଆଗୁଆ ନାମ ପଞ୍ଜୀକୃତ କରିବା ଜରୁରୀ। କେଉଁ ଯାନରେ ଫେରୁଛନ୍ତି ଓ ସେମାନଙ୍କର ସମସ୍ତ ବିବରଣୀ ପଞ୍ଜୀକରଣ ବେଳେ ପୋର୍ଟାଲରେ ଉଲ୍ଲେଖ କରିବାକୁ ପଡିବ। ସେମାନଙ୍କୁ ଓଡ଼ିଶାରେ ପହଞ୍ଚିବା ପରେ ସ୍ୱାସ୍ଥ୍ୟ ଅଧିକାରୀଙ୍କ ପରାମର୍ଶ କ୍ରମେ ୧୪ ଦିନ କ୍ୱାରାଣ୍ଟାଇନ୍‌ରେ ରହିବାକୁ ହେବ। ଫେରୁଥିବା ଲୋକମାନେ କେବଳ ସୀମା ଚେକ୍ ପଏଣ୍ଟ ଦେଇ ଆସିବାକୁ ପଡିବ। ଅନ୍ୟ କୌଣସି ବାଟେ ଆସିବାକୁ ଅନୁମତି ଦିଆଯିବ ନାହିଁ। ଲୋକମାନଙ୍କ ଆନ୍ତଃରାଜ୍ୟ ଚଳାଚଳ ନେଇ ଅନ୍ୟ ରାଜ୍ୟ ସହିତ ଯୋଗାଯୋଗ କରିବାକୁ ସରକାର ରାଜ୍ୟ ସଂଯୋଜକ ନିଯୁକ୍ତି କରିଛନ୍ତି। ସଡକ ପଥ ଦେଇ ଆସୁଥିବା ଲୋକଙ୍କର ପଞ୍ଜୀକରଣକୁ ଆନ୍ତଃ ରାଜ୍ୟ ସୀମାରେ ଥିବା ଚେକ୍‌ଗେଟ କର୍ତ୍ତୃପକ୍ଷ ଯାଞ୍ଚ କରିବେ। ସେମାନଙ୍କର ଆଙ୍ଗୁଠି ଛାପ ମଧ୍ୟ ରଖାଯିବ। ଏହା ପରେ ଉକ୍ତ ଯାନ କେଉଁ ରାସ୍ତାରେ ଯିବ ସେ ନେଇ କର୍ତ୍ତୃପକ୍ଷ ପାସ୍ ପ୍ରଦାନ କରିବେ। ତାକୁ ଅନୁମତି ପାସ୍ ଭାବେ ଧରାଯିବ। ଯେଉଁ ଜିଲାରେ ପହଞ୍ଚିବେ ସେହି ଯାନ ଓ ଯାତ୍ରୀଙ୍କର ସମସ୍ତ ତଥ୍ୟ ସମ୍ପୃକ୍ତ ଜିଲାପାଳଙ୍କୁ ପ୍ରଦାନ କରାଯିବ। ଆସିବା ସମ୍ପର୍କରେ ଜିଲାପାଳ ଆଗୁଆ ସୂଚନା ପାଇବା ସହ ଲୋକମାନଙ୍କୁ କ୍ୱାରାଣ୍ଟାଇନ୍ ସେଣ୍ଟରକୁ ନେବା ପାଇଁ ସେଠାରେ ଥିବା କର୍ତ୍ତୃପକ୍ଷଙ୍କୁ ଜଣାଇବେ। ସହରାଞ୍ଚଳରେ ମହାନଗର ନିଗମ କମିଶନର, ମ୍ୟୁନିସିପାଲିଟି ଏବଂ ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନ୍ଏସି) କାର୍ଯ୍ୟ ନିର୍ବାହୀ ଅଧିକାରୀ ଏବଂ ଗ୍ରାମାଞ୍ଚଳରେ ସରପଞ୍ଚଙ୍କୁ କ୍ୱାରାଣ୍ଟାଇନ୍ କର୍ତ୍ତୃପକ୍ଷ ଭାବେ ନିଯୁକ୍ତି କରାଯାଇଛି। କ୍ୱାରାଣ୍ଟାଇନ୍ କର୍ତ୍ତୃପକ୍ଷ ସ୍ଥାନୀୟ ସ୍ୱାସ୍ଥ୍ୟ ଅଧିକାରୀଙ୍କ ସହ ଯୋଗାଯୋଗ କରି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଦ୍ୱାରା ଜାରି କରାଯାଇଥିବା ଗାଇଡ୍‌ଲାଇନ ଅନୁଯାୟୀ ବାହାର ରାଜ୍ୟ ଫେରନ୍ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ସ୍କ୍ରିନିଂ କରିବେ। ସହରାଞ୍ଚଳ ପାଇଁ ହୋମ୍ କ୍ୱାରାଣ୍ଟାଇନ୍‌କୁ ଅନୁମତି ଦିଆଯିବ।

ଯେଉଁମାନଙ୍କର ଘରୋଇ ସୁବିଧା ନ ଥିବ ସେମାନେ ସରକାରଙ୍କ କ୍ୱାରାଣ୍ଟାଇନ୍‌ରେ ରହିବେ। ଯଦି କେହି ହୋଟେଲ କିମ୍ବା ଲଜ୍‌ରେ କ୍ୱାରାଣ୍ଟାଇନ୍‌ରେ ରହିବାକୁ ଚାହିଁବେ ସେ ନିଜ ଖର୍ଚ୍ଚରେ ରହି ପାରିବେ। ତେବେ ଗ୍ରାମାଞ୍ଚଳରେ କେବଳ ପଞ୍ଚାୟତରେ କରାଯାଇଥିବା କ୍ୱାରାଣ୍ଟାଇନ୍‌ରେ ରହିବାକୁ ହେବ ବୋଲି ନିର୍ଦ୍ଦେଶାବଳୀରେ କୁହାଯାଇଛି। ଯେଉଁମାନେ ଘରେ କିମ୍ବା ହୋଟେଲରେ ରହିବେ ସେହି କୋଠରି କାନ୍ଥରେ କ୍ୱାରାଣ୍ଟାଇନ୍ ଷ୍ଟିକର ଲଗାଯିବା ସହ ଦାୟିତ୍ୱରେ ଥିବା କର୍ତ୍ତୃପକ୍ଷ ନିୟମିତ ସେଠାକୁ ଯାଇ ପରିସ୍ଥିତି ତଦାରଖ କରିବେ। ବାହାର ଫେରନ୍ତାଙ୍କୁ କୋଭିଡ୍-୧୯ ନିୟମ କଡାକଡି ଭାବେ ପାଳନ କରିବାକୁ ପଡିବ। କ୍ୱାରାଣ୍ଟାଇନ୍ ଶେଷ ହେବା ପରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ସରକାରଙ୍କ ପକ୍ଷରୁ ୨ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ପୂର୍ବରୁ ଘୋଷଣା କରାଯାଇଛି।

**ବାହାର ରାଜ୍ୟ ଫେରନ୍ତାଙ୍କ ପାଇଁ ନିର୍ଦ୍ଦେଶାବଳୀ**

- ସୀମା ଚେକ୍ ପଏଣ୍ଟ ଦେଇ ଆସିବାକୁ ମିଳିବ ଅନୁମତି
- ଯୋଗାଯୋଗ ପାଇଁ ସଂଯୋଜକ ନିଯୁକ୍ତ
- ସହରାଞ୍ଚଳରେ ହୋମ୍ କ୍ୱାରାଣ୍ଟାଇନ୍‌କୁ ଅନୁମତି
- ହୋଟେଲରେ ରହିଲେ ନିଜେ କରିବେ ଖର୍ଚ୍ଚ

# ସେସୁର ମୋବାଇଲ ଆପ୍ 'ସେସୁ କନେକ୍ଟ' ଉନ୍ମୋଚିତ

**ଭୁବନେଶ୍ୱର,୨।୫(ବ୍ୟୁରୋ)**

କରୋନା(କୋଭିଡ୍-୧୯) ସଂକ୍ରମଣ ଆଶଙ୍କାରେ କେନ୍ଦ୍ର ସରକାର ୩ ପର୍ଯ୍ୟାୟରେ ଲକ୍‌ଡାଉନ ଅବଧି ମେ ୧୭ ତାରିଖ ଯାଏ ବୃଦ୍ଧି କରିଛନ୍ତି। ମାର୍ଚ୍ଚରୁ ମିଟର ରିଡିଂ କିମ୍ବା ବିଦ୍ୟୁତ୍ ବିଲ୍ ଉପଭୋକ୍ତାଙ୍କୁ ଦିଆଯାଉ ନାହିଁ। ଫଳରେ ଉପଭୋକ୍ତାମାନେ ସେମାନଙ୍କର ବିଲ୍ ପ୍ରଦାନ କରିପାରୁ ନାହାନ୍ତି। ଯାନବାହନ ଚଳାଚଳ ହେଉ ନ ଥିବାରୁ ବିଲ ପଇଠ କରିବା ନେଇ ସମସ୍ୟା ଦେଖାଦେଇଛି। ଏହାକୁ ଦୂର କରିବାକୁ ସେସୁ ପକ୍ଷରୁ ଶୁକ୍ରବାର ମୋବାଇଲ ଆପ୍ 'ସେସୁ କନେକ୍ଟ' ଆରମ୍ଭ କରାଯାଇଛି। ଏହାକୁ ଶକ୍ତିମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର ଭିଡିଓ କନ୍‌ଫରେନ୍ସି ମାଧ୍ୟମରେ ଉନ୍ମୋଚନ କରିଛନ୍ତି। ଏହି ଆପ୍ ଜରିଆରେ ବିଦ୍ୟୁତ୍ ଉପଭୋକ୍ତାମାନେ ଘରେ ବସି ଡିଜିଟାଲ ମୋଡରେ ଡେବିଟକାର୍ଡ, କ୍ରେଡିଟ କାର୍ଡ, ନେଟ୍ ବ୍ୟାଙ୍କିଂ, ଭାରତ ବିଲ ପେମେଣ୍ଟ ସିଷ୍ଟମ(ବିବିପିଏସ୍) ମାଧ୍ୟମରେ ନିଜର ବିଲ ପଇଠ କରି ପାରିବେ। ଏହାଛଡା ଚଳିତ ମାସର ବିଲ, ଗତ ୬ ମାସରେ କେତେ ବିଦ୍ୟୁତ୍ ଖର୍ଚ୍ଚ କରିଛନ୍ତି ଓ କେତେ ବିଲ ଦେଇଛନ୍ତି ସେ ବିଷୟରେ ମଧ୍ୟ ଜାଣି ହେବ। ବିଦ୍ୟୁତ୍ ଚୋରି ସମ୍ପର୍କରେ ସୂଚନା ଦେଲେ ଜରିମାନାର ୧୦ ପ୍ରତିଶତ ପୁରସ୍କାର ରାଶି ବିଷୟରେ ମଧ୍ୟ ଏହି ଆପ୍ ମାଧ୍ୟମରେ ପାଇପାରିବେ। ସେସୁ ପକ୍ଷରୁ ୨୪ ଘଣ୍ଟିଆ ସେବା ଦିଆଯାଉଥିଲେ ମଧ୍ୟ ମିଟର ରିଡିଂ, ସଂଯୋଗ ଓ ବିଚ୍ଛିନ୍ନ କାର୍ଯ୍ୟ କରାଯାଇ ପାରୁନାହିଁ। ଫଳରେ ଲକ୍‌ଡାଉନ୍ ସମୟରେ ସେସୁକୁ କଠିନ ଆର୍ଥିକ ପରିସ୍ଥିତି ଦେଇ ଗତି କରିବାକୁ ପଡୁଛି। ଏଭଳି ପରିସ୍ଥିତିରେ ଉପଭୋକ୍ତାମାନେ ସାମାଜିକ ଦୂରତ୍ୱ ରକ୍ଷାକରି ବିଲ ପଇଠ କରିବାକୁ ସେସୁ ଅନୁରୋଧ କରିଛି। ଆପ୍ ଉନ୍ମୋଚନ ବେଳେ ଶକ୍ତି ସଚିବ ବିଷ୍ଣୁପଦ ସେଠୀ ଏବଂ ସେସୁ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅରୁଣ ବୋଥ୍ରା ଉପସ୍ଥିତ ଥିଲେ।

# ରଥଯାତ୍ରାକୁ ନେଇ ଅନିଶ୍ଚିତତା ବଢ଼ିଲା



- ଗଜପତିଙ୍କ ସହ ଆଲୋଚନା କଲେ ଦଇତାପତି ସେବକ
- କମ୍ ସମୟ ମଧ୍ୟରେ ରଥ ନିର୍ମାଣ ସମ୍ଭବ ନୁହେଁ: ବିଶ୍ୱକର୍ମା
- ପୁରୀରେ ପହଞ୍ଚିଲା ଦଶମ ପର୍ଯ୍ୟାୟ ରଥକାଠ

**ପୁରୀ ଅଫିସ,୨।୫**

କରୋନା କଟକଣା ଭିତରେ କେମିତି ହେବ ରଥଯାତ୍ରା ? ଏବର୍ଷ ବଡ଼ଦାଣ୍ଡରେ କାଳିଆ ସାଆନ୍ତଙ୍କ ରଥ ଗଡ଼ିବ ନା ରୁକୁଣା ରଥ ପରି ବନ୍ଦ ହୋଇଯିବ ? ମହାମାରୀ କରୋନାର ଭୟାବହତାକୁ ଦେଖି ଗତ କିଛିଦିନ ହେଲା ରଥଯାତ୍ରାକୁ ନେଇ ଏମିତି ଆଶା ଆଶଙ୍କା ଲାଗି ରହିଛି। ମେ ୩ ତାରିଖ ଲକ୍‌ଡାଉନ ଅବଧି ଶେଷ ପରେ ପରବର୍ତ୍ତୀ ନିର୍ଦ୍ଦେଶନାମା ଅନୁଯାୟୀ ରଥଯାତ୍ରା ସଂକ୍ରାନ୍ତରେ ଯାହାକିଛି ନିଷ୍ପତ୍ତି ନିଆଯିବ ବୋଲି ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଚୂଡ଼ାନ୍ତ ହୋଇଥିଲା। ମାତ୍ର ଶୁକ୍ରବାର କେନ୍ଦ୍ର ସରକାର ଲକ୍‌ଡାଉନ ଅବଧି ପୁଣି ଦୁଇସପ୍ତାହ ବଢାଇବା ଫଳରେ ରଥଯାତ୍ରାର ଭବିଷ୍ୟତ ଅନିଶ୍ଚିତତା ଭିତରକୁ ଠେଲି ହୋଇଯାଇଛି। ସେପଟେ କଟକଣାଯୁକ୍ତ ରଥଯାତ୍ରା କରିବା ଲାଗି ଦଇତାପତି ସେବକ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିବା ସହ ଶଙ୍କରାଚାର୍ଯ୍ୟଙ୍କୁ ଭେଟିଛନ୍ତି। ଶୁକ୍ରବାର ରାତିରେ ଗଜପତି ମହାରାଜାଙ୍କ ସହ ଭିଡିଓ କନ୍‌ଫରେନ୍ସି ମାଧ୍ୟମରେ ଆଲୋଚନା ମଧ୍ୟ କରିଛନ୍ତି। ହେଲେ ରଥଯାତ୍ରାକୁ ନେଇ କେହି କିଛି ସ୍ପଷ୍ଟ ଉତ୍ତର ରଖି ନ ଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଅକ୍ଷୟ ତୃତୀୟାରେ ଶ୍ରୀମନ୍ଦିର ଭିତରେ ରଥ ନିର୍ମାଣ ଅନୁକୂଳ ହୋଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ରଥ ତିଆରି ଆରମ୍ଭ ହୋଇନାହିଁ। ୩ ତାରିଖ ପରେ ପ୍ରଶାସନ ଅନୁମତି ଦେଲେ ମଧ୍ୟ ଏତେ କମ୍ ଦିନ ଭିତରେ ରଥ ନିର୍ମାଣ ସମ୍ଭବ ନୁହେଁ ବୋଲି ଦେବଦଳନ ରଥର ମୁଖ୍ୟ ବିଶ୍ୱକର୍ମା କୃଷ୍ଣଚନ୍ଦ୍ର ମହାରଣା କହିଛନ୍ତି। ରଥଯାତ୍ରାକୁ ନେଇ ଏମିତି ଅନିଶ୍ଚିତତା ଲାଗିରହିଥିବା ବେଳେ ଶନିବାର ପୁରୀରେ ପହଞ୍ଚିଛି ଦଶମ ପର୍ଯ୍ୟାୟ ରଥକାଠ।

ଏଥର ରଥଯାତ୍ରା ହେବ କି ନାହିଁ ଏବଂ ଲକ୍‌ଡାଉନ ଥିବାରୁ ଚନ୍ଦନ ଯାତ୍ରା କିପରି ହେବ ତାକୁ ନେଇ ସମସ୍ତଙ୍କ ମନରେ ସନ୍ଦେହ ଉପୁଜିଥିଲା। ଏଥିପାଇଁ ୨୪ ତାରିଖରେ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ବସିଥିଲା। ମେ ୩ ପର୍ଯ୍ୟନ୍ତ ଲକ୍‌ଡାଉନ ଥିବାରୁ ବାହାରେ ଠାକୁରଙ୍କର କୌଣସି କାର୍ଯ୍ୟ ହୋଇପାରିବ ନାହିଁ ବୋଲି ଏଥିରେ କୁହାଯାଇଥିଲା। କିନ୍ତୁ ସେବାୟତମାନେ ଠାକୁରଙ୍କ ପରମ୍ପରାରେ ବ୍ୟତିକ୍ରମ ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ଯାହା ନିର୍ଣ୍ଣୟ ଦେବେ ତାହାକୁ ସମସ୍ତେ ମାନିବେ ବୋଲି ନିଷ୍ପତ୍ତି ହୋଇଥିଲା। ଏହାପରେ ପରିଚାଳନା କମିଟି ଅଧକ୍ଷ ଗଜପତି ମହାରାଜା ଦିବ୍ୟସିଂହ ଦେବ ଖବରଦାତା ସମ୍ମିଳନୀରେ କହିଥିଲେ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଗାଇଡ୍‌ଲାଇନ ଅନୁସାରେ ଶ୍ରୀମନ୍ଦିର ବାହାରେ କୌଣସି ନୀତି ହୋଇପାରିବ ନାହିଁ। ମହାପ୍ରଭୁଙ୍କ ବିଧି କିପରି ରକ୍ଷା ହେବ ସେ ନେଇ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ହିଁ ମାର୍ଗଦର୍ଶନ ଦେବେ। ମେ ୩ ପରେ ସରକାର ଯେଉଁ ନୂଆ ଗାଇଡଲାଇନ ଆଣିବେ ତାକୁ ଦେଖି ପୁଣି ଥରେ ପରିଚାଳନା କମିଟି ବୈଠକ ବସି ସ୍ନାନଯାତ୍ରା ଓ ରଥଯାତ୍ରା ସମ୍ପର୍କରେ ନିଷ୍ପତ୍ତି ନିଆଯିବ। ଏହାପରେ ସେହିଦିନ ସନ୍ଧ୍ୟାରେ ସମସ୍ତେ ଶଙ୍କରାଚାର୍ଯ୍ୟଙ୍କ ସହ ଆଲୋଚନା କରିଥିଲେ। ମହାପ୍ରଭୁଙ୍କ ବିଧି ରକ୍ଷା ନିମନ୍ତେ ଶ୍ରୀମନ୍ଦିର ପରିସରରେ ଅକ୍ଷୟ ତୃତୀୟା ଏବଂ ଚନ୍ଦନ ଯାତ୍ରାର ରୀତିନୀତି କରାଯିବ ବୋଲି ଜଗଦ୍‌ଗୁରୁ ପରାମର୍ଶ ଦେଇଥିଲେ। ଏହାପରେ ଗଣମାଧ୍ୟମ ସମ୍ମୁଖରେ ଗଜପତି ମହାରାଜା କହିଥିଲେ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କୋଭିଡ୍-୧୯ ଗାଇଡଲାଇନ ମାନି ନୀତିକାନ୍ତି ହେବ। ଶ୍ରୀମନ୍ଦିର ଭିତରେ ଚନ୍ଦନ ଯାତ୍ରା ଚାଲିଥିବାବେଳେ ପବିତ୍ର ଅକ୍ଷୟ ତୃତୀୟାରେ ରଥ ନିର୍ମାଣ ଅନୁକୂଳ ହୋଇଥିଲା। ତେବେ ସେବେଠୁ ରଥ ତିଆରି କାମ ବନ୍ଦ ରହିଛି। ଏବେ ଲକ୍‌ଡାଉନକୁ ପୁଣି କେନ୍ଦ୍ର ସରକାର ମେ ୧୭ ଯାଏ ବୃଦ୍ଧି କରିଥିବାରୁ ରଥଯାତ୍ରାକୁ ନେଇ ଅନିଶ୍ଚିତତା ବଢିଯାଇଛି। ମେ ୩ ପରେ ରଥ ନିର୍ମାଣ ହେବ କି ନାହିଁ ସେ ନେଇ କିଛି ସ୍ପଷ୍ଟ ଜଣାପଡ଼ିନାହିଁ। ୪ ତାରିଖରେ ପରିଚାଳନା କମିଟି ବୈଠକ ବସି ରଥଯାତ୍ରା ସଂକ୍ରାନ୍ତରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ଶୁଣିବାକୁ ମିଳୁଛି। ଅନ୍ୟପକ୍ଷରେ ଜୁନ୍ ୨୩ରେ ରଥଯାତ୍ରା। ଆଉ ମାତ୍ର ମାସେ ୨୦ ଦିନ ଥିବାବେଳେ ଏ ପର୍ଯ୍ୟନ୍ତ ରଥ ନିର୍ମାଣ ଆରମ୍ଭ ହୋଇନାହିଁ। ଏତେ କମ୍ ଦିନରେ ରଥ ନିର୍ମାଣ ସମ୍ଭବ ନୁହେଁ ବୋଲି ଦେବଦଳନ ରଥର ମୁଖ୍ୟ ବିଶ୍ୱକର୍ମା କୃଷ୍ଣଚନ୍ଦ୍ର ମହାରଣା କହିଛନ୍ତି। ସେହିପରି ମନ୍ଦିର ପ୍ରଶାସନ ପକ୍ଷରୁ ରଥ ନିର୍ମାଣ ନେଇ କୌଣସି ଆଲୋଚନା ହୋଇ ନ ଥିବା ନନ୍ଦିଘୋଷ ରଥର ମୁଖ୍ୟ ବିଶ୍ୱକର୍ମା ବିଜୟ କୁମାର ମହାପାତ୍ର କହିଛନ୍ତି। ଏ ସବୁକୁ ଦେଖିଲେ ଚଳିତବର୍ଷ ରଥଯାତ୍ରାକୁ ନେଇ ସଙ୍କଟ ବଢୁଥିବା ସ୍ପଷ୍ଟ ହେଉଛି। ଅନ୍ୟପକ୍ଷରେ ଶନିବାର ପୁରୀରେ ପହଞ୍ଚିଛି ଦଶମ ପର୍ଯ୍ୟାୟ ରଥକାଠ। ବୌଦ୍ଧରୁ ଗୋଟିଏ ଟ୍ରକ୍‌ରେ ୧୨ ଫୁଟିଆ ୩୦ ଖଣ୍ଡ ଅସନ କାଠ ଆସିଥିବା ଶ୍ରୀମନ୍ଦିର ମୁଖ୍ୟ ତତ୍ତ୍ୱାବଧାରକ ସୁଦର୍ଶନ ମେକାପ କହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ତୃତୀୟ ପର୍ଯ୍ୟାୟରେ ...

ଶିକ୍ଷାନୁଷ୍ଠାନ, ସାମାଜିକ, ରାଜନୈତିକ, ସାଂସ୍କୃତିକ ତଥା ଅନ୍ୟାନ୍ୟ ସମାବେଶ ବନ୍ଦ ରହିବ। ସେହିପରି ଆତିଥେୟତା ସେବା, ଧର୍ମସ୍ଥାନ ତଥା ଉପାସନା ପୀଠଗୁଡ଼ିକ ସର୍ବସାଧାରଣଙ୍କ ଲାଗି ବନ୍ଦ ରଖାଯିବ। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଅନୁମତିକ୍ରମେ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ଲୋକଙ୍କ ଯାତାୟାତ ପାଇଁ ବିମାନ, ଟ୍ରେନ୍ ଓ ବସ୍ ସେବା ଉପଲବ୍ଧ ହେବ ବୋଲି ଗାଇଡ୍‌ଲାଇନ୍‌ରେ କୁହାଯାଇଛି। ଗ୍ରୀନ୍ ଓ ଅରେଞ୍ଜ ଜୋନ୍‌ରେ ୬ ଫୁଟ୍ ସାମାଜିକ ଦୂରତ୍ୱ ବଜାୟ ରଖି ମଦ, ପାନ ଓ ଗୁଟ୍‌ଖା ଦୋକାନ ଖୋଲିବାକୁ ଅନୁମତି ମିଳିଥିଲାବେଳେ ସର୍ବସାଧାରଣ ସ୍ଥାନରେ ପାନ, ଗୁଟ୍‌ଖା ସେବନକୁ ବାରଣ କରାଯାଇଛି।

ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ରିପୋର୍ଟ ଅନୁଯାୟୀ, ୧୩୦ ଜିଲାକୁ ରେଡ୍ ଜୋନ୍ ଘୋଷଣା କରାଯାଇଛି। ଅରେଞ୍ଜ ଜୋନ୍ ରେ ୨୮୪ ଜିଲା ରହିଥିବାବେଳେ ଗ୍ରୀନ୍ ଜୋନ୍‌ରେ ୩୧୯ ଜିଲା ରହିଛି। ଜାତୀୟ ରାଜଧାନୀ ଅଞ୍ଚଳର ସମସ୍ତ ଜିଲାକୁ ରେଡ୍ ଜୋନ୍‌ରେ ରଖାଯାଇଛି। ଯେଉଁ ଜିଲାରେ କରୋନା ସଂକ୍ରମଣ ଆଦୌ ହୋଇନାହିଁ କିମ୍ବା ଗତ ୨୧ ଦିନ ମଧ୍ୟରେ କୌଣସି ମାମଲା ସାମ୍ନାକୁ ଆସିନାହିଁ, ତାହାକୁ ଗ୍ରୀନ୍ ଜୋନ୍ ବିବେଚନା କରାଯାଉଛି। ସେହିପରି ରେଡ୍ ଜୋନ୍‌ରେ ଥିବା ଜିଲାରେ ଯଦି ୨୧ ଦିନ ମଧ୍ୟରେ ନୂଆ ମାମଲା ସାମ୍ନାକୁ ଆସି ନ ଥାଏ, ତେବେ ତାହାକୁ ଅରେଞ୍ଜ୍ ଜୋନ୍‌ରେ ସାମିଲ କରାଯିବ। ଅରେଞ୍ଜ ଜୋନ୍‌ରେ ଥିବା ଜିଲାରେ ୨୧ ଦିନ ମଧ୍ୟରେ ନୂଆ ସଂକ୍ରମଣ ହୋଇ ନ ଥିଲେ ତାହା ଗ୍ରୀନ୍ ଜୋନ୍‌ରେ ଅନ୍ତର୍ଭୁକ୍ତ ହୋଇପାରିବ। ଲକ୍‌ଡାଉନ କଟକଣା, କୋଭିଡ୍-୧୯ ପରିଚାଳନାର ଜାତୀୟ ନିର୍ଦ୍ଦେଶାବଳୀର ଉଲ୍ଲଂଘନ କଲେ ବିପର୍ଯ୍ୟୟ ପରିଚାଳନା ଅଧିନିୟମ, ୨୦୦୫ର ଧାରା ୫୧ରୁ ୬୦, ଆଇପିସିର ଧାରା ୧୮୮ ଓ ଅନ୍ୟାନ୍ୟ ଆଇନଗତ ବ୍ୟବସ୍ଥା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ଲକ୍‌ଡାଉନ ବେଳେ କ'ଣ ବନ୍ଦ ରହିବ

ଲକ୍‌ଡାଉନ ଅବଧି ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ବଢ଼ିଥିବାବେଳେ ଏହି ସମୟରେ ସମସ୍ତ ଜୋନ୍‌ରେ ମେଡିକାଲ ସେବା ଓ ଏୟାର ଆମ୍ବୁଲାନ୍ସ ବ୍ୟତୀତ ସମସ୍ତ ଘରୋଇ ଓ ଅନ୍ତର୍ଜାତୀୟ ଯାତ୍ରୀ ବିମାନ ସେବା ବନ୍ଦ ରହିବ। ସୁରକ୍ଷା ଉଦ୍ଦେଶ୍ୟରେ କିମ୍ବା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅନୁମତିରେ ବିମାନ କିମ୍ବା ଟ୍ରେନ୍ ଚାଲିପାରିବ। ଏହାବ୍ୟତୀତ ଅନ୍ୟ ସମସ୍ତ ଯାତ୍ରୀବାହୀ ଟ୍ରେନ ଚଳାଚଳ ବନ୍ଦ ରହିବ। ସେହିପରି ଆନ୍ତଃରାଜ୍ୟ ବସ୍ ସେବା ବନ୍ଦ ରଖାଯାଇଛି। ମେଟ୍ରୋ ରେଳ ସେବା ବନ୍ଦ ରହିବ। ମେଡିକାଲ କାରଣ ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତିଙ୍କ ଆନ୍ତଃରାଜ୍ୟ ଯାତ୍ରାକୁ ବାରଣ କରାଯାଇଛି। ସମସ୍ତ ସ୍କୁଲ, କଲେଜ, ଶିକ୍ଷାନୁଷ୍ଠାନ, ପ୍ରଶିକ୍ଷଣ କେନ୍ଦ୍ର, କୋଚିଂ ସେଣ୍ଟର ବନ୍ଦ ରହୁଥିବାବେଳେ ଅନ୍‌ଲାଇନ ଓ ଦୂରନିରନ୍ତର ଶିକ୍ଷା ପାଇଁ ଅନୁମତି ମିଳିଛି। ସେହିପରି କ୍ୱାରାଣ୍ଟାଇନ ସେଣ୍ଟର, ଅଟକିଥିବା ଶ୍ରମିକ, ପର୍ଯ୍ୟଟକ, ସ୍ୱାସ୍ଥ୍ୟକର୍ମୀ, ପୋଲିସ, ସରକାରୀ କର୍ମଚାରୀଙ୍କ ବ୍ୟତୀତ ଅନ୍ୟମାନଙ୍କ ପାଇଁ ହସ୍ପିଟାଲିଟି ସେବା ଉପଲବ୍ଧ ହେବନାହିଁ। ସେହିପରି ସମସ୍ତ ସିନେମା ହଲ, ଶପିଂ ମଲ୍, ଜିମ୍‌ନାସିୟମ, ସ୍ପୋର୍ଟସ କମ୍ପ୍ଲେକ୍ସ, ସୁଇମିଂ ପୁଲ୍, ପାର୍କ, ଥିଏଟର, ବାର୍, ଅଡିଟୋରିୟମ, ଆସେମ୍ବ୍ଲି ହଲ୍ ଆଦି ବନ୍ଦ ରହିବ। ସମସ୍ତ ସାମାଜିକ, ରାଜନୈତିକ, କ୍ରୀଡା, ମନୋରଞ୍ଜନ, ସାଂସ୍କୃତିକ, ଧର୍ମୀୟ କାର୍ଯ୍ୟ ତଥା ଅନ୍ୟାନ୍ୟ ସମାବେଶ ବନ୍ଦ ରହିବ। ସମସ୍ତ ଧର୍ମସ୍ଥଳ, ଉପାସନା ପୀଠ ଜନସାଧାରଣଙ୍କ ଲାଗି ବନ୍ଦ ରହିବ। ରାତି ୭ରୁ ସକାଳ ୭ ମଧ୍ୟରେ ଯାତାୟାତ, ସମସ୍ତ ଅଣଅତ୍ୟାବଶ୍ୟକ କାର୍ଯ୍ୟକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି। ଏଥିପାଇଁ ସ୍ଥାନୀୟ ପ୍ରଶାସନ ଧାରା ୧୪୪ ଅନୁଯାୟୀ ନିଷିଦ୍ଧାଦେଶ ଜାରି କରିବେ। ସେହିପରି ସବୁ ଜୋନ୍‌ରେ ୬୫ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତି, ଅନ୍ୟାନ୍ୟ ରୋଗ ଥିବା ବ୍ୟକ୍ତି, ଗର୍ଭବତୀ ମହିଳା, ୧୦ ବର୍ଷରୁ କମ୍ ବୟସର ପିଲାଙ୍କୁ ଘରେ ରହିବାକୁ କୁହାଯାଇଛି। ନିଷିଦ୍ଧାଞ୍ଚଳରେ ହସ୍ପିଟାଲର ବହିର୍ବିଭାଗ ଓ ମେଡିକାଲ କ୍ଲିନିକ୍ ଚାଲିପାରିବ ନାହିଁ। ରେଡ୍, ଅରେଞ୍ଜ ଓ ଗ୍ରୀନ୍ ଜୋନ୍‌ରେ ହସ୍ପିଟାଲ ବହିର୍ବିଭାଗ ଓ ମେଡିକାଲ କ୍ଲିନିକ୍ ଖୋଲିବାକୁ ଅନୁମତି ମିଳିଛି। ରେଡ୍ ଜୋନ୍‌ରେ ରିକ୍ସା, ଅଟୋରିକ୍ସା, ଟ୍ୟାକ୍ସି ଚାଲିପାରିବ ନାହିଁ। ଆନ୍ତଃଜିଲା କିମ୍ବା ଜିଲା ବାହାରକୁ ବସ୍ ଚାଲିବ ନାହିଁ। ସେଲୁନ୍, ସ୍ପା ଓ ବାରିକ ଦୋକାନ ବନ୍ଦ ରହିବ।

### ଆନ୍ଧ୍ର, କର୍ଣ୍ଣାଟକରୁ ...

ୟେଦୁରପ୍ପା ଓ ରେଡ୍ଡୀଙ୍କୁ ଧନ୍ୟବାଦ ଦେଇଥିଲେ। କର୍ଣ୍ଣାଟକ ଏବଂ ଆନ୍ଧ୍ର ପ୍ରଦେଶ ମୁଖ୍ୟମନ୍ତ୍ରୀ ଆଲୋଚନା ବେଳେ କହିଥିଲେ, ରାଜ୍ୟ ସରକାର ଅନେକ କାର୍ଯ୍ୟ ଆରମ୍ଭ କଲେଣି। ଯେଉଁମାନେ ନିଜ ରାଜ୍ୟକୁ ଫେରିବାକୁ ଚାହୁଁନାହାନ୍ତି, ସେମାନେ ସେଠାରେ ରହି କାମ କରିପାରିବେ। ଫେରିବାକୁ ଚାହୁଁଥିବା ଶ୍ରମିକମାନଙ୍କୁ ସମସ୍ତ ପ୍ରକାର ସହଯୋଗ କରାଯିବ ବୋଲି ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ଯେଉଁମାନେ ଓଡ଼ିଶା ଫେରିବାକୁ ଚାହୁଁଛନ୍ତି ସେମାନଙ୍କୁ ସେଠାରେ ଯେପରି ଓଡିଶା ସରକାରଙ୍କ ଅନ୍‌ଲାଇନ ପୋର୍ଟାଲରେ ପଞ୍ଜୀକରଣ କରାଯାଇପାରିବ ସେଥିପାଇଁ ସହଯୋଗ କରିବାକୁ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଉଭୟ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ଓଡ଼ିଶା ଫେରିବାକୁ ଚାହୁଁଥିବା ଓଡ଼ିଆ ଲୋକମାନଙ୍କର ସ୍କ୍ରିନି, ପଞ୍ଜୀକରଣ ଏବଂ ଯାତ୍ରା ସମ୍ପର୍କିତ ବିଭିନ୍ନ ବ୍ୟବସ୍ଥା ସମ୍ପର୍କରେ ଏକ ବିଧିବଦ୍ଧ ପ୍ରୋଟୋକଲ ପ୍ରସ୍ତୁତି ଉପରେ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ମୁଖ୍ୟ ଉପଦେଷ୍ଟା ଆର. ବାଲକ୍ରିଷ୍ଣନ, ମୁଖ୍ୟ ଶାସନ ସଚିବ ଅସୀତ ତ୍ରିପାଠୀ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ସୂଚନା ଅନୁଯାୟୀ, ଲକ୍‌ଡାଉନ ଯୋଗୁ ଫେରିପାରି ନ ଥିବା ପ୍ରାୟ ୫ ଲକ୍ଷ ଲୋକ ଓଡ଼ିଶାକୁ ଫେରିବେ ବୋଲି ସରକାର ଆକଳନ କରିଛନ୍ତି। ଏମାନଙ୍କ ପାଇଁ କୋଭିଡ୍-୧୯ ହସ୍ପିଟାଲ ଓ କ୍ୱାରାଣ୍ଟାଇନ୍ ସେଣ୍ଟର ଜିଲାସ୍ତରରେ ଖୋଲା ଯାଇଥିବା କୁହାଯାଇଛି। ସରକାର କରୋନା ସଂକ୍ରମଣ ରୋକିବାରେ କେତେକ ମାତ୍ରାରେ ସଫଳ ହୋଇଛନ୍ତି। ରାଜ୍ୟ ବାହାରୁ ଆସୁଥିବା ଲୋକଙ୍କ ଯୋଗୁ ସଂକ୍ରମଣ ଯେପରି ନ ବ୍ୟାପିବ, ସେ ନେଇ ସରକାର ସମସ୍ତ ପଦକ୍ଷେପ ନେଉଛନ୍ତି।

### ଭୁବନେଶ୍ୱରକୁ ଟପିଲା ...

ସଂକ୍ରମିତ ବ୍ୟକ୍ତି ଜଣକ ଗତ ମାର୍ଚ୍ଚ ୨୯ରେ ଏକ ବୋଲେରୋ ଗାଡି ଭଡ଼ା କରି କୋଲକାତାରୁ କଲ୍ୟାଣପୁର ଗ୍ରାମକୁ ଫେରିଥିଲେ। ଗାଡ଼ିରେ ଏହି ଗ୍ରାମର ଅନ୍ୟ ୪ଜଣ ବ୍ୟକ୍ତି ଆସିଥିବା ଟ୍ରାଭେଲ ହିଷ୍ଟ୍ରିରୁ ଜଣାପଡ଼ିଛି। ତେବେ ସମସ୍ତଙ୍କୁ ପ୍ରଶାସନ ପକ୍ଷରୁ କ୍ୱାରାଣ୍ଟାଇନରେ ରଖାଯିବା ସହିତ ସେମାନଙ୍କ ସ୍ୱାବ୍ ପରୀକ୍ଷା ନିମନ୍ତେ ପଠାଯାଇଥିଲା। ଅନ୍ୟମାନଙ୍କ ସ୍ୱାବ୍ ରିପୋର୍ଟ ନେଗେଟିଭ ଆସିଥିବା ସୂଚନା ମିଳିଛି। ରାଜ୍ୟରେ ବର୍ତ୍ତମାନ କରୋନା ପଜିଟିଭ୍‌ଙ୍କ ସଂଖ୍ୟା ୧୫୭କୁ ବୃଦ୍ଧି ପାଇଛି। ସୂଚନାଯୋଗ୍ୟ, ଶୁକ୍ରବାର ରାଜ୍ୟରେ ମୋଟ ୭ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ଏମାନଙ୍କ ମଧ୍ୟରୁ ଯାଜପୁରର ୪ଜଣ ଥିବା ବେଳେ ୨ଜଣ ବଲାଙ୍ଗୀର ଓ ଜଣେ ବାଲେଶ୍ୱର ଜିଲାର ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

### ସଙ୍କଟରେ ବିଶ୍ୱର ....

ସଙ୍କଟର ବାଦଲ ଘେନେଇଛି। ଏହି ଶିଳ୍ପ ସଂସ୍ଥାଗୁଡ଼ିକ ପାଇଁ ଦୁର୍ଦ୍ଦିନ ଆସିଯାଇଛି। ସେଥିମଧ୍ୟରୁ ହୋଲ୍‌ସେଲ ଓ ରିଟେଲ ସେକ୍ଟରରେ ୨୩୨ ନିୟୁତ, ମାନୁଫାକ୍ଚରିଂରେ ୧୧୧ ନିୟୁତ, ଆକୋମୋଡେଶନ ଓ ଫୁଡ୍ ସର୍ଭିସ୍‌ରେ ୫୧ ନିୟୁତ ଏବଂ ରିୟଲ୍ ଇଷ୍ଟେଟ୍ ତଥା ଅନ୍ୟ ବ୍ୟବସାୟିକ କ୍ଷେତ୍ରରେ ୪୨ ନିୟୁତ ଉଦ୍ୟୋଗ ରହିଛି। ତେଣୁ ଏଭଳି ସଙ୍କଟରେ ଶ୍ରମିକ ଓ ବ୍ୟବସାୟିକ ସଂସ୍ଥାଗୁଡ଼ିକୁ ବିଶେଷକରି କ୍ଷୁଦ୍ର ଉଦ୍ୟୋଗମାନଙ୍କୁ ସହାୟତା ପ୍ରଦାନ କରିବା ଜରୁରୀ ବୋଲି ଆଇଏଲ୍ଓ ପକ୍ଷରୁ ଆହ୍ୱାନ ଦିଆଯାଇଛି। ଆଇଏଲ୍ଓ ମହାନିର୍ଦ୍ଦେଶକ ଗାଏ ରାଇଡର କହିଛନ୍ତି, ଲକ୍ଷ ଲକ୍ଷ ଶ୍ରମିକ କିଛି ଆୟ କରି ନ ପାରିବାର ମାନେ ହେଉଛି ସେମାନେ ଖାଦ୍ୟ, ନିରାପତ୍ତା ଓ ଭବିଷ୍ୟତ ହରାଇବେ। ମହାମାରୀ ଓ ନିଯୁକ୍ତି ସଙ୍କଟ ବଢ଼ିବାରେ ଲାଗିଥିବାରୁ ଶ୍ରମିକମାନେ ଅଧିକ ବିପଦ ଭିତରକୁ ଠେଲି ହୋଇଯାଉଛନ୍ତି। ଉଦ୍ୟୋଗଗୁଡ଼ିକୁ ସହଯୋଗ କରା ନ ଗଲେ ସେଗୁଡ଼ିକ ଲୋପ ପାଇଯିବା ଭଳି ଅବସ୍ଥା ସୃଷ୍ଟି ହୋଇଛି।

### କଳିଙ୍ଗା ଘାଟିରେ ବସ୍ ...

ପହଞ୍ଚି ତଦନ୍ତ ଚଳାଇଛନ୍ତି। ଲକ୍‌ଡାଉନ ଯୋଗୁ ସୁରଟରେ ଫସିରହିଥିବା ଲୋକେ ଗତ ୬ ଦିନ ହେଲା ବସ୍ ଯୋଗେ ଭିଟାମାଟିକୁ ଫେରିବାରେ ଲାଗିଛନ୍ତି। ଏଭଳି ସ୍ଥିତିରେ ପ୍ରବାସୀ ଓଡିଆଙ୍କୁ ନେଇ ଆସୁଥିବା 'ଶ୍ରୀ ପଟେଲ' ନାମକ ବସ୍ (ନଂ.ଜିଜେ୧୮ଏକ୍ସ-୨୬୯୩)ର ଚାଳକ କଳିଙ୍ଗା ଘାଟି ଅନ୍ଧାରିକୋଟ ମନ୍ଦିର ନିକଟ ବୁଲାଣିରେ ହଠାତ୍ ବ୍ରେକ୍ ଦେଇଥିଲେ। ଫଳରେ ଚାଳକ କ୍ୟାବିନ୍‌ରେ ବସିଥିବା ଚିତ୍ତରଞ୍ଜନ ଓ ସନ୍ତୋଷ ଆଗ କାଚରେ ପିଟି ହୋଇଯାଇଥିଲେ। କାଚ ଭାଙ୍ଗି ଯିବାରୁ ଉଭୟେ ଚକା ତଳେ ପଡ଼ିଯାଇଥିଲେ। ଘଟଣାସ୍ଥଳରେ ଚିତ୍ତରଞ୍ଜନଙ୍କ ମୃତ୍ୟୁ ଘଟିଥିବାବେଳେ ସନ୍ତୋଷ ଗୁରୁତର ହୋଇଥିଲେ। ତାଙ୍କୁ ଆମ୍ବୁଲାନରେ ଭଞ୍ଜନଗର ମେଡ଼ିକାଲକୁ ଅଣାଯାଇଥିଲା। ସେଠାରେ ସନ୍ତୋଷଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଭଞ୍ଜନଗର ବିଡ଼ିଓ ଅନିଲ କୁମାର ସେଠୀ ପୋଲିସ ଫୋର୍ସ ସହ ଘଟଣାସ୍ଥଳରେ ଅଛନ୍ତି।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏକ ଆଖିଆ କଣା,**
**ତା'ର ନାହିଁ ବୁଝାମଣା ।**

କଣାର ଗୋଟାଏ ଆଖି। ଯେଉଁ ପଟର ଆଖିଥାଏ ସେ ସେଇପଟକୁ ଭଲ ଦେଖିପାରେ ଏବଂ ସେଇ ପଟ କଥାର ଚିନ୍ତା କରିଥାଏ। ଅନ୍ୟ ପଟ ଦେଖିବା ପାଇଁ ହେଲେ ମୁହଁ ବୁଲେଇବାକୁ ପଡ଼େ। ପରୋକ୍ଷରେ ଭଲମନ୍ଦକୁ ବିଚାର ନ କରି ଗୋଟିଏ ଦିଗକୁ ଦୃଷ୍ଟିରେ ରଖି ବା ଚିନ୍ତା କରି ଏକପାଖିଆ ନିଷ୍ପତ୍ତି ନେଉଥିବା ବ୍ୟକ୍ତି ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଏରେଣ୍ଡା କେରେଣ୍ଡା କୋଳି,**
**କଉଡ଼ି ନ ଦେଲେ ନ ଦେବି କାଳି।**

ସାଧାରଣତଃ ଦୋକାନୀମାନେ ନଗଦ ବେପାର ଉପରେ ଜୋର ଦେଇଥାନ୍ତି। କୌଣସି ଗରାଖ ଆସି ବାକି ମାଗିଲେ ମନା କରିଦେଇଥାନ୍ତି। ପଇସା ନ ଦେଲେ ଜିନିଷ ଦେବେନି ବୋଲି କହିଥାନ୍ତି। ଅଳ୍ପ ଜିନିଷର ମୂଲ୍ୟ ହୋଇଥିଲେ ମଧ୍ୟ ବାକିରେ ଦେବାକୁ ଅମଙ୍ଗ ହେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜିର କାମଗୁଡିକ ସୁବିଧାରେ ଓ ସୁରୁଖୁରୁରେ ହୋଇଯିବ। ଘରେ ନିଜ ପରିସରର ବନ୍ଧୁଙ୍କ ସହିତ ଖୁସିର ଆସର ଜମିପାରେ। ପ୍ରଶାସନ,ଆନୁଷ୍ଠାନିକ କାମ, ରାଜନୀତି ଓ ସାଙ୍ଗଠନିକ କାର୍ଯ୍ୟରେ ପ୍ରଶଂସିତ ହେବେ। ମାନସିକ ସ୍ଥିତି ବିପନ୍ନ ହୋଇପାରେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିପାରନ୍ତି ।

**ବୃଷ** ଦୀର୍ଘଦିନ ହେଲା ଆପଣ ଯାହା ଖୋଜୁଛନ୍ତି, ତାହା ଅବଶ୍ୟ ପାଇବେ କିନ୍ତୁ ସାମାନ୍ୟ ବିଳମ୍ବରେ। ବନ୍ଧୁମାନଙ୍କ ସହ ଘର କାମ ଛାଡି ବାହାର କାମରେ ବେଶି ସମୟ କଟାଇବାକୁ ପଡିପାରେ। ଆନୁଷ୍ଠାନିକ କିମ୍ବା ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ବଢିପାରେ। କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ।

**ମିଥୁନ** ଖୁସି ମିଜାଜରେ କାମ କରିବାର ସୁଯୋଗ ପାଇବେ। ଖୋଜୁଥିବା ଜିନିଷ,ଦରକାରୀ କାଗଜପତ୍ର କିମ୍ବା ସରକାରୀ ସୁବିଧା ସହଜରେ ପାଇଯିବେ। ମନୋରଞ୍ଜନ ପ୍ରୀତିପ୍ରଦ ହେବ ଓ ମିତ୍ରମାନେ ପ୍ରଶଂସା ଗାଇ ବୁଲିବେ। ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ କିନ୍ତୁ କର୍ମକ୍ଷେତ୍ରରେ ସବୁ ଜାଣିଶୁଣି ସୁଦ୍ଧା ଚୁପ୍ ରହିବାକୁ ବାଧ୍ୟ ହେବେ।

**କର୍କଟ** ଅତୀତ ଘଟଣାର ସମୀକ୍ଷା କରିବା ସାଙ୍ଗକୁ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଋଣ ସୂତ୍ରରେ ଅର୍ଥଲାଭ କରିବେ ଏବଂ କୌଣସି ନୂତନ କର୍ମାରମ୍ଭ କରିପାରନ୍ତି। ନୂତନ ଗୃହୋପଯୋଗୀ ଜମିଜମା ସମ୍ପର୍କିତ କଥାରେ ଅଗ୍ରଗତି ଘଟିବ। ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**ସିଂହ** ଭଲ ସମ୍ପର୍କ ଥିବା ବ୍ୟକ୍ତିଟି ଭୁଲ୍ ଧାରଣା ପୋଷଣ କରିପାରେ । ପାରିବାରିକ ସ୍ତରରେ କିଛିନା କିଛି ଅସୁବିଧା ସୃଷ୍ଟି ହେବାର ଲକ୍ଷ୍ୟ କରିବେ। ପୂର୍ବା-ଫାଲ୍‌ଗୁନୀ ନକ୍ଷତ୍ରର ସମସ୍ୟା ସମାଧାନ ହୋଇଯିବ ଓ ଶିଳ୍ପ, ବାଣିଜ୍ୟ ଓ ଏଜେନ୍ସିପରୁ ଖୁସି ରହିବେ। ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିପାରନ୍ତି।

**କନ୍ୟା** ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ଆଜି ହିଁ ସମାଧାନ ହୋଇଯିବ। ଆର୍ଥିକ ଅନଟନ ଲାଗି ରହିବା କାରଣରୁ ମାନସିକ ସ୍ଥିତି ଠିକ୍ ରହି ନ ପାରେ। ନିକଟ ସମ୍ପର୍କୀୟମାନଙ୍କ ସନ୍ଦେହଜନକ କାର୍ଯ୍ୟକଳାପ ହେତୁ ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରିପାରିବେ ନାହିଁ। ସାଧାରଣ ଭଲ ଓ ମନ୍ଦ ମଧ୍ୟରେ ପାରିବାରିକ ସଦ୍‌ଭାବ ପ୍ରାୟତଃ ଅକ୍ଷୁର୍ଣ୍ଣ ରହିବ।

**ତୁଳା** ପରିବାରର ଆବଶ୍ୟକତାକୁ ଉପଲବ୍ଧି କରି ମୂଲ୍ୟବାନ ଜିନିଷ କିଣିବା ସକାଶେ ମନ ବଳାଇ ପାରନ୍ତି । ସରକାରୀ ସ୍ତରରେ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିପାରନ୍ତି। ପଦସ୍ଥ ବ୍ୟକ୍ତିବିଶେଷଙ୍କ କ୍ଷେତ୍ରରୁ ଉପକୃତ ହେବ। ଶତ୍ରୁ ଉପଦ୍ରବ ସମ୍ପୂର୍ଣ୍ଣ ଭାବେ କମିଯିବା ସଙ୍ଗକୁ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହୋଇପାରେ।

**ବିଛା** ଅଯଥା ବ୍ୟସ୍ତ ବିବ୍ରତ ନ ହୋଇ ତରବରିଆ ଭାବେ କୌଣସି କାମ କଲେ ସବୁ ଓଲଟ ପାଲଟ ହୋଇଯିବ। ଅନୁରାଧା ନକ୍ଷତ୍ର ଜନମଙ୍ଗଳ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି। ସାମୟିକ ଯାତ୍ରାରେ ଅସୁବିଧା ଘଟିପାରେ । ଆଜିର ଅଧିକାଂଶ ସମୟ ବନ୍ଧୁମାନଙ୍କ ସହ ଆଳାପ ଆଲୋଚନାରେ ସମୟ କଟାଇବେ।

**ଧନୁ** ପ୍ରତ୍ୟେକ କ୍ଷେତ୍ରରେ ସତର୍କତାର ସହ କାମ କରନ୍ତୁ, କାରଣ ଜାଣିଶୁଣି କେତେକ ବ୍ୟକ୍ତି ସମସ୍ୟା ସୃଷ୍ଟି କରିପାରନ୍ତି। ମନର ବଳ ଖୁବ୍ ଟାଣ ରହିବ ଏବଂ ଜିଦ୍‌ରେ ଅଟଳ ରହି ସମସ୍ୟାକୁ ଡାକି ଆଣିପାରନ୍ତି । ପରିବାର ଓ ପରିବହନରେ ସମସ୍ୟା ଦେଖାଦେବ କିନ୍ତୁ ଆର୍ଥିକ ଉନ୍ନତି ପାଇଁ ଚିନ୍ତା ପ୍ରକଟ କରିପାରନ୍ତି।

**ମକର** ଆଜି ଆପଣ ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ, ଅସୁବିଧାରେ ପଡିପାରନ୍ତି। ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ ଏବଂ ମାଙ୍ଗଳିକ କାମରୁ ଖୁସି ରହିବେ। ଥଣ୍ଡା ଜ୍ୱରଜନିତ ରୋଗରେ ପୀଡା ବୃଦ୍ଧି ଘଟିବାର ଆଶଙ୍କା ରହିଛି। ଘର କଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ହେଲା ଭଳି କାମ କରି ପରକ୍ଷଣରେ ଅନୁତପ୍ତ ହେବେ।

**କୁମ୍ଭ** ପରିସ୍ଥିତିକୁ ସାମ୍ନା କରିବାରେ ଅଧୈର୍ଯ୍ୟ ହେବା ସହ ଅଯଥା ଗୁଡାଏ କଥା ଚିନ୍ତା କରି ମନକୁ ଭାରାକ୍ରାନ୍ତ କରିପାରନ୍ତି। ଦୁଃସାହସିକ ପଦକ୍ଷେପ ନେଇ ସମସ୍ୟାକୁ ସୁଧାରି ନେବେ। ଭଲ୍ ସମ୍ପର୍କ ଥିବା ବନ୍ଧୁ ଅସୁବିଧାରେ ପକାଇପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପ୍ରଶାସନ କ୍ଷେତ୍ରରେ ସଫଳତା ହାସଲ କରିବେ।

**ମୀନ** ଆଜି ଆପଣ କୌଣସି କ୍ଷେତ୍ରରେ ତରବରିଆ ପଦକ୍ଷେପ ନେବା ଠିକ୍ ହେବ ନାହିଁ। ବନ୍ଧୁମାନଙ୍କ ନିମନ୍ତ୍ରଣ କ୍ରମେ ଦୂରଯାତ୍ରାର ସୁଯୋଗ ପାଇବେ। ଆଲୋଚନା କ୍ଷେତ୍ରରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି । ପରିବହନ, ବ୍ୟବସାୟ,ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ।

ଆଜି ବୈଶାଖ ଶୁକ୍ଳ ଦଶମୀ ଯୁକ୍ତ ଏକାଦଶୀ ରବିବାର, ମେ' ୩ ତାରିଖ, ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ,ବିଶ୍ୱ ହାସ୍ୟ ଦିବସ,( ମେ' ପ୍ରଥମ ରବିବାର), ରାଶି ନକ୍ଷତ୍ର-ପୂର୍ବାଫାଲଗୁନୀ। ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ମେଷ ରାଶିର ଘାତବାର, ପ୍ରାତଃ ଘ.୦୬.୧୧ମି. ଗତେ, ଘ.୦୯.୩୫ମି. ମଧ୍ୟେ, ଘ.୦୭.୩୬ମି. ଗତେ ଘ.୦୯.୦୬ମି. ମଧ୍ୟେ ଅମୃତ ବେଳା । ସକାଳ ଘ.୦୫.୨୦ମି. ଗତେ ଘ.୦୬.୧୧ମି. ମଧ୍ୟେ, ଘ.୦୧. ୦୦ମି. ଗତେ ଘ.୦୧.୫୧ମି. ମଧ୍ୟେ, ସନ୍ଧ୍ୟା ଘ.୦୬.୫୧ମି. ଗତେ ଘ.୦୭.୩୬ମି. ମଧ୍ୟେ, ରାତ୍ରି ଘ.୧୨.୦୫ମି. ଗତେ ଘ.୦୩.୦୫ମି. ମଧ୍ୟେ ମାହେନ୍ଦ୍ର ବେଳା । ଅପରାହ୍ଣ ଘ.୦୪.୩୧ମି. ଗତେ ଘ.୦୬.୦୭ମି. ମଧ୍ୟେ ରାହୁକାଳ।

## ସଂକ୍ଷେପରେ

### ୪ରୁ ଖୋଲିବ ହାଇକୋର୍ଟ
### ଶୁଣାଣି କରିବେ ୫ ବିଚାରପତି

**କଟକ ଅଫିସ,୨।୫:** ଆସନ୍ତା ୪ ତାରିଖ ଅର୍ଥାତ୍ ସୋମବାରଠାରୁ ଓଡ଼ିଶା ହାଇକୋର୍ଟ ପୂର୍ବଭଳି କାର୍ଯ୍ୟ କରିବ। ପୂର୍ବାହ୍ନ ୧୧ଟାରେ ବିଭିନ୍ନ ମାମଲାର ବିଚାର ହେବ। ୫ ଜଣ ବିଚାରପତି ମାମଲାଗୁଡିକର ଶୁଣାଣି କରିବେ। ଜଣକିଆ ଖଣ୍ଡପୀଠରେ ସମସ୍ତ ଶୁଣାଣି ହେବ। ତେବେ ସମସ୍ତ ଶୁଣାଣି ଭିଡିଓ କନ୍‌ଫରେନ୍ସିଂ ଜରିଆରେ କରାଯିବ। କରୋନା ଭୂତାଣୁ ସଂକ୍ରମଣକୁ ଦୃଷ୍ଟିରେ ରଖି ଏଭଳି ପଦକ୍ଷେପ ନିଆଯାଇଛି। ଜଷ୍ଟିସ୍ ସଞ୍ଜୟ କୁମାର ମିଶ୍ର ପୁରୁଣା କୋଠାର ୧ନମ୍ବର କୋର୍ଟରେ, ଜଷ୍ଟିସ୍ ସଙ୍ଗମ କୁମାର ସାହୁ ହାଇକୋର୍ଟ



ବାର ଆସୋସିଏଶନର କନ୍‌ଭେନ୍‌ସନ ହଲରେ, ଜଷ୍ଟିସ ପ୍ରମଥ ପଟ୍ଟନାୟକ ପୁରୁଣା କୋଠାର ୨ନମ୍ବର କୋର୍ଟରେ, ଜଷ୍ଟିସ କୃଷ୍ଣରାମ ମହାପାତ୍ର ନୂଆକୋଠାର ୨୪ ନମ୍ବର କୋର୍ଟରେ, ଜଷ୍ଟିସ୍ ଅକ୍ଷୟ କୁମାର ମିଶ୍ର ନୂଆକୋଠାର ୨୫ନମ୍ବର କୋର୍ଟରେ ମାମଲାର ଶୁଣାଣି କରିବେ। ତେବେ ନୂତନ ଜାମିନ ଆପ୍ଲିକେସନର ମେନସନ ମେମୋ ଫାଇଲ ନ କରିବାକୁ ହାଇକୋର୍ଟ ପକ୍ଷରୁ ଆଇନଜୀବୀମାନଙ୍କୁ ନିବେଦନ କରାଯାଇଛି। ବୈଷୟିକ ତ୍ରୁଟି ପାଇଁ ସ୍କାନ କପି ବା ମେମୋର ଫଟୋ କପି ମେଲ୍‌ରେ ଆଟାଚ ନ କରିବା ପାଇଁ କୁହାଯାଇଛି। କେବଳ ଜରୁରୀ ମାମଲାର ନମ୍ବରକୁ ମେଲ୍‌ରେ ଆଟାଚ କରାଯିବ। ଆଇନଜୀବୀ କୌଣସି କାରଣରୁ ଅନୁପସ୍ଥିତ ରହିଲେ ସେମାନଙ୍କ ବିରୋଧରେ କୌଣସି ଅସୁବିଧାର ସମ୍ମୁଖୀନ ହେବା ଭଳି ଅର୍ଡର ଦିଆଯିବ ନାହିଁ। ତେବେ ପ୍ରତିଧ୍ୱନିକୁ ଏଡାଇବା ପାଇଁ ଭିଡିଓ କନଫରେନ୍ସିଂରେ ଶୁଣାଣି ବେଳେ ଜଣେ ମାତ୍ର ଯୁକ୍ତି ଉପସ୍ଥାପନ କରିପାରିବେ। ସେହିଭଳି ଭିଡିଓ କନଫରେନ୍ସିଂରେ ବିଚାରପତି ଓ ଆଇନଜୀବୀଙ୍କ ମଧ୍ୟରେ ବାର୍ତ୍ତାଳାପ ବେଳେ ନୀରବତା ଅବଲମ୍ବନ କରିବାକୁ ହାଇକୋର୍ଟ ନିବେଦନ କରିଛନ୍ତି। କୋର୍ଟ ରୁମ୍‌ରେ ସାମାଜିକ ଦୂରତା ରକ୍ଷା କରିବା ଏବଂ କରିଡରକୁ ଗହଳିମୁକ୍ତ କରିବାକୁ ହାଇକୋର୍ଟର ଡେପୁଟି ରେଜିଷ୍ଟ୍ରାର ଜୁଡିସିଆଲ ଏସ.କେ.ମିଶ୍ର ନିର୍ଦ୍ଦେଶନାମା ଜାରି କରିଛନ୍ତି।

## ଅପରେଶନ ଶୁଭଯାତ୍ରା

# ଆଜି ପହଞ୍ଚିବ ଶ୍ରମିକ ଟ୍ରେନ୍

**ଭୁବନେଶ୍ୱର, ୨।୫(ବ୍ୟୁରୋ)/ ଖୋର୍ଦ୍ଧା ଅଫିସ/ ଛତ୍ରପୁର (ଡି.ଏନ୍.ଏ.)**

- କେରଳରୁ ଟ୍ରେନ୍‌ରେ ଆସୁଛନ୍ତି ୨୩ ଜିଲାର ୧୧୫୦ ଶ୍ରମିକ
- କନ୍ଧମାଳର ସର୍ବାଧିକ ୩୮୨, ଦୁଇ ରାଜ୍ୟରୁ ଯାତ୍ରାରମ୍ଭ କରିବ ଆଉ ୩ ଟ୍ରେନ୍
- ସଞ୍ଜୀବ ଚୋପ୍ରା ରାଜ୍ୟ ନୋଡାଲ ଅଫିସର ନିଯୁକ୍ତ

ପ୍ରବାସୀ ଓଡ଼ିଆଙ୍କୁ ଫେରାଇ ଆଣିବା ପାଇଁ ରାଜ୍ୟ ସରକାର ବଳିଷ୍ଠ ପଦକ୍ଷେପ ଗ୍ରହଣ କରିଛନ୍ତି। ଏଥିପାଇଁ ଆରମ୍ଭ ହୋଇଛି 'ଅପରେଶନ ଶୁଭଯାତ୍ରା'। ଓଡ଼ିଆଙ୍କୁ ସସମ୍ମାନେ ଓ ସୁରକ୍ଷିତ ଫେରାଇ ଆଣିବା ଲକ୍ଷ୍ୟରେ ଆରମ୍ଭ ହୋଇଥିବା ଏହି ଅଭିଯାନ ବାହାର ରାଜ୍ୟରେ ଫସି ରହିଥିବା ଲକ୍ଷ ଲକ୍ଷ ପ୍ରବାସୀ ଓଡ଼ିଆଙ୍କ ଉତ୍କଣ୍ଠାକୁ ଆହୁରି ବଢ଼ାଇ ଦେଇଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ରାତିରୁ କେରଳରୁ ପ୍ରବାସୀ ଓଡ଼ିଆଙ୍କୁ ନେଇ ଭୁବନେଶ୍ୱର ଅଭିମୁଖେ ସ୍ୱତନ୍ତ୍ର ଶ୍ରମିକ ଟ୍ରେନ୍ ବାହାରିଛି। ଏଥିରେ ୧୧୫୦ଜଣ ଶ୍ରମିକ ଓଡ଼ିଶା ଫେରୁଛନ୍ତି। ଏହି ଟ୍ରେନ ରବିବାର ସକାଳ ପ୍ରାୟ ୭ଟାରେ ଓଡ଼ିଶାରେ ପହଞ୍ଚିବ ବୋଲି ଜଣାପଡ଼ିଛି। ତେବେ ଘରକୁ ବାହୁଡୁଥିବା ପ୍ରବାସୀଙ୍କ ମଧ୍ୟରେ ୨୩ ଜିଲାର ଶ୍ରମିକ ରହିଛନ୍ତି। କନ୍ଧମାଳର ସର୍ବାଧିକ ୩୮୨ଜଣ ଆସୁଥିବାବେଳେ



ବରିଷ୍ଠ ଅଧିକାରୀମାନେ ଖୋର୍ଦ୍ଧା ରୋଡ୍ ରେଳଷ୍ଟେଶନରେ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

କେନ୍ଦ୍ରାପଡ଼ାର ୨୮୩, ଗଞ୍ଜାମ ୧୩୦, ଭଦ୍ରକ ୯୮, କେନ୍ଦୁଝର ୮୮, ଯାଜପୁର ୪୪, ବାଲେଶ୍ୱର ୨୦, ପୁରୀ ଓ ରାୟଗଡ଼ା ୧୮, କଟକ ୧୬, ନୟାଗଡ଼ ୧୦, ଜଗତସିଂହପୁର ୯, ଖୋର୍ଦ୍ଧା ୭, ବୌଦ୍ଧ ୬, କଳାହାଣ୍ଡି, ମୟୂରଭଞ୍ଜ ଓ ନୁଆପଡ଼ା ୪, ନବରଙ୍ଗପୁର ୩, ଢେଙ୍କାନାଳ ୨, ବଲାଙ୍ଗୀର, ବରଗଡ଼, କୋରାପୁଟ ଓ ସମ୍ବଲପୁରର ଜଣେ ଲେଖାଏ ରହିଛନ୍ତି। ତେବେ ସମ୍ଭାବ୍ୟ ସଂକ୍ରମଣ ଏଡ଼ାଇବା ଲାଗି ଆବଶ୍ୟକ ପ୍ରସ୍ତୁତି ମଧ୍ୟ ହୋଇଛି। ସମସ୍ତ ଶ୍ରମିକଙ୍କୁ ଏକାଠି ସଙ୍ଗରୋଧ କେନ୍ଦ୍ରକୁ ନେବା କଷ୍ଟକର ହେବ। ତେଣୁ ଦୁଇଟି ଷ୍ଟେଶନରେ ଟ୍ରେନ୍ ରହିବ। ପ୍ରଥମେ ଗଞ୍ଜାମ ଜିଲାର ଜଗନ୍ନାଥପୁରରେ ଟ୍ରେନ ଅଟକିବ। ବ୍ରହ୍ମପୁର ଓ ଆଖପାଖ ଅଞ୍ଚଳର ଶ୍ରମିକମାନଙ୍କୁ ସେଠାରେ ଥିବା କ୍ୱାରାଣ୍ଟାଇନ୍ ସେଣ୍ଟରକୁ ନିଆଯିବ। ଏହାପରେ ଟ୍ରେନ୍‌ଟି ଖୋର୍ଦ୍ଧା ରୋଡ୍‌ରେ ପହଞ୍ଚିବ।

ସରକାରୀ ସୂତ୍ରରୁ ମିଳିଥିବା ସୂଚନାନୁସାରେ, ପ୍ରବାସୀଙ୍କୁ ଟ୍ରେନ୍‌ରେ ଓଡ଼ିଶା ଫେରାଇ ଆଣିବା କାର୍ଯ୍ୟ ପାଇଁ ଗୃହ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୀବ ଚୋପ୍ରାଙ୍କୁ ରାଜ୍ୟ ନୋଡାଲ ଅଫିସର ଭାବେ ନିଯୁକ୍ତ ଦିଆଯାଇଛି। ଫେରୁଥିବା ସମସ୍ତ ଶ୍ରମିକ ରାଜ୍ୟ ସରକାରଙ୍କ ପକ୍ଷରୁ ଉଦ୍ଦିଷ୍ଟ ପୋର୍ଟାଲ ମାଧ୍ୟମରେ ପଞ୍ଜୀକରଣ କରିଛନ୍ତି। ଟ୍ରେନ୍ ଚଢ଼ିବା ପୂର୍ବରୁ ସେଠାରେ ଡାକ୍ତରୀ ଯାଞ୍ଚ କରାଯାଇଛି। ମେଡିକାଲ ସାର୍ଟିଫିକେଟ ପାଇବା ପରେ ସେମାନେ ଓଡ଼ିଶା ଫେରୁଛନ୍ତି। ସେପଟେ ଆଉ ୩ଟି ଟ୍ରେନ୍ କେରଳ ଏବଂ ଗୁଜରାଟରୁ ଓଡ଼ିଶାବାସୀଙ୍କୁ ନେଇ ଯାତ୍ରା ଆରମ୍ଭ କରିବ ବୋଲି ଜଣାପଡ଼ିଛି। ଗୁଜରାଟର ସୁରଟରୁ ଦୁଇଟି ଟ୍ରେନ୍ ଆସି ବ୍ରହ୍ମପୁର ରେଳ ଷ୍ଟେଶନରେ ପହଞ୍ଚିବାକୁ ଥିବାବେଳେ କେରଳର ଏର୍ନାକୁଲମରୁ ଗୋଟିଏ ଟ୍ରେନ ପ୍ରବାସୀ ଶ୍ରମିକଙ୍କୁ ନେଇ ଖୋର୍ଦ୍ଧା ରୋଡ୍‌ରେ ପହଞ୍ଚିବ। ଏହାପରେ ସମସ୍ତ ଫେରନ୍ତାଙ୍କୁ ପ୍ରଶାସନ ପକ୍ଷରୁ ବସ୍‌ରେ ଗନ୍ତବ୍ୟସ୍ଥଳରେ ପହଞ୍ଚାଇ ଦିଆଯିବା ସହ ୧୪ଦିନ ପାଇଁ ସଙ୍ଗରୋଧ କେନ୍ଦ୍ରକୁ ପଠାଯିବ।

ସୂଚନାଯୋଗ୍ୟ, ଲକ୍‌ଡାଉନ୍ ପାଇଁ ଫସି ରହିଥିବା ଶ୍ରମିକ, ଛାତ୍ର ଏବଂ ପର୍ଯ୍ୟଟକଙ୍କ ଘରବାହୁଡ଼ା ଲାଗି ୧୩ଟି ଟ୍ରେନ୍ ଭାରତର ବିଭିନ୍ନ ସ୍ଥାନକୁ ଚଳାଚଳ କରିବାର କାର୍ଯ୍ୟକ୍ରମ ରହିଛି। ଗୃହ ମନ୍ତ୍ରାଳୟର ନିର୍ଦ୍ଦେଶ ଅନୁଯାୟୀ ସମସ୍ତ ଟ୍ରେନ୍ କେବଳ 'ପଏଣ୍ଟ ଟୁ ପଏଣ୍ଟ' ଚାଲିବ। ତେବେ ଅନ୍ୟ ଟ୍ରେନ୍‌ଗୁଡ଼ିକରେ ଓଡ଼ିଶାକୁ ଯାତ୍ରୀ ଆସିବାର ନ ଥିଲେ ମଧ୍ୟ କେତେକ ଟ୍ରେନ ରାଜ୍ୟ ଦେଇ ଚଳାଚଳ କରିବ ବୋଲି ସୂଚନା ମିଳିଛି।

## ଗଣମାଧ୍ୟମକୁ ଷ୍ଟେଶନ, କ୍ୱାରାଣ୍ଟାଇନ୍ ସେଣ୍ଟର ମନା

**ଭୁବନେଶ୍ୱର, ୨।୫(ବ୍ୟୁରୋ)**

ଟ୍ରେନ୍ ଓ ବସ୍ ଯୋଗେ ବିଭିନ୍ନ ରାଜ୍ୟରୁ ପ୍ରବାସୀ ଓଡ଼ିଆଙ୍କ ଘର ବାହୁଡ଼ା ଆରମ୍ଭ ହୋଇଛି। ଆଗକୁ ଲକ୍ଷ ଲକ୍ଷ ପ୍ରବାସୀ ଓଡ଼ିଶା ଫେରିବେ। କରୋନା ସଂକ୍ରମଣ ସହଜରେ ଜଣାପଡୁ ନ ଥିବାରୁ ଫେରନ୍ତାଙ୍କୁ ନେଇ ଚିନ୍ତା ବଢ଼ିଛି। ସଂକ୍ରମଣ ଏଡ଼ାଇବା ପାଇଁ ଗଣମାଧ୍ୟମ ଉପରେ ରାଜ୍ୟ ସରକାର କଟକଣା ଜାରି କରିଛନ୍ତି। ଗଣମାଧ୍ୟମ ପ୍ରତିନିଧିମାନେ ରେଳ ଷ୍ଟେଶନ ବା ଅନ୍ୟ କୌଣସି ଚେକ୍ ପଏଣ୍ଟକୁ ନ ଯିବା ପାଇଁ କୁହାଯାଇଛି। ସେହିପରି କ୍ୱାରାଣ୍ଟାଇନ ବା ଆଇସୋଲେଶନ ସେଣ୍ଟରକୁ ଯିବା ପାଇଁ ମଧ୍ୟ ସେମାନଙ୍କୁ ବାରଣ କରାଯାଇଛି।

**ପଞ୍ଚମ ଜନ୍ମଦିନ ଶୁଭେଚ୍ଛା**



**ଶାନ୍‌ଭି ମଲ୍ଲିକ (ରିଧି)**
ହାଲ୍ ସୁନାବେଡ଼ା, କୋରାପୁଟ
ଆଜି ତୋର ପଞ୍ଚମ ଜନ୍ମଦିନ ଅବସରରେ ଜଗତର ନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ତୋର ଚଲାପଥ କୁସୁମିତ କରିବା ସଙ୍ଗେ ସଙ୍ଗେ ଭବିଷ୍ୟତ ଉଜ୍ଜ୍ୱଳମୟ, ମଙ୍ଗଳମୟ, ଦୀର୍ଘାୟୁ ଓ ଯଶସ୍ୱୀ କରାନ୍ତୁ ଏତିକି କାମନା।
**-:ଶୁଭେଚ୍ଛା ସହ:-**
ଜେଜେ ବାପା, ଜେଜେ ମାଆ, ବାପା, ମାଆ, ବଡ଼ ବାପା, ବଡ଼ ମାଆ, ଦାଦା, ଖୁଡ଼ୀ, ଅଜା-ଆଈ, ମାମୁ ଏବଂ ବନ୍ଧୁ ପ୍ରିୟଜନବର୍ଗ।
ଧ-୧୭୨୬୯

# ମଦ ଫ୍ୟାକ୍ଟ୍ରି ଖୋଲିବାକୁ ଲୋଡ଼ିଲେ ଅନୁମତି

## ଲକ୍‌ଡାଉନ୍ ହଟିବା ପରେ ବଢ଼ିବ ମଦର ଚାହିଦା

**କଟକ ଅଫିସ,୨।୫**

ଲକ୍‌ଡାଉନ୍ ହଟିବା ପରେ ମଦର ଚାହିଦା ବଢ଼ିବ। ବର୍ତ୍ତମାନ ମଦ ଫ୍ୟାକ୍ଟ୍ରିଗୁଡ଼ିକ ବନ୍ଦ ରହିଥିବା ଯୋଗୁ ଷ୍ଟକ୍ ମଧ୍ୟ ସୀମିତ ରହିଛି। ଲକ୍‌ଡାଉନ୍ ପରବର୍ତ୍ତୀ ପରିସ୍ଥିତିରେ ଆବଶ୍ୟକତାକୁ ଦେଖି ମହଜୁଦ୍ ମଦ ନିଅଣ୍ଟ ହେବ। ଏଣୁ ତୁରନ୍ତ ମଦ ଫ୍ୟାକ୍ଟ୍ରିଗୁଡ଼ିକ ଖୋଲିବା ପାଇଁ ଅନୁମତି ଲୋଡ଼ିଛନ୍ତି ଅବକାରୀ କମିଶନର୍ ଅଞ୍ଜନ କୁମାର ମାଣିକ। ଏ ନେଇ ସେ ଏକ ପତ୍ର ରାଜ୍ୟ ଅବକାରୀ ବିଭାଗର ପ୍ରମୁଖ ସଚିବଙ୍କ ନିକଟକୁ ଲେଖିଛନ୍ତି।

ଚିଠିରେ ଉଲ୍ଲେଖ କରାଯାଇଛି ଯେ, ଲକ୍‌ଡାଉନ୍ ଘୋଷଣା ହେବା ପରେ ମାର୍ଚ୍ଚ ୨୫ ତାରିଖ ଠାରୁ ମଦ ଫ୍ୟାକ୍ଟ୍ରିଗୁଡ଼ିକ ବନ୍ଦ ରହିଛି। ଏଥିରେ ରହିଛି ୧୨ଟି ବଟଲିଙ୍ଗ୍ ପ୍ଲାଣ୍ଟ, ୨ଟି ଡିଷ୍ଟିଲେରିଜ୍(ଆଲକହଲ୍ ପ୍ରସ୍ତୁତକାରୀ ଫ୍ୟାକ୍ଟ୍ରି), ୫ଟି ବ୍ରିୱରିଜ୍ (ବିୟର୍ ତିଆରି ଫ୍ୟାକ୍ଟ୍ରି)। ଅନ୍ୟାନ୍ୟ ସାମଗ୍ରୀ ପ୍ରସ୍ତୁତକାରୀ କେତେକ କାରଖାନାକୁ ଲକ୍‌ଡାଉନ୍ ସମୟରେ ଖୋଲିବା ପାଇଁ ସରକାର ଅନୁମତି ପ୍ରଦାନ କରିଛନ୍ତି। ଏଣୁ ମଦ ଫ୍ୟାକ୍ଟ୍ରିଗୁଡ଼ିକୁ ମଧ୍ୟ ଖୋଲିବା ପାଇଁ ଅନୁମତି ପ୍ରଦାନ ଦିଗରେ ସରକାର ବିଚାର କରିପାରନ୍ତି। ବର୍ତ୍ତମାନ ମଦ ଦୋକାନ ଏବଂ ଓଡ଼ିଶା ଷ୍ଟେଟ ବେଭରେଜ କର୍ପୋରେଶନ ଲିମିଟେଡ (ଓଏସ୍‌ବିସିଏଲ୍)ରେ ଯେତିକି ମଦ ମହଜୁଦ ଅଛି, ତାହା କିଛି ଦିନର ଚାହିଦାକୁ ପୂରଣ କରିପାରିବ। କିନ୍ତୁ ଅଳ୍ପଦିନ ପରେ ମହଜୁଦ ମଦ ସରିଯିବ। ଅନ୍ୟପଟେ ଫ୍ୟାକ୍ଟ୍ରିଗୁଡ଼ିକରେ ଥିବା ଉପକରଣ ଏବଂ ମଦ ପ୍ରସ୍ତୁତକାରୀ ସାମଗ୍ରୀ ନଷ୍ଟ ହୋଇଯିବାର ଆଶଙ୍କା ରହିଛି। ଏଣୁ ମଦ ଫ୍ୟାକ୍ଟ୍ରିଗୁଡ଼ିକ ଖୋଲିବା ପାଇଁ ବିଚାର କରାଯାଉ। ଯେଉଁମାନେ ଖୋଲିବା ପାଇଁ ଆଗ୍ରହୀ, ସେମାନଙ୍କୁ ୫୦ ପ୍ରତିଶତ କର୍ମଚାରୀଙ୍କୁ ନେଇ କାର୍ଯ୍ୟ କରିବାକୁ ଅନୁମତି ଦିଆଯାଉ। ଏଥି ସହ ଫ୍ୟାକ୍ଟ୍ରିରେ ସାନିଟାଇଜେଶନ୍, ମାସ୍କ ବ୍ୟବହାର ଏବଂ ସାମାଜିକ ଦୂରତାକୁ ଗୁରୁତ୍ୱ ଦିଆଯିବ। ସମସ୍ତ ପ୍ରକାର କରୋନା କଟକଣା ମାନିବାକୁ କୁହାଯାଉ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି। ଅନ୍ୟପକ୍ଷରେ ଶୁକ୍ରବାର କେନ୍ଦ୍ର ଗୃହମନ୍ତ୍ରଣାଳୟ ପକ୍ଷରୁ ଜାରି ନିର୍ଦ୍ଦେଶନାମାରେ ଗ୍ରୀନ୍ ଜୋନ୍‌ରେ ମଦ ବିକ୍ରି ପାଇଁ ଅନୁମତି ଦିଆଯାଇଛି। ପ୍ରାୟ ଦେଢ଼ ମାସ ବ୍ୟବଧାନରେ ମଦ ଦୋକାନ ଖୋଲୁଥିବା ଯୋଗୁ ଚାହିଦା ବଢ଼ିବ ବୋଲି କୁହାଯାଉଛି।

**CUTTACK MUNICIPAL CORPORATION**
**"e" PROCUREMENT NOTICE**
**Tender ID : 2020_ORULB_60841**
**Bid Reference No. MC(CMC)CTC_Div-I_No10/2020-21**
**Short Tender Call Notice No. 1221 (PW) Date.02.05.2020**

Name of Works : Repair of different HP of Diesel pump sets of C.M.C for the year 2020
No of Works : 1 Nos
Bid Value : Rs. 8.14 Lakh
Period of Completion : One Calendar Month
Date and Time schedule :

| Start | End | Opening |
|---|---|---|
| 3.00 PM on dt. 05.05.2020 | 5.00 PM on dt.12.05.2020 | 5.30 P.M. on dt. 14.05.2020 |

Tender Details : can be seen from the procurement portal : www.tendersorissa.gov.in

**Executive Engineer, City Division-I**

**ବାସ୍ ଦୁଃଖ ଏବେ ଆଉ ନୁହେଁ**
ଦୁଃଖକୁ ଖୁସିରେ ବଦଳାଉଥିବା ରୁହାନୀ ଓ କଳା ବିଦ୍ୟାରେ ନିପୁଣ
2 ଘଣ୍ଟାରେ 100% ଗ୍ୟାରେଣ୍ଟି ସହ ସମାଧାନ
ଆପଣ କୌଣସି ସମସ୍ୟାକୁ ନେଇ ବିବ୍ରତ ଥିଲେ ଏବେ ହିଁ ଫୋନ୍ କରି ଘରେ ବସି ସମାଧାନ କରାନ୍ତୁ
ପ୍ରେମ ବିବାହ, ଗୃହ କ୍ଳେଶ, ବିବାହରେ ବାଧା, ସଉତୁଣୀ ଶତ୍ରୁଙ୍କଠାରୁ ମୁକ୍ତି, ପୋତାଧନ, ବ୍ୟବସାୟରେ ବନ୍ଧନ, କୁଆ-ସଢ଼ା, ଭୂତ-ପ୍ରେତ, ପ୍ରେମ-ପ୍ରଣୟ, ଗୁଣିଗାରେଡ଼ି
ସ୍ପେ. ବଶୀକରଣ ଓ ମୁଠକରଣୀ
ଆପଣଙ୍କ ଝିଅକୁ ଆପଣଙ୍କ ସ୍ୱାମୀ, ବାହାରର କୌଣସି ବ୍ୟକ୍ତି କିମ୍ବା ଶାଶୁଘର ଲୋକ ହଇରାଣ କରୁଛନ୍ତି କି ।
**ବାବା ଆମିଲ ସୁଫି** ଗୋଲ୍ଡ ମେଡାଲିଷ୍ଟ
ଠିକଣା ସିଟି ବସ୍ ଷ୍ଟାଣ୍ଡ ଅଜମେର ଓ୍ୱାଲେ
**9650446732**
**9971793786**

# ରାଜ୍ୟର ୧୪ ସହରରେ କମିଛି ପ୍ରଦୂଷଣ

## ଭୁବନେଶ୍ୱର, ବ୍ରହ୍ମପୁରରେ ସର୍ବାଧିକ ୬୦ ପ୍ରତିଶତ ହ୍ରାସ

**ଭୁବନେଶ୍ୱର, ୨।୫(ବ୍ୟୁରୋ):** ଲକ୍‌ଡାଉନ୍ ଯୋଗୁ ଗାଡ଼ି ଚଳାଚଳ ଉପରେ କଟକଣା ଲାଗୁ କରାଯାଇଛି। ଫଳରେ ରାଜ୍ୟର ୧୪ ସହରରେ ଏବେ ବାୟୁ ପ୍ରଦୂଷଣ ମାତ୍ରା କମିଛି। କେତେକ ସହରର ବାୟୁର ଗୁଣବତ୍ତା ଭଲ ରହିଥିବାବେଳେ ଆଉ କେତେକ ସହରରେ ସନ୍ତୋଷଜନକ ସ୍ଥିତିରେ ଥିବା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି। ବାୟୁ ପ୍ରଦୂଷଣର ସୂଚକାଙ୍କ ଅନୁସାରେ ଭୁବନେଶ୍ୱର ଓ ବ୍ରହ୍ମପୁରରେ ପ୍ରଦୂଷଣର ମାତ୍ରା ସର୍ବାଧିକ ୬୦ ପ୍ରତିଶତ କମିଛି। ଝାରସୁଗୁଡ଼ାରେ ୫୩, ଅନୁଗୋଳ, ତାଳଚେର ସହିତ ଅନ୍ୟ ସହରଗୁଡ଼ିକରେ ୩୦ରୁ ୩୭ ପ୍ରତିଶତ ପ୍ରଦୂଷଣ ମାତ୍ରା କମିଛି। ଯେବେଠାରୁ ସାରା ଦେଶରେ ଲକଡାଉନ୍ ଆରମ୍ଭ ହୋଇଛି ତାହାର କିଛି ଦିନ ପରେ ବାୟୁ ପ୍ରଦୂଷଣ ମାତ୍ରା କମିବାରେ ଲାଗିଛି। ତେଣୁ ଲୋକେ ପୂର୍ବ ଅପେକ୍ଷା ଅଧିକ ସ୍ୱଚ୍ଛ ବାୟୁ ନେଉଛନ୍ତି ବୋଲି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ କୁହାଯାଇଛି।

# ପ୍ରବାସୀଙ୍କ ସୁରକ୍ଷା ପାଇଁ ରଣନୀତି

## ବରିଷ୍ଠ ପୋଲିସ ଅଧିକାରୀଙ୍କ ସହ ଡିଜିପିଙ୍କ ଆଲୋଚନା



- ଷ୍ଟେଶନ, ସଙ୍ଗରୋଧ କେନ୍ଦ୍ରରେ ଅଧିକ ପୋଲିସ ମୁତୟନ ହେବେ

**କଟକ ଅଫିସ,୨।୫**

ବାହାର ରାଜ୍ୟରେ କାମ କରୁଥିବା ପ୍ରବାସୀ ଶ୍ରମିକଙ୍କ ଓଡ଼ିଶା ଫେରିବା ଆରମ୍ଭ ହୋଇଗଲାଣି। ସ୍ୱତନ୍ତ୍ର ଟ୍ରେନ୍ ଏବଂ ବସ୍‌ରେ ସେମାନେ ଓଡ଼ିଶା ଫେରୁଛନ୍ତି। ଏହାକୁ ନେଇ ରଣନୀତି ପ୍ରସ୍ତୁତ କରିଛି ରାଜ୍ୟ ପୋଲିସ। ଶନିବାର ରାଜ୍ୟର ବରିଷ୍ଠ ପୋଲିସ ଅଧିକାରୀ ଯଥା ଆଇଜି, ଡିଆଇଜି ଏବଂ ଏସ୍‌ପିମାନଙ୍କ ସହ ଭିଡିଓ କନ୍‌ଫରନ୍ସିଂରେ ଏନେଇ ଆଲୋଚନା କରିଛନ୍ତି ଡିଜିପି ଅଭୟ। ସୀମାରେ କଡ଼ାକଡ଼ି ଯାଞ୍ଚକୁ ଗୁରୁତ୍ୱ ଦିଆଯାଇଛି।

ଆନ୍ତଃ ରାଜ୍ୟ ତନଖି ଫାଟକଗୁଡ଼ିକର ଠିକ୍ ପରିଚାଳନା ଉପରେ ଡିଜିପି ଅଭୟ ଆଲୋଚନା କରିଥିଲେ। ପ୍ରବାସୀ ଶ୍ରମିକମାନେ ରାଜ୍ୟ ଭିତରେ ପ୍ରବେଶ କରିବା ପରେ କିଭଳି ଭାବେ ଗନ୍ତବ୍ୟ ସ୍ଥଳରେ ସୁରକ୍ଷିତ ଭାବେ ପହଞ୍ଚିପାରିବେ ସେ ସମ୍ପର୍କରେ ଡିଜିପି ଗୁରୁତ୍ୱ ଦେଇଥିଲେ। ଟ୍ରେନ୍‌ରେ ପହଞ୍ଚିବା ସ୍ଥଳରେ ପର୍ଯ୍ୟାପ୍ତ ପୋଲିସ ମୁତୟନ କରାଯିବ ଓ ସେମାନଙ୍କ ରହଣି ସ୍ଥାନରେ କଡ଼ା ପୋଲିସ ପହରା ଦିଆଯିବ। ବିଶେଷକରି ଗ୍ରାମାଞ୍ଚଳରେ ପ୍ରସ୍ତୁତ କରାଯାଇଥିବା ସଙ୍ଗରୋଧ କେନ୍ଦ୍ରଗୁଡ଼ିକର ସୁରକ୍ଷା ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ଡିଜିପି ବରିଷ୍ଠ ପୋଲିସ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଅନ୍ୟପକ୍ଷରେ ଅତ୍ୟଧିକ ଦୁର୍ବଳ କିମ୍ବା ଅସୁସ୍ଥ ପୋଲିସ କର୍ମଚାରୀଙ୍କୁ କଷ୍ଟଦାୟକ କାର୍ଯ୍ୟରେ ନିୟୋଜିତ ନ କରିବା ପାଇଁ ପୂର୍ବରୁ ଦିଆଯାଇଥିବା ନିର୍ଦ୍ଦେଶକୁ ପାଳନ କରିବାକୁ କୁହାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ଫଣ୍ଡ ଅର୍ଥକୁ ଠିକ୍ ଭାବେ ବିନିଯୋଗ କରିବା, ଲକ୍‌ଡାଉନ୍ ଓ ଆନୁଷଙ୍ଗିକ କାର୍ଯ୍ୟରେ ସ୍ୱତନ୍ତ୍ର ସୁରକ୍ଷା ବାଟାଲିୟନ୍‌କୁ ମୁତୟନ, ବିଭିନ୍ନ ସାମଗ୍ରୀର ନିଲାମ୍, ପୋଲିସ କର୍ମଚାରୀଙ୍କ କଲ୍ୟାଣ ଏବଂ ଲକ୍‌ଡାଉନ୍ ନିୟମର କାର୍ଯ୍ୟକାରିତା ବିଷୟରେ ଆଲୋଚନା ହୋଇଥିଲା। ଏହି ଆଲୋଚନାରେ ପୋଲିସ ମୁଖ୍ୟାଳୟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

**DIRECTORATE OF TECHNICAL EDUCATION AND TRAINING, ODISHA**
At: Killamaidan, P.O.- Buxibazar, Cuttack - 1

**ଆଇଟିଆଇ ଓ ପଲିଟେକ୍ନିକ୍‌ଗୁଡ଼ିକରେ COVID-19 Lockdown ସମୟରେ ଶ୍ରେଣୀଗୃହରେ ପଢ଼ା ହୋଇପାରିନଥିବା ବିଷୟଗୁଡ଼ିକର ଦୂରଦର୍ଶନ ପ୍ରସାରଣ**

No.: KK- ଏତଦ୍ୱାରା ଆଇଟିଆଇ ଓ ପଲିଟେକ୍ନିକମାନଙ୍କର ଅନ୍ତିମ ବର୍ଷ ଛାତ୍ରୀ ଓ ଛାତ୍ରମାନଙ୍କୁ ଜଣାଇଦିଆଯାଉଛି ଯେ COVID-19 Lockdown ସମୟରେ ଅନୁଷ୍ଠାନ ଶ୍ରେଣୀଗୃହରେ ପଢ଼ା ହୋଇପାରିନଥିବା ବିଷୟଗୁଡ଼ିକର ଦୂରଦର୍ଶନ ପ୍ରସାରଣ ଡିଡି-ଓଡ଼ିଆରେ ତା୪।୫।୨୦୨୦ରୁ ପ୍ରତ୍ୟହ ଦିନ ୧୦ଟାରୁ ୧୧ଟା (ଆଇଟିଆଇ) ଓ ଅପରାହ୍ନ ୨ଟାରୁ ୩ଟା (ପଲିଟେକ୍ନିକ) ଉପଲବ୍ଧ ହେବ। ସମସ୍ତ ଛାତ୍ରୀ ଓ ଛାତ୍ରମାନେ ଏହି ସୁଯୋଗର ଭରପୂର ଫାଇଦା ନେବାକୁ ଅନୁରୋଧ

ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶକ, ଓଡ଼ିଶା, କଟକ
OIPR-14004/11/0003/2021

**MARKFED - ODISHA**
(Odisha State Co-operative Marketing Federation Ltd.)
Old Station Road, Bhubaneswar - 751006
Tel. No.: (0674) 2310626, Fax No.: (0674) 2311149
E-mail: odishamarkfed@gmail.com / markfert@rediffmail.com
Website: www.markfedodisha.nic.in
Tender Notice No.: 1304 Dated: 02.05.2020

**TENDER CALL NOTICE**

MARKFED invites sealed tenders under two bid system from Insurance Companies registered with IRDA having valid certificate for insurance coverage of Rs.55.00 (Fifty five) crore (Rs.45.00 crore own stock & Rs.10.00 crore warehouse stock) Fertilizers stock from 13.05.2020 to 12.05.2021 stored at different godowns of MARKFED located throughout the State against the risk of Fire & allied perils, Earthquake, STFI, Terrorism cover (RSMTD), Burglary, House breaking & theft.
The bidders are required to submit the premium rates separately for each item as per terms and conditions of Floater Declaration Policy. The duly filled in bid documents should be submitted by Speed Post/Registered Post/Courier Services/ Process of dropping in the tender box kept in the Chamber of P.S. to M.D. in all working days within office hours latest by 2.00 P.M. on 11.05.2020. The Technical Bid will be opened on 11.05.2020 at 3.00 P.M. & Financial Bid of eligible technical bidder will be opened on 11.05.2020 at 5.00 P.M.
For details, please visit **Government of Odisha website (www.coopodisha.in)** or MARKFED website **(www.markfedodisha.nic.in)**.

**Sd./- Managing Director**

**Odisha State Health & Family Welfare Society, Govt. of Odisha**
**Deptt. of Health & Family Welfare, Govt. of Odisha**
Annex Building of SIH&FW, Nayapalli, Unit-8, Bhubaneswar - 751012
District - Khordha (Odisha), Phone/Fax: 0674-2392480/79
Adv. No.: 08/2020 Date: 03.05.2020

**WALK-IN-INTERVIEW**

No.: E- Walk-in-Interview will be conducted as scheduled below for filling up the following position under **National Health Mission, Odisha** on contractual basis with monthly remuneration as noted against each and subject to renewal as per OSH&FW Society terms and conditions. The positions are purely temporary and co-terminus with the Scheme. Lower age limit for all the post is 21 years as on **Dt.01.04.2020**.

| Sl. No. | Name of the Post | No. of Vacancy | Remuneration (in Rs.), Performance Incentive & other allowances as admissible | Date of Registration / Interview |
|---|---|---|---|---|
| 01 | Epidemiologist | 04 | Rs.58,344 + PI | 12.05.2020 |
| 02 | Microbiologist, IDSP/RNTCP | 03 | Rs.42,833/- + PI | 13.05.2020 |

Interested candidates can log on to **www.nhmodisha.gov.in** for details of vacancy, eligibility criteria, age, application form etc. Candidates fulfilling the eligibility criteria may appear for registration and consequently for Interview if eligible, on the date as mentioned against each post. **Registration timing will be from 10.30 A.M. to 12 Noon only on Walk-in-Interview dates.** No application will be received after scheduled date & time of registration.
**Venue: Mission Directorate (National Health Mission), Annex Building of SIH&FW, Nayapalli, Unit - 8, Bhubaneswar, Dist.- Khordha, PIN - 751012, Odisha.**

**Sd./- Mission Director, NHM**
**Member Secretary, OSH&FWS, Odisha**
OIPR-10084/11/0003/2021

**Odisha State Health & Family Welfare Society, Govt. of Odisha**
**Deptt. of Health & Family Welfare, Govt. of Odisha**
Annex Building of SIH&FW, Nayapalli, Unit-8, Bhubaneswar - 751012
District - Khordha (Odisha), Phone/Fax: 0674-2392480/79
Adv. No.: 10/2020 Date: 03.05.2020

**WALK-IN-INTERVIEW**

No.: E- Walk-in-Interview will be conducted as scheduled below for filling up the following position under **National Health Mission, Odisha** on contractual basis with monthly remuneration as noted and subject to renewal as per OSH&FW Society terms and conditions. The position is purely temporary and co-terminus with the Scheme. Lower age limit for all the post is 21 years as on **Dt.01.04.2020**.

| Sl. No. | Name of the Post | No. of Vacancy | Remuneration (in Rs.), Performance Incentive & other allowances as admissible | Date of Registration / Interview |
|---|---|---|---|---|
| 01 | Consultant Training / Technical, IDSP | 01 | Rs.53,483 + P1 | 14.05.2020 |

Interested candidates can log on to **www.nhmodisha.gov.in** for details of vacancy, eligibility criteria, age, application form etc. Candidates fulfilling the eligibility criteria may appear for registration and consequently for Interview if eligible, on the date as mentioned against each post. **Registration timing will be from 10.30 A.M. to 12 Noon only on Walk-in-Interview dates.** No application will be received after scheduled date & time of registration.
**Venue: Mission Directorate (National Health Mission), Annex Building of SIH&FW, Nayapalli, Unit - 8, Bhubaneswar, Dist.- Khordha, PIN - 751012, Odisha.**

**Sd./- Mission Director, NHM**
**Member Secretary, OSH&FWS, Odisha**
OIPR-10084/11/0001/2021

**OFFICE OF THE SUPERINTENDENT**
**MAHARAJA KRISHNA CHANDRA GAJAPATI MEDICAL COLLEGE HOSPITAL**
BERHAMPUR - 760004, GANJAM, ODISHA
No.: 4531/MCH/Covid-19/2020 Dt/Berhampur the 01.05.2020

**ADVERTISEMENT**

No.: E- Applications are invited from eligible candidates including retired personnnel's for temporary engagement against the following category of posts till 30.06.2020 for VDRL/Labs. of this hospital to augment/initiate the testing capacity for COVID-19.

| Sl. No. | Category of the Post | No. of Posts | Qualification | Daily Remuneration (Inclusive of Incentive) | Date & time of Walk-in-Interview & Venue |
|---|---|---|---|---|---|
| 1 | Research Scientist | 01 | M.D. Microbiology | Rs.2,166/- | On 05.05.2020 (11.00 A.M. to 1.00 P.M.) Venue: O/o. Superintendent, M.K.C.G. Medical College Hospital, Berhampur |
| 2 | Research Scientist (Non-Medical) | 01 | M.Sc. Medical Microbiology / Bio Technology preference will be given to Ph.D holders | Rs.2,000/- | |
| 3 | Research Assistant | 01 | M.Sc. Medical Microbiology / Bio-Technology | Rs.1,000/- | |
| 4 | Lab. Technician | 02 | Must have passed +2 Science Examination under Council of Higher Secondary Education, Odisha / Equivalent and Diploma in Medical Laboratory Technology from Govt. Medical College & Hospitals of the State/any other Private Institutions recognized by Govt. of Odisha or All India Council of Technical Education | Rs.1,000/- | |

Interested candidates fulfilling the eligibility criteria can attend the Walk-in-Interview as per the scheduled programme with the following documents:
1. Duly filled in and signed application in prescribed format.
2. Any photo ID Card (AADHAR, PAN, Voter ID etc.)
3. Original testimonials for verification.
4. Two pass port size color photographs.
5. A set of self attested (full signature) photocopy of all required documents.

**Preference shall be given to retired personnels.**
The details regarding qualification, age, prescribed format, selection criteria etc. may be visit website: **www.ganjam.nic.in/ www.mkcgmch.org**.

**Sd./- Superintendent, MKCG Medical College Hospital, Berhampur**
**OIPR - 10013/11/0003/2021**

ମୁଁ ଜଣେ ଭକ୍ତ ନୁହେଁ, ମୁଁ ମଧ୍ୟ ଜ୍ଞାନୀ ନୁହେଁ। ମୁଁ ମଧ୍ୟ ଭଗବାନଙ୍କର ଜଣେ କର୍ମୀ ନୁହେଁ। ମୁଁ ତା'ହେଲେ କ'ଣ ? ମୁଁ ପ୍ରଭୁଙ୍କ ହାତରେ ଏକ ଯନ୍ତ୍ର। ମୁଁ ସେହି ଗୋପାଳ ଭଗବାନ ବଜାଉଥିବା ଖଣ୍ଡିଏ ବଂଶୀ ମାତ୍ର। ପ୍ରଭୁଙ୍କ ଶ୍ୱାସ– ପବନରେ ଉଡ଼ିଯାଉଥିବା ପତ୍ରଟିଏ। –ଶ୍ରୀଅରବିନ୍ଦ



# ସାଂଘାତିକ ଝଟକା



ଆକାର ପଟେଲ

ଦେଶରେ ଲକ୍‌ଡାଉନ ଜାରି ରହିଛି। ଏହି ସ୍ଥିତିରେ ଅର୍ଥ ବ୍ୟବସ୍ଥାରେ ଅବନତି ଘଟୁଛି। ପୂର୍ବରୁ ଦେଶକୁ ମଧ୍ୟ ଏଭଳି ଝଟକା ଲାଗିଥିଲା। ସେତେବେଳେ ଆମେ ସେଥିରୁ ଯେମିତି ମୁକୁଳିଥିଲୁ ତା' ଅପେକ୍ଷା ସହଜରେ ଆମେ ଏଥିରୁ ବାହାରି ଆସିବୁ ବୋଲି କାହିଁକି ଭାବୁଛୁ ? ଭାରତର ଏବକାର ଅର୍ଥ ବ୍ୟବସ୍ଥାର ମୁଖ୍ୟ ସମସ୍ୟା ହେଉଛି ଡେଟା ବା ତଥ୍ୟ। ଅର୍ଥ ବ୍ୟବସ୍ଥାରେ ଡେଟା ଅଭାବ ବିଷୟରେ ସରକାର ଓ ପ୍ରଧାନମନ୍ତ୍ରୀ ଭଲ ଭାବେ ଜାଣିଛନ୍ତି ଏବଂ ସେମାନେ ଏହି ସମସ୍ୟାକୁ ଦୂର କରିବା ପାଇଁ ଚେଷ୍ଟା କରିଛନ୍ତି, ଯଦିଓ ସେମାନେ ସେତେଟା ସଫଳ ହୋଇପାରିନାହାନ୍ତି। ସମସ୍ୟା ସମ୍ବନ୍ଧରେ ଏବେ ଆଲୋଚନା କରିବା। ଅଣସଂଗଠିତ କ୍ଷେତ୍ର ଉପରେ ଭାରତର ଅର୍ଥନୀତି ଅଧିକ ନିର୍ଭରଶୀଳ। ଏହି କ୍ଷେତ୍ରରେ ଅର୍ଥନୈତିକ ପ୍ରକ୍ରିୟାରେ ପ୍ରତ୍ୟକ୍ଷ ଟିକସ ବ୍ୟବସ୍ଥା ନାହିଁ କି ଏଗୁଡିକ ପଞ୍ଜୀକୃତ ମଧ୍ୟ ହୋଇପାରିନାହାନ୍ତି। ଏ କ୍ଷେତ୍ରରେ କେବଳ ପରିବାର ଲୋକଙ୍କୁ ଶ୍ରମିକ ଭାବେ ବ୍ୟବହାର କରୁଥିବା ପ୍ରାୟ ସବୁ ବିଜନେସ ,ପାନବାଲା, ସବ୍‌ଜିବାଲା, ଦୋକାନୀ, ଶ୍ରମିକ ଏବଂ ଶ୍ରମିକ ଠିକାଦାର, ଅଧିକାଂଶ କୃଷକ, ଘରୋଇ ଶ୍ରମିକ, ବ୍ୟବସାୟୀ ଏବଂ କେତେକ ପ୍ରଫେଶନାଲ ଆଦି ରହିଛନ୍ତି। ସରକାରଙ୍କ ୨୦୧୮–୨୦୧୯ ଅର୍ଥନୈତିକ ସର୍ଭେ ରିପୋର୍ଟରୁ ଜଣାପଡିଛି ଯେ, ୧୦ ଜଣ ଭାରତୀୟ ଶ୍ରମିକଙ୍କ ମଧ୍ୟରୁ ୯ ଜଣ ଅଣସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି। ଏଣୁ ଏଥିରୁ ବୁଝା ପଡୁଛି, ସଂଗଠିତ କ୍ଷେତ୍ର ଅପେକ୍ଷା ଏହାର ଗୁରୁତ୍ୱ ତଥା ଆବଶ୍ୟକତା ଢେର ବେଶୀ।

ତେବେ ଭାରତରେ ଅଣସଂଗଠିତ କ୍ଷେତ୍ରର ଆକାର ବିଷୟରେ ଆମେ ଜାଣିନାହୁଁ। ଯଦିଓ ଏହା ରାଜ୍ୟ ସହିତ ଟିକସ କାରବାରରେ ଅଧିକ ଜଡିତ ନ ଥିବାରୁ ସରକାର ଏହାର ସ୍ଥିତି ବିଷୟରେ କିଛି ଜାଣିପାରନ୍ତି ନାହିଁ। ଦ୍ୱିତୀୟ ସମସ୍ୟା ହେଉଛି, ଅଣସଂଗଠିତ ଅର୍ଥ ବ୍ୟବସ୍ଥା ମଧ୍ୟରୁ କତେକ ମଧ୍ୟ ସଂଗଠିତ ଭାବେ କାର୍ଯ୍ୟ କରନ୍ତି। କେତେକ କ୍ଷୁଦ୍ର ବାଣିଜ୍ୟ ସପ୍ଲାୟର ଭାବେ କାର୍ଯ୍ୟକରନ୍ତି ଓ ଏଗୁଡ଼ିକ ସଂଗଠିତ କ୍ଷେତ୍ର ଭାବେ ଗଣାଯାଇଥାନ୍ତି। ଅର୍ଥାତ ଏହା ସରକାରଙ୍କ ଅନୁପାଳନ ବ୍ୟବସ୍ଥା ମଧ୍ୟରେ ନଥାନ୍ତି । ଆମେ ଯେଉଁ ତଥ୍ୟ କଥା କହୁଛେ ତାହା ଏହି ସମସ୍ୟା ଉପରେ ଆଧାରିତ ଏବଂ ଏଥିପାଇଁ ଭାରତରେ ଅର୍ଥନୈତିକ ଅଭିବୃଦ୍ଧି ଠିକ ଭାବେ ଆକଳନ କରିବା କଷ୍ଟକର।

ଆମ ଦେଶରେ ମୋଟ ଘରୋଇ ଉତ୍ପାଦ (ଜିଡିପି) ମୁଖ୍ୟତଃ ସଂଗଠିତ କ୍ଷେତ୍ରରୁ ମିଳିଥାଏ। ଜିଡିପି ଆକଳନ କରିବାରେ ବି ଯେଉଁ ତଥ୍ୟ ଉପଯୋଗ କରାଯାଏ ,ତା'ର ମଧ୍ୟ ଅଣସଂଗଠିତ କ୍ଷେତ୍ର ସହ ସମ୍ପର୍କ ରହିଛି। ସଂଗଠିତ କ୍ଷେତ୍ରର ଆକାର ବଡ଼ ନ ହେଲେ ମଧ୍ୟ ଏହା ଅଧିକ ଉପାଦେୟ ତଥ୍ୟ ପ୍ରଦାନ କରେ। ଉଦାହରଣ, ଅଟୋମୋବାଇଲ ବିକ୍ରି ସମ୍ବନ୍ଧୀୟ ତଥ୍ୟ। ମାରୁତି ଏବଂ ବଜାଜ ଭଳି କମ୍ପାନୀ ପ୍ରତି ମାସର ପାଖାପାଖି ପ୍ରଥମ ସପ୍ତାହରେ ପୂର୍ବ ମାସରେ ଡିଲର୍‌ମାନଙ୍କୁ କେତେ ଗାଡି ବିକ୍ରି କରିଥାଆନ୍ତି ତା'ର ତଥ୍ୟ ପ୍ରଦାନ କରନ୍ତି। ମେ' ପ୍ରଥମ ସପ୍ତାହରେ ମାରୁତି କମ୍ପାନୀ ଲକ୍‌ଡାଉନ ଯୋଗୁ ଗୋଟିଏ ହେଲେ ବି ଗାଡି ବିକ୍ରି କରି ନ ଥିବା ଦର୍ଶାଇଛି। ସମ୍ଭବତଃ ଉତ୍ପାଦନ ମଧ୍ୟ ପୂରା ଶୂନ ପାଖାପାଖି ରହିଥିବା ସ୍ପଷ୍ଟ ହେଉଛି। କିନ୍ତୁ ଏଭଳି ସୂଚନା ଅଧିକାଂଶ କ୍ଷେତ୍ରରୁ ମିଳିବା ସମ୍ଭବ ହୋଇପାରେନାହିଁ। ଏହା ହିଁ ସମସ୍ୟା । ଏଥିପାଇଁ ପ୍ରଧାନମନ୍ତ୍ରୀ ଓ ଅନ୍ୟମାନେ ଏଥିରେ ପରିବର୍ତ୍ତନ ଆଣିବାକୁ ଚାହୁଁଛନ୍ତି। ଯଦିଓ ସେତେଟା ସଫଳ ହୋଇପାରିନାହାନ୍ତି। ଏଣୁ କାହିଁକି ଏହି ସମୟରେ ପ୍ରସଙ୍ଗ ଉଠିଲା ଓ ଏହାର ଆବଶ୍ୟକତା କ'ଣ ରହିଛି ? ଆସନ୍ତୁ ଏବକାର ସ୍ଥିତିକୁ ୮ ନଭେମ୍ବର,୨୦୧୬ରେ ଘୋଷଣା କରାଯାଇଥିବା ବିମୁଦ୍ରୀକରଣ ସହ ତୁଳନା କରିବା। ପରେ ଡିସେମ୍ବର ମଧ୍ୟ ସୁଦ୍ଧା ଅର୍ଥ ବ୍ୟବସ୍ଥାରେ ସମସ୍ୟା ଦେଖାଦେବା ସହ ବହୁ କ୍ଷୁଦ୍ର ବ୍ୟବସାୟ ବନ୍ଦ ହୋଇଯିବା ସ୍ପଷ୍ଟ ଜଣାପଡିଥିଲା। ଏହା ଘଟିବ ନାହିଁ ବୋଲି ସରକାର ପ୍ରକାଶ କରିଥିଲେ ଏବଂ ବିମୁଦ୍ରୀକରଣ ଅର୍ଥ ବ୍ୟବସ୍ଥାକୁ କ୍ଷତି ପହଞ୍ଚାଇବ ବୋଲି ଯେଉଁମାନେ କହୁଥିଲେ, ସେମାନଙ୍କୁ ତଥ୍ୟ ଉପସ୍ଥାପନ କରିବା ପାଇଁ ସରକାର ଆହ୍ୱାନ ଦେଇଥିଲେ। ହେଲେ ଏହି ତଥ୍ୟ କାହା ପାଖରେ ନ ଥିଲା। ପ୍ରାରମ୍ଭିକ ପର୍ଯ୍ୟାୟରେ ଅର୍ଥ ବ୍ୟବସ୍ଥାରେ ଥିବା ସଂଗଠିତ କ୍ଷେତ୍ରର କୌଣସି କ୍ଷତି ହୋଇ ନ ଥିଲା ଏବଂ ଜିଡିପି ଆକଳନ ବିମୁଦ୍ରୀକରଣ ବିନା ସେମାନଙ୍କ ନିକଟରେ ଥିବା ତଥ୍ୟରୁ କମ୍ କିମ୍ବା ବେଶୀ ବାଦ ଦେଇ କରିଥିଲେ। ପ୍ରଥମେ ଆମଦାନୀ ତଥ୍ୟରେ ଭୁଲ୍ ରହିଥିବା ସୂଚନା ମିଳିଥିଲା। ଭାରତ ଯେଉଁ ଜିନିଷ ଅନ୍ୟ ଦେଶରୁ ଆମଦାନୀ କରୁଥିଲା, ତାହା ବନ୍ଦ ହୋଇଯାଇଥିଲା ଓ ଏହି ଜିନିଷଗୁଡିକୁ ଯେଉଁ କମ୍ପାନୀ ସ୍ଥାନୀୟ ଅଞ୍ଚଳରେ ଯୋଗାଉଥିଲା ତାହା ମଧ୍ୟ ବନ୍ଦ ହୋଇଯାଇଥିଲା। କମ୍ପାନୀଗୁଡିକ ବନ୍ଦ ହେବା ଦ୍ୱାରା ନିଯୁକ୍ତି ହ୍ରାସ ପାଇବା ସହ ଦେଶରେ ଚାହିଦା ପ୍ରଭାବିତ ହୋଇଥିଲା। ଏଠି ଆମ ସରକାରଙ୍କ ପାଖରେ ଉପାଦେୟ ତଥ୍ୟ ନ ଥାଏ ଓ ଏହା ଲାଗି ସର୍ଭେ କରାଯାଏ। କିନ୍ତୁ ଜାତୀୟ ନାଗରିକତ୍ୱ ଆଇନ ଯୋଗୁ ଏହା ସଂକଟରେ। ଅନ୍ୟପକ୍ଷରେ ନିକଟ ଭବିଷ୍ୟତରେ ସରକାରଙ୍କଠାରୁ ବେରୋଜଗାରୀ ଉପରେ ତଥ୍ୟ ମିଳିବା ଆଶା ନାହିଁ। ପୂର୍ବରୁ ଭାରତରେ ବେରୋଜଗାରୀ ସଂଖ୍ୟା ଉପରେ ବିଶ୍ୱାସଯୋଗ୍ୟ ତଥ୍ୟ ପ୍ରଦାନ କରୁଥିବା ଘରୋଇ ସଂସ୍ଥା ସେଣ୍ଟର୍ ଫର୍ ଦି ମନିଟରିଂ ଇଣ୍ଡିଆନ୍ ଇକୋନୋମି ( ସିଏମ୍‌ଆଇଇ) ଭାରତରେ ବେରୋଜଗାରୀ ବୃଦ୍ଧି ପାଉଥିବା ସୂଚାଇ ଦେଇଥିଲା ଓ ଏହା ୨୦୧୯ ସାଧାରଣ ନିର୍ବାଚନ ସୁଦ୍ଧା ଐତିହାସିକ ସ୍ତରରେ ପହଞ୍ଚିଥିଲା। ତୃତୀୟରେ ଫର୍ମାଲ ଜିଡିପିରେ ମଧ୍ୟ କ୍ଷତି ହୋଇଥିବା ସଂକେତ ମିଳିଥିଲା। ବିଜ୍‌ନେସ ପୂରା ଭୁଶୁଡି ପଡିଥିଲା ଏବଂ ଲୋକମାନେ ନିଯୁକ୍ତି ହରାଇଥିଲେ, ଚାହିଦା କମିଯାଇଥିଲା। ବହୁ ପୂର୍ବରୁ ଏହା ସବୁ କ୍ଷେତ୍ରକୁ ପ୍ରଭାବିତ କରିବା ଦ୍ୱାରା ତଥ୍ୟ ମଧ୍ୟ ପ୍ରଭାବିତ ହୋଇଥିଲା। ଏହାଦ୍ୱାରା ଭାରତର ଆକଳନ କରାଯାଇଥିବା ଜିଡିପି ଅଭିବୃଦ୍ଧି ୨୦୧୮ରୁ ୨୦୨୦ ମଧ୍ୟରେ ପ୍ରତ୍ୟେକ ତ୍ରୈମାସିକରେ କମିବାରେ ଲାଗିଲା । କାରଣ ଯେଉଁ ଉପାୟରେ ଏହାକୁ ପ୍ରସ୍ତୁତ କରାଯାଇଥିଲା ତାହାକୁ ତା' ଭିତରେ ବିମୁଦ୍ରୀକରଣର ପ୍ରଭାବ ନିହିତ ଥିଲା।

କିନ୍ତୁ ବର୍ତ୍ତମାନ ତିନୋଟି ଜିନିଷ ପୂରା ଭିନ୍ନ ରହିଛି। ପ୍ରଥମତଃ ବିମୁଦ୍ରୀକରଣ ତୁଳନାରେ ଏବେ ଅର୍ଥ ବ୍ୟବସ୍ଥାକୁ ସାଂଘାତିକ ଝଟକା ଲାଗିଛି। ଦ୍ୱିତୀୟରେ ଦେଶ ତଥା ବିଶ୍ୱ ସ୍ତରରେ ବିପୁଳ କ୍ଷତି ହୋଇଛି ଓ ଏହା ବହୁ ଦିନଧରି ଲାଗି ରହିବ ଏବଂ ପରିସ୍ଥିତି ସୁଧୁରିବାକୁ ବିଳମ୍ବ ହେବ। ତୃତୀୟରେ ସବୁ ତଥ୍ୟ ପ୍ରଥମରୁ ସ୍ପଷ୍ଟ ହେବା ଆବଶ୍ୟକ। ଏପ୍ରିଲ୍‌ରେ ପୂରା ବନ୍ଦଥିବା ସଂଗଠିତ କ୍ଷେତ୍ର ମେ'ରୁ ଧୀରେ ଧୀରେ ଚାଲିବ ଓ ସେମାନେ ରିପୋର୍ଟ ପ୍ରଦାନ କରିବେ। ଜଣାପଡୁଛି,ଏହାଦ୍ୱାରା ଅର୍ଥ ବ୍ୟବସ୍ଥା ହ୍ରାସ ପାଇବ। ତେବେ ଦୁଇ ତ୍ରୈମାସିକରେ ଲାଗାତର ନକାରାତ୍ମକ ଅଭିବୃଦ୍ଧି ଅର୍ଥନୈତିକ ମାନ୍ଦାବସ୍ଥାର ସୂଚନା ଦେଇଛି। ଦେଶର ଅଭିବୃଦ୍ଧି ୧ ପ୍ରତିଶତରୁ ଆରମ୍ଭ ହେବ ବୋଲି ଏଜେନ୍ସିମାନେ ଆକଳନ କରିଛନ୍ତି। ଆମେ ପୁଣି ଥରେ ନୂଆରୁ ଆରମ୍ଭ କରିବାକୁ ଯାଉଛୁ ଯାହା ଏବକାରଣ ପିଢ଼ି ମନେ ରଖିବେ।

Email:aakar.patel@gmail.com

## su|do|ku — ସୁ–ଡୋ–କୁ

Puzzles by Srikant Ghosh



ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | C | E | B | D | 9 | 3 | 7 | 6 | 0 | 5 | 1 | 4 | 8 | A |
| 1 | B | 3 | 0 | A | 6 | 5 | 9 | 4 | 7 | D | 8 | 2 | C | E |
| 9 | 7 | 8 | E | 1 | 5 | D | 2 | A | 3 | 4 | C | 0 | B | 6 |
| 0 | 6 | 4 | 3 | 7 | 2 | C | 8 | B | A | 9 | E | 5 | 1 | D |
| A | 5 | D | C | 8 | 4 | 1 | E | 0 | 6 | B | 2 | 9 | 7 | 3 |
| B | 3 | 6 | 2 | 9 | D | E | A | 7 | 5 | 1 | 0 | C | 4 | 8 |
| E | 8 | 9 | 7 | C | A | 0 | 5 | 1 | 4 | 6 | D | 3 | 2 | B |
| 5 | D | 2 | 8 | B | 0 | 4 | 6 | 9 | E | C | 3 | 7 | A | 1 |
| 4 | 0 | 7 | 1 | 5 | E | 2 | C | 3 | B | 8 | A | D | 6 | 9 |
| C | 1 | A | 4 | 6 | 3 | B | D | 8 | 9 | 2 | 7 | E | 5 | 0 |
| D | A | 0 | 9 | 4 | 7 | 8 | B | C | 2 | 3 | 6 | 1 | E | 5 |
| 6 | 9 | B | 5 | 3 | 8 | 7 | 1 | D | C | E | 4 | A | 0 | 2 |
| 7 | 2 | C | 6 | 0 | 1 | 9 | 3 | E | 8 | A | 5 | B | D | 4 |
| 8 | 4 | 5 | D | E | B | A | 0 | 2 | 1 | 7 | 9 | 6 | 3 | C |
| 3 | E | 1 | A | 2 | C | 6 | 4 | 5 | D | 0 | B | 8 | 9 | 7 |

ଗତକାଲିର ଉତ୍ତର

# ଏ ଯୋଦ୍ଧା ବି କମ୍ ନୁହନ୍ତି



ଚିତ୍ରଚରିତ୍ର

ଡ. ନିରଞ୍ଜନ ପାଢ଼ୀ

ଆମ ଭାରତକୁ ୨ ମାସ ଓ ଅବଶିଷ୍ଟ ବିଶ୍ୱକୁ ପ୍ରାୟ ୪ ମାସ ପୂରିବାକୁ ଯାଉଛି ଗୋଟିଏ ଅଦୃଶ୍ୟ ଶତ୍ରୁ ସହ ଲଢ଼ି ଏ ଯାଏ ବିଜୟୀ ହୋଇ ନ ପାରିବାର ଆତ୍ମଗ୍ଲାନିରେ। ବିଶ୍ୱର ସମଗ୍ର ମାନବଜାତି ଏକ ଭୟଙ୍କର ଅନିଶ୍ଚିତତା ସହ ଲଢ଼ି ଥକି ପଡ଼ିଲେଣି। ସଭ୍ୟ ମଣିଷର ସକଳ ଜ୍ଞାନ, ବିଜ୍ଞାନ ମଣିଷର ମଞ୍ଜି ଥରାଇ ଦେଇଥିବା ଗୋଟିଏ ଭୂତାଣୁ ପାଖରେ ଏକ ପ୍ରକାର ପରାଜିତ ଓ ପରାହତ। ସାରା ବିଶ୍ୱର ଦୁଇ ଲକ୍ଷରୁ ଅଧିକ ଲୋକ ଅକାଳରେ ଅପସରି ଗଲେଣି ଏ ପୃଥିବୀ ପୃଷ୍ଠରୁ। ନିତିଦିନ ହଜାର ହଜାର ଲୋକ ମରୁଛନ୍ତି, କେଇ ଲକ୍ଷ ଲୋକ ବିଶ୍ୱର ହଜାର ହଜାର ହାସ୍‌ପାତାଲରେ, ଭେଣ୍ଟିଲେଟର ଭିତରେ ଅହରହ ମୃତ୍ୟୁ ସହ ଯୁଝି ଚାଲିଛନ୍ତି। ସେମାନଙ୍କ ସହ ଏ ଯୁଦ୍ଧରେ ସାମିଲ ହୋଇଛନ୍ତି ସହସ୍ର ସହସ୍ର ଡାକ୍ତର, ନର୍ସ ଓ ବିଭିନ୍ନ ବର୍ଗର ସ୍ୱାସ୍ଥ୍ୟକର୍ମୀ। ହସ୍ପିଟାଲ ଭିତରେ 'କରୋନା' ବୋଲି କୁହାଯାଉଥିବା ଏହି ଅପରାଜେୟ ରାକ୍ଷସ ସହ କେବଳ ଯେ ଏହି ସ୍ୱାସ୍ଥ୍ୟରକ୍ଷକମାନେ ଲଢ଼ିଚାଲିଛନ୍ତି ତା'ନୁହେଁ, ହସ୍ପିଟାଲ ବାହାରେ ପରୋକ୍ଷ ଭାବେ ଏ ଯୁଦ୍ଧରେ ସାମିଲ ହୋଇଛନ୍ତି ପୋଲିସ, ମ୍ୟୁନିସିପାଲ କର୍ମଚାରୀ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସେବାସଂସ୍ଥାର ଶହ ଶହ ଯୋଦ୍ଧା।

କରୋନା ଯୋଦ୍ଧା ଭାବେ ନାମିତ ଏସବୁ ଯୋଦ୍ଧାଙ୍କ ଅସୁମାରି ତ୍ୟାଗ ନିକଟରେ କୃତଜ୍ଞ ଅବଶିଷ୍ଟ ମାନବ ସମାଜ। ସମଗ୍ର ବିଶ୍ୱରେ ବିପର୍ଯ୍ୟୟ ସୃଷ୍ଟି କରିଥିବା କରୋନାରୂପୀ ମୃତ୍ୟୁଠୁଁ ଦୂରେଇରହିବା ପାଇଁ ଯେତେବେଳେ ନିଜ ଘର ଭିତରେ ଅବରୁଦ୍ଧ ହୋଇ ରହିବା ହିଁ ଏକମାତ୍ର ବିକଳ୍ପ, ସେତେବେଳେ ଏଇ ଯୋଦ୍ଧାମାନେ ନିଜ ଜୀବନକୁ ବିପନ୍ନକରି ଅନ୍ୟର ଜୀବନ ବଞ୍ଚାଇବାକୁ ସତତ ଚେଷ୍ଟାରତ। ମଧ୍ୟପ୍ରଦେଶର ଜଣେ ଡାକ୍ତର ହସ୍ପିଟାଲ ଡ୍ୟୁଟି କରି ସେଇ ହସ୍ପିଟାଲରେ ସଙ୍ଗରୋଧ ବା କ୍ୱାରାଣ୍ଟାଇନରେ ରହୁଛନ୍ତି ସିନା, ମାତ୍ର ସେଇ ହସ୍ପିଟାଲ ପରିସରରେ ଥିବା ନିଜ କ୍ୱାର୍ଟର୍ସକୁ ଆସିପାରୁନାହାନ୍ତି। ଚା' କପେ ପିଇବାକୁ ଆସି ନିଜ ଘର ବାହାରେ ଅସ୍ପୃଶ୍ୟ ଇତରଙ୍କ ପରି ତଳେ ବସି ଚା' ପିଉଥିବାବେଳେ ଘର ଭିତରୁ ବିକଳ ଭାବେ ତାଙ୍କୁ ଅନାଇ ରହିଛନ୍ତି ତାଙ୍କର ସ୍ତ୍ରୀ ଓ କନ୍ୟା । ତେଣେ ମହାରାଷ୍ଟ୍ରର ଏକ ହସ୍ପିଟାଲର ନର୍ସ ଜଣେ ନିଜ ଦୁଇ ବର୍ଷର ଶିଶୁ କନ୍ୟାକୁ ଘରେ ଛାଡ଼ିଆସି ୧୫ ଦିନ ଧରି ଦିନରେ ରୋଗୀସେବା ଓ ରାତିରେ କ୍ୱାରାଣ୍ଟାଇନରେ ରହୁଛନ୍ତି। କରୋନା ବିରୋଧରେ ଯୁଦ୍ଧ ଲଢ଼ିବା ପାଇଁ ଡାକ୍ତର ଓ ନର୍ସମାନଙ୍କ ଭଳି ଯୋଦ୍ଧାମାନଙ୍କର ଏ ଅନନ୍ୟ ଆତ୍ମତ୍ୟାଗର ପଟାନ୍ତର ନାହିଁ।

ସେମିତି ପୁଣି ପୋଲିସମାନଙ୍କ କଥା। ମହାମାରୀର ସମ୍ଭାବ୍ୟ ବିପଦକୁ ଖାତିର ନ କରି ସକାଳୁ ସଞ୍ଜ ଯାଏ ନିଜ ନିଜର କର୍ତ୍ତବ୍ୟ ସମ୍ପାଦନ କରିବା ମଧ୍ୟରେ କିଏ ନିଜ ବିବାହ ତିଥି ଘୁଞ୍ଚେଇ ଦେଉଛନ୍ତି ତ ଅନ୍ୟ କେଉଁଠି ଆଠମାସର ଗର୍ଭବତୀ ଥାଇ ବି ନିଜର ପ୍ରାପ୍ୟ ଛୁଟି ନେବାକୁ ଅସ୍ୱୀକାର କରୁଛନ୍ତି। ପୁଣି କେଉଁଠି ଛତିଶଗଡ଼ର ମହିଳା ପୋଲିସ ଜଣେ ଦିନଯାକର କର୍ତ୍ତବ୍ୟ ସମ୍ପାଦନ କରି ରାତିରେ ଘରକୁ ଫେରି ଟିକେ ଆରାମ କରିବା ପରିବର୍ତ୍ତେ ସିଲେଇ ମେଶିନ ଧରି ମାସ୍କ ତିଆରିରେ ଲାଗି ପଡୁଛନ୍ତି, ଅଧିକ କିଛି ରୋଜଗାର କରିବା ଆଶାରେ ନୁହେଁ, ବରଂ ପରଦିନ ରାସ୍ତା ଉପରେ ଡ୍ୟୁଟି କଲାବେଳେ ସାଧାରଣ ଲୋକଙ୍କୁ ମାଗଣାରେ ବାଣ୍ଟି ସଚେତନ କରିବା ଆଶାରେ।

କରୋନାର ଚିକିତ୍ସା କରୁଥିବା ଡାକ୍ତର, ନର୍ସ ହୁଅନ୍ତୁ ଅବା ଲକ୍‌ଡାଉନ ସମୟରେ ଶୂନ୍‌ଶାନ ରାସ୍ତାରେ ଟାଣଖରା କିମ୍ବା ଭାରି ବର୍ଷାରେ ନିଜର କର୍ତ୍ତବ୍ୟ ସମ୍ପାଦନ କରୁଥିବା ପୋଲିସ ହୁଅନ୍ତୁ ଏମାନେ ସଭିଏଁ ଜଣେ ଜଣେ ସରକାରୀ କର୍ମଚାରୀ। ନିଜ ନିଜର ବୃତ୍ତିଗତ ଦାୟିତ୍ୱ ନିର୍ବାହ କରିବା ବଦଳରେ ଏମାନେ ରାଜକୋଷର ବେତନ ପାଆନ୍ତି। କେବଳ ଏତିକି ନୁହେଁ, କରୋନାର ଭୟାବହତା ଓ ଏଥିସହ ଯୋଡ଼ିହୋଇ ରହିଥିବା ଜୀବନହାନିର ସମ୍ଭାବନା ପାଇଁ ପଚାଶ ଲକ୍ଷ ଟଙ୍କାର କ୍ଷତି ପୂରଣର ପ୍ରାବଧାନ ଓ ପ୍ରତିଶ୍ରୁତି ଥାଏ ଏମାନଙ୍କ କର୍ତ୍ତବ୍ୟ ସହ ସଂଯୁକ୍ତ ହୋଇ। ମାତ୍ର ଏମିତି ମଧ୍ୟ ଆଉ କେହି ଅଛନ୍ତି, ଯେଉଁମାନଙ୍କ ପାଇଁ ସରକାରୀ ନିର୍ଦ୍ଦେଶର ବାଧ୍ୟବାଧକତା ନ ଥାଏ କି ସୁରକ୍ଷା ସହ ଯୋଡ଼ିହୋଇ ରହି ନ ଥାଏ ପଚାଶ ଲକ୍ଷ ଟଙ୍କାର ଲୋଭନୀୟ କ୍ଷତିପୂରଣ। ପ୍ରଚାରିତ ହୋଇ ପ୍ରଶଂସା ସାଉଁଟିବାର ମାନସିକତା ନ ଥାଏ କି ସାମୟିକ ସେବାକୁ ଆୟୁଧକରି ଭବିଷ୍ୟତରେ ରାଜନୀତି କରିବାର ପ୍ରବଣତା ନ ଥାଏ। ବାସ୍, କେବଳ ଏକ ନିଚ୍ଛକ ମାନବିକତାର ମୁଗ୍ଧ ଆବାହନ, ପର ପାଇଁ ବଞ୍ଚିବାର ଏକ ପ୍ରାଣମୟ ଆବେଦନ, ଯାହା ତାଙ୍କୁ ପ୍ରେରିତକରେ ଏ ସଙ୍କଟ କାଳରେ ଭିନ୍ନ ଜୀବନଟିଏ ଜିଇବା ପାଇଁ, ଏକ ଅଘୋଷିତ ଯୋଦ୍ଧା ଭାବରେ ଏହି ଦୁଃସମୟ ବିରୋଧରେ ଲଢ଼ିବା ପାଇଁ। ସେହିଭଳି କେଇଟି ଦୃଷ୍ଟାନ୍ତ ସମ୍ପର୍କରେ ଦୁଇପଦ କଥା।

ବିଭିନ୍ନ କିସମର ପରିବାଚାଷ ହେଉଥିବା ଗୋଟିଏ ଘରର ସେ ଗୃହକର୍ତ୍ତ୍ରୀ। ସ୍ୱାମୀଙ୍କ ପାଖରୁ ଜାଣିଲେ ତାଙ୍କ ବିଶାଳ ଚାଷରୁ ଉତ୍ପନ୍ନ ହେଉଥିବା ପରିବା ସବୁ ପଚିଶଢ଼ି ଖେତରେ ଖତ ହେଉଛି ଓ ତଜ୍ଜନିତ ପ୍ରାୟ ଲକ୍ଷାଧିକ ଟଙ୍କାର କ୍ଷତି ସହିବାକୁ ପଡୁଛି। ଯେଉଁ ବେପାରୀମାନେ ଆସି ନିୟମିତ ତାଙ୍କ ଖେତରୁ ପରିବା ନେଉଥିଲେ, ସେମାନେ ଲକ୍‌ଡାଉନ ପାଇଁ ଆସୁନାହାନ୍ତି। ବାସ୍, ଏତିକି କଥାରେ ଚାଷୀପତ୍ନୀ ନିଜ ଲକ୍ଷ୍ୟ ସ୍ଥିର କରିନେଲେ। ମୂଲିଆ ଲଗାଇ ଖେତରୁ ବିଭିନ୍ନ ପ୍ରକାର ପରିବା ତୋଳି ଆଣିଲେ ଓ ପଲିଥିନ ମୁଣିରେ ଛୋଟଛୋଟ ପ୍ୟାକ୍ କରି ଗାଁ ଶେଷମୁଣ୍ଡରେ ଥିବା ଶ୍ରମିକମାନଙ୍କୁ ବାଣ୍ଟିଦେଇ ଆସିଲେ। ଲକ୍‌ଡାଉନ ପାଇଁ କୌଣସି କାମଧନ୍ଦା ନ ପାଇ ଭୋକ ଉପାସରେ ଥିବା ଦରିଦ୍ର ଶ୍ରମିକମାନେ ସଜ ପରିବା ଭିତରେ ଦେଖୁଥିଲେ ନିଆରା ମାନବିକତାର ମହକ।

ସେମିତି ଭଦ୍ରକର ଏକ ହୋଟେଲ ମାଲିକ। ହୋଟେଲ ବନ୍ଦ ରହିଥିବାରୁ ବେପାର ତ ନ ଥିଲା, ପୁଣି ଘରେ ବସାଇ ପୋଷିବାକୁ ପଡୁଥିଲା ହୋଟେଲର କୋଡ଼ିଏ ସରିକି କର୍ମଚାରୀଙ୍କୁ। ସେତିକି ନୁହେଁ, ଷ୍ଟେଶନ ଭିତରେ ଓ ବାହାରେ ଭିକ୍ଷା ମାଗି ନିତିଦିନ ଚଳୁଥିବା ଭିକାରିମାନଙ୍କର ରୋଜଗାର ବନ୍ଦ ହୋଇଯାଇଥିବାରୁ ପ୍ରତିଦିନ ଦିନବେଳା ଷାଠିଏ ସରିକି ଭିକାରିଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ କରୁଥିଲେ ସେଇ କର୍ମଚାରୀମାନେ। କେବଳ କରୋନା ପୀଡ଼ିତାଙ୍କ ଜୀବନ ବଞ୍ଚାଉଥିବା ଡାକ୍ତର ନୁହନ୍ତି, ରୋଜଗାରହୀନ ଶ୍ରମିକଙ୍କୁ ପରିବା ଯୋଗାଉଥିବା ସେଇ ମହିଳା ଅବା ଭିକାରିମାନଙ୍କୁ ଖାଦ୍ୟ ଯୋଗାଉଥିବା ସେଇ ହୋଟେଲ ମାଲିକ ବି ଥିଲେ ଏଇ ଅଭାବିତ ଯୁଦ୍ଧର ଜଣେ ଜଣେ ସମର୍ପିତ ଯୋଦ୍ଧା, ଯେଉଁମାନେ ରୋଗଠୁ ବଳି ଆଉ ଏକ ଭୟଙ୍କର ଶତ୍ରୁ ଭୋକର ଚିକିତ୍ସା କରୁଥିଲେ।

ସାମାଜିକ ଗଣମାଧ୍ୟମରେ ଏକ ଅଭାବନୀୟ ଦୃଶ୍ୟ ଖେଳିବୁଲି କରୋନା ସନ୍ତ୍ରସ୍ତ ଲୋକମାନଙ୍କ ଚେତନାରେ ଚମକ ସୃଷ୍ଟି କରିଥିଲା ଓ ଏକ ମୁଗ୍ଧ ଅନୁଭବରେ ମନ୍ଥି ପକାଇଥିଲା ଦର୍ଶକର ହୃଦୟକୁ। କେରଳରେ ନିଜ ଅସୁସ୍ଥ ବୁଢ଼ାବାପାଙ୍କୁ ନେଇ ପୁଅ ଜଣେ ଯାଇଥଲେ ହସ୍ପିଟାଲ। ଗଲାବେଳେ ତ ପୋଲିସ ଛାଡ଼ି ଦେଇଥିଲା, ମାତ୍ର ଡାକ୍ତରଙ୍କୁ ଦେଖାଇ ଫେରିଲାବେଳେ ତାଙ୍କ ଅଟୋରିକ୍ସାକୁ ପୋଲିସ ଅଟକାଇ ଆଗକୁ ଆଉ ଛାଡ଼ି ନ ଥିଲା। ବହୁ ନେହୁରା ହେଲାପରେ ପୋଲିସ ନ ଶୁଣିଲାରୁ ସମସ୍ତଙ୍କୁ ଚକିତକରି ବୁଢ଼ାବାପାଙ୍କୁ ପିଠିରେ ଲାଉକରି ଚାଲି ଚାଲି ନିଜ ଘରକୁ ଫେରିଥିଲେ ଏ ଯୁଗର ଶ୍ରବଣ କୁମାର।

ଆମ ଓଡ଼ିଶାର ବ୍ରହ୍ମପୁରର ଘଟଣା। ଜନ୍ମରୁ ରୋଗଗ୍ରସ୍ତ ଥିବା ତିନିବର୍ଷ ଶିଶୁଟିର ଏକମାତ୍ର ଔଷଧ ଥିଲା ଓଟକ୍ଷୀର। ନିୟମିତ ରାଜସ୍ଥାନରୁ ଆସୁଥିବା ଏହି ଓଟକ୍ଷୀର ହିଁ ଥିଲା ପିଲାଟି ପାଇଁ ସଞ୍ଜୀବନୀ ସଦୃଶ। ଲକ୍‌ଡାଉନ୍ ପ୍ରଭାବରେ ଏହି ମହଙ୍ଗା ଜିନିଟି ଆମଦାନୀ କରିବା ବନ୍ଦ ହୋଇଯିବାରୁ ଶିଶୁଟିର ସ୍ୱାସ୍ଥ୍ୟ ବିଗିଡ଼ିବାର ଦେଖି ଚିନ୍ତିତ ହୋଇପଡିଥିଲେ ତା' ମା'ବାପା ଓ ପରିବାରବର୍ଗ। ନିଷ୍ପାପ ଶିଶୁଟିକୁ ଜୀବନଯୁଦ୍ଧରେ ହାରିବାକୁ ନ ଦେବା ପାଇଁ ଓଡ଼ିଶାର ଜଣେ ଆଇପିଏସ୍ ଅଫିସର ଅରୁଣ ବୋଥ୍ରା ଆଗେଇ ଆସିଲେ ଓ ନିଜ ପ୍ରଭାବରେ ସୁଦୂର ରାଜସ୍ଥାନରୁ ପ୍ରାୟ ତିନିମାସ ପାଇଁ ଓଟକ୍ଷୀରର ପାଉଡର ମଗାଇ ଶିଶୁଟିର ଜୀବନ ରକ୍ଷାକଲେ।

କରୋନା କେବଳ ଜୀବନ ନେଇ ଶିଖିନି, ଜୀବନ ପ୍ରତି ମଣିଷର ଦୃଷ୍ଟିଭଙ୍ଗୀ ବି ବଦଳାଇ ଦେଇଛି। ରାଜସ୍ଥାନରେ ବର୍ଷବର୍ଷ ଧରି ରଙ୍ଗମିସ୍ତ୍ରି ଭାବେ କାମ କରୁଥିବା ସମୟରେ ବାଟରେ ସେମାନଙ୍କୁ ଅଟକାଇଦେଲା ପୋଲିସ। କ୍ୱାରାଣ୍ଟାଇନ୍ ବା ସଙ୍ଗରୋଧରେ ସେମାନଙ୍କୁ ରଖାଗଲା ଏକ ସ୍କୁଲ ଘରେ। ପ୍ରାୟ ଚାରିଦିନ ରହିଲା ପରେ ସେମାନେ ସ୍କୁଲର ଅପରିଷ୍କାର ପରିବେଶରେ ଅସ୍ତବ୍ୟସ୍ତ ହୋଇପଡ଼ିଲେ। ସେମାନେ ଯେ କେବଳ ବିଦ୍ୟାଳୟଟିକୁ ପରିଷ୍କାର କଲେ, ତା ନୁହେଁ, ନିଜେ ରଙ୍ଗମିସ୍ତ୍ରି ହୋଇଥିବାରୁ କ୍ୱାରାଣ୍ଟାଇନ ଦାୟିତ୍ୱରେ ଥିବା ସରପଞ୍ଚଙ୍କୁ କହି ରଙ୍ଗ ଓ ବ୍ରଶ୍ ମଗାଇ ସମ୍ପୂର୍ଣ୍ଣ ସ୍କୁଲ କୋଠାଟିକୁ ରଙ୍ଗ ଦେଇ ତାହାର ଚେହେରା ବଦଳାଇଦେଲେ।

ନିଜ ନିଜ ପରିସରରେ କରୋନା ଅଜାଡ଼ି ଦେଇଥିବା ଯାବତୀୟ ଅସଙ୍ଗତି ବିରୋଧରେ ଏ ସମସ୍ତ ଗୋଟିଏ ଗୋଟିଏ ଯୁଦ୍ଧ ନିଶ୍ଚୟ ଓ ଏହା ସହ ସମ୍ପୃକ୍ତ ସମସ୍ତେ ଜଣେ ଜଣେ ସମର୍ଥ ଯୋଦ୍ଧା। ମୁମ୍ବାଇରେ ଥିବା ଭାରତରୁ ସବୁଠୁ ସୌଖୀନ ହୋଟେଲକୁ କରୋନାର ଚିକିତ୍ସକଙ୍କ ରହିବା ପାଇଁ ଛାଡ଼ି ଦେଇଥିବା ରତନ ଟାଟା ପ୍ରଧାନମନ୍ତ୍ରୀଙ୍କ ଆପଦ ପାଣ୍ଠିକୁ ପନ୍ଦରଶହ କୋଟି ଟଙ୍କା ଦାନକରି କହିଥିଲେ, କେବଳ ଏତିକି ନୁହେଁ,ମୋ ଦେଶକୁ ସମ୍ପୂର୍ଣ୍ଣ କରୋନାମୁକ୍ତ କରିବାକୁ ଯଦି ମୋର ସମସ୍ତ ସମ୍ପତ୍ତି ଦାନ କରିବାକୁ ପଡ଼େ, ତେବେ ସେଥିପାଇଁ ମୁଁ ପ୍ରସ୍ତୁତ। ଭାରତର ସୌଭାଗ୍ୟ କରୋନା ବିରୋଧରେ ଲଢ଼ିବା ପାଇଁ କେବଳ ରତନ ଟାଟାଙ୍କ ପରି ଶିଳ୍ପପତି ଯେ ଯୋଦ୍ଧା ହୋଇ ଆଗକୁ ଆସିଛନ୍ତି, ତାହା ନୁହେଁ, ତା'ସହ ଆମ ଓଡ଼ିଶାର ରାଜକନିକା ଅଞ୍ଚଳରେ ଭିକ୍ଷାମାଗି ପେଟ ପୋଷୁଥିବା ୭୫ ବର୍ଷୀୟା ମହିଳା ସରୋଜିନୀ ବି ଅଛନ୍ତି, ଯିଏ ରାଜକନିକା ବିଡିଓଙ୍କ ପାଖରେ ନିଜ ଜୀବନକାଳର ସମସ୍ତ ସଞ୍ଚୟ ୫ହଜାର ଟଙ୍କା ଅଜାଡ଼ିଦେଇ କହିପାରନ୍ତି, ''ମୋର ସମୟ ସରି ଆସିଲାଣି। ଏ ଟଙ୍କା ମୋର ଆଉ କେଉଁ କାମରେ ଆସିବ ? ଜଗତରେ ସମସ୍ତେ ବଞ୍ଚିରୁହନ୍ତୁ, ଏ ମହାବ୍ୟାଧି ଦୂରେଇଯାଉ !'' ବାଃ ସବୁଠୁଁ ଦରିଦ୍ର ଯୋଦ୍ଧାର କି ପ୍ରାଣମୟ ପ୍ରାର୍ଥନା ସତେ!!

ପ୍ରଜ୍ଞା ନିଳୟ, ଚକେଇସିହାଣି, ଭୁବନେଶ୍ୱର–୧୦
ମୋ: ୯୭୭୬୭୭୭୧୫୦

# ପୋଖତ ପ୍ରତିନିଧି

ଜାତିସଂଘରେ ଭାରତର ସ୍ଥାୟୀ ପ୍ରତିନିଧିଙ୍କ ଭୂମିକା ସର୍ବଦା ଗୁରୁତ୍ୱ ବହନ କରିଆସିଛି। ବିଶ୍ୱ ମଞ୍ଚରେ ପ୍ରତିଟି ପ୍ରସଙ୍ଗରେ ଦେଶର ଆଭିମୁଖ୍ୟକୁ ଠିକ୍ ଭାବେ ଉପସ୍ଥାପନ କରିବାର ଦାୟିତ୍ୱ ତାଙ୍କ ଉପରେ ନ୍ୟସ୍ତ କରାଯାଇଛି। ଗତ କିଛିବର୍ଷ ହେବ ଦେଖାଯାଉଛି ଯେ, ଭାରତର ସ୍ଥାୟୀ ପ୍ରତିନିଧିମାନେ ଯଥାର୍ଥ ଯୁକ୍ତି ଉପସ୍ଥାପନ କରି ଦେଶର ମାନ ବଢ଼ାଇପାରିଛନ୍ତି। ସୟଦ ଆକବରୁଦ୍ଦିନ ଅନ୍ତର୍ଜାତୀୟ ସ୍ତରରେ ଭାରତୀୟ କୂଟନୀତିର ଏକ ପ୍ରମୁଖ ପରିଚିତ ନାମ ପାଲଟିପାରିଛନ୍ତି। ତାଙ୍କ ଯୁକ୍ତି ଓ ଉପସ୍ଥାପନା ଶୈଳୀ ଭାରତୀୟ କୂଟନୀତି କ୍ଷେତ୍ରରେ ଏକ ନୂଆ ଧାରା ସୃଷ୍ଟି କରିଛି। ଏବେ ତାଙ୍କ ସ୍ଥାନରେ ଅନ୍ୟତମ ପୋଖତ କୂଟନୀତିଜ୍ଞ ଟି.ଏସ୍. ତିରୁମୂର୍ତ୍ତି ନିଯୁକ୍ତ ହେବା ପରେ ତାଙ୍କ ବ୍ୟକ୍ତିତ୍ୱ ଚର୍ଚ୍ଚାକୁ ଆସିଛି।

ବ୍ୟକ୍ତିତ୍ୱ



ଟି. ଏସ୍. ତିରୁମୂର୍ତ୍ତି

ତିରୁମୂର୍ତ୍ତି ୭ ମାର୍ଚ୍ଚ ୧୯୬୨ରେ ତାମିଲନାଡୁ ରାଜଧାନୀ ଚେନ୍ନାଇ (ପୂର୍ବରୁ ଥିଲା ମାଡ୍ରାସ)ରେ ଜନ୍ମଗ୍ରହଣ କରିଥିଲା। ବାଣିଜ୍ୟରେ ସ୍ନାତକ ଡିଗ୍ରୀ ଅର୍ଜନ କରିବା ପରେ ଆଇନ ବିଦ୍ୟାରେ ଡିଗ୍ରୀ ହାସଲ କରିଥିଲେ। ସିଭିଲ ସର୍ଭିସ ପାଇଁ ମନ ବଳାଇବାରୁ ସେ ଭାରତୀୟ ବୈଦେଶିକ ସେବା (ଆଇଏଫ୍‌ଏସ୍)ରେ ଯୋଗ ଦେଇଥିଲେ। ୧୯୮୫ରେ ସେ ଦେଶର ଏହି ପ୍ରମୁଖ ସେବାରେ ନିଜକୁ ନିୟୋଜିତ କରି ସମୟକ୍ରମେ କାଇରୋ, ଜେନେଭା, ଗାଜା, ୱାଶିଂଟନ ଡିସି ଏବଂ ଜାକର୍ତ୍ତା ଭଳି ଅନ୍ତର୍ଜାତୀୟ ନଗରୀରେ ଥିବା ଭାରତୀୟ କୂଟନୈତିକ ମିଶନରେ କାର୍ଯ୍ୟ କରିଥିଲେ। ଏଥିସହିତ ନୂଆଦିଲ୍ଲୀସ୍ଥିତ ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟରେ ଉପସଚିବ (ଭୁଟାନ), ବିଦେଶ ସଚିବଙ୍କ କାର୍ଯ୍ୟାଳୟର ନିର୍ଦ୍ଦେଶକ, ଯୁଗ୍ମ ସଚିବ (ବାଂଲାଦେଶ, ଶ୍ରୀଲଙ୍କା, ମ୍ୟାନମାର ଓ ମାଳଦ୍ୱୀପ) ଏବଂ ଯୁଗ୍ମ ସଚିବ (ଜାତିସଂଘ ଅର୍ଥନୈତିକ ଓ ସାମାଜିକ) ଭାବେ ଦାୟିତ୍ୱ ତୁଲାଇଥିଲେ। ପାଲେଷ୍ଟାଇନ୍‌କୁ ଭାରତର ପ୍ରଥମ ପ୍ରତିନିଧି ରୂପେ କାର୍ଯ୍ୟ କରିବାର ଗୌରବ ତିରୁମୂର୍ତ୍ତିଙ୍କୁ ମିଳିଥିଲା। ସେହିଭଳି ଜାକର୍ତ୍ତାରେ ଡେପୁଟି ଚିଫ୍ ଅଫ୍ ମିଶନ ଏବଂ ମାଲେସିଆରେ ଭାରତର ଉଚ୍ଚାୟୁକ୍ତ ହୋଇଥିଲେ। ଜାତିସଂଘର ସ୍ଥାୟୀ ସଚିବ ଭାବେ ନିଯୁକ୍ତି ପାଇବା ପୂର୍ବରୁ ସେ ଭାରତରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ଅର୍ଥନୈତିକ ସମ୍ପର୍କ ବିଭାଗର ସଚିବ ହୋଇଥିଲେ। ଆକବରୁଦ୍ଦିନଙ୍କ କାର୍ଯ୍ୟ ଶେଷ ହେବା ପରେ ୩୦ ଏପ୍ରିଲ ୨୦୨୦ରେ ତିରୁମୂର୍ତ୍ତିଙ୍କୁ ଭାରତୀୟ କୂଟନୀତି କ୍ଷେତ୍ରରେ ଥିବା ମର୍ଯ୍ୟାଦାଜନକ ପଦବୀ ଭାବେ ଜାତିସଂଘରେ ସ୍ଥାୟୀ ପ୍ରତିନିଧି ବା ରାଷ୍ଟ୍ରଦୂତ ରୂପେ ଅବସ୍ଥାପିତ କରାଯାଇଛି। ଅନ୍ତର୍ଜାତୀୟ ଫୋରମ୍‌ରେ ପ୍ରତିଟି ପ୍ରସଙ୍ଗରେ ତିରୁମୂର୍ତ୍ତି ଭାରତର ଆଭିମୁଖ୍ୟ କିଭଳି ଉପସ୍ଥାପନ କରି ଦେଶ ପାଇଁ ଯଶ ଆଣୁଛନ୍ତି ତାହା ଉପରେ ନଜର ରହିବା ସ୍ୱାଭାବିକ। ବର୍ତ୍ତମାନର ବିଶ୍ୱ ପ୍ରେକ୍ଷାପଟକୁ ଦେଖିଲେ ଭାରତର ଓଜନ ଅନ୍ତର୍ଜାତୀୟ ସ୍ତରରେ ବଢ଼ିବାରେ ଲାଗିଛି। ପ୍ରତି ପ୍ରସଙ୍ଗରେ ଆମେରିକା, ବ୍ରିଟେନ୍, ଫ୍ରାନ୍ସ, ସ୍ପେନ୍ ଭଳି ପାଶ୍ଚାତ୍ୟ ରାଷ୍ଟ୍ର ଭାରତକୁ ଗୁରୁତ୍ୱ ଦେଉଛନ୍ତି। କରୋନା ମହାମାରୀ ସମୟରେ ଭାରତର ସ୍ୱାସ୍ଥ୍ୟ କୂଟନୀତି ଅନେକ ପାଦ ଆଗକୁ ଯାଇପାରିଛି। ବିଶ୍ୱର ସର୍ବଶକ୍ତିଶାଳୀ ରାଷ୍ଟ୍ର ଆମେରିକା ହାଇଡ୍ରୋକ୍ସିକ୍ଲୋରୋକୁଇନ୍ ଔଷଧ ପାଇଁ ଭାରତ ଉପରେ ନିର୍ଭର କରିବା ଓ ନୂଆଦିଲ୍ଲୀ ଠିକ୍ ସମୟରେ ତାହାକୁ ପ୍ରେରଣ କରି ଅନ୍ତର୍ଜାତୀୟ ସ୍ତରରେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି। କେବଳ ଆମେରିକା ନୁହେଁ, ଅନେକ ଦେଶ ମଧ୍ୟ ଭାରତର ସହାୟତା ନେଇଛନ୍ତି। ଏଥିରୁ ଅନ୍ୟାନ୍ୟ କ୍ଷେତ୍ରରେ ଆଗକୁ ଭାରତ ଉତ୍ତମ କୂଟନୈତିକ ପ୍ରଦର୍ଶନ କରିବାର ସଙ୍କେତ ମିଳିଲାଣି। ତିରୁମୂର୍ତ୍ତି ଜାତିସଂଘରେ ଭାରତର ସ୍ଥାୟୀ ପ୍ରତିନିଧି ଭାବେ ନିଯୁକ୍ତ ହୋଇଥିବାରୁ ତାଙ୍କଠାରୁ ଅନେକ ଆଶା କରାଯିବା ସ୍ୱାଭାବିକ।

ତିରୁମୂର୍ତ୍ତିଙ୍କ ପାରିବାରିକ ଜୀବନ କହିଲେ ସହଧର୍ମିଣୀ ଗୌରୀ, ଗୋଟିଏ ଝିଅ ଓ ଗୋଟିଏ ପୁଅଙ୍କୁ ନେଇ ତାଙ୍କ ସଂସାର। ଗୌରୀ ହେଉଛନ୍ତି ପୂର୍ବତନ ଟେନିସ୍ ଖେଳାଳି ରାମନାଥନ୍ କ୍ରିଷ୍ଣନ୍‌ଙ୍କ ଝିଅ। ୧୯୮୨ରେ ଗୌରୀ ଭାରତୀୟ ଜାତୀୟ ଜୁନିୟର ଚାମ୍ପିୟନ ହୋଇପାରିଥିଲେ। ଏପରି କି ଗୌରୀଙ୍କ କନ୍ୟା ଭବାନୀ ତିରୁମୂର୍ତ୍ତି ମଧ୍ୟ ଜଣେ ଟେନିସ୍ ଖେଳାଳି। କୂଟନୈତିକ ସେବା ଓ ପାରିବାରିକ ବନ୍ଧନ ବଜାୟ ରଖିବାରେ ଟି.ଏସ୍. ତିରୁମୂର୍ତ୍ତି ସମୟ ଦେବା ସତ୍ତ୍ୱେ ପୁସ୍ତକ ରଚନାରେ ମନୋନିବେଶ କରିପାରିଛନ୍ତି। 'କିସିଂ ଦି ହେଭେନ୍ସ: ଦି କୈଳାସ ମାନସରୋବର ଯାତ୍ରା', 'କ୍ଲାଇଭ୍ ଆଭିନ୍ୟୁ' ଏବଂ 'ଚେନ୍ନାଇବାସୀ' ଭଳି ବହି ଲେଖି ସେ ନିଜର ଲେଖକୀୟ ଦକ୍ଷତା ମଧ୍ୟ ପ୍ରଦର୍ଶନ କରିପାରିଛନ୍ତି।

–ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଗରିବମାନେ ଲକ୍‌ଡାଉନ୍‌ରେ ସବୁଠୁ ବେଶୀ ପ୍ରଭାବିତ ହୋଇଛନ୍ତି। ଏହି ସମୟରେ ସେମାନଙ୍କୁ ରନ୍ଧାଖାଦ୍ୟ ଯୋଗାଇଦେଇ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଛାତ୍ରୀ ଅନୁଷ୍କା ସେବା ମନୋଭାବର ପରିଚୟ ଦେଇଛନ୍ତି। ଲକ୍‌ଡାଉନ ସମୟରେ ଦିଲ୍ଲୀରେ ଖାଦ୍ୟ ବଣ୍ଟନ କେନ୍ଦ୍ରରେ ଗରିବ ଲୋକମାନେ ବଡିଭୋରରୁ ଲାଇନ ଲଗାଉଥିବା ଦୃଶ୍ୟ ଦେଖି ସେ ପ୍ରଭାବିତ ହୋଇଥିଲେ। ତା' ପରେ ସେ ଏଭଳି ଲୋକମାନଙ୍କୁ ରନ୍ଧାଖାଦ୍ୟ, ରାଶନ ଓ ଔଷଧ ଯୋଗାଇ ଦେବାକୁ ବାହାରିଯାଇଥିଲେ। ତାଙ୍କୁ ବୟସ ଏବେ ୧୯। ସେ ବି .ଏସ୍‌ସି. (ପଦାର୍ଥ ବିଜ୍ଞାନ ସମ୍ମାନ)ର ଶେଷ ବର୍ଷ ଛାତ୍ରୀ। ଅନୁଷ୍କାଙ୍କ ପରିବାର ବେଙ୍ଗାଲୁରୁରେ ରହନ୍ତି। ତେବେ ଘରକୁ ନ ଯାଇ ତାଙ୍କର କେତେ ଜଣ ସାଙ୍ଗଙ୍କ ସହ ସେ ଏହି କାର୍ଯ୍ୟ ଚଳାଇଛନ୍ତି। ସେ ସାଙ୍ଗମାନଙ୍କୁ ନେଇ ଭଡାରେ ନେଇଥିବା ଦୁଇଟି କାର୍, ଅଟୋରେ ଖାଦ୍ୟ ଓ ରାଶନ ନେଇ ଲୋକଙ୍କ ପାଖରେ ପହଞ୍ଚାଉଛନ୍ତି। ଏଥିପାଇଁ ତାଙ୍କୁ ପାସ୍ ମିଳିଛି। ସକାଳ ସାଢେ ୭ଟାରେ ଖାଦ୍ୟ ଓ ରାଶନ ନେଇ ବାହାରି ଯାଉଛନ୍ତି ଓ ଲୋକାମାନଙ୍କୁ ବାଣ୍ଟିବା ପରେ ରାତି ୧୧.୩୦ କିମ୍ବା ୧୨ଟାରେ ଘରକୁ ଫେରୁଛନ୍ତି। ସେମାନେ ସରିତା ବିହାରଠାରୁ ଆରମ୍ଭ କରି ସ୍କିଇଣ୍ଡିଆ ଯାଏ ଗରିବ ଲୋକମାନଙ୍କୁ ଖାଦ୍ୟ ବାଣ୍ଟୁଛନ୍ତି। ଏଥିପାଇଁ ଲୋକମାନେ ବି ସେମାନଙ୍କୁ ସାହାଯ୍ୟ କରୁଛନ୍ତି। ଏହି କାର୍ଯ୍ୟରେ ଅନୁଷ୍କାଙ୍କୁ ଏକ ଏନ୍‌ଜିଓ ମଧ୍ୟ ସହଯୋଗ କରୁଛି।

## ୨୫ ବର୍ଷ ତଳର ଧରିତ୍ରୀ

୩ ମେ ୧୯୯୫

- ଜାତିସଂଘ ମୁଖ୍ୟ ଦପ୍ତରଠାରେ ଆୟୋଜିତ ସଷ୍ଟେନେବଲ ଡେଭେଲପମେଣ୍ଟ କମିଟିର ତୃତୀୟ ଅଧିବେଶନରେ ବିଶ୍ୱର ଜଙ୍ଗଲ ସମ୍ପତ୍ତିର ସୁରକ୍ଷା ନେଇ ଏକ ରାଜିନାମା ସ୍ୱାକ୍ଷରିତ।
- ସଂଯୁକ୍ତ ଆରବ ଏମିରେଟସ (ୟୁ.ଏ.ଇ.) ରେଡିଓ ଯୋଗେ ଦୈନିକ ଉର୍ଦ୍ଦୁ–ହିନ୍ଦୀ ପ୍ରସାରଣ ସେବା ଆରମ୍ଭ।

## ଚିରନ୍ତନୀ

ଶ୍ରାବଣର ଘନ ଉହାଡ଼େ ପ୍ରକାଶ
ଜୋଛନା ସମାନ ଫୁଟି ଉଠୁ ହାସ
ଜୀବନର ସବୁ କାଳିମା ପୂରାଇ
ସକଳ ରନ୍ଧ୍ର ଭରି
ଚମ୍ପକ ହାସ ହସିଯାଅ ଧୀରେ
ଆଗୋ ଗୋରଚନା–ଗୋରି!

(ରୂପର ସ୍ତବ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଦୃଷ୍ଟି ପଡ଼ିବ କେବେ

ମହାଶୟ,

ଦକ୍ଷିଣ–ପୂର୍ବ ଅଞ୍ଚଳକୁ ଯୋଗାଯୋଗ କରୁଥିବା ସଡକ ଓ ରେଳପଥରେ ଏକ ସ୍ଥାନ ନିରାକାରପୁର, ଯାହା ଖୋର୍ଦ୍ଧା ଜିଲା ଅନ୍ତର୍ଗତ। ଇଷ୍ଟକୋଷ୍ଟ ରେଳବାଇରେ ନିରାକାରପୁର ମାତ୍ର ୫ ଗୋଟି ଏକ୍ସପ୍ରେସ ଓ ୪ଟି ପାସେଞ୍ଜର ହଲଟ ହେଲେ ମଧ୍ୟ ପ୍ରତିଦିନ ଶହ ଶହ ଯାତ୍ରୀ ଦକ୍ଷିଣ ଓ ଉତ୍ତରକୁ ଯିବା ଆସିବା କରି ଅନ୍ୟ ବ୍ରହ୍ମପୁର, ବାଲୁଗାଁ ତୁଳନାରେ ଅଧିକ ରାଜସ୍ୱ ପ୍ରଦାନ କରିଥାନ୍ତି। ସେଥିପ୍ରତି ରେଳବାଇ ଦୃଷ୍ଟି ନ ଦେଇ ସ୍ୱଚ୍ଛତା, ଜଳଯୋଗାଣ ଓ ଯାତ୍ରୀ ବିଶ୍ରାମ ପାଇଁ ଧ୍ୟାନ ନ ଦେବା ବଡ ଦୁଃଖ ଓ ପରିତାପର କଥା। ଏପରି କି ସେଲ୍‌ଫ ସର୍ଭିସ ପାଇଁ ଉଦ୍ଦିଷ୍ଟ ମେଶିନ ଅଚଳ ହୋଇ ଉପହାସ କରୁଛି। ସଡକ ପଥରେ ରାମେଶ୍ୱରରୁ ନୂଆ ଜଗନ୍ନାଥ ସଡକରେ ପୁରୀ ଯିବା ପାଇଁ ୫୪ କି.ମି. ହୋଇଥିବାରୁ ଓଡଗାଁ, ନୟାଗଡ, ବ୍ରହ୍ମପୁର, ଖଲ୍ଲିକୋଟ, ଫୁଲବାଣୀ, କୋରାପୁଟ ଅଞ୍ଚଳରୁ ଆସୁଥିବା ବସଯାତ୍ରୀମାନଙ୍କ ପାଇଁ ନିରାକାରପୁର ଲେଭଲକ୍ରସିଂ ଏକ ଯମଯନ୍ତ୍ରଣା ସ୍ଥଳ, ଯାହାର ଗେଟ ପାଖରୁ ମାତ୍ର ଏକ କି.ମି. ଦୂରରେ ଉତ୍ତର ଦିଗକୁ ଷ୍ଟେଶନ ଅବସ୍ଥିତ। ଶହ ଶହ ବସ, ଟ୍ରକ, କାର, ମୋଟର ସାଇକେଲ ଓ ପଥଚାରୀମାନେ ସଡକ ପଥରେ ଏହି ଲେଭଲ କ୍ରସିଂ ଦେଇ ଯାତାୟାତ କରନ୍ତି। ପ୍ରତି ୧୫ ମିନିଟରେ ଏକ ଯାତ୍ରୀ/ମାଲବାହୀ ଗାଡି ଅପ, ଡାଉନରେ ଯିବା ପାଇଁ ବନ୍ଦ ରହେ। ଫଳରେ ରୋଗୀ, ଭୋଗୀ, ଯୋଗୀ ପ୍ରତିଯୋଗୀମାନେ ବିକଳ ହୋଇ ଗେଟ ଖୋଲିବାକୁ ଅନେଇ ରହନ୍ତି। ଏଣୁ ଏ ଅସୁବିଧାକୁ ଦୂର କରିବାକୁ ଧର୍ମକୁ ଆଖିଠାର ପରି ନକ୍ସା ଷ୍ଟେଶନରେ ମରାଯାଇଛି, ମାତ୍ର ଫ୍ଲାଇଓଭର କରିବାକୁ ଦୃଷ୍ଟି ନ ପଡିବାରୁ ଜନଅସନ୍ତୋଷ ବୃଦ୍ଧି ପାଉଛି।

ରମାକାନ୍ତ ପୁରୋହିତ, ନିରାକାରପୁର, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




ଲୋକଙ୍କୁ ସଚେତନ କରିବା ପାଇଁ ମୁମ୍ବାଇ ପୋଲିସ ହ୍ୟାରି ପୋଟର ଫିଲ୍ମର ଏକ ଦୃଶ୍ୟକୁ ଶେୟାର କରିଛି। ହ୍ୟାରି ପୋଟର ଫିଲ୍ମର ଏହି ଦୃଶ୍ୟରେ ଲୋକଙ୍କୁ ଘରେ ରହିବା ପାଇଁ ସଚେତନ କରାଯାଉଛି। ପୋଲିସ୍ ତା' ଅଫିସିଆଲ୍ ଇନ୍‌ଷ୍ଟାଗ୍ରାମରେ ଫିଲ୍ମର ଏହି ଭିଡିଓ ଶେୟାର କରିଛି। ଭିଡିଓକୁ ଶେୟାର କରି ପୋଲିସ୍ ଏହାର କ୍ୟାପଶନ୍‌ରେ ଲୋକଙ୍କୁ ଘରୁ ନ ବାହାରିବା ପାଇଁ କହିଛି। କରୋନାକୁ ହରାଇବାକୁ ହେଲେ ଘରେ ରହିବା ପାଇଁ ପରାମର୍ଶ ଦେଇଛି। ପୋଲିସ୍‌ର ଏଭଳି ଏକ ଉଦ୍ୟମକୁ ଲୋକେ ବହୁତ ପ୍ରଶଂସା କରିଛନ୍ତି।

# ପୁଣି ସହାୟତା କଲେ ସଲ୍‌ମାନ


ସଲ୍‌ମାନ ଖାନ୍

**ମୁମ୍ବାଇ:** କରୋନା ସଂକ୍ରମଣ ଲାଗି ସାରା ଦେଶରେ ଲକ୍‌ଡାଉନ୍ ଜାରିରହିଛି। ଏଥିରେ ସମଗ୍ର ଦେଶବାସୀ ହଇରାଣ ହେଉଥିବା ବେଳେ ଏଥିରୁ ବାଦ୍ ପଡ଼ିନାହାନ୍ତି ବଲିଉଡ୍‌ର ଦିନମଜୁରିଆ କର୍ମଚାରୀମାନେ। ସେମାନଙ୍କୁ ସାହାଯ୍ୟ କରିବା ପାଇଁ ସାରା ବଲିଉଡ୍‌ର ଅଭିନେତା ଅଭିନେତ୍ରୀମାନେ ଆଗେଇ ଆସିଛନ୍ତି। ତେବେ ଭାଇଜାନ ସଲ୍‌ମାନ ଖାନ୍ ବା ପଛରେ ରହିବେ କେମିତି। ସଲ୍‌ମାନ ଅଲ୍ ଇଣ୍ଡିଆ ସ୍ପେଶିଆଲ ଆର୍ଟିଷ୍ଟ ଆସୋସିଏଶନ୍‌ର ୪୫ଜଣ କଳାକାରଙ୍କ ବ୍ୟାଙ୍କ ଆକାଉଣ୍ଟରେ ୩ ହଜାର ଲେଖାଏ ଟଙ୍କା ପଠାଇଛନ୍ତି। ଏଥିଲାଗି ସେହି କଳାକାର ପରିବାର ଲୋକେ ଖୁସି ହୋଇଛନ୍ତି। ବିପଦ ସମୟରେ ସଲ୍‌ମାନ ଭାଇ ସବୁବେଳେ ଆମ ନିକଟରେ ଥା'ନ୍ତି। ପୂର୍ବରୁ ଏମିତି ମଧ୍ୟ ସେ ଆମର ସାହାଯ୍ୟ କରିଛନ୍ତି ବୋଲି ପ୍ରବୀଣ ରାଣା ନାମକ ଜଣେ କର୍ମଚାରୀ କହିଛନ୍ତି। 'ଭାରତ' ଫିଲ୍ମ ଶୁଟିଂରେ ଆମେ ସଲ୍‌ମାନ ଭାଇଙ୍କ ଲାଗି କାମ କରିଥିଲୁ। ସେ ଆମକୁ ଏଯାଏ ମନେ ରଖିଛନ୍ତି ବୋଲି ଆମେ ଭାବି ନ ଥିଲୁ। ଆକାଉଣ୍ଟରେ ହଠାତ ଟଙ୍କା ଆସିବା ଦେଖି ଆମେ ସବୁ କର୍ମଚାରୀ ବହୁତ ଖୁସି। ଆମକୁ ବ୍ୟସ୍ତ ନ ହେବା ପାଇଁ ମଧ୍ୟ ସେ କହିଛନ୍ତି।

# କର୍କଟ ପଞ୍ଝାରେ ଭାରତ

**ନୂଆଦିଲ୍ଲୀ:** ଭର୍ସାଟାଇଲ୍ ଆକ୍ଟର ଇର୍ଫାନ ଖାନ୍ ଏବଂ ହଜାରେ ହୃଦୟରେ ରାଜୁତି କରୁଥିବା ଋଷି କପୁରଙ୍କ ପରଲୋକ ବଲିଉଡ୍‌କୁ ଶୋକରେ ବୁଡ଼ାଇ ଦେଇଛି। ଦୁଇଦିନରେ ଦୁଇ କଳାକାରଙ୍କ ମୃତ୍ୟୁକୁ ସହଜରେ ଗ୍ରହଣ କରିପାରୁନାହାନ୍ତି ସିନେପ୍ରେମୀ। ହେଲେ ଦୁଇ ଅଭିନେତାଙ୍କ ରୋଗଠାରୁ ଆରମ୍ଭ କରି ମୃତ୍ୟୁ ପର୍ଯ୍ୟନ୍ତ ଅଦ୍ଭୁତ ସଂଯୋଗ ଦେଖିବାକୁ ମିଳିଥିଲା। ଋଷି ବ୍ଲଡ୍ କ୍ୟାନ୍‌ସର ଏବଂ ଇର୍ଫାନ୍ ବ୍ରେନ୍ କ୍ୟାନ୍‌ସର ଭଳି ଜଟିଳ ବ୍ୟାଧିରେ ପୀଡ଼ିତ ଥିଲେ। ଉଭୟଙ୍କ ବିଦେଶ ଏବଂ ଦେଶରେ ଚିକିତ୍ସା ଚାଲିଥିଲା। ହେଲେ ଚିକିତ୍ସାର ୨ବର୍ଷ ପରେ ଦିନଟିଏ ବ୍ୟବଧାନରେ ଦୁଇଜଣଙ୍କ ମୃତ୍ୟୁ ଘଟିଛି।

ଭାରତ ସମେତ ସାରା ବିଶ୍ୱରେ ପ୍ରତିବର୍ଷ ଲକ୍ଷାଧିକ ଲୋକଙ୍କ ଜୀବନ ନେଉଛି କ୍ୟାନ୍‌ସର। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ ଦିଆଯାଇଥିବା ତଥ୍ୟ ଅନୁଯାୟୀ, ୨୦୧୮ରେ ବିଶ୍ୱବ୍ୟାପୀ ୯୬ ଲକ୍ଷ ଲୋକଙ୍କ ଜୀବନ ନେଇଥିଲା କ୍ୟାନ୍‌ସର। ସେଥିରୁ ୭୦% ମୃତ୍ୟୁ ଭାରତ ଭଳି ଅନ୍ୟ ବିକାଶଶୀଳ ଏବଂ ଗରିବ ଦେଶରେ ଦେଖିବାକୁ ମିଳିଥିଲା। ରିପୋର୍ଟରେ ଦିଆଯାଇଥିବା ତଥ୍ୟ ଅନୁଯାୟୀ ଉକ୍ତ ବର୍ଷ ୭ ଲକ୍ଷ ୮୪ ହଜାର ଭାରତୀୟ କ୍ୟାନ୍‌ସରରେ ଆକ୍ରାନ୍ତ ହୋଇ ପ୍ରାଣ ହରାଇଥିଲେ, ଯାହା ମୋଟ ମୃତ୍ୟୁର ୮%।

ଜର୍ନାଲ ଅଫ୍ ଗ୍ଲୋବାଲ ଆଙ୍କୋଲୋଜି ପକ୍ଷରୁ ୨୦୧୭ରେ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଥିଲା ଯେ, ଭାରତରେ କ୍ୟାନ୍‌ସରଜନିତ ମୃତ୍ୟୁହାର ବିକଶିତ ରାଷ୍ଟ୍ର ତୁଳନାରେ ଦୁଇଗୁଣା। ଦେଶରେ ପ୍ରତି ୧୦ ଜଣ କର୍କଟ ଆକ୍ରାନ୍ତଙ୍କ ମଧ୍ୟରୁ ୭ଜଣଙ୍କ ମୃତ୍ୟୁ ଘଟିଥାଏ। ବିକଶିତ ଦେଶରେ ଏହା ୩ରୁ ୪ ମଧ୍ୟରେ ସୀମିତ। ଭାରତରେ କ୍ୟାନ୍‌ସର ଚିକିତ୍ସା କରୁଥିବା ଡାକ୍ତର ଏବଂ ବିଶେଷଜ୍ଞଙ୍କ ଅଭାବ ରହିଛି। ଏଠାରେ ଜଣେ ଡାକ୍ତରଙ୍କ କାନ୍ଧରେ ହାରାହାରି ୨୦୦୦ କର୍କଟ ଆକ୍ରାନ୍ତଙ୍କ ଚିକିତ୍ସା ଦାୟିତ୍ୱ ଥାଏ, ଯେଉଁଠି ଆମେରିକାରେ ପ୍ରତି ୧୦୦ ଜଣ ରୋଗୀଙ୍କ ଲାଗି ଜଣେ ଡାକ୍ତର ନିୟୋଜିତ ହୋଇଥାନ୍ତି।

## ୧୦ ଜଣରେ ମୃତ୍ୟୁହାର ୭



ଏହା ହିଁ ଭାରତରେ କର୍କଟ ଆକ୍ରାନ୍ତଙ୍କ ମୃତ୍ୟୁହାର ବଢ଼ାଇବାର ପ୍ରମୁଖ କାରଣ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି।

ଡାକ୍ତରଙ୍କ ଅଭାବ ସତ୍ତ୍ୱେ କ୍ୟାନ୍‌ସର ଚିକିତ୍ସା ଲାଗି ଭାରତରେ ଅନେକ ବଡ଼ ହସ୍ପିଟାଲ ରହିଛି। ଗଲ୍ଫ ଦେଶ ସମେତ ଆଫ୍ରିକୀୟ ଦେଶରୁ ଅନେକ ରୋଗୀ ଏଠାକୁ ଚିକିତ୍ସିତ ହେବାକୁ ଆସିଥାନ୍ତି। କାରଣ ବିକଶିତ ଦେଶ ତୁଳନାରେ ଭାରତରେ କ୍ୟାନ୍‌ସର ଚିକିତ୍ସା କମ୍ ବ୍ୟୟବହୁଳ। ଏହାସତ୍ତ୍ୱେ ଭାରତର ପଇସାବାଲା ଲୋକମାନେ ବିଦେଶରେ କ୍ୟାନ୍‌ସର ଚିକିତ୍ସା କରିବାକୁ ପସନ୍ଦ କରିଥାନ୍ତି। କର୍କଟ ଆକ୍ରାନ୍ତ ଋଷି କପୁର ନ୍ୟୁୟର୍କରେ ଏବଂ ଇର୍ଫାନ ଲଣ୍ଡନରେ ଚିକିତ୍ସିତ ହୋଇ ଫେରିଥିଲେ। ସେହିପରି ସୋନାଲୀ ବେନ୍ଦ୍ରେ, ମନୀଷା କୋଇରାଲା, କ୍ରିକେଟର ଯୁବରାଜ ସିଂଙ୍କ ଚିକିତ୍ସା ଆମେରିକାରେ ହୋଇଥିଲା।

ତେବେ କେତେଜଣ ବିଶେଷଜ୍ଞ ଏ ନେଇ ଭିନ୍ନ ମତ ଦେଇଛନ୍ତି। ସେମାନେ କହିଛନ୍ତି କ୍ୟାନ୍‌ସର ଚିକିତ୍ସାରେ ଭାରତ ପଛରେ ପଡ଼ିନାହିଁ। ତେବେ ଥିଲାବାଲା ଲୋକ ନିଜର ଉନ୍ନତମାନର ଚିକିତ୍ସା କରାଇବାକୁ ବିକଳ୍ପ ଖୋଜିଥାନ୍ତି। ଭାରତରେ ସମସ୍ତ ରୋଗୀଙ୍କୁ ଉଚିତ ଚିକିତ୍ସା ମିଳିପାରୁନାହିଁ। ତେଣୁ ମୃତ୍ୟୁହାରରେ ଏପରି ପାର୍ଥକ୍ୟ ଦେଖାଦେଉଥିବା ସେମାନେ ମତପୋଷଣ କରିଛନ୍ତି। ଯଦି ସବୁ ରୋଗୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଉପଲବ୍ଧ ହୁଏ, ତେବେ ତୁଳନାତ୍ମକ ମୃତ୍ୟୁହାର ବିକଶିତ ଦେଶର ପାଖାପାଖି ରହିବ।

# ଖାଦ୍ୟ ନ ଥିବାରୁ ପଥର ରାନ୍ଧିଲେ ମା'

ନାଇରୋବି: କରୋନା ଯୋଗୁ ଜୀବିକା ହରାଇ ଲୋକେ କିପରି କଷ୍ଟରେ କାଳାତିପାତ କରୁଛନ୍ତି, ତାହାର ଏକ ହୃଦୟ ବିଦାରକ ଦୃଶ୍ୟ ଦେଖିବାକୁ ମିଳିଛି କେନିୟାର ମୋମ୍ବାସାରେ। ପିଲାଙ୍କ ଭୋକ ମାରିବାକୁ ଯାଇ ଜଣେ ମା' ଘରେ ଖାଦ୍ୟ ଅଛି ବୋଲି ସେମାନଙ୍କୁ ବିଶ୍ୱାସ ଦେବାକୁ ପଥର ରାନ୍ଧିବା ଘଟଣା ସମଗ୍ର ଦେଶରେ ଆଲୋଡନ ସୃଷ୍ଟି କରିଛି। ପିଲାମାନେ ରୋଷେଇକୁ ଅପେକ୍ଷା କରି ଶୋଇଯାଆନ୍ତୁ ବୋଲି ମହିଳା ଜଣକ ଚାହୁଁଥିବାରୁ ସେମାନଙ୍କ ଆଗରେ ରୋଷେଇର ଅଭିନୟ କରିବାକୁ ପଡିଥିଲା ବୋଲି ସେ କହିଛନ୍ତି।

ରିପୋର୍ଟ ମୁତାବକ, ମୋମ୍ବାସାରେ ରହୁଥିବା ବିଧବା ମହିଳା ପାନିନା ବାହାଟି କିସାଭ ଲୋକଙ୍କ ପୋଷାକ ସଫାକରି ଦୁଇ ପଇସା ରୋଜଗାର କରିଥାନ୍ତି। ତାଙ୍କର ୮ଟି ସନ୍ତାନ ଅଛନ୍ତି। ଏବେ କରୋନା କଟକଣା ଯୋଗୁ ରୋଜଗାରର ବାଟ ବନ୍ଦ ହୋଇଯାଇ ଥିବାରୁ ପରିବାର ପ୍ରତିପୋଷଣ କରିବା ତାଙ୍କ ପକ୍ଷେ କଷ୍ଟକର ହୋଇପଡିଛି। ଘରେ କିଛିଖାଦ୍ୟ ନ ଥିବାବେଳେ ପିଲାମାନେ ତାଙ୍କୁ ଖାଇବାକୁ ମାଗିଥିଲେ। ଖାଦ୍ୟ ନ ଥିବା କଥା ଅନ୍ୟପିଲାମାନେ ବୁଝିଥିଲେ ମଧ୍ୟ ତାଙ୍କ ସାନ ପୁଅ ଖାଇବାକୁ କାନ୍ଦିଥିଲା। ତାକୁ ବୁଝାଇବାକୁ ଯାଇ ମହିଳା ଜଣକ ଏକ ପାତ୍ରରେ ପଥର ରଖି ଚୁଲି ଜାଳି ଏହାକୁ ଫୁଟାଇଥିଲେ। ରୋଷେଇ ସରିବା ପରେ ଖାଇବାକୁ ମିଳିବ ବୋଲି ସେ ତାଙ୍କ ପୁଅକୁ କହିଥିଲେ। ବହୁତ ସମୟ ଅପେକ୍ଷା କରି ତାଙ୍କ ପୁଅ ଶୋଇପଡ଼ିଥିଲା। ଏହି ଘଟଣା ବିଷୟରେ ତାଙ୍କ ପଡୋଶୀ ଗଣମାଧ୍ୟମକୁ ଜଣାଇଥିଲେ। ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ବିଭିନ୍ନ ବର୍ଗର ଲୋକେ ତାଙ୍କୁ ସମବେଦନା ଜଣାଇବା ସହ ମହିଳାଙ୍କ ପାଇଁ ଏକ ବ୍ୟାଙ୍କ ଆକାଉଣ୍ଟ ଖୋଲି ସହାୟତା ପ୍ରଦାନ କରିଛନ୍ତି। ତାଙ୍କ ପିଲାଙ୍କ ପାଇଁ ଖାଦ୍ୟ ଯୋଗାଡ଼ କରିପାରିଥିବାରୁ ପାନିନା କେନିୟାବାସୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

ଅପେକ୍ଷା କରି ଶୋଇପଡ଼ିଲା ପୁଅ


# ଛୁଆକୁ ନେଇ ଡାକ୍ତରଖାନାରେ ବିଲେଇ

ଇସ୍ତାନ୍‌ବୁଲ: ସନ୍ତାନର ସୁରକ୍ଷା ପାଇଁ ମାଆଟିଏ ନିଜକୁ ବିପଦରେ ପକାଇ ସବୁକିଛି କରିପାରେ। ସିଏ ମଣିଷ ହୁଅନ୍ତୁ କି ପଶୁପକ୍ଷୀ, ମାଆର ସମ୍ପର୍କ ସମସ୍ତଙ୍କ ପାଇଁ ସମାନ। ସେଥିପାଇଁତ ବିଲେଇଟିଏ ତା ଛୁଆର ଚିକିତ୍ସା ପାଇଁ ଡାକ୍ତରଖାନାକୁ ବି ନେଇଯାଇପାରେ। ଏମିତି ଏକ ଘଟଣା ଏବେ ସୋସିଆଲ୍ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି।

ଘଟଣାଟି ତୁର୍କୀର ଇସ୍ତାନ୍‌ବୁଲରେ ଘଟିଛି। ଏଠାରେ ଏକ ବିଲେଇ ତା' ଛୁଆର ଦେହ ଖରାପ ହୋଇଥିବାରୁ ନିଜେ ତାକୁ ନେଇ ଡାକ୍ତରଖାନାରେ ପହଞ୍ଚିଥିଲା। ବିଲେଇ ଯେତେବେଳେ ତା ଛୁଆକୁ ନେଇ ଡାକ୍ତରଖାନାରେ ପହଞ୍ଚିଲା ସେତେବେଳେ ହସ୍ପିଟାଲର କର୍ମଚାରୀମାନେ ପ୍ରଥମେ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ। କିନ୍ତୁ ବିଲେଇଟି ତା' ଛୁଆକୁ ସେଠାରେ ସେମାନଙ୍କ ପାଖରେ ରଖି ଜଗି ରହିଥିଲା। ଏହାପରେ ଡାକ୍ତରଖାନା କର୍ମଚାରୀମାନେ ପ୍ରଥମେ ବିଲେଇ ଛୁଆକୁ ଖାଦ୍ୟ ଓ ପାଣି ଦେଇଥିଲେ। ଏହାପରେ ତା'ର ଚିକିତ୍ସା ବି କରିଥିଲେ। ଇସ୍ତାନ୍‌ବୁଲରେ ହଜାର ହଜାର ସଂଖ୍ୟାରେ ବିଲେଇ ରହିଥାନ୍ତି। ବିଲେଇର ଏଭଳି ଏକ ଫଟୋକୁ ଓଜକନ୍ ନାମକ ଜଣେ ବ୍ୟକ୍ତି ସୋସିଆଲ୍ ମିଡିଆରେ ପୋଷ୍ଟ କରିଥିଲେ। ଏହାପରେ ସୋସିଆଲ୍ ମିଡିଆରେ ଲୋକେ ଏହାକୁ ଖୁବ୍ ପସନ୍ଦ କରିବା ସହିତ ସୁନ୍ଦର କମେଣ୍ଟ ବି ଦେଉଛନ୍ତି।



# ନିର୍ଭୀକ, ନିରପେକ୍ଷ ଖବର ଉପରେ ଗୁରୁତ୍ୱ

**ପ୍ୟାରିସ୍,୨।୫:** ପ୍ରତିବର୍ଷ ମେ ୩ ତାରିଖକୁ ବିଶ୍ୱ ପ୍ରେସ ଦିବସ ଭାବେ ପାଳନ କରାଯାଇଥାଏ। ଜାତିସଂଘ ସାଧାରଣ ପରିଷଦ ଦ୍ୱାରା ୧୯୯୩ରୁ ଏହି ଦିବସରେ ପ୍ରେସ ସ୍ୱାଧୀନତା ଓ ସ୍ୱାଧୀନ ମତ ପ୍ରକାଶ କରିବାର ଅଧିକାର ପ୍ରଦାନ କରାଯାଇଛି। ୟୁନେସ୍କୋ ଦ୍ୱାରା ପ୍ରତିବର୍ଷ ଏହି ଦିବସ ପାଳନ କରାଯିବା ସହ ପ୍ରେସ ସ୍ୱାଧୀନତା ପ୍ରତି ରହୁଥିବା ସମସ୍ୟାର ସମାଧାନ ଉପରେ ଆଲୋଚନା କରାଯାଇଥାଏ। ବିଭିନ୍ନ ଦେଶରେ ଏହି ଦିବସକୁ ପାଳନ କରାଯାଇଥାଏ। ନିରପେକ୍ଷ ଓ ନିର୍ଭିକ ଭାବେ ଖବର ପ୍ରକାଶ କରିବା ଓ ସତକୁ ଲୋକଲୋଚନକୁ ଆଣିବା ଉପରେ ଚଳିତବର୍ଷ ଗୁରୁତ୍ୱାରୋପ କରାଯାଇଛି। ଭିଡିଆ ଓ ସୋସିଆଲ ମିଡିଆ ଲାଗି ୟୁନେସ୍କୋ ପକ୍ଷରୁ ଏଭଳି ଗ୍ଲୋବାଲ କ୍ୟାମ୍ପେନ ଜାରି ରହିଛି। ଏହି ଦିବସରେ ପ୍ରେସ ସମ୍ପର୍କୀତ ବିଭିନ୍ନ ଆଲୋଚନା, ବିତର୍କ କରାଯାଇଥାଏ। ରାଜନୈତିକ ପକ୍ଷପାତିତାରୁ ଦୂରେଇ ରହି ନିରପେକ୍ଷ ଖବର ଲୋକଲୋଚନକୁ ଆଣିବା, କର୍ତ୍ତବ୍ୟ ବେଳେ ପ୍ରାଣ ହରାଇଥିବା ଖବରଦାତାଙ୍କୁ ଶ୍ରଦ୍ଧାଞ୍ଜଳି ଦେବା, ବାହ୍ୟ ହସ୍ତକ୍ଷେପ ଓ ଆକ୍ରମଣକୁ ବିରୋଧ କରିବା ସହ ଏହାର ନିରାକରଣ ପ୍ରତି ଗୁରୁତ୍ୱ ଦେବା ଉପରେ ଫୋକସ୍ କରାଯାଇଥାଏ। ଏବେ କରୋନା ମହାମାରୀ କବଳରେ ବିଶ୍ୱ ରହିଥିବା ବେଳେ ସାମାଜିକ ଦୂରତ୍ୱ ରକ୍ଷା ଉପରେ ଗୁରୁତ୍ୱ ଦିଆଯାଉଛି। ଏଭଳି ପରିସ୍ଥିତିରେ ଖବର ସଂଗ୍ରହ କରିବା ଓ ଖବରଦାତାଙ୍କ ସୁରକ୍ଷା ସବୁଠାରୁ ବଡ଼ ପ୍ରଶ୍ନ। ସ୍ଥିତି ସହ ଖାପ ଖୁଆଇ ନିଜକୁ ସୁରକ୍ଷିତ ରଖିବା ଓ ସ୍ୱାଧୀନ ନିରପେକ୍ଷ ଖବରକୁ ଗୁରୁତ୍ୱ ଦେବା ଜରୁରୀ।

ଅନ୍ତର୍ଜାତୀୟ ପ୍ରେସ୍ ସ୍ୱାଧୀନତା ଦିବସ ଆଜି




# ମନରେ ଶାନ୍ତି ଓ ସକାରାତ୍ମକ ଭାବ ସୃଷ୍ଟିକରେ

**ୱାଶିଂଟନ,୨।୫:** ପ୍ରତିବର୍ଷ ମେ ମାସ ପ୍ରଥମ ରବିବାରକୁ ବିଶ୍ୱ ହସ ଦିବସ ଭାବେ ପାଳନ କରାଯାଇଥାଏ। ପ୍ରଥମ ଥର ଲାଗି ମୁମ୍ବାଇରେ ଏହାକୁ ଲାଫ୍ଟର ଯୋଗ ମୁଭ୍‌ମେଣ୍ଟର ପ୍ରତିଷ୍ଠାତା ଡକ୍ଟର ମଦନ କଟାରିଆଙ୍କ ଦ୍ୱାରା ୧୯୧୮ରେ ପାଳନ କରାଯାଇଥିଲା। ଏବେ ବିଶ୍ୱବ୍ୟାପୀ ଏହାକୁ ପାଳନ କରାଯାଇଆସୁଛି। କେବଳ ଏହିଦିନ ହସିବା ଲାଗି ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ କାର୍ଯ୍ୟକ୍ରମମାନ କରାଯାଇଥାଏ। ଏବେ ବିଶ୍ୱରେ ୬ ହଜାରରୁ ଅଧିକ ଲାଫ୍ଟର କ୍ଲବ ପ୍ରତିଷ୍ଠା କରାଯାଇ ବିଭିନ୍ନ ଉତ୍ସବ ଓ କାର୍ଯ୍ୟକ୍ରମ କରାଯାଉଛି। କର୍ମମୟ କ୍ଲାନ୍ତ ଜୀବନରେ ମୁହଁରେ ଟିକିଏ ହସ ଆଣିବା ପାଇଁ କିଏ ବା ନ ଚାହେଁ। ହସ ମନରେ ଫୁର୍ତ୍ତି ଆଣିବା ସହ ଭାଇଚାରାକୁ ପ୍ରୋତ୍ସାହନ ଯୋଗାଇଥାଏ। ବିଶ୍ୱଶାନ୍ତି ଓ ମନରେ ସକାରାତ୍ମକ ଚିନ୍ତାଧାରା ସୃଷ୍ଟିକରିବା ଲାଗି ହସର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଆସିଛି। କେହି କେହି ହସିବା ଏକ ଈଶ୍ୱରୀୟ ଗୁଣ ଓ ଏହାଦ୍ୱାରା ଏକାଧିକ ରୋଗ ଭଲ ହୋଇଥାଏ ବୋଲି କହିଥାନ୍ତି।


ବିଶ୍ୱ ହସ ଦିବସ

# ଏଭରେଷ୍ଟ ଶିଖରରେ ୫ଜି

ବେଜିଂ: ପୃଥିବୀର ଉଚ୍ଚତମ ଗିରିଶୃଙ୍ଗ ଏଭରେଷ୍ଟରେ ୫ଜି। ଅନେକ ବିକଶିତ ଏବଂ ବିକାଶଶୀଳ ଦେଶରେ ୫ଜି ଆରମ୍ଭ ହୋଇ ନ ଥିବାବେଳେ ଏଭରେଷ୍ଟରେ ଏପରି ଅତ୍ୟାଧୁନିକ ଟେଲି ଯୋଗାଯୋଗ ସୁବିଧା ଆରମ୍ଭ କରିଛି ଚାଇନା। ଏକ ଚାଇନିଜ୍ ଗଣମାଧ୍ୟମରୁ ମିଳିଥିବା ତଥ୍ୟ ଅନୁଯାୟୀ, ଚାଇନା ପାର୍ଶ୍ୱସ୍ଥ ଏଭରେଷ୍ଟର ୬,୫୦୦ ମିଟର ଉଚ୍ଚରେ ଥିବା ବେସ୍ କ୍ୟାମ୍ପରେ ଏହା ଆରମ୍ଭ ହୋଇଛି। ଚାଇନାର ସର୍ବବୃହତ୍ ସରକାରୀ ଟେଲିକମ୍ କମ୍ପାନୀ 'ଚାଇନା ମୋବାଇଲ' ଏହି ସେବା ଆରମ୍ଭ କରିଛି। ଏପରି ହାଇସ୍ପିଡ୍ ଇଣ୍ଟରନେଟ୍ ସୁବିଧା ଉପଲବ୍ଧ ହେବାପରେ ଏଭରେଷ୍ଟର ପରିବେଶ ସଂରକ୍ଷଣ ଦିଗରେ କାର୍ଯ୍ୟ କରିବା ଆହୁରି ସହଜ ହେବ। ଏହାବ୍ୟତୀତ ପର୍ବତାରୋହୀମାନେ ଏଭରେଷ୍ଟ ଶିଖରରୁ ଲାଇଭ୍ ଷ୍ଟ୍ରିମିଂ ମଧ୍ୟ କରିପାରିବେ। ଏହା ପୂର୍ବରୁ ଚାଇନା ଏଭରେଷ୍ଟର ୫,୩୦୦ ଏବଂ ୫,୮୦୦ ମିଟର ଉଚ୍ଚରେ ବେସ୍ କ୍ୟାମ୍ପ ତିଆରି କରିଥିଲା। ନୂଆ ବେସ୍ କ୍ୟାମ୍ପରୁ ଏଭରେଷ୍ଟର ଉତ୍ତର ପାର୍ଶ୍ୱ ଶିଖରଯାଏ ୫ଜି ସୁବିଧା ପହଞ୍ଚି ପାରିବ। ସୂଚନାଯୋଗ୍ୟ, ନେପାଳ ସୀମାନ୍ତ ଏଭରେଷ୍ଟର ଉଚ୍ଚତା ୮୮୪୦ ମିଟର। ତିବ୍ବତ ଅଟୋନମସର ସିଗାତ୍ସେ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଏହାର ଉତ୍ତର ଭାଗରେ ଆସୁଛି।



୫ଜି ହେଉଛି ପଞ୍ଚମ ପିଢ଼ିର ୱେୟାରଲେସ୍ କମ୍ୟୁନିକେଶନ ଟେକ୍ନୋଲୋଜି। ଏହା ନେଟ୍‌ୱର୍କ ପାୱାରକୁ ବଢ଼ାଇ ଦେଇଥାଏ। ଭବିଷ୍ୟତର ଡ୍ରାଇଭରବିହୀନ କାର, ଟେଲି ମେଡିସିନ, ଭର୍ଚୁଆଲ ମିଟିଂ, ବିଭିନ୍ନ ଡିଭାଇସ୍‌ରେ ଉତ୍ତମ ସଂଯୋଗ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ଏହାର ଫାଇଦା ମିଳିବ। ଚାଇନା ମୋବାଇଲ୍‌ର ତିବ୍ବତ ବ୍ରାଞ୍ଚର ଜେନେରାଲ ମ୍ୟାନେଜର ଝାଓ ମିନ୍ କୁହନ୍ତି, ୫ଜି ସୁବିଧା ଉପଲବ୍ଧ ହେବାପରେ ପର୍ବତାରୋହଣ ଅଧିକ ସୁରକ୍ଷିତ ହୋଇପାରିବ। ବିଶାଳ ଏଭରେଷ୍ଟର ଅନେକ ଅବୁଝା ବିଷୟକୁ ୫ଜି ଦ୍ୱାରା ବିଶ୍ଳେଷଣ କରିବାରେ ସୁବିଧା ହେବ। ପୂର୍ବରୁ ଏଭରେଷ୍ଟର ୫,୩୦୦ ମିଟର ୫,୮୦୦ ମିଟର ଉଚ୍ଚତାରେ ଚାଇନାର ବେସ୍‌କ୍ୟାମ୍ପ ଥିଲା। ୫,୩୦୦ ମିଟର ଉଚ୍ଚରେ ଥିବା ବେସ୍‌କ୍ୟାମ୍ପରେ ଉପଲବ୍ଧ ୫ଜି ସେବାର ଲାଭ ପର୍ବତାରୋହୀ, ପର୍ଯ୍ୟଟକ ଏବଂ ସ୍ଥାନୀୟ ବାସିନ୍ଦା ପାଇବେ। ଏହାର ଡାଉନଲୋଡ୍ ସ୍ପିଡ୍ ୧.୬୬ ଗିଗାବାଇଟ୍ ଏବଂ ଅପ୍‌ଲୋଡ ସ୍ପିଡ୍ ୨୧୫ ପ୍ରତି ସେକେଣ୍ଡ ରହିବ। ଏଥିସହ ୫,୮୦୦ ଏବଂ ୬,୩୦୦ ଉଚ୍ଚତାରେ ଥିବା କ୍ୟାମ୍ପରେ ପହଞ୍ଚିବା ଲାଗି ଯାତ୍ରାପଥରେ ନେଟ୍‌ୱର୍କ ଉପଲବ୍ଧ ହେବ ବୋଲି ଝାଓ ମିନ୍ ସୂଚନା ଦେଇଛନ୍ତି।

# ହସ୍ପିଟାଲରେ ଋଷିଙ୍କୁ ଭେଟୁ ନ ଥିଲେ ବିଗ୍-ବି

**ନୂଆଦିଲ୍ଲୀ:** ଋଷି ଯୁଗରେ ପଡ଼ିଛି ଯବନିକା। ବଲିଉଡ୍‌କୁ ଗୋଟିଏରୁ ବଳି ଆଉ ଗୋଟିଏ ସୁପରହିଟ୍ ଫିଲ୍ମ ଭେଟିଦେଇଥିବା ଏହି ମହାନ୍ ଅଭିନେତା କର୍କଟ ଲଢ଼େଇରେ ହାରିଯାଇଛନ୍ତି। ଦୀର୍ଘ ୪ଦଶନ୍ଧିର ଅଭିନୟ ଜୀବନ ଭିତରେ ଅଗଣିତ ଦର୍ଶକଙ୍କ ମନରେ ଛାପ ଛାଡ଼ିଯାଇଥିବା ଋଷିଙ୍କ ପରଲୋକରେ ବଲିଉଡ୍ ଜଗତ ସ୍ତବ୍ଧ। ଏପରି ସମୟରେ ମେଗାଷ୍ଟାର ଅମିତାଭ ବଚ୍ଚନ ନିଜ ଘନିଷ୍ଠ ବନ୍ଧୁ ଋଷିଙ୍କ ଉଦ୍ଦେଶ୍ୟରେ ଲେଖିଛନ୍ତି ଭାବପୂର୍ଣ୍ଣ ବ୍ଲଗ୍। ଏଥିରେ ସେ ହସ୍ପିଟାଲରେ ଋଷିଙ୍କୁ ନ ଭେଟିବାର କାରଣ କହିଛନ୍ତି। ଋଷିଙ୍କ ହସହସ ଚେହେରାରେ ସେ ଯନ୍ତ୍ରଣା ଦେଖିବାକୁ ଚାହୁଁ ନ ଥିଲେ। ତେଣୁ ଚିକିତ୍ସାଧୀନ ଥିବାବେଳେ ସେ କେବେ ବି ତାଙ୍କୁ ଭେଟିବାକୁ ଡାକ୍ତରଖାନା ଯାଉ ନ ଥିବା ବିଗ୍-ବି ନିଜ ବ୍ଲଗ୍‌ରେ ଲେଖିଛନ୍ତି।



ଅମିତାଭ ନିଜ ବ୍ଲଗ୍‌ରେ ଉଲ୍ଲେଖ କରିଛନ୍ତି, ସେ ଅନେକ ଥର ରାଜ୍ କପୁରଙ୍କ ଚେମ୍ବୁରସ୍ଥିତ ଘର 'ଦେବନାର କଟେଜ୍'କୁ ଯାଇଛନ୍ତି। ସେତେବେଳେ ଅଝଟ ହେଉଥିବା ଚିଣ୍ଟୁ (ଋଷି)ଙ୍କୁ ସେ ଦେଖିଛନ୍ତି। ସେହିପରି ଆର୍‌କେ ଷ୍ଟୁଡିଓରେ 'ବବି' ଫିଲ୍ମ ପାଇଁ ଋଷି ପ୍ରଶିକ୍ଷଣ ନେଉଥିବାବେଳେ ବି ବେଶ୍ ଉତ୍ସାହୀ ଥିଲେ। ତାଙ୍କ ପାଖରେ ଶିଖିବାର ଭୋକ ଥିଲା। ଋଷିଙ୍କୁ ଚାଲିବା ଶୈଳୀ ସବୁଠୁ ଆକର୍ଷଣୀୟ। ଏହା ତାଙ୍କ ଜେଜେ ପୃଥ୍ୱୀରାଜ କପୁରଙ୍କ ସହ ମେଳ ଖାଉଥିଲା। ଅମର ଆକବର ଏନ୍ଥୋନୀ, ନସୀବ, କଭି କଭି, ୧୦୨ ନଟ୍ ଆଉଟ୍ ଭଳି ଚଳଚ୍ଚିତ୍ରରେ ଋଷିଙ୍କ ସହ ଅଭିନୟ କରିଥିବା ଅମିତାଭ ନିଜର ବ୍ଲଗ୍‌ରେ ଏକଥା ବି ଦର୍ଶାଇଛନ୍ତି ଯେ, ଦୁହେଁ ଏକାଠି ଅନେକ ଫିଲ୍ମରେ କାମ କରିଛନ୍ତି। ତାଙ୍କ ପ୍ରତିଟି ଶବ୍ଦକୁ ଅମିତାଭ ଭରସା କରୁଥିଲେ। ଋଷିଙ୍କ ଅନ୍ୟ କେହି ବିକଳ୍ପ ନ ଥିଲେ। ସେ ନିଜର ଅଭିନୀତ ଗୀତଗୁଡ଼ିକରେ ଯେଉଭଳି ଚମତ୍କାର ଢଙ୍ଗରେ ଲିପ୍‌ସିଂ କରୁଥିଲେ ତାହା ଅନ୍ୟ କେହି କରିପାରିବେନି। ଫିଲ୍ମସେଟ୍‌ରେ ମଧ୍ୟ ବେଶ୍ ଚଳଚଞ୍ଚଳ ଥିଲା ତାଙ୍କ ସ୍ୱଭାବ। ଶୁଟିଂ ବେଳେ ଫାଙ୍କା ସମୟ ମିଳିଲେ ସେ ତାସ୍ ଖେଳିବାକୁ ଡାକୁଥିଲେ। ମେଡିକାଲରେ ଥିବାବେଳେ ବିଗ୍-ବି ଥରେ ବି ତାଙ୍କୁ ଭେଟିବାକୁ ଯାଇନାହାନ୍ତି। କାରଣ ଋଷିଙ୍କ ହସହସ ଚେହେରାରେ ଯନ୍ତ୍ରଣା ଦେଖିବାକୁ ଚାହୁଁ ନ ଥିଲେ ଅମିତାଭ୍। ଶେଷରେ ବିଗ୍-ବି ଲେଖିଛନ୍ତି ଯେ, ସେ ନିଶ୍ଚିନ୍ତ। ଋଷି ଦୁନିଆଁ ଛାଡ଼ିବା ବେଳକୁ ନିଶ୍ଚିତ ଭାବେ ଏକ ଶାନ୍ତ ହସ ସହ ବିଦାୟ ନେଇଥିବେ। ଋଷି କପୁରଙ୍କ ଉଦ୍ଦେଶ୍ୟରେ ଅମିତାଭ୍ ଲେଖିଥିବା ଏପରି ହୃଦୟସ୍ପର୍ଶୀ ବ୍ଲଗ୍ ଏବେ ସୋସିଆଲ ମିଡିଆରେ ବେଶ୍ ଚର୍ଚ୍ଚା ସାଉଁଟୁଛି।

# ପୋଲିସ ପଢ଼ିଲା ବିବାହ ମନ୍ତ୍ର

**ଭୋପାଳ:** ସାଧାରଣତଃ ପୋଲିସକୁ ଚୋର ଧରିବା କିମ୍ବା ବଦମାସ୍‌ଙ୍କୁ ଦଣ୍ଡିତ କରିବା ଆଦି ଆଇନ ଶୃଙ୍ଖଳା କାମ କରୁଥିବା ସମସ୍ତେ ଦେଖିଥିବେ। ମାତ୍ର ପୋଲିସ୍ ବି ବ୍ରାହ୍ମଣଙ୍କ ଭଳି ମନ୍ତ୍ର ଉଚ୍ଚାରଣ କରି ବିବାହ କରାଇପାରେ ଏକଥା ହୁଏତ କେହି ଜାଣି ନ ଥିବେ। ତେବେ ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ମଧ୍ୟପ୍ରଦେଶର ନରସିଂହପୁର ଜିଲାରେ। ଲକ୍‌ଡାଉନ୍ ଥିବାରୁ ଏହି ଅଞ୍ଚଳର ଦୀପକ ଜଲବାୟାଙ୍କ ବିବାହ କରିବା ପାଇଁ ବ୍ରାହ୍ମଣ ମିଳି ନ ଥିଲେ। ଦୀପକଙ୍କ ଘର ପାଖରେ ଥିବା ଏକ ପାର୍ବତୀ ମନ୍ଦିରରେ ଏହି ବିବାହ ନିମନ୍ତେ ସ୍ଥିର କରିଥିଲେ। କିନ୍ତୁ ବହୁ ସମୟ ଅପେକ୍ଷା କରିବା ପରେ ସେଠାକୁ ବ୍ରାହ୍ମଣ ଆସି ନ ଥିଲେ। ଏହି ସମୟରେ ସ୍ଥାନୀୟ ଝୋଟେଶ୍ୱର ପୋଲିସ୍ ଷ୍ଟେଶନର ଏସ୍‌ଆଇ ଅଞ୍ଜଳି ଅଗ୍ନିହୋତ୍ରୀ ସେହି ବାଟଦେଇ ଯାଉଥିଲେ। କିନ୍ତୁ ମନ୍ଦିରରେ ୮ଜଣ ଲୋକଙ୍କୁ ଏକାଠି ଦେଖି ସେଠାରେ ପହଞ୍ଚି ସମସ୍ୟା ସମ୍ପର୍କରେ ପଚାରିଥିଲେ। ଅଞ୍ଜଳି ବ୍ରାହ୍ମଣ ହୋଇଥିବାରୁ ତାଙ୍କୁ ବିବାହ କରାଇବା ପାଇଁ ସେଠାରେ ଥିବା ଲୋକେ ପ୍ରସ୍ତାବ ଦେଇଥିଲେ ଓ ସେ ରାଜି ହୋଇଥିଲେ। ଏହା ପରେ ଅଞ୍ଜଳିଙ୍କ ମନ୍ତ୍ର ଉଚ୍ଚାରଣ ପରେ ଯଥାରୀତି ବିବାହ ସମ୍ପନ୍ନ ହୋଇଥିଲା। ଅବଶ୍ୟ ସେ ନିଜ ଫୋନ୍‌ରେ ୟୁଟ୍ୟୁବର ସାହାରା ନେଇ ସେଥିରୁ ବିବାହ ବିଧି ଦେଖି ମନ୍ତ୍ର ଉଚ୍ଚାରଣ କରିଥିଲେ ଓ ବରକନ୍ୟାଙ୍କ ବିବାହ ସମ୍ପନ୍ନ କରାଇଥିଲେ।



ଧରିତ୍ରୀ
DHARITRI
ରବିବାର, ୩ ମେ, ୨୦୨୦



## ରେଳୱେ ଅଧିକାରୀଙ୍କ ବିଶ୍ରାମ ଭବନରେ ଅଗ୍ନିକାଣ୍ଡ

ଚନ୍ଦ୍ରଶେଖରପୁର ରେଳ ସଦନ ନିକଟରେ ଥିବା ରେଲୱେ ଅଧିକାରୀଙ୍କ ବିଶ୍ରାମ ଭବନରେ ଶୁକ୍ରବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଲକ୍ଷାଧିକ ଟଙ୍କାର ଫାଇବର ପ୍ଲାଇ ପୋଡି ପାଉଁଶ ହୋଇଯାଇଛି। ଚନ୍ଦ୍ରଶେଖରପୁର ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ରେଳ ବିଭାଗ ସୂଚନା ଅନୁଯାୟୀ, ୩ ମହଲାବିଶିଷ୍ଟ ଏହି ବିଶ୍ରାମ ଭବନରେ ଥିବା ଲିଫ୍ଟରେ ହଠାତ୍ ଶର୍ଟସର୍କିଟ ହୋଇଥିଲା। ପରେ ଝରକାରେ ଥିବା ଦୁଇ ଏସି ମଧ ଶର୍ଟସର୍କିଟ ହେବାରୁ ଅଗ୍ନିକାଣ୍ଡ ଘଟି ଘରୁ ପ୍ରବଳ ଧୂଆଁ ବାହାରିଥିଲା। ଆର୍‌ପିଏଫ୍ ଯବାନମାନେ ଅଗ୍ନିକାଣ୍ଡ ଦେଖି ଅଗ୍ନିଶମ ବିଭାଗକୁ ଜଣାଇଥିଲେ।

## ସଂକ୍ଷେପରେ

### ଡ୍ରେନରୁ ମୃତ ଶିଶୁକନ୍ୟା ଉଦ୍ଧାର

**ପୁରୁଣା ଭୁବନେଶ୍ୱର,୨।୫(ଡି.ଏନ୍.ଏ.):** ଏୟାରପୋର୍ଟ ଥାନା ଅନ୍ତର୍ଗତ ପଲାସପଲ୍ଲୀ ଲେନ ନଂ ୭ରେ ଥିବା ଏକ ଡ୍ରେନରୁ ଶନିବାର ଏକ ମୃତ ନବଜାତକ ଶିଶୁକନ୍ୟା ଉଦ୍ଧାର କରାଯାଇଛି। ଖବରପାଇ ସ୍ଥାନୀୟ ପ୍ରଦୀପ ସେବା ଟ୍ରଷ୍ଟ କର୍ମକର୍ତ୍ତା ପହଞ୍ଚି ଶିଶୁକନ୍ୟାଟିକୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ପଠାଇ ଦେଇଛନ୍ତି। ସକାଳ ୮ଟା ସମୟରେ ଏହି ଲେନରେ ଥିବା ଏକ ଡ୍ରେନ ନିକଟରେ କେତେକ କୁକୁର ଏକାଠି ହୋଇଥିବାବେଳେ ପାଖରେ ମୃତ ଶିଶୁକନ୍ୟାଟି ପଡିଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ଏ ନେଇ ସେମାନେ ଉକ୍ତ ଟ୍ରଷ୍ଟକୁ ଜଣାଇଥିଲେ। ଟ୍ରଷ୍ଟର ଜଣେ ମହିଳା ସେଠାରେ ପହଞ୍ଚି ଶିଶୁଟିକୁ ଦେଖିବା ପରେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଥିବାବେଳେ ଶିଶୁଟିକୁ କେହି ଫୋପାଡ଼ି ଦେଇଥିବା ଅନୁମାନ କରାଯାଉଛି। ଏ ନେଇ ପୋଲିସ ନଂ. ୧୩/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଅନ୍ୟପଟେ ଲକଡାଉନ ପାଇଁ ଏୟାରପୋର୍ଟ ଛକରୁ ପଲାସପଲ୍ଲୀ ରେଲୱେ ଓଭରବ୍ରିଜ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ପୋଲିସ କଡ଼ା ପ୍ରହରା ଦେଉଥିବାବେଳେ କିଭଳି କେହି ଶିଶୁକନ୍ୟାଟିକୁ ଫିଙ୍ଗି ଦେଲା ତାହା ସାଧାରଣରେ ପ୍ରଶ୍ନ ସୃଷ୍ଟି କରୁଛି।

### ସଫେଇ କର୍ମଚାରୀଙ୍କୁ ୫୦ ଲକ୍ଷର ବୀମା ଦାବି

**ଭୁବନେଶ୍ୱର, ୨।୫(ବ୍ୟୁରୋ):** କରୋନା ମୁକାବିଲାରେ ନିଜ ଜୀବନକୁ ବାଜି ଲଗାଇ କାର୍ଯ୍ୟ କରୁଛନ୍ତି ସଫେଇ କର୍ମଚାରୀ। ହେଲେ ଏଯାଏ ସଫେଇ କର୍ମଚାରୀଙ୍କ ପାଇଁ ରାଜ୍ୟ ତଥା କେନ୍ଦ୍ର ସରକାର କୌଣସି ପ୍ରୋତ୍ସାହନ ପ୍ରଦାନ କରି ନାହାନ୍ତି। ବହୁ ସ୍ୱଳ୍ପ ମଜୁରିରେ ଠିକା ଶ୍ରମିକ ଭାବେ କାମ କରୁଛନ୍ତି। ଏବେ ଲକ୍‌ଡାଉନ୍‌ରେ ସେମାନଙ୍କ ପରିବାର ଦୁର୍ଦ୍ଦଶାରେ ଅଛନ୍ତି। ତେଣୁ ସରକାର ସଫେଇ କର୍ମଚାରୀଙ୍କ ପାଇଁ ୫୦ ଲକ୍ଷର ଜୀବନ ବୀମା ପ୍ରଦାନ କରନ୍ତୁ ବୋଲି ସାମାଜିକ ନ୍ୟାୟ ଅଭିଯାନର ଆବାହକ ଅକ୍ଷୟ କୁମାର ମଲ୍ଲିକ୍ ଦାବି କରିଛନ୍ତି।

### ୧୨ବାଲି ବୋଝେଇ ହାଇୱା ଜବତ

**ବାରଙ୍ଗ,୨।୫(ଡି.ଏନ୍.ଏ):** ବାରଙ୍ଗ ତହସିଲ ପକ୍ଷରୁ ଶନିବାର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଗାଡ଼ି ଚେକିଂ କରାଯାଇଥିଲା। ବାଲିଘାଟରୁ ବାଲି ବୋଝେଇ କରି ବାରଙ୍ଗ ଅଭିମୁଖେ ଆସୁଥିବା ୧୨ ହାଇୱା ଚାଳକ ଆବଶ୍ୟକ ଆର ଫର୍ମ ତହସିଲ କର୍ମଚାରୀଙ୍କୁ ଦେଖାଇପାରି ନ ଥିଲେ। ଫଳରେ ପ୍ରତି ଗାଡ଼ି ପିଛା ପ୍ରାୟ ୪୦ରୁ ୫୦ ହଜାର ଟଙ୍କା ଜରିମାନା କରାଯିବା ସହ ଗାଡ଼ିଗୁଡ଼ିକୁ ଜବତ କରାଯାଇଛି। ଜରିମାନା ନ ଦେଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଜରିମାନା କରାଯାଇଛି। ଆଗକୁ ଏଭଳି ଚଢ଼ାଉ ଜାରି ରହିବ ବୋଲି ତହସିଲଦାର ରମେଶ ଚନ୍ଦ୍ର ରାଉତ କହିଛନ୍ତି।

### ମଦ ଜବତ, ୪ ଗିରଫ

**କଟକ ରୋଡ,୨।୫(ଡି.ଏନ୍.ଏ):** କମିଶନରେଟ ପୋଲିସ କୁଇକ୍ ଆକ୍ସନ ଟିମ୍ ଓ ଲକ୍ଷ୍ମୀସାଗର ପୋଲିସ ଶୁକ୍ରବାର ଅପରାହ୍ନରେ ଜଗନ୍ନାଥ ନଗର ଲେନ-୧ ଅଞ୍ଚଳରେ ଚଢ଼ାଉ କରି ୪ ମଦ ବ୍ୟବସାୟୀଙ୍କୁ ଗିରଫ କରିଛି। ସେମାନେ ହେଲେ ଏହି ଥାନା ଅଧୀନ ରିଫ୍ୟୁଜି କଲୋନୀରେ ରହୁଥିବା ବିଜାରାମ ବୈରାଗୀ, ରତ୍ନାକର ବୈରାଗୀ, ରାଜେଶ ମଣ୍ଡଳ ଓ ଚିନ୍ତାମଣିଶ୍ୱର ଅଞ୍ଚଳର ଗୌରବ ସିଂ। ଏମାନଙ୍କ ନିକଟରୁ ୧୪ଲିଟର ବିଦେଶୀ ମଦ ଜବତ ହୋଇଛି। ସୂଚନା ଅନୁଯାୟୀ, ଜଗନ୍ନାଥ ନଗର ଲେନ-୧ ଅଞ୍ଚଳରେ ଅଭିଯୁକ୍ତମାନେ ଲକ୍‌ଡାଉନ ସମୟରେ ଚୋରା ମଦ ବିକ୍ରି କରୁଥିବା ଖବରପାଇ ପୋଲିସ ଚଢ଼ାଉ କରିଥିଲା। ଏ ନେଇ ଥାନାରେ ଏକ ମାମଲା (ନଂ.୧୧୨/୧୯)ରୁଜୁ ହୋଇଛି।

### ରେଭେନ୍ସା କଲିଜିଏଟ୍ ସ୍କୁଲ ୨୦୧୦ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ପକ୍ଷରୁ ସହାୟତା

**କଟକ ଅଫିସ,୨।୫:** କରୋନା ପ୍ରଭାବରେ ଲକ୍ ଡାଉନ୍ ଯୋଗୁ ଅନେକ ଲୋକ ରୋଜଗାର ପନ୍ଥା ହରାଇଛନ୍ତି। ଏପରିକି ଖାଇବା ପିଇବା ଭଳି ମୌଳିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଭଳି ଲୋକଙ୍କ ନିକଟରେ ଖାଦ୍ୟ ସାମଗ୍ରୀ ପହଞ୍ଚାଇବାରେ ସହାୟତା କରୁଥିବା ସ୍ୱେଚ୍ଛାସେବୀ ସଙ୍ଗଠନ ସିଲ୍‌ଭର ସିଟି କଟକ ଚାରିଟେବଲ ଟ୍ରଷ୍ଟକୁ ରେଭେନ୍ସା କଲିଜିଏଟ୍ ସ୍କୁଲ ୨୦୧୦ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ପକ୍ଷରୁ ୩୮,୬୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି।

# ଫେରାଇଦେଲା ହସ୍ପିଟାଲ, ଚାଲିଗଲା ଜୀବନ

ଭୁବନେଶ୍ୱର,୨।୫(ବ୍ୟୁରୋ)

**ବମିଖାଲ ଅଞ୍ଚଳର ବୋଲି...**
- ଲକ୍‌ଡାଉନ୍ ଲାଗି ଆସିପାରିଲେନି ପୁଅ
- ଝିଅ ଦେଲେ ବାପାର ମୁଖାଗ୍ନି

ଭୁବନେଶ୍ୱର ବମିଖାଲ ଅଞ୍ଚଳରେ ସର୍ବାଧିକ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏବେ ମଧ୍ୟ ଲୋକେ ଏହି ଅଞ୍ଚଳ ନାଁ ଶୁଣିଲେ ଭୟ କରୁଛନ୍ତି। ଏପରିକି ହସ୍ପିଟାଲ, ଡାକ୍ତରମାନଙ୍କ ମନରେ ମଧ୍ୟ ଛନକା ପଶୁଛି। ସୋମବାର ଏହି ଅଞ୍ଚଳରୁ ଆସିଥିବା ଜଣେ ରୋଗୀଙ୍କୁ ଏକ ଘରୋଇ ହସ୍ପିଟାଲ ଚିକିତ୍ସା ନ କରି ଫେରାଇ ଦେଇଥିବାରୁ ଅଧାବାଟରେ ଜୀବନ ଚାଲିଯାଇଛି। ଅନ୍ୟପଟେ ପୁଅ ମଧ୍ୟ ଲକଡାଉନ ଯୋଗୁ ନ ଆସିପାରିବାରୁ ଶେଷରେ ଝିଅ ବାପାର ମୁଖାଗ୍ନି ଦେଇ ଅନ୍ତିମ ସଂସ୍କାର କରିଛି। ଏପରିକି ଘର ମାଲିକ କି ସ୍ଥାନୀୟ ଲୋକେ ବି ସହଯୋଗ କରି ନ ଥିଲେ।

ସୂଚନା ଅନୁଯାୟୀ, ଯାଜପୁର ଅଞ୍ଚଳର ରବୀନ୍ଦ୍ର ନାୟକ(୬୦) ଝିଅ ଓ ସ୍ତ୍ରୀଙ୍କ ସହ ବମିଖାଲ ନିକଟ ବାସୁଦେବ ନଗରରେ ଭଡ଼ାରେ ରୁହନ୍ତି। ସେ ଜଣେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ। ଗତ ୨୭ତାରିଖ ରାତିରେ ରବୀନ୍ଦ୍ରଙ୍କ ଛାତିରେ ଭୀଷଣ ଯନ୍ତ୍ରଣା ହୋଇଥିଲା। ଏହାଦେଖି ଝିଅ ସୌଦାମିନୀ ୧୦୮କୁ ଫୋନ୍ କରିଥିଲେ ମଧ୍ୟ ସହାୟତା ମିଳି ନ ଥିଲା। ପରେ ସେ ୧୦୪ ଏବଂ ୧୦୦କୁ ଫୋନ୍ କରିଥିଲେ ସେଠାରୁ ନିରାଶ ହେବା ପରେ ଓଲା ଭଡ଼ା କରି ଏକ ଘରୋଇ ହସ୍ପିଟାଲକୁ ନେଇଥିଲେ। ହେଲେ ବମିଖାଲ ରହୁଥିବା ଜାଣିବା ପରେ ଉକ୍ତ ହସ୍ପିଟାଲ ଫେରାଇ ଦେଇଥିଲେ। ଏହାପରେ ବିଳମ୍ବିତ ରାତିରେ ଝିଅ ଅନ୍ୟ ଏକ ଘରୋଇ ହସ୍ପିଟାଲ ନେଇଥିଲେ। ହେଲେ ସେଠାରେ ଡାକ୍ତର ଚିକିତ୍ସା କରିବାରେ ବିଳମ୍ବ କରିଥିଲେ। ଏପରି କି ଇସିଜି ରିପୋର୍ଟରେ ବ୍ୟତିକ୍ରମ ଦେଖାଯିବା ପରେ ଅନ୍ୟ ହସ୍ପିଟାଲ ନେବାକୁ ଡାକ୍ତର କହିଥିଲେ। ହେଲେ ବାଟରେ ନେବା ସମୟରେ ରବୀନ୍ଦ୍ରଙ୍କ ମୃତ୍ୟୁ ଘଟିଥିଲା। ଝିଅ ମୃତଦେହ ଘରକୁ ନେଇଥିଲେ ମଧ୍ୟ ଘର ମାଲିକ ମନା କରିଥିଲେ। ଏପରିକି ଗ୍ୟାରେଜରେ ମଧ୍ୟ ରଖିବାକୁ ଦେଇ ନ ଥିଲେ। ସ୍ଥାନୀୟ ଲୋକେ ମଧ୍ୟ ସହଯୋଗ ନ କରିବାରୁ କିଛି ବାଟ ନ ପାଇ ସୌଦାମିନୀ ବାପାଙ୍କ ମୃତଦେହ ନେଇ ସତ୍ୟନଗର ମଶାଣିକୁ ଯାଇଥିଲେ। ସେଠାରେ ରାସ୍ତାକଡ଼ରେ ରଖି ପାରଳାଖେମୁଣ୍ଡିରେ ରହୁଥିବା ଭାଇଙ୍କ ଆସିବାକୁ ଅପେକ୍ଷା କରିଥିଲେ। ହେଲେ ଲକଡାଉନ ପାଇଁ ସ୍ଥାନୀୟ ପ୍ରଶାସନ ଭାଇକୁ ନ ଛାଡିବାରୁ ଝିଅ ବାପାଙ୍କୁ ମୁଖାଗ୍ନି ଦେଇଥିଲେ। ଏହାପରେ ମା ଓ ଝିଅ ଯାଜପୁର ଯାଇଥିବା ଜଣାପଡିଛି। ଏହି ଘଟଣା ଗଣମାଧ୍ୟମରେ ପ୍ରଚାର ହେବା ପରେ ସରକାରଙ୍କ ଚେତା ପଶିଥିଲା। ଘରୋଇ ହସ୍ପିଟାଲ ପାଇଁ ଏକ ଗାଇଡଲାଇନ୍ ଜାରି କଲେ। ସମସ୍ତ ଘରୋଇ ହସ୍ପିଟାଲ ଜରୁରୀ ସେବା ଯୋଗାଇ ଦେବେ। ବିଭିନ୍ନ ଆଳ କରି ବିଦା କରିଦେବେନାହିଁବୋଲିସରକାରକହିଛନ୍ତି।

## ରାସ୍ତାରେ ବଢ଼ିଲା ଭିଡ଼



ଭୁବନେଶ୍ୱର କଳ୍ପନା ଛକ ନିକଟ ରାସ୍ତାରେ ଶନିବାର ଯାଉଥିବା ଗାଡ଼ିମୋଟର।

# ପୂର୍ଣ୍ଣାଙ୍ଗ ରୁଟିନ୍ ଓପିଡି ପାଇଁ ଏସ୍‌ସିବିରେ ପ୍ରସ୍ତୁତି

କଟକ ଅଫିସ,୨।୫

ଲକ୍‌ଡାଉନ ଅବଧିକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆଉ ଦୁଇ ସପ୍ତାହ ବୃଦ୍ଧି କରାଯାଇଛି। ହେଲେ ଏହା ପୂର୍ବ ଅପେକ୍ଷା ଟିକେ କୋହଳ ରହିବ। ଏମିତିରେ ବି ଏପ୍ରିଲ ୩ ତାରିଖ ପରଠାରୁ କଟକରେ ଆଉ କୌଣସି ନୂଆ କରୋନା ରୋଗୀ ଚିହ୍ନଟ ନ ହୋଇଥିବାରୁ ଏବେ ଏହି ଜିଲା ଗ୍ରୀନ୍ ଜୋନରେ। ଏହାକୁ ଦୃଷ୍ଟିରେ ରଖି ଏସ୍‌ସିବି ମେଡିକାଲରେ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ବିଶେଷକରି ଓପିଡି ଗୁଡିକରେ ପୂର୍ବଭଳି ଭିଡ ହେବା ସମ୍ଭାବନାକୁ ନଜରରେ ରଖି ଜୋର୍‌ସୋରରେ ବିଶୋଧନ କାମ ଜାରି ରହିଛି ବୋଲି ଏସ୍‌ସିବି ମେଡିକାଲର ଜରୁରିକାଳୀନ ଅଧିକାରୀ ଡା. ଭୁବନାନନ୍ଦ ମହାରଣା କହିଛନ୍ତି। ବିଶୋଧନ କାମ ଉଭୟ ଅଗ୍ନିଶମ ବିଭାଗ ଓ ଅନ୍ୟ ଏକ ବେସରକାରୀ ସଂସ୍ଥା ଦ୍ୱାରା କରାଯାଉଛି। ଏଥିସହ ସାମାଜିକ ଦୂରତ୍ୱ ଓ ହାତସଫାକୁ ମଧ୍ୟ ଗୁରୁତ୍ୱ ଦିଆଯିବ। ଏଥିନିମନ୍ତେ ପ୍ରତ୍ୟେକ ବିଭାଗ ଆଗରେ ପାଣି ଓ ସାବୁନ ରଖାଯିବା ସହ ପ୍ରବେଶ ପୂର୍ବରୁ ନିରାପତ୍ତାରକ୍ଷୀ ଲୋକମାନଙ୍କୁ ସାନିଟାଇଜରରେ ହାତ ସଫା କରାଇବେ। ଏ ନେଇ ଡା. ମହାରଣା କହିଛନ୍ତି, କରୋନା ପୂର୍ବରୁ ଏସ୍‌ସିବି ମେଡିକାଲର ସମସ୍ତ ବିଭାଗ ଓପିଡିକୁ ଦୈନିକ ପ୍ରାୟ ୮ ହଜାର ରୋଗୀ ରାଜ୍ୟ ଓ ରାଜ୍ୟ ବାହାରୁ ଆସୁଥିଲେ। ଏବେ ଲକ୍‌ଡାଉନ ଓ ଶଟ୍‌ଡାଉନ୍ କାରଣରୁ ଏହି ସଂଖ୍ୟା ଦେଢ଼ ହଜାର ମଧ୍ୟରେ ସୀମିତ ରହୁଥିଲା। କିନ୍ତୁ ଆସନ୍ତା ସୋମବାରଠାରୁ ପୁଣି ଏସ୍‌ସିବି ଚଳଚଞ୍ଚଳ ହେବ। ଆମେ ମଧ୍ୟ ଭିଡ ପରିଚାଳନାକୁ ଠିକ୍ ଭାବେ ସାମ୍ନା କରିବା ସହ ଲୋକମାନଙ୍କୁ ଆବଶ୍ୟକ ସେବା ଦେଇ ପାରିବୁ।

## କରୋନା ରୋଗୀଙ୍କ ପାଇଁ କ୍ରିଟିକାଲ କେୟାର ତାଲିମ

କଟକ ଅଫିସ,୨।୫

କରୋନା ରୋଗୀଙ୍କ ଚିକିତ୍ସାବେଳେ ଡାକ୍ତର ଏବଂ ନର୍ସମାନଙ୍କୁ ଜଟିଳ ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥାଏ। ମୁଖ୍ୟତଃ ରୋଗୀର ଶ୍ୱାସକ୍ରିୟା ଜନିତ ସମସ୍ୟାର ସୁପରିଚାଳନା କରିବା ସ୍ୱାସ୍ଥ୍ୟକର୍ମୀମାନଙ୍କ ନିମନ୍ତେ ଏକ ବଡ ଆହ୍ୱାନ । ତେଣୁ ଏହି ରୋଗୀମାନଙ୍କ ସେବାରେ ନିୟୋଜିତ ଡାକ୍ତରଙ୍କ ମନୋବଳ ବଢାଇବା ନିମନ୍ତେ ଏସ୍‌ସିବି ମେଡିକାଲରେ ଭେଷଜ ବିଭାଗର ପ୍ରଫେସର ଜୟନ୍ତ ପଣ୍ଡାଙ୍କ ନେତୃତ୍ୱରେ ୭ ଦିନିଆ ତାଲିମ ଶିବିର ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ବର୍ତ୍ତମାନ ୧୫ଟି ଜିଲାର ପ୍ରାୟ ୧୦୫ ଜଣ ସ୍ୱାସ୍ଥ୍ୟକର୍ମୀଙ୍କୁ ଏହି ତାଲିମ ଦିଆଯାଉଛି। ଏଥିରେ କଟକ ଅଶ୍ୱିନୀ ହସ୍ପିଟାଲ କ୍ରିଟିକାଲ କେୟାର ବିଭାଗର ଡାକ୍ତର ପି. କେ. ମିଶ୍ର ଏବଂ ଭୁବନେଶ୍ୱର କେୟାର ହସ୍ପିଟାଲର ଡା. ପ୍ରଜ୍ଞାନ ରାଉତରାୟ ଅତିଥି ପ୍ରଶିକ୍ଷକ ଭାବେ ଯୋଗଦେଇଛନ୍ତି।

## ବିଗ୍ ବଜାର ଦେଉଛି ଡୋର୍‌ଷ୍ଟେପ ଡେଲିଭରି

ଭୁବନେଶ୍ୱର,୨।୫

କରୋନା ବିରୋଧରେ ଲଢ଼େଇ ଜାରି ରଖିବା ସହ ବିଗ୍ ବଜାର ପକ୍ଷରୁ ବର୍ତ୍ତମାନ ଲୋକଙ୍କୁ ଡୋର୍‌ଷ୍ଟେପ ଡେଲିଭରି ବା ଘର ଦୁଆର ମୁହଁରେ ସାମଗ୍ରୀ ପହଞ୍ଚାଇବା ସେବା ପ୍ରଦାନ କରାଯାଉଛି। ଜରୁରିକାଳୀନ ସମୟରେ ଗ୍ରାହକଙ୍କୁ ସହାୟତା ଯୋଗାଇ ଦେବା ଲାଗି ସବୁ ପ୍ରକାରର ଉପାୟ ଗ୍ରହଣ କରାଯାଉଥିବା ସୂଚନା ରହିଛି। ଗ୍ରାହକ ଶପ୍ ଡଟ୍ ବିଗ୍ ବଜାର ଡଟ୍ କମ୍‌ରେ ବିଭିନ୍ନ ସୁବିଧା ଲାଭ କରିପାରିବେ। ନିଜ ଅଞ୍ଚଳର ପିନ୍ କୋଡ୍ ଦେଇ ନିକଟସ୍ଥ ବିଗ୍ ବଜାର ଷ୍ଟୋର ଚୟନ ଦ୍ୱାରା ଆବଶ୍ୟକ ସାମଗ୍ରୀ କାର୍ଟରେ ଯୋଗ କରିବାକୁ ପଡିବ। ଏହା ପରେ ବିଗ୍ ବଜାର ପକ୍ଷରୁ ସ୍ପର୍ଶବିହୀନ ଓ ସୁରକ୍ଷିତ ଭାବେ ଗ୍ରାହକଙ୍କ ଦୁଆର ମୁହଁରେ ଡେଲିଭରି ପ୍ରଦାନ କରାଯିବ। ଫୋନକଲ ଏବଂ ହ୍ୱାଟ୍‌ସ ଆପ୍ ମେସେଜ ଜରିଆରେ ମଧ୍ୟ ସାମଗ୍ରୀ ଅର୍ଡର କରିହେବ ବୋଲି ବିଗ୍ ବଜାର ପକ୍ଷରୁ କୁହାଯାଇଛି।

# ଗିରଫ ଅଭିଯୁକ୍ତଙ୍କ ହେବ କରୋନା ପରୀକ୍ଷା

କଟକ ଅଫିସ,୨।୫

**ଆଇନସେବା ପ୍ରାଧିକରଣ ଉଚ୍ଚ କ୍ଷମତାସମ୍ପନ୍ନ କମିଟିର ବୈଠକ**
- ଲକ୍ଷଣ ଥିଲେ ଜେଲ୍ କ୍ୱାରାଣ୍ଟାଇନ୍‌ରେ ରଖାଯିବ
- ନିଜ ଜିଲାର କୋଭିଡ୍ ହସ୍ପିଟାଲରେ କରାଯିବ ପରୀକ୍ଷା

ସ୍ୱାସ୍ଥ୍ୟ ବିଭାଗ ସହାୟତାରେ ପ୍ରତ୍ୟେକ ଗିରଫ ଅଭିଯୁକ୍ତଙ୍କ କରୋନା ଭୂତାଣୁ ପରୀକ୍ଷା କରାଯିବ। ପୂର୍ବରୁ ସୁପ୍ରିମ୍‌କୋର୍ଟ ଦେଇଥିବା ନିର୍ଦ୍ଦେଶର ଅନୁପାଳନ କରାଯିବ। ଶନିବାର ଓଡ଼ିଶା ରାଜ୍ୟ ଆଇନ୍‌ସେବା ପ୍ରାଧିକରଣର ଉଚ୍ଚ କ୍ଷମତାସମ୍ପନ୍ନ କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି।

ଓଡ଼ିଶା ରାଜ୍ୟ ଆଇନ୍‌ସେବା ପ୍ରାଧିକରଣ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ୩ଟି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶନାମା ପାରିତ କରାଯାଇଛି। କୋଭିଡ୍-୧୯ ପରୀକ୍ଷଣ ସୁବିଧା ଉପଲବ୍ଧ ଥିବା ଜିଲାଗୁଡିକରେ ଗିରଫ ବ୍ୟକ୍ତିଙ୍କ ପରୀକ୍ଷା କରାଯିବ। ବିଶେଷକରି ଗିରଫ ବ୍ୟକ୍ତିଙ୍କ କାଶ, ଛିଙ୍କ, ଜ୍ୱର, ଶରୀରରେ ଯନ୍ତ୍ରଣା ଏବଂ ବାହ୍ୟ ଯାତ୍ରାର ଇତିହାସ ଥିବା ଭଳି ଲକ୍ଷଣ ରହିଥିଲେ, ସଂପୃକ୍ତ ବ୍ୟକ୍ତି ଗିରଫ ହେବାର ୨୪ଘଣ୍ଟା ଭିତରେ ସଂପୃକ୍ତ ଜିଲାର ବିଚାର ବିଭାଗୀୟ ଅଧିକାରୀଙ୍କ ସମ୍ମୁଖରେ ଉପସ୍ଥାପନ କରାଯିବ। ଆପରାଧିକ ପ୍ରକ୍ରିୟା କୋଡରେ ଥିବା ଧାରା-୫୭ର ଆଦେଶକୁ ଦୃଷ୍ଟିରେ ରଖି କୋଭିଡ୍-୧୯ ଚିକିତ୍ସାଳୟରେ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀମାନେ ଏହାକୁ ପ୍ରାଥମିକତା ଦେଇ ସୁନିଶ୍ଚିତ କରାଇବେ। ସନ୍ଦେହଜନକ ଲକ୍ଷଣ ଥିବା ଗିରଫ ବ୍ୟକ୍ତିଙ୍କ କୋଭିଡ୍-୧୯ ପରୀକ୍ଷା ସମ୍ଭବ ନୁହେଁ କିମ୍ବା ରିପୋର୍ଟ ମିଳିବାରେ ସମୟ ଲାଗିବ, ଗିରଫ ବ୍ୟକ୍ତିଙ୍କୁ ପ୍ରଥମେ ମାସ୍କ ସହିତ ବିଚାର ବିଭାଗୀୟ ଅଧିକାରୀ ନିକଟରେ ହାଜର କରାଯିବ। ସାମାଜିକ ଦୂରତା ନିୟମ ପାଳନ ହେବ। ତା'ପରେ ସେମାନଙ୍କୁ ଜିଲା ଜେଲ ଭିତରେ ଥିବା କ୍ୱାରାଣ୍ଟାଇନ୍ କକ୍ଷକୁ ରିମାଣ୍ଡରେ ନିଆଯାଇପାରେ। ଯଦି ସେଭଳି ସୁବିଧା ନ ଥିବ ତେବେ ଜେଲ ଡିଜି ପ୍ରତ୍ୟେକ ଜେଲ ଭିତରେ ଅତି କମ୍‌ରେ ଗୋଟିଏ କକ୍ଷକୁ କ୍ୱାରାଣ୍ଟାଇନ୍ ଗୃହ ଭାବେ ଆବଦ୍ଧ କରିବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ଏପ୍ରିଲ୍ ୨୨ ତାରିଖରେ ଦିଆଯାଇଥିବା ଏହି ନିର୍ଦ୍ଦେଶନାମାକୁ କେତେଦୂର କାର୍ଯ୍ୟକାରୀ କରାଯାଇଛି, ସେନେଇ ରିପୋର୍ଟ ଦାଖଲ ପାଇଁ ନିର୍ଦ୍ଦେଶ ଦିଆଯାଇଛି।

## ଛାତରୁ ଖସି ରାଜମିସ୍ତ୍ରିଙ୍କ ମୃତ୍ୟୁ

କଟକରୋଡ,୨।୫(ଡି.ଏନ.ଏ)

ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ଶନିବାର ଏକ ଗୃହ ନିର୍ମାଣ ଚାଲିଥିବାବେଳେ ଜଣେ ରାଜମିସ୍ତ୍ରି ଛାତରୁ ଖସି ପ୍ରାଣ ହରାଇଛନ୍ତି। ସେ ହେଲେ ନୟାଗଡ଼ ଜିଲା ଦଶପଲ୍ଲା ଅଞ୍ଚଳର ରୁଷିଆ ବରାଡ଼(୨୨)। ପୋଲିସ ସୂଚନା ଅନୁଯାୟୀ, ଲକଡାଉନ ସମୟରେ ନିର୍ମାଣ କାର୍ଯ୍ୟ ଜାରି ରଖିବା ପାଇଁ ନିର୍ଦ୍ଦେଶ ମିଳିବା ପରେ ସମ୍ପୃକ୍ତ ଘରମାଲିକ ଘର ତିଆରି ଆରମ୍ଭ କରିଥିଲେ। ପ୍ରାୟ ୨ଟା ୩୦ରେ ରୁଷିଆ ବାଉଁଶ ଭାରା ଉପରେ ଚଢ଼ି କାମ କରୁଥିବାବେଳେ ହଠାତ୍ ଭାରାଟି ଭାଙ୍ଗିଯାଇଥିଲା। ଫଳରେ ସେ ତଳକୁ ଖସି ପଡିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଥାନାରେ ଅପମୃତ୍ୟୁ ମାମଲା ନଂ ୨୩/୨୦ ରୁଜୁ ହୋଇଛି। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଘଟଣା ପରେ ଉପସ୍ଥିତ ଥିବା ଠିକାଦାର ଓ ଅନ୍ୟ ଜଣେ ଶ୍ରମିକ ଫେରାର ରହିଥିବା ପୋଲିସ କହିଛି।

## ମହିଳା ଜିଆର୍‌ପି କନ୍‌ଷ୍ଟେବଲଙ୍କ ଦାଦାଗିରି

ଭୁବନେଶ୍ୱର,୨।୫(ବ୍ୟୁରୋ)

- ଜିଆର୍‌ପି ଓ ଲକ୍ଷ୍ମୀସାଗର ଥାନାରେ ମାମଲା
- ମୁଖ୍ୟମନ୍ତ୍ରୀ ଓ ଡିଜିପିଙ୍କ ନିକଟରେ ଅଭିଯୋଗ

ଜିଆର୍‌ପି ଥାନାରେ କାର୍ଯ୍ୟରତ ଜଣେ ମହିଳା କନ୍‌ଷ୍ଟେବଲଙ୍କ ଦାଦାଗିରି ଦେଖିବାକୁ ମିଳିଛି। ରେଲ୍‌ୱେ କଲୋନୀରେ ରହୁଥିବା ଦୁଇ ପରିବାର ପକ୍ଷରୁ ଲକ୍ଷ୍ମୀସାଗର ଓ ଜିଆର୍‌ପି ଥାନାରେ ଅଭିଯୋଗ ହେବା ପରେ ସମ୍ପୃକ୍ତ କନ୍‌ଷ୍ଟେବଲଙ୍କ ନାଁରେ ମାମଲା ରୁଜୁ ହୋଇଛି। ସେ ହେଲେ ଭୁବନେଶ୍ୱର ଜିଆର୍‌ପି ଥାନାରେ କାର୍ଯ୍ୟରତ କନ୍‌ଷ୍ଟେବଲ ସନ୍ଧ୍ୟାରାଣୀ ବେହେରା। ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଜିଆର୍‌ପି ଥାନା ଅଧିକାରୀ ଡିଜିପିଙ୍କୁ ଚିଠି ଲେଖିଥିବାବେଳେ ପ୍ରଦୀପ୍ତ କୁମାର ଦାଶଙ୍କ ସମେତ ବହୁ କଲୋନୀବାସୀ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ ଜଣାଇଛନ୍ତି।

ଅଭିଯୋଗ ଅନୁଯାୟୀ, କନ୍‌ଷ୍ଟେବଲ ସନ୍ଧ୍ୟାରାଣୀ କଲୋନୀରେ ଅନ୍ୟ ପରିବାର ଲୋକଙ୍କୁ ସବୁବେଳେ ହଇରାଣ କରନ୍ତି। ଗତ ମାସ ୨୬ ତାରିଖରେ ରେଲ୍‌ୱେ କର୍ମଚାରୀ କୃଷ୍ଣଚନ୍ଦ୍ର ବେହେରା ଓ ତାଙ୍କର ଦୁଇପୁଅ ଘର ପଛରେ ଥିବା ଗଛରୁ ଆମ୍ବ ତୋଳୁଥିବା ସମୟରେ ସନ୍ଧ୍ୟାରାଣୀ ସେମାନଙ୍କୁ ଗାଳିଗୁଲଜ କରିବା ସହ ମାରିଦେବାକୁ ଧମକ ଦେଇଥିଲେ। ଏହି ଘଟଣା ନେଇ ମମତା ବେହେରାଙ୍କ ଅଭିଯୋଗକ୍ରମେ ଜିଆର୍‌ପି ଥାନାରେ ମାମଲା ନଂ. ୭୭/୨୦ ରୁଜୁ ହୋଇଛି।

ସେହିପରି ବୁଦ୍ଧେଶ୍ୱରୀ କଲୋନୀରେ ରହୁଥିବା ଖବରଦାତା ପ୍ରଦୀପ୍ତ କୁମାର ଦାସଙ୍କ ଅଭିଯୋଗକ୍ରମେ ଲକ୍ଷ୍ମୀସାଗର ଥାନାରେ ମାମଲା (ନଂ-୧୦୯/୨୦) ରୁଜୁ ହୋଇଛି। ଅଭିଯୋଗ ଅନୁସାରେ, ପ୍ରଦୀପ୍ତଙ୍କ ପରିବାରକୁ ସନ୍ଧ୍ୟାରାଣୀ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଛନ୍ତି। ପ୍ରଦୀପ୍ତ ମୁଖ୍ୟମନ୍ତ୍ରୀ ଓ ଡିଜିପିଙ୍କୁ ଅଭିଯୋଗ କରିଥିବାରୁ ତାଙ୍କୁ ମିଛ ମାମଲାରେ ଫସାଇ ଦେବାକୁ ମଧ୍ୟ ଧମକ ଦେଉଛନ୍ତି। ଏନେଇ ରେଲ୍‌ୱେ ଏସ୍‌ଆର୍‌ପି ଅଶୋକ କୁମାର ବିଶ୍ୱାଳ କହିଛନ୍ତି ଯେ, ମହିଳା କନ୍‌ଷ୍ଟବଲଙ୍କ ନାମରେ କ'ଣ ଅଭିଯୋଗ ରହିଛି ସେନେଇ ଯାଞ୍ଚ କରାଯିବ। ତଦନ୍ତ ପରେ ଅଭିଯୋଗର ସତ୍ୟାସତ ଥିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ୪ରୁ ନ ମାନିଲେ ଜରିମାନା

ଭୁବନେଶ୍ୱର,୨।୫(ବ୍ୟୁରୋ)

**ଦୋକାନରେ ସାମାଜିକ ଦୂରତା ପାଇଁ ପୋଲିସର ପ୍ରଚାର**

ଦୋକାନ ଓ ବଜାର ଖୋଲିବା ପାଇଁ ଟ୍ୱିନ୍ ସିଟିରେ କୋହଳ ହେବା ପରେ କମିଶନରେଟ ପୋଲିସ ନୂଆ ଗାଇଡଲାଇନ୍ ଜାରି କରିଛି। ଏହି ନିୟମକୁ କଡ଼ାକଡି ପାଳନ କରିବା ପାଇଁ ଶନିବାର ପୋଲିସ ବୁଲିବୁଲି ସଚେତନ କରୁଛନ୍ତି। ଦ୍ୱିତୀୟ ପର୍ଯ୍ୟାୟ ଲକଡାଉନ ସରିବା ପରେ ଅର୍ଥାତ ଆସନ୍ତା ୪ରୁ କେହି ନ ମାନିଲେ ଜରିମାନା ଦେବାକୁ ପଡ଼ିବ। ଏ ନେଇ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ଦୋକାନୀ ଏବଂ ଗ୍ରାହକମାନଙ୍କୁ ସତର୍କ କରାଇଛନ୍ତି। ଆହୁରି ସେ କହିଛନ୍ତି, ମୁମ୍ବାଇରେ ଏକାଧିକ ପୋଲିସଙ୍କୁ କରୋନା ସଂକ୍ରମିତ ହେବା ପରେ ଆମେ ସଜାଗ ହୋଇଛୁ। ଯେଉଁ ପୋଲିସ ଅଫିସର ଏବଂ କର୍ମଚାରୀ ଲୋକଙ୍କ ସମ୍ପର୍କରେ ସିଧାସଳଖ ଆସୁଛନ୍ତି ସେମାନଙ୍କ ସ୍ୱାବ୍ ପରୀକ୍ଷା କରାଯାଇଛି। ଏପରି କି ଏକାଧିକ ପୋଲିସ ଅଫିସରଙ୍କର ପରୀକ୍ଷା କରାଯାଇଥିଲେ ମଧ୍ୟ ରିପୋର୍ଟ ନେଗେଟିଭ୍ ଆସିଛି ବୋଲି ସିପି କହିଛନ୍ତି। ଏହାସହ ପୋଲିସ ବାରାକରେ ସାମାଜିକ ଦୂରତ୍ୱ ରଖିବା ସହ ଭିଡ଼ ନ ହେବା ପାଇଁ ଅନେକ ସିପାହିଙ୍କୁ ବାଣୀବିହାର ହଷ୍ଟେଲକୁ ସ୍ଥାନାନ୍ତର କରାଯାଇଛି। ସେହିପରି ଭୁବନେଶ୍ୱରରେ ବାଇକରେ ଦୁଇ ଜଣ ଯିବାକୁ ବାରଣ କରାଯାଇଛି। ଅନ୍ୟପଟେ ଗ୍ରୀନ୍ ଜୋନରେ ମଦ ଦୋକାନ ଖୋଲିବାକୁ କେନ୍ଦ୍ର ସରକାର ଅନୁମତି ଦେଇଛନ୍ତି। ତେଣୁ କଟକ ଗ୍ରୀନ ଜୋନ ଥିବାରୁ ସେଠାରେ ମଦ ଦୋକାନ ଖୋଲିବ। ହେଲେ ଭୁବନେଶ୍ୱରରେ ବନ୍ଦ ରହୁଥିବାରୁ ଏକାଧିକ ଲୋକେ କଟକ ଯାଇ ଦୋକାନ ଆଗରେ ଭିଡ଼ କରିବେ। ତେଣୁ ଯେପରି ଭୁବନେଶ୍ୱର ଲୋକେ କଟକ ନ ଯିବେ ସେଥିପାଇଁ ପୋଲିସ ସରକାରଙ୍କ ସହ ଆଲୋଚନା କରି ନିଷ୍ପତ୍ତି ନେବେ ବୋଲି ସିପି କହିଛନ୍ତି।

# ଏବେବି ପଲିଥିନ ତଳେ ଫନୀ କ୍ଷତିଗ୍ରସ୍ତ

ଗୋପ/ବ୍ରହ୍ମଗିରି,୨।୫(ଡି.ଏନ୍.ଏ)

ସାମୁଦ୍ରିକ ବାତ୍ୟା 'ଫନୀ'କୁ ଇତି ମଧ୍ୟରେ ବର୍ଷେ ପୂରିଛି। ଏବେବି ପୁରୀ ଜିଲା ଗୋପ ଓ ବ୍ରହ୍ମଗିରି ବ୍ଲକର ବହୁ ପରିବାର ପଲିଥିନ ତଳେ ଜୀବନ ବିତାଉଛନ୍ତି। ସବୁ ସରକାରୀ ଯୋଜନା ଓ ସହାୟତା ସତେ ଯେମିତି ସେମାନଙ୍କ ପାଇଁ ସେମିତି ସୂକ୍ଷ୍ମ ହୋଇ ରହିଛି।

ସୂଚନାଥାଉ କି, ଫନୀରେ ଗୋପ ବ୍ଲକର ୩୧ ପଞ୍ଚାୟତରେ ବ୍ୟାପକ କ୍ଷତି ହୋଇଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ବିଭିନ୍ନ ଯୋଜନାରେ ଲୋକମାନଙ୍କୁ ସାମିଲ କରାଯିବ ବୋଲି ନିର୍ଦ୍ଦେଶ ଦିଆଯାଇଥିଲା। ଗୋପ ବ୍ଲକ ଓ ତହସିଲ ପକ୍ଷରୁ ତଦନ୍ତ କରାଯାଇଥିଲେ ମଧ୍ୟ ବନ୍ତଳି ପଞ୍ଚାୟତର ଦଶମାଣ ଗ୍ରାମର ପ୍ରାୟ ୨୪ ପରିବାର ସରକାରୀ ସହାୟତାରୁ ବଞ୍ଚିତ ହୋଇଥିଲେ। ସେମାନଙ୍କ ବାସଗୃହ ବାତ୍ୟାରେ ଭାଙ୍ଗିଯାଇଥିବା ବେଳେ ତଦନ୍ତକାରୀ ଅଧିକାରୀ ଗୁହାଳ ଭାଙ୍ଗି ଥିବା ରିପୋର୍ଟ ପ୍ରଦାନ କରିଥିଲେ। ଉକ୍ତ ପଞ୍ଚାୟତର କେତେକ ଲୋକ ପ୍ରତିନିଧି ଆବାସ ଯୋଜନାରେ ଅନ୍ତର୍ଭୁକ୍ତ କରାଇ ଦେବା ପ୍ରଲୋଭନ ଦେଖାଇ ହାତଗୁଞ୍ଜା ନେଇ ଥିବା କାହ୍ନୁ ଭୋଇ, ଚମ୍ପା ଭୋଇ, ଛବିମଣୀ ଭୋଇ ପ୍ରମୁଖ କହିଛନ୍ତି। ଏମାନଙ୍କ ଲାଗି ସରକାରୀ ସହାୟତା ସାତସପନ ହୋଇଛି। ଫଳରେ ଏମାନଙ୍କ ପରିବାର ପଲିଥିନ୍ ତଳେ ଜୀବନ ବିତାଉଛନ୍ତି। ଏ ସମ୍ପର୍କରେ ବିଡିଓ ଦୀପ୍ତି ରାଣୀ ଦାସ, ତହସିଲଦାର ପୃଥ୍ୱିରାଜ ମଣ୍ଡଳଙ୍କୁ ପଚାରିବାରେ ବୁଝିବା ବୋଲି କହିଥିଲେ। ଏଥିପ୍ରତି ଜିଲାପାଳ, ବିଧାୟକ ଦୃଷ୍ଟି ଦେବାକୁ ଦାବି ହୋଇଛି। ସେହିପରି ବାତ୍ୟାରେ ବ୍ରହ୍ମଗିରି ଅଞ୍ଚଳର ମୁଖ୍ୟ ଅର୍ଥକାରୀ ଫସଲ କାଜୁ, ଝାଉଁ, ଆକାଶୀ ଜଙ୍ଗଲ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିଲା। ୮୬ କିଲୋମିଟର ଉପକୂଳ ଅଞ୍ଚଳରେ ଥିବା ଏହି ଜଙ୍ଗଲର ପୁନଃଉଦ୍ଧାର ହୋଇପାରୁନାହିଁ। ଏପର୍ଯ୍ୟନ୍ତ ଶିକ୍ଷା ବ୍ୟବସ୍ଥାର ଭିତ୍ତିଭୂମି ବି ସଜଡ଼ା ହୋଇପାରିନାହିଁ। କ୍ଷତିଗ୍ରସ୍ତଙ୍କୁ ସରକାର ସହାୟତା ଯୋଗାଇଦେବା ପାଇଁ ଯୋଜନା କରିଥିଲେ ମଧ୍ୟ ପ୍ରକୃତ କ୍ଷତିଗ୍ରସ୍ତ ପରିବାର ସରକାରୀ ସହାୟତା ପାଇବାରୁ ବଞ୍ଚିତ ହୋଇଛନ୍ତି। ଫଳରେ କ୍ଷତିଗ୍ରସ୍ତ ପରିବାର ପଲିଥିନ ତଳେ ଜୀବନ ବିତାଉଥିବା ଦେଖିବାକୁ ମିଳିଛି। ଏ ସମ୍ପର୍କରେ ବ୍ରହ୍ମଗିରି ଗ୍ରାମର ଶ୍ୱେତ ଦାସ କୁହନ୍ତି, ପ୍ରଥମ ପର୍ଯ୍ୟାୟ ତଦନ୍ତରେ ମୋତେ ସରକାରୀ ସହାୟତ ୯୫ ହଜାର ଟଙ୍କା ମିଳିଥିଲା। କିନ୍ତୁ ବାରମ୍ବାର ତଦନ୍ତ ଯୋଗୁ ସେ ଟଙ୍କା ଏବେବି ପାଇ ନାହିଁ। ଏବେବି କୁଡ଼ିଆ ଘରେ ପରିବାର ସହ ରହିଛି। ଅନ୍ୟପକ୍ଷରେ ବ୍ରହ୍ମଗିରି ତହସିଲଦାର କିଶୋର କୁମାର ପଣ୍ଡା କୁହନ୍ତି, ଅଧିକାଂଶ ହିତାଧିକାରୀଙ୍କୁ ତାଙ୍କ ସହାୟତା ରାଶି ଦିଆସରିଛି। ଆଉ ଯାହାର ବାକି ଅଛି ତାଙ୍କୁ ଦିଆଯିବ।



## ସଂକ୍ଷେପରେ

### କରୋନା ସଂକ୍ରମିତ କଟକ ସ୍ଥାନାନ୍ତର

**ଭୋଗରାଇ,୨ା୫(ଡି.ଏନ.ଏ.):** ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଗ୍ରାମ୍ୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନ (ଆର୍‌ଆଇଏଚ୍‌ଏସ୍) ମହାବିଦ୍ୟାଳୟ କ୍ୱାରାଣ୍ଟାଇନ୍‌ରେ ଥିବା ସିମୁଳିଆ ଅଞ୍ଚଳର ଜଣେ ୫୮ ବର୍ଷୀୟ ବ୍ୟକ୍ତି କରୋନାରେ ଆକ୍ରାନ୍ତ ହୋଇଥିବା ଚିହ୍ନଟ ହେବା ପରେ ସଂକ୍ରମିତଙ୍କ ସଂଖ୍ୟା ୨୦ରେ ପହଞ୍ଚିଛି। ତାଙ୍କୁ କଟକସ୍ଥିତ ଅଶ୍ୱିନୀ କୋଭିଡ୍ ହସ୍‌ପିଟାଲକୁ ନିଆଯାଇଛି। ତାଙ୍କ ସହ ଗୋଟିଏ ରୁମ୍‌ରେ ଥିବା ଅନ୍ୟ ତିନିଜଣଙ୍କୁ ୧୦୪ ଆମ୍ବୁଲାନ୍ସ ଯୋଗେ ବାଲେଶ୍ୱର କ୍ୱାରାଣ୍ଟାଇନ୍‌କୁ ପଠାଯାଇଛି। ଗତ ଏପ୍ରିଲ ୨୪ତାରିଖରେ କଲିକତାରୁ ଆସିଥିବା ଏହି ୪ଜଣ ବ୍ୟକ୍ତି ପଶ୍ଚିମବଙ୍ଗ ସୀମା ପାରି ହୋଇ ଓଡ଼ିଶା ମଧ୍ୟକୁ ପ୍ରବେଶ କରୁଥିଲେ। ସେମାନଙ୍କୁ ଜଳେଶ୍ୱର ଲକ୍ଷ୍ମଣନାଥ ଟୋଲଗେଟ୍ ପାଖରୁ ଉଦ୍ଧାର କରାଯାଇ ଭୋଗରାଇ କଲେଜ କ୍ୱାରାଣ୍ଟାଇନ୍‌ରେ ରଖାଯାଇଥିଲା। କଲେଜରେ ଓଡ଼ିଶା ଓ ପଶ୍ଚିମବଙ୍ଗର ମୋଟ ୭୨ ଜଣ କ୍ୱାରାଣ୍ଟାଇନ୍‌ରେ ରହିଥିବା ସୂଚନା ମିଳିଛି।

### ସୁରଟରୁ ଫେରିଲେ ୩୮ ଓଡ଼ିଆ

**ଭଦ୍ରକ ଅଫିସ, ୨ା୫:** ଗୁଜୁରାଟର ସୁରଟ ଜିଲାରେ ଫସି ରହିଥିବା ୩୮ ଓଡ଼ିଆ ଶନିବାର ଭୋର ସମୟରେ ଭଦ୍ରକରେ ପହଞ୍ଚିଛନ୍ତି। ଏହି ପ୍ରବାସୀ ଓଡ଼ିଆମାନେ ନିଜ ଖର୍ଚ୍ଚରେ ଦୀର୍ଘ ୩ ଦିନର ବସ୍ ଯାତ୍ରା ପରେ ଆସି ଜନ୍ମ ମାଟିରେ ପାଦ ଦେଇଛନ୍ତି। ଲକ୍‌ଡାଉନ ଯୋଗୁଁ କାମ ବନ୍ଦ ହୋଇଯିବା ପରେ ସୁରଟରେ ସେମାନେ ଫସି ରହିଥିଲେ। ପରେ ସେଠାକାର ଜିଲାପାଳଙ୍କ ଠାରୁ ଅନୁମତି ନେଇ ଗତ ଏପ୍ରିଲ ୨୯ ତାରିଖରେ ଓଡ଼ିଶା ଅଭିମୁଖେ ବାହାରିଥିଲେ। ଭଣ୍ଡାରିପୋଖରୀ ସରକାରୀ ଆଇଟିଆଇରେ ଏମାନଙ୍କ ପାଇଁ ରହିବା ବନ୍ଦୋବସ୍ତ ସହ ଶୁଖିଲା ଖାଦ୍ୟର ବ୍ୟବସ୍ଥା ହୋଇଥିଲା। ପ୍ରଥମେ ସେମାନଙ୍କ ନାମ ପଞ୍ଜୀକରଣ ସହ ସ୍ୱାସ୍ଥ୍ୟ ଅବସ୍ଥା ଯାଞ୍ଚ କରାଯାଇଥିଲା। ପରେ ପଞ୍ଚାୟତସ୍ତରୀୟ କ୍ୱାରାଣ୍ଟାଇନ୍ ସେଣ୍ଟରକୁ ପଠାଇ ଦିଆଯାଇଥିବା ନୋଡାଲ ଅଫିସର ଦାୟିତ୍ୱରେ ଥିବା ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ଦାସ କହିଛନ୍ତି। ଏମାନଙ୍କ ମଧ୍ୟରେ ଜଣେ ମହିଳା ଥିବା ବେଳେ ଅନ୍ୟମାନେ ତିହିଡ଼ି, ଚାନ୍ଦବାଲି, ବାସୁଦେବପୁର, ଭଦ୍ରକ ଓ ଧାମନଗର ଅଞ୍ଚଳର ବୋଲି ଜଣାପଡ଼ିଛି।

# କଣ୍ଟେନ୍‌ମେଣ୍ଟ ଜୋନରେ ଯାଜପୁର ଜିଲାର ୧୧ ଗ୍ରାମ

**■ଆକ୍ରାନ୍ତ ସଂଖ୍ୟା ୪୮, ରାଜ୍ୟରେ ସର୍ବାଧିକ**

**■ଯୋଡ଼ିହେଲା ନୂଆ ୨ ବ୍ଲକର ୫ ପଞ୍ଚାୟତ**

**ଯାଜପୁର ଅଫିସ/ବିଞ୍ଝାରପୁର/ବରୀ/ ରତ୍ନଗିରି(ସ୍ୱ.ପ୍ର./ଡି.ଏନ୍.ଏ.),୨ା୫**

ଲକ୍‌ଡାଉନ ସତ୍ତ୍ୱେ ମାର୍ଚ୍ଚ ଶେଷ ସପ୍ତାହରେ ପଶ୍ଚିମବଙ୍ଗରୁ ପ୍ରାୟ ୭୦୦ ଶ୍ରମିକ କିଭଳି ଯାଜପୁର ଜିଲାକୁ ପ୍ରବେଶ କରିଛନ୍ତି, ତାହା ଏବେ ଜିଲାବାସୀଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଫଳସ୍ୱରୂପ ଶନିବାର ସୁଦ୍ଧା ଜିଲାରେ ୪୮ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି, ଯାହାକି ରାଜ୍ୟରେ ସବୁଠୁ ଅଧିକ। ଶନିବାର ଗୋଟିଏ ଦିନରେ ୮ ଜଣ ସଂକ୍ରମିତ ହେବାପରେ ଜିଲା ପ୍ରଶାସନ ପକ୍ଷରୁ ଯାଜପୁର, ବିଞ୍ଝାରପୁର ଓ ବରୀ ଆଦି ୩ ବ୍ଲକର ନାଥସାହି, କଲ୍ୟାଣପୁର ଓ କଳାମାଟିଆ ପଞ୍ଚାୟତ ଅଧୀନ ୧୧ ଗ୍ରାମର ୫୨୭୦ ଘରର ୨୩,୬୫୬ ଜଣ ଲୋକଙ୍କୁ କଣ୍ଟେନମେଣ୍ଟରେ ଜୋନରେ ରଖାଯାଇଛି। ଏହା ପୂର୍ବରୁ ୧୨ ପଞ୍ଚାୟତର ୩୦ ଖଣ୍ଡ ଗ୍ରାମକୁ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଛି।

ଜିଲାରେ ନୂଆ ୨ ବ୍ଲକର ୫ଟି ଗ୍ରାମ ପଞ୍ଚାୟତ କରୋନା ସଂକ୍ରମଣରେ ସାମିଲ ହୋଇଛି। ଅଦ୍ୟାବଧି ଜିଲାର ୧୦ ବ୍ଲକ ମଧ୍ୟରୁ ୬ ବ୍ଲକ ଅଞ୍ଚଳରେ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସମସ୍ତ ସଂକ୍ରମିତଙ୍କ ପଶ୍ଚିମବଙ୍ଗ ସହ ଲିଙ୍କ୍ ରହିଥିବା ସୂଚନା ମିଳିଛି। ଜିଲା ପ୍ରଶାସନ ପକ୍ଷରୁ ନୂଆ ସଂକ୍ରମିତମାନଙ୍କ ଅଞ୍ଚଳଗୁଡ଼ିକୁ ବିଶୋଧନ କରାଯିବା ସହ ସେମାନଙ୍କ ସଂସ୍ପର୍ଶରେ ଆସିଥିବା ଲୋକଙ୍କୁ ଠାବ କରିବାକୁ ଉଦ୍ୟମ ଆରମ୍ଭ ହୋଇଛି। ଜିଲାରେ କରୋନା ସଂକ୍ରମଣ ଅଣାୟତ୍ତ ହେଉଥିବାବେଳେ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହୁଥିବା ପଶ୍ଚିମବଙ୍ଗ ଫେରନ୍ତା ଓ ତାଙ୍କ ସମ୍ପର୍କୀୟଙ୍କୁ ସରକାରୀ କ୍ୱାରାଣ୍ଟାଇନରେ ରଖି ଚିକିତ୍ସା କରିବାକୁ ଦାବି ହୋଇଛି। ଦିନକୁ ଦିନ ନୂଆ ନୂଆ ଅଞ୍ଚଳରେ ସଂକ୍ରମିତ ଚିହ୍ନଟ ହେଉଥିବାରୁ ଜିଲାବାସୀ ଆତଙ୍କିତ ହୋଇପଡ଼ିଛନ୍ତି।

ଜିଲା ପ୍ରଶାସନ ପକ୍ଷରୁ ଯାଜପୁର ବ୍ଲକ ନାଥସାହି ପଞ୍ଚାୟତର ସୁନିନ୍ଦା ଓ ନାଥସାହି, ବିଞ୍ଝାରପୁର ବ୍ଲକ କଲ୍ୟାଣପୁର ପଞ୍ଚାୟତର କଲ୍ୟାଣପୁର, ସମଲପୁର, ରୁଦ୍ରପୁର, କାହ୍ନୁପୁର ଓ ମସରା ଏବଂ ବରୀ ବ୍ଲକ କଳାମାଟିଆ ପଞ୍ଚାୟତର ତଳକାଇପଡା, ଉପର କାଇପଡା, କଳାମାଟିଆ ଓ ଜୋରାକୁଳ ଗ୍ରାମକୁ କଣ୍ଟେନମେଣ୍ଟ ଜୋନ ଭାବେ ଘୋଷଣା କରାଯାଇଛି। ଏହା ଶନିବାର ସକାଳ ୬ଟାରୁ ଆସନ୍ତା ୧୬।୫।୨୦୨୦ ତାରିଖ ସକାଳ ୬ଟା ପର୍ଯ୍ୟନ୍ତ ବଳବତ୍ତର ରହିବ। କଣ୍ଟେନମେଣ୍ଟ ଜୋନ ଭିତରକୁ କିମ୍ବା ବାହାରକୁ କୌଣସି ବ୍ୟକ୍ତି ଯାତାୟାତ କରିପାରିବେ ନାହିଁ। ଅତ୍ୟାବଶ୍ୟକ ସାମଗ୍ରୀ ଓ ଔଷଧ ବିଭିନ୍ନ ସରକାରୀ ଟିମ୍ ପକ୍ଷରୁ ଯୋଗାଇ ଦିଆଯିବ। ଏଥିପାଇଁ ଯାଜପୁର ବ୍ଲକ ପାଇଁ ତହସିଲଦାର ସୁଶାନ୍ତ କୁମାର ପତି, ବିଡିଓ ସୌରଭ ଚକ୍ରବର୍ତ୍ତୀ ଓ ମେଡିକାଲ ଅଫିସର ଆଲୋକନାଥ ସାମଲଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିପରି ବିଞ୍ଝାରପୁର ବ୍ଲକ ପାଇଁ ତହସିଲଦାର ଅସ୍ମିତା ଦାସ, ବିଡିଓ ମିନତି ଜଗଦେବ ଓ ମେଡିକାଲ ଅଫିସର ପ୍ରକାଶ ପଣ୍ଡା ଏବଂ ବରୀ ବ୍ଲକ ପାଇଁ ତହସିଲଦାର ସରୋଜକାନ୍ତ ନାୟକ, ଏବିଡିଓ ଶାଶ୍ୱତ କୁମାର ଜେନା ଓ ମେଡିକାଲ ଅଫିସର କୌଶିକ ପାତ୍ରଙ୍କୁ ବିଭିନ୍ନ ଦାୟିତ୍ୱ ଦିଆଯାଇଛି।

ପୂର୍ବରୁ ବାସୁଦେବପୁର ପଞ୍ଚାୟତକୁ କଣ୍ଟେନମେଣ୍ଟ ଜୋନ ଭାବେ ଘୋଷଣା କରାଯାଇଛି। କୋଲକାତାରୁ ଫେରିବା ପରେ ଶ୍ରମିକମାନେ ସଂପୃକ୍ତ ଅଞ୍ଚଳରେ ନାମ ପଞ୍ଜୀକୃତ କରି ହୋମ୍ କ୍ୱାରାଣ୍ଟାଇନରେ ରହିବା କଥା। କିନ୍ତୁ ଏହାକୁ ଉଲ୍ଲଂଘନ କରି ବହୁ ପଶ୍ଚିମବଙ୍ଗ ଫେରନ୍ତା ଶ୍ରମିକ ବାହାରେ ବୁଲାବୁଲି କରି ଶତାଧିକ ଲୋକଙ୍କ ସଂସ୍ପର୍ଶରେ ଆସିଥିବା ଆଲୋଚନା ହେଉଛି। ଏହାକୁ ପ୍ରତିହତ କରିବାରେ ଜିଲା ପ୍ରଶାସନ ବିଫଳ ହେବାରୁ ଜିଲାରେ କରୋନା ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି।


ଯାଜପୁର ଜିଲା ବରୀ ବ୍ଲକର କଳାମାଟିଆ ଅଞ୍ଚଳରେ ଚାଲିଛି ବିଶୋଧନ।

### ଗୁଟ୍‌ଖା ଉପରେ ରେଡ୍, ହେଲମେଟ୍ ଯାଞ୍ଚ

**ବୋରିଗୁମ୍ମା,୨ା୫(ଡି.ଏନ୍.ଏ.)**

କରୋନା ଭାଇରସ ଯୋଗୁ ସାରା ଦେଶରେ ଲକ୍‌ଡାଉନ ଚାଲିଥିବା ବେଳେ ଏହି ଅବଧି ଭିତରେ ସରକାର ମଦ, ଗୁଟ୍‌ଖା ତଥା ତମାଖୁ ଜାତୀୟ ଦ୍ରବ୍ୟ ବିକ୍ରି ଉପରେ କଟକଣା ଜାରି କରିଛନ୍ତି। କିନ୍ତୁ ପୋଲିସ ଲକ୍‌ଡାଉନ ଦାୟିତ୍ୱରେ ବ୍ୟସ୍ତ ଥିବାର ସୁଯୋଗ ନେଇ ମଦ ମାଫିଆମାନେ ସକ୍ରିୟ ହୋଇଛନ୍ତି। ସେହିଭଳି ଦୋକାନ ବଜାର ବନ୍ଦ ଥିବା ସତ୍ତ୍ୱେ ଗୁଟ୍‌ଖା ବେପାରୀ ମଧ୍ୟ କାରବାର ଚଳାଇଛନ୍ତି। କୋରାପୁଟ ଜିଲା ବୋରିଗୁମ୍ମା ଥାନା ଆଇଆଇସି ସଞ୍ଜୟ କୁମାର ମଣ୍ଡଳଙ୍କ ନିର୍ଦ୍ଦେଶ କ୍ରମେ ସହରର ମେରିଆ ମାର୍ଗରେ ଏସ୍. ଗିରି ରାଓଙ୍କ ଘରୁ ବିପୁଳ ପରିମାଣର ଗୁଟ୍‌ଖା ଜବତ କରିଛି ପୋଲିସ। ସେହିଭଳି ହାଟପଦାର ସୁଶାନ୍ତ ସାହୁଙ୍କ ଘରୁ ମଧ୍ୟ ବିପୁଳ ପରିମାଣର ଗୁଟ୍‌ଖା ଜବତ ହୋଇଛି। ଜୟପୁର ବାଣିଜ୍ୟକର ଅଧିକାରୀ ଆସିବା ପରେ ଏସ୍.ଗିରିଙ୍କୁ ୭୫ ହଜାର ଟଙ୍କା ଓ ସୁଶାନ୍ତ କୁମାର ସାହୁଙ୍କୁ ୧୫,୦୪୦ ଟଙ୍କା ଜରିମାନା କରିଛନ୍ତି। ଅନ୍ୟପକ୍ଷରେ ପୋଲିସ ବିନା ହେଲମେଟରେ ବାଇକ ଚଳାଉଥିବା ବ୍ୟକ୍ତିଙ୍କ ଉପରେ ଚଢ଼ାଉ କରିଛି। ଏଥିରେ ୫୪ ଜଣ ବାଇକ ଆରୋହୀ ବିନା ହେଲମେଟରେ ଗାଡ଼ି ଚଳାଇ ୨୭ ହଜାର ଟଙ୍କା ଦଣ୍ଡ ଗଣିଛନ୍ତି।

## ଅନ୍ତର୍ଜାତୀୟ ଶ୍ରମିକ ଦିବସରେ କାମ କଲେ ଶ୍ରମିକ

**ଖୁସି ଛଡ଼ାଇ ନେଇଛି କରୋନା**


ଶ୍ରମିକ ଦିବସରେ ଶ୍ରମିକମାନେ ଏମ୍‌ଏନ୍‌ଆର୍‌ଇଜିଏସ୍‌ରେ କାମ କରୁଛନ୍ତି।

**ମାଲକାନଗିରି,୨ା୫ (ଡି.ଏନ୍.ଏ.)**

ଦେଶ ନିର୍ମାଣରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ଶ୍ରମିକଙ୍କ ଖୁସି ଛଡାଇ ନେଇଛି କରୋନା। ସେମାନେ ଆଜି ଆଖିରୁ ଲୁହ ଗଡାଉଛନ୍ତି। ଶ୍ରମିକମାନେ କାର୍ଯ୍ୟ ବନ୍ଦ କରି ଏକତ୍ରିତ ହୋଇ ଏହି ଦିବସକୁ ପାଳନ କରିଥାନ୍ତି। ମାତ୍ର କରୋନା ସେମାନଙ୍କ ଏହି ଖୁସି ଛଡାଇ ନେଇ ଆଖିରେ ଲୁହ ଭରି ଦେଇଛି।ମାଲକାନଗିରି ସଦର ବ୍ଲକ ଟେକଗୁଡାର କେତେକ ଶ୍ରମିକ ଅର୍ଥ ରୋଜଗାର ପାଇଁ ଶ୍ରମିକ ଦିବସରେ କାମରେ ଲାଗିଥିଲେ। ଶ୍ରମିକ ଦିବସରେ ସେମାନେ କାର୍ଯ୍ୟ କରିବା ନେଇ ସେମାନଙ୍କୁ ପଚାରିବାରୁ ଶ୍ରମିକମାନେ କହିଥିଲେ ଯେ, ଲକଡାଉନ ଯୋଗୁ ଦୀର୍ଘ ଦେଢମାସ ହେଲା କାମ ନ କରି ଘରେ ବସିଛୁ। ପରିବାର ଚଳାଇବା ଖୁବ୍ କଷ୍ଟ ହେଉଛି। ଏମଏନଆରଇଜିଏସ୍‌ରେ କାମ ହେଉଛି ଆମେ କାମ କରିବାକୁ ଆସିଛୁ ବୋଲି ପ୍ରକାଶ କରିଥିଲେ।

ସେହିପରି ମାଲକାନଗିରି ଜିଲାରେ କାର୍ଯ୍ୟ କରୁଥିବା କଟକ ଜିଲା ବିଲାଶୁଣି ଗ୍ରାମର ଶ୍ରମିକମାନେ ଶ୍ରମିକ ଦିବସରେ ନିଜ ଘରକୁ ଚାଲି ଚାଲି ଯାଉଥିବା ଶୁକ୍ରବାର ଦେଖିବାକୁ ମିଳିଛି। କାଲିମେଳା ବ୍ଲକ ପୋଟେରୁ ନଦୀରେ ସେତୁ ନିର୍ମାଣରେ କାର୍ଯ୍ୟରେ ନିୟୋଜିତ ଏହି ୨ଜଣ ଶ୍ରମିକ ଦୁଇମାସ ଧରି ଏଠାରେ କାର୍ଯ୍ୟ ବନ୍ଦ ଯୋଗୁ ପଡି ରହିଥିଲେ ।

## ହତ୍ୟା ଅଭିଯୁକ୍ତ ନିର୍ଦ୍ଦୋଷ

**କାମାକ୍ଷାନଗର, ୨ା୫(ଡି.ଏନ.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗର ଅତିରିକ୍ତ ଜିଲା ଦୌରାଜଜ୍ (ଏଡିଜେ)ଙ୍କ ଅଦାଲତରେ ଶୁକ୍ରବାର ଏକ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଏଡିଜେ ସତ୍ୟନାରାୟଣ ପାତ୍ର ପ୍ରମାଣ ଅଭାବରୁ ଅଭିଯୁକ୍ତ ବିଷ ମଲ୍ଲିକଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ମନ୍ମଥ ମିଶ୍ର, ଅଶୋକ ଖୁଣ୍ଟିଆ ଏବଂ ସର୍ବଜିତ୍ ଜି ମାମଲା ପରିଚାଳନା କରିଥିଲେ। ମାମଲାର ବିବରଣୀ ଅନୁଯାୟୀ, ୨୦୧୮ ଜାନୁୟାରୀ ୧୮ ସନ୍ଧ୍ୟାରେ କାମାକ୍ଷାନଗର ଥାନା ଜୟପୁରାକାଟେଣୀ ଗ୍ରାମର ପୁରୁଣା ନାରୀସଂଘ ଘର ପାଖରେ ରଥିଆ ମଲ୍ଲିକଙ୍କ ସମେତ ଅନ୍ୟ କେତେଜଣ ନିଆଁ ପୋଇଁ ହେଉଥିଲେ। ଏହି ସମୟରେ ବିଷ ମଲ୍ଲିକ ପହଞ୍ଚି ଝଗଡ଼ା କରିଥିଲେ। ରଥିଆ ଏହାର ପ୍ରତିବାଦ କରିବାରୁ ବିଷ ଏକ ଠେଙ୍ଗାରେ ତାଙ୍କୁ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ରଥିଆଙ୍କ ମୃତ୍ୟୁ ହୋଇଯାଇଥିଲା ବୋଲି ସମ୍ପର୍କୀୟ ଶତ୍ରୁଘ୍ନ ମଲ୍ଲିକ ଥାନାରେ ଅଭିଯୋଗ କରିଥିଲେ। ତେବେ ବିଚାର ବେଳେ ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ଅଭାବରୁ କୋର୍ଟ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଦେଇଛନ୍ତି।

## କରୋନା ଯୋଦ୍ଧାଙ୍କ ପିପିଇ ଅସୁରକ୍ଷିତ



**ହୋଇପାରେ ଚର୍ମ ରୋଗର କାରଣ**

**ବେଜିଂ,୨ା୫:** ମହାମାରୀ କରୋନା ସଂକ୍ରମିତଙ୍କୁ ଚିକିତ୍ସା କରୁଥିବା ଡାକ୍ତର ଓ ପାରା ମେଡିକାଲ ଷ୍ଟାଫ୍‌ଙ୍କ ପାଇଁ ବ୍ୟକ୍ତିଗତ ସୁରକ୍ଷା ଉପକରଣ (ପିପିଇ) ଅନିବାର୍ଯ୍ୟ। ଏହାଦ୍ୱାରା ସେମାନେ ଚିକିତ୍ସା କରିବାବେଳେ ନିଜେ କରୋନା ସଂକ୍ରମଣରୁ ରକ୍ଷା ପାଇବେ। ହେଲେ ଏକ ନୂତନ ଅଧ୍ୟୟନ ଅନୁଯାୟୀ, ପିପିଇ ୧୦୦% ସୁରକ୍ଷିତ ନୁହେଁ। ମାସ୍କ, ଗଗଲ୍ସ, ଫେସ୍ ସିଲ୍ଡ, ପ୍ରୋଟେକ୍ଟିଭ ଗାଉନ୍ ଆଦି ପିପିଇ ଦ୍ୱାରା ଗୁରୁତର ଚର୍ମରୋଗ ସୃଷ୍ଟି ହୋଇପାରେ। ୪୨.୮% ମେଡିକାଲ ଷ୍ଟାଫଙ୍କ ଚର୍ମରେ ପିପିଇ ଦ୍ୱାରା ଗମ୍ଭୀର କ୍ଷତ ହୋଇଥିବା ଉକ୍ତ ଅଧ୍ୟୟନରୁ ଜଣାପଡ଼ିଛି। ଚାଇନା ଗବେଷକମାନଙ୍କ ଦ୍ୱାରା ଉକ୍ତ ଅଧ୍ୟୟନ ରିପୋର୍ଟ ଏକ ପତ୍ରିକା 'ଆଡ୍‌ଭାନ୍ସେସ୍ ଇନ୍ ୱାଉଣ୍ଡ କେୟାର'ରେ ପ୍ରକାଶ ପାଇଛି। ସେଥିରେ ଗବେଷକମାନେ କହିଛନ୍ତି ଯେ, ଚର୍ମରେ ଯେଉଁ କ୍ଷତ ସୃଷ୍ଟି ହେଉଛି ତାହାଦ୍ୱାରା ମେଡିକାଲ ଷ୍ଟାଫଙ୍କୁ କରୋନା ସଂକ୍ରମଣ ହେବା ଆଶଙ୍କା ବଢ଼ାଉଛି। କାରଣ ଏହାକୁ ଏଡାଇବା ପାଇଁ ପର୍ଯ୍ୟାପ୍ତ ପଦକ୍ଷେପ ଏବଂ ଚିକିତ୍ସାର ଅଭାବ ରହିଛି। ଆମେ ମେଡିକାଲ ଷ୍ଟାଫ୍ ବ୍ୟବହାର କରୁଥିବା ପିପିଇର ବିଶେଷତା, ନିବାରକ ସ୍ଥିତି ଓ ଚର୍ମରେ କେତେମାତ୍ରାରେ କ୍ଷତ ସୃଷ୍ଟି ହେଉଛି ତାହା ଯାଞ୍ଚ କରିଥିଲୁ। ଏଥିପାଇଁ ଫେବୃୟାରୀ ୮ରୁ ୨୨ ମଧ୍ୟରେ କରୋନା ଯୋଦ୍ଧା ସାଜିଥିବା ମେଡିକାଲ ଷ୍ଟାଫ୍‌ମାନଙ୍କୁ ନେଇ ଏକ ଅନ୍‌ଲାଇନ ସର୍ଭେ କରିଥିଲୁ। ସେମାନେ ଫୋନ ମାଧ୍ୟମରେ ସ୍ୱେଚ୍ଛାକୃତ ଭାବେ ଆମ ପ୍ରଶ୍ନଗୁଡ଼ିକର ଉତ୍ତର ଦେଇଥିଲେ। ସେମାନଙ୍କ ମଧ୍ୟରୁ ୪୨.୮% ଜଣଙ୍କ ଚର୍ମରେ ପିପିଇ ଦ୍ୱାରା ଚାପ ପଡ଼ିବା, ଆର୍ଦ୍ରତା ସୃଷ୍ଟି ହେବା ଏବଂ କଟି କ୍ଷତ ହେବା ଭଳି ୩ ପ୍ରକାରର ଆଘାତ ଲାଗିଛି ବୋଲି ଗବେଷକମାନେ କହିଛନ୍ତି। ଚର୍ମରେ ଆଘାତ ଲାଗିବାର ଏକାଧିକ କାରଣ ରହିଛି। ବିଶେଷକରି ପିପିଇକୁ ଅଧିକ ସମୟ ପିନ୍ଧିବା, ଅତ୍ୟଧିକ ଝାଳ ବାହାରିବା ଏବଂ ଗ୍ରେଡ୍-୨ ବଦଳରେ ଗ୍ରେଡ୍-୩ ପିପିଇ ବ୍ୟବହାର ଦ୍ୱାରା ଚର୍ମ ନଷ୍ଟ ହେବାର ଆଶଙ୍କା ବଢ଼ିଥାଏ।

# ଖାଦ୍ୟ ନିରାପତ୍ତା, ରବିଧାନ ସଂଗ୍ରହକୁ ଅଗ୍ରାଧିକାର

**ଜିଲାପାଳମାନଙ୍କ ସହ ଯୋଗାଣ ବିଭାଗର ଆଲୋଚନା**

**ଭୁବନେଶ୍ୱର,୨ା୫(ବ୍ୟୁରୋ)**

କରୋନା ମୁକାବିଲା ସମୟରେ ସାରା ରାଜ୍ୟରେ ଯେପରି ଖାଦ୍ୟ ନିରାପତ୍ତା ଏବଂ ରବି ଧାନ ସଂଗ୍ରହ ସୁନିଶ୍ଚିତ ଢଙ୍ଗରେ ହୋଇପାରିବ ସେ ନେଇ ଯୋଗାଣ ଏବଂ ସମବାୟ ବିଭାଗ ପକ୍ଷରୁ ସମସ୍ତ ପଦକ୍ଷେପ ନିଆଯାଉଛି। ଏ ନେଇ ଲୋକସେବା ଭବନରେ ଶୁକ୍ରବାର ଆୟୋଜିତ ଭିଡିଓ କନ୍‌ଫରେନ୍ସ ବୈଠକ ଜରିଆରେ ଜିଲାପାଳମାନଙ୍କ ସହ ବିଭାଗୀୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏବଂ ସଚିବ ବୀର ବିକ୍ରମ ଯାଦବ ବିଭିନ୍ନ ଜିଲାର ସଦ୍ୟତମ ସ୍ଥିତି ସମ୍ପର୍କରେ ଆଲୋଚନା କରିଛନ୍ତି । ରବିଧାନ ଅମଳ ଓ ସଂଗ୍ରହ କାର୍ଯ୍ୟରେ ଶ୍ରମିକମାନଙ୍କର ଆନ୍ତଃଜିଲା ଯାତାୟାତ ଓ ହାରଭେଷ୍ଟର ବ୍ୟବହାର ନିମନ୍ତେ କୌଣସି ପ୍ରତିବନ୍ଧକ ହଟାଇବା ପାଇଁ ସ୍ଥାନୀୟ ବିଧାୟକ, ଜନପ୍ରତିନିଧି, କୃଷକ ସଂଗଠନ ଓ ସାମାଜିକ ସଂଗଠନର ପ୍ରତିନିଧିମାନଙ୍କ ସହିତ ବୈଠକ କରିବା ପାଇଁ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି। ବୈଠକରେ ଗରିବ, ଦୁଃସ୍ଥ ଓ ବାଦ୍ ପଡ଼ିଥିବା ହିତାଧିକାରୀମାନଙ୍କ ଚିହ୍ନଟ ପ୍ରକ୍ରିୟାକୁ ତୁରନ୍ତ ଶେଷକରି ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। କୋଭିଡ-୧୯ ପରିପ୍ରେକ୍ଷୀରେ ବାହାର ରାଜ୍ୟରୁ ଫେରୁଥିବା ଓଡ଼ିଶାର ଶ୍ରମିକମାନଙ୍କ ଖାଦ୍ୟ ସୁରକ୍ଷାକୁ ମଧ୍ୟ ନିଶ୍ଚିତ କରାଯିବା ପାଇଁ ସେମାନଙ୍କ ମଧ୍ୟରୁ ଯୋଗ୍ୟ ବିବେଚିତଙ୍କୁ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରାଯିବ ବୋଲି ମନ୍ତ୍ରୀ କହିଥିଲେ। ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ଓଡ଼ିଶାର ଜୀବନରେଖା ଏବଂ କୃଷକମାନଙ୍କର ରୋଜଗାରର ମୁଖ୍ୟ ମାଧ୍ୟମ ହୋଇଥିବାରୁ ଚାଷ କାର୍ଯ୍ୟ ଯେପରି ବାଧାପ୍ରାପ୍ତ ନ ହୁଏ ସେଥିପ୍ରତି ପଦକ୍ଷେପ ନେବା ପାଇଁ ଜିଲାପାଳମାନଙ୍କୁ କହିଥିଲେ। ଧାନ ଅମଳ ପାଇଁ ଆନ୍ତଃଜିଲା ଶ୍ରମିକ ଯାତାୟାତ ନିମନ୍ତେ ସମ୍ପୃକ୍ତ ଜିଲାପାଳମାନେ ସମନ୍ୱୟ ରକ୍ଷା କରି ଆବଶ୍ୟକ ପଦକ୍ଷେପ ନେବା ପାଇଁ ତ୍ରିପାଠୀ କହିଥିଲେ। ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ହିତାଧିକାରୀମାନଙ୍କୁ ତ୍ରୈମାସିକ ଆଗୁଆ ରାଶନ ସାମଗ୍ରୀ ଏକକାଳୀନ ପ୍ରଦାନ ଏବଂ ରାଶନକାର୍ଡଧାରୀ ପିଛା ୧୦୦୦ ଟଙ୍କା ନଗଦ ଅର୍ଥ ବଣ୍ଟନ କାର୍ଯ୍ୟକୁ ମେ ୫ ତାରିଖ ସୁଦ୍ଧା ଶେଷ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

# ପରକୀୟା ପ୍ରୀତି ଯୋଗୁ ଯୁବକଙ୍କୁ ହତ୍ୟା

**■ଅପହରଣ ପରେ ହତ୍ୟା କରି ଟାଙ୍ଗି ଦେଇଛନ୍ତି**

**■ଗ୍ରାମର ୬/୭ଜଣ ଆସି ଦୀନବନ୍ଧୁଙ୍କୁ ମାଡ଼ ମାରିଥିଲେ**

**■ବ୍ୟବଚ୍ଛେଦ ରିପୋର୍ଟକୁ ପୋଲିସର ଅପେକ୍ଷା**

**କାଲିମେଳା,୨ା୫(ଡି.ଏନ୍.ଏ.)**

ମାଲକାନଗିରି ଜିଲା ଏମ୍‌ଭି-୭୯ ଥାନା ଅନ୍ତର୍ଗତ ମାଲାଗୁଣ୍ଡି ପଞ୍ଚାୟତ ଅନ୍ତର୍ଗତ ଏମ୍‌ଭି-୭୨ ଗ୍ରାମର ଜଣେ ଯୁବକଙ୍କ ମୃତଦେହ ଇଦିକୋଣ୍ଡା ଗ୍ରାମ ଜଙ୍ଗଲର ଝରଣା ନିକଟ ଗଛରୁ ଝୁଲନ୍ତା ଅବସ୍ଥାରେ ଶୁକ୍ରବାର ଉଦ୍ଧାର କରାଯାଇଛି। ତାଙ୍କ ନାମ ଦୀନବନ୍ଧୁ ମଣ୍ଡଳ (୨୫)। ସେ ଏମ୍‌ଭି-୭୨ ଗ୍ରାମର ନିର୍ମଳ ମଣ୍ଡଳଙ୍କ ପୁଅ। ଦୀନବନ୍ଧୁଙ୍କୁ ଗ୍ରାମର କେତେକ ଲୋକ ବୁଧବାର ରାତିରେ ଅପହରଣ କରି ନେଇ ହତ୍ୟା କରି ଗଛରେ ଝୁଲାଇ ଦେଇ ଆତ୍ମହତ୍ୟା ରୂପ ଦେଇଛନ୍ତି ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏମ୍‌ଭି-୭୯ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ଲାଗି କାଲିମେଳା ପଠାଇଥିଲା। ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରି ଘଟଣାର ତଦନ୍ତ ଆରମ୍ଭ କରିଛି । ଖବରରୁ ଜଣାପଡିଛି ଯେ, ଦୀନବନ୍ଧୁ ବୁଧବାର ରାତି ପ୍ରାୟ ଗୋଟାଏରେ ସେହି ଗ୍ରାମର ଜଣେ ଯୁବତୀଙ୍କୁ ଅସଦାଚରଣ କରିଥିଲେ। ଏନେଇ ଯୁବତୀ ଗୁରୁବାର ତାଙ୍କ ନାମରେ ଏମ୍‌ଭି-୭୯ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଅଭିଯୋଗର ତଦନ୍ତ କରୁଥିଲା । ଅନ୍ୟପକ୍ଷରେ ଦୀନବନ୍ଧୁଙ୍କ ଭାଉଜ ସୁଚିତ୍ରା ମଣ୍ଡଳ ଓ ପୁଷ୍ପରାଣୀ ମଣ୍ଡଳ ଅଭିଯୋଗ କରିଛନ୍ତି ଯେ ବୁଧବାର ରାତି ଗୋଟାଏରେ ଗ୍ରାମର ସପନ ମଣ୍ଡଳ, ବିକନ ମଣ୍ଡଳ, ପରମେଶ ଗୋସ୍ୱାମୀ, ଦେବେଶ ଗୋସ୍ୱାମୀ, କାମଲେସ ଗୋସ୍ୱାମୀଙ୍କ ସହ ୬/୭ ଜଣ ଲୋକ ଆମ ଘରକୁ ଆସି ଦୀନବନ୍ଧୁଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ପରେ ତାଙ୍କୁ ଉଠାଇ ନେଇଯାଇଥିଲେ। ଏନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ତେବେ ଜଙ୍ଗଲରୁ ମୃତଦେହ ଉଦ୍ଧାର ବେଳେ ଯେଭଳି ଅବସ୍ଥାରେ ମାଟିକୁ ଲାଗି ଝୁଲୁଥିଲା, ଏହା ଦେଖିଲେ ଏହା ଆତ୍ମହତ୍ୟା ନୁହେଁ ହତ୍ୟା ଘଟଣା ବୋଲି ଦୀନବନ୍ଧୁଙ୍କ ମା' ପିପାସା ମଣ୍ଡଳ ଅଭିଯୋଗ କରିଛନ୍ତି। ଘଟଣା ବିଷୟରେ ଏମ୍‌ଭି-୭୯ ଥାନା ଅଧିକାରୀ ହରିଶ ଚନ୍ଦ୍ର ଗୋଲରିଙ୍କୁ ପଚାରିବାରୁ ସେ କହିଛନ୍ତି, ମୃତ ଯୁବକଙ୍କ ନାମରେ ଅସଦାଚରଣ ଅଭିଯୋଗ ଆସିଥିଲା। ପୋଲିସ ତଦନ୍ତ ପାଇଁ ଗୁରୁବାର ତାଙ୍କ ଘରକୁ ଯାଇଥିବା ବେଳେ ସେ ଘରେ ନ ଥିବା ତାଙ୍କ ଭାଉଜ କହିଥିଲେ। ତେବେ ଏହି ଘଟଣାର ତଦନ୍ତ ଚାଲିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ସଠିକ ତଥ୍ୟ ଜଣାପଡିବ ବୋଲି ଗୋଲରି କହିଛନ୍ତି।

# ବୁଢ଼ୀ ମନ୍ଦିରରେ ଭିଡ଼

**■ଅନୁଗୋଳରେ କଟକଣା ଉଲ୍ଲଂଘନ**

**■ଶନି ଓଷା ପାଇଁ ଗହଳି କଲେ ଶ୍ରଦ୍ଧାଳୁ**

**■ଗୋଡ଼ାଇ ଗୋଡ଼ାଇ ତଡ଼ିଲା ପୋଲିସ**

**ଅନୁଗୋଳ ଅଫିସ, ୨ା୫**

କରୋନା ସଂକ୍ରମଣ ରୋକିବାକୁ ସରକାର ଲକ୍‌ଡାଉନ୍ ଜାରି ରଖିଥିବା ବେଳେ ଧର୍ମାନୁଷ୍ଠାନଗୁଡ଼ିକରେ ଶ୍ରଦ୍ଧାଳୁଙ୍କ ପ୍ରବେଶ ଉପରେ ରୋକ୍ ଲଗାଯାଇଛି। କଟକଣା ଉଲ୍ଲଂଘନ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନିର୍ଦ୍ଦେଶନାମା ଜାରି କରାଯାଇଛି। କିନ୍ତୁ ଶନିବାର ଅନୁଗୋଳ ସହରର ବିଭିନ୍ନ ମନ୍ଦିରରେ ମହିଳାମାନେ ଶନିଓଷା କରିବାକୁ ଗହଳି ଲଗାଇବା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। ଖବରପାଇ ପୋଲିସ ମନ୍ଦିରଗୁଡ଼ିକରେ ପହଞ୍ଚି ମହିଳା ଶ୍ରଦ୍ଧାଳୁମାନଙ୍କୁ ଘଉଡ଼ାଇ ଦେଇଥିଲା। କେତେକ ସାହି ମନ୍ଦିରରେ ନିଜେ ଏସ୍‌ପି ଜଗମୋହନ ମୀନା ପୋଲିସର ନେତୃତ୍ୱ ନେଇଥିବା ଦେଖାଯାଇଥିଲା।

ଅନୁଗୋଳ ସହରରେ ଥିବା ବୁଢ଼ୀ ମନ୍ଦିରରେ ସକାଳୁ ବହୁ ସଂଖ୍ୟକ ମହିଳା ଭିଡ଼ ଜମାଇଥିଲେ। ବିଭିନ୍ନ ସାହିରେ ଥିବା ମନ୍ଦିରଗୁଡ଼ିକରେ ମଧ୍ୟ ସମାନ ଦୃଶ୍ୟ ଦେଖିବାକୁ ମିଳିଥିଲା। ମହିଳାମାନେ ମନ୍ଦିରରେ ପୂଜାର୍ଚ୍ଚନା କରୁଥିବା ଖବର ଜିଲା ପୋଲିସ ମୁଖ୍ୟାଳୟରେ ପହଞ୍ଚିବା ପରେ ଅନୁଗୋଳ ଏସ୍‌ପି ତତ୍ପର ହୋଇଉଠିଥିଲେ। ତୁରନ୍ତ ସହରରେ ଥିବା ମନ୍ଦିରଗୁଡ଼ିକୁ ପୋଲିସ ପଠାଇବା ସହ ନିଜେ ଏସ୍‌ପି ମଧ୍ୟ ଲୋକଙ୍କ ନିକଟରେ ପହଞ୍ଚିଥିଲେ। ହେମସୁରପଡ଼ାରେ ଥିବା ଶନି ମନ୍ଦିରରେ ଭିଡ଼ ଭାଙ୍ଗିବା ସହ ମହିଳାମାନଙ୍କୁ ଏପରି ନ କରିବାକୁ ଏସ୍‌ପି କହିଥିଲେ। ଆଗାମୀ ଦିନରେ କଟକଣା ଉଲ୍ଲଂଘନ ହେଲେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ଚେତାଇ ଦେଇଥିଲେ। ଅନ୍ୟପକ୍ଷରେ ପୋଲିସକୁ ଦେଖି ପୂଜକମାନେ ଛାନିଆ ହୋଇଯାଇଥିଲେ ମଧ୍ୟ ମହିଳା ଭକ୍ତମାନେ ମନ୍ଦିର ଛାଡ଼ି ନ ଥିଲେ। ଏହାପରେ ପୋଲିସ ଲୋକଙ୍କୁ ଗୋଡ଼ାଇ ଗୋଡ଼ାଇ ତଡ଼ି ଦେଇଥିଲା। ସହରର ଜଣେ ପୂଜକ କହିଛନ୍ତି, ଶ୍ରଦ୍ଧାଳୁମାନେ ମନ୍ଦିର ଆସିଥିବାବେଳେ ସେମାନଙ୍କୁ ସାମାଜିକ ଦୂରତା ରଖିବାକୁ କୁହାଯାଇଥିଲା। କିନ୍ତୁ ସେମାନଙ୍କ ସଂଖ୍ୟା ବଢ଼ିବାରୁ ଏପରି ସମସ୍ୟା ସୃଷ୍ଟି ହୋଇଥିଲା।



# ଶୁଝୁନି ଫନୀର କ୍ଷତ

**ବାତ୍ୟା ଫନୀକୁ ବିତିଗଲା ବର୍ଷେ। ରାଜ୍ୟର ଉପକୂଳବର୍ତ୍ତୀ ଅଞ୍ଚଳ ସମେତ ୧୪ ଜିଲା ଫନୀଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ବେଳେ ପୁରୀ, ଖୋର୍ଦ୍ଧା ଓ କଟକ ଜିଲାରେ ଅଧିକ କ୍ଷୟକ୍ଷତି ହୋଇଥିଲା। ତେବେ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିବା ପୁରୀ ଜିଲାର ବିଭିନ୍ନ ଅଞ୍ଚଳରେ ଏବେ ବି ଦୃଶ୍ୟମାନ ହେଉଛି ପ୍ରକୃତିର କରାଳ ରୂପର ପଦଚିହ୍ନ। ସଜଡ଼ା ଯାଇପାରିନି ଅନେକ ଶିକ୍ଷାନୁଷ୍ଠାନ। ବହୁ ବିପନ୍ନ ଏପର୍ଯ୍ୟନ୍ତ ପଲିଥିନ ତଳେ ଦିନ କାଟୁଛନ୍ତି। ଉଜୁଡ଼ି ଯାଇଥିବା ବାଲୁଖଣ୍ଡ ଅଭୟାରଣ୍ୟ ଧୀରେ ଧୀରେ ସବୁଜିମାମୟ ହେବାରେ ଲାଗିଛି। ବିଦ୍ୟୁତ୍, ପାଣି ସ୍ୱାଭାବିକ ହୋଇଥିବାବେଳେ ହୋଟେଲ ଶିଳ୍ପ ଅଣ୍ଟା ସଳଖି ଆସୁଥିଲା, ହେଲେ କରୋନା ମାଡ଼ରେ ଏବେ ପୁଣି ଦିଗହରା ହୋଇଯାଇଛି। ଫନୀର ବର୍ଷକ ପରେ ପୁରୀର ସ୍ଥିତିକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା...**

ବାତ୍ୟାକୁ ପୂରିଲା ବର୍ଷେ





**ପୁରୀ ଅଫିସ,୨।୫**

୨୦୧୯ ମେ ୩ତାରିଖ ଥିଲା ଉପକୂଳବର୍ତ୍ତୀ ପୁରୀ ଜିଲା ପାଇଁ ଏକ ଅଭିଶପ୍ତ ଦିନ। ସେହିଦିନ ପୂର୍ବାହ୍ନରେ ତାଣ୍ଡବ ରଚିଥିଲା ଫନୀ। ପବନର ସୁ ସୁ ଗର୍ଜନ ଆଉ ଅବିଶ୍ରାନ୍ତ ବର୍ଷା ମାଡ଼ରେ ଭାଙ୍ଗିଯାଇଥିଲା ଘର, ଗଛ, ବିଦ୍ୟୁତ୍ ଖୁଣ୍ଟ ଆଉ ବଡ଼ ବଡ଼ ଟାୱାର। ମାଟି କାମୁଡ଼ିଥିଲା କଚ୍ଚା ଘର। ବେସାହାରା ହୋଇପଡ଼ିଥିଲେ ଲକ୍ଷ ଲକ୍ଷ ଲୋକ। ବାତ୍ୟା ପୂର୍ବରୁ ସରକାରଙ୍କ ସତର୍କତା ସତ୍ତ୍ୱେ ଚାଲିଯାଇଥିଲା ୩୦ରୁ ଊର୍ଦ୍ଧ୍ୱ ଜୀବନ। ବାତ୍ୟା ପରେ ସବୁଆଡେ ଦେଖିବାକୁ ମିଳିଥିଲା ବିଭୀଷିକାର ଚିତ୍ର। ଉଜୁଡ଼ି ଯାଇଥିଲା ଅନେକଙ୍କ ଜୀବିକା। ପେଟକୁ ମୁଠେ ଦାନା ଏବଂ ମୁଣ୍ଡ ଗୁଞ୍ଜିବା ପାଇଁ ଆରମ୍ଭ ହୋଇଯାଇଥିଲା ସଂଘର୍ଷ। ରିଲିଫ୍ ପାଇଁ ଲାଗିଥିଲା ଲମ୍ବା ଧାଡ଼ି। ଧୀରେ ଧୀରେ ସ୍ଥିତି ସ୍ୱାଭାବିକ ହୋଇଛି। ବଦଳିଛି ପୁରୀର ଚିତ୍ର। ଥୁଣ୍ଟା ଗଛ ସବୁଜିମାମୟ ହୋଇପଡିଛି। ହେଲେ ବିଭିନ୍ନ କ୍ଷେତ୍ରରେ ଏବେ ବି ବାତ୍ୟାର ଚିହ୍ନ ବାରି ହୋଇପଡୁଛି। ସରକାରୀ ବାବୁ ଏବଂ ରାଜନେତାଙ୍କ ମଧରେ ମଧୁଚନ୍ଦ୍ରିକା ଯୋଗୁ ଅନେକ ବିପନ୍ନଙ୍କ ଅବସ୍ଥା ସୁଧୁରି ପାରି ନାହିଁ।

## ଅସଜଡ଼ା ଶିକ୍ଷାନୁଷ୍ଠାନ

ଫନୀରେ ପୁରୀ ଜିଲାର ସ୍କୁଲ ଘରଗୁଡ଼ିକ ବିଶେଷ କ୍ଷତିଗ୍ରସ୍ତ ହୋଇଥିଲା। ଇତିମଧ୍ୟରେ ବାତ୍ୟାକୁ ବର୍ଷେ ପୂରିଯାଇଥିଲେ ବି ଅନେକ ଶିକ୍ଷାନୁଷ୍ଠାନ ମରାମତି କିମ୍ବା ପୁନଃ ନିର୍ମାଣ ହୋଇପାରିନି। ଅଳ୍ପ କେତେକ ସ୍କୁଲ ମରାମତି ହୋଇଥିବା ବେଳେ ସଂଖ୍ୟାଧିକ ସ୍କୁଲ ଅସଜଡ଼ା ଅବସ୍ଥାରେ ରହିଛି। ପୁରୀ ସହରର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟକୁ ଦେଖିଲେ ବାତ୍ୟାର କରାଳ ରୂପ କେତେ ଭୟାନକ ଥିଲା ତାହା ସ୍ପଷ୍ଟ ବାରି ହୋଇପଡୁଛି। ସରକାରଙ୍କ ପକ୍ଷରୁ ମରାମତି କାର୍ଯ୍ୟ ଚାଲିଥିବା ବେଳେ କରୋନା ଏଥିରେ ବାଧକ ସାଜିଛି ବୋଲି ସମଗ୍ର ଶିକ୍ଷା ଅଭିଯାନର ପ୍ରକଳ୍ପ ସଂଯୋଜିକା ସୌନ୍ଦର୍ଯ୍ୟ ମଞ୍ଜରୀ ଦାସ କହିଛନ୍ତି। ସୂଚନାଥାଉ କି, ଜିଲାରେ ପ୍ରାୟ ୧ ହଜାରରୁ ଊର୍ଦ୍ଧ୍ୱ ସ୍କୁଲ ଅଧିକ କ୍ଷତିଗ୍ରସ୍ତ ହୋଇଥିଲା। ପୁରୀ ସଦର, ବ୍ରହ୍ମଗିରି, କଣାସ, ଡେଲାଙ୍ଗ, ସତ୍ୟବାଦୀ ଓ କୃଷ୍ଣପ୍ରସାଦ ବ୍ଲକରେ ସର୍ବାଧିକ ସ୍କୁଲ ଘର ଭାଙ୍ଗିଥିଲା।

## ସଂଘର୍ଷ କରୁଛି ହୋଟେଲ ଶିଳ୍ପ

ଫନୀ ମାଡ଼ରେ ଦୋହଲିଯାଇଥିଲା ପୁରୀ ହୋଟେଲ ଶିଳ୍ପର ଭିତ୍ତିଭୂମି। ବାତ୍ୟାରେ ହୋଟେଲ ଶିଳ୍ପର ୫୦୦ରୁ ଊର୍ଦ୍ଧ୍ୱ କୋଟି ଟଙ୍କା କ୍ଷତି ହୋଇଥିଲା। କୌଣସି ସରକାରୀ ସହାୟତା ବିନା ହୋଟେଲ ମାଲିକମାନେ ଅଣ୍ଟା ସଳଖିବାକୁ ଚେଷ୍ଟା କରିଥିଲେ। ବାତ୍ୟାର କିଛିଦିନ ପରେ କେତେକ ହୋଟେଲ ମାଲିକ ଜେନେରେଟର ଲଗାଇ ପର୍ଯ୍ୟଟକଙ୍କୁ ଆତିଥେୟତା ଦେବାକୁ ଚେଷ୍ଟା କରିଥିଲେ। ଏସବୁ ଭିତରେ ପ୍ରାୟ ୩/୪ ମାସ ମଧ୍ୟରେ ହୋଟେଲଗୁଡ଼ିକ ପ୍ରସ୍ତୁତ ହୋଇଯାଇଥିଲା। ଧୀରେ ଧୀରେ ପର୍ଯ୍ୟଟକଙ୍କ ଆଗମନ ବଢିବାକୁ ଲାଗିଥିଲା। ହେଟେଲ ମାଲିକମାନେ ଫନୀର କ୍ଷତିକୁ ଭୁଲିବାକୁ ଚେଷ୍ଟା କରୁଥିଲେ। ହେଲେ ବର୍ତ୍ତମାନ କରୋନା ପାଇଁ ପୁରୀ ହୋଟେଲ ଶିଳ୍ପରେ ତାଲା ଝୁଲୁଛି। ପ୍ରାୟ ଦେଢମାସ ହେବ ପ୍ରଶାସନର ନିର୍ଦ୍ଦେଶ ଅନୁଯାୟୀ ସବୁ ହୋଟେଲ ବନ୍ଦ ହୋଇଯାଇଛି। କରୋନା ପାଇଁ ପର୍ଯ୍ୟଟକ ଶୂନ୍ୟ ହୋଇପଡିଛି ପୁରୀ। ପୁରୀ ହୋଟେଲ ସଂଘ ସମ୍ପାଦକ ରାଜକିଶୋର ପାତ୍ର କହିଛନ୍ତି, ଫନୀରେ ପୁରୀ ହୋଟେଲ ଶିଳ୍ପର ପ୍ରାୟ ୫୦୦ କୋଟିରୁ ଊର୍ଦ୍ଧ୍ୱ କ୍ଷତି ହୋଇଥିଲା। ଯାହା ବି ହେଉ କିଛିମାସ ପରେ ପ୍ରାୟ ଅଧିକାଂଶ ହୋଟେଲ ପ୍ରସ୍ତୁତ ହୋଇଯାଇଥିଲେ। ଧୀରେ ଧୀରେ ବେପାର ଜମି ଆସୁଥିଲା। ହେଲେ କରୋନା ହୋଟେଲ ବ୍ୟବସାୟକୁ ସମ୍ପୂର୍ଣ୍ଣ ବୁଡାଇ ଦେଲାଣି। ଦୈନିକ ପ୍ରାୟ ୫ କୋଟି ଟଙ୍କା କ୍ଷତି ହେଉଛି ବୋଲି ପାତ୍ର କହିଛନ୍ତି।

## ପୁରୁଣା ରୂପକୁ ଫେରୁଛି ବାଲୁଖଣ୍ଡ

ଫନୀରେ ଲକ୍ଷଲକ୍ଷ ଗଛ ଭାଙ୍ଗିଯିବା ସହ ଅନେକ ଉପୁଡ଼ି ପଡିଥିଲା। ଫଳରେ ଏକପ୍ରକାର ଶ୍ରୀହୀନ ଦେଖାଯାଉଥିଲା ପୁରୀ। ଯୁଆଡ଼େ ଚାହିଁବ ଭଙ୍ଗା ଖୁଣ୍ଟା ଗଛ ଆଖିରେ ପଡୁଥିଲା। ବିଶେଷକରି ପୁରୀ–କୋଣାର୍କ ରାସ୍ତା ପାର୍ଶ୍ୱରେ ୮୭ବର୍ଗ କିମି ପରିବ୍ୟାପ୍ତ ବାଲୁଖଣ୍ଡ ଅଭୟାରଣ୍ୟ ସମ୍ପୂର୍ଣ୍ଣ ଉଜୁଡ଼ି ଯାଇଥିଲା। ପ୍ରାୟ ୫ହଜାର ହେକ୍ଟର ଅଞ୍ଚଳରେ ଲକ୍ଷାଧିକ ଗଛ ଧରାଶାୟୀ ହୋଇପଡ଼ିଥିଲା। ହେଲେ ଏବେ ବାଲୁଖଣ୍ଡ ସବୁଜିମାମୟ ହୋଇଯାଇଛି। ଖୁଣ୍ଟା ଗଛରେ ପତ୍ର କଅଁଳି ଯାଇଛି। ଟାଙ୍ଗରା ଦେଖାଯାଉଥିବା ବାଲୁଖଣ୍ଡ ପୁଣି ତା' ପୂର୍ବ ସ୍ଥିତିକୁ ଫେରିବାକୁ ଚେଷ୍ଟା ଚଳାଇଛି।



# ଗୋଡ଼ ନେଇଗଲା, ଭାଙ୍ଗିପାରିନି ମନୋବଳ

**ପୁରୀ ଅଫିସ,୨।୫:** ଫନୀ ନାଁ ଶୁଣିଲେ ଆଜି ବି ପୁରୀବାସୀଙ୍କ ମନରେ ଛନକା ପଶିଯାଏ। ସେଦିନ ବର୍ଷା ପବନର ତାଣ୍ଡବକୁ ଯିଏ ଦେଖିଛି ସେ ହିଁ ଫନୀର ଭୟାବହତାକୁ ଅନୁଭବ କରିପାରିଛି। ଫନୀର ଏଭଳି ତାଣ୍ଡବ କେତେଜଣଙ୍କୁ ମା'ବାପ ଛେଉଣ୍ଡ କରିଥିବାବେଳେ ଆଉ କାହା ମଥାରୁ ସିନ୍ଦୂର ପୋଛିଦେଇଛି। ଏମିତି ବି କାହାକୁ ଦିବ୍ୟାଙ୍ଗ ମଧ୍ୟ ସଜେଇ ଦେଇଛି। ଫନୀ ପାଇଁ ଆଜି ଦିବ୍ୟାଙ୍ଗ ପାଲଟିଯାଇଛନ୍ତି ପୁରୀ ସଦର ତଳଜଙ୍ଗ ପଞ୍ଚାୟତ ନଈକୂଳ ସାହିର ଲକ୍ଷ୍ମୀଧର ଜେନା(୪୧)। ଫନୀ ତାଙ୍କର ଗୋଟିଏ ଗୋଡ଼ ନେଇଗଲା ସିନା ତାଙ୍କ ଭିତରେ ଥିବା ସେବା ମନୋଭାବକୁ କିନ୍ତୁ ଛଡ଼ାଇ ନେଇପାରିନି। ଦିବ୍ୟାଙ୍ଗ ହୋଇ ବି ଅସହାୟଙ୍କ ମୁହଁରେ ହସ ଫୁଟାଇବା ପାଇଁ ନିଜ ଚେଷ୍ଟା ଜାରି ରଖିଛନ୍ତି। ଲକ୍‌ଡାଉନ ସମୟରେ ଗାଁ ପିଲାଙ୍କୁ ସାଥୀ କରି ନିରାଶ୍ରୟଙ୍କୁ ବାଣ୍ଟିଛନ୍ତି ଖାଦ୍ୟ। ଗାଁ ଯୁବକଙ୍କୁ ସାଥୀ କରି ବିବେକାନନ୍ଦ ସେବା ସଂଘ ନାଁରେ ଲକ୍ଷ୍ମୀଧର ଏକ ଅନୁଷ୍ଠାନ ଗଢିଛନ୍ତି। ଫନୀ ବାତ୍ୟା ପୂର୍ବରୁ ଗାଁର କିଛି ଯୁବକଙ୍କୁ ସାଥିରେ ଧରି ବୃଦ୍ଧାବୃଦ୍ଧ, ମହିଳା, ଛୋଟ ପିଲାଙ୍କୁ ସୁରକ୍ଷିତ ସ୍ଥାନକୁ ନେଉଥିଲେ। ଏହି ସମୟରେ ଏକ ଗୁହାଳରେ ରହିଥିବା ୨ଛୋଟ ପିଲା ଏବଂ ଜଣେ ବୃଦ୍ଧାଙ୍କୁ ନିରାପଦ ଭାବେ ସୁରକ୍ଷିତ ସ୍ଥାନକୁ ନେବା ପରେ ଗାଈକୁ ଫିଟାଉଥିଲେ। ସେହି ସମୟରେ ଏକ ନଡ଼ିଆ ଗଛ ଭାଙ୍ଗି ତାଙ୍କ ଡାହାଣ ଗୋଡ଼ ଉପରେ ପଡିଯିବାରୁ ଗଭୀର କ୍ଷତ ହୋଇଥିଲା। ରାସ୍ତା ଘାଟ ସବୁ ବନ୍ଦ ଥିବାରୁ ତୁରନ୍ତ ତାଙ୍କର ଅସ୍ତ୍ରୋପଚାର କରାଯାଇପାରି ନ ଥିଲା। ପରଦିନ ସକାଳେ ଏକ ଆମ୍ବୁଲାନ୍ସରେ ବହୁ କଷ୍ଟରେ ତାଙ୍କୁ ଭୁବନେଶ୍ୱର ପହଞ୍ଚା ଯାଇଥିଲା। ହେଲେ ବିଳମ୍ବ ଯୋଗୁ ଭାଙ୍ଗି ଯାଇଥିବା ଗୋଡ଼ ଆଉ ଯୋଡ଼ିବା ସମ୍ଭବ ନୁହେଁ ବୋଲି ଡାକ୍ତର ପରୀକ୍ଷା କରି କହିଥିଲେ। ଫଳରେ ଅସ୍ତ୍ରୋପଚାର କରାଯାଇ ଆଣ୍ଠୁ ଉପରକୁ ଗୋଡକୁ କାଟିବାକୁ ପଡିଲା। ଏବେ ସୁସ୍ଥ ହୋଇଯାଇଛନ୍ତି ଲକ୍ଷ୍ମୀଧର। ଗ୍ରାମବାସୀ, ସାଙ୍ଗସାଥୀ ଏବଂ ପ୍ରଶାସନର ସହଯୋଗ ଫଳରେ କୃତ୍ରିମ ଗୋଡ଼ ଲଗାଇଛନ୍ତି ସତ କିନ୍ତୁ ସେବା ମନୋବୃତ୍ତିକୁ ସେ ଛାଡ଼ିପାରି ନାହାନ୍ତି। କରୋନା ପାଇଁ ଲକ୍‌ଡାଉନ ଯୋଗୁ ଅନେକ ଅସହାୟ ଏବଂ ବାହାର ରାଜ୍ୟର ଲୋକେ ଫସି ରହିଥିବା ଜାଣିବା ପରେ ଗାଁର ଯୁବକମାନଙ୍କୁ ସାଥୀ କରି ଅସହାୟ ଲୋକଙ୍କୁ ପୁରୀରେ ରନ୍ଧାଖାଦ୍ୟ ବାଣ୍ଟିଛନ୍ତି।

## ଅସହାୟଙ୍କ ସେବାରେ ଲକ୍ଷ୍ମୀଧର

# ଫନୀ ଭାଙ୍ଗିଦେଲା ମେରୁଦଣ୍ଡ

**ଖୋର୍ଦ୍ଧା ଅଫିସ,୨।୫**

ବାତ୍ୟା ଫନୀକୁ ରବିବାର ବର୍ଷେ ପୂରୁଛି। ଫନୀର କରାଳ ଗ୍ରାସରେ ଖୋର୍ଦ୍ଧା ଜିଲାର ୧୦ଟି ବ୍ଲକ, ୨ ପୌରପରିଷଦ, ୨ ଏନ୍‌ଏସି ସମେତ ବିଏମ୍‌ସି ଭୁବନେଶ୍ୱରରେ ବ୍ୟାପକ କ୍ଷତି ଘଟିଥିଲା। ଏହି ବାତ୍ୟା ଜିଲାବାସୀଙ୍କ ମେରୁଦଣ୍ଡ ଦୋହଲାଇ ଦେଇଥିଲା। ଏପର୍ଯ୍ୟନ୍ତ ଫନୀ କ୍ଷତ ଶୁଝିନି। ଏବେ ବି ବହୁ କ୍ଷତିଗ୍ରସ୍ତ ସରକାରୀ ସହାୟତାରୁ ବଞ୍ଚିତ ଥିବାବେଳେ ଭଙ୍ଗା ଘରେ ଜୀବନ ବିତାଉଛନ୍ତି।

## ବିଦ୍ୟୁତ୍ ବିଭାଗର ୧୭.୫ କୋଟି କ୍ଷତି

ବିଦ୍ୟୁତ୍ ବିଭାଗର ୧୭.୫କୋଟି କ୍ଷତି ହୋଇଥିବା ଆକଳନ କରାଯାଇଥିଲା। ସେଥିମଧ୍ୟରେ ୧୬୫ କିମିର ୩୩ କେଭି, ୮୨୦ କିମିର ୧୧ କେଭି, ଏଲ୍‌ଟି ଲାଇନ ୪ଶହ ମିଟର, ୩୮୮ଟି ଟ୍ରାନ୍ସଫର୍ମର ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଥିଲା।

## କାଗଜକଲମରେ ଆବାସ ଗୃହ

ଜିଲାରେ ୧୫,୯୪୪ କ୍ଷତିଗ୍ରସ୍ତଙ୍କୁ ଇନ୍ଦିରା ଆବାସ ଗୃହ ଯୋଗାଇଦେବା ଲାଗି ସ୍ଥିର ହୋଇଥିଲା। ତାହା ଆଜି ମଧ୍ୟ କାଗଜ କଲମରେ ସୀମିତ ରହିଛି। ସେଥିରୁ ବାଲିଅନ୍ତା ୬୬୪, ବାଲିପାଟଣା ୩୨୨, ବାଣପୁର ୧୭୭୧, ବେଗୁନିଆ ୩୦୫୯, ଭୁବନେଶ୍ୱର ୬୫୪, ବୋଲଗଡ ୨୪୭୯, ଚିଲିକା ୨୧୮୬, ଜଟଣୀ ୭୦୫, ଖୋର୍ଦ୍ଧା ୨୦୦୪ ଏବଂ ଟାଙ୍ଗୀରେ ୨୧୦୦ ଜଣ ଅନ୍ତର୍ଭୁକ୍ତ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

## ପ୍ରଭାବିତ ହୋଇଥିଲେ ୨୫ ଲକ୍ଷ ଲୋକ

ସରକାରୀ ତଥ୍ୟ ଅନୁଯାୟୀ, ଜିଲାରେ ବାତ୍ୟାରେ ୪ଜଣଙ୍କ ମୃତ୍ୟୁ ଘଟିଥିଲା। ୧୨୧୪ ଗୃହପାଳିତ ପ୍ରାଣୀ ଏବଂ ୧୩ ଲକ୍ଷ ୨୫ ହଜାର ୬୩୯ ପକ୍ଷୀ ପ୍ରାଣ ହରାଇଥିଲେ। ସେହିପରି ଜିଲାର ୧୯୦ ପଞ୍ଚାୟତ ଅଧୀନ ୧୬୬୯ ଗ୍ରାମର ୨୫ ଲକ୍ଷ ୨ହଜାର ୮ ଜଣ ଲୋକ ପ୍ରଭାବିତ ହୋଇଥିଲେ। ଜିଲାରେ ୫୫୩ କୋଟି ୮୧ ଲକ୍ଷ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିଲା। ତନ୍ମଧ୍ୟରୁ ୪୪୬ କୋଟି ୧୧ ଲକ୍ଷ ଟଙ୍କାର ଘରୋଇ ସମ୍ପତ୍ତି କ୍ଷତିଗ୍ରସ୍ତ ହୋଇଥିବା ରିପୋର୍ଟରେ ଦର୍ଶାଯାଇଥିଲା। ୬୯୧୮ ଚାଳଘର ସମ୍ପୂର୍ଣ୍ଣ, ୧ ଲକ୍ଷ ୫ହଜାର ୨୩୭ ଆଂଶିକ (ଚାଳ ଓ ପକ୍କା ଘର) ଏବଂ ୧୩୩୯ଟି ଆଶ୍ରୟସ୍ଥଳୀ କ୍ଷତିଗ୍ରସ୍ତ ହୋଇଥିଲା। ଜିଲାର ବିଭିନ୍ନ ସ୍ଥାନରୁ ୧ଲକ୍ଷ ୧୪ହଜାର ୪୯୫ ଜଣଙ୍କୁ ବିଭିନ୍ନ ସ୍ଥାନକୁ ସ୍ଥାନାନ୍ତର କରାଯାଇ ଶୁଖିଲା ଖାଦ୍ୟ ଦିଆଯାଇଥିଲା। ସେହିପରି ୨ଲକ୍ଷ ୭୩ ହଜାର ୮୨୭ ଜଣଙ୍କୁ ପଲିଥିନ ଏବଂ ୨ଲକ୍ଷ ୯୨ ହଜାର ୭୭୫ ପରିବାରକୁ ଚାଉଳ ବଣ୍ଟନ କରାଯାଇଥିଲା। ୧ଲକ୍ଷ ୫୦ ହଜାର ୨୫୬ଜଣଙ୍କୁ ପେନସନ୍, ୪୦ ହଜାର ୫୪୩ଜଣ ବିନା କାର୍ଡଧାରୀଙ୍କୁ ଚାଉଳ ଦିଆଯାଇଥିଲା।

# ବର୍ଷେ ପରେ ବି ମୁଣ୍ଡରୁ ହଟିନି ପଲିଥିନ

**ପୁରୀ ଅଫିସ,୨।୫:** ଠିକ୍ ବର୍ଷକ ତଳେ ଛାତି ଥରାଇ ଦେଲାଭଳି ପବନ ଏବଂ ମୁଷଳ ବର୍ଷା ସବୁକିଛି ଉଜାଡ଼ି ଦେଇଥିଲା। ମୁଣ୍ଡଉପରୁ ଛପର ଉଡ଼ାଇ ନେବା ସହ ଅନେକ ପରିବାରକୁ ବେଘର କରିଥିଲା। କୌଣସି ପ୍ରକାରେ ଜୀବନ ବଞ୍ଚିଗଲା ସିନା ହେଲେ ମାଟିରେ ଲୋଟିଗଲା ହଜାର ହଜାର ଘର। ସେଥିମଧ୍ୟରୁ ଅନେକ ପରିବାର ପଲିଥିନରେ ଘର କରି ମୁଣ୍ଡ ଗୁଞ୍ଜିଥିଲେ। ଭାବିଥିଲେ କିଛିମାସ ପରେ ସ୍ଥିତି ସୁଧୁରିଯିବ। ଘରଭଙ୍ଗା ସହାୟତା ପାଇଲେ ପୁଣି ଘର ଠିଆ କରିବେ। ହେଲେ ଏଯାଏ ସେମାନଙ୍କ ସ୍ୱପ୍ନ ପୂରଣ ହୋଇନି। ଅନେକ ବାତ୍ୟା ବିପନ୍ନ ଏବେ ବି ପଲିଥିନ ତଳେ ଜୀବନ କାଟୁଛନ୍ତି। ଏପରି କି ବହୁ ବିପନ୍ନଙ୍କ ପାଖରେ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଉଥିବା ଘରଭଙ୍ଗା ସହାୟତା ଏଯାବତ୍ ପହଞ୍ଚି ନାହିଁ। ପ୍ରଶାସନିକ ଅଧିକାରୀଙ୍କୁ ପଚାରିଲେ ଏନେଇ ତଦନ୍ତ ଚାଲିଛି ବୋଲି ଉତ୍ତର ମିଳୁଛି। ଜିଲାର ପ୍ରାୟ ୧୧ଟି ଯାକ ବ୍ଲକ ବାତ୍ୟା ଦ୍ୱାରା ପ୍ରଭାବିତ ହୋଇଥିଲା। ଜିଲାରେ ୨,୭୮,୭୬୨ଟି ବାସଗୃହ କ୍ଷତିଗ୍ରସ୍ତ ହୋଇଛି। ସେଥିମଧ୍ୟରୁ ୭୪ଟି ପକ୍କାଘର, ୮,୯୮୫ଟି କଚ୍ଚା ଘର ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଥିବାବେଳେ ୬,୧୨୭ଟି ପକ୍କାଘର ଏବଂ ୯୮,୫୮୮ କଚ୍ଚାଘର ଅତ୍ୟଧିକ କ୍ଷତିଗ୍ରସ୍ତ ହୋଇଛି। ସେହିପରି ୧,୧୩,୨୮୧ଟି ପକ୍କାଘର, ୪୯,୫୨୯ଟି କଚ୍ଚାଘର ଆଂଶିକ ଭାବେ କ୍ଷୟକ୍ଷତି ହୋଇଥିବା ବେଳେ ୨୧୭୮ଟି କୁଡ଼ିଆ ଏବଂ ୪୪,୩୭୮ଟି ଗୁହାଳ ନଷ୍ଟ ହୋଇଛି। ପକ୍କା କିମ୍ବା କଚ୍ଚାଘର ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିଲେ ୯୫,୧୦୦ ଟଙ୍କା, ପକ୍କା ଘର ଆଂଶିକ ଭାଙ୍ଗିଥିଲେ ୫,୨୦୦ ଏବଂ କଚା ଘର ଆଂଶିକ ଭାଙ୍ଗିଥିଲେ ୩,୨୦୦ ଟଙ୍କା ଲେଖାଏ ସରକାରୀ ସହାୟତା ପ୍ରଦାନର ବ୍ୟବସ୍ଥା ହୋଇଥିଲା।



# ବିଗିଡ଼ିଗଲା ରାଜଧାନୀ ଚିତ୍ର

**ଭୁବନେଶ୍ୱର, ୨।୪(ବ୍ୟୁରୋ)**

ଗତବର୍ଷ ମେ' ୩ତାରିଖରେ ହୋଇଥିବା ପ୍ରଳୟଙ୍କରୀ ବାତ୍ୟା 'ଫନୀ'ର ବିଶେଷ ପ୍ରଭାବ ଭୁବନେଶ୍ୱରରେ ପଡ଼ିଥିଲା। ଏହାଦ୍ୱାରା ବ୍ୟାପକ କ୍ଷୟକ୍ଷତି ମଧ୍ୟ ଘଟିଥିଲା। ଉଜୁଡ଼ି ଯାଇଥିଲା ରାଜଧାନୀର ଚିତ୍ର। ଲୋକେ ପାନୀୟ ଜଳଠାରୁ ଆରମ୍ଭ କରି ଗମନାଗମନ, ବିଦ୍ୟୁତ୍ ଓ ଟେଲି ଯୋଗାଯୋଗ ସେବା ନ ପାଇ ଛଟପଟ ହୋଇଥିଲେ। ଭୁବନେଶ୍ୱରରେ ଥିବା ସରକାରୀ ଓ ଘରୋଇ କାର୍ଯ୍ୟାଳୟଠାରୁ ଆରମ୍ଭ କରି ଶିକ୍ଷାନୁଷ୍ଠାନ, ଶପିଂ ମଲ୍, ରେଳଷ୍ଟେଶନ ଫନୀ ପ୍ରକୋପରୁ ବର୍ତ୍ତିପାରି ନ ଥିଲା। କାହାଉପରେ ଗଛ ଭାଙ୍ଗି ପଡ଼ିଥିଲା ତ' କାହାର କାଚ ଭାଙ୍ଗି ଯାଇଥିଲା ଆଉ କାହାର ନାମ ଫଳକ ଉଭାନ ହୋଇଯାଇଥିଲା। ଫନୀର ୩ଘଣ୍ଟାର ତାଣ୍ଡବ ପାଇଁ ଭୁବନେଶ୍ୱରବାସୀ ୩୦ଦିନ ଛଟପଟ ହୋଇଥିଲେ। ବିଶେଷ କରି ବସ୍ତିବାସିନ୍ଦା ଓ ଦିନ ମଜୁରିଆଙ୍କ ପରିବାରର ଗୁଜୁରାଣ ମେଣ୍ଟାଇବା ଏକ ଆହ୍ୱାନ ପାଲଟିଥିଲା। ଯେଉଁ ଆହ୍ୱାନ ଆଜି ପର୍ଯ୍ୟନ୍ତ ବଜାୟ ରହିଛି। ଫନୀ ସମୟରେ ସମ୍ପୃକ୍ତ ବସ୍ତିବାସିନ୍ଦା, ଦିନ ମଜୁରିଆ ଖାଇବାକୁ ନ ପାଇ ଉପାସ ରହୁଥିଲେ, ଆଉ ବର୍ତ୍ତମାନ କରୋନା ମହାମାରୀ ପାଇଁ ନିଜର ସଂଘର୍ଷ ଜାରି ରଖିଛନ୍ତି।

## ରାଶନ ପାଇଁ ଲାଗିଥିଲା ୩୦ଦିନ

ଫନୀ ପରେ ସମସ୍ତ ବସ୍ତିବାସିନ୍ଦାଙ୍କୁ ରାଶନ ବଣ୍ଟନ ଓ ସହାୟତା ପ୍ରଦାନରେ ବିଏମ୍‌ସି ଅହେତୁକ ବିଳମ୍ବ କରିଥିଲା। ଫନୀକୁ ସପ୍ତାହ ବିତିବା ପରେ ବିଏମ୍‌ସି ଲୋକଙ୍କୁ ରାଶନ ବାଣ୍ଟିବା ଆରମ୍ଭ କରିଥିଲା। ଏପରି କି ଲୋକଙ୍କ ମୁଣ୍ଡ ଗୁଞ୍ଜିବା ପାଇଁ ଆବଶ୍ୟକ ପାଲ ଖଣ୍ଡେ ଯୋଗାଇବାକୁ ବିଏମ୍‌ସିକୁ ମାସେ ସମୟ ଲାଗିଥିଲା। ଫଳରେ ଫନୀ ପରେ ଦୀର୍ଘ ମାସେ କାଳ ଗରିବ ଓ ଦିନ ମଜୁରିଆ ଭୋକ ଉପାସରେ ରହିବା ସହ ଖୋଲା ଆକାଶ ତଳେ ଶୋଇଥିଲେ।



## ଉଠାଦୋକାନୀଙ୍କ ସହାୟତା ପାଣିରେ ଗାର

ଫନୀରେ ଭୁବନେଶ୍ୱରରେ ଥିବା ଉଠାଦୋକାନୀ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଥିଲେ। ଏଥିପାଇଁ ରାଜ୍ୟ ସରକାର ପଞ୍ଜୀକୃତ ଉଠାଦୋକାନୀଙ୍କୁ ୧୦ହଜାର ଟଙ୍କାର ସହାୟତା ପ୍ରଦାନ ପାଇଁ ଘୋଷଣା କରିଥିଲେ। ବର୍ଷେ ପୂରିଲାଣି, ହେଲେ ଏଯାବତ୍ ଉଠାଦୋକାନୀଙ୍କୁ ଫନୀ ସହାୟତା ମିଳିପାରି ନାହିଁ। ପଞ୍ଜୀକୃତ ୨୨ହଜାର ଉଠାଦୋକାନୀଙ୍କ ମଧ୍ୟରୁ ୩୦ପ୍ରତିଶତ ବ୍ୟବସାୟୀ ଏଯାବତ୍ ସହାୟତା ପାଇ ନ ଥିବା ଅଭିଯୋଗ ହେଉଛି। ବାରମ୍ବାର ଏନେଇ ବିଏମ୍‌ସି କାର୍ଯ୍ୟାଳୟ ମଧ୍ୟ ସମ୍ପୃକ୍ତ ବ୍ୟବସାୟୀ ଘେରାଉ କରୁଥିବା ନଜିର ରହିଛି।

## ଥୁଣ୍ଟା ହୋଇଯାଇଥିଲା ସବୁଜ ରାଜଧାନୀ

୧୭୦ କି.ମି. ବେଗରେ ପବନ ସହ ବର୍ଷା ସାଙ୍ଗକୁ ୩ ଘଣ୍ଟାର ତାଣ୍ଡବ। ଏଥିରେ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଥିଲା ରାଜଧାନୀ ଭୁବନେଶ୍ୱରର ସବୁଜ ଭରା ପରିବେଶ। ରାସ୍ତା ଘାଟ ଭଙ୍ଗା ଗଛରେ ଭର୍ତ୍ତି ହୋଇଥିଲା। ଯାହାକୁ କାଟି ଉଠାଇବା ପାଇଁ ବିଏମ୍‌ସିକୁ ୬ମାସ ସମୟ ଲାଗିଥିଲା। ଏବେ ବର୍ଷେ ପରେ ରାଜଧାନୀର ସବୁଜିମା ପୁଣି ଫେରିଥିବା ଦେଖିବାକୁ ମିଳିଛି।

## ଖାଦ୍ୟ, ପାନୀୟ ପାଇଁ ବିକଳ

୩ଘଣ୍ଟାର ତାଣ୍ଡବ ପରେ ୩ଦିନ ଯାଏ ଘର ଆଗରେ ଗଛ ପଡ଼ି ରହିଥିଲା। ବଜାରକୁ ଆସିବା ତ ଦୂରର କଥା ଲୋକଙ୍କୁ ଘରୁ ବାହାରକୁ ବାହାରିବା କଷ୍ଟସାଧ ହୋଇପଡ଼ିଥିଲା। ରାସ୍ତାରେ ଗଛ ପଡ଼ିଥିବାରୁ ଅତ୍ୟାବଶ୍ୟକ ସାମାଗ୍ରୀ ଭୁବନେଶ୍ୱରକୁ ଆସିପାରୁ ନ ଥିଲା। ହାଟ ବଜାର ବନ୍ଦ ଥିବାରୁ ଲୋକେ ଖାଦ୍ୟ ପାନୀୟ ପାଇଁ ନାନା ସମସ୍ୟା ଅନୁଭବ କରିଥିଲେ। ସେହି ସମୟରେ ବିଏମ୍‌ସି ପକ୍ଷରୁ ପାଖାପାଖି ୫୩ହଜାର ବସ୍ତିବାସିନ୍ଦାଙ୍କୁ ସ୍ଥାନାନ୍ତରିତ କରାଯାଇ ରନ୍ଧା ଖାଦ୍ୟଯୋଗାଇ ଦିଆଯାଇଥିଲା।

# ସମୟ କିଛି ନୂଆ କରିବାର

ଅବସର ସମୟ ଖୋଜିଲେ ମିଳେନି, ଆଉ ଥରେ ମିଳିଲେ ହାତଛଡା ନ କରି ଏହି ସୁଯୋଗର ସଦୁପଯୋଗ କରିବା ହିଁ ବୁଦ୍ଧିମତ୍ତାର କାମ। ଠିକ୍ ଯେମିତି ବର୍ତ୍ତମାନ କରୋନା ଲାଗି ଚାଲିଥିବା ଲକ୍‌ଡାଉନ୍ ପିରିୟଡ୍‌କୁ କେତେଜଣ ଗ୍ରହଣ କରିନେଇଛନ୍ତି ଏକ ସୁଯୋଗଭାବରେ। ଆଉ ଏହାକୁ ଅଯଥାରେ ନଷ୍ଟ ନ କରି ବିନିଯୋଗ କରୁଛନ୍ତି କିଛି ନୂଆ କାର୍ଯ୍ୟରେ...







**ସୁନ୍ଦର ଏହି ପୃଥିବୀକୁ ସତେ ଯେମିତି କାହାର ନଜର ଲାଗିଯାଇଛି। ସବୁ ଥାଇ ମଧ କରୋନା ନାମକ କ୍ଷୁଦ୍ର ଭୂତାଣୁ ଆଜି ମୁକ୍ତଭାବେ ଚଳପ୍ରଚଳ କରୁଥିବା ମଣିଷ ସମାଜକୁ ଅନିର୍ଦ୍ଦିଷ୍ଟକାଳ ପାଇଁ ଘରେ ଆବଦ୍ଧ ହେବାକୁ ବାଧ କରିଛି ହେଲେ ଅପରପକ୍ଷେ ଦେଖିବାକୁ ଗଲେ ଏହି ବାହାନାରେ ମିଳୁଥିବା ଫାଙ୍କା ସମୟ ଅନେକଙ୍କୁ କିଛି ନୂଆ କାର୍ଯ୍ୟ କରି ନିଜ ସୃଜନଶୀଳତା ପ୍ରକାଶ କରିବାର ସୁଯୋଗ ଆଣି ଦେଇଛି...**

**ଚିନ୍ମୟ କୁମାର ବେବର୍ତ୍ତା** (କର୍ମଜୀବୀ, ଭଞ୍ଜନଗର, ଗଞ୍ଜାମ)- ସାହିତ୍ୟ ପ୍ରତି ମୋର ରୁଚି ପିଲାଟି ଦିନୁ। ଜୀବନରେ ଅନେକ ଲେଖିଛି ଏବଂ ଏଥିପାଇଁ ବିଭିନ୍ନ ଅନୁଷ୍ଠାନରୁ ଆରମ୍ଭ କରି ରାଜ୍ୟସ୍ତରୀୟ ପୁରସ୍କାର ମଧ ପାଇଛି। କେତେଜଣ ସହଯୋଗୀଙ୍କ ମିଳିତ ଉଦ୍ୟମରେ ଲୋହରାଖଣ୍ଡି ସାହିତ୍ୟସଂସଦ ଗଠନ କରି ଏହାର ପ୍ରତିଷ୍ଠାତା ସମ୍ପାଦକଭାବେ କାର୍ଯ୍ୟ ମଧ କରୁଛି। ତଥାପି ସବୁବେଳେ ସାହିତ୍ୟକୁ ନେଇ କିଛି ନୂଆ କରିବାର ଇଚ୍ଛା ମନ ଭିତରେ ରହିଥିଲେ ହେଁ ଯଥେଷ୍ଟ ସମୟ ପାଇନି। ଆଉ ବର୍ତ୍ତମାନ କରୋନା ପାଇଁ ଚାଲିଥିବା ଲକ୍‌ଡାଉନ୍ ଆଳରେ ମିଳିଥିବା ସମୟରେ ଏହି ଲକ୍ଷ୍ୟ ସଫଳ କରିବା ଲାଗି ଚେଷ୍ଟା କରୁଛି। ଆମ ସଂସଦ ପକ୍ଷରୁ ରାଜ୍ୟରେ ଥିବା ସାରସ୍ୱତ ସ୍ରଷ୍ଟାମାନଙ୍କ ସହ ଜଡିତ ରହିବାଲାଗି ହ୍ୱାଟ୍ସଆପ୍ କବିତା ଆସର ଏବଂ 'ଆମଖବର' ନାମକ ୟୁଟ୍ୟୁବ୍ ଚ୍ୟାନେଲ୍ ଆରମ୍ଭ କରିଛୁ। ଓଡ଼ିଶାର କୋଣ ଅନୁକୋଣରୁ ତଥା ବାହାରୁ ମଧ ଯୁବକବି ଏଥିରେ ଅଂଶଗ୍ରହଣ କରି ସ୍ୱରଚିତ କବିତା ପାଠ କରୁଛନ୍ତି। ଏହା ମାଧ୍ୟମରେ ବିଭିନ୍ନ ପ୍ରତିଯୋଗିତାମାନ ଆୟୋଜନ କରି କୃତୀ ପ୍ରତିଯୋଗୀଙ୍କୁ ଇ-ସାର୍ଟିଫିକେଟ ପ୍ରଦାନ କରୁଛୁ। ଏହାକୁ ଖୁବ୍ କମ୍ ଦିନ ମଧରେ ଅନେକ ସଫଳତା ମିଳିପାରିଛି। ଆମ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ କବିତା ବ୍ୟତୀତ ଗଳ୍ପ, ଅନୁଷ୍ଠାନର ଅନ୍ୟାନ୍ୟ କାର୍ଯ୍ୟ, ରୋଷେଇ ଭଳି ବିଭିନ୍ନ କାର୍ଯ୍ୟକ୍ରମ ପୋଷ୍ଟ କରୁଛୁ।

**ରିଷବ ରାଜ୍** (ଇଂଜିନିୟରିଂ ୩ୟ ବର୍ଷ ଛାତ୍ର, ଭୁବନେଶ୍ୱର)- କରୋନା ପାଇଁ ସବୁଠି ଚାଲିଛି ଲକ୍‌ଡାଉନ୍। ସୋସିଆଲ୍ ଡିଷ୍ଟାନ୍ସିଂ ଲାଗି ବିଭିନ୍ନ ଆଉଟ୍‌ଡୋର ଆକ୍ଟିଭିଟି ବନ୍ଦ ରହିଛି ଏବଂ ସୁରକ୍ଷା ଦୃଷ୍ଟିରୁ ସମସ୍ତଙ୍କୁ ଦୀର୍ଘସମୟ ଧରି ଏକ ପ୍ରକାର ଗୃହବନ୍ଦୀ ହୋଇ ରହିବାକୁ ପଡୁଛି। ହେଲେ ଅପରପକ୍ଷେ ଦେଖିବାକୁ ଗଲେ ଘରେ ରହିବାକୁ ମିଳିଥିବା ଏହି ମଉକା ହିଁ ନିଜ ରୁଚି, ଅନ୍ତର୍ନିହିତ ପ୍ରତିଭା, ସୃଜନଶୀଳତା ପରିପ୍ରକାଶ କରିବାର ଠିକ୍ ସମୟ। ତେବେ ଏହି ସମୟରେ ଦୈନନ୍ଦିନ ଜୀବନଚର୍ଯ୍ୟା କିପରି ଏହାକୁ ନେଇ 'କ୍ୱାରାଣ୍ଟାଇନ୍ ଡାଏରୀ' ନାମରେ ପ୍ରଥମଥର ପାଇଁ ଏକ ଆନିମେଟେଡ୍ ଭିଡିଓ ପ୍ରସ୍ତୁତ କରି ୟୁଟ୍ୟୁବ୍‌ରେ ଅପ୍‌ଲୋଡ୍ କରିଛି। ମାତ୍ର ଗୋଟିଏ ଦିନରେ ଏହାର ଦର୍ଶକ ସଂଖ୍ୟା ୧୨୦୦ ଟପି ଯାଇଥିବାବେଳେ ବେଶ୍ ଭଲ କମେଣ୍ଟ ମଧ ମିଳୁଛି। ଆଗକୁ ଏଭଳି ଅନେକ ଭିଡିଓ ପ୍ରସ୍ତୁତ କରିବାକୁ ଲକ୍ଷ୍ୟ ରଖିଛି।

**ଗୁଡୁ ମହାପାତ୍ର** (କର୍ମଜୀବୀ, ପୁରୀ)- ସଂଗୀତରେ ଏମିତି ଯାଦୁଗରି ଶକ୍ତି ରହିଛି, ଯାହାକି ନା କେବଳ ଖୁସି ଆଣିଦିଏ ବରଂ ଭାରାକ୍ରାନ୍ତ ମନକୁ ବି ହାଲୁକା କରିପାରେ, ଯେଉଁଥିପାଇଁ ଏହାକୁ ମୁଁ ଖୁବ୍ ଭଲପାଏ। ଫାଙ୍କା ସମୟ ମିଳିଲେ ବିଭିନ୍ନ ମ୍ୟୁଜିକ୍ ଶୁଣିବାର ମଉକା ଆଦୌ ହାତଛଡ଼ା କରେନି। ତେବେ କରୋନା ପାଇଁ ଚାଲିଥିବା ଲକ୍‌ଡାଉନ ସମୟରେ ଏହାକୁ ନେଇ କିଛି ନୂଆ କରିବାକୁ ପ୍ରୟାସ କରିଛି। ଯଦିଓ ବ୍ୟାଙ୍କ୍ କର୍ମଚାରୀ ହୋଇଥିବାରୁ ଏ ସମୟରେ ବି ଅଫିସ ଯିବାକୁ ପଡୁଛି, ତଥାପି ସମୟ ମିଳିଲେ ଘରେ ନିଜେ ପିଆନୋ ବଜାଇ ବିଭିନ୍ନ ଗୀତ ଗାଉଛି। ଏହାକୁ ମୋବାଇଲରେ ଭିଡିଓ ରେକର୍ଡ କରି ଇନ୍‌ଷ୍ଟାଗ୍ରାମ୍, ଫେସ୍‌ବୁକ୍ ଏବଂ ଷ୍ଟାରମେକର ଭଳି ବିଭିନ୍ନ ଅନ୍‌ଲାଇନ୍ ସାଇଟ୍‌ରେ ପୋଷ୍ଟ କରୁଛି। ଏହାଦ୍ୱାରା ନିଜେ ଖୁସି ହେବା ସହ ଅନ୍ୟମାନଙ୍କୁ କିଛି ଖୁସି ବାଣ୍ଟିବାକୁ ଚେଷ୍ଟା କରୁଛି। ଆଉ ଯେତେବେଳେ ଆଶାରୁ ଅଧିକ ଲାଇକ୍ ଏବଂ ଭଲ ଭଲ କମେଣ୍ଟ ମିଳୁଛି ମନରେ ଆଗ୍ରହ ଦ୍ୱିଗୁଣିତ ହୋଇଯାଉଛି।

**ଆକାଶ ତିୱାରୀ**(ଇଞ୍ଜିନିୟରିଂ ଛାତ୍ର, ଭୁବନେଶ୍ୱର)- ଜନସାଧାରଣଙ୍କୁ ପୁନର୍ବାର ସାଧାରଣ ଜୀବନଯାପନ କରିବାକୁ ହେଲେ ନିଜେ ସଚେତନ ହେବା ସହ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ସମସ୍ତ ଗାଇଡ୍‌ଲାଇନ୍ ମାନିବା ଏବଂ ସୋସିଆଲ୍ ଡିଷ୍ଟାନ୍ସିଂ ବା ସାମାଜିକ ଦୂରତ୍ୱ ରକ୍ଷା କରିବା ହିଁ କରୋନା ମହାବିପତ୍ତିକୁ ହରାଇବାର ଏକମାତ୍ର ଚାବିକାଠି। ହେଲେ ଅଧିକାଂଶ ଲୋକଙ୍କର ଏଥିପ୍ରତି ଅବହେଳା ଆମ ଦେଶରେ ରୋଗ କମାଇବା ବଦଳରେ ବଢ଼ାଉଛି। ଏହାକୁ ଆଖିଆଗରେ ରଖି ମୁଁ ବିଭିନ୍ନ ସଚେତନତାମୂଳକ ଲେଖା ଲୋକଙ୍କ ପାଖରେ ପହଞ୍ଚାଇବାକୁ ଚେଷ୍ଟା କରୁଛି। ଏହି ଲକ୍‌ଡାଉନ୍ ସମୟରେ ବିଭିନ୍ନ ଲେଖା ମଧ୍ୟରୁ 'ରାଜନୀତି' ଏବଂ 'ରିଲେଟିଭ୍‌ସ' ନାମକ ମୋର ଦୁଇଟି ଆଲେଖ୍ୟ ସାମାଜିକ ସ୍ତରରେ ସକାରାତ୍ମକ ପ୍ରଭାବ ପକାଇଛି ଏବଂ ପାଠକଙ୍କ ମତାମତ ମୋତେ ଆହୁରି ଲେଖିବାକୁ ପ୍ରେରଣା ଯୋଗାଇଛି।

**ଶୁଭେନ୍ଦୁ ବେହେରା**(ଛାତ୍ର, ଫୁଲନଖରା, କଟକ)- ସମୟ ଯେ କେତେ ମୂଲ୍ୟବାନ ତାହା କହିବା ବାହୁଲ୍ୟ ମାତ୍ର। କାରଣ ପାଠପଢ଼ା ଏବଂ ବିଭିନ୍ନ କାର୍ଯ୍ୟବ୍ୟସ୍ତତା ଭିତରେ ଇଚ୍ଛା ଥିଲେ ସୁଦ୍ଧା ସମୟ ଅଭାବରୁ ଅନେକ କାର୍ଯ୍ୟ ରହିଯାଏ। ତେଣୁ ଯେବେ ବି ସମୟ ମିଳେ ଏହାର ସଦୁପଯୋଗ କରିବାକୁ ଚେଷ୍ଟା କରେ। ବର୍ତ୍ତମାନ ଚାଲିଥିବା ଲକ୍‌ଡାଉନ୍ ପିରିୟଡ୍‌ରେ କଲେଜ ଯିବା କିମ୍ବା ଅନ୍ୟାନ୍ୟ ବାହାର କାର୍ଯ୍ୟ ବନ୍ଦ ଥିବାରୁ ଘରେ କିଛି ନୂଆ କରିବା ଲାଗି ଯଥେଷ୍ଟ ସମୟ ମିଳୁଛି। ଘରେ ସୁନ୍ଦର ଗାର୍ଡେନଟିଏ କରିବାକୁ ଥିବା ଦୀର୍ଘଦିନର ଇଚ୍ଛା ଏବେ ପୂର୍ଣ୍ଣ ହୋଇଛି। ସେଥିରେ ବିଭିନ୍ନ ପ୍ରକାରର ଫୁଲ, ଫଳ ଗଛ ଲଗାଇଛି ଏବଂ ଘରେ ଖତ ଏବଂ ଜୈବିକସାର ପ୍ରସ୍ତୁତ କରି ସେଗୁଡ଼ିକର ଯତ୍ନ ନେଉଛି। ଏହାବ୍ୟତୀତ ପୂର୍ବରୁ ଥିବା ନିଜ ୟୁଟ୍ୟୁବ୍ ଚ୍ୟାନେଲରେ କିଛି ନୂଆ ପ୍ରକାର ଭିଡିଓ ଅପ୍‌ଲୋଡ୍ କରିବା ଲାଗି ଚେଷ୍ଟା ଚଳାଇଛି।

**-ପୌର୍ଣ୍ଣମାସୀ**


ଚିନ୍ମୟ


ଆକାଶ


ଗୁଡୁ


ଶୁଭେନ୍ଦୁ


ରିଷବ

## ଏ ସପ୍ତାହର ପ୍ରଶ୍ନ

୧-ଋଷି କପୁର.......... ମସିହାରେ ଲାଇଫ୍‌ଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡ ପାଇଥିଲେ ?
୨- ଚଳିତବର୍ଷ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଅବସରରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ପ୍ରକାଶିତ ରିପୋର୍ଟର ନାମ................ ?
୩-ଆନକ୍ରାକାଟାଉ ଆଗ୍ନେୟଗିରି.............. ଠାରେ ଅବସ୍ଥିତ ?
୪- ଅଭିନେତା ଇରଫାନ୍ ଖାନଙ୍କ ପୂରା ନାମ............ ?
୫- ଓସ୍କାର ପୁରସ୍କାର ପାଇଥିବା ପ୍ରଥମ ଭାରତୀୟ......... ?

## ଗତ ଥରର ଉତ୍ତର

୧ ସେପ୍ଟେମ୍ବର ୨୬, ୧୯୪୨
୨ ଦିଲ୍ଲୀ ପୋଲିସ
୩ ନରୱେ
୪ ୧୩୯
୫ ଡିସେମ୍ବର ୨୦୧୬

## ଉତ୍ତରଦାତା


ସୂର୍ଯ୍ୟ ପ୍ରତାପ ମହାନ୍ତି, ମୁମ୍ବାଇ


ଜଲି ସାହୁ, ବାଲେଶ୍ୱର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ-ମେଲ୍ ଠିକଣା: dharitriagamiasha @gmail.com

# ଅନ୍‌ଲାଇନ୍ ଡେଟିଂ



ଏତେ ଦିନ ଧରି ଲକ୍‌ଡାଉନ୍ ହେବା ଫଳରେ ପାର୍କ, ରେଷ୍ଟୁରାଣ୍ଟ ଆଦି ସବୁକିଛି ବନ୍ଦ ରହିଛି। ତେଣୁ ଯୁବପିଢ଼ି ଆଉ ସେମାନଙ୍କ ସାଥୀମାନଙ୍କ ସହିତ ଡେଟିଂରେ ଯାଇ ପାରୁନାହାନ୍ତି। ହେଲେ ଏଭଳି ସମୟରେ ଯୁବପିଢ଼ିଙ୍କ ଲାଗି ନିଜର ସାଥୀ ଚୟନ କରିବା ସହ ଯୋଗାଯୋଗରେ ରହିବାର ମାଧ୍ୟମ ପାଲଟିଛି ଏବେ ଅନ୍‌ଲାଇନ୍ ଡେଟିଂ...

- ସାଥୀ ଚୟନ କରିବା ପାଇଁ ଏବେ ଆରମ୍ଭ ହୋଇଛି ଅନ୍‌ଲାଇନ୍ ଡେଟିଂ ୱେବ୍‌ସାଇଟ୍। ଏଭଳି ୱେବ୍‌ସାଇଟ୍ ଆରମ୍ଭ ହେବା ପରେ ଅନ୍‌ଲାଇନ୍ ମାଧ୍ୟମରେ ସାଥୀ ଚୟନ କରୁଥିବା ଦେଶମାନଙ୍କ ମଧ୍ୟରେ ସବୁଠୁ ଆଗରେ ରହିଛି ଆମେରିକା। ଏହାପରେ ଦ୍ୱିତୀୟ ସ୍ଥାନରେ ରହିଛି ଭାରତ ଏବଂ ତୃତୀୟରେ ଆୟର୍ଲାଣ୍ଡ ଓ ଚତୁର୍ଥ ସ୍ଥାନରେ ବ୍ରିଟେନ।
- ଏବେ ସବୁକିଛି ଅନ୍‌ଲାଇନ୍‌ରେ ହୋଇପାରୁଛି। ତେଣୁ ଡେଟିଂ ନିମନ୍ତେ ଆପଣ ବି ଅନ୍‌ଲାଇନ୍‌ରେ ପରସ୍ପରକୁ ଦେଖାସାକ୍ଷାତ କରିପାରିବେ। ଫୋନ୍, ଚାର୍ଟିଂ କିମ୍ବା ମେସେଜ୍ ଆଦି କରି ସାଥୀଙ୍କ ସହ ଯୋଗାଯୋଗ ରକ୍ଷା କରନ୍ତୁ।
- ପ୍ରଥମେ ଚାର୍ଟିଂ କରିବା ପରେ ଯଦି ଜଣେ ଅନ୍ୟ ଜଣଙ୍କୁ ପସନ୍ଦ ଆସନ୍ତି ତା'ହେଲେ ସେ ଫୋନ୍ କରିପାରନ୍ତି ଏବଂ ଶେଷରେ କିଛିଦିନ କଥାବାର୍ତ୍ତା ହେବା ପରେ ଭିଡିଓ କଲ୍ ମଧ କରିପାରିବେ। ଏହି ମାଧ୍ୟମରେ ଜୀବନସାଥୀ ହେବା ପାଇଁ ଉପଯୁକ୍ତ କି ନାହିଁ ସ୍ଥିର କରି ପାରିବେ।
- ବିଶେଷଜ୍ଞଙ୍କ କହିବା ଅନୁସାରେ ରେଷ୍ଟୁରାଣ୍ଟ, ବାର୍, ଜିମ୍, ଅଫିସ୍, ପାର୍କ ଆଦି ବିଭିନ୍ନ ସ୍ଥାନଗୁଡ଼ିକ ବନ୍ଦ ରହିବା ଫଳରେ ମାନବୀୟ ମୂଲ୍ୟବୋଧ ବୃଦ୍ଧି ପାଇଛି। ଅର୍ଥାତ୍ ପରସ୍ପରକୁ ଭଲଭାବେ ଚିହ୍ନିବା ଏବଂ ଜାଣିବା ପାଇଁ ଏହା ଉପଯୁକ୍ତ ସମୟ। ଯାହାଦ୍ୱାରା ସାଥୀଙ୍କ ମଧ୍ୟରେ ପ୍ରେମ ଭାବନା ଦୃଢ଼ ହୋଇପାରିବ।



# ଟ୍ରାଏ କରନ୍ତୁ ବ୍ରେନ୍ ଗେମ୍



**ଏବେ ଲକ୍‌ଡାଉନ୍ ପାଇଁ ଘରେ ବସି ସମସ୍ତେ ପ୍ରାୟ ବୋର୍ ହେଉଛନ୍ତି। କିନ୍ତୁ ଏ ସମୟରେ ଆପଣ ବିଭିନ୍ନ ପ୍ରକାରର ବ୍ରେନ୍ ଗେମ୍ ଟ୍ରାଏ କରି ନିଜର ସ୍ମୃତିଶକ୍ତି ବୃଦ୍ଧି କରିବା ସହିତ ଫ୍ରେଶ୍ ଅନୁଭବ କରିପାରିବେ...**



### ଏଲିଭେଟ୍- ବ୍ରେନ୍ ଟ୍ରେନିଂ ଗେମ୍

ଏହା ଏକ ପ୍ରକାରର ବ୍ରେନ୍ ଟ୍ରେନିଂ ପ୍ରୋଗ୍ରାମ। ଏହାକୁ ଏଭଳି ଭାବେ ଡିଜାଇନ୍ କରାଯାଇଛି କି ଏହା ପ୍ରଭାବରେ ଆପଣ ନିଜର ସ୍ମୃତିଶକ୍ତି ବିକଶିତ କରିବା ସହିତ କମ୍ୟୁନିକେସନ୍ ସ୍କିଲ୍, ପ୍ରୋସେସିଂ ସ୍ପିଡ୍ ଏବଂ କହିବାର ସ୍ୱତନ୍ତ୍ର କଳା ହାସଲ କରିପାରିବେ।
ଏହା ପର୍ସନାଲାଇଜ୍ଡ ପ୍ରୋଗ୍ରାମର ସୁବିଧା ଦେଇଥାଏ ଏବଂ କ୍ରିଟିକାଲ୍ କଗ୍ନିଟିଭ୍‌ର ଦକ୍ଷତାକୁ ବି ବୃଦ୍ଧି କରିପାରେ। ଏଥିରେ ୩୫ରୁ ଅଧିକ ବ୍ରେନ୍ ଗେମ୍ ରହିଛି, ଯାହା ଆପଣଙ୍କ ମନେରଖିବା କ୍ଷମତାକୁ ବଢ଼ାଇବାରେ ସାହାଯ୍ୟ କରିବ।

### ଲୁମୋସିଟି- ବ୍ରେନ୍ ଟ୍ରେନିଂ

ଏହି ଗେମର ଆପ୍ଲିକେସନ ଏପରି ହୋଇଛି ଯାହାଫଳରେ ଆପଣ ନିଜର ଲକ୍ଷ୍ୟ ଅନୁସାରେ ପୂରା ଯୋଜନା କରିପାରିବେ। ଏହି ଗେମ୍ ମାଧ୍ୟମରେ ଆପଣ ନୂଆ ଅନୁସନ୍ଧାନ, ନୂଆ ଆଧୁନିକ ଯନ୍ତ୍ରପାତି ଏବଂ ବିଭିନ୍ନ ପ୍ରକାରର ଭାଷା ଶିଖିବାର ମଧ ସୁଯୋଗ ପାଇପାରିବେ। ପ୍ରତିଦିନ ନୂଆ ନୂଆ ଏକ୍ସରସାଇଜ୍ ସମ୍ପର୍କରେ ଜାଣିପାରିବେ।
ନ୍ୟୁରୋ ସାଇଣ୍ଟିଷ୍ଟଙ୍କ ଦ୍ୱାରା ଏହି ଆପ୍ଲିକେସନ୍ ବିକଶିତ କରାଯାଇଛି। ତେଣୁ ମସ୍ତିଷ୍କ ଆଘାତ ପରେ ମନେରଖିବାରେ ସମସ୍ୟା ଭୋଗୁଥିବା ବ୍ୟକ୍ତିଙ୍କ ପାଇଁ ଏହି ଗେମ୍ ବେଶ୍ ଫାଇଦା ଆଣିଥାଏ।

### ଫିଟ୍ ବ୍ରେନ୍ ଟ୍ରେନର

ଏହି ଗେମ୍ ମଧ ମେମୋରି ପାୱାର ବଢ଼ାଇବାରେ ବିଶେଷ ଭୂମିକା ଗ୍ରହଣ କରିଥାଏ। ଗେମ୍‌ରେ ପ୍ରଥମେ ବିଭିନ୍ନ ପ୍ରକାରର ଚିତ୍ର ଏବଂ ସଂଖ୍ୟା ମନେ ରଖିବାକୁ ହୋଇଥାଏ। ଏହାପରେ ଖାଲି ସ୍ଥାନ ପୂରଣ କରିବାକୁ ପଡ଼େ। ତେଣୁ ଏହି ମାଧ୍ୟମରେ ଆପଣଙ୍କର ସ୍ମୃତିଶକ୍ତି ଢେର୍ ବୃଦ୍ଧିପାଇବ।

**ଜୁଆ ଆଡ୍ଡାରେ ଚଢ଼ାଉ, ୭୫ହଜାର ଟଙ୍କା ଜବତ**

ଜଟଣୀ ପୋଲିସ ଶନିବାର ବିଡିଏ କଲୋନୀ ଅଞ୍ଚଳର ଏକ ଜୁଆଆଡ୍ଡାରେ ଚଢ଼ାଉ କରି ୬ଜଣଙ୍କୁ ଅଟକ ରଖିଛି। ଏମାନଙ୍କ ନିକଟରୁ ୭୫ହଜାର ଟଙ୍କା, ୬ ବାଇକ୍ ଓ ୪ଟି ମୋବାଇଲ ଫୋନ ଜବତ ହୋଇଛି। ଏହି କଲୋନୀ ଅଞ୍ଚଳର ଜଣଙ୍କ ଘର ପରିସରରେ ଜୁଆ ଖେଳାଯାଉଥିବା ଖବରପାଇ ପୋଲିସ ଚଢ଼ାଉ କରିଥିଲା।

## ସଂକ୍ଷେପରେ

### ମାସ୍କ ନ ବାନ୍ଧି ଦଣ୍ଡ ଗଣିଲେ ୨୪ଜଣ

**ସାକ୍ଷୀଗୋପାଳ,୨।୫(ଡି.ଏନ୍.ଏ.):** ମହାମାରୀ କରୋନା ସଂକ୍ରମଣରୁ ରକ୍ଷା ପାଇବା ନିମନ୍ତେ ମୁହଁରେ ମାକ୍ସ ବାନ୍ଧିବାକୁ ବାଧ୍ୟତାମୂଳକ କରାଯାଇଛି। ଏହି ନିୟମକୁ ନ ମାନି ସାକ୍ଷୀଗୋପାଳ ବଜାରରେ ଲୋକେ ଚଳାଚଳ କରୁଥିବାରୁ ପ୍ରଶାସନ ପକ୍ଷରୁ ଶନିବାର ବସଷ୍ଟାଣ୍ଡଠାରେ କଡ଼ା ଯାଞ୍ଚ କରାଯାଇଥିଲା। ସତ୍ୟବାଦୀ ଅତିରିକ୍ତ ତହସିଲଦାର ମୌସୁମୀ ମିଶ୍ର, କର୍ମଚାରୀ ଓ ପୋଲିସ ପ୍ରଶାସନଙ୍କ ସହାୟତାରେ ମାକ୍ସ ଲଗାଇ ନ ଥିବା ୨୪ଜଣଙ୍କ ଠାରୁ ୨ ଶହ ଟଙ୍କା ଲେଖାଏଁ ଜରିମାନା ଆଦାୟ କରାଯାଇଥିଲା।

### ୪୩ ରକ୍ତ ନମୁନା କରୋନା ନେଗେଟିଭ୍

**ବଡ଼ମ୍ବା,୨।୫ (ଡି.ଏନ୍.ଏ.):** କଟକ ଜିଲା ବଡ଼ମ୍ବା ବ୍ଲକର ବିଭିନ୍ନ ପଞ୍ଚାୟତରେ ଥିବା ୪୩ ଜଣ କରୋନା ସନ୍ଦିଗ୍ଧଙ୍କ ରକ୍ତ ନମୁନା ପରୀକ୍ଷା ପରେ ନେଗେଟିଭ ଥିବା ନେଇ ତହସିଲଦାର ଅନିଲ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି। ଗତ ୨୮ ତାରିଖରେ ସମସ୍ତ ସନ୍ଦିଗ୍ଧଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ନିମନ୍ତେ ପଠାଯାଇଥିଲା। ଏଥିସହ ସେମାନଙ୍କୁ ହୋମ୍ କ୍ୱାରାଣ୍ଟାଇନ୍ ଓ ପଞ୍ଚାୟତର କ୍ୱାରାଣ୍ଟାଇନ୍ କେନ୍ଦ୍ରରେ ରଖାଯାଇଛି।

### ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ୧.୮ଲକ୍ଷ ଟଙ୍କା ଦାନ

**ନିମାପଡ଼ା,୨।୫(ଡି.ଏନ୍.ଏ.):** କରୋନା ମୁକାବିଲା ପାଇଁ ନିମାପଡ଼ା ବ୍ଲକର ବହୁ ବ୍ୟକ୍ତି, ଅନୁଷ୍ଠାନ ମୁଖ୍ୟମନ୍ତ୍ରୀଙ୍କୁ ସହାୟତାର ହାତ ବଢ଼ାଇଛନ୍ତି। ଏହି ପରିପ୍ରେକ୍ଷୀରେ ନିମାପଡ଼ା କଲେଜର ଅବସରପ୍ରାପ୍ତ ଗ୍ରନ୍ଥାଗାର ଅଧକ୍ଷ ଅମ୍ବିକା ପ୍ରସାଦ ଦାଶ ତାଙ୍କ ୧ମାସର ପେନସନ ୩୩ହଜାର ୭୦୮ ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଦାନ କରିଛନ୍ତି। ସେହିପରି ନିମାପଡ଼ା ବ୍ଲକର ସିଡିପିଓ କୁମୁଦିନୀ ମିଶ୍ର ଓ ତାଙ୍କ ଅଫିସ କର୍ମଚାରୀମାନେ ୧୦ହଜାର ଟଙ୍କା, ନିମାପଡ଼ା ବ୍ଲକ ଫେଡେରେଶନ ଟିଏଚ୍ଆର ପ୍ଲାଣ୍ଟ ପକ୍ଷରୁ ୨୦ହଜାର, ନିମାପଡ଼ା ବ୍ଲକର ଲୋୟର ସେକେଣ୍ଡାରୀ ରିଟାୟାର୍ଡ ଟିଚର ଫୋରମ ପକ୍ଷରୁ ୨୫ହଜାର, ଭଗବାନ ସୁନ୍ଦରା ଜାଗେଶ୍ୱରୀ ଯୁବକ ସଂଘର ସମ୍ପାଦକ ନକୁଳ ସ୍ୱାଇଁ ୫ହଜାର, ବିଷ୍ଣୁପ୍ରିୟା ପ୍ରଧାନ ୫ହଜାର, ଚାରୁଲତା ବାରିକ ୫ହଜାର, ଓଡ଼ିଶା ଜନକଲ୍ୟାଣ ସେବା ସଂଘ ପକ୍ଷରୁ ୫ ହଜାର ଏହିପରି ମୋଟରେ ୧ଲକ୍ଷ ୮ହଜାର ୭୦୮ ଟଙ୍କାର ସହାୟତା ରାଜ୍ୟ ରିଲିଫ ପାଣ୍ଠିକୁ ପ୍ରଦାନ କରାଯାଇଛି। ଶନିବାର ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟରେ ବଦାନ୍ୟ ବ୍ୟକ୍ତି ଓ ଅନୁଷ୍ଠାନର କର୍ମକର୍ତ୍ତାମାନେ ବିଡିଓ ମନୋଜ କୁମାର ବେହେରା, ତହସିଲଦାର ଚନ୍ଦ୍ରକାନ୍ତ ମଲ୍ଲିକଙ୍କ ଉପସ୍ଥିତିରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କୁ ସହାୟତା ରାଶିର ଚେକ ପ୍ରଦାନ କରିଛନ୍ତି।

### ଚୌଦ୍ୱାରରେ ଏନ୍‌ଫୋର୍ସମେଣ୍ଟ ଟିମ୍‌ର ଚଢ଼ାଉ

**ଚୌଦ୍ୱାର,୨।୫(ଡି.ଏନ୍.ଏ):** କଟକ ଏନ୍‌ଫୋର୍ସମେଣ୍ଟ ଟିମ୍ ଶନିବାର ଚୌଦ୍ୱାର ଅଞ୍ଚଳରେ ଥିବା ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନରେ ଚଢ଼ାଉ କରି ଟ୍ରେଡ୍ ଲାଇସେନ୍ସ ଯାଞ୍ଚ କରିଥିଲେ। ଯେଉଁ ବ୍ୟବସାୟୀଙ୍କ ନିକଟରେ ଟ୍ରେଡ୍ ଲାଇସେନ୍ସ ନାହିଁ ଉକ୍ତ ପ୍ରତିଷ୍ଠାନକୁ ବନ୍ଦ କରିବା ସହିତ ଜରିମାନା ଆଦାୟ କରିଥିଲେ। ଏଥି ସହିତ ଲାଇସେନ୍ସ ନ ଥିବା ବ୍ୟବସାୟୀମାନେ ନଗରପାଳିକା ଅଫିସ୍‌ରେ ନିଜ ପ୍ରତିଷ୍ଠାନକୁ ପଞ୍ଜୀକୃତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ଟିମ୍ ପକ୍ଷରୁ ବ୍ୟବସାୟୀଙ୍କୁ ମାସ୍କ ବଣ୍ଟନ କରାଯିବା ସହିତ ସାମାଜିକ ଦୂରତା ରକ୍ଷାକରି ବ୍ୟବସାୟ ପ୍ରତିଷ୍ଠାନ ଚଳାଇବା ପାଇଁ ପରାମର୍ଶ ଦେଇଥିଲେ।

### ମଦ ଜବତ: ୨ ଗିରଫ

**କଟକ ଅଫିସ, ୨।୫:** ଚୋରା ମଦ ଚାଲାଣ ଅଭିଯୋଗରେ ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ସେମାନେ ହେଲେ ସ୍ଥାନୀୟ ମାଛୁଆ ବଜାର ଅଞ୍ଚଳର ଶଙ୍କର ବେହେରା ଓ ଗାଡି ଡ୍ରାଇଭର ଜଗତ୍‌ସିଂହପୁର ଜିଲା ବାଲିକୁଦା ଥାନା ଅଞ୍ଚଳର ସପନ କୁମାର ସାହୁ। ଶୁକ୍ରବାର ଅବକାରୀ ବିଭାଗ ପକ୍ଷରୁ ଯୋବ୍ରା ବ୍ୟାରେଜ ନିକଟରେ ଚଢାଉ ବେଳେ ଅଣ୍ଡା ପେଟି ନେଇ ଯାଉଥିବା ଏକ ପିକ୍‌ଅପ୍ ଭ୍ୟାନ(ଓଆର୩୩ଆର-୩୪୧୮)ରୁ ୧୨୦ ପେଟି ଆଷ୍କାଫର୍ଟି ଜବତ କରାଯାଇଥିଲା। ଏହି ମଦ କଟକରୁ ଜଗତ୍‌ସିଂହପୁର ଚାଲାଣ ହେଉଥିବା ଜଣାପଡିଛି। ଡ୍ରାଇଭର ସପନଙ୍କୁ ମାଲଗୋଦାମ ପୋଲିସ ଅଟକ ରଖି ପଚରାଉଚରା କରିବା ପରେ ସମସ୍ତ ଘଟଣା ସାମ୍ନାକୁ ଆସିଥିଲା। ଏ ନେଇ ଥାନାରେ ମାମଲା ରୁଜୁ ହୋଇଛି।

# ପୁରୀ ଛାଡ଼ିଲେ ଗୁଜରାଟର ୧୫ ତୀର୍ଥଯାତ୍ରୀ

**ପୁରୀ ଅଫିସ,୨।୫**

କରୋନା ଲକ୍‌ଡାଉନ ଯୋଗୁ ବିଭିନ୍ନ ରାଜ୍ୟରେ ଅଟକି ରହିଛନ୍ତି ଅନ୍ୟ ରାଜ୍ୟର ଶ୍ରମିକ, ତୀର୍ଥଯାତ୍ରୀ, ପର୍ଯ୍ୟଟକ ଏବଂ ଛାତ୍ରୀଛାତ୍ର। ଏବେ ଏମାନେ ନିଜ ନିଜ ରାଜ୍ୟକୁ ଫେରିବା ଆରମ୍ଭ କରିଛନ୍ତି। ଏହି କ୍ରମରେ ଶନିବାର ପୁରୀରୁ ଗୁଜରାଟର ୧୫ ତୀର୍ଥଯାତ୍ରୀ ଏବଂ ରାଜସ୍ଥାନର ୮ଶ୍ରମିକ ନିଜ ରାଜ୍ୟ ଅଭିମୁଖେ ଯାତ୍ରା କରିଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଓ ବିନୟ କୁମାର ଦାଶ, ଉପଜିଲାପାଳ ଭବତାରଣ ସାହୁ ପ୍ରମୁଖ ଏମାନଙ୍କୁ ବିଦାୟ ଶୁଭେଚ୍ଛା ଜଣାଇଛନ୍ତି। ଗୁଜରାଟର ଭଲ୍‌ସାଦ, ସୁରଟ, ରାଜକୋଟ ଓ ଜାମନଗରର ୧୫ଜଣ ତୀର୍ଥଯାତ୍ରୀ ପୁରୀକୁ ତୀର୍ଥ କରିବାକୁ ଆସିଥିଲେ। ଅଚାନକ ଲକ୍‌ଡାଉନ ଯୋଗୁ ସେମାନେ ପୁରୀରେ ପ୍ରାୟ ୪୫ ଦିନ ରହିଯାଇଥିଲେ। ପାଖରେ ଥିବା ଅର୍ଥ ସରିଯିବାରୁ ସେମାନେ ସମସ୍ୟାରେ ପଡ଼ିଥିଲେ। ଶେଷରେ ଭାରତ ବିକାଶ ପରିଷଦ ଶ୍ରୀଜଗନ୍ନାଥ ଧାମ ଶାଖା ସଚିବ ସୁପ୍ରୀତି ରଥଙ୍କ ସହିତ ଯୋଗଯୋଗ କରିବାରୁ ସେ ପୂର୍ବ କ୍ଷେତ୍ର ରାଷ୍ଟ୍ରୀୟ ସଚିବ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ ଓ ପୁରୀ ସେବା ସମିତିର ସହ ସମ୍ପାଦକ ସୌମେନ୍ଦ୍ର ଦାସ ସେମାନଙ୍କ ସହ ଆଲୋଚନା କରିଥିଲେ। ପରିଷଦ ପକ୍ଷରୁ ସେମାନଙ୍କ ଅସୁବିଧା ସମ୍ପର୍କରେ ଜିଲା ପ୍ରଶାସନ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଅବଗତ କରାଯାଇଥିଲା। କେନ୍ଦ୍ର ସରକାରଙ୍କ ଗୃହ ମନ୍ତ୍ରଣାଳୟ ସମେତ ଗୁଜରାଟ ସରକାରଙ୍କୁ ବି ଜଣାଯାଇଥିଲା। ଶେଷରେ ପୁରୀ ଜିଲାପାଳ ବଲୱନ୍ତ ସିଂ ଏବଂ ଅତିରିକ୍ତ ଜିଲାପାଳଙ୍କ ସହଯୋଗରେ ତୀର୍ଥଯାତ୍ରୀମାନେ ଶନିବାର ନିଜ ଘରକୁ ଫେରିଯାଇଛନ୍ତି। ରାଜସ୍ଥାନର ଚୁରୁ ଏବଂ ବିକାନେରର ୮ ଶ୍ରମିକ ମଧ୍ୟ ସେମାନଙ୍କ ଘରକୁ ବାହୁଡ଼ି ଯାଇଛନ୍ତି।

ପ୍ରଥମେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ କୋଭିଡ୍ କେନ୍ଦ୍ରରେ ସମସ୍ତଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସମ୍ପୃକ୍ତ ଗାଡ଼ି ଚାଳକଙ୍କର ବି ସ୍ୱାସ୍ଥ୍ୟ ପରୀକ୍ଷା ହୋଇଥିଲା। ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ଥିବା ଜାଣି ଜିଲା ପ୍ରଶାସନ ସେମାନଙ୍କୁ ଯିବା ପାଇଁ ଅନୁମତି ଦେବା ସହିତ ଗାଡ଼ି ପାସ୍ ପ୍ରଦାନ କରିଥିଲେ। ଗୁଜରାଟ ଯାତ୍ରା କରିଥିବା ତୀର୍ଥଯାତ୍ରୀମାନେ ନିଜ ସ୍ଥାନରେ ପହଞ୍ଚିବା ପାଇଁ ଦୁଇଦିନ ସମୟ ଲାଗିବ। ତେଣୁ ଦୁଇଦିନ ପାଇଁ ସେମାନଙ୍କୁ ଭାରତ ବିକାଶ ପରିଷଦ ପକ୍ଷରୁ ଶୁଖିଲା ଖାଦ୍ୟ ଓ ପିଇବା ପାଣି ପ୍ରଦାନ କରାଯାଇଥିଲା।

**ରାଜସ୍ଥାନର ୮ ଶ୍ରମିକ ଫେରିଲେ**



## ବଢୁଛି ପ୍ରବାସୀ ଓଡ଼ିଆ ଆଗନ୍ତୁକଙ୍କ ସଂଖ୍ୟା

**ନିଶ୍ଚିନ୍ତକୋଇଲି, ୨।୫(ସ୍ୱ.ପ୍ର.)**

ବାହାର ରାଜ୍ୟରେ କାର୍ଯ୍ୟ କରୁଥିବା ବହୁ ପ୍ରବାସୀ ଓଡିଆଙ୍କୁ ଫେରାଇ ଆଣିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି।

ଏହି ପରିପ୍ରେକ୍ଷୀରେ ରାଜ୍ୟ ବାହାରେ କାର୍ଯ୍ୟ କରୁଥିବା କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକର ୮ ହଜାରରୁ ଉର୍ଦ୍ଧ୍ୱ ଲୋକ ଫେରିବା ପାଇଁ ନାମ ପଞ୍ଜୀକରଣ କରିଛନ୍ତି। ସେମାନଙ୍କୁ ୧୪ ଦିନ କ୍ୱାରାଣ୍ଟାଇନ୍‌ରେ ରଖିବା ନିମନ୍ତେ ବ୍ଲକ ପ୍ରଶାସନ ପକ୍ଷରୁ ୯୫ଟି କେନ୍ଦ୍ର ଖୋଲାଯାଇଛି। ଏସବୁ କେନ୍ଦ୍ରରେ ପ୍ରବାସୀ ଓଡିଆଙ୍କ ପାଇଁ ୪ ହଜାର ବେଡ ଥିବା ବେଳେ ଏହି ସଂଖ୍ୟା ଏବେ ୮ ହଜାର ଟପିଯାଇଛି। ଏନେଇ ବ୍ଲକ ପ୍ରଶାସନର ଚିନ୍ତା ବଢ଼ିଯାଇଛି। ସୂଚନା ଅନୁଯାୟୀ, ବାହାର ରାଜ୍ୟରେ କାର୍ଯ୍ୟ କରୁଥିବା ନିଶ୍ଚିନ୍ତକୋଇଲି ବ୍ଲକର ୪୧ ପଞ୍ଚାୟତ ଅନ୍ତର୍ଗତ ୨୩୮ ଗ୍ରାମର ୮୧୦୬ ଜଣ ନାମ ପଞ୍ଜୀକରଣ କରିଛନ୍ତି। ଏହି ବ୍ଲକର ବନ୍ଧକାଟିଆ ପଞ୍ଚାୟତରେ ସର୍ବାଧିକ ୨୬୪ ଜଣ ନାମ ପଞ୍ଜୀକରଣ କରିଥିବା ବେଳେ ଶୁକରପଡାରେ ୨୫୬ ଓ ଖାଡେଶ୍ୱରପୁରରେ ୨୨୩ ଜଣ ଓ କୋଲଣପୁର ପଞ୍ଚାୟତରେ ୨୧୯ଜଣ ପଞ୍ଜୀକରଣ କରିଛନ୍ତି। ସମସ୍ତ ଲୋକ ଘରକୁ ଫେରିଲେ ସେମାନଙ୍କ ସ୍ୱାସ୍ଥ୍ୟପରୀକ୍ଷା ଓ କ୍ୱାରାଣ୍ଟାଇନ ବ୍ୟବସ୍ଥା କରାଯିବା ନେଇ ପ୍ରଶାସନ ପକ୍ଷରୁ ଆଲୋଚନା ଜାରି ରହିଛି। ଏସମ୍ପର୍କରେ ବିଡିଓ କର୍ଣ୍ଣଦେବ ସମାଦ୍ଦାର କୁହନ୍ତ, ଯଦି ଅଧିକ ପ୍ରବାସୀ ଓଡିଆ ଆସନ୍ତି ତେବେ ସେମାନେ ପର୍ଯ୍ୟାୟ କ୍ରମେ ଆସିବେ। ଯଦି ଏକ ସମୟରେ ଆସନ୍ତି ତେବେ ବିଭିନ୍ନ ବିଦ୍ୟାଳୟରେ କ୍ୱାରାଣ୍ଟାଇନ୍ କେନ୍ଦ୍ର ଖୋଲାଯିବାକୁ ବ୍ୟବସ୍ଥା କରାଯିବ।

**ଚିନ୍ତାରେ ପ୍ରଶାସନ**
**୮ ହଜାରରୁ ଉର୍ଦ୍ଧ୍ୱ ପଞ୍ଜୀକରଣ**

# ଗ୍ରୀନ୍ ଜୋନ୍ ସତ୍ତ୍ୱେ ସତର୍କତା ଜରୁରୀ

**କଟକ ଅଫିସ,୨।୫**

କଟକ ଜିଲାରେ କରୋନା ସ୍ଥିତି ନେଇ ଏକ ସମୀକ୍ଷା ବୈଠକ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଇନ ଏବଂ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ କହିଥିଲେ, କଟକ ଜିଲାକୁ ଗ୍ରୀନ୍ ଜୋନ୍ ମିଳିଛି। ଏଥିରେ ଉତ୍ସାହିତ ନ ହୋଇ ପୂର୍ବାପେକ୍ଷା ଅଧିକ ସତର୍କ ରହିବା ଜରୁରୀ। ଏହି ଅବସରରେ ପ୍ରବାସୀ ଶ୍ରମିକ, ହିତାଧିକାରୀଙ୍କୁ ସହାୟତା ପ୍ରଦାନ ଏବଂ ଅନ୍ୟାନ୍ୟ ବିଷୟରେ ଆଲୋଚନା ହୋଇଥିଲା। ଯେଉଁମାନେ ଅନ୍ୟ ରାଜ୍ୟରୁ ଫେରିଛନ୍ତି କିମ୍ବା ଆଗାମୀ ଦିନରେ ଫେରିବେ, ସେମାନଙ୍କ ପଞ୍ଜିକରଣ, ରହଣି ଓ ଚିକିତ୍ସା ସମ୍ପର୍କରେ ପ୍ରଶାସନିକ ଅଧିକାରୀଙ୍କ ଠାରୁ ମନ୍ତ୍ରୀ ଜେନା ପଚାରି ବୁଝିଥିଲେ।

ବିଭିନ୍ନ ସ୍ଥାନରେ ଖୋଲିଥିବା ସଂଗରୋଧ ଗୃହର ସଫଳ ପରିଚାଳନା ନିମନ୍ତେ ଏକ ତାଲିକା ପ୍ରସ୍ତୁତ କରିବା ଏବଂ ଫେରିବାକୁ ଥିବା ପ୍ରବାସୀ ଓଡ଼ିଆମାନେ ଯେପରି ସଂଗରୋଧ ନିୟମ ଉଲ୍ଲଂଘନ ନ କରନ୍ତି, ସେଥିପ୍ରତି ଧ୍ୟାନ ଦେବାକୁ ମନ୍ତ୍ରୀ ଜେନା ନିର୍ଦ୍ଦେଶ ଦେଇଥିଲେ। ଏତଦ୍‌ବ୍ୟତୀତ ଗ୍ରାମାଞ୍ଚଳରେ ରାଶନକାର୍ଡ ପାଇ ନ ଥିବା ହିତାଧିକାରୀଙ୍କୁ ଚିହ୍ନଟ ସହ ତୁରନ୍ତ ରାଶନ୍ ସାମଗ୍ରୀ ଯୋଗାଇଦେବା ପାଇଁ ସେ ଗୁରୁତ୍ୱ ଦେଇଥିଲେ। ଏଥିରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଯୋଗଦେଇ କହିଥିଲେ, ପ୍ରଶାସନ ପକ୍ଷରୁ ନିଆଯାଉଥିବା ପଦକ୍ଷେପଗୁଡ଼ିକୁ ଲୋକମାନେ ବୁଝିବା ଉଚିତ୍। ପ୍ରବାସୀମାନଙ୍କ ରହଣି ବ୍ୟବସ୍ଥା ସହିତ ଗ୍ରୀନ୍ ଜୋନ ବଜାୟ ରଖିବାକୁ ସେ ସ୍ଥାନୀୟ ବିଧାୟକ ଓ ରାଜନୈତିକ ବ୍ୟକ୍ତିଙ୍କ ସହଯୋଗ ଲୋଡିଥିଲେ। କରୋନା ସଂକ୍ରମଣକୁ ନିୟନ୍ତ୍ରଣରେ ରଖିବା ଲାଗି ଜିଲାରେ ସମସ୍ତେ ସାମାଜିକ ଦୂରତ୍ୱ ଏବଂ ସ୍ୱଚ୍ଛତା ଅବଲମ୍ବନ କରିବା ଆବଶ୍ୟକ ବୋଲି ରାଜ୍ୟ ସଭା ଏମ୍‌ପି ସୁବାସ ସିଂ, କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା, ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ଦେବାଶିଷ ସାମନ୍ତରାୟ, ପ୍ରଭାତ ରଞ୍ଜନ ବିଶ୍ୱାଳ ଉପସ୍ଥିତ ରହି ମତବ୍ୟକ୍ତ କରିଥିଲେ। ୧ ଲକ୍ଷ ୮୭ ହଜାର ୫୩୧ ନିର୍ମାଣ ଶ୍ରମିକଙ୍କୁ ସହାୟତା ରାଶି ଯୋଗାଇ ଦିଆଯାଇଥିବା ବୈଠକରେ ସୂଚନା ଦିଆଯାଇଥିଲା। ଏହି ବୈଠକରେ ସିଏମ୍‌ସି କମିଶନର ଅନନ୍ୟା ଦାସ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ମହମ୍ମଦ ଅବ୍‌ଦଲ ଅଖତର, ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ, ପୂର୍ଣ୍ଣଚନ୍ଦ୍ର ମିଶ୍ର, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସତ୍ୟବ୍ରତ ଛୋଟରାୟ, କଟକ ସଦର ଉପଜିଲାପାଳ ଶୁଭ୍ରାଂଶୁ ମିଶ୍ରଙ୍କ ସମେତ ଅନ୍ୟ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

**କଟକରେ କରୋନା ସ୍ଥିତି ସମୀକ୍ଷା**
- ପ୍ରବାସୀଙ୍କ ପଞ୍ଜୀକରଣକୁ ଗୁରୁତ୍ୱ
- ପ୍ରଶାସନର ପଦକ୍ଷେପକୁ ଲୋକେ ବୁଝନ୍ତୁ



ପୁରୀରେ ଅଟକି ରହିଥିବା ରେଲୱେ ପାଣ୍ଟ୍ରିକାର୍ କର୍ମଚାରୀମାନେ ଘରକୁ ଫେରିବା ପାଇଁ ବ୍ୟବସ୍ଥା କରିବା ଦାବି ନେଇ ଶନିବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି।

## ଘରେ ଲାଗିଲା ହୋମ କ୍ୱାରାଣ୍ଟାଇନ ସୂଚନାଫଳକ

**ଚୌଦ୍ୱାର,୨।୫(ଡି.ଏନ୍.ଏ.)**

କରୋନା ସଂକ୍ରମଣରୁ ରକ୍ଷା ପାଇବା ପାଇଁ ଚୌଦ୍ୱାର ପୌରପାଳିକା ତରଫରୁ ଗାନ୍ଧୀ ଛକସ୍ଥିତ ପୌର ଟାଉନ ହଲରେ କ୍ୱାରାଣ୍ଟାଇନ କେନ୍ଦ୍ରର ବ୍ୟବସ୍ଥା କରାଯାଇଛି। କିନ୍ତୁ କିଛିଦିନ ତଳେ ଅନ୍ୟ ରାଜ୍ୟରୁ ଜଣେ ପୁରୁଷ ଓ ଯାଜପୁର ଜିଲାରୁ ଜଣେ ମହିଳା ଆସି ସରକାରଙ୍କୁ ନ ଜଣାଇ ଲୁଚି ନିଜ ଘରେ ରହୁଥିଲେ। ଫଳରେ ସ୍ଥାନୀୟ ଲୋକ ଓ ପାଖ ପଡ଼ୋଶୀଙ୍କ ଭିତରେ ଭୟ ସୃଷ୍ଟି ହୋଇଥିଲା। ଏ ନେଇ ଲୋକେ ପୌର ନିର୍ବାହୀ ଅଧିକାରୀଙ୍କୁ ଅବଗତ କରାଇଥିଲେ। ନିର୍ବାହୀ ଅଧିକାରୀ ପ୍ରଦୀପ୍ତ କୁମାର ବେହେରା ଘଟଣାକୁ ଗୁରୁତ୍ୱର ସହ ନେଇ ସରକାରଙ୍କ ନିର୍ଦ୍ଦେଶନାମା ଅନୁସାରେ ଶୁକ୍ରବାର ୨ ବ୍ୟକ୍ତିଙ୍କ ଘର ସମ୍ମୁଖରେ ହୋମ ଅଣ୍ଡର କ୍ୱାରାଣ୍ଟାଇନର ସୂଚନାଫଳକ ଲଗାଯାଇଛି। ଅନ୍ୟପକ୍ଷରେ ଆଗକୁ କୌଣସି ବ୍ୟକ୍ତି ବିଶେଷ ବାହାର ରାଜ୍ୟ ଅଥବା ରେଡ ଜୋନ ଜିଲାଗୁଡିକରୁ ଲୁଚିଛପି ଆସି ବସବାସ କରନ୍ତି ସଂପୃକ୍ତ ପରିବାରକୁ ହୋମ ଅଣ୍ଡର କ୍ୱାରାଣ୍ଟାଇନ ଘୋଷଣା କରାଯିବ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନିର୍ବାହୀ ଅଧିକାରୀ ସୂଚନା ଦେଇଛନ୍ତି।

## ଗଡ଼ିଲା କରୋନା ସଚେତନତା ରଥ

**କଟକ ଅଫିସ,୨।୫-** ଶ୍ରମିକ ଦିବସ ଉପଲକ୍ଷେ ଓଡ଼ିଶା ରାଜ୍ୟ ଆଇନ୍‌ସେବା ପ୍ରାଧିକରଣ ପରିସରରୁ କରୋନା ସଚେତନତା ରଥ ଶୁଭାରମ୍ଭ ହୋଇଛି। ଏହି ରଥ ସହରର ବିଭିନ୍ନ ଅଞ୍ଚଳ ପରିକ୍ରମା କରି ବିଡାନାସୀ ସ୍ଥିତ ଶୋଭନୀୟ ଆଶ୍ରମଠାରେ ପହଞ୍ଚିଥିଲା। ଏଥିରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପରଦା ମାଧ୍ୟମରେ କରୋନା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା। ଏଠାରେ ଥିବା ୬୦ଜଣ ଅନ୍ତେବାସୀ ଏବଂ ସରକାରୀ ସହାୟତାରୁ ବଞ୍ଚିତ ବୃଦ୍ଧାବୃଦ୍ଧ ଓ ହିତାଧିକାରୀଙ୍କୁ ରାଜ୍ୟ ଆଇନସେବା ପ୍ରାଧିକରଣ ତରଫରୁ ଚୁଡା, ଚାଉଳ, ପରିବା, ସାବୁନ ଓ ମାସ୍କ ବଣ୍ଟନ କରାଯାଇଥିଲା। ଏହାଛଡା ଶିକ୍ଷାଶ୍ରମରେ ୬୦ଜଣ ଛାତ୍ରୀଙ୍କୁ ସାନିଟାରି ନାପକିନ୍ ଯୋଗାଇ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପ୍ରାଧିକରଣର ଉପ ସଚିବ ଜ୍ୟୋତି ରଞ୍ଜନ ଦାସ, ସହ ସଚିବ ରୁଦ୍ର ପ୍ରକାଶ ନାୟକ ପରିଚାଳନା କରିଥିଲେ।

## ୨ ଲୁଟେରାଙ୍କୁ ମାଡ଼ ମାରି ଗାଡ଼ି ପୋଡ଼ିଲେ

**ଖୋର୍ଦ୍ଧା ଅଫିସ, ୨।୫**

ଜଣେ ମହିଳାଙ୍କ ବେକରୁ ସୁନାଚେନ ଝାମ୍ପି ଦୁଇଜଣ ଯୁବକ ଏକ ବାଇକରେ ଫେରାର ହୋଇଯାଉଥିବାବେଳେ ଦୁର୍ଘଟଣାଗ୍ରସ୍ତ ହୋଇ ସ୍ଥାନୀୟ ଲୋକଙ୍କଠାରୁ ମାଡ଼ ଖାଇଛନ୍ତି। ଶନିବାର ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ବାଜପୁର ଗ୍ରାମରେ ଏହି ଘଟଣା ଘଟିଛି। ଖବର ପାଇ ପୋଲିସ ପହଞ୍ଚି ଯୁବକ ଦ୍ୱୟଙ୍କୁ ଗିରଫ କରିଛି। ସେମାନେ ହେଲେ କୁମାରବସ୍ତ ଗ୍ରାମର ସୁନୀଲ ନାୟକ (୨୦) ଓ ନିରାକାରପୁର ଥାନା ଖଜୁରିଆର ତସଲିନ ଅଲ୍ଲୀ ଖାନ୍ (୨୩)। ଲୁଟେରା ଦ୍ୱୟଙ୍କ ବାଇକ୍‌କୁ ଉତ୍ତ୍ୟକ୍ତ ଲୋକେ ପୋଡ଼ି ଦେଇଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ପୁରୀ ଜିଲା କଣାସ ଅଞ୍ଚଳର ପବିତ୍ର ବଲୱନ୍ତରାୟ ଓ ତାଙ୍କ ଭଉଣୀ ଜୟନ୍ତୀ ରଣସିଂ ନିଜ ପିଲାର ଖୋର୍ଦ୍ଧା ମେଡିକାଲରେ ଚିକିତ୍ସା ସାରି ଏକ ବାଇକ୍‌ରେ ଫେରୁଥିଲେ। ବାଜପୁର ସିଆଳିଆ ପେଟ୍ରୋଲପମ୍ପ ନିକଟରେ ଦୁଇଜଣ ଲୁଟେରା ଏକ ବାଇକ (ନଂ. ଓଡି ୦୨ ଏଲ ୯୬୭୧)ରେ ଆସି ଜୟନ୍ତୀଙ୍କ ବେକରୁ ସୁନାଚେନ ଝାମ୍ପି ଦ୍ରୁତ ଗତିରେ ଚାଲିଯିବାକୁ ଉଦ୍ୟମ କରୁଥିବାବେଳେ ସାଇକେଲ ଆରୋହୀ ବାନାମ୍ବର ସ୍ୱାଇଁଙ୍କ ସହ ଧକ୍କା ହୋଇଥିଲା। ସେମାନେ ଗାଡ଼ିରୁ ଛିଟିକି ପଡ଼ିଥିଲେ। ଏହି ସମୟରେ ପବିତ୍ର ଓ ଜୟନ୍ତୀ ସେଠାରେ ପହଞ୍ଚି ଯାଇଥିଲେ। ସ୍ଥାନୀୟ ଲୋକେ ଘଟଣା ସମ୍ପର୍କରେ ଜାଣିବା ପରେ ଲୁଟେରା ଦ୍ୱୟଙ୍କୁ ଧରି ନିସ୍ତୁକ ମାଡ଼ ମାରି ପୋଲିସ ଜିମା ଦେଇଥିଲେ।

## ହୋମଗାର୍ଡ ଗୌରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସା

**ପିପିଲି,୨।୫(ଡି.ଏନ୍.ଏ./ସ୍ୱ.ପ୍ର.)**

ମୋ ଜୀବନ ପଛେ ନର୍କେ ପଡିଥାଉ ଜଗତ ଉଦ୍ଧାର ହେଉ। ଏହି ଉକ୍ତିଟି ଆଜି ସାର୍ଥକ ହୋଇଛି ପିପିଲି ଥାନା ହୋମଗାର୍ଡ ଗୌରୀ ବେହେରାଙ୍କ ନିକଟରେ। ନିଜ ୧୩ବର୍ଷର ଝିଅର ମୃତ୍ୟୁ ହେବା ସତ୍ତ୍ୱେ ଗୌରୀ କରୋନା ଭଳି ବିପଦ ସମୟରେ କର୍ତ୍ତବ୍ୟ ପ୍ରତି ନିଷ୍ଠା ରହି କାର୍ଯ୍ୟ କରିଥିବାରୁ ଚାରିଆଡୁ ପ୍ରଶଂସା ସହ ସହାୟତାର ସୁଅ ଛୁଟୁଛି। ଏ ନେଇ ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ କରି ତାଙ୍କୁ ପ୍ରଶଂସା କରିବା ସହ ସାଧୁବାଦ ଜଣାଇଛନ୍ତି। ତାଙ୍କର ଏହି ନିଷ୍ଠା ଓ ସମର୍ପିତ କାର୍ଯ୍ୟ ସମସ୍ତଙ୍କ ପାଇଁ ପ୍ରେରଣାଦାୟୀ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଅନ୍ୟପଟେ ଗୌରୀଙ୍କ ଆର୍ଥିକ ସମ୍ବଳ ନ ଥିବା ଜାଣି ପୁରୀ ଜିଲା ପୋଲିସ ପକ୍ଷରୁ ୧୦ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ପିପିଲି ବ୍ଲକ ସଁପୁରରେ ରହୁଥିବା ଗୌରୀଙ୍କୁ ସ୍ୱାମୀ ଛାଡ଼ିଚାଲି ଯାଇଥିବାବେଳେ ଝିଅ ସହ ରହି ଦିନ କାଟୁଥିଲେ। ବର୍ଷ ହେବ ଝିଅ କର୍କଟ ରୋଗରେ ପୀଡିତ ଥିବାବେଳେ ନିଜସ୍ୱ ପ୍ରଚେଷ୍ଟାରେ ସବୁ ଖର୍ଚ୍ଚ କରିଥିଲେ। କିନ୍ତୁ ଗତ ୨୫ତାରିଖରେ କରୋନା ପାଇଁ ଡ୍ୟୁଟିରେ ଥିବାବେଳେ ଝିଅର ମୃତ୍ୟୁ ଖବର ଶୁଣିଥିଲେ। କିନ୍ତୁ କରୋନା ଭଳି ପରିସ୍ଥିତିରେ ନିଜ କର୍ତ୍ତବ୍ୟକୁ ଗୁରୁତ୍ୱ ଦେଇ ଡ୍ୟୁଟି କରିଥିଲେ। ତାଙ୍କର ଏଭଳି ନିଷ୍ଠା ଦେଖି ସମସ୍ତେ ଏବେ ପ୍ରଶଂସା କରିବା ସହ ସହାୟତାର ହାତ ବଢ଼ାଉଛନ୍ତି।

## ପିପିଲିରେ କୋଭିଡ୍ ଶେଡ୍: ଭିତ୍ତିଭୂମି ଯାଞ୍ଚ କଲେ ଜିଲାପାଳ

**ପିପିଲି,୨।୫(ସ୍ୱ.ପ୍ର./ଡି.ଏନ୍.ଏ)**

ପୁରୀ ଜିଲା ପିପିଲି ନିକଟ ଏକ ଘରୋଇ ଇଞ୍ଜିନିୟରିଂ କଲେଜରେ ହେବାକୁ ଯାଉଛି କୋଭିଡ୍ ଶେଡ୍। ଏଥିପାଇଁ ଶନିବାର ପୁରୀ ଜିଲାପାଳ ବଲୱନ୍ତ ସିଂ, ଉପଜିଲାପାଳ ଭବତାରଣ ସାହୁ, ଏସପି ଉମାଶଙ୍କର ଦାସ କଲେଜରେ ପହଞ୍ଚି ଭିତ୍ତିଭୂମି ଯାଞ୍ଚ କରିବା ସହ ଏହାର ସମୀକ୍ଷା କରିଛନ୍ତି। ପୁରୀ ଜିଲାକୁ ଆସିବାକୁ ଥିବା ପ୍ରବାସୀ ଓଡ଼ିଆଙ୍କ ପାଇଁ ଉତ୍ତରା ଛକଠାରେ ପ୍ରବେଶ ପଥ ରହିବ। ସେଠାରୁ ଉକ୍ତ କଲେଜରେ ପ୍ରସ୍ତୁତ ସେଡକୁ ନିଆଯାଇ ସମସ୍ତ ଟେଷ୍ଟ କରାଯାଇ ସ୍ୱତନ୍ତ୍ର ବସ ଯୋଗେ ବିଭିନ୍ନ ପଞ୍ଚାୟତର କ୍ୱାରାଣ୍ଟାଇନ କେନ୍ଦ୍ରକୁ ନିଆଯିବ। ଏ ନେଇ ଦିନେ ଦୁଇଦିନ ମଧ୍ୟରେ ଚିତ୍ର ସ୍ପଷ୍ଟ ହେବ ବୋଲି ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଜିଲପାଳଙ୍କ ସହ ଅତିରିକ୍ତ ଏସପି ଅରୁଣ ଜେନା, ପିପିଲି ଏସଡିପିଓ ଦେବଦତ ବରାଳ, ପିପିଲି ତହସିଲଦାର ସପନ କୁମାର ନନ୍ଦ, ପିପିଲି ବିଡିଓ ଗୌରବମୟ ପ୍ରଧାନ ପ୍ରମୁଖ ସମୀକ୍ଷା କରିଛନ୍ତି।

# ମଦ ପିଇ ଉତ୍ପାତ କଲେ କନଷ୍ଟେବଲ

**ଭୁବନେଶ୍ୱର,୨।୫(ବ୍ୟୁରୋ)**

ମହାମାରୀ କରୋନା(କୋଭିଡ-୧୯)କୁ ପ୍ରତିହତ କରିବା ପାଇଁ ସରକାର ଲକ୍‌ଡାଉନ ଘୋଷଣା କରିଛନ୍ତି। ଏହି ଲକ୍‌ଡାଉନ୍ ନିୟମ ଭାଙ୍ଗି ସର୍ବସାଧାରଣ ସ୍ଥାନରେ ମଦ ପିଉଥିବା ବେଳେ କ୍ୟାପିଟାଲ ଥାନା ପୋଲିସ ଶୁକ୍ରବାର ରାତିରେ ଜଣେ କନଷ୍ଟେବଲଙ୍କ ସମେତ ୮ଜଣଙ୍କୁ ଉଠାଇ ନେଇଥିଲା। ଏମାନଙ୍କ ନିକଟରୁ ଏକ ମର୍ସିଡିଜ ଗାଡି ଜବତ ହୋଇଛି। ଜରିମାନା ଆଦାୟ ପରେ ଏମାନଙ୍କୁ ଛାଡିଦିଆଯାଇଥିବା ଜଣାପଡିଛି। ସୂଚନା ଅନୁଯାୟୀ, ଶୁକ୍ରବାର ରାତି ପ୍ରାୟ ୯ଟାରେ କନଷ୍ଟେବଲ ଏବଂ ତାଙ୍କର ୭ଜଣ ସାଥୀ ସୂଚନା ଭବନ ଆଗରେ ମଦ୍ୟପାନ କରିବା ସହ ପାଟିତୁଣ୍ଡ କରୁଥିଲେ। ଖବରପାଇ କ୍ୟାପିଟାଲ ଥାନା ଅଧିକାରୀ ଗିରିଜା ଶଙ୍କର ଚକ୍ରବର୍ତ୍ତୀ ଏବଂ ତାଙ୍କ ଟିମ୍ ପହଞ୍ଚି ସେମାନଙ୍କୁ ଧରି ଥାନାକୁ ନେଇଥିଲେ। ଜଣେ ପୋଲିସ ହୋଇ କିଭଳି ସାମାଜିକ କଟକଣା ଭାଙ୍ଗି ସାଥୀଙ୍କ ସହ ମଦ ପିଉଥିଲେ ତାହାକୁ ନେଇ ପୋଲିସ ବିଭାଗର ଶୃଙ୍ଖଳାକୁ ପଦାରେ ପକାଇଛି।

# 'ପ୍ରବାସୀ ଓଡ଼ିଆଙ୍କ ସୁରକ୍ଷା ଆମର କର୍ତ୍ତବ୍ୟ'

**ନିମାପଡ଼ା/ଗୋପ,୨।୫(ଡି.ଏନ୍.ଏ)**

ମେ ୩ ତାରିଖ ପରେ ନିମାପଡ଼ା ବ୍ଲକକୁ ୩ ହଜାରରୁ ଉର୍ଦ୍ଧ୍ୱ ଶ୍ରମିକ, ମହିଳା ଓ ଛାତ୍ରୀଛାତ୍ରମାନେ ଫେରିବାରେ ଆଶଙ୍କା ରହିଛି। ଏଥିପାଇଁ ପ୍ରାୟ ୩ ହଜାର ପ୍ରବାସୀ ଓଡ଼ିଆ ସେମାନଙ୍କ ନାମ ପଞ୍ଜୀକରଣ କରିଛନ୍ତି। ବାହାର ରାଜ୍ୟରୁ ଆସୁଥିବା ବ୍ୟକ୍ତି ଆମ ରାଜ୍ୟର ବନ୍ଧୁର ଓ ଅତିଥି। ସେମାନଙ୍କ ସୁରକ୍ଷା, ଆତିଥ୍ୟ ଦେବା ଆମର କର୍ତ୍ତବ୍ୟ ବୋଲି ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି। ଏହି ପ୍ରବାସୀ ଓଡ଼ିଆ ଭଉଣୀଭାଇମାନେ ସରକାରୀ କ୍ୱାରାଣ୍ଟାଇନରେ କିଭଳି ଭଲ ଓ ଖୁସିରେ ରହିବେ ଏଥିପ୍ରତି ଦୃଢ଼ ପଦକ୍ଷେପ ନେବାକୁ ମନ୍ତ୍ରୀ ଦାଶ ଶନିବାର ନିମାପଡ଼ା ବ୍ଲକ କାର୍ଯ୍ୟାଳୟରେ ଆୟୋଜିତ ସମୀକ୍ଷା ବୈଠକରେ ସ୍ଥାନୀୟ ପ୍ରଶାସନକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ନିମାପଡ଼ା କରୋନାସ୍ଥିତି ସମ୍ପର୍କରେ ମନ୍ତ୍ରୀ ସମୀକ୍ଷା କରିବା ସହ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଅଦ୍ୟାବଧି ସ୍ଥାନୀୟ ବ୍ଲକ ଓ ଏନଏସି ପ୍ରଶାସନ ପକ୍ଷରୁ ୯୧ଟି କ୍ୱାରାଣ୍ଟାଇନ ସେଣ୍ଟର ପ୍ରସ୍ତୁତ କରାଯାଇଛି। ଏଠାରେ ପ୍ରାୟ ୩ହଜାର ଲୋକେ ରହିବା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଥିବା ବିଡିଓ ମନୋଜ କୁମାର ବେହେରା କହିଛନ୍ତି। ବୈଠକରେ ବ୍ଲକ ଅଧକ୍ଷା ମନସ୍ୱିନୀ ଖଟୋଇ, ତହସିଲଦାର ଚନ୍ଦ୍ରକାନ୍ତି ମଲ୍ଲିକ, ଯୋଗାଣ ଅଧିକାରୀ ଶୁଭାଶିଷ ଜେନା, ସିଡିପିଓ କୁମୁଦିନୀ ମିଶ୍ର, ଡା.କ୍ଷମାନିଧି ସେଠୀ, ପୋଲିସ ଏସ୍‌ଡିପିଓ ପ୍ରଦୀପ ଦଳେଇ, ଆଇଆଇସି ଜନାର୍ଦ୍ଦନ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ଗୋପ ବ୍ଲକରେ ମଧ ଗଣଶିକ୍ଷା ମନ୍ତ୍ରୀ ଦାଶଙ୍କ ଉପସ୍ଥିତିରେ ତୃତୀୟ କରୋନା ବୈଠକ ହୋଇଯାଇଛି। ଏଠାରେ ମଧ ପ୍ରବାସୀ ଓଡ଼ିଆଙ୍କ ପ୍ରତି ବିଶେଷ ଧ୍ୟାନ ରଖିବାକୁ ବୈଠକରେ ଉପସ୍ଥିତ ସରକାରୀ ଅଧିକାରୀଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ଅଧିକାଂଶ ପଞ୍ଚାୟତରେ ଏଯାବତ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ଗୃହ କାର୍ଯ୍ୟ ଶେଷ ହୋଇ ନଥିବା ଜଣାପଡ଼ିଛି। ବୈଠକରେ ବ୍ଲକ ଅଧକ୍ଷ ପ୍ରକାଶ ଚନ୍ଦ୍ର ପରିଡା, ବିଡିଓ ଦୀପ୍ତିରାଣୀ ଦାସ, ଡିଏସପି ନିମାପଡ଼ା, ଥାନାଧିକାରୀ ସୁଧୀର ସାହୁ, ସୁକାନ୍ତ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

# ଗ୍ରୀନ୍ ଜୋନ୍‌ରେ ପୁରୀ ଜିଲା

**ପୁରୀ ଅଫିସ,୨।୫**

ଠିକ୍ ମାସକ ପୂର୍ବେ ଅର୍ଥାତ୍ ଏପ୍ରିଲ ୩ ତାରିଖରେ ପୁରୀ ଜିଲାର ପ୍ରଥମ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ପିପିଲି ବ୍ଲକ ଦାନଗହିର ଗାଁର ସମ୍ପୃକ୍ତ ବ୍ୟକ୍ତିଙ୍କର ଦିଲ୍ଲୀ ନିଜାମୁଦ୍ଦିନ ଲିଙ୍କ ରହିଥିଲା। କିଛିଦିନ ମେଡିକାଲରେ ରହି ଚିକିତ୍ସା ହେବା ପରେ ସମ୍ପୃକ୍ତ ବ୍ୟକ୍ତି ସୁସ୍ଥ ହୋଇ ଘରେ ଅଛନ୍ତି। ଏହାପରେ ପ୍ରତିଦିନ ଜିଲାରୁ କୋଭିଡ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଯାଉଛି। ମାସେ ବିତିଯାଇଥିଲେ ମଧ୍ୟ ଆଉ କାହାଠାରେ ଏହି ଭୂତାଣୁ ଚିହ୍ନଟ ହୋଇନାହିଁ। ଫଳରେ ଗ୍ରୀନ ଜୋନରେ ସ୍ଥାନ ପାଇଛି ପୁରୀ। ଶନିବାର ଜିଲାପାଳ ବଲୱନ୍ତ ସିଂ ଗଣମାଧ୍ୟମକୁ କହିଛନ୍ତି, ଜିଲାରୁ ୧୨୬୦ ନମୁନା ପରୀକ୍ଷା ପାଇଁ ଯାଇଥିଲା। ସେଥିମଧ୍ୟରୁ ଯେଉଁ ଗୋଟିଏ ପଜିଟିଭ ବାହାରିଥିଲା ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ଘରେ ରହୁଛନ୍ତି। କିନ୍ତୁ ଲକ୍‌ଡାଉନ ସମୟରେ ପଶ୍ଚିମବଙ୍ଗରୁ ପ୍ରାୟ ୧୨୦ ଜଣ ଲୁଚି ଜିଲାକୁ ପଳାଇ ଆସିଥିଲେ। ସେମାନଙ୍କୁ ଚିହ୍ନଟ ପରେ ଟେଷ୍ଟ କରାଯାଉଛି। ବର୍ତ୍ତମାନ ସୁଦ୍ଧା ୭୪ ଜଣଙ୍କ ରିପୋର୍ଟ ଆସିଛି। ସବୁ ରିପୋର୍ଟ ନେଗେଟିଭ ରହିଛି। ଆଗକୁ ବି ପର୍ଯ୍ୟାୟ କ୍ରମେ ଏହି ଟେଷ୍ଟ ଜାରି ରହିବ। ବାହାର ଜିଲା ଓ ରାଜ୍ୟରେ ଥିବା ପୁରୀ ଜିଲାର ଅନେକ ଲୋକ ଗାଁକୁ ଫେରିଛନ୍ତି। ସେମାନଙ୍କୁ ଯଦି କ୍ୱାରାଣ୍ଟାଇନରେ ରହିବାକୁ କିମ୍ବା କୋଭିଡ୍ ଟେଷ୍ଟ ପାଇଁ କୁହାଯାଉଛି ସେମାନେ ସହଯୋଗ କରିବା ଦରକାର। ଯଦି ବାହାର ରାଜ୍ୟରୁ କେହି ଲୁଚିକରି ଆସୁଛନ୍ତି ତେବେ ତୁରନ୍ତ ସରପଞ୍ଚଙ୍କୁ ଜଣାନ୍ତୁ। ଯେଉଁମାନେ ଘରୁ ବାହାରୁଛନ୍ତି ସେମାନେ କେଉଁ ସ୍ଥାନକୁ, କେତେବେଳେ ଏବଂ କାହା ସଂସ୍ପର୍ଶରେ ଆସୁଛନ୍ତି ରାତିରେ ଶୋଇବା ପୂର୍ବରୁ ପ୍ରତ୍ୟେକ ଦିନ ଲେଖି ରଖନ୍ତୁ। ଯଦି କେହି ଆକ୍ରାନ୍ତ ଚିହ୍ନଟ ହୁଅନ୍ତି ତେବେ କଣ୍ଟାକ୍ଟ ଟ୍ରେସିଂ ପାଇଁ ଏହା ପ୍ରଶାସନକୁ ସହଜ ହେବ।

# ‘କ୍ୱାରାଣ୍ଟାଇନ୍ ଉଲ୍ଲଂଘନ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ’

ଯାଜପୁର ଅଫିସ,୨।୫

କୌଣସି ବ୍ୟକ୍ତି ବାହାର ରାଜ୍ୟ ବା ଜିଲ୍ଲାରୁ ଆସୁଥିଲେ ସେମାନେ ନିଶ୍ଚିତ ଭାବେ ନାମ ପଞ୍ଜୀକରଣ କରାଇ କ୍ୱାରାଣ୍ଟାଇନ୍‌ରେ ରହିବେ। ଏହାର ଉଲ୍ଲଂଘନ କ୍ଷେତ୍ରରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶିକ୍ଷ ବିଭାଗ ପ୍ରମୁଖ ସଚିବ ତଥା ଯାଜପୁର ଜିଲା ପାଇଁ ନିଯୁକ୍ତ ନୋଡାଲ ଅଧିକାରୀ ହେମନ୍ତ କୁମାର ଶର୍ମା ସତର୍କ କରାଇ ଦେଇଛନ୍ତି। ଶନିବାର ପୂର୍ବାହ୍ନରେ ଯାଜପୁର ଜିଲା କରୋନା ସ୍ଥିତିର ସମୀକ୍ଷା କରି ସଚିବ ଶର୍ମା ବାହାରୁ ଆସୁଥିବା ବ୍ୟକ୍ତିମାନଙ୍କ ପଞ୍ଜୀକରଣ ପାଇଁ ପଞ୍ଚାୟତଗୁଡ଼ିକରେ ସରପଞ୍ଚ, ଆଶା ଓ ଅଙ୍ଗନୱାଡ଼ି କର୍ମୀମାନେ ଉତ୍ତରଦାୟୀ ଭାବେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ସରକାର ସରପଞ୍ଚମାନଙ୍କୁ ଜିଲାପାଳ କ୍ଷମତା ଦେଇଥିବାରୁ ସେମାନଙ୍କର ଦାୟିତ୍ୱ ବଢ଼ିଯାଇଛି। ବାହାରୁ ଆସୁଥିବା ବ୍ୟକ୍ତିଙ୍କ ପଞ୍ଜୀକରଣ ସହ ରହିବାସ୍ଥଳ, ଉପଯୁକ୍ତ ରହଣି ବ୍ୟବସ୍ଥା, ପାନୀୟ ଜଳ, ଶୌଚାଳୟ, ବିଦ୍ୟୁତ୍, ରନ୍ଧାଖାଦ୍ୟ, ସୁରକ୍ଷା, ଚିକିତ୍ସା ଇତ୍ୟାଦି ପାଇଁ ମଧ୍ୟ ଉତ୍ତରଦାୟୀ ଭାବେ କାର୍ଯ୍ୟ କରନ୍ତୁ। କୌଣସି ବ୍ୟକ୍ତି କ୍ୱାରାଣ୍ଟାଇନ କେନ୍ଦ୍ରରୁ ଘରକୁ ଯିବାଆସିବା କରିପାରିବେ ନାହିଁ କିମ୍ବା ତାଙ୍କ ସହ କେହି ମିଶିପାରିବେ ନାହିଁ। ଏଥିପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା ସହ ଆବଶ୍ୟକସ୍ଥଳେ ସିସିଟିଭି କ୍ୟାମେରା ବ୍ୟବସ୍ଥା କରାଯିବ ବୋଲି ସଚିବ ଶର୍ମା ଚେତାବନୀ ଦେଇଛନ୍ତି।

ଜିଲାରେ ବର୍ତ୍ତମାନ ୫୭୧ ଅସ୍ଥାୟୀ ଚିକିତ୍ସା ଶିବିର(ଟିଏମ୍‌ସି) କରାଯାଇଛି ଓ ଏହାକୁ ଆହୁରି ବଢ଼ାଯାଉଛି ବୋଲି ଜିଲାପାଳ ରଞ୍ଜନ କୁମାର ଦାସ ସୂଚନା ଦେଇଥିଲେ। ପୂର୍ବରୁ ୧୦ଟି କଣ୍ଟେନମେଣ୍ଟ ଜୋନ୍ ଜିଲାରେ ବଳବତ୍ତର ଥିବାବେଳେ ଯେଉଁଠାରେ ନୂଆ ପଜିଟିଭ ବାହାରୁଛି ତତ୍‌କ୍ଷଣାତ ସେ ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ ଭାବେ ଘୋଷଣା କରାଯାଉଛି ବୋଲି ଜିଲାପାଳ ସୂଚନା ଦେଇଥିଲେ। ଅପରପକ୍ଷରେ ବାହାର ରାଜ୍ୟରୁ ଆସୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ ପଞ୍ଜୀକରଣ ସହ ହାତରେ ଏକ ପରିଚୟ ସୂଚକ କାଳି ଚିହ୍ନ ଦିଆଯିବ। ପ୍ରତ୍ୟେକ ବ୍ୟକ୍ତି ଠିକ୍ ଭାବେ କ୍ୱାରାଣ୍ଟାଇନ୍ ନିୟମ ମାନି ଚଳିବେ ବୋଲି ଘୋଷଣାନାମା ଦେବେ। ଏହାର ଉଲ୍ଲଂଘନ କ୍ଷେତ୍ରରେ ତାଙ୍କ ବିରୋଧରେ ଓ ଦାୟିତ୍ୱରେ ଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସଚିବ ଶର୍ମା ସତର୍କ କରାଇ ଦେଇଛନ୍ତି। ଓଡ଼ିଶା ଅର୍ବାନ ହାଉସିଂ ମିଶନର ନିର୍ଦ୍ଦେଶକ ସୁରେଶ ଚନ୍ଦ୍ର ଦଳାଇ ବ୍ଲକସ୍ତରରେ ମେଡିକାଲ ଟିମ୍ ଗଠନ କରାଯାଇ ବାହାରୁ ଆସୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇବାକୁ ପରାମର୍ଶ ଦେଇଥିଲେ। ବୈଠକ ପରେ ଉଭୟ ଅଧିକାରୀ ଡୁବୁରୀସ୍ଥିତ କୋଭିଡ୍ ହସ୍ପିଟାଲକୁ ପରିଦର୍ଶନ କରିବା ସହ ରୋଗୀମାନଙ୍କର ସ୍ୱାସ୍ଥ୍ୟ, ଅନ୍ୟାନ୍ୟ ଆବଶ୍ୟକତା, ସମସ୍ୟା ଇତ୍ୟାଦି ସମ୍ପର୍କରେ ପଚାରି ବୁଝିଥିଲେ। ଏହି ବୈଠକରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର, ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, ଅତିରିକ୍ତ ଜିଲାପାଳ ରାଜସ୍ୱ ଅକ୍ଷୟ କୁମାର ମଲ୍ଲିକ, ଅତିରିକ୍ତ ଜିଲାପାଳ ଯାଜପୁର, ମିହିର ପ୍ରସାଦ ମହାନ୍ତି, ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ସିଡିଏମ୍‌ଓ ଡା. ସୁଧାଂଶୁ ଶେଖର ବଳ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ସୁରଟରୁ ୫୬ ପ୍ରବାସୀଙ୍କୁ ନେଇ ଭାପୁର ବାହାରିଲା ବସ୍

ଭାପୁର,୨।୫(ଡି.ଏନ.ଏ.)

ଗୁଜରାଟର ସୁରଟରୁ ୫୬ ଜଣ ଶ୍ରମିକଙ୍କୁ ନେଇ ଶୁକ୍ରବାର ଏକ ବସ୍ ନୟାଗଡ ଜିଲା ଭାପୁର ଅଞ୍ଚଳକୁ ବାହାରିଛି। ସେମାନେ ରବିବାର ରାତିରେ ଏଠାରେ ପହଞ୍ଚିବେ ବୋଲି ଜଣାପଡିଛି। ସୁରଟ ଜିଲା ପ୍ରଶାସନଠାରୁ ବସ୍ ପାସ କରି ୧ଲକ୍ଷ ୮୫ ହଜାର ଗାଡି ଭଡା ଦେଇ ଶ୍ରମିକମାନେ ପରିବାର ସହ ବାହାରିଛନ୍ତି। ଏମାନଙ୍କ ମଧ୍ୟରେ ଚକ୍ରଧର ପ୍ରସାଦ ପଞ୍ଚାୟତର ୩୧, ଗୋଲାପୋଖରୀ ପଞ୍ଚାୟତର ୮, ଭାପୁର ପଞ୍ଚାୟତର ୬, ଫତେଗଡ ପଞ୍ଚାୟତ ମଣିପୁର ଗ୍ରାମର ୨, ନିମାଣୀ ଗ୍ରାମର ଜଣେ, ଖଣ୍ଡପଡା ବ୍ଲକର ୫, ଗଣିଆ ବ୍ଲକର ଜଣେ, କଟକ ଜିଲା ବାଙ୍କୀ ବ୍ଲକର ୨ଜଣ ରହିଛନ୍ତି। ସୁରଟରେ ଥିବା ପ୍ରବାସୀ ଓଡିଆ ସାମାଜିକ କର୍ମୀ ଅଖିଳାନନ୍ଦ ସାହୁ ଓ ସୁମନ୍ତ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶ୍ରମିକମାନେ ଭାପୁର ଫେରୁଛନ୍ତି। ଏ ନେଇ ଭାପୁର ବିଡିଓ ସତ୍ୟ ସୁନ୍ଦର ରାଉତ କହନ୍ତି, ବ୍ଲକ ପ୍ରଶାସନ ସେମାନଙ୍କ ପାଇଁ ସମସ୍ତ ପଞ୍ଚାୟତରେ କ୍ୱାରାଣ୍ଟାଇନ୍ ଗୃହ ପ୍ରସ୍ତୁତ କରି ରଖାଯାଇଛି।

# ପୁରୀ ପଠାଗଲା ୩୯ ଖଣ୍ଡ କାଠ



ପୁରୀକୁ ଯାଉଥିବା ରଥକାଠ।

ନୟାଗଡ଼ ଅଫିସ/ଦଶପଲ୍ଲା, ୨।୫(ଡି.ଏନ୍.ଏ.)

ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରାର ରଥ ନିର୍ମାଣ ଉଦ୍ଦେଶ୍ୟରେ ନୟାଗଡ ଜିଲାର ଦଶପଲ୍ଲାରୁ ୩୯ ଖଣ୍ଡ ଅସନ ଓ ଧଉରା କାଠ ଶନିବାର ୨ଟି ଟ୍ରକ ଯୋଗେ ପଠାଯାଇଛିକ୍। ଏଥିରେ ୪୦ ଫୁଟିଆ ୧୨ଟି ଅସନ, ୪୦ ଫୁଟିଆ ୧୪ଟି ଧଉରା, ଅସନ ୧୨ ଫୁଟିଆ ୧ଟି, ଅସନ ୨୦ ଫୁଟିଆ ୬ଟି, ଧଉରା ୧୨ ଫୁଟିଆ ୬ଟି ରହିଛି। ସେହିପରି କଟକ ସ’ ମିଲକୁ ୧୨ ଫୁଟିଆ ୬ ଖଣ୍ଡ ଧଉରା କାଠ ପଠାଯାଇଛି। ଦଶପଲ୍ଲା ବନାଞ୍ଚଳର ସାକେଣୀ, ପୋଖରୀ ଗୋଛା, ଟାକେରା ଜଙ୍ଗଲରୁ ଏହି କାଠ ସଂଗ୍ରହ କରାଯାଇଛି ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

## ସଂକ୍ଷେପରେ

### ସଙ୍ଗରୋଧ ଗୃହକୁ ଗଲେ ୪୬ ସୁରଟ ଫେରନ୍ତା

**ଓଡ଼ଗାଁ,୨।୫(ସ୍ୱ.ପ୍ର.):** ନୟାଗଡ ଜିଲା ଓଡ଼ଗାଁ ଆଦର୍ଶ ଥାନା ଅଞ୍ଚଳର ୪୬ ସୁରଟ ଫେରନ୍ତାଙ୍କୁ ସାକେରି ହାଇସ୍କୁଲ ସଙ୍ଗରୋଧ ଗୃହରେ ୧୪ଦିନ ପାଇଁ ରଖାଯାଇଛି। ସୂଚନା ଅନୁସାରେ ଏହି ଥାନା ଅନ୍ତର୍ଗତ ସାକେରି, ଆରେଡା, ଗିରିଡିପଲ୍ଲୀ, ବାହାଡ଼ାଝୋଲା ତଥା ପଡୋଶୀ ଗଞ୍ଜାମ ଜିଲାର ଏହି ଶ୍ରମିକମାନେ ଜିଜେ୧୪ଜେ୦୩୦୩ ନମ୍ବର ବିଶିଷ୍ଟ ସ୍ଲିପର ବସ୍‌ରେ ଓଡ଼ଗାଁ ଆସିଥିଲେ। ଗୁରୁବାର ରାତି ୧୦ଟାରେ ବସ୍‌ଟି ସାକେରି ଗ୍ରାମରେ ପହଞ୍ଚିବା ପରେ ପୋଲିସ ସେମାନଙ୍କୁ ଗଣତି କରି ସଙ୍ଗରୋଧ ଗୃହରେ ରହିବା ନିମନ୍ତେ ପରାମର୍ଶ ଦେଇଥିଲା। ଏଥିରେ ୩୪ ପୁରୁଷ, ୯ ମହିଳା ଓ ୩ ଶିଶୁ ରହିଥିବା ଜଣାଯାଇଛି। ସମସ୍ତଙ୍କ ଡାକ୍ତରୀ ପରୀକ୍ଷା କରିବା ସହିତ ଆବଶ୍ୟକ ପଡିଲେ ସେମାନଙ୍କ ସ୍ୱାବ୍ ଟେଷ୍ଟ ପାଇଁ ପଠାଯିବ ବୋଲି କୋଭିଡ୍-୧୯ ଜିଲା ନୋଡାଲ ଅଫିସର ତଥା ଡିଏଫଓ ଧନରାଜ ଏଚ୍‌ଡି ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ସାକେରି ସଙ୍ଗରୋଧ ଗୃହରେ ସମୁଦାୟ ୧୭ ଖଟିଆ ପଡିଥିବା ବେଳେ ଅବଶିଷ୍ଟ ଲୋକଙ୍କୁ ଗଦି ଶେଯ ଦିଆଯାଇଛି। ସମସ୍ତେ ଜଣ ପିଛା ୪୨ଶହ ଟଙ୍କା ଟିକେଟ ବାବଦକୁ ଖର୍ଚ୍ଚ କରିଥିବା ଧରିତ୍ରୀକୁ ସୂଚନା ଦେଇଛନ୍ତି।

### ଅଂଶୁଘାତରେ ଚାଷୀ ମୃତ୍ୟୁ ଅଭିଯୋଗ

**ମାର୍ଶାଘାଇ,୨।୫ (ଡି.ଏନ.ଏ.):** ମାର୍ଶାଘାଇ ବ୍ଲକ ହିନ୍ଦୁଳଆ ପଞ୍ଚାୟତ ମାଣତିର ଗ୍ରାମର ଚାଷୀ ଲକ୍ଷ୍ମୀଧର ବାରିକ(୫୫)ଙ୍କ ଶନିବାର ଅଂଶୁଘାତରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଲକ୍ଷ୍ମୀଧର ମଧ୍ୟାହ୍ନରେ ମୁଗ ଓପାଡିବାକୁ ଯାଇଥିବା ବେଳେ ପ୍ରଚଣ୍ଡ ଖରା ଯୋଗୁ ଅଚେତ ହୋଇ ପଡିଥିଲେ। ସ୍ଥାନୀୟ ଗ୍ରାମବାସୀ ତାଙ୍କୁ ମାର୍ଶାଘାଇ ଡାକ୍ତରଖାନା ଆଣିଥିବା ବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଗରିବ ଶ୍ରେଣୀର ଏହି ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ବେଆଇନ ଗୃହନିର୍ମାଣ ବନ୍ଦକଲେ ଆର୍‌ଆଇ

**ମାର୍ଶାଘାଇ,୨।୫ (ଡି.ଏନ.ଏ.):** ମାର୍ଶାଘାଇ ବ୍ଲକ ତାଳସଙ୍ଗା ପଞ୍ଚାୟତ ଶାସନିପଡା ଛକ ନିକଟ ସରକାରୀ ଜମିରେ ବେଆଇନ ଗୃହ ନିର୍ମାଣ କାର୍ଯ୍ୟ ଚାଲିଥିଲା। ଲକ୍‌ଡାଉନ ସୁଯୋଗରେ ଦୁଇ ବ୍ୟକ୍ତି ଢଳେଇ ଘର କରିବାକୁ ପିଲାର ଉଠାଇବା କାର୍ଯ୍ୟ ଆରମ୍ଭ କରିଛନ୍ତି। ଏ ନେଇ ଅଭିଯୋଗ ହେବା ପରେ ତହସିଲଦାରଙ୍କ ନିର୍ଦ୍ଦେଶରେ ତାଳସଙ୍ଗା ସର୍କଲ ରାଜସ୍ୱ ନିରୀକ୍ଷକ ଶନିବାର ନିର୍ମାଣ କାର୍ଯ୍ୟ ବନ୍ଦ କରିଥିଲେ।

### ଜମି ବିବାଦରୁ ଗୋଷ୍ଠୀ ସଂଘର୍ଷ: ୫ ଆହତ

**ଏରସମା,୨।୫(ସ୍ୱ.ପ୍ର.):** ଏରସମା ବ୍ଲକ ଜପା ପଞ୍ଚାୟତସ୍ଥିତ ବୋଡିଗାଁରେ ଶନିବାର ସକାଳେ ଜମି ବିବାଦକୁ କେନ୍ଦ୍ରକରି ଗୋଷ୍ଠୀ ସଂଘର୍ଷ ଘଟିଛି। ଏଥିରେ ୫ ଜଣ ଆହତ ହୋଇଛନ୍ତି। ଏରସମା ପୋଲିସ ପକ୍ଷରୁ ୭ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ଗୁଲସନ ପାଇଟାଳ, ପ୍ରଦ୍ୟୁମ୍ନ ପାଇଟାଳ, ପ୍ରଶାନ୍ତ ପାଇଟାଳ, ରଞ୍ଜିତ ଦଳାଇ, ସଂଗ୍ରାମ ଦଳାଇ, ବିଜ୍ଞାନ ଦଳାଇ ଓ ତ୍ରିନାଥ ପାଇଟାଳ। ଜମିକୁ ପାଣି ଯାଉଥିବା ଏକ ସ୍ଥାନକୁ ନେଇ ଦୀର୍ଘ ବର୍ଷ ହେଲା ଗ୍ରାମବାସୀଙ୍କ ସହ ଗ୍ରାମର ଗୌରାଙ୍ଗ ପାଇଟାଳ, ପ୍ରସନ୍ନ ପାଇଟାଳ, ପୂର୍ଣ୍ଣଚନ୍ଦ୍ର ପାଇଟାଳ ଓ ପ୍ରମୋଦ ପାଇଟାଳଙ୍କ ପରିବାର ସହ ବିବାଦ ଲାଗି ରହିଥିଲା। ସକାଳେ ଉକ୍ତ ଘଟଣାକୁ କେନ୍ଦ୍ରକରି ଗ୍ରାମବାସୀଙ୍କ ସହ ଉକ୍ତ ୪ ପରିବାରର ବଚସା ହୋଇଥିଲା। ପରେ ଏହା ଗଣ୍ଡଗୋଳର ରୂପ ନେଇଥିଲା। ଏଥିରେ ୪ ପରିବାରର ସଦସ୍ୟ ପ୍ରସନ୍ନ ପାଇଟାଳ, ଗୁଲସନ ପାଇଟାଳ, ସାବିତ୍ରୀ ପାଇଟାଳ ଓ କିରଣବାଳା ପାଇଟାଳ ଆହତ ହୋଇଥିଲେ। ଗ୍ରାମବାସୀଙ୍କ ପକ୍ଷରୁ ବାବାଜୀ ଦଳାଇ ଆହତ ହୋଇଥିଲେ। ଉଭୟ ପକ୍ଷରୁ ଅଭିଯୋଗ ହେବାପରେ ପୋଲିସ ନଂ-୭୪/୨୦ ଓ ୭୫/୨୦ରେ ମାମଲା ରୁଜୁ କରିଥିବା ଥନା ଆଇଆଇସି ପ୍ରଶାନ୍ତ ମାଝି କହିଛନ୍ତି।

# ମନରୁ ଲିଭିନି ଫନୀ ତାଣ୍ଡବ
## ଭଙ୍ଗାଘରେ ରହୁଛନ୍ତି ବିପନ୍ନ ପରିବାର

ନୟାଗଡ ଅଫିସ,୨।୫



ଫନୀରେ ରଣପୁର ଅଞ୍ଚଳରେ ଭାଙ୍ଗିଥିବା ଏକ ଘର।

୨୦୧୯ ମେ’ ୩ ତାରିଖରେ ହୋଇଥିବା ବାତ୍ୟା ଫନୀର ତାଣ୍ଡବ ନୟାଗଡ ଜିଲାର ଲୋକଙ୍କ ମନରୁ ଲିଭିନି। ଏଥିରେ ଜିଲାର ୫୫ କୋଟି ୨୮ ଲକ୍ଷ ୪୭ ହଜାର ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିଲା। ୧୦୧୩ ଗୋଟି ଗ୍ରାମ ପ୍ରଭାବିତ ହୋଇଥିବା ବେଳେ ୩ ଲକ୍ଷ ୪୪ହଜାର ୮୬ଜଣ ଲୋକ କ୍ଷତିଗ୍ରସ୍ତ ହୋଇଥିଲେ। ୩୧୬.୮୫ ହେକ୍ଟର ଜମିରେ ୨୯ ଲକ୍ଷ ୪୨ ହଜାର ଟଙ୍କାର ପନିପରିବା ଫସଲ ନଷ୍ଟ ହୋଇଥିଲା। ୪୦୪୬ ଗୋଟି ଘର ଆଂଶିକ ଓ ୧୭୯ଗୋଟି କଚ୍ଚାଘର ସମ୍ପୂର୍ଣ୍ଣ ନଷ୍ଟ ହୋଇଥିଲା। ନଷ୍ଟ ହୋଇଥିବା ଘରଗୁଡ଼ିକର ମୂଲ୍ୟ ୨ କୋଟି ୮୯ ଲକ୍ଷ ୩୪ ହଜାର ଟଙ୍କା ବୋଲି ଆକଳନ ହୋଇଥିଲା। ଏ ନେଇ ନୂଆଗାଁର ରମା ନାୟକ କୁହନ୍ତି, ଆମେ ଭଙ୍ଗା ଘରେ ରହୁଛୁ। ହେଲେ ଆମ ସମସ୍ୟା ପ୍ରଶାସନ ପାଖରେ ପହଞ୍ଚୁ ନାହିଁ। ବିଡିଓ ଓ ଜିଲାପାଳଙ୍କ ନିକଟରେ ଅଭିଯୋଗ କଲେ ମଧ୍ୟ କିଛି ଫଳ ମିଳୁନି। ରଣପୁର ପଟିଆ ଅଞ୍ଚଳର ସୁଦାମ ନାଏକ କୁହନ୍ତି, ଫନୀ ଆମକୁ ସର୍ବସ୍ୱାନ୍ତ କରିଥିଲା। ଭଙ୍ଗା ଘରେ ରହିଥିଲେ ବି ଆମ କଥା କେହି ଶୁଣୁ ନାହାନ୍ତି।

# ପାହାଡ଼ରୁ ଶହ ଶହ ଗଛ କାଟିନେଲେ ମାଫିଆ

**ଚଣ୍ଡିଖୋଲ,୨।୫(ଡି.ଏନ.ଏ.):** ଦର୍ପଣ ତହସିଲ ଅଧୀନ ଅସିଆ ପର୍ବତ ମାଳାର ଧାଉଡ଼ିଆ ପଦା ପାହାଡ଼ରୁ ଶହଶହ ଗଛ କାଟି ନିଆଯାଇଥିବା ଦେଖିବାକୁ ମିଳିଛି। ଲକଡାଉନ ସୁଯୋଗନେଇ କେତେକ ମୋରମ ମାଫିଆ ଗଛ କାଟିନେଇଥିବା ଅଭିଯୋଗ ହୋଇଛି। ଡାଳିଜୋଡା ବନାଞ୍ଚଳ ପକ୍ଷରୁ ଫରେଷ୍ଟର ଶଶୀକାନ୍ତ ବେହେରା ପହଞ୍ଚି ୨୪ କଟା ଗଛ ଜବତ କରିଛନ୍ତି। ଏହି ପାହାଡରୁ କିଛିଦିନ ଧରି ମାଫିଆ ମୋରମ ଚାଲାଣ କରୁଥିଲେ। ତେବେ ପାହାଡରେ ଥିବା ୟୁକାଲପଟାସ ଜଙ୍ଗଲଟି ମୋରମ ଉତ୍ତୋଳନରେ ବାଧା ସୃଷ୍ଟି କରିଥିଲା। ତେଣୁ ଲକଡାଉନକୁ ସେମାନେ ସୁଯୋଗ ଭାବେ ନେଇ ରାତାରାତି ଗଛ କାଟି ପଦା କରିଦେଇଥିଲେ। କଟାଯାଇଥିବା ଗଛ ସବୁକୁ ସେମାନେ ଚୋରା ଚାଲାଣ କରିଦେଇଥିଲେ। ଏହି ଜଙ୍ଗଲ ଥିବା ସ୍ଥାନଟି ଚାରିନଙ୍ଗଳସ୍ଥିତ ଲକ୍ଷ୍ମୀନାରାୟଣ ମଠର ମାଲିକାନାରେ ରହିଛି। ତେଣୁ ମଠ ମହନ୍ତ ଏସବୁ କାମ କରିଛନ୍ତି ବୋଲି କ୍ଷେତ୍ରପରିଦର୍ଶନ କରି ଦର୍ପଣ ତହସିଲଦାର ବରେଣ୍ୟେନ୍ଦୁ ମହାନ୍ତି ପ୍ରକାଶ କରିଛନ୍ତି। ତେବେ ଏହା ଯାହାର ନିଜସ୍ୱ ମାଲିକାନାରେ ଥିଲେ ବି ପାହାଡ ଖୋଳାଯାଇପାରିବ ନାହିଁ କିମ୍ବା ଗଛ କଟାଯାଇ ପାରିବ ନାହିଁ ବୋଲି ତହସିଲଦାର କହିଛନ୍ତି।

# ଜଳିଗଲା ବାଇକ୍ ଶୋ’ରୁମ୍

**ଏରସମା,୨।୫(ସ୍ୱ.ପ୍ର.):** ଏରସମା ବ୍ଲକ୍ ଅଧୀନ ପୂର୍ତ୍ତ ବିଭାଗ ଡାକବଙ୍ଗଳା ନିକଟରେ ଥିବା ପ୍ରଦୀପ ଅଟୋ ମୋବାଇଲ୍ସ ନାମକ ହିରୋ ବାଇକ ଶୋ’ରୁମ ନିଆଁ ଲାଗି ଜଳିଯାଇଛି। ଲକ୍‌ଡାଉନ ଯୋଗୁ ଶୋ’ରୁମ ବନ୍ଦ ଥିଲା। ଖବର ପାଇ ଏରସମା ଦମକଳବାହିନୀ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ମାତ୍ର ଏଥିରେ ବିଳମ୍ବ ଘଟିବାରୁ ଶୋ’ରୁମରେ ଥିବା ବାଇକ, ସ୍ପେୟାରପାର୍ଟ୍ସ ଓ ଅନ୍ୟ ସାମଗ୍ରୀ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଏହାର ଆନୁମାନିକ ମୂଲ୍ୟ ଦେଢ କୋଟି ଟଙ୍କା ହେବ ବୋଲି ଶୋ’ରୁମ୍ ମାଲିକ ପ୍ରଦୀପ୍ତ ଦାସ କହିଛନ୍ତି। ଘଟଣାପରେ ସାଇଣ୍ଟିଫିକ ଟିମ୍ ଓ ଏରସମା ପୋଲିସ ସରଜମିନ ତଦନ୍ତ କରିଛନ୍ତି। ଶର୍ଟ ଶର୍କିଟରୁ ନିଆଁ ଲାଗି ପୋଡ଼ି ଯାଇଥିବା ମାଲିକ ଦାସ ପ୍ରକାଶ କରିଛନ୍ତି।

# ରୋହିତ ଫେରୋଟେକ୍ କାରଖାନାରେ ୧୨୫ କୋଟି ବିଦ୍ୟୁତ୍ ଦେୟ ବାକି

ଯାଜପୁର ଅଫିସ,୨।୫

**ବିଦ୍ୟୁତ୍ ସଂଯୋଗ କାଟିଲା ନେସ୍କୋ**

ଯାଜପୁର ଜିଲା କଳିଙ୍ଗନଗରସ୍ଥିତ ରୋହିତ ଫେରୋଟେକ୍ କାରଖାନାରେ ଗତ ୩ ଦିନ ହେଲା ବିଦ୍ୟୁତ୍ କାଟି ଦିଆଯାଇଥିବା ସୂଚନା ମିଳିଛି। ୧୨୫ କୋଟି ଟଙ୍କା ବିଦ୍ୟୁତ୍ ଦେୟ ବାକି ରହିଥିବାରୁ ନେସ୍କୋ ଏଭଳି ପଦକ୍ଷେପ ନେଇଥିବା କୁହାଯାଉଛି। ତେବେ ଏକ ବେସରକାରୀ କମ୍ପାନୀ କାହା ଅନୁକମ୍ପାରେ ୧୨୫ କୋଟି ଟଙ୍କା ଯାଏ ବକେୟା ରଖିପାରିଲା ତାହା ଏବେ ଚର୍ଚ୍ଚାର ବିଷୟ ହୋଇଛି। ଏହାସହ ଅଭିଯୋଗ ହେଉଛି ଯେ, ବକେୟା ଅର୍ଥ ନ ଦେଇ ପୁନଃ ବିଦ୍ୟୁତ୍ ସଂଯୋଗ ପାଇଁ ଉଦ୍ୟମ ହେଉଛି। ଏନେଇ ଭିଜିଲାନ୍ସ ଦ୍ୱାରା ତଦନ୍ତ କରାଯିବାକୁ ଅଞ୍ଚଳବାସୀ ଦାବି କରୁଛନ୍ତି। ଯାଜପୁରରୋଡ ନେସ୍କୋର ନିର୍ବାହୀ ଯନ୍ତ୍ରୀ ତପନ କୁମାର ବେହେରାଙ୍କୁ ଏ ସଂକ୍ରାନ୍ତରେ ପଚାରିବାରୁ ସେ କହିଛନ୍ତି, ପ୍ରାୟ ୧୨୫ କୋଟି ଟଙ୍କା ବିଦ୍ୟୁତ୍ ଦେୟ ବାକି ପଡିଥିବାରୁ ବିଦ୍ୟୁତ୍ ସଂଯୋଗ କାଟି ଦିଆଯାଇଛି। କାରଖାନା ପକ୍ଷରୁ ବିଦ୍ୟୁତ୍ ଦେୟ ପୈଠ ହେବା ପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ। କାରଖାନାର ନିର୍ଦ୍ଦେଶକ ମନୋରଞ୍ଜନ ମହାପାତ୍ରଙ୍କ ମତାମତ ପାଇଁ ତାଙ୍କ ସହ ମୋବାଇଲ ଫୋନରେ ଯୋଗାଯୋଗ କରାଯାଇଥିଲା। ହେଲେ ସେ କଲ୍ ଗ୍ରହଣ କରି ନ ଥିଲେ।

# ପ୍ରବାସୀ ଶ୍ରମିକ ଫେରିବା ଖବର ଜାଣୁନି ପ୍ରଶାସନ

ନୟାଗଡ ଅଫିସ/ରଣପୁର,୨।୫(ସ୍ୱ.ପ୍ର.)

**କ୍ୱାରାଣ୍ଟାଇନ୍‌ରେ ରହିଲେ ୨୯ଜଣ**



ଜିଲାପାଳଙ୍କ ଅଫିସ ସମ୍ମୁଖରେ ପ୍ରବାସୀ ଶ୍ରମିକ।

ସୁରଟରୁ ୨ଟି ବସ୍ ଯୋଗେ ନୟାଗଡ ଜିଲା ରଣପୁର ବ୍ଲକର ୨୯ଜଣ ପ୍ରବାସୀ ଶ୍ରମିକ ଫେରିଛନ୍ତି। ତେବେ ୨ୟ ବସ୍‌ଟି ଶନିବାର ନୟାଗଡରେ ପହଞ୍ଚିବା ପରେ ଜିଲା ପ୍ରଶାସନର କେହି ଅଧିକାରୀ କି କର୍ମଚାରୀ ଉପସ୍ଥିତ ନ ଥିଲେ। ଗଣମାଧ୍ୟମ ପ୍ରତିନିଧି ଖବର ଦେବା ପରେ ପ୍ରଶାସନ ଶ୍ରମିକଙ୍କୁ ରଣପୁର ପଠାଇବା ବ୍ୟବସ୍ଥା କରାଇଥିଲେ। ରଣପୁରରେ ପହଞ୍ଚିବା ପରେ ସମସ୍ତଙ୍କୁ ନରସିଂହପୁର କ୍ୱାରାଣ୍ଟାଇନରେ ରଖାଯାଇଛି।

ଶନିବାର ବସ୍ ଯୋଗେ ୩୦ ପ୍ରବାସୀ ଶ୍ରମିକ ସୁରଟରୁ ଆସି ରଣପୁର ଥାନା ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ମଝିଆଖଣ୍ଡର ୩ଜଣ ଓହ୍ଲାଇବା ପରେ ଅବଶିଷ୍ଟ ଖୋର୍ଦ୍ଧା ଜିଲାର ଟାଙ୍ଗୀ ଯାଇଥିଲେ। ରଣପୁରରେ ଓହ୍ଲାଇଥିବା ଶ୍ରମିକମାନେ ନରସିଂହପୁର ପଞ୍ଚାୟତର ସ୍କୁଲ ଗୃହରେ ହୋଇଥିବା କ୍ୱାରାଣ୍ଟାଇନ କକ୍ଷରେ ରହିଥିଲେ। ତେବେ ୨ୟ ପର୍ଯ୍ୟାୟରେ ୫୬ଜଣ ପ୍ରବାସୀ ଶ୍ରମିକ ସୁରଟରୁ ଆଉଏକ ବସ୍‌ରେ ଆସି ନୟାଗଡ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଓହ୍ଲାଇଥିଲେ। ଏହି ସମୟରେ ପ୍ରଶାସନର କେହି କର୍ମଚାରୀ ଉପସ୍ଥିତ ନ ଥିଲେ। ସେମାନଙ୍କ ସୂଚନା ଅନୁସାରେ ମୋଟ ୫୬ ପ୍ରବାସୀ ଶ୍ରମିକଙ୍କ ମଧ୍ୟରୁ ୨୬ଜଣ ରଣପୁରର, ୨୬ଜଣ ଖୋର୍ଦ୍ଧା ଜିଲା ଓ ୪ଜଣ କଟକ ଜିଲାର। ନୟାଗଡ ଜିଲାର ୨୯ଜଣ କ୍ୱାରାଣ୍ଟାଇନରେ ରହିଛନ୍ତି ବୋଲି ସରପଞ୍ଚ ନିତ୍ୟାନନ୍ଦ ସାମନ୍ତରାୟ ସୂଚନା ଦେଇଛନ୍ତି। ପ୍ରବାସୀ ଶ୍ରମିକ ଆସିବାବେଳେ ରଣପୁର ତହସିଲଦାର ସଞ୍ଜୟ କୁମାର ସାମନ୍ତରାୟ, ବିଡିଓ ପଞ୍ଚାନନ ପଟ୍ଟାୟତ ଉପସ୍ଥିତ ଥିଲେ।

# ବସ୍, ଟ୍ରେନ୍‌ରେ ଫେରୁଛନ୍ତି ପ୍ରବାସୀ

**କେନ୍ଦ୍ରାପଡ଼ା ଅଫିସ, ୨।୫:** କେନ୍ଦ୍ରାପଡ଼ା ଜିଲାର ଆଳି ଅଞ୍ଚଳରେ ପ୍ରଥମେ ଏପ୍ରିଲ୍ ୭ରେ କରୋନା ପଜିଟିଭ ଚିହ୍ନଟ ହୋଇଥିଲେ। ପରେ ରାଜନଗର ବ୍ଲକର ଜଣେ ମହିଳା ୧୨ ତାରିଖରେ ଏହି ରୋଗରେ ଆକ୍ରାନ୍ତ ବୋଲି ଜଣାପଡିବା ପରେ ସମଗ୍ର ଜିଲାରେ ଭୟର ବାତାବରଣ ଖେଳି ଯାଇଥିଲା। ତେବେ ମେ’ ୧ ସୁଦ୍ଧା ଏହି ଦୁଇ ଆକ୍ରାନ୍ତ ସୁସ୍ଥ ହୋଇ କେନ୍ଦ୍ରାପଡା ଫେରିଛନ୍ତି। ଦୁହିଁଙ୍କୁ ସେଙ୍ଗରୋଧ କେନ୍ଦ୍ରରେ ରଖାଯାଇଛି। ଫଳରେ କେନ୍ଦ୍ରାପଡା ଜିଲା କରୋନା ପଜିଟିଭ ମୁକ୍ତ ହୋଇ ଅରେଞ୍ଜ ଜୋନରେ ଅଛି। ରାଜ୍ୟ ସରକାରଙ୍କ ଅନୁମତି କ୍ରମେ ସୁରଟ ଓ କେରଳରୁ ବହୁ ପ୍ରବାସୀ ଜିଲାକୁ ଫେରୁଛନ୍ତି। ସୁରଟରୁ ଆସିଥିବା ପ୍ରଥମ ବସ୍ ଶନିବାର ରାତି ସୁଦ୍ଧା ପହଞ୍ଚିବାକୁ ଥିବାବେଳେ ଏଥିରେ ୬୮ ଜଣ ଥିବା ସୂଚନା ମିଳିଛି। କେରଳରୁ ଆସୁଥିବା ଟ୍ରେନରେ ୨୫୭ ଜଣ କେନ୍ଦ୍ରାପଡାବାସୀ ଅଛନ୍ତି। ଏହାବ୍ୟତୀତ ଶନିବାର ସକାଳେ ୮ ଜଣ ପ୍ରବାସୀ ଜିଲାକୁ ଆସିଥିବା ବେଳେ ସେମାନଙ୍କୁ ସଙ୍ଗରୋଧ କେନ୍ଦ୍ରରେ ରଖାଯାଇଛି। ଜିଲାର ୯୪ ହଜାରରୁ ଅଧିକ ପ୍ରବାସୀ ଫେରିବା ପାଇଁ ନାମ ପଞ୍ଜୀକରଣ କରିଥିବା ସୂଚନା ମିଳିଛି। ଏ ସମ୍ପର୍କରେ ଜିଲାପାଳ ସମର୍ଥ ବର୍ମା କହିଛନ୍ତି, ଏପ୍ରିଲ ୨୪ରୁ ନାମ ପଞ୍ଜୀକରଣ କରାଯାଉଛି। ସରକାରଙ୍କ ଗାଇଡ୍‌ଲାଇନ ଅନୁଯାୟୀ ଜିଲାକୁ ଆସୁଥିବା ବ୍ୟକ୍ତିଙ୍କୁ ସଙ୍ଗରୋଧ କେନ୍ଦ୍ରରେ ରଖାଯିବା ବ୍ୟବସ୍ଥା ହୋଇଛି।

# ଚାଷୀଙ୍କୁ ଭେଟିଲେ କଂଗ୍ରେସ ନେତା

**ରତ୍ନଗିରି,୨।୫(ଡି.ଏନ.ଏ.):** ଲକ୍‌ଡାଉନରେ ବରୀ ବ୍ଲକ ମହାକାଳପଡ଼ା ପଞ୍ଚାୟତ ଚାଷୀମାନେ କେନ୍ଦ୍ରାପଡା ଜିଲାର ଇନ୍ଦୁପୁର ହାଟକୁ ପରିବା ବିକ୍ରି କରିବାକୁ ଯାଇଥିବା ବେଳେ ନିକିରାଇ ପୋଲିସ ସେମାନଙ୍କୁ ଦୁର୍ବ୍ୟବହାର କରିଥିଲା। ଏହା ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ବରୀ କଂଗ୍ରେସ ନେତା ଉମେଶ ଜେନା, ବ୍ଲକ ସଂଯୋଜକ ଅମରେଶ ପରିଡା ମହାକାଳପଡାରେ ପହଞ୍ଚି ସମ୍ପୃକ୍ତ ଚାଷୀଙ୍କ ସହିତ ଘଟଣା ସମ୍ପର୍କରେ ଆଲୋଚନା କରିଛନ୍ତି। ସରକାର କୃଷକଙ୍କୁ ସୁବିଧା ଯୋଗାଇଦେବା ନେଇ ଡିଣ୍ଡିମ ପିଟୁଥିବା ବେଳେ ପୋଲିସର ଏଭଳି ଆଚରଣ କୃଷକ ସମାଜକୁ ଆଘାତ ଦେଇଛି ବୋଲି କଂଗ୍ରେସ ନେତା ଜେନା ପ୍ରକାଶ କରିଛନ୍ତି। ତେଣୁ କୃଷକଙ୍କୁ ଦୁର୍ବ୍ୟବହାର କରିଥିବା ପୋଲିସ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ କର୍ମୀମାନେ ଦାବି କରିଛନ୍ତି।



ଚାଷୀଙ୍କ ସହ କଂଗ୍ରେସ କର୍ମୀମାନେ ଆଲୋଚନା କରୁଛନ୍ତି।

# ଖଣି ଅଞ୍ଚଳରେ ସଂକ୍ରମଣ ବଢ଼ିବା ଆଶଙ୍କା

କାଳିଆପାଣି,୨।୫(ଡି.ଏନ.ଏ.)

- ଦକ୍ଷିଣ କାଳିଆପାଣି ଖଣିରୁ ପଶ୍ଚିମବଙ୍ଗକୁ ଚାଲିଛି କ୍ରୋମାଇଟ ପରିବହନ
- ବହୁ ଲୋକଙ୍କ ସଂସ୍ପର୍ଶରେ ଆସୁଛନ୍ତି ଟ୍ରକ୍ ଚାଳକ

ଯାଜପୁର ଜିଲାରେ ବଢ଼ି ଚାଲିଥିବା କରୋନା ସଂକ୍ରମଣ ପ୍ରଶାସନର ଚିନ୍ତା ବଢ଼ାଇଛି। ଏପରିସ୍ଥଳେ ଖଣି ଅଞ୍ଚଳ ଟ୍ରକ୍ ଚାଳକମାନେ ଗୋଷ୍ଠୀ ସଂକ୍ରମଣ ବଢ଼ାଇପାରନ୍ତି ବୋଲି ଆଶଙ୍କା କରାଯାଉଛି। କାରଣ ଅନ୍ୟ ରାଜ୍ୟ ଓ ଜିଲା ବାହାରକୁ କ୍ରୋମାଇଟ ପରିବହନରେ ଚାଳକ କାଳ ହେବେ ବୋଲି ଆଲୋଚନା ଜୋରଧରିଛି। ଗତ ମାସ ୩୦ ତାରିଖରେ ଜିଲାପ୍ରଶାସନ ଖଣି ଅଞ୍ଚଳରୁ କ୍ରୋମାଇଟ୍ ପରିବହନ ଓ ଉତ୍ପାଦନ ପୂର୍ଣ୍ଣମାତ୍ରାରେ ଚଳାଇବାକୁ ନିର୍ଦ୍ଦେଶ ଦେଇଥିବାବେଳେ ସେଥିରେ କିଛି ସର୍ତ୍ତ ରଖିଛନ୍ତି। ତେବେ ଯେଉଁଅଞ୍ଚଳରେ କରୋନା ରୋଗ ଗୋଷ୍ଠୀ ସଂକ୍ରମଣ ଆଡ଼କୁ ଗତି କରୁଛି ସେ ଅଞ୍ଚଳକୁ କ୍ରୋମାଇଟ ପରିବହନ କରିବା କେତେ ସମୀଚୀନ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଜିଲା ପ୍ରଶାସନ ନିର୍ଦ୍ଦେଶକ୍ରମେ ଓଡ଼ିଶା ଖଣି ନିଗମ ପରିଚାଳିତ ଦକ୍ଷିଣ କାଳିଆପାଣି ଖଣିରୁ ପଶ୍ଚିମବଙ୍ଗର ଦୁର୍ଗାପୁରସ୍ଥିତ କାରଖାନାକୁ ପରିବହନ କାର୍ଯ୍ୟ ଚାଲିଛି। ଗତ ମାସ ୨୩ ତାରିଖରେ ୧୧ଗାଡ଼ି ଯାଇଥିବାବେଳେ ୨୭ରେ ୬ ଗାଡ଼ି ଯାଇଥିଲା। ରାଜ୍ୟ ଭିତରେ ଭଦ୍ରକ, ବାଲେଶ୍ୱରକୁ ଶହଶହ ଟ୍ରକ୍ କ୍ରୋମାଇଟ ନେଇ ଯାଉଛନ୍ତି। ପଶ୍ଚିମବଙ୍ଗର ଦୁର୍ଗାପୁରକୁ କ୍ରୋମାଇଟ ପରିବହନ କଲେ ଫେରିବା ବେଳକୁ ଅନ୍ୟୂନ ୩ରୁ୪ ଦିନ ଲାଗିଯାଉଛି। ବାଲେଶ୍ୱର ଓ ଭଦ୍ରକ ଅଞ୍ଚଳକୁ ୨ ଦିନ ସମୟ ଲାଗୁଛି। କାରଖାନାରେ ଅନଲୋଡିଂ କରି ଫେରିବା ପୂର୍ବରୁ କାରଖାନା ଭିତରେ ଓ ବାହାରେ ଚାଳକ ବହୁ ଲୋକଙ୍କ ସଂସ୍ପର୍ଶରେ ଆସୁଛନ୍ତି। ଫଳରେ ଭୂତାଣୁ ସଂକ୍ରମଣକୁ ଏଡ଼ାଇ ଦିଆଯାଇ ନ ପାରେ। ପ୍ରଶାସନ ପକ୍ଷରୁ ଗାଡ଼ି ଚାଳକଙ୍କ ସମସ୍ତ ବିବରଣୀ ପରିବହନ ଠିକାସଂସ୍ଥା ନିକଟରେ ପୈଠ କରିବା ନିର୍ଦ୍ଦେଶ ରହିଛି।

ସେହିପରି ଗାଡ଼ି ଚାଳକ ଲୋଡ଼ିଂ ପରେ ନିକଟସ୍ଥ ଗ୍ରାମକୁ ଟ୍ରକ୍ ଆଣି ରଖି ରାତ୍ରିରେ ଗନ୍ତବ୍ୟସ୍ଥଳକୁ ଯିବାକୁ ବାଧ୍ୟ ହେଉଛନ୍ତି। କାରଣ ବାଲେଶ୍ୱର ଓ ଭଦ୍ରକ ଯିବା ରାସ୍ତାରେ ଦାନଗଦୀ ମିଲିଟାରୀ ଛକ ନିକଟରେ ନୋ ଏଣ୍ଟ୍ରିରେ ରାତି ୮ଟା ପର୍ଯ୍ୟନ୍ତ ଅଟକି ରହିବାକୁ ପଡୁଛି। ଖାଦ୍ୟ ମିଳୁ ନ ଥିବାରୁ ସେଠାରେ ରହି ଛଟପଟ ହେବା ଅପେକ୍ଷା ଚାଳକ ନିଜ ଘରେ ରହି ସମୟ ଅନୁସାରେ ଯିବାକୁ ଉଚିତ ମଣୁଛନ୍ତି। କ୍ରୋମାଇଟ ଲୋଡିଂ ପାଇଁ ଖଣିରେ ଏଣ୍ଟ୍ରି ହେବାବେଳକୁ ଟ୍ରକ୍ ସମ୍ପୂର୍ଣ୍ଣଭାବେ ସାନିଟାଇଜ କରିବା ଓ ଚାଳକଙ୍କ ଗନ୍ତବ୍ୟ ବିବରଣୀ ଠିକାସଂସ୍ଥା ପ୍ରଶାସନ ନିକଟରେ ଦାଖଲ କରିବା କଥା। ତାହା ହେଉ ନ ଥିବା ଚାଳକମାନେ ଅଭିଯୋଗ କରିଛନ୍ତି। ସେହିପରି ଚାଳକ ମାସ୍କ ନ ପିନ୍ଧି ଗାଡ଼ି ଚଳାଇବା ଓ ସାନିଟାଇଜର ନିଜ ନିକଟରେ ରଖୁ ନ ଥିବା ଠିକାଦାରମାନେ ଅଭିଯୋଗ କରିଛନ୍ତି। ପ୍ରଶାସନ ପକ୍ଷରୁ ଏ ଦିଗରେ ଦୃଷ୍ଟିଦେବାକୁ ଦାବି ହୋଇଛି। ଏ ସମ୍ପର୍କରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର କହିଛନ୍ତି, ସରକାରୀ ନିର୍ଦ୍ଦେଶ ଅନୁସାରେ ପରିବହନ ଚାଲିଛି। ତେବେ ଠିକାସଂସ୍ଥା ନିକଟରେ ଚାଳକ ସେମାନଙ୍କ ଗସ୍ତ ବିବରଣୀ ଦେବାକୁ କୁହାଯାଇଛି। ଯଦି ଏଥିରେ କେହି ଅବହେଳା କରନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ସଂକ୍ଷେପରେ

### ବିନା ମୂଲ୍ୟରେ କରୋନା ଯୋଦ୍ଧାଙ୍କ ବାଇକ୍ ମରାମତି

**ଭଦ୍ରକ ଅଫିସ, ୨।୫:** ଲକ୍‌ଡାଉନ କୋହଳ ହେବା ପରେ ବିନା ମୂଲ୍ୟରେ କରୋନା ଯୋଦ୍ଧାମାନଙ୍କ ବାଇକ୍ ମରାମତି କରି ଜଣେ ଗ୍ୟାରେଜ ମେକାନିକ୍ ଏବେ ଚର୍ଚ୍ଚାରେ ରହିଛନ୍ତି। ଭଦ୍ରକ ଜିଲାପାଳଙ୍କ ଅଫିସଠାରୁ ଅନତି ଦୂରରେ ଥିବା (ପିଲ୍ ପିଲ୍ ଅଟୋ) ଗ୍ୟାରେଜ ମାଲିକ କଦ୍ଦୁଲ ହୋଦା ଖାନ୍‌ଙ୍କ ଏହି ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟକୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି। ବିଶେଷ କରି ଡାକ୍ତର, ମେଡିକାଲ ଷ୍ଟାଫ୍, ଖବରଦାତା, ପୋଲିସ ଏବଂ ସମାଜସେବା କାର୍ଯ୍ୟରେ ନିୟୋଜିତ ଥିବା କରୋନା ଯୋଦ୍ଧାମାନଙ୍କ ବାଇକ୍ ସେ ବିନା ମୂଲ୍ୟରେ ମରାମତି କରୁଛନ୍ତି। ଦିନକୁ ୧୦ରୁ ଊର୍ଦ୍ଧ୍ୱ ବାଇକ୍ ସେ ଏହିଭଳି ମରାମତି କରୁଥିବା କହିଛନ୍ତି।

### କରୋନା ଯୋଦ୍ଧାଙ୍କୁ ଶୁଭେଚ୍ଛା

**ଖଇରା, ୨।୫(ଡି.ଏନ.ଏ.):** ଓଡିଶାରେ ଅଶ୍ୱିନୀ କୋଭିଡ-୧୯ ହସପିଟାଲରେ କରୋନା ସଂକ୍ରମିତଙ୍କ ଚିକିତ୍ସା ପାଇଁ ଖଇରା ଅଞ୍ଚଳ ନିବାସୀ ତଥା ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜର ସହକାରୀ ପ୍ରଫେସର ନୃସିଂହ ଚରଣ ଦାଶଙ୍କୁ ୨୦ତାରିଖରେ ଦାୟିତ୍ୱ ପ୍ରଦାନ କରାଯାଇଛି। ସେ ମେଡିକାଲ କଲେଜରେ ଜଣେ ହୃଦ ତଥା ଯକ୍ଷ୍ମାରୋଗ ବିଶେଷଜ୍ଞ ଭାବେ ଦାଶ ସୁନାମ ଅର୍ଜନ କରିଥିବା ବେଳେ ତାଙ୍କ ଘର ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ପଳସା ଗ୍ରାମରେ। ପଳସାର ଅନ୍ୟତମ ସାମଜିକ ସଙ୍ଗଠନ ବ୍ରହ୍ମାନନ୍ଦ ହସ୍ତଶିଳ୍ପ ଓ ସମାଜକଲ୍ୟାଣ ଟ୍ରଷ୍ଟ ତଥା ଅନ୍ୟ ବହୁ ସଙ୍ଗଠନ ତରଫରୁ ତାଙ୍କୁ ଶୁଭେଚ୍ଛା ପ୍ରଦାନ କରାଯାଇଛି।

### ସାପକାମୁଡ଼ାରେ ନାବାଳକ ମୃତ

**କେନ୍ଦୁଝର, ୨।୫ (ସ୍ୱ.ପ୍ର.):** ଗୁଳୁଗୁଳି ହେଉଥିବାବେଳେ ବାହାରେ ଶୋଇଥିବା ଅବସ୍ଥାରେ ବିଶାକ୍ତ ସାପକାମୁଡ଼ାରେ ଶୁକ୍ରବାର ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ତେଲକୋଇ ବ୍ଲକ କାଞ୍ଚିପାଣି ଗ୍ରାମର ଦାଶରଥି ପରିଡ଼ାଙ୍କ ପୁଅ ତପନ ପରିଡ଼ା(୯)। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅପସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

### ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ସହାୟତା କଲେ ଚମ୍ପୁଆ ଡାକ୍ତର

**ଚମ୍ପୁଆ, ୨।୫(ଡି.ଏନ.ଏ.):** କରୋନା ମହାମାରୀର ମୁକାବିଲାପାଇଁ ରାଜ୍ୟସରକାର ବହୁବିଧି ପଦକ୍ଷେପ ନେଇଥିବାରୁ ଦେଶରେ ଓଡିଶାର ସମ୍ମାନ ବୃଦ୍ଧି କରିଥିବା ବେଳେ କରୋନା ଯୋଦ୍ଧା ଭାବରେ ସେବା କ୍ଷେତ୍ରରେ ନିଜକୁ ସର୍ମପିତ କରିଥିବା ଡାକ୍ତର ମାନଙ୍କୁ ସବୁସ୍ତରରେ ଜନ ସାଧାରଣ ସାଧୁବାଦ ପ୍ରଦାନ କରୁଛନ୍ତି। ଏହି କରୋନା ଯୋଦ୍ଧା ମାନେ ନିଜ ପରିବାର ବର୍ଗକୁ ପଛରେ ପକାଇ ରୋଗୀସେବାକୁ ଅଗ୍ରାଧିକାର ଦେଇଆସୁଛନ୍ତି। ଏହି ପରିପ୍ରେକ୍ଷୀରେ ସେବା ଯୋଗାଇବା ସହିତ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ଆର୍ଥିକ ସହାୟତା ପ୍ରଦାନକରି ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟର ଡାକ୍ତର ସମୂହ ଆଜି ଜନସାଧାରଣଙ୍କ ବିଶ୍ୱାସକୁ ଦୁଇଗୁଣିତ କରିଛନ୍ତି। ଚିକିତ୍ସାଳୟର ଚିକିତ୍ସା ଅଧିକାରୀ ଉମାକାନ୍ତ ସାହୁଙ୍କ ସମେତ ୧୨ଜଣ ଡାକ୍ତର ଓଡିଶା ମେଡିକାଲ ଆସୋସିଏସନ ମାଧମରେ ୩୩,୯୦୦ ଟଙ୍କା ପ୍ରଦାନ କରିଛନ୍ତି। ଡାକ୍ତରଙ୍କ ଏତାଦୃଶ କାର୍ଯ୍ୟକୁ ଜନସାଧାରଣ ଭୂୟସୀ ପ୍ରଶଂସା କରିଛନ୍ତି।

# କଣ୍ଟେନ୍‌ମେଣ୍ଟ ଜୋନ୍‌ରେ ଏମ୍‌ସର କେନ୍ଦ୍ରୀୟ ଟିମ୍

## ୧୬୫ ସ୍ୱାବ୍ ରିପୋର୍ଟ ନେଗେଟିଭ

**ବାହାନଗା, ୨।୫(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ବିଷ୍ଣୁପୁର ଗ୍ରାମର ହୋଇଥିବା କଣ୍ଟେନମେଣ୍ଟ ଜୋନରେ ଭୁବନେଶ୍ୱରସ୍ଥିତ ଏମସ୍‌ର କେନ୍ଦ୍ରୀୟ ଟିମ୍ ତଦନ୍ତ ପାଇଁ ପହଞ୍ଚିଥିଲେ। ଏହି ୩ଜଣିଆ କେନ୍ଦ୍ରୀୟ ଟିମ୍ ସହିତ ବିଡିଓ ରଘୁନାଥ ମହାପାତ୍ର ଉପସ୍ଥିତ ରହି କରୋନା ସଂକ୍ରମିତଙ୍କ ଘରକୁ ଯାଇ ପରିବାର ସଦସ୍ୟଙ୍କ ସହ ଆଲୋଚନା କରିଥିଲେ। କଲିକତାରୁ ଫେରି କ୍ୱାରାଣ୍ଟାଇନ୍‌ରେ ଥିବା କେତେକ ଲୋକଙ୍କ ଘରକୁ ଯାଇ ସେମାନେ ବୁଝାବୁଝି କରିଥିଲେ । ପରେ ସଂଗୃହୀତ ସ୍ୱାବ ବାବଦରେ ତଥ୍ୟ ସଂଗ୍ରହ କରିବା ସହିତ ସମସ୍ତଙ୍କର ସ୍ୱାସ୍ଥ୍ୟ ସର୍ମ୍ପକରେ ପଚାରି ବୁଝିଥିଲେ। ଦୁଇ ଦିନରେ ସଂଗ୍ରହ ହୋଇଥିବା ୧୬୫ଜଣଙ୍କର ସ୍ୱାବ ରିପୋର୍ଟ ନେଗେଟିଭ ରହିଛି । ଗତ ୨୭ତାରିଖରେ ବିଷ୍ଣୁପୁର ଗ୍ରାମରେ ଜିଲାର ୧୬ ନମ୍ବର କରୋନା ସଂକ୍ରମଣ ଚିହ୍ନଟ ହେବା ପରେ ସେହି ରାତିରୁ ଜିଲାପାଳ ଗ୍ରାମର ସମସ୍ତ ପ୍ରବେଶ



ବିଷ୍ଣୁପୁର ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଡାକ୍ତରୀ ଟିମ୍ ଉପସ୍ଥିତିରେ ସ୍ୱାବ୍ ସଂଗ୍ରହ କରାଯାଉଛି।

ପଥକୁ ସିଲ୍ କରି କଣ୍ଟେନମେଣ୍ଟ ଜୋନ ଘୋଷଣା କରିଥିଲେ। ୨୮ତାରିଖଠାରୁ ବିଷ୍ଣୁପୁର ପଞ୍ଚାୟତର ସମସ୍ତ ସାହିରେ ଲୋକଙ୍କ ସ୍ୱାବ ସଂଗ୍ରହ କରାଯାଉଛି। ପ୍ରଥମ ଦିନରେ ସଂଗ୍ରହ କରାଯାଇଥିବା ୧୦୭ ସ୍ୱାବ ଓ ଦ୍ୱିତୀୟ ଦିନ ସଂଗ୍ରହ ହୋଇଥିବା ୫୮ଜଣଙ୍କ ସ୍ୱାବ ମିଶି ମୋଟ୍ ୧୬୫ଜଣଙ୍କ ରିପୋର୍ଟ ଶୁକ୍ରବାର ଓ ଶନିବାର ପ୍ରକାଶ ପାଇଛି । ସମସ୍ତ ସ୍ୱାବ ପରୀକ୍ଷଣ ରିପୋର୍ଟ ନେଗେଟିଭ ରହିଛି। ଏହା ଜଣାପଡିବା ପରେ ଗ୍ରାମବାସୀ ଆଶ୍ୱସ୍ତ ହୋଇଛନ୍ତି। ତୃତୀୟ ଦିନରେ ୩୦ଜଣଙ୍କ ସ୍ୱାବ ଓ ୪ର୍ଥ ଦିନରେ ୪୦ଜଣଙ୍କ ସ୍ୱାବ ସଂଗ୍ରହ କରାଯାଇଛି ।

ତଥ୍ୟ ସଂଗ୍ରହ ପାଇଁ ଅଙ୍ଗନୱାଡି କର୍ମୀ, ଆଶା କର୍ମୀ, ଏଏନଏମ୍ ସମେତ ଜଣେ ନୋଡାଲ ଅଫିସରଙ୍କୁ ନିଯୁକ୍ତି କରାଯାଇଛି। ଏହି କର୍ମଚାରୀମାନେ ଗ୍ରାମର ଲୋକଙ୍କ ଘରକୁ ଯାଇ ସମସ୍ତ ତଥ୍ୟ ଆଣିବା ସହିତ ଯେଉଁମାନେ ଅନ୍ୟ ରାଜ୍ୟରେ ଥିଲେ ବା ଯେଉଁମାନଙ୍କୁ ଅଣ୍ଟା ହୋଇଛି ସେମାନଙ୍କ ନିକଟରୁ ସ୍ୱାବ ସଂଗ୍ରହ କରାଯାଇ କେନ୍ଦ୍ରକୁ ଅଣାଯାଉଛି। ବାଲେଶ୍ୱରର ଭେଷଜ ବିଶେଷଜ୍ଞ ଡା. ମୃତ୍ୟୁଞ୍ଜୟ ମିଶ୍ରଙ୍କ ନେତୃତ୍ୱରେ ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ରହି ସ୍ୱାବ ସଂଗ୍ରହ କରୁଛନ୍ତି। ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ଅଭୟ କୁମାର ପଣ୍ଡା ସହାୟତା କରୁଛନ୍ତି। ଏଥିରେ ମାଇକ୍ରୋବାୟୋଲୋଜିର ଏକ୍ସପର୍ଟ, ଜଣେ ସ୍ୱାସ୍ଥ୍ୟ ବିଭାଗର ସୁପରଭାଇଜରଙ୍କ ସମେତ ନୋଡାଲ ଅଫିସର ଭାବେ ନିଯୁକ୍ତି ପାଇଥିବା ସୌଭାଗ୍ୟ ମଞ୍ଜରୀ ତ୍ରିପାଠୀ ସହଯୋଗ କରୁଛନ୍ତି। ପଞ୍ଚାୟତର ୧୨ ପ୍ରବେଶ ପଥକୁ ପ୍ରଶାସନ ସିଲ୍ କରିଛି।

## ଚାରିଗାଁ ଆବଦ୍ଧାଞ୍ଚଳରେ ବୁଲିଲା ଡ୍ରୋନ୍ କ୍ୟାମେରା


ଉପସ୍ଥିତ ଅଧିକାରୀ, ଜନପ୍ରତିନିଧିମାନେ।

**ବନ୍ତ,୨।୫(ଡି.ଏନ୍.ଏ.)**

ଭଦ୍ରକ ଜିଲା ବନ୍ତ ବ୍ଲକ ଅଧୀନ ଚାରିଗାଁରେ ପ୍ରଥମ କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ସମ୍ପୃକ୍ତ ଅଞ୍ଚଳକୁ ସିଲ୍ କରାଯିବା ସହ ସଂକ୍ରମଣ ନ ବ୍ୟାପିବା ପାଇଁ ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ଶନିବାର ଏହି ଅଞ୍ଚଳରେ ଡ୍ରୋନ୍ କ୍ୟାମେରା ଦ୍ୱାରା ପରିସ୍ଥିତି ଅନୁଧ୍ୟାନ କରାଯାଇଛି। ଲୋକଙ୍କ ପାଖରେ ଅତ୍ୟାବଶ୍ୟକ ସାମଗ୍ରୀ ପହଞ୍ଚିବା, ସର୍ଭେଲାନ୍ସ କାର୍ଯ୍ୟ ଅନୁଧ୍ୟାନ କରିବା, ଆଇସୋଲେଶନ କେନ୍ଦ୍ରରେ ସମସ୍ତ ବ୍ୟବସ୍ଥା ସଠିକ୍ ଭାବେ ହେଉଛି କି ନାହିଁ ତାହା ଏହି କ୍ୟାମେରା ଦ୍ୱାରା ତଦାରଖ କରାଯାଇଥିଲା। ଅତିରିକ୍ତ ତହସିଲଦାର ବନିତାରାଣୀ କିସ୍କୁ, ସରପଞ୍ଚ ବନମାଳୀ ବେହେରା, ସି.ଏଫ.ଡବ୍ଲ୍ୟୁ.ଏସ୍.ଡିର ସମ୍ପାଦକ ଗୋପୀନାଥ ଦାଶ, କାର୍ଯ୍ୟକାରୀ ସମ୍ପାଦକ ନୃସିଂହ ମହାନ୍ତିଙ୍କ ସମେତ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ,ରାଜସ୍ୱ ନୀରିକ୍ଷକ, ଆଶା, ଅଙ୍ଗନୱାଡି କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ ।

# କ୍ୱାରାଣ୍ଟାଇନ୍ କେନ୍ଦ୍ର ବୁଲିଲେ ଜିଲାପାଳ



ଜିଲାପାଳ ଖୁଣ୍ଟା ବ୍ଲକ ଅଞ୍ଚଳର ଏକ କ୍ୱାରାଣ୍ଟାଇନ୍ ସେଣ୍ଟର ବୁଲି ଦେଖୁଛନ୍ତି।

**ଖୁଣ୍ଟା/କୁଆମରା,୨।୫(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲାପାଳ ବିନୀତ ଭରଦ୍ୱାଜ ଶନିବାର ଖୁଣ୍ଟା ବ୍ଲକ ଗସ୍ତରେ ଆସି ଲକ୍ଷ୍ମଣସାହିରେ ଥିବା ଆଦର୍ଶ ବିଦ୍ୟାଳୟ ଓ ଭୋଲାଗୋଡ଼ିଆ କଲ୍ୟାଣ ମଣ୍ଡପ ସମେତ ବିଭିନ୍ନ ସ୍ଥାନରେ କରାଯାଇଥିବା କ୍ୱାରାଣ୍ଟାଇନ କେନ୍ଦ୍ର ବୁଲି ଦେଖିଥିଲେ। ସାମାଜିକ ଦୂରତା, ଶୌଚାଳୟ ଓ ସାନିଟାଇଜର ସୁବିଧା କରାଯାଇଛି କି ନାହିଁ ତାହା ଅନୁଧ୍ୟାନ କରିଥିଲେ। ଜିଲାପାଳଙ୍କ ଏହି ଗସ୍ତ ସମୟରେ କପ୍ତିପଦା ଉପଜିଲାପାଳ ଭଗବାନ ବେହେରା, ଖୁଣ୍ଟା ତହସିଲଦାର ସ୍ମରଣ କୁମାର ପୃଷ୍ଟି, ବିଡ଼ିଓ ମାନସ ରଞ୍ଜନ ସାମଲ, ଏବିଡଓ ବସନ୍ତ କୁମାର ପୃଷ୍ଟି, ସହକାରୀ ନିର୍ବାହୀ ଯନ୍ତ୍ରୀ ଅକ୍ଷୟ କୁମାର ବେହେରା, ଲକ୍ଷ୍ମଣସାହି ପଞ୍ଚାୟତର ସରପଞ୍ଚ ଶିବ ସିଂ ଓ ଭୋଲାଗଡ଼ିଆ ସରପଞ୍ଚ ସାବିତ୍ରୀ ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ଗୋପବନ୍ଧୁ ନଗର ବ୍ଲକ ଅଧୀନ ସାନଖୁଣ୍ଟା ବାଳିକା ଉଚ୍ଚ ବିଦ୍ୟାଳୟ ଆଦିବାସୀ ଛାତ୍ରୀ ନିବାସରେ ଖୋଲା ଯାଇଥିବା ୬୦ ଶଯ୍ୟା ବିଶିଷ୍ଟ କ୍ୱାରାଣ୍ଟାଇନ ସେଣ୍ଟର ଜିଲାପାଳ ଭରଦ୍ୱାଜ ପରିଦର୍ଶନ କରିଥିଲେ। ଉପ ଜିଲାପାଳ ଭଗବାନ ବେହେରା ଏବଂ ବିଡିଓ ରବୀନ୍ଦ୍ର ମଲ୍ଲିକ ଉପସ୍ଥିତ ଥିଲେ।

## ପାଣିରେ ବୁଡ଼ି ୨ ଜଣଙ୍କ ଜୀବନ ଗଲା

**ବଡ଼ସାହି/ବଡ଼ବିଲ,୨।୫(ସ୍ୱ.ପ୍ର.)**

ମୟୂରଭଞ୍ଜ ଜିଲା ବଡ଼ସାହି ଓ କେନ୍ଦୁଝର ଜିଲା ବଡ଼ବିଲ ଥାନା ଅଞ୍ଚଳରେ ଶନିବାର ପାଣିରେ ବୁଡ଼ି ୨ ଜଣ ପ୍ରାଣ ହରାଇଛନ୍ତି। ସ୍ଥାନୀୟ ପୋଲିସ ଉଭୟଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି। ବଡ଼ସାହି ଥାନା ଅଧୀନ ସିଂହଟିଆ ଗ୍ରାମର ରାମ ବେହେରା ଶନିବାର ସ୍ତ୍ରୀଙ୍କ ସହ ଭିକ୍ଷାବୃତ୍ତି ପାଇଁ ବଡ଼ସାହି ଅଞ୍ଚଳକୁ ଆସିଥିଲେ। ମଧ୍ୟାହ୍ନ ସମୟରେ ବ୍ଲକ କାର୍ଯ୍ୟାଳୟ ନିକଟସ୍ଥ ପୋଖରୀରେ ରାମ ଗାଧୋଉଥିବା ବେଳେ ଗୋଡ଼ ଖସି ଯିବାରୁ ବୁଡ଼ି ଯାଇଥିଲେ। ସ୍ଥାନୀୟ ଦମକଳ ବାହିନୀ କର୍ମଚାରୀ ପହଞ୍ଚି ରାମଙ୍କୁ ପାଣିରୁ ଉଦ୍ଧାର କରି ବଡ଼ସାହି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ସେହିପରି ବଡ଼ବିଲ ଥାନା ଅନ୍ତର୍ଗତ ଚଟେଇ ହଟିଂସ୍ଥିତ କାରୋ ନଦୀରେ ବୁଡ଼ି ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଲକ୍ଷ୍ମୀନଗର ଅଞ୍ଚଳର କୁଆଁର ପାଳିଆ। ସକାଳେ ସେ ନଦୀକୁ ଶୌଚ ହେବାକୁ ଯାଇ ବୁଡ଼ି ଯାଇଥିଲେ।

# ସୀମାରେ ଅଟକିଲେ ଘରମୁହାଁ ଶ୍ରମିକ

**ପାଟଣା,୨।୫(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ଥାନା ଦେଇ ଯାଇଥିବା ୨୨୦ ନମ୍ବର ଜାତୀୟ ରାଜପଥ ଟଭାସରୁଆ ନିକଟ ସୀମାନ୍ତରେ ଶୁକ୍ରବାର ସନ୍ଧ୍ୟାରେ ପଶ୍ଚିମବଙ୍ଗର ୯ଜଣ ଶ୍ରମିକ ଆସି ପହଞ୍ଚିଛନ୍ତି। ଏମାନେ ଯାଜପୁର ଜିଲା ଡୁବୁରୀରୁ ସାଇକେଲରେ ଆସିଛନ୍ତି। ଶ୍ରମିକମାନେ ୩୨୦ କି.ମି ଯାତ୍ରା କରିବା ପରେ ନିଜ ଭିଟାମାଟିରେ ପହଞ୍ଚିବାର ଲକ୍ଷ୍ୟ ରଖିଛନ୍ତି।

ଏହି ଶ୍ରମିକମାନେ ଜଣେ ଠିକାଦାରଙ୍କ ଅଧୀନରେ ଡୁବୁରୀସ୍ଥିତ ଏକ ପ୍ଲାଣ୍ଟରେ ୫ମାସ ହେଲା କାମ କରୁଥିଲେ। କରୋନା ଯୋଗୁ ଦେଶବ୍ୟାପୀ ଲକଡାଉନ ଯୋଗୁ ଫ୍ୟାକ୍ଟ୍ରି ବନ୍ଦ ହୋଇଯାଇଥିଲା। ଏହି ଶ୍ରମିକମାନେ ଡୁବୁରୀରେ ୧୪ ଦିନ କ୍ୱାରାଣ୍ଟାଇନରେ ରହିବା ପରେ ଗୁରୁବାର ରାତି ୩ଟାରୁ ସାଇକେଲରେ ବାହାରିଛନ୍ତି। ସମସ୍ତେ ୪ ହଜାର ଟଙ୍କା ଦେଇ ଗୋଟିଏ ଲେଖାଏଁ ସାଇକେଲ କିଣିଛନ୍ତି। ଆସିବା ବେଳେ ବାଟରେ କେବଳ ଶୁଖିଲା ବିସ୍କୁଟ ଖାଇଥିବା କହିଛନ୍ତି। ଲକ୍‌ଡାଉନ୍ କଟକଣା ପାଇଁ ପାଟଣା ପୋଲିସ ଓ ସାହାରପଡା ପ୍ରଶାସନ ତରଫରୁ କେନ୍ଦୁଝର ଓ ମୟୂରଭଞ୍ଜ ସୀମା ପୋଲିସ ଚେକପୋଷ୍ଟରୁ ଏମାନଙ୍କୁ ଫେରାଇ ଆଣି ସାହାରପଡା ହାଇସ୍କୁଲରେ ରଖିଛନ୍ତି। ସେହିପରି ଛତିଶଗଡ଼ରୁ ୧୨ଜଣ ଶ୍ରମିକ ୨୨୦ ନମ୍ବର ଜାତୀୟ ରାଜପଥରେ ପାଟଣା ଦେଇ ପଶ୍ଚିମବଙ୍ଗ ଯାଉଥିବା ବେଳେ ପାଟଣା ପୋଲିସ ସେମାନଙ୍କୁ ଅଟକାଇ ସାହାରପଡା ହାଇସ୍କୁଲରେ କ୍ୱାରାଣ୍ଟାଇନରେ ରଖିଛି। ଏଣେ ଘରମୁହାଁ ହୋଇଥିବା ଏହି ଶ୍ରମିକମାନେ ନିଜ ଗାଁକୁ ଯିବା ପାଇଁ ନିବେଦନ କରିଛନ୍ତି। ଏହି ଶ୍ରମିକଙ୍କ ଘର ପଶ୍ଚିମବଙ୍ଗ ପୁରୁଲିଆ ଜିଲାର ହୁଡା ଓ ଜୟପୁର ଥାନା ଅଞ୍ଚଳରେ।

# ୫ଶହ ପରିବାରକୁ ଖାଦ୍ୟ ସାମଗ୍ରୀ, ମାସ୍କ

**ରୂପ୍‌ସା, ୨।୫(ଡି.ଏନ.ଏ.)**

କରୋନା ମୁକାବିଲା ପାଇଁ ସମଗ୍ର ଦେଶ ଜଟିଳ ପରିସ୍ଥିତି ଦେଇ ଗତି କରୁଛି। ଜନସାଧାରଣଙ୍କୁ ସୁରକ୍ଷା ଦେବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଉଦ୍ୟମ ଜାରି ରଖିଛନ୍ତି। ବିଭିନ୍ନ ବର୍ଗର ଲୋକଙ୍କ ସମେତ ବହୁ ବେସରକାରୀ ସଂସ୍ଥା ସହାୟତାର ହାତ ବଢ଼ାଇଛନ୍ତି। ବାଲେଶ୍ୱର ଜିଲା ରୂପ୍‌ସା ଥାନା ଲଛମନଖୁଣ୍ଟା ଗ୍ରାମର ବିଶିଷ୍ଟ ଶିଳ୍ପପତି ତଥା ସମାଜସେବୀ ଅବଦୁଲ ଅମୀନ ଖାଁ ଶୁକ୍ରବାର ରୂପ୍‌ସା ଅଞ୍ଚଳର ୫ଶହ ପରିବାରଙ୍କୁ ନିଜସ୍ୱ ପାଣ୍ଠିରୁ ଚୂଡ଼ା, ଗୁଡ଼, ବିସ୍କୁଟ, ଅଟା, ଆଳୁ, ପିଆଜ ଆଦି ଖାଦ୍ୟ ସାମଗ୍ରୀ ସମେତ ସାବୁନ ଓ ମାସ୍କ ଆଦି ବଣ୍ଟନ କରିଛନ୍ତି। ଏଭଳି ବିପତ୍ତି ସମୟରେ ପ୍ରତି ମହଲରୁ ସହଯୋଗ ପାଇଁ ସେ ଆହ୍ୱାନ ଦେଇଛନ୍ତି। କାର୍ଯ୍ୟକ୍ରମରେ ସମାଜସେବୀ ସଲିମ ଖାଁ, ପ୍ରଶାସନିକ ଅଧିକାରୀ ବିନୋଦ ସିଂ ଶେଖାୱତ, ସରପଞ୍ଚ ସଞ୍ଜୟ ସେଠୀ, ଯୁବନେତା ଗୟାଧର ପ୍ରଧାନ, ମନୋରଞ୍ଜନ ପ୍ରଧାନ ଓ ଦେବବ୍ରତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।


ଶିଳ୍ପପତି ଅମିନ ଖାଁ ଖାଦ୍ୟ ସାମଗ୍ରୀ ବଣ୍ଟନ କରୁଛନ୍ତି।

# ୧୦ ଜଣିଆ କମିଟିକୁ ପ୍ରବାସୀ ଓଡ଼ିଆଙ୍କ ଦାୟିତ୍ୱ

**ବନ୍ତ,୨।୫(ଡି.ଏନ୍.ଏ.)**

କରୋନା ଲକ୍ ଡାଉନ୍ ପରିପେକ୍ଷୀରେ ଅନ୍ୟ ରାଜ୍ୟରୁ ଓଡ଼ିଶା ଫେରୁଥିବା ପ୍ରବାସୀ ଓଡ଼ିଆଙ୍କ ଦାୟିତ୍ୱ ବୁଝିବା ନେଇ ପଞ୍ଚାୟତସ୍ତରରେ ୧୦ ଜଣିଆ କମିଟି ଗଠିତ ହୋଇଛି। ଶନିବାର ଭଦ୍ରକ ଜିଲା ବନ୍ତ ବ୍ଲକ ନିଳୋକ ପଞ୍ଚାୟତ କାର୍ଯ୍ୟାଳୟଠାରେ ସରପଞ୍ଚ ଅଶୋକ କୁମାର ମହାନ୍ତି ଓ ନୋଡାଲ ଅଫିସର ଜଗତଜୀବନ ଜେନାଙ୍କ ଉପସ୍ଥିତିରେ ଏହି କମିଟି ଗଠନ କରାଯାଇଛି। କମିଟିରେ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ନାରାୟଣ ପଣ୍ଡା, ଗ୍ରାମ ରୋଜଗାର ସେବକ ପ୍ରଦୀପ ବିଶ୍ୱାଳ, ଆଶା କର୍ମୀ ସାବିତ୍ରୀ ସାହୁ, ଅଙ୍ଗନୱାଡି କର୍ମୀ ସଂଯୁକ୍ତା ରାଉତରାୟ, ମମତା ଭୂୟାଁ, କନକଲତା


କମିଟି ଗଠନ ବେଳେ ଉପସ୍ଥିତ ଅଧିକାରୀ, କର୍ମଚାରୀମାନେ।

ନାୟକ, ଶିକ୍ଷକ ଶୋଭେନ୍ଦ୍ର କୁମାର ମାଝୀ, ଅଜୟ ପଣ୍ଡା, ଓଡ଼ିଶା ଜୀବିକା ମିଶନର ବ୍ଲକସ୍ତରୀୟ ସଂଯୋଜକ ବନୋଜ କୁମାର ବାରିକ ରହିଥିବା ସୂଚନା ମିଳିଛି।

# କ୍ୱାରାଣ୍ଟାଇନ୍‌ରେ ମହିଳା, ଶିଶୁଙ୍କ ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା ଦାବି

**ବାଲେଶ୍ୱର ଅଫିସ,୨।୫**

ଅନ୍ୟ ରାଜ୍ୟରୁ ବାଲେଶ୍ୱର ଜିଲାକୁ ଆସୁଥିବା ବହିରାଗତଙ୍କ ପାଇଁ କ୍ୱାରଣ୍ଟାଇନ୍ ବ୍ୟବସ୍ଥା କରାଯାଇଛି। ଏହି କେନ୍ଦ୍ରରେ ମହିଳା ଓ ଶିଶୁମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବାକୁ ଭାଜପା ମହିଳାମୋର୍ଚ୍ଚା ଜିଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କୁ ଦାବିପତ୍ର ପ୍ରଦାନ କରିଛି। ଏହି କେନ୍ଦ୍ରରେ ପୁରୁଷମାନେ ଗାଧୋଇବା, ଶୌଚ ଯିବା ଭଳି କାର୍ଯ୍ୟ କୌଣସି ପ୍ରକାରେ ତୁଲାଇ ନେଉଥିବା ବେଳେ ମହିଳାମାନଙ୍କ କ୍ଷେତ୍ରରେ ସମସ୍ୟା ଦେଖାଦେଇଛି। କେଉଁ କ୍ୱାରାଣ୍ଟାଇନ୍ ଗୃହରେ ପାଇଖାନା ଅଛି ତ କେଉଁଠି ପାଣିର ଅଭାବ, ଅନ୍ୟ କେଉଁଠି ଟ୍ୟୁବୱେଲ କାମ କରୁନି। କେତେକ ସ୍ଥାନରେ ପାଇଖାନା ନ ଥିବା ମଧ୍ୟ ଅଭିଯୋଗ ହୋଇଛି। ଏହାକୁ ନେଇ ଭାଜପା ମହିଳାମୋର୍ଚ୍ଚା ରାଜ୍ୟ ଉପସଭାପତି ସୁଷମାରାଣୀ ବିଶ୍ୱାଳ, ମହିଳାମୋର୍ଚ୍ଚା ଜିଲା ସଭାପତି କମଳା ବିନ୍ଧାଣି, ନେତ୍ରୀ ସିପ୍ରା ବାଜପେୟୀଙ୍କ ନେତୃତ୍ୱରେ ଏହାକୁ ସମାଧାନ କରିବା ପାଇଁ ଯଥାଶୀଘ୍ର ଚେଷ୍ଟା କରାଯାଉ ବୋଲି ଦାବି କରି ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଜରିଆରେ ରାଜ୍ୟପାଳଙ୍କ ନିକଟକୁ ଦାବିପତ୍ର ପଠାଇଛନ୍ତି।


ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ଭାଜପା ମହିଳା ମୋର୍ଚ୍ଚା।

# ତେଲଙ୍ଗାନାରେ ଫସିଛନ୍ତି ୧୫ରୁ ଊର୍ଦ୍ଧ୍ୱ ଶ୍ରମିକ

**ବାଲେଶ୍ୱର ଅଫିସ, ୨।୫**

ବାଲେଶ୍ୱର ଜିଲା ଗୋପାଳପୁର ଅଞ୍ଚଳର ୧୫ରୁ ଊର୍ଦ୍ଧ୍ୱ ଶ୍ରମିକ ଦୁଇବର୍ଷ ଧରି ତେଲଙ୍ଗାନା ରାଜ୍ୟର ମେଡ଼ିଚାଲ ଜିଲା ଅଲାମ୍ପେଟ ପଞ୍ଚାୟତରେ ଥିବା ଶ୍ରୀରାମ ସ୍ପିନିଂ ମିଲ୍‌ରେ କାମ କରିବା ସହ ନିଜର ପରିବାର ସହ ରହୁଥିଲେ। କରୋନା ଯୋଗୁ ଦେଶରେ ଲକ୍‌ଡାଉନ୍ ଘୋଷଣା ହେବା ପରେ ସେମାନେ ଘରକୁ ଆସି ନ ପାରି ଫସି ରହିଛନ୍ତି। ସେମାନଙ୍କ ନିକଟରେ ଥିବା ଟଙ୍କା, ରାଶନ ସବୁ ସରିଯାଇଛି। ବହୁ କଷ୍ଟରେ ସେମାନେ ସମୟ ଅତିବାହିତ କରୁଛନ୍ତି।

ରାଜ୍ୟ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ପ୍ରବାସୀ ଓଡ଼ିଆଙ୍କୁ



ଫେରିବା ପାଇଁ ଶ୍ରମିକମାନେ ନିବେଦନ କରୁଛନ୍ତି।

ଫେରସ୍ତ କାର୍ଯ୍ୟକ୍ରମରେ ସେମାନେ ନାମ ପଞ୍ଜୀକରଣ କରିଥିଲେ। ଫେରିବା ଲାଗି ମୋବାଇଲ ଯୋଗେ ସୂଚନା ମିଳିବା ପରେ ସେମାନେ କାରଖାନାର ମାଲିକଙ୍କୁ ଗେଟ୍ ପାସ୍ ପାଇଁ ଆବେଦନ କରିଥିଲେ। ସେମାନଙ୍କ ନିକଟରେ ଖାଇବା ପାଇଁ ଟଙ୍କା ନ ଥିବାବେଳେ ଘର ଭଡ଼ା, ଇଲେକ୍ଟ୍ରିକ୍‌ବିଲ୍ ଓ ପାଣି ବିଲ୍ ଦେବାକୁ ଘର ମାଲିକ ତାଙ୍କ ଉପରେ ଚାପ ପ୍ରୟୋଗ କରୁଛନ୍ତି। ଉକ୍ତ ବିଲ୍ ନ ଦେଲେ ସେମାନଙ୍କୁ ଗେଟ୍ ପାସ ମିଳିବ ନାହିଁ ବୋଲି ରୋକ୍‌ଠୋକ୍ କହିବା ପରେ ସେମାନଙ୍କର ଦୁର୍ଦ୍ଦଶା ବଢ଼ିଯାଇଛି। ଅନ୍ୟପକ୍ଷରେ କାରଖାନାର ଉପରିସ୍ଥ କର୍ମଚାରୀମାନେ ସେମାନଙ୍କ ଉପରେ ବହୁ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଛି। ସେମାନଙ୍କୁ ତୁରନ୍ତ ଫେରାଇ ଆଣିବା ପାଇଁ ରାଜ୍ୟ ସରକାର ତଥା ଜିଲା ପ୍ରଶାସନଙ୍କୁ ଏକ ଭିଡ଼ିଓ ମାଧ୍ୟମରେ ସେମାନେ ନିବେଦନ କରିଛନ୍ତି।

## ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

**ଭଞ୍ଜନଗର,୨।୫(ଡି.ଏନ.ଏ):** ଭଞ୍ଜନଗର ଥାନା ବାଇବାଲିରେ ଶୁକ୍ରବାର ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଲେ ସନ୍ତୋଷ ମଳିକ। ଭଞ୍ଜନଗର ପୋଲିସ ବାପାଙ୍କି ମନ୍ଦିର ନିକଟରେ ପଡିଥିବା ୩ ଗଛ କାଟି ଗାଁରେ ପହଞ୍ଚି ତାଙ୍କ ଘରୁ ମୃତଦେହ ଉଦ୍ଧାର କରିଥିଲେ। ନଂ.୨୧।୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶନିବାର ବ୍ୟବଚ୍ଛେଦ କରାଯାଇଛି।

# ଗ୍ରୀନ୍ ଜୋନ୍‌ରେ ଗଞ୍ଜାମ

**ଛତ୍ରପୁର,୨।୫(ଡି.ଏନ୍.ଏ.)**

ଦେଶରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢୁଥିବାରୁ କେନ୍ଦ୍ର ସରକାର ଲକ୍‌ଡାଉନ୍ ଅବଧିକୁ ମେ ୧୭ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ତେବେ କରୋନା ରୋଗୀ ସଂଖ୍ୟା ଦେଖି ଜିଲାଗୁଡିକୁ ରେଡ୍, ଅରେଞ୍ଜ ଓ ଗ୍ରୀନ ଜୋନ ଘୋଷଣା କରାଯାଇଛି। ଗଞ୍ଜାମ ଜିଲାରେ ଜଣେ ବି କରୋନା ଆକ୍ରାନ୍ତ ଚିହ୍ନଟ ହୋଇ ନ ଥିବାରୁ ଏହା ଗ୍ରୀନ ଜୋନ୍‌ରେ ରହିଛି। ତେଣୁ ଲକ୍‌ଡାଉନ ସତ୍ତ୍ୱେ କଟକଣାରେ କେତେକ କୋହଳ କରାଯାଇଛି । କେନ୍ଦ୍ର

### ସରକାରଙ୍କ ଗାଇଡ୍‌ଲାଇନ ପାଳନ ହେବ : ଜିଲାପାଳ

ସରକାରଙ୍କ ନିଷ୍ପତ୍ତି ମୁତାବକ ତଥା ଗ୍ରୀନ ଜୋନ ପାଇଁ ଜାରି ହୋଇଥିବା ଗାଇଡଲାଇନ୍‌ର ସମସ୍ତ ନିୟମ ଗଞ୍ଜାମ ଜିଲାରେ ଲାଗୁ ହେବ ବୋଲି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଶନିବାର ସୂଚନା ଦେଇଛନ୍ତି।

ସରକାରଙ୍କ ଗାଇଡଲାଇନ ଅନୁସାରେ କ'ଣ ଖୋଲା ରହିବ ଓ କ'ଣ ବନ୍ଦ ରହିବ ତାହା କାର୍ଯ୍ୟକାରୀ ହେବ। ପୂର୍ବରୁ ଥିବା ସକାଳ ୭ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଦୋକାନ ଖୋଲିବା ନିୟମକୁ ବାତିଲ କରାଯାଇଥିବା ଜିଲାପାଳ କହିଛନ୍ତି। ଏଣିକି ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଦୋକାନ ଖୋଲିବ। ଅନ୍ୟପକ୍ଷରେ ସାମାଜିକ ଦୂରତ୍ୱ ରକ୍ଷା କରିବା ପୂର୍ବପରି ବାଧ୍ୟତାମୂଳକ ରହିଛି। ଯେଉଁ ଦୋକାନୀ ଉଲ୍ଲଂଘନ କରିବେ ଉକ୍ତ ଦୋକାନ ବନ୍ଦ କରି ଦିଆଯିବ। ମନ୍ଦିର, ମସଜିଦ, ଚର୍ଚ୍ଚ ଆଦି ଧର୍ମାନୁଷ୍ଠାନ ଓ ବିଭିନ୍ନ ମାଙ୍ଗଳିକ କାର୍ଯ୍ୟକ୍ରମ ଉପରେ କଟକଣା ଜାରି ରହିବ। ମଦ, ପାନ ଦୋକାନ ଖୋଲିବା ନେଇ ଗାଇଡ୍‌ଲାଇନ ପ୍ରସ୍ତୁତ ହେବ ବୋଲି ଜିଲାପାଳ କହିଛନ୍ତି। ସେହିପରି ବାହାର ରାଜ୍ୟରୁ ଜିଲାକୁ ଫେରୁଥିବା ଲୋକଙ୍କୁ ଚିହ୍ନଟ କରି କ୍ୱାରାଣ୍ଟାଇନ୍ ସେଣ୍ଟରରେ ରଖିବା ନେଇ ଉପଯୁକ୍ତ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ବିଡିଓ, ତହସିଲଦାର ଓ ପୌର ନିର୍ବାହୀ ଅଧିକାରୀମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। କ୍ୱାରାଣ୍ଟାଇନ୍ ସେଣ୍ଟରରେ ରହୁଥିବା ଲୋକଙ୍କ ଦୈନିକ ହାଜିରା ନିଆଯିବ ଏବଂ ୨ ଥର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବାକୁ କୁହାଯାଇଛି।

## ସଂକ୍ଷେପରେ

### ସୁରଟରୁ ଫେରୁଥିବା ପ୍ରବାସୀ ଓଡ଼ିଆଙ୍କ ବସ୍‌ରେ ମୃତ୍ୟୁ

**ସୋରଡା,୨।୫(ଡି.ଏନ୍.ଏ.):** ସୁରଟରୁ ପ୍ରବାସୀ ଓଡ଼ିଆଙ୍କୁ ନେଇ ଗଞ୍ଜାମ ଜିଲା ସୋରଡା ବ୍ଲକ ଅଭିମୁଖେ ଆସୁଥିବା ଏକ ବସ୍‌ରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସୋରଡା ବ୍ଲକ ସୁରମଣି ପଞ୍ଚାୟତ ନାରାୟଣପୁର ଗ୍ରାମର ପ୍ରକାଶ ଗୌଡ। ରାୟପୁର ନିକଟରେ ତାଙ୍କର ମୃତ୍ୟୁ ହେବାପରେ ସ୍ଥାନୀୟ ପୋଲିସ ବସ୍‌ରୁ ମୃତଦେହ ଓହ୍ଲାଇ ବ୍ୟବଚ୍ଛେଦ ପାଇଁ ପଠାଇଥିବା ମା' ମାଗି ଗଉଡ ସୂଚନା ଦେଇଛନ୍ତି। ଗୁରୁବାର ରାତିରେ ବସ୍‌ଟି ସୁରଟ ଛାଡିବା କିଛି ସମୟ ପରେ ତାଙ୍କ ଦେହ ଖରାପ ହୋଇଥିବା ମା' ମାଗି କହିଛନ୍ତି। ୫ /୭ ବର୍ଷ ହେବ ସେ ସେଠାରେ ରହି କାମ କରୁଥିଲେ, ଲକ୍‌ଡାଉନ ପରେ କାମ ବନ୍ଦ ହେବାରୁ ଫେରୁଥିଲେ ବୋଲି କହିଛନ୍ତି।

### ୨ ଯୌତୁକ ନିର୍ଯାତନା ମାମଲା: ୩ ଗିରଫ

**ଆସିକା,୨।୫(ଡି.ଏନ୍.ଏ.)-** ଆସିକା ଥାନା ଅନ୍ତର୍ଗତ ସାପୁଆପଲ୍ଲୀ ଓ ଗୁଡସର ଗ୍ରାମରେ ଘଟିଥିବା ପୃଥକ ୨ ଯୌତୁକ ନିର୍ଯାତନା ମାମଲାରେ ପୋଲିସ ଶନିବାର ୩ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି। ସାପୁଆପଲ୍ଲୀ ଗ୍ରାମରେ ମହିଳାଙ୍କୁ ମାରପିଟ କରି ଜୀବନରେ ମାରିଦେବା ଧମକ ଅଭିଯୋଗରେ ପୋଲିସ ଅଭିଯୁକ୍ତ ସ୍ୱାମୀ ପିଣ୍ଟୁ ବେହେରା ଓ ଶ୍ୱଶୁର ସୁରି ବେହେରାଙ୍କୁ ଗିରଫ କରିଛି। ଏ ନେଇ ନଂ.୨୪୯/୨୦ରେ ମାମଲା ରୁଜୁ କରାଯାଇଛି। ସେହିପରି ଗୁଡିସର ଗ୍ରାମରେ ସ୍ତ୍ରୀଙ୍କୁ ନିର୍ଯାତନା ଦେବା ଅଭିଯୋଗରେ ସ୍ୱାମୀ ବସନ୍ତ ମହାରଣାଙ୍କୁ ଗିରଫ କରାଯାଇଛି। ଏ ନେଇ ନଂ.୨୫୦/୨୦ରେ ଏକ ମାମଲା ରୁଜୁ ହୋଇଛି।

### ୬ ହଜାର ଲିଟର ମଦ ଜବତ

**ଭଞ୍ଜନଗର,୨।୫(ଡି.ଏନ.ଏ):** ଲକ୍‌ଡାଉନ ପରେ ଭଞ୍ଜନଗର ଅଞ୍ଚଳରେ ଚୋରି, ଜୁଆ ଖେଳ ଏବଂ ଚୋରାମଦ କାରବାର ବିଗତ କିଛିଦିନ ହେବ ବଢିଯାଇଛି। ଏହିଭଳି ପରିସ୍ଥିତିରେ ଶୁକ୍ରବାର ରାତିରେ ବେଲଗୁଣ୍ଠା ଫାଣ୍ଡି ଚଡ଼େୟାପଲ୍ଲୀରେ ଥିବା ଏକ ମଦଭାଟି ଉପରେ ପୋଲିସ ପ୍ରଶାସନ ଚଢାଉ କରି ୬ହଜାର ଶହେ ଲିଟର ମଦ, ମଦରନ୍ଧା ସାମଗ୍ରୀ ଜବତ କରି ୪ଜଣଙ୍କୁ ଗିରଫ କରିଛି। ଚଢ଼ାଉର ନେତୃତ୍ୱ ନେଇଥିଲେ ଭଞ୍ଜନଗର ଉପ ଜିଲାପାଳ ରାଜେନ୍ଦ୍ର ମିଞ୍ଜ, ଏସ୍‌ଡ଼ିପିଓ ଶୁଭ୍ରାଂଶୁ ଶେଖର ମିଶ୍ର, ଭଞ୍ଜନଗର ଥାନା ଅଧିକାରୀ ସୁଦିପ୍ତ ସାହୁ, ବେଲୁଗଣ୍ଠା ଫାଣ୍ଡି ଅଧିକାରୀ ପି.କେ.ସାହୁ ପ୍ରମୁଖ।

### କାର୍ଡ ଥାଇ ମିଳୁନି ରାଶନ ସାମଗ୍ରୀ

**ବୁଗୁଡ଼ା,୨।୫(ଡି.ଏନ.ଏ.):** ଲକ୍‌ଡାଉନକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସମସ୍ତ ରାଶନ କାର୍ଡଧାରୀଙ୍କୁ ଏକକାଳୀନ ୩ ମାସର ସାମଗ୍ରୀ ଏବଂ ଏକ ହଜାର ଟଙ୍କା ଦେବାକୁ ଘୋଷଣା କରିଛନ୍ତି। କିନ୍ତୁ ଏହି ନିୟମକୁ ଜଳାଞ୍ଜଳି ଦେଇ ବୁଗୁଡ଼ା ବ୍ଲକ ଗୋଲିଆ ଗ୍ରାମର ମହେଶ୍ୱର ପ୍ରଧାନ ଓ ଜ୍ୟୋସ୍ନା ପ୍ରଧାନଙ୍କୁ କାର୍ଡ ଥାଇ ମଧ ରାଶନ ମିଳୁନି। ସେହିପରି ଉକ୍ତ ଗ୍ରାମର ଲକ୍ଷ୍ମୀ ପଲାଇଙ୍କର କାର୍ଡ ଥାଇ ମଧ ପ୍ରାୟ ୬ ମାସରୁ ଉର୍ଦ୍ଧ୍ୱ ହେବ ସାମଗ୍ରୀ ପାଇ ନ ଥିବା ସେ ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏପରିକି ତାଙ୍କର କାର୍ଡଟି ବଦଳାଇ ଦିଆଯାଇଥିବା ମଧ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବିଡିଓ ତନ୍ମୟ ପାତ୍ରଙ୍କୁ ପଚାରିବାରୁ ଏହାର ତଦନ୍ତ କରି ସମସ୍ୟାର ସମାଧାନ କରାଯିବ ବୋଲି କହିଥିଲେ।

### ଜୁଆ ଆଡ୍ଡାରୁ ୯ ଗିରଫ

[୫,୫୦୦ ଟଙ୍କା, ୧୭ ଗାଡ଼ି ଜବତ

**ଛତ୍ରପୁର,୨।୫(ଡି.ଏନ୍.ଏ.):** ଚମାଖଣ୍ଡି ଥାନା ପୋଲିସ ଶୁକ୍ରବାର ମାଣ୍ଡିଆପଲ୍ଲୀ ନିକଟ ଜଙ୍ଗଲରେ ଚାଲିଥିବା ଏକ ଜୁଆ ଖେଳ ଉପରେ ଚଢ଼ାଉ କରି ୯ ଜଣଙ୍କୁ ଗିରଫ କରିଛି। ଅନ୍ୟମାନେ ଛତ୍ରଭଙ୍ଗ ଦେଇଛନ୍ତି। ପୋଲିସ ସେଠାରୁ [୫,୫୦୦ଟଙ୍କା, ୧୭ଟି ଗାଡି ଓ ୧୦ଟି ମୋବାଇଲ ଫୋନ ଜବତ କରିଛି। ଏ ନେଇ ମାମଲା ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି। ଛତ୍ରପୁର ଏସ୍‌ଡିପିଓ ଗୌତମ କିଷାନଙ୍କ ନେତୃତ୍ୱରେ ଜୁଆଆଡ୍ଡାରେ ପୋଲିସ ଚଢ଼ାଉ କରିଥିଲା ।

## ଏମ୍‌କେସିଜିରେ ପୁଣି ୪ ସନ୍ଦିଗ୍ଧ ଭର୍ତ୍ତି

**ବ୍ରହ୍ମପୁର ଅଫିସ,୨।୫**

କରୋନା ଭୂତାଣୁ ଏବେ ଘାତକ ସାଜିଛି। ଏହି ଲକ୍ଷଣ ଥିବା ୪ ସନ୍ଦିଗ୍ଧଙ୍କୁ ଶନିବାର ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମ୍‌କେସିଜି) ମେଡ଼ିକାଲରେ ଭର୍ତ୍ତି କରାଯାଇଛି। ଅନ୍ୟପଟେ ସେମାନେ କାଶ ଓ ଜ୍ୱରରେ ଆକ୍ରାନ୍ତ ହୋଇଥିବାରୁ ଏମ୍‌କେସିଜିରେ ସେମାନଙ୍କୁ ଶନିବାର ସକାଳେ ଭର୍ତ୍ତି କରାଯାଇଥିଲା। କବିସୂର୍ଯ୍ୟନଗର ଅଞ୍ଚଳର ୨ ଜଣ, ଗଞ୍ଜାମ ଓ ଚିକିଟି କେ.ନୂଆଗାଁ ଅଞ୍ଚଳର ଜଣେ ଲେଖାଏ ଭର୍ତ୍ତି ହୋଇଛନ୍ତି। ମଧ୍ୟାହ୍ନରେ ତାଙ୍କର ସ୍ୱାବ୍ ସଂଗ୍ରହ କରାଯାଇଛି। ସନ୍ଧ୍ୟାରେ ସେମାନଙ୍କ ସ୍ୱାବ୍‌ଗୁଡିକ ଉଭୟ ଏମ୍‌କେସିଜି ପରୀକ୍ଷା କେନ୍ଦ୍ର ଓ ଭୁବନେଶ୍ୱର ଆରଏମ୍‌ଆରସିକୁ ପଠାଯାଇଛି ବୋଲି ଅଧୀକ୍ଷକ ଡାକ୍ତର ସନ୍ତୋଷ କୁମାର ମିଶ୍ର ସୂଚନା ଦେଇଛନ୍ତି। ଅନ୍ୟପଟେ ବୁଧବାର ବିଳମ୍ବିତ ରାତିରେ ଗୁଜୁରାଟ ସୁରଟରୁ ୪ ବସ୍‌ରେ ୨୧୭ ପ୍ରବାସୀ ଶ୍ରମିକଙ୍କୁ ଗଞ୍ଜାମ ଜିଲା ଶେରଗଡ ଓ ଧରାକୋଟରେ ପହଞ୍ଚିଥିଲେ। ସେମାନଙ୍କୁ ଉଭୟ ବ୍ଲକର ଆଦର୍ଶ ବିଦ୍ୟାଳୟର ସଂଗରୋଧ ଗୃହରେ ରଖାଯାଇଛି। ଗୁରୁବାର ୧୭୬ ଜଣଙ୍କ ସ୍ୱାବ୍ ନମୁନା ସଂଗ୍ରହ କରାଯାଇଥିବା ବେଳେ ଶୁକ୍ରବାର ସକାଳେ ପରୀକ୍ଷା ପାଇଁ ଏମ୍‌କେସିଜି ଓ ଆରଏମ୍‌ଆରସିକୁ ପଠାଯାଇଥିଲା। ସେହିପରି ଶୁକ୍ରବାର ସନ୍ଧ୍ୟାରେ ଉଭୟ ବ୍ଲକର ସଂଗରୋଧ ଗୃହରୁ ୪୧ ଓ ଶନିବାର ଆସ୍କା ଅଞ୍ଚଳରୁ ୧୨୧ ଜଣ ଏଭଳି ୧୬୨ ଜଣଙ୍କ ସ୍ୱାବ୍ ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ଆରଏମ୍‌ଆରସିକୁ ଶନିବାର ପଠାଯାଇଛି ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼.ଉମା ମିଶ୍ର ସୂଚନା ଦେଇଛନ୍ତି।

## ରାଶନକାର୍ଡ ଦାବିରେ ମହିଳାଙ୍କ ବିକ୍ଷୋଭ



ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ମହିଳାଙ୍କ ବିକ୍ଷୋଭ।

**ପୁରୁଷୋତ୍ତମ ପୁର,୨।୫(ଡି.ଏନ୍.ଏ.)**

ଲକ୍‌ଡାଉନ ଯୋଗୁ ଗରିବ ଖଟିଖିଆ ଶ୍ରମିକ ଶ୍ରେଣୀର ଲୋକେ ଦାନା ଯୋଗାଣ କରିବାକୁନାହିଁନ ଥିବା ଅସୁବିଧାର ସମ୍ମୁଖୀନ ହେଉଛି। ଏଭରି ପରିସ୍ଥିତିରେ ଗରିବ ଲୋକଙ୍କୁ ଦିଆଯାଇଥିବା ରାଶନକାର୍ଡ କାଟି ଦିଆଯାଉଛି। ଏଭଳି ଘଟଣା ଦେଖିବାକୁ ମିଳିଛି ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ବ୍ଲକ ପ୍ରତାପୁର ପଞ୍ଚାୟତ, ଶିକୁଳା ପଞ୍ଚାୟତ ସହ ବିଭିନ୍ନ ସ୍ଥାନରେ। ଏପରିକି କେତେକ ଗରିବ ହିତାଧିକାରୀଙ୍କୁ ମଧ ରାଶନ କାର୍ଡ ମିଳିନାହିଁ। ଏନେଇ ଶୁକ୍ରବାର ଶିକୁଳା ଓ ଅନ୍ୟାନ୍ୟ ପଞ୍ଚାୟତର ବହୁ ମହିଳା ବ୍ଲକ କାର୍ଯ୍ୟାଳୟକୁ ଆସି କଟିଯାଇଥିବା ରାଶନକାର୍ଡ କାର୍ଯ୍ୟକ୍ଷମ କରିବା ସହ ବାଦ୍ ପଡିଥିବା ହିତାଧିକାରୀଙ୍କୁ ତୁରନ୍ତ କାର୍ଡ ଦେବାକୁ ଦାବି କରି ବିକ୍ଷୋଭ ଥିଲେ। ଏନେଇ ଯୋଗାଣ ନିରୀକ୍ଷକ ପିତାମ୍ବର ସେଠୀ କହିଛନ୍ତି ଯେ, ବର୍ତ୍ତମାନ ନୂତନ କାର୍ଡ ପ୍ରଦାନ କରିବା ସମ୍ଭବ ନୁହେଁ। ଯେଉଁ ହିତାଧିକାରି ଗତ ମାସ ସୁଦ୍ଧା ନିୟମିତ ରାଶନ ସାମଗ୍ରୀ ପାଉଛନ୍ତି ସେମାନଙ୍କଏହି ସମୟରେ କଟିବା କଥା ନୁହେଁ। କୌଣସି କାରଣବଶତଃ କଟିଯାଇଛି। ଏନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଯାଇଛି। ସେଥିମଧ୍ୟରୁ କେତେଜଣଙ୍କ କାର୍ଡ କାର୍ଯ୍ୟକ୍ଷମ ହୋଇସାରି ଆସିସାରିଛି। ସମସ୍ତ କାର୍ଡଧାରୀ ଯେପରି ଖାଉଟି ସାମଗ୍ରୀ ପାଇପାରିବେ ସେନେଇ ପଦକ୍ଷେପ ନେବି।

### ବିଶୋଧନ ହେଲା ବରାଳଦେବୀ ମନ୍ଦିର ସମେତ ବିଭିନ୍ନ ସ୍ଥାନ

**ଖଜୁରିପଡା/ବଲସକୁମ୍ପା, ୨।୫(ଡି.ଏନ.ଏ.)**

କନ୍ଧମାଳ ଜିଲା ଖଜୁରିପଡ଼ା ବ୍ଲକ ବଲସକୁମ୍ପା ପଞ୍ଚାୟତର ମା' ବରାଳ ଦେବୀ ମନ୍ଦିର, ଦେବୀ ଛକ, ଅଙ୍ଗନୱାଡ଼ି କେନ୍ଦ୍ର ଏବଂ ପଞ୍ଚାୟତ ଅଫିସ ସାମ୍ନାରେ ଓ ବରିକୁମ୍ପା ଉପସ୍ୱାସ୍ଥ୍ୟକେନ୍ଦ୍ର ଓ ବରିକୁମ୍ପା ଛକ ଆଦି ସ୍ଥାନ ବିଶୋଧନ କରାଯାଇଛି। ଖଜୁରିପଡା ଅଗ୍ନିଶମ କର୍ମଚାରୀ କେମିକାଲ ମିଶା ଜଳ ସିଞ୍ଚନ କରି ଏସବୁ ସ୍ଥାନ ବିଶୋଧନ କରିଛନ୍ତି। ଖଜୁରିପଡା ଅଗ୍ନିଶମ ଅଧିକାରୀ ଅମୃନ ଗୌରବଙ୍କ ତତ୍ତ୍ୱାବଧାନରେ ବିଶୋଧନ ସିଞ୍ଚନ ହୋଇଥିବା ବେଳେ ସରପଞ୍ଚ ଅଜୟ ମଲ୍ଲିକ ଏବଂ ବରିକୁମ୍ପା ଉପ ସ୍ୱାସ୍ଥ୍ୟକେନ୍ଦ୍ରର ଫାର୍ମାସିଷ୍ଟ ବିଭୂତି ଭୂଷଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ହରଭଙ୍ଗୀ ଡ୍ୟାମ୍‌ରେ ବୁଡି ମାଈଁ, ଭାଣିଜୀ ମୃତ

**ମୋହନା,୨।୫(ଡି.ଏନ୍.ଏ.)**

ଗଜପତି ଜିଲା ମୋହନା ବ୍ଲକ ହରଭଙ୍ଗୀ ଡ୍ୟାମରେ ବୁଡ଼ି ଶୁକ୍ରବାର ମାଈଁ ଓ ଭାଣିଜୀଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଅଡବା ଥାନା ପାଣିଗଣ୍ଡା ପଞ୍ଚାୟତ ବୁଢ଼ାଡ଼ିଅ ଗ୍ରାମର ଏବନୀ ମଣ୍ଡଳ (୩୧) ଓ ତାଙ୍କ ଭାଣିଜୀ କର୍ଚ୍ଚବାଡି ପଞ୍ଚାୟତ ହିଡ଼ିକିମା ଗାଁର ଇସ୍ୱାଲୀ ଶବର (୧୧)। ଶୁକ୍ରବାର ଅପରାହ୍ନରେ ଇସ୍ୱାଲୀ ଗ୍ରାମ ନିକଟ ହରଭଙ୍ଗୀ ଡ୍ୟାମକୁ ଗାଧୋଇବାକୁ ଯାଇଥିଲେ। ତାଙ୍କ ସହ ମାଈଁ ଏବନୀ ମଧ ଯାଇଥିଲେ। ଡ୍ୟାମରେ ଗୋଡ଼ ଖସିଯିବାରୁ ଇସ୍ୱାଳୀ ବୁଡ଼ି ଯାଇଥିଲେ। ମାଈଁ ଏବିନା ତାଙ୍କୁ ଉଦ୍ଧାର କରିବାକୁ ଯାଇ ସେ ମଧ ବୁଡି ଯାଇଥିଲେ। ଘରକୁ ନ ଫେରିବାରୁ ପରିବାର ଲୋକେ ସେମାନଙ୍କୁ ଖୋଜାଖୋଜି କରିଥିଲେ ମଧ ପାଇ ନ ଥିଲେ। ଶନିବାର ସକାଳେ ଅଗ୍ନିଶମ ବାହିନୀ ପହଞ୍ଚି ମୃତଦେହ ୨ଟିକୁ ଉଦ୍ଧାର କରିଥିଲେ। ଅଡବା ଥାନା ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ମଦବନ୍ଦ ଦାବିରେ ରାସ୍ତାକୁ ଓହ୍ଲାଇଲେ ମହିଳା

**ବାଲିଗୁଡା,୨।୫(ଡି.ଏନ୍.ଏ.)**

ବାଲିଗୁଡା ବ୍ଲକ ବରଖମା ଗ୍ରାମରେ ଦେଶୀ ମଦ ବନ୍ଦ କରିବା ପାଇଁ ମହିଳା ସଂଘ ଶୋଭାଯାତ୍ରା କରିବା ସହ ବିକ୍ରି କରୁଥିବା ଲୋକଙ୍କ ଘରକୁ ଯାଇ ମଦ ଫୋପାଡିବା ସହ ହାଣ୍ଡିହଣ୍ଡା ସବୁ ଭାଙ୍ଗିଛନ୍ତି। କରୋନା ମହାମାରୀକୁ ନେଇ ସାରା ବିଶ୍ୱ ଥରହର ହେଉଥିବାବେଳେ ମଦ ଓ ତମାଖୁ ଦ୍ରବ୍ୟ ବାରଣ କରିଛନ୍ତି ସରକାର। ମାତ୍ର ଏହାକୁ ବେଖାତିର କରି ବହୁ ନିଶାସକ୍ତ ମଦ ପିଇ ଘରେ ବିଶୃଙ୍ଖଳା କରୁଛନ୍ତି। ଏନେଇ ବାରଖମାର ନାରୀ ସଙ୍ଘ ରାଜରାସ୍ତାକୁ ଓହ୍ଲାଇଛି। ସେମାନଙ୍କ କହିବା ଅନୁଯାୟୀ, ସେମାନେ ମଦ ବେପାରୀଙ୍କ ଘରକୁ ଯାଇ ମଦ ବିକ୍ରି ବନ୍ଦ କରିବେ, ମଦକୁ ଜବତ କରି ଥାନା ଅଧିକାରୀକୁ ହସ୍ତାନ୍ତର କରିବେ।

## ୱାଲ ପେଣ୍ଟିଂରେ ସୁନୀଲଙ୍କ କରୋନା ସଚେତନତା

**ବାଲିଗୁଡା,୨।୫(ଡି.ଏନ୍.ଏ.)**




ସୁନୀଲ କାନ୍ଥରେ ଆଙ୍କିଥିବା ଚିତ୍ର।

ବାଲିଗୁଡା ଉପଖଣ୍ଡ କ.ନୂଆଗାଁର ସୁନୀଲ ନାୟକ ନିଆରା ଢଙ୍ଗରେ କରୋନା ନେଇ ଲୋକଙ୍କୁ ସଚେତନ କରୁଛନ୍ତି। ଆର୍ଥିକ ସହାୟତା ପାଇଁ ସମର୍ଥ ନ ଥିଲେ ମଧ ଅନ୍ତର୍ନିହିତ କଳାକୁ ପାଥେୟ କରି ସେ କରୋନା ମୁକାବିଲା ପାଇଁ ଆଗେଇ ଆସିଛନ୍ତି। ୱାଲ ପେଣ୍ଟିଂ ଜରିଆରେ ଲୋକଙ୍କୁ ବାଣ୍ଟୁଛନ୍ତି ସଚେତନତାର ବାର୍ତ୍ତା। ରଙ୍ଗ କିଣି ବିଭିନ୍ନ ସ୍ଥାନରେ ଅଦ୍ୟାବଧି ୩୦ରୁ ଉର୍ଦ୍ଧ୍ୱ ୱାଲ ପେଣ୍ଟିଂ କରିଛନ୍ତି। ଘରେ ରହିବ, ହାତ ଧୋଇବା, ମାସ୍କ ପିନ୍ଧିବା, ସାମାଜିକ ଦୂରତା ବଜାୟ ରଖିବା ଆଦି ସଚେତନ ବାର୍ତ୍ତା ସହ ପୋଲିସ, ଡାକ୍ତର ଓ ସାମ୍ବାଦିକଙ୍କୁ କରୋନା ଯୋଦ୍ଧା ଭାବେ ଅଭିହିତ କରି ୱାଲ ପେଣ୍ଟି କରିଛନ୍ତି। ଓଡ଼ିଶାରେ ସମସ୍ତ କଳାକାରଙ୍କୁ ଏଭଳି ଅସୁବିଧା ସମୟରେ ସଚେତନତା ପାଇଁ ଆଗେଇ ଆସିବାକୁ ସେ ଆହ୍ୱାନ ଦେଇଛନ୍ତି।

## କ୍ୱାରାଣ୍ଟାଇନ୍ ସେଣ୍ଟର ଅନୁଧ୍ୟାନ କଲେ ଜିଲାପାଳ



ଜିଲାପାଳ ପରିଦର୍ଶନ କରୁଛନ୍ତି।

**ଆର.ଉଦୟଗିରି,୨।୫(ଡି.ଏନ.ଏ.)**

ଗଜପତି ଜିଲାପାଳ ଅନୁପମ ଶାହା ନୂଆଗଡ ବ୍ଲକର କରୋନା ପାଇଁ ଖୋଲାଯାଇଥିବା ବିଭିନ୍ନ କ୍ୱାରାଣ୍ଟାଇନ୍ ସେଣ୍ଟର ବୁଲି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଖଜୁରିପଦା ପଞ୍ଚାୟତର ଦୋଘରିଆ ଆଦିବାସୀ ହାଇସ୍କୁଲ କ୍ୱାରାଣ୍ଟାଇନ୍ ସେଣ୍ଟର ସମେତ ବଡପଦା ଓ କେ.ଝାଲରସିଂ ଆଦି ପଞ୍ଚାୟତରେ ଖୋଲିଥିବା ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲେ। ସେଗୁଡିକରେ ଥିବା ଲୋକଙ୍କୁ ଭଲ ରନ୍ଧାଖାଦ୍ୟ ଦେବା ପାଇଁ ପରାମର୍ଶ ଦେଇଥିଲେ। ନୂଆଗଡ଼ ବ୍ଲକର ୨,୩୭୪ ଶ୍ରମିକ ବାହାର ରାଜ୍ୟରେ ଅଛନ୍ତି। ସେମାନଙ୍କ ମଧ୍ୟରୁ ୧ ହଜାରରୁ ଉର୍ଦ୍ଧ୍ୱ ଘରକୁ ଫେରିବା ପାଇଁ ପଞ୍ଜୀକରଣ କରାଯାଇଛି ବୋଲି ନୋଡାଲ ଅଫିସର ପ୍ରଭାକର ସାହୁ କହିଛନ୍ତି। ଜିଲାପାଳଙ୍କ ପରିଦର୍ଶନ ବେଳେ ଅନ୍ୟ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଶିକ୍ଷା ବିଭାଗର ସହାୟତା

**ବ୍ରହ୍ମପୁର ଅଫିସ,୨।୫**

କୋଭିଡ୍-୧୯ ମୁକାବିଲା ପାଇଁ ଜିଲା ଶିକ୍ଷା ବିଭାଗ ପକ୍ଷରୁ ଶନିବାର ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ସହାୟତା ପ୍ରଦାନ କରାଯାଇଛି ।

### ଜିଲାପାଳଙ୍କୁ ପ୍ରଦାନ କଲେ ଡ୍ରାଫ୍ଟ

ଗଞ୍ଜାମ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଅଧୀନ ସମସ୍ତ ବ୍ଲକ ଏଲିମେଣ୍ଟାରୀ ଓ ୧୪ ବ୍ଲକ ସେକେଣ୍ଡରୀ ଶିକ୍ଷକ ଓ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ କର୍ମଚାରୀ ଗୋଟିଏ ଦିନର ଦରମା ବାବଦକୁ ଏକ କୋଟି ୩୯ ଲକ୍ଷ ୮୪ ହଜାର ୧୮୪ ଟଙ୍କା ଡ୍ରାଫ୍ଟ ଆକାରରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କୁ ପ୍ରଦାନ କରିଛନ୍ତି। ଜିଲା ଶିକ୍ଷାଧିକାରୀ ଅମୂଲ୍ୟ କୁମାର ପ୍ରଧାନ, ଜିଲା ପ୍ରକଳ୍ପ ସଂଯୋଜକ ବନୀତା ସେନାପତି, ଡ. ପ୍ରଭାତୀ ମହାପାତ୍ର, ଅବିନାଶ ଶତପଥୀ, ପନ୍ନଗ ଭୂଷଣ ମାଝି, ଭାଗୀରଥି ସ୍ୱାଇଁ, ବିଜୟ କୁମାର ବେହେରା, କେଦାର ସାହୁ ଓ ରାଜେଶ କୁମାର ତାରିଣୀ ପ୍ରମୁଖ ଉପସ୍ଥିତ ରହି ଜିଲାପାଳଙ୍କୁ ସହାୟତା ରାଶି ପ୍ରଦାନ କରିଛନ୍ତି ।

## ଲକ୍‌ଡାଉନ୍ ନିୟମ ଉଲ୍ଲଂଘନ, ୨୨ ହଜାର ଜରିମାନା ଆଦାୟ

**ବୁଗୁଡ଼ା,୨।୫(ଡି.ଏନ୍.ଏ.)**

ଭଞ୍ଜନଗର ଉପଜିଲାପାଳ ରାଜେନ୍ଦ୍ର କୁମାର ମିଞ୍ଜ ଶନିବାର ଅଚାନକ ବୁଗୁଡ଼ା ଗସ୍ତରେ ଆସି ବ୍ଲକରେ ଭିଡିଓ କନ୍‌ଫରେନ୍ସିଂରେ ଯୋଗଦେବା ପରେ ଏନ୍‌ଏସିର ବିଭିନ୍ନ କ୍ୱାରାଣ୍ଟାଇନ୍ କେନ୍ଦ୍ର ପରିଦର୍ଶନ କରିଥିଲେ। ପରେ ଉପଜିଲାପାଳଙ୍କ ଉପସ୍ଥିତିରେ ବାଲିପଦରରେ ଫାଣ୍ଡି ଅଧିକାରୀ ଭଗବାନ ପୂଜାରୀ ଓ ତହସିଲଦାରଙ୍କ ଉପସ୍ଥିତିରେ ମାସ୍କ ନ ପିନ୍ଧିବା, ଆଇନ ଅମାନ୍ୟ କରି ବାଇକ୍ ଚଳାଇବା ନିୟମ ଉଲ୍ଲଘଂନକାରୀଙ୍କଠାରୁ ୨୨ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି।

## କାଳବୈଶାଖୀରେ ହିଞ୍ଜିଳିକାଟୁ ଇନ୍‌ଡୋର ଷ୍ଟାଡିୟମ କ୍ଷତିଗ୍ରସ୍ତ

**ହିଞ୍ଜିଳିକାଟୁ,୨।୫(ଡି.ଏନ୍.ଏ.)**

ହିଞ୍ଜିଳିକାଟୁ ଓ ଆଖପାଖରେ ଶୁକ୍ରବାର ଅପରାହ୍ନ ପ୍ରାୟ ୩ଟାରେ କାଳବୈଶାଖୀ ପ୍ରଭାବରେ ପ୍ରବଳ ବର୍ଷାପବନ ସହ ବଜ୍ରପାତ ହୋଇଛି। ବିଭିନ୍ନ ସ୍ଥାନରେ ବହୁ ଛୋଟବଡ ଗଛ ଭାଙ୍ଗିବା ସହ ବିଦ୍ୟୁତ୍ ସରବରାହ ବ୍ୟାହତ ହୋଇଛି। ପ୍ରାୟ ୮ କୋଟି ଟଙ୍କାରେ ନିର୍ମିତ ଇନ୍‌ଡ଼ୋର ଷ୍ଟାଡ଼ିୟମ ମୁଖ୍ୟ ବିଲ୍ଡିଂ ଗ୍ଲାସୱାଲ୍ ଓ ଟାଇଲ ଉଡ଼ିଯାଇଛି। ପ୍ରକାଶ ଥାଉକି, ଏହି ଇନ୍‌ଡ଼ୋର ଷ୍ଟାଡ଼ିୟମ ନିର୍ମାଣ ସମାପ୍ତ ହୋଇ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟନ ହେବାର ଥିଲା। ବୃନ୍ଦାବନ ବିଦ୍ୟାପୀଠ ମିନିଷ୍ଟାଡ଼ିୟମରେ କରୋନା ପାଇଁ ନିର୍ମାଣ ହୋଇଥିବା ଅସ୍ଥାୟୀ ପରିବା ହୋଲ୍‌ସେଲ ବଜାରରେ ପବନ ମାଡ଼ ହୋଇ ବ୍ୟବସାୟୀଙ୍କ ବହୁ କ୍ଷତି ଘଟିଛି। ପୌରାଞ୍ଚଳ ଜାତୀୟ ରାଜପଥ ନଂ.୫୯ କଡ଼ରେ ୩ସ୍ଥାନରେ ଗଛ ଭାଙ୍ଗି ପଡିଛି।

# ସୁରଟରୁ ଗଞ୍ଜାମ ଆସିଲା ୧୩ ବସ୍

**ଭଞ୍ଜନଗର/ଶେରଗଡ/ସୋରଡା/ ଆସିକା/ ବେଗୁନିଆପଡା,୨।୫(ଡି.ଏନ.ଏ.)**



ଭଞ୍ଜନଗର ବାଇପାସ୍ ଛକରେ ପ୍ରକଳ୍ପ ନିର୍ଦ୍ଦେଶକ ଆଲୋଚନା କରୁଛନ୍ତି।

ସୁରଟରୁ ଦୈନିକ ଶହ ଶହ ଓଡ଼ିଆ ଗାଁକୁ ଫେରୁଛନ୍ତି। ଶନିବାର ଭୋରୁ ଅପରାହ୍ନ ୪ଟା ସୁଦ୍ଧା ଗଞ୍ଜାମ ଜିଲାରେ ୧୩ ବସ୍ ସୁରଟରୁ ଆସି ପହଞ୍ଚିଛି। କାମ କରୁଥିବା କମ୍ପାନୀ ମାଲିକ କିମ୍ବା ଗୁଜରାଟ ସରକାର ଖାଇବାକୁ ଦେଲେ ନାହିଁ। ରାଜ୍ୟ ସରକାର ଆମ କଥା ବୁଝିଲେ ନାହିଁ। ତେଣୁ ଧାରକରଜ କରି ଚୁଡ଼ା, ବିସ୍କୁଟ ଖାଇ ଘରକୁ ଫେରିଲୁ। ନାଗପୁରରେ କିଛି ଖାଇବାକୁ ମିଳିଥିଲା ବୋଲି କବିସୂର୍ଯ୍ୟନଗରର ସିଲୁ ସାହୁ ଭଞ୍ଜନଗରରେ ବସ୍ ଅଟକିବା ବେଳେ ଏହା କହିଛନ୍ତି।

ଶନିବାର ବିଳମ୍ବିତ ରାତି ସୁଦ୍ଧା ୪୦ରୁ ଉର୍ଦ୍ଧ୍ୱ ବସ୍ ଓଡ଼ିଶା ଆସିବା ସମ୍ଭାବନା ରହିଛି। ଏକାଥରକେ ଏତେ ବସ୍ ଆସିବାରୁ ସମନ୍ୱୟ ରକ୍ଷା କରି ସମସ୍ତଙ୍କୁ କ୍ୱାରାଣ୍ଟାଇନ୍ ସେଣ୍ଟରରେ ଛାଡ଼ିବାରେ ପ୍ରଶାସନକୁ ଅସୁବିଧା ହେଉଛି। ତେଣୁ ଭଞ୍ଜନଗର ବାଇପାସ୍‌ରେ ୫ ବସ୍ ପ୍ରାୟ ୧ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଅଟକିଥିଲା। ଏହାପରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଉପ ଜିଲାପାଳ ରାଜେନ୍ଦ୍ର ମିଞ୍ଜ ଓ ଅନ୍ୟ ଅଧିକାରୀ ପହଞ୍ଚି ଆଲୋଚନା କରିବା ପରେ ବସ୍ ଗୁଡ଼ିକୁ ଆସିକା ଏବଂ କବିସୂର୍ଯ୍ୟନଗର ଅଭିମୁଖେ ଛଡ଼ାଯାଇଥିଲା। ସୁରଟରୁ ଶୁକ୍ରବାର ୨ ବସ୍ ଆସି ପହଞ୍ଚିଥିଲା। ସେଥିରୁ ୧୦୭ଜଣଙ୍କୁ କୁଲାଡ଼ ହାଇସ୍କୁଲ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରଖାଯାଇଛି। ସେହିପରି ୬୦ ଜଣଙ୍କୁ ତୁରୁମୁ ପଞ୍ଚାୟତ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରଖାଯାଇଛି।

ଶେରଗଡ ବ୍ଲକରେ ବସ୍ ପହଞ୍ଚିଥିବା ୫୬ ଜଣଙ୍କୁ ତାକରଡା ଶହୀଦ ଉଚ୍ଚ ବିଦ୍ୟାଳୟ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରଖାଯାଇଛି। ରାତିରେ ଆଉ ୨ଟି ବସ୍ ପହଞ୍ଚିବ ବୋଲି ଜଣାପଡିଛି। ସୋରଡାରେ ସନ୍ଧ୍ୟା ସୁଦ୍ଧା ୨ଟି ବସ୍ ପହଞ୍ଚିଛି। ଗୋଟିଏ ବସ୍‌ରେ ୪୯ ପୁରୁଷ, ୬ ମହିଳା, ୭ ଶିଶୁଙ୍କୁ ନୂଆଗଡ ହାଇସ୍କୁଲ କ୍ୱାରାଣ୍ଟାଇନ୍ ସେଣ୍ଟର ଓ ଅନ୍ୟଏକ ବସ୍‌ରେ ଥିବା ୫୭ ପୁରୁଷ, ୩ ମହିଳା ଓ ଜଣେ ଶିଶୁଙ୍କୁ ଶାସନ ବିଦ୍ୟାଳୟ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରଖାଯାଇଛି। ବେଗୁନିଆପଡା ବ୍ଲକକୁ ଗୋଟିଏ ବସ୍‌ରେ ୫୮ ଯାତ୍ରୀ ଫେରିଥିବା ବେଳେ ସେମାନଙ୍କୁ ମର୍ଦ୍ଦମେଖ ହାଇସ୍କୁଲ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରଖାଯାଇଛି।

ସେହିପରି ସୁରଟରୁ ଶନିବାର ୨ ପର୍ଯ୍ୟାୟରେ ୯୪ ଜଣ ଆସିକା ବ୍ଲକକୁ ଆସିଛନ୍ତି। କେନ୍ଦୁପଦର ପଞ୍ଚାୟତ ରାମନାପଲ୍ଲୀ କ୍ୱାରାଣ୍ଟାଇନ୍ କେନ୍ଦ୍ରରେ ସେମାନଙ୍କୁ ରଖାଯାଇଛି । ମଧ୍ୟାହ୍ନ ପ୍ରାୟ ୨ଟାରେ ଅନ୍ୟ ଜିଲାର ଯାତ୍ରୀଙ୍କ ସହ ଆସିଥିବା ୨୪ଜଣଙ୍କୁ ଭଞ୍ଜନଗର ତାରସିଙ୍ଗିରୁ ବ୍ଲକ ପକ୍ଷରୁ ଅଣାଯାଇଥିଲା। ସେହିପରି ଅପରାହ୍ନ ସାଢେ ୫ଟାରେ ଅନ୍ୟ ଏକ ବସ୍‌ରେ ୭୦ଜଣ ଆସିଥିଲେ।

## ସଂକ୍ଷେପରେ

### ବ୍ରାହ୍ମଣୀରେ ନିଖୋଜଙ୍କ ମୃତଦେହ ଉଦ୍ଧାର

ଓଡ଼ାପଡ଼ା, ୨।୫(ଡି.ଏନ.ଏ.)- ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା ନାଧରା ଗ୍ରାମ ଗୋକନକେଶ୍ୱର ମନ୍ଦିର ନିକଟ ବ୍ରାହ୍ମଣୀ ନଦୀ କୂଳରୁ ଶନିବାର ରବି ବେହେରା (୫୭)ଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଶୁକ୍ରବାର ଅପରାହ୍ଣରେ ଗ୍ରାମର ସିପୁ ସାହୁଙ୍କ ସହିତ ରବି ଏକ ହୁଲି ଡଙ୍ଗାରେ ମାଛ ଧରିବାକୁ ନଦୀକୁ ଯାଇଥିଲେ। ଏହି ସମୟରେ ଡଙ୍ଗାଟି ବୁଡ଼ିଯାଇଥିଲା। ସିପୁ କୌଣସି ମତେ ପହଁରି କୂଳକୁ ଆସିଥିବାବେଳେ ରବି ନିଖୋଜ ହୋଇଯାଇଥିଲେ। ସୂଚନା ପାଇ ଓଡ୍ରାଫ୍ ଟିମ୍ ଖୋଜାଖୋଜି କରି ମୃତଦେହ ଠାବ କରିଥିଲା। ଏ ନେଇ ନଂ. ୬/୨୦ରେ ଏକ ମାମଲା ରୁଜୁ କରାଯାଇଛି।

### ବାର୍‌ହା ମାଂସ ଜବତ

କଣିହାଁ, ୨।୫(ଡି.ଏନ.ଏ.) କଣିହାଁ ବନବିଭାଗ କର୍ମଚାରୀମାନେ ଶୁକ୍ରବାର ପାଟ୍ରୋଲିଂ ବେଳେ ୫ କେଜି ବାର୍‌ହା ମାଂସ ସହ ୨ ବାଇକ୍ ଜବତ କରିଛନ୍ତି। ବନାଞ୍ଚଳ ଅଧିକାରୀ ନୀଳମଣି ଦେହୁରୀ କହିଛନ୍ତି, ପାଟ୍ରୋଲିଂ କରୁଥିବା କର୍ମଚାରୀଙ୍କୁ ଦେଖି ବାରିହାପୁର-ଯାମୁଯୋଡି ରାସ୍ତାରେ ନମ୍ବର ବିହୀନ ବାଇକ୍ ଓ ଅନ୍ୟ ଏକ ସ୍କୁଟର ଛାଡିଦେଇ କେତେଜଣ ପଳାଇଥିଲେ। ଉକ୍ତ ଗାଡ଼ି ଯାଞ୍ଚ ବେଳେ ବାର୍‌ହା ମାଂସ ସହ ଚମଡା ଜବତ କରାଯାଇଥିଲା।

### ଶ୍ରମିକ ଦିବସରେ ତୋଳିଲେ କେନ୍ଦୁପତ୍ର

କଣିହାଁ, ୨।୫(ଡି.ଏନ.ଏ.)- ମେ ୧ ଶ୍ରମିକ ଦିବସକୁ ଛୁଟି ଘୋଷଣା କରାଯାଇଥିଲେ ମଧ ଚଳିତବର୍ଷ ଲକ୍‌ଡାଉନ୍ ଯୋଗୁ ଦୀର୍ଘଦିନ ହେଲା କାମ ବନ୍ଦ ରହିଥିବାରୁ କଣିହାଁ ବ୍ଲକ ଅଞ୍ଚଳରେ ଶ୍ରମିକମାନଙ୍କୁ ଏହି ଦିନରେ କାମ ଦିଆଯାଇଛି। କେନ୍ଦୁପତ୍ର ବିଭାଗ ତାଳଚେର ରେଞ୍ଜ ଓ ବଜ୍ରକୋଟ ରେଞ୍ଜରେ ଶ୍ରମିକମାନେ କେନ୍ଦୁପତ୍ର ତୋଳିଥିବା ଜଣାପଡିଛି। ଶନିବାର ବଜ୍ରକୋଟ ରେଞ୍ଜରେ ତୋଳାଯାଇଥିବା କେନ୍ଦୁପତ୍ର ବିଭାଗ ପକ୍ଷରୁ କିଣାଯାଇଛି।

### ଯୌତୁକ ହତ୍ୟା ଅଭିଯୋଗ

ଆଠମଲ୍ଲିକ, ୨।୫(ଡି.ଏନ.ଏ.)- ଆଠମଲ୍ଲିକ ଥାନା ମାଳିପଦର ଗ୍ରାମର ନିବେଦିତା ବେହେରାମାଳିଙ୍କ ଗୁରୁବାର ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ଘଟିଛି। ତେବେ ଏହା ଆତ୍ମହତ୍ୟା ବୋଲି ଶାଶୁଘର ଲୋକେ କହୁଥିବାବେଳେ ନିବେଦିତାଙ୍କ ବାପା ଏହାକୁ ଯୌତୁକଜନିତ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଛନ୍ତି। ଏ ନେଇ ଶୁକ୍ରବାର ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ନଂ. ୫୬/୨୦ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଶନିବାର ମୃତ ମହିଳାଙ୍କ ସ୍ୱାମୀ ପ୍ରଶାନ୍ତ ବେହେରାମାଳିଙ୍କୁ ଗିରଫ କରାଯାଇଥିବା ଆଇଆଇସି ପ୍ରିୟବ୍ରତ ଦାସ ସୂଚନା ଦେଇଛନ୍ତି।

### ବଦଳିଲେ ଥାନା ଅଧିକାରୀ

ଅନୁଗୋଳ ଅଫିସ, ୨।୫- ଅନୁଗୋଳ ଜିଲା ନାଲ୍‌କୋ ଥାନା ଅଧିକାରୀ ସରୋଜିନୀ ସାମ୍ଭାଡଙ୍କୁ ତଦନ୍ତକାରୀ ୱିଙ୍ଗ୍‌କୁ ବଦଳି କରାଯାଇଛି। ତାଙ୍କ ସ୍ଥାନରେ ବିନ୍ଦୁବାସିନୀ ବିଶ୍ୱାଳଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିବା ଅନୁଗୋଳ ପୋଲିସ ମୁଖ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

### ତହସିଲଦାରଙ୍କ ଯୋଗଦାନ

କଣିହାଁ,୨।୫(ଡି.ଏନ.ଏ.) କଣିହାଁର ନୂତନ ତହସିଲଦାର ଭାବେ ପତିତପାବନ ଦେବତା ଶୁକ୍ରବାର ଯୋଗଦାନ କରିଛନ୍ତି। ସେ ଭାରପ୍ରାପ୍ତ ତହସିଲଦାର ରବୀନ୍ଦ୍ର ସାମଲଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ଦେବତା ଅନୁଗୋଳରେ ଆସିଷ୍ଟାଣ୍ଟ କଲେକ୍ଟର ଭାବେ କାର୍ଯ୍ୟ କରୁଥିଲେ। କଣିହାଁ ତହସିଲ ଦାୟିତ୍ୱରେ ଥିବା ଅଂଶୁମାନ ଶତପଥୀଙ୍କୁ ଅନୁଗୋଳ ବିଡିଓ ଭାବେ ବଦଳି କରାଯାଇଛି।

### ସଙ୍ଗରୋଧ ଗୃହ ଅନୁଧ୍ୟାନ

ତାଳଚେର, ୨।୫(ନି.ପ୍ର.)- ତାଳଚେର ଉପଜିଲାପାଳ ରଜନୀକାନ୍ତ ସ୍ୱାଇଁ ଶନିବାର କଣିହାଁ ଉଚ୍ଚ ବିଦ୍ୟାଳୟ, ଡେରଙ୍ଗ, କାକୁଡିଆ, ଜରଡା, ବଡ଼ଗୁଣ୍ଡୁରି ଓ ବଡ଼ତ୍ରିବିଡାସ୍ଥିତ ସଙ୍ଗରୋଧ ଗୃହ ପରିଦର୍ଶନ କରିଛନ୍ତି। ଏଥିସହ ଏସବୁକୁ ଅଧିକ ବ୍ୟବସ୍ଥିତ କରିବା ପାଇଁ ସରପଞ୍ଚ ଓ ପଞ୍ଚାୟତସ୍ତରୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଉପଜିଲାପାଳଙ୍କ ସହ କଣିହାଁ ବିଡିଓ ରମେଶ ଚନ୍ଦ୍ର ଜେନା, ସରପଞ୍ଚ, ଆଶା କର୍ମୀ ଓ ପଞ୍ଚାୟତସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଯୋଜନାରୁ ବଞ୍ଚିତ ହେଲେ ଜଣାଅ

ଢେଙ୍କାନାଳ ଅଫିସ, ୨।୫



ଆଇନସେବା ପ୍ରାଧିକରଣ ପକ୍ଷରୁ ସଚେତନତା।

- ଆଶ୍ୱାସନା ଦେଲା ଆଇନସେବା ପ୍ରାଧିକରଣ
- ଗାଇଡ୍‌ଲାଇନ୍ ମାନି ଚଳିବାକୁ ନିବେଦନ

ସରକାରୀ ଯୋଜନାରୁ ବଞ୍ଚିତ ହିତାଧିକାରୀ ନିର୍ଭୟରେ ଜିଲା ଆଇନସେବା ପ୍ରାଧିକରଣର ସହାୟତା ଲୋଡ଼ିପାରିବେ। ଗରିବ, ଅସହାୟଙ୍କୁ ସହାୟତା କରିବା ପ୍ରାଧିକରଣର ଲକ୍ଷ୍ୟ। କୋଭିଡ୍ ମହାମାରୀ ସମୟରେ ମଧ ଏହାକୁ ଯଥାସମ୍ଭବ ପୂରଣ କରିବାକୁ ଉଦ୍ୟମ କରାଯିବ ବୋଲି ପ୍ରାଧିକରଣ ପକ୍ଷରୁ ଆଶ୍ୱାସନା ଦିଆଯାଇଛି।

ପ୍ରାଧିକରଣ ପକ୍ଷରୁ ଶୁକ୍ରବାର ଢେଙ୍କାନାଳ ସଦର ବ୍ଲକ ନବଜୀବନପୁର ସପ୍ତଶଯ୍ୟାଠାରେ କୋଭିଡ୍-୧୯ ସଂକ୍ରମଣ ରୋକିବା ଲାଗି ଏକ ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରାଧିକରଣ ଅଧକ୍ଷ ତଥା ଜିଲା ଦୌରାଜଜ୍ ମଳୟ ରଞ୍ଜନ ଦାଶଙ୍କ ନିର୍ଦ୍ଦେଶରେ ସଚିବ ସୁକାନ୍ତ କିଶୋର ଜେନା ଏହାକୁ ପରିଚାଳନା କରିଥିଲେ। କରୋନା କବଳରୁ ମୁକୁଳିବାକୁ ସମସ୍ତଙ୍କ ସହଯୋଗ ଆବଶ୍ୟକ। ଏଥିଲାଗି କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି କରାଯାଇଥିବା ଗାଇଡ୍‌ଲାଇନ ମାନିବାକୁ ପରାମର୍ଶ ଦିଆଯାଇଛି। ଏଥିସହ ପ୍ରମାଣପତ୍ର ହଜିଗଲେ କିମ୍ବା ଚୋରି ଯୋଗୁ ସରକାରୀ ଯୋଜନାରୁ ବଞ୍ଚିତ ହେଲେ ପ୍ରାଧିକରଣ ସହ ଯୋଗାଯୋଗ କରିବାକୁ ନିବେଦନ କରାଯାଇଛି। ଏହି ଅବସରରେ ଗ୍ରାମବାସୀଙ୍କୁ ସାନିଟାଇଜର, ମାସ୍କ, ସାବୁନ ଓ ବିସ୍କୁଟ୍ ବଣ୍ଟନ କରାଯାଇଥିଲା। ପାରାଲିଗାଲ ଭଲ୍ୟୁଣ୍ଟିୟର ନିରଞ୍ଜନ ନାୟକ, ଅଶୋକ ନାୟକ, କର୍ମଚାରୀ ଦୁଃଖବନ୍ଧୁ ସାହୁ, ଗୋପାଳ ଚନ୍ଦ୍ର ଦଳାଇ ପ୍ରମୁଖ ସହଯୋଗ କରିଥିଲେ।

## ସୁରଟ୍‌ରୁ ଆସିଲା ଆଲୋକଙ୍କ ମୃତଦେହ

ପରଜଙ୍ଗ, ୨।୫(ଡି.ଏନ୍.ଏ.)

ପରଜଙ୍ଗ ବ୍ଲକ କଙ୍କିଳି ଗ୍ରାମର ଆଲୋକ ନାୟକଙ୍କ ମୃତଦେହ ଶୁକ୍ରବାର ସ୍ୱତନ୍ତ୍ର ଆମ୍ବୁଲାନ୍ସରେ ସୁରଟ୍‌ରୁ ଗାଁରେ ପହଞ୍ଚିଛି। ଏପ୍ରିଲ ୨୮ ରାତିରେ ସେ ୪ ମହଲା କୋଠାରୁ ଖସିପଡ଼ି ପ୍ରାଣ ହରାଇଥିଲେ। ଲକ୍‌ଡାଉନ ସମୟରେ ପୁଅର ମୃତଦେହ ଆଣିବା ନେଇ ପରିବାର ଲୋକେ ଚିନ୍ତାରେ ଥିବାବେଳେ ବରିଷ୍ଠ ଭାଜପା ନେତା ବିଭୂତି ପ୍ରଧାନଙ୍କ ପରାମର୍ଶକ୍ରମେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସହାୟତାର ହାତ ବଢ଼ାଇଥିଲେ। ସୁରଟ୍ ଜିଲା ପ୍ରଶାସନ ଏବଂ ଆଲୋକ କାମ କରୁଥିବା ରାଜ କ୍ରିଏଶନ କମ୍ପାନୀର ମାଲିକଙ୍କ ଉଦ୍ୟମରେ ଆଲୋକଙ୍କ ମୃତଦେହ ଭିଟାମାଟିକୁ ଆସିଥିଲା। ଭାଜପା ନେତା ବିଭୂତି ପ୍ରଧାନ, ଯୁବ ବିଜେଡି ସଭାପତି ସୁବ୍ରତ ଦାସ, ସରପଞ୍ଚ ପ୍ରିୟଜିତ୍ ସାମଲଙ୍କ ଉପସ୍ଥିତିରେ ଆଲୋକଙ୍କ ଶେଷକୃତ୍ୟ କରାଯାଇଥିଲା। ତହସିଲଦାର ଜୟନ୍ତ କୁମାର ଜୟସିଂ ରେଡ୍‌କ୍ରସ୍ ତରଫରୁ ୧୦ ହଜାର ଟଙ୍କା ସହାୟତା ଦେଇଛନ୍ତି। ମୃତଦେହ ସହ ଆସିଥିବା ଆଲୋକଙ୍କ ୪ ସହଯୋଗୀଙ୍କୁ ପଞ୍ଚାୟତ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରଖାଯାଇଛି।

# ଭିଣୋଇଙ୍କୁ ଟାଙ୍ଗିଆ ଚୋଟ

ପରଜଙ୍ଗ, ୨।୫(ଡି.ଏନ.ଏ.)



ଗୁରୁତର ବିଜୟ ନାଏକ।

- ପ୍ରେମ ବିବାହକୁ କେନ୍ଦ୍ରକରି ମରଣାନ୍ତକ ଆକ୍ରମଣ
- ୨ ଭାଇଙ୍କ ନାମରେ ଅଭିଯୋଗ ଆଣିଲେ ଭଉଣୀ

ପରିବାରର ବିନା ସ୍ୱୀକୃତିରେ ପ୍ରେମ ବିବାହ କରିଥିବା ଯୋଗୁ ମରଣାନ୍ତକ ଆକ୍ରମଣର ଶିକାର ହୋଇଛନ୍ତି ଢେଙ୍କାନାଳ ଜିଲା ପରଜଙ୍ଗ ଥାନା କଳଦା ଗ୍ରାମର ବିଜୟ ନାଏକ। ଦୁଇ ଶାଳକଙ୍କ ଟାଙ୍ଗିଆ ଚୋଟରେ ଗୁରୁତର ହୋଇ ସେ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଏ ନେଇ ବିଜୟଙ୍କ ସ୍ତ୍ରୀ ସୁଭଦ୍ରା ଥାନାରେ ଅଭିଯୋଗ କରିଛନ୍ତି।

ଅଭିଯୋଗ ମୁତାବକ, କଳଦା ଗ୍ରାମର ବିଜୟ ଏବଂ ସୁଭଦ୍ରା କୋର୍ଟରେ ପ୍ରେମ ବିବାହ କରିଥିଲେ। ଏହାକୁ ଝିଅଘର ଲୋକେ ବିରୋଧ କରିବା ସହ ବିଜୟଙ୍କୁ ହତ୍ୟା ଧମକ ଦେଉଥିଲେ। ଏ ନେଇ ସୁଭଦ୍ରା ପୂର୍ବରୁ ପରଜଙ୍ଗ ଥାନାରେ ଅଭିଯୋଗ କରିଥିଲେ। ବିଜୟ ଓ ସୁଭଦ୍ରା ଦେଢ଼ବର୍ଷ ହେଲା ନିଜ ସମ୍ପର୍କୀୟଙ୍କ ଘରେ ରହୁଥିଲେ। ନିକଟରେ ଦୁହେଁ ଗ୍ରାମକୁ ଫେରି ବିଜୟଙ୍କ ଘରେ ରହୁଥିଲେ। ଗତ ଗୁରୁବାର ଅପରାହ୍ଣ ପ୍ରାୟ ସାଢ଼େ ୪ଟାରେ ବିଜୟ ଘରକୁ ଫେରୁଥିବା ବେଳେ ସୁଭଦ୍ରାଙ୍କ ୨ ଭାଇ ଅମର ନାଏକ ଓ କୁବେର ନାଏକ ଟାଙ୍ଗିଆରେ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ବିଜୟଙ୍କୁ ସଙ୍କଟାପନ୍ନ ଅବସ୍ଥାରେ କଟକ ସ୍ଥାନାନ୍ତର କରାଯାଇଛି। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା ରୁଜୁ କରିଛି। ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଥାନାଧିକାରୀ ସନ୍ତୋଷ ପ୍ରଧାନ ସୂଚନା ଦେଇଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଦାନ



ଡିପୋଜିଟ୍ ରସିଦ ଗ୍ରାମବାସୀ ବିଡିଓଙ୍କୁ ପ୍ରଦାନ କରୁଛନ୍ତି।

ବଇଣ୍ଡା, ୨।୫(ଡି.ଏନ.ଏ.)

କିଶୋରନଗର ବ୍ଲକ ନାକିଚି ଗ୍ରାମବାସୀଙ୍କ ପକ୍ଷରୁ ଶନିବାର ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୧୦ ହଜାର ୧ ଶହ ଟଙ୍କା ଦାନ କରାଯାଇଛି। କରୋନା ମୁକାବିଲା ପାଇଁ ସରକାରଙ୍କୁ ସହଯୋଗ କରିବାକୁ ଗ୍ରାମବାସୀ ଏହି ଟଙ୍କା ଆଦାୟ କରିଥିଲେ। ସଭାପତି ନାରାୟଣ ମାଝି, ଡିଲେଶ୍ୱର ସାହୁ, ରଞ୍ଜିତ ସାହୁ, ବବ୍ରୁବାହନ ନାୟକ, ପ୍ରତାପ ମାଝି ନାକିଚିଠାରେ ବିଡିଓ ଅମୃତା ପ୍ରିୟମ୍ବଦାଙ୍କୁ ଭେଟି ବ୍ୟାଙ୍କ ଜମା ରସିଦ ପ୍ରଦାନ କରିଥିଲେ।

## ହାତୀ ଆକ୍ରମଣରେ ବୃଦ୍ଧା ମୃତ

ରାସୋଳ, ୨।୫(ଡି.ଏନ.ଏ.)

ହିନ୍ଦୋଳ ଉପଖଣ୍ଡ ରାସୋଳ ଥାନା ଖର୍ଦ୍ଦାଳି ଗ୍ରାମର ଦମୟନ୍ତୀ ବିଶ୍ୱାଳଙ୍କ ଶନିବାର ହାତୀ ଆକ୍ରମଣରେ ମୃତ୍ୟୁ ଘଟିଛି। ସକାଳେ ଦମୟନ୍ତୀ ଓ ତାଙ୍କ ପୁଅ ପାଖ ବଗିଚାକୁ କାଜୁ ତୋଳିବାକୁ ଯାଇଥିବାବେଳେ ସେଠାରେ ଏକ ହାତୀ ହାବୁଡରେ ପଡିଯାଇଥିଲେ। ସୌଭାଗ୍ୟକ୍ରମେ ପୁଅ ସେଠାରୁ ଦୌଡି ପଳାଇ ଆସିବାରେ ସକ୍ଷମ ହୋଇଥିବାବେଳେ ଦମୟନ୍ତୀଙ୍କୁ ହାତୀ ଟେକି କଚାଡ଼ି ଦେଇଥିଲା। ପୋଲିସ ଓ ବନ କର୍ମଚାରୀ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ବନ ବିଭାଗ ତରଫରୁ ମୃତାଙ୍କ ପରିବାରକୁ ୪୦ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି।

# ଅସହାୟଙ୍କୁ ଖାଦ୍ୟ ବଣ୍ଟନ

ଢେଙ୍କାନାଳ ଅଫିସ, ୨।୫



ନିହଲପ୍ରସାଦ ପଞ୍ଚାୟତରେ ଅସହାୟମାନଙ୍କୁ ସହାୟତା ପ୍ରଦାନ କରାଯାଉଛି।

ଗଁଦିଆ ବ୍ଲକ ନିହଲପ୍ରସାଦ ପଞ୍ଚାୟତର କରୋନା ପ୍ରଭାବିତ ଲୋକଙ୍କୁ ଗୋକୁଳାନନ୍ଦ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଶୁଖିଲା ଖାଦ୍ୟ ଓ ମାସ୍କ ବଣ୍ଟନ କରାଯାଇଛି। ବିଧାୟକ ସୁଧୀର କୁମାର ସାମଲ ଉପସ୍ଥିତ ରହି ଦଳିତସାହି, ଶବରସାହି, ବଣିଆପଡ଼ା, ରାଇଗୋଡ଼ା, ପୁରୁଣା କଷ୍ଟିପାଳ, ନୂଆ କଷ୍ଟିପାଳ ଅଞ୍ଚଳରେ ସହାୟତା ଦେଇଥିଲେ। ଏଥିସହ ମାସ୍କ ପିନ୍ଧିବା, ସାବୁନରେ ହାତ ଧୋଇବା, ସାମାଜିକ ଦୂରତା ରଖିବା ସମ୍ପର୍କରେ ସଚେତନ କରାଇଥିଲେ। ସରପଞ୍ଚ ତାପସ ସାହୁ, ଟ୍ରଷ୍ଟର ଅଜିତ ସାହୁ, ଜିଲା କୃଷକ ମୋର୍ଚ୍ଚା ସଭାପତି ନରୋତ୍ତମ ସାହୁ, ନିରାକାର ରାଉତ, ବିଶ୍ୱନାଥ ଜେନା, ପ୍ରଦୀପ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଟୋଲରପଶି ଗ୍ରାମରେ ବିଧାୟକ ସହାୟତା ପ୍ରଦାନ କରିଥିଲେ। ଏଥିସହ ସ୍ଥାନୀୟ ଅଞ୍ଚଳରେ ଲାଗି ରହିଥିବା ପାନୀୟ ଜଳ ସମସ୍ୟାର ସମାଧାନ ନେଇ ପଞ୍ଚାୟତ ପ୍ରତିନିଧିଙ୍କ ଉପସ୍ଥିତିରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ।

# ବସ୍‌ରେ ସୁରଟରୁ ଆସୁଛନ୍ତି ୫୩ ପ୍ରବାସୀ

ଅନୁଗୋଳ ଅଫିସ, ୨।୫

- ସମସ୍ତଙ୍କ ରକ୍ତ ନମୁନା ସଂଗ୍ରହ କରାଯିବ
- ଷ୍ଟାଡିୟମରୁ ଯିବେ ପଞ୍ଚାୟତ କ୍ୱାରାଣ୍ଟାଇନ

ଗୁଜରାଟର ସୁରଟରୁ ୫୩ ଜଣ ଲୋକ ବସ୍‌ରେ ଅନୁଗୋଳ ଆସୁଛନ୍ତି। ସେମାନେ ଷ୍ଟାଡିୟମରେ ପହଞ୍ଚିବା ପରେ ସମସ୍ତଙ୍କୁ କ୍ୱାରାଣ୍ଟାଇନ୍‌ରେ ରଖାଯିବ। ଏ ନେଇ ଜିଲା ପ୍ରଶାସନ ପକ୍ଷରୁ ଦିନ ତମାମ୍ କସରତ ଚାଲିଥିଲା। ଜିଲାପାଳ ମନୋଜ କୁମାର ମହାନ୍ତି ଓ ଉପଜିଲାପାଳ ବାସୁଦେବ ଶତପଥୀ ବିଭିନ୍ନ ସ୍ଥାନ ପରିଦର୍ଶନ କରିଥିଲେ। ଜିଲାର ବଣ୍ଟଁରପାଳ, ଛେଣ୍ଡିପଦା, ଅନୁଗୋଳ ଓ ଆଠମଲ୍ଲିକର ଲୋକମାନେ ଉକ୍ତ ବସ୍‌ରେ ଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ସମସ୍ତେ ଅନୁଗୋଳ ଷ୍ଟାଡିୟମରେ ଓହ୍ଲାଇବା ପରେ ସେମାନଙ୍କ ରକ୍ତ ନମୁନା ସଂଗ୍ରହ କରାଯିବାର ବ୍ୟବସ୍ଥା ରହିଛି। ଏହାପରେ ଦୁଇଟି ବସ୍ ଯୋଗେ ନିଜ ପଞ୍ଚାୟତ ଅଞ୍ଚଳକୁ ନିଆଯାଇ ସେଠାରେ କ୍ୱାରାଣ୍ଟାଇନ ସେଣ୍ଟରରେ ରଖାଯିବ ବୋଲି ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀ ସୂଚନା ଦେଇଛନ୍ତି। ସେହିପରି ପଞ୍ଜୀକରଣ କରିଥିବା ପ୍ରବାସୀମାନେ ପର୍ଯ୍ୟାୟ କ୍ରମେ ଅନୁଗୋଳ ଜିଲାକୁ ଆସିବେ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ଶ୍ରମିକଙ୍କ ସମସ୍ୟା ଉପରେ ଆଲୋଚନା

ବଣ୍ଟଁରପାଳ, ୨।୫(ଡି.ଏନ.ଏ.)



ଶ୍ରମିକ ଦିବସ ପାଳନ କରାଯାଉଛି।

ଅନୁଗୋଳ ଜିଲା ନାଲ୍‌କୋ ଶ୍ରମିକ କଂଗ୍ରେସ କାର୍ଯ୍ୟାଳୟରେ ବିଶ୍ୱ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ କର୍ମଚାରୀ ପଦ୍ମନାଭ ସାହୁ ଯୋଗଦେଇ ଶ୍ରମିକଙ୍କ ବିଭିନ୍ନ ସମସ୍ୟା ଏବଂ କମ୍ପାନୀର ଉନ୍ନତି ଉପରେ ଆଲୋଚନା କରିଥିଲେ। ସାଧାରଣ ସମ୍ପାଦକ ପରେଶ ଚନ୍ଦ୍ର ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକାରୀ ସଭାପତି ବିଭବ ଜେନା, ହେମନ୍ତ ପ୍ରଧାନ, ସନ୍ତୋଷ ମହାରଣା, ରମେଶ ତରାଇ, ବିଭୂତି ଶତପଥୀ, ଦୀନବନ୍ଧୁ ମିଶ୍ର, କୁଳମଣି ସାହୁ, ଟୁକୁ ସାହୁ, ପ୍ରଦୀପ ସାହୁ, ଅନୁଜ ତିର୍କୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଏନ୍‌ଏନ୍‌ଇୟୁ କାର୍ଯ୍ୟାଳୟରେ ୟୁନିୟନ ଉପଦେଷ୍ଟା ବଳରାମ ବେହେରା ସଂଘ ପତାକା ଉତ୍ତୋଳନ କରିଥିଲେ। ସାଧାରଣ ସମ୍ପାଦକ ନିର୍ମଳ ଶତପଥୀ, କାର୍ଯ୍ୟକାରୀ ସଭାପତି ସୁଶାନ୍ତ ସାମଲ, ଭରତ ମାଝି, ବଳଭଦ୍ର ସାମଲ, ଗନ୍ଧର୍ବ ବିଶ୍ୱାଳ, ଶ୍ରମିକ ସଭା ସଭାପତି ବାବୁଲି ସେଠୀ, ଟିକନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ନେସ୍ କାର୍ଯ୍ୟାଳୟରେ ସଭାପତି ଦିଲୀପ ମିଶ୍ର ପତାକା ଉତ୍ତୋଳନ କରିଥିଲେ। ସାଧାରଣ ସମ୍ପାଦକ ନିର୍ମଳ ସାମଲ, ମୁରଲୀଧର ପଣ୍ଡା, ବିଜନ ଦଳବେହେରା, ମନୋଜ ସ୍ୱାଇଁ, ଅଟଳବିହାରୀ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ନେପୁ କାର୍ଯ୍ୟାଳୟରେ କାର୍ଯ୍ୟକାରୀ ସଭାପତି ମାଗିଲାଲ୍ ସାମଲ ଶ୍ରମିକଙ୍କ ମୌଳିକ ଅଧିକାର ଉପରେ ଆଲୋଚନା କରିଥିଲେ। ସଭାପତି ବିନୋଦ ବିହାରୀ ସେଠ, ସାଧାରଣ ସମ୍ପାଦକ ବୈରାଗୀ ସେଠ, ସରୋଜ ସାହୁ, ସତ୍ୟଜିତ୍ ବିଶ୍ୱାଳ, ରଞ୍ଜିତ ରଥ, ବୁବୁ ସାହୁ, ଲିଟୁ ଗଡ଼ନାୟକ, ଜଗନ୍ନାଥ ସେଠ ପ୍ରମୁଖ ଉପସ୍ଥିତ ଥିଲେ।

## ଦୋକାନ ମାଲିକଙ୍କୁ ତାଗିଦ କଲା ପୋଲିସ

ଅନୁଗୋଳ ଅଫିସ, ୨।୫

ଅନୁଗୋଳ ବଜାରରେ ଥିବା ଏକ କପଡ଼ା ଦୋକାନ ମାଲିକଙ୍କୁ ପୋଲିସ ଥାନାକୁ ନେଇ ତାଗିଦ୍ କରିଛି। ଉକ୍ତ ଦୋକାନର ଶଟର ଅଧା ଖୋଲାଯାଇଥିବା ଦେଖି ପୋଲିସ ସେଠାରେ ଚଢ଼ାଉ କରିଥିଲା। ଭିତରେ ଥିବା ୫ରୁ ୭ ଜଣ କର୍ମଚାରୀଙ୍କୁ ଥାନାକୁ ଆଣିଥିଲା। ଏହାପରେ ମାଲିକଙ୍କୁ ଥାନାକୁ ଡାକି ତାଗିଦ୍ କରିଥିଲା। ଦୋକାନ ମାଲିକ କହିଛନ୍ତି, ଭିତରେ ଜନ୍ତା ବସାଯାଇଥିବାରୁ ଏଥିରେ ମୂଷା ପଡ଼ିଛନ୍ତି କି ନାହିଁ ତାହା ଦେଖିବାକୁ କର୍ମଚାରୀଙ୍କ ସହ ତାଙ୍କ ପୁଅ ଯାଇଥିଲେ। ତେବେ ପୋଲିସ କି ପ୍ରଶାସନ ନିକଟରୁ ଏଥିପାଇଁ ଅନୁମତି ଆଣି ନ ଥିବା ଦୋକାନ ମାଲିକ ସ୍ୱୀକାର କରିଛନ୍ତି।

# ୬୧ ୟୁନିଟ୍ ରକ୍ତ ସଂଗ୍ରହ



ବିଜେଡି ପକ୍ଷରୁ ରକ୍ତଦାନ ଶିବିର।

ଅନୁଗୋଳ ଅଫିସ, ୨।୫

ଅନୁଗୋଳ ବ୍ଲକ କାଙ୍ଗୁଲା-ବେନ୍ତପୁର ପଞ୍ଚାୟତର କାଙ୍ଗୁଲା ଗୋଡ଼ିସାହି ଉ.ପ୍ରା. ବିଦ୍ୟାଳୟରେ ବିଜୁ ଜନତା ଦଳ ପକ୍ଷରୁ ଜୀବନ ବିନ୍ଦୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୋଟ୍ ୬୧ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ବିଜୁ ଯୁବ ବାହିନୀ ସଭାପତି ଚନ୍ଦନ କୁମାର ମହାରଣା, କୋଷାଧକ୍ଷ ଆଦିତ୍ୟ କୁମାର ସାହୁ ଓ ପ୍ରତାପ କୁମାର ନାଥ, ଦେବବ୍ରତ ସେଠୀ, ରଞ୍ଜିତ ଘଡ଼ାଇ, ପ୍ରିୟବ୍ରତ ସେଠ, ଆନନ୍ଦ ସାହୁ, ରାକେଶ ତ୍ରିପାଠୀ ଓ ଜିତେନ୍ଦ୍ର ସେଠଙ୍କ ତତ୍ତ୍ୱାବଧାନରେ ଏହି ଶିବିର ଆୟୋଜନ ହୋଇଥିଲା। ସାମାଜିକ କର୍ମୀ ତଥା ଯୁବନେତା ଅରନଭ ସିଂହ ଓ ବିଜେଡି ବ୍ଲକ ସଭାପତି ସରୋଜ କୁମାର ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଅନୁଗୋଳ ରକ୍ତ ଭଣ୍ଡାର ଅଧିକାରୀ ଓ କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ।

## ଅଟୋରିକ୍ସା ଚଳାଚଳ ଦାବି

ଢେଙ୍କାନାଳ ଅଫିସ, ୨।୫

କୋଭିଡ୍-୧୯ ବିରୋଧରେ ଲଢେଇ ଚାଲିଥିବାବେଳେ ଶ୍ରମଜୀବୀ ପରିବାର ଦୟନୀୟ ଅବସ୍ଥାରେ ଅଛନ୍ତି। ସେମାନଙ୍କୁ ସହାୟତା କରିବା ଦିଗରେ ସରକାର ତତ୍ପରତା ପ୍ରକାଶ କରିବା ଆବଶ୍ୟକ ବୋଲି ଢେଙ୍କାନାଳ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଲକ୍‌ଡାଉନ୍ ସମୟରେ ଅଟୋରିକ୍ସା ଚାଳକ ରୋଜଗାର ହରାଇ ହତାଶ ହୋଇପଡ଼ିଛନ୍ତି। ଜିଲା ପ୍ରଶାସନ ତୁରନ୍ତ ସରକାରଙ୍କ ସହିତ ଆଲୋଚନା କରି ଅଟୋରିକ୍ସା ଚଳାଇଲେ ଉଭୟ ଚାଳକ ଏବଂ ଯାତ୍ରୀ ଉପକୃତ ହେବେ। ସେହିପରି ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରୁ ସକାଳ ୬ରୁ ଦିନ ୧୧ଟା ଏବଂ ଅପରାହ୍ଣ ୪ଟାରୁ ରାତି ୭ଟା ଯାଏ ଦୋକାନ ଖୋଲିବାକୁ କୋଭିଡ୍ ଆକ୍ସନ୍ କମିଟି ଅଧକ୍ଷ ତୁଷାରକାନ୍ତି ନାୟକ, ଜିଲା ସଭାପତି ସୁରେଶ ଚନ୍ଦ୍ର ପାଣିଗ୍ରାହୀ, କାର୍ଯ୍ୟକାରୀ ସଭାପତି ସରୋଜ ପଟ୍ଟନାୟକ, ସଂଯୋଜକ ରୁଦ୍ର ପ୍ରକାଶ ଶରଣ ପ୍ରମୁଖ ପ୍ରଶାସନ ନିକଟରେ ଦାବି ଉପସ୍ଥାପନ କରିଛନ୍ତି।

# ରିପୋର୍ଟ ମିଳୁନି, ଆଗଉନି ପ୍ରକଳ୍ପ

ଢେଙ୍କାନାଳ ଅଫିସ, ୨।୫



ଏମ୍‌ପି ମହେଶ ସାହୁ କ୍ୱାରାଣ୍ଟାଇନ୍ ହୋମ୍ ପରିଦର୍ଶନ କରୁଛନ୍ତି।

- କ୍ଷୋଭବ୍ୟକ୍ତ କଲେ ଏମ୍‌ପି
- କରୋନା ଯୋଦ୍ଧାଙ୍କୁ ସମ୍ମାନ

ଢେଙ୍କାନାଳ ଲୋକ ସଭା ନିର୍ବାଚନମଣ୍ଡଳୀରେ ଏମ୍‌ପିଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠି (ଏମ୍‌ପି ଲାଡ୍) ବିନିଯୋଗରେ ଚାଲିଥିବା ପ୍ରକଳ୍ପ କାର୍ଯ୍ୟ ଅଗ୍ରଗତି ହେଉନାହିଁ। ବ୍ଲକ ପ୍ରଶାସନ ପକ୍ଷରୁ ଠିକ୍ ସମୟରେ ରିପୋର୍ଟ ପ୍ରଦାନ କରାଯାଉ ନ ଥିବାରୁ ନିର୍ମାଣାଧୀନ ପ୍ରକଳ୍ପ ସମ୍ପର୍କରେ ସୂଚନା ମିଳୁନାହିଁ। ଏହାକୁ ନେଇ କ୍ଷୋଭବ୍ୟକ୍ତ କରିଛନ୍ତି ଏମ୍‌ପି ମହେଶ ସାହୁ। ଏମ୍‌ପି ଲାଡ୍‌ର ବିନିଯୋଗ ସମ୍ପର୍କରେ ଶନିବାର ଏମ୍‌ପି ସାହୁ ସମୀକ୍ଷା କରିବା ବେଳେ ବିଭିନ୍ନ ସମସ୍ୟା ନଜରକୁ ଆସିଥିଲା। ତୁରନ୍ତ ପ୍ରକଳ୍ପର ସ୍ଥିତାବସ୍ଥା ସମ୍ପର୍କରେ ଜଣାଇବା ପାଇଁ ସେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଯୋଜନା ଉପନିର୍ଦ୍ଦେଶକ ସରୋଜ କୁମାର ସେଠୀ ଉପସ୍ଥିତ ରହି ତଥ୍ୟ ଉପସ୍ଥାପନ କରିଥିଲେ। ସେହିପରି ଶୁକ୍ରବାର ଶ୍ରମିକ ଦିବସ ଅବସରରେ ଗଁଦିଆ ବ୍ଲକ ଅଞ୍ଚଳର କରୋନା ଯୋଦ୍ଧାଙ୍କୁ ଏମ୍‌ପି ସମ୍ବର୍ଦ୍ଧିତ କରିଥିଲେ। ଏଥିସହିତ ମାସ୍କ ଓ ସାନିଟାଇଜର ବଣ୍ଟନ କରିଥିଲେ। ସୁସ୍ଥ ପଞ୍ଚାୟତ ମାନ୍ୟତା ପାଇଥିବା ପୋରୁହଖୋଜର ସରପଞ୍ଚ ଶୁଭଦର୍ଶିନୀ ପରିଡାଙ୍କୁ ୧୦ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ଏହାପରେ ଏମ୍‌ପି ପୋରୁହଖୋଜ ପଞ୍ଚାୟତର କ୍ୱାରାଣ୍ଟାଇନ ହୋମ୍ ପରିଦର୍ଶନ କରିଥିଲେ।

# ୬୦ ଯୁବକଙ୍କୁ ଓହ୍ଲାଇ ପଳାଇଲା ବସ୍

**ସୋହେଲା, ୨।୫(ଡି.ଏନ୍.ଏ.)**

ଲକ୍‌ଡାଉନ ସମୟରେ ଜଣେ ଅନ୍ୟଜଣଙ୍କୁ ସହାୟତା ପ୍ରଦାନ କରୁଛନ୍ତି । ହେଲେ ଏପରି ପରିସ୍ଥିତିରେ ଛତିଶଗଡ଼ ଜିଲା ପ୍ରଶାସନ ୬୦ଜଣ ଯୁବକଙ୍କୁ ସହାୟତା ପ୍ରଦାନ କରିବା ବଦଳରେ ଅସହଯୋଗ କରିବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି ।

ମିଳିଥିବା ସୂଚନା ଅନୁଯାୟୀ, ଆନ୍ଧ୍ରପ୍ରଦେଶର ବିଶାଖାପାଟଣା, ବିଜୟନଗରମ୍ ଓ ଶ୍ରୀକାକୁଲମ ଜିଲାର ୬୦ ଯୁବକ ଗ୍ଲେଜ ଟ୍ରେଡ଼ିଂ ଇଣ୍ଡିଆ ନାମକ କୃଷିଭିତ୍ତିକ କମ୍ପାନୀରେ ଚାକିରି ପାଇଁ ଛତିଶଗଡ ରାଜ୍ୟ ରାଜନନ୍ଦଗାଁଓ ସ୍ଥିତ ଗେଲୱେ ତାଲିମ ଶିବିରରେ ତାଲିମ ନେଉଥିଲେ । ଗତ ଡିସେମ୍ବରରୁ ଏହି ତାଲିମ ଆରମ୍ଭ ହୋଇଥିଲା । ହେଲ ଲକ୍‌ଡାଉନ ଯୋଗୁ ସେମାନଙ୍କ ତାଲିମ ବନ୍ଦ ହୋଇଯାଇଥିଲା । କର୍ତ୍ତୃପକ୍ଷ ଯୁବକମାନଙ୍କୁ ଶିବିର ଛାଡି ନିଜ ଘରକୁ ଚାଲିଯିବା ପାଇଁ କହିଥିଲେ । ଏହାପରେ ସେମାନେ ଖାଉଥିବା ମେସ୍‌କୁ ବନ୍ଦ କରିଦିଆଯାଇଥିଲା । ଏପରି ପରିସ୍ଥିତିରେ ଗତ ୨୯ତାରିଖରେ ସମ୍ପୃକ୍ତ ଯୁବକମାନେ ନିଜ ବ୍ୟାଗ୍‌ପତ୍ର ଧରି ଆନ୍ଧ୍ରପ୍ରଦେଶକୁ ଯିବା ପାଇଁ ବାହାରିଥିଲେ। ବହୁ କଷ୍ଟରେ

**ଛତିଶଗଡ଼ ପ୍ରଶାସନର ଅମାନବୀୟ କାର୍ଯ୍ୟ**



- ସହାୟତାର ହାତ ବଢ଼ାଇଲେ ଶ୍ରମମନ୍ତ୍ରୀ
- ଫେରିବା ପାଇଁ ବରଗଡ଼ ଜିଲା ପ୍ରଶାସନ ଦେଲା ବସ୍

ସେମାନେ ଛତିଶଗଡ଼ ରାଜଧାନୀ ରାୟପୁରରେ ପହଞ୍ଚି ଥିଲେ । ଏ କଥା ଜାଣିବା ପରେ ଛତିଶଗଡ ପ୍ରଶାସନ ସେମାନଙ୍କ ପାଇଁ ଏକ ବସ୍‌ର ବ୍ୟବସ୍ଥା କରିଥିଲେ । ହେଲେ ସେହି ବସ୍‌ଟି ଓଡିଶା ସୀମାକୁ ଲାଗିଥିବା ଛତିଶଗଡ ରାଜ୍ୟ ରେହେଟିଖୋଲଠାରେ ସମସ୍ତ ଯୁବକଙ୍କୁ ଓହ୍ଲାଇ ଚାଲିଯାଇଥିଲା । ବସରୁ ଓହ୍ଲାଇବା ପରେ ଏହି ଯୁବକମାନେ ଅନ୍ୟ କୌଣସି ଉପାୟ ନ ପାଇ ଜାତୀୟ ରାଜପଥରେ ଚାଲିଚାଲି ଓଡ଼ିଶା ସୀମାରେ ପ୍ରବେଶ କରିଥିଲେ । ଜାତୀୟ ରାଜପଥରେ ଚାଲି ଚାଲି ଏତେ ସଂଖ୍ୟକ ଯୁବକ ଆସୁଥିବା ଦେଖି ସ୍ଥାନୀୟ ଲୋକେ ସୋହେଲା ଥାନା ଆଇଆଇସି ଓ ବିଡିଓଙ୍କୁ ଜଣାଇଥିଲେ। ଶେଷରେ ଯୁବକମାନଙ୍କ ଦୟନୀୟ ଅବସ୍ଥା ସମ୍ପର୍କରେ ସ୍ଥାନୀୟ ବିଧାୟକ ତଥା ରାଜ୍ୟ ଶ୍ରମମନ୍ତ୍ରୀ ସୁଶାନ୍ତ ସିଂ ଜାଣିବା ପରେ ତୁରନ୍ତ ସେମାନଙ୍କ ରାତ୍ରି ରହଣି ସହ ଖାଇବା ବ୍ୟବସ୍ଥା କରିଥିଲେ। ଏ ସମ୍ପର୍କରେ ଆନ୍ଧ୍ରପ୍ରଦେଶ ଚିପୁରୁପଲ୍ଲୀ ବିଧାୟକ ତଥା ନଗର ଉନ୍ନୟନ ମନ୍ତ୍ରୀ ବି. ସତ୍ୟନାରାୟଣଙ୍କୁ ଅବଗତ କରାଯାଇଥିଲା । ବିଜୟନଗରମ ଏବଂ ବିଶାଖାପାଟଣା ଜିଲାପାଳ ଏ ସମ୍ପର୍କରେ ଜାଣିବା ପରେ ସମ୍ପୃକ୍ତ ଯୁବକମାନଙ୍କୁ ରାଜ୍ୟକୁ ପଠାଇବା ପାଇଁ ବ୍ୟବସ୍ଥା କରିବାକୁ ମନ୍ତ୍ରୀ ସିଂଙ୍କୁ ଫୋନକରି ଅନୁରୋଧ କରିଥିଲେ । ମନ୍ତ୍ରୀ ସିଂ ମଧ୍ୟ ସେଥିପାଇଁ ପ୍ରତିଶ୍ରୁତି ଦେଇଥିଲେ। ବିଜୟନଗରମ ଓ ବିଶାଖାପାଟଣା ଜିଲାପାଳ ଓଡିଶା ଶ୍ରମ କମିଶନର ତଥା ବରଗଡ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କ ସହିତ ମଧ୍ୟ ଯୋଗାଯୋଗ କରି ଯୁବକମାନଙ୍କ ରହିବା ଖାଇବା ବ୍ୟବସ୍ଥା ସହିତ ଆନ୍ଧ୍ରପ୍ରଦେଶ ସୀମା ପର୍ଯ୍ୟନ୍ତ ପଠାଇବାର ବ୍ୟବସ୍ଥା କରିବା ପାଇଁ ଅନୁରୋଧ କରିଥିଲେ । ଶେଷରେ ବରଗଡ ଏଡିଏମ୍ ମିର୍ଦ୍ଧା ଟପୋ ଏବଂ ସୋହେଲା ବିଡିଓ ବିଶ୍ୱ ରଞ୍ଜନ କର ଯୁବକମାନଙ୍କୁ ଭେଟି ସେମାନଙ୍କ ରହିବା ଖାଇବା ବ୍ୟବସ୍ଥାର ତଦାରଖ କରିଥିଲେ । ମନ୍ତ୍ରୀ ସୁଶାନ୍ତ ସିଂ ମଧ୍ୟ ରାତିରେ ଯୁବକମାନଙ୍କ ନିକଟକୁ ଆସି ସେମାନଙ୍କୁ ଭେଟି ହାଲଚାଲ ବୁଝିଥିଲେ। ଆନ୍ଧ୍ରପ୍ରଦେଶ ସରକାରଙ୍କ ଅନୁରୋଧ କ୍ରମେ ବରଗଡ ଜିଲା ପ୍ରଶାସନ ତରଫରୁ ଯୁବକମାନଙ୍କୁ ଆନ୍ଧ୍ରପ୍ରଦେଶ ରାଜ୍ୟ ସୀମା ପର୍ଯ୍ୟନ୍ତ ପଠାଯିବା ପାଇଁ ଓଏସ୍ଆରଟିସିର ଏକ ବସର ବ୍ୟବସ୍ଥା କରାଯାଇଥିଲା । ଅପରାହ୍ନରେ ମନ୍ତ୍ରୀ ସିଂ, ଜିଲା ଶ୍ରମ ଅଧିକାରୀ ହେମନ୍ତ ପ୍ରଧାନ, ବିଡିଓ କର, ସିଡିପିଓ, ଥାନା ଆଇଆଇସି ନିର୍ମଳ କୁମାର ମହାପାତ୍ର, ସହକାରୀ ଯନ୍ତ୍ରୀ ନରେଶ ଅଗ୍ରୱାଲ ପ୍ରମୁଖ ଅଧିକାରୀଙ୍କ ଉପସ୍ଥିତିରେ ବରଗଡ ଜିଲା ପ୍ରଶାସନ ତରଫରୁ ଉକ୍ତ ଯୁବକମାନଙ୍କୁ ବସରେ ପଠାଯାଇଥିଲା । ବସରେ ଯିବା ପୂର୍ବରୁ ଯୁବକମାନଙ୍କୁ ସୋହେଲା ମାରୱାଡି ଯୁବାମଞ୍ଚ ତରଫରୁ ଜଳଖିଆ ଓ ପିଇବା ପାଣି ପ୍ରଦାନ କରାଯାଇଥିଲା। ଆଜି ଭୋର ପ୍ରାୟ ୫ଟା ସମୟରେ ବସ ଓଡିଶା ଆନ୍ଧ୍ରପ୍ରଦେଶ ଗୁଣୁପୁର ସୀମାରେ ପହଞ୍ଚିଥିଲା । ସେଠାରେ ଆନ୍ଧ୍ରପ୍ରଦେଶ ସରକାରଙ୍କ ପକ୍ଷରୁ ୨ଟି ସ୍ୱତନ୍ତ୍ର ବସ୍ ବ୍ୟବସ୍ଥା କରାଯାଇଥିଲା। ଗୋଟିଏ ବିଜୟନଗରମ ଏବଂ ଅନ୍ୟଟି ବିଶାଖାପାଟଣା ଓ ଶ୍ରୀକାକୁଲମ ଅଭିମୁଖେ ଯାଇଥିଲା । ଶନିବାର ମଧ୍ୟାହ୍ନ ୧୨ଟା ସୁଦ୍ଧା ସମସ୍ତ ଯୁବକ ନିଜ ନିଜ ଗାଁରେ ପହଞ୍ଚି ଥିବା ସୂଚନା ମିଳିଛି।

ଏ ସମ୍ପର୍କରେ ନିଜ ଗାଁରେ ପହଞ୍ଚି ଥିବା ଯୁବକ କ୍ରିଷ୍ଣା ମନ୍ତ୍ରୀ ସିଂଙ୍କ ସହାୟତାକୁ ଜୀବନରେ କେବେ ଭୁଲି ପାରିବେ ନାହିଁ ବୋଲି ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ଆନ୍ଧ୍ରପ୍ରଦେଶ ମନ୍ତ୍ରୀ ବି.ସତ୍ୟନାରାୟଣ ଓଡିଶା ସରକାର, ବରଗଡ ଜିଲା ପ୍ରଶାସନ ଓ ମନ୍ତ୍ରୀ ସିଂଙ୍କ ସହାୟତା ପାଇଁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

## ସଂକ୍ଷେପରେ

### ବାଲି ଚୋରାଚାଲାଣ, ୧୦ହଜାର ଜରିମାନା

ଡୁଙ୍ଗୁରିପାଲି, ୨।୫(ଡି.ଏନ.ଏ.) ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଚେରୁପାଲି, ପହଁଡୀ, ଶୁଖା ଅଞ୍ଚଳରେ ବାଲି ମାଫିଆଙ୍କ ଉପରେ ଲକ୍‌ଡାଉନର କୌଣସି ପ୍ରଭାବ ପଡୁନାହିଁ। ସାଲେଭଟା ଅଙ୍ଗନଦୀ ଘାଟିରୁ ଟ୍ରାକ୍ଟର ଯୋଗେ ଶହଶହ ଟ୍ରିପ ବାଲି ଚୋରାଚାଲାଣ ହେଉଛି। ଶନିବାର ଚୋରାଚାଲାଣ ବେଳେ ଟାକ୍ଟର ନଂ(ଓଡି୩୧ଡି ୬୮୫୨କୁ ଚେରୁପାଲି ପୁରୁଣା ଗେଟ ପାଖରେ ପାଟ୍ରୋଲିଂ ପୋଲିସ ଧରିଥିଲା। ପୋଲିସଠାରୁ ଖବର ପାଇ ଚେରୁପାଲି ରାଜସ୍ୱ ନିରୀକ୍ଷକ ଭୁପେନ ବାଦୀ ଘଟଣାସ୍ଥଳରେ ପହଞ୍ଚି ଗାଡି ମାଲିକଙ୍କଠାରୁ ୧୦ହଜାର ଟଙ୍କା ଜାରିମାନା ଆଦାୟ କରିଥିଲେ।

### କ୍ୱାକ୍‌ଙ୍କ କ୍ଲିନିକରେ ଜୀବନ ଗଲା

ଲୋଇସିଂହା, ୨।୫(ଡି.ଏନ.ଏ.): ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ଏକ କ୍ୱାକଙ୍କ କ୍ଲିନିକରେ ଜଣେ ବୟସ୍କବ୍ୟକ୍ତିଙ୍କ ଶୁକ୍ରବାର ଆକସ୍ମିକ ମୃତ୍ୟୁ ଘଟିଛି । ମୃତକ ହେଲେ ବରଗଡ଼ ଜିଲା ବିଜେପୁର ବ୍ଲକ ଏମ୍ ଗଣଯଡପାଲି ଗାଁର ବିବେକାନନ୍ଦ ସାହୁ(୫୦) । ଲୋଇସିଂହା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ବର୍ଗକୁ ହସ୍ତାନ୍ତର କରିଛି । ଏନେଇ ଏକ ଅପମୃତ୍ୟୁ ମାମଲା (ନଂ.୫/୨୦) ରୁଜୁ ହୋଇଛି। ତ୍ରୁଟିପୂର୍ଣ୍ଣ ଚିକିତ୍ସା ନା ଅନ୍ୟ କୌଣସି କାରଣରୁ ବିବେକାନନ୍ଦଙ୍କ ମୃତ୍ୟୁ ହୋଇଛି ତାହା ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ତାହା ସ୍ପଷ୍ଟ ହେବ ବୋଲି ଏସ୍ଆଇ ନବୀନ ଭୋଇ କହିଛନ୍ତି ।

### ୭୮ ସ୍ୱାବ୍ ନମୁନା ରିପୋର୍ଟ ନେଗେଟିଭ୍

ଦେବଗଡ଼, ୨।୫(ଡି.ଏନ.ଏ.): ଜିଲା ସ୍ୱାସ୍ଥ୍ୟ ବିଭାଗ ସୂତ୍ର ଅନୁଯାୟୀ ଗତ ୨୯ ଓ ୩୦ ତାରିଖରେ ପଠାଯାଇଥିବା ୭୮ଟି ସ୍ୱାବ୍ ନମୁନା ରିପୋର୍ଟ ନେଗେଟିଭ୍ ଆସିଛି । ମେ'୧ ତାରିଖ ଦିନ ଅନ୍ୟ ଜିଲାରୁ ୭୧ ବ୍ୟକ୍ତି ଆସିଛନ୍ତି । ସେମାନଙ୍କ ମଧ୍ୟରୁ ରିଆମାଳକୁ ୧୫, ବାରକୋଟକୁ ୨୨, ତିଲେଇବଣିକୁ ୨୯ ଏବଂ ଦେବଗଡ଼ ପୌରାଞ୍ଚଳକୁ ୫ ବ୍ୟକ୍ତି ଆସିଛନ୍ତି । ଶୁକ୍ରବାର ସୁଦ୍ଧା ଜିଲାକୁ ମୋଟ ୨୬୪୩ ଫେରିଛନ୍ତି ।

## ଯାନ୍ତ୍ରିକ ତ୍ରୁଟି ଯୋଗୁ ଓପିଜିସିର ପ୍ରଥମ ୟୁନିଟ୍ ବନ୍ଦ

**ଲଖନପୁର, ୨।୫(ଡି.ଏନ୍.ଏ)**

ଓଡ଼ିଶା ବିଦ୍ୟୁତ୍ ଉତ୍ପାଦନ ନିଗମ(ଓପିଜିସି)ର ବନହରପାଲି ସ୍ଥିତ ଇବ୍ ତାପଜ ବିଦ୍ୟୁତ୍ କେନ୍ଦ୍ରରେ ୪ଟି ୟୁନିଟ୍ ରହିଛି । ସେଥିମଧ୍ୟରୁ ପ୍ରଥମ ୟୁନିଟ୍‌ରେ ଯାନ୍ତ୍ରିକ ତ୍ରୁଟି ଦେଖାଦେବା ଫଳରେ ଗତ ଶୁକ୍ରବାର ମଧ୍ୟାହ୍ନ ୧ଟା ୬ମିନିଟ୍‌ରୁ ତାହା ବନ୍ଦ ରହିଛି । ଏଥିରୁ ଉତ୍ପାଦନ ହେଉଥିବା ୨୧୦ମେଗାୱାଟ୍ ବିଦ୍ୟୁତ୍ ବାଧାପ୍ରାପ୍ତ ହୋଇଛି । ଏନେଇ ପ୍ରକଳ୍ପର ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହିମାଂଶୁ ବେହେରା କହିଛନ୍ତି ଇଲେକ୍ଟ୍ରିକାଲ୍ ସମସ୍ୟା ଯୋଗୁ ଏଭଳି ହୋଇଛି । ଏହା ଜଣାପଡିବାପରେ କମ୍ପାନୀ ତରଫରୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କାମ ଶେଷ ହୋଇଛି । ଉକ୍ତ ୟୁନିଟ୍ କାର୍ଯ୍ୟକ୍ଷମ ଲାଗି ପ୍ରକ୍ରିୟା ଜାରି ରହିଛି । ଶନିବାର ଅପରାହ୍ନ ୪ଟା ୨୦ରେ ଚିମିନ୍‌ରେ ଅଗ୍ନିସଂଯୋଗ (ଲାଇଟ୍‌ଅପ୍)କରାଯାଇଛି । ରାତି ୧୨ଟା ମଧ୍ୟରେ ସମ୍ପୃକ୍ତ ୟୁନିଟ୍‌ରୁ ବିଦ୍ୟୁତ୍ ଉତ୍ପାଦନ ଆରମ୍ଭ ହେବାର ଅଛି । ଏହାପରେ ବିଦ୍ୟୁତ୍ ଉତ୍ପାଦନ ସ୍ୱାଭାବିକ ହେବ । ଉତ୍ପାଦିତ ବିଦ୍ୟୁତ୍ ପୂର୍ବଭଳି ବୁଢିପଦର ଗ୍ରୀଡ୍‌କୁ ରପ୍ତାନୀ କରାଯିବ ବୋଲି ସେ କହିଛନ୍ତି ।

## ବର୍ଷକ ପରେ ପହଞ୍ଚିଲା ବିବାହ ଉପହାର ଟଙ୍କା

**ଅସମ୍ପୂର୍ଣ୍ଣ ଠିକଣା ଯୋଗୁ ପହଞ୍ଚି ପାରି ନ ଥିଲା ମନିଅର୍ଡର**

**ଟିକ୍ରାପଡା, ୨।୫(ଡି.ଏନ.ଏ.)**

ଡାକ ଯୋଗେ ପଠାଯାଇଥିବା ମନିଅର୍ଡର ଟଙ୍କା ପଠାଇବାର ବର୍ଷକ ପରେ ନିର୍ଦ୍ଧାରିତ ସ୍ଥାନରେ ପହଞ୍ଚିଥିବା ଖବର ସମସ୍ତଙ୍କୁ ଚକିତ କରିଛି। ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ସଦର ମହକୁମାର ମହେନ୍ଦ୍ର ତ୍ରିପାଠୀ ୨୬ ଏପ୍ରିଲ ୨୦୧୯ରେ ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ଝିଙ୍କିଡୁଙ୍ଗୁରି ପଞ୍ଚାୟତ ସଦର ମହକୁମାର ଧର୍ମେନ୍ଦ୍ର ମୁଦୁଲିଙ୍କ ପାଖକୁ ମନିଅର୍ଡର ଯୋଗେ ୪୦୦ଟଙ୍କା ପଠାଇଥିଲେ। ଯାହାର ମନି ଅର୍ଡର ନମ୍ବର ୦୮୯୪୫୫୫୨୬୦୧୮୬୭୦୧୦। ଉକ୍ତ ଟଙ୍କା ଦୀର୍ଘ ବର୍ଷକ ପରେ ୧ ମେ ୨୦୨୦ରେ ଧର୍ମେନ୍ଦ୍ରଙ୍କ ନିକଟରେ ପହଞ୍ଚିଛି।

ମହେନ୍ଦ୍ର ବର୍ଷକ ତଳେ ସମ୍ପନ୍ନ ହୋଇଥିବା ବନ୍ଧୁ ଧର୍ମେନ୍ଦ୍ରଙ୍କ ବିବାହ ଉତ୍ସବରେ କୌଣସି କାରଣରୁ ପହଞ୍ଚି ନ ପାରି ଉକ୍ତ ଟଙ୍କା ଉପହାର ସ୍ୱରୂପ ପଠାଇଥିଲେ। ଏ ନେଇ ସେ ତାଙ୍କୁ ଫୋନ କରି ଜଣାଇଥିଲେ। ହେଲେ ଏହି ଟଙ୍କା ଧର୍ମେନ୍ଦ୍ରଙ୍କ ପାଖରେ ପହଞ୍ଚି ନ ଥିଲା। ଏ ନେଇ ସ୍ଥାନୀୟ ପୋଷ୍ଟ ଅଫିସରେ ପଚାରିଲେ ମନି ଅର୍ଡର ଆସି ନ ଥିବା କହିଥିଲେ। ହେଲେ ବର୍ଷକ ପରେ ଉକ୍ତ ଟଙ୍କା ଦେବାକୁ ତାଙ୍କ ନିକଟକୁ ଆସିଥିବା ପୋଷ୍ଟ ପିଅନକୁ ପଚାରିବାରୁ ଭୁଲବଶତଃ ଉକ୍ତ ମନି ଅର୍ଡର ରହି ଯାଇଥିଲା ବୋଲି କହିଥିଲେ। ଏ ସମ୍ପର୍କରେ ଝିଙ୍କିଡୁଙ୍ଗୁରି ପୋଷ୍ଟମାଷ୍ଟର ରାଜ କିଶୋର ବାଙ୍କଙ୍କୁ ପଚାରିବାରୁ ଅସମ୍ପୂର୍ଣ୍ଣ ଠିକଣା ଯୋଗୁ ଏହି ମନି ଅର୍ଡର ଠିକ୍ ସମୟରେ ପହଞ୍ଚି ନ ପାରି ମୁଖ୍ୟ କ୍ଷେତ୍ରରୁ ଫେରି ଆସିଥିଲା । ଏହି କାରଣରୁ ମନିଅର୍ଡର ପହଞ୍ଚିବାରେ ବିଳମ୍ବ ହେଲା ବୋଲି ସେ କହିଛନ୍ତି ।

## କୋଟାରୁ ଫେରୁଛନ୍ତି ସୁବର୍ଣ୍ଣପୁରର ୩୭ ଛାତ୍ରୀଛାତ୍ର

**ସୋନପୁର, ୨।୫(ନି.ପ୍ର.)**

ଲକ୍‌ଡାଉନ ଯୋଗୁ ରାଜସ୍ଥାନର କୋଟାରେ ଫସି ରହିଥିବା ସୁବର୍ଣ୍ଣପୁର ଜିଲାର ୩୭ଜଣ ଛାତ୍ରୀଛାତ୍ର ଘରକୁ ଫେରୁଛନ୍ତି। ସ୍ୱାସ୍ଥ୍ୟ ପରୀକ୍ଷା ପରେ ଶନିବାର ମଧ୍ୟାହ୍ନ ୧୨ଟାରେ ୧୨ ଛାତ୍ରୀ ଓ ୨୫ ଛାତ୍ର ୨ଟି ବସ୍ ଯୋଗେ କୋଟାରୁ ବାହାରିଛନ୍ତି। ୨୫ଘଣ୍ଟାର ଯାତ୍ରା ପରେ ରବିବାର ସନ୍ଧ୍ୟା ସୁଦ୍ଧା ଛାତ୍ରୀଛାତ୍ର ସୁବର୍ଣ୍ଣପୁରରେ ପହଞ୍ଚିବେ ବୋଲି ସୂଚନା ମିଳିଛି। ଅଭିଭାବକମାନେ ନିଜ ଖର୍ଚ୍ଚରେ ସେମାନଙ୍କ ପିଲାମାନଙ୍କୁ ଆଣୁଛନ୍ତି।

ପ୍ରକାଶ ଯେ, ଜିଲାର ୬ ଗୋଟି ବ୍ଲକର ୫୫ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଗତ ୧ ବର୍ଷ ଧରି କୋଟାରେ ମେଡିକାଲ କୋଚିଂ ନେଉଥିଲେ। କରୋନା ଭୂତାଣୁ ସଂକ୍ରମଣକୁ ରୋକିବା ପାଇଁ ସାରା ଦେଶରେ ଲକ୍‌ଡାଉନ ଘୋଷଣା ହେବା ପରେ ସରକାରଙ୍କ କଟକଣା ଯୋଗୁ ମେଡିକାଲ କୋଚିଂ ବନ୍ଦ ହୋଇଥିଲା। ଛାତ୍ରାବାସରେ ଅନ୍ତେବାସୀଙ୍କୁ ଠିକ୍ ଭାବେ ଖାଇବାକୁ ମିଳି ନ ଥିଲା। ଏଥିପାଇଁ ଉତ୍ତରପ୍ରଦେଶ, ବିହାର, ଗୁଜରାଟ, ଛତିଶଗଡ଼, ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡ ଭଳି ରାଜ୍ୟର ଛାତ୍ରୀଛାତ୍ରଙ୍କୁ ସେଠାକାର ସରକାର ନିଜ ରାଜ୍ୟକୁ ବସ୍ ଯୋଗେ ନେଇଯାଇଥିଲେ। ଓଡ଼ିଶାର ଛାତ୍ରୀଛାତ୍ରମାନେ ମାନସିକ ଚାପରେ ଥିଲେ। ଅଭିଭାବକମାନେ ଯେତେ କହିଲେ ମଧ୍ୟ ସେମାନଙ୍କ କଥା କେହି ଶୁଣି ନ ଥିଲେ। ତେବେ ସୁବର୍ଣ୍ଣପୁର ଜିଲାର ପ୍ରାୟ ୧୮ ଛାତ୍ରୀଛାତ୍ର ପରିଚିତ ଲୋକଙ୍କ ଜରିଆରେ ଅନ୍ୟ ରାଜ୍ୟ ସରକାରଙ୍କ ମାଧ୍ୟମରେ ସେମାନଙ୍କ ପିଲାଙ୍କୁ ନେଇ ଆସିଥିଲେ। କେନ୍ଦ୍ର ଗୃହ ମନ୍ତ୍ରଣାଳୟର ନୂତନ ବିଜ୍ଞପ୍ତି ପ୍ରକାଶ ପରେ ସୁବର୍ଣ୍ଣପୁର ଜିଲାପାଳ ମନୀଷା ବାନାର୍ଜୀ କୋଟା ଜିଲାପାଳ ଏବଂ ଏଲେନ ମେଡିକାଲ କୋଚିଂ ପରିଚାଳକ ନବୀନ ମାହେଶ୍ୱରୀଙ୍କ ସହ ଯୋଗାଯୋଗକରି ଛାତ୍ରୀଛାତ୍ର କିଭଳି ଘରକୁ ଫେରିବେ ଉଦ୍ୟମ କରିଥିଲେ।



ଫସି ରହିଥିବା ସୁବର୍ଣ୍ଣପୁରର ଛାତ୍ରୀଛାତ୍ର ବସ୍‌ରେ ଘରକୁ ଫେରୁଛନ୍ତି।




ଜିଲାପାଳ ମୋବାଇଲ ଆପ୍ ଉଦଘାଟନ କରୁଛନ୍ତି ।

## ଏଥର ମୋବାଇଲ ଆପ୍‌ରେ ଆପତ୍ତି ଅଭିଯୋଗ

**ଝାରସୁଗୁଡା ଅଫିସ, ୨।୫**

ସମଗ୍ର ଦେଶରେ କରୋନା ଭୂତାଣୁ ସଂକ୍ରମଣକୁ ରୋକିବା ପାଇଁ ଲକଡାଉନ କରାଯାଇଛି। ଏହି ସମୟରେ ରାଜ୍ୟରେ ହେଉଥିବା ଜନଅଭିଯୋଗ ଶୁଣାଣି ବନ୍ଦ କରାଯାଇଛି। କାରଣ ପ୍ରତି ସପ୍ତାହର ପ୍ରଥମ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ତଥା ଉପଖଣ୍ଡ ସ୍ତରରେ ଏହି ଶିବିର ଅନୁଷ୍ଠିତ ହେଉଥିଲା। ଏଥିରେ ଜିଲାର କୋଣ ଅନୁକୋଣରୁ ଲୋକେ ଆସି ଅଭିଯୋଗ କରୁଥିଲେ। ବର୍ତ୍ତମାନ ସାମାଜିକ ଦୂରତା ଅବଲମ୍ବନ କରାଯାଉଥିବାରୁ ଲୋକେ ଅଭିଯୋଗ କରିପାରୁ ନାହାନ୍ତି । ଏହାକୁ ଦୃଷ୍ଟିରେ ରଖି ଝାରସୁଗୁଡା ଜିଲା ପ୍ରଶାସନ ପକ୍ଷରୁ ଶନିବାର ଜିଲାବାସୀଙ୍କ ଉଦ୍ଦେଶ୍ୟରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଏକ ସ୍ୱତନ୍ତ୍ର ମୋବାଇଲ ଆପ୍ (ଝାରସୁଗୁଡା ସିଟିଜେନ ଗ୍ରୀଭାନ୍ସ) କରାଯାଇଛି । ଏଥିରେ ଲୋକେ ନିଜ ନିଜ ଆପତ୍ତି ଅଭିଯୋଗ କରିବାର ବ୍ୟବସ୍ଥା କରାଯାଇଛି। ଜିଲାପାଳ ସରୋଜ କୁମାର ସାମଲ ଏହି ଆପ୍‌କୁ ଶନିବାର ଉଦଘାଟନ କରିଛନ୍ତି ଏବଂ ଏହି ଆପ୍ ସମ୍ପର୍କରେ ଜିଲାର ସମସ୍ତ ବିଡିଓ, ତହସିଲଦାର, ଜିଲା ଓ ବ୍ଲକସ୍ତରୀୟ ଅଧିକାରୀଙ୍କୁ ତାଲିମ ମଧ ଦେଇଛନ୍ତି । ଏହି ଆପ୍ ଦ୍ୱାରା ଲୋକେ ବିଶେଷ ଭାବେ ଉପକୃତ ହେବେ ବୋଲି ସେ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି । ଏହି ସମ୍ମିଳନୀରେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ମଧ ଉପସ୍ଥିତ ଥିଲେ ।

## ସୁରଟ୍ ଫେରନ୍ତା ଓଡ଼ିଆଙ୍କ ବସ୍ ମନମୁଣ୍ଡାରେ ଅଚଳ

**ମନମୁଣ୍ଡା, ୨।୫ (ଡି.ଏନ.ଏ.)**

ଗୁଜରାଟ ସୁରଟରୁ ପ୍ରବାସୀ ଓଡିଆଙ୍କୁ ନେଇ ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ଯାଉଥିବା ଏକ ବସ୍ (ନଂ. ଜିଜେ ୦୫ ଏଭି- ୭୮୧୧) ଶନିବାର ବୌଦ୍ଧ ଜିଲା ମନମୁଣ୍ଡା ଡାକବଙ୍ଗଳା ପାଖରେ ଅଚଳ ହୋଇ ପଡ଼ିଥିଲା। ମନମୁଣ୍ଡା ଥାନା ଆଇଆଇସି ଗୋପୀନାଥ ପ୍ରଧାନଙ୍କଠାରୁ ଏହି ସୂଚନା ପାଇ ଅତିରିକ୍ତ ତହସିଲଦାର ସୁଶୀଲ କୁମାର କୁଅଁର, ଏଆରଆଇ ଶରତ କୁମାର ବେହେରା ପ୍ରମୁଖ ସଙ୍ଗେ ସଙ୍ଗେ ବସ୍ ନିକଟରେ ପହଞ୍ଚି ଥିଲେ। ଏଥିରେ ଥିବା ସମସ୍ତ ଯାତ୍ରୀଙ୍କୁ ବିସ୍କୁଟ, କଦଳୀ, କେକ୍ ଇତ୍ୟାଦି ଜଳଖିଆ ପ୍ରଦାନ କରିଥିଲେ। କୌଣସି ଯାତ୍ରୀଙ୍କୁ ବସରୁ ତଳକୁ ଓହ୍ଲାଇବାକୁ ନ ଦେଇ ଜିଲାପାଳ ଲଲାଟେନ୍ଦୁ ମିଶ୍ରଙ୍କୁ ଏ ସମ୍ପର୍କରେ ସୂଚନା ଦିଆଯାଇଥିଲା। ଜିଲାପାଳ ମିଶ୍ର, ଏସପି ଭି. ରଘୁନାଥ ରାଓ, ଅତିରିକ୍ତ ଜିଲାପାଳ ଅବିନାଶ ପାଣ୍ଡିଆ, ପିଡି ଶଶାଙ୍କଶେଖର ଦାସ, ସିଡିଏମ୍ଓ ଲକ୍ଷ୍ମୀଧର ସାହୁ ପ୍ରମୁଖ ତୁରନ୍ତ ବସ୍ ନିକଟରେ ପହଞ୍ଚି ପ୍ରବାସୀମାନଙ୍କ ସହ ଆଲୋଚନା କରିଥିଲେ। ଶେଷରେ ଜିଲା ପ୍ରଶାସନ ଅନ୍ୟ ଏକ ବସ୍ ଯୋଗାଡ କରି ସମସ୍ତ ପ୍ରବାସୀ ଓଡିଆଙ୍କୁ ସେମାନଙ୍କ ଭିଟାମାଟିକୁ ପଠାଇଥିଲା।

## ପ୍ରସ୍ତୁତି, ପରିଚାଳନା, ଶ୍ରମଭିତ୍ତିକ କାର୍ଯ୍ୟର ସମୀକ୍ଷା

**ବଲାଙ୍ଗୀର ଅଫିସ, ୨।୫**

ବଲାଙ୍ଗୀର ଜିଲା ଦାୟିତ୍ୱରେ ଥିବା କୋଭିଡ୍-୧୯ ପର୍ଯ୍ୟବେକ୍ଷକ ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ଗୃହ(ନିର୍ବାଚନ) ବିଭାଗର ପ୍ରମୁଖ ଶାସନ ସଚିବ ସୁଶୀଲ କୁମାର ଲୋହାନୀ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗ ଅତିରିକ୍ତ ଶାସନ ସଚିବ ବେଣୁଧର ବେହେରା ଶନିବାର ବଲାଙ୍ଗୀର ଗସ୍ତରେ ଆସିଥିଲେ। ଏନ୍ଏଚ୍ଏମ୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଅଧିକାରୀ ଦ୍ୱୟ କୋଭିଡ୍-୧୯ ସମ୍ପର୍କିତ ପ୍ରସ୍ତୁତି, ପରିଚାଳନା, ଅର୍ଥନୈତିକ କାର୍ଯ୍ୟକଳାପ ସକାଶେ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ଶ୍ରମଭିତ୍ତିକ କାର୍ଯ୍ୟର ସମୀକ୍ଷା କରିଥିଲେ । ବୈଠକରେ ଜିଲାପାଳ ଅରିନ୍ଦମ ଡାକୁଆ, ଏସ୍‌ପି ସନ୍ଦୀପ ମାଡକର, ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଡ ମହେଶ୍ୱର ସ୍ୱାଇଁ, ସିଡିଏମ୍ଓ ଡା ନାରାୟଣ ଥନାପତି, ଡା ମଞ୍ଜୁବାଳା ପଣ୍ଡାଙ୍କ ସହ ଜିଲା ସ୍ୱାସ୍ଥ୍ୟ ବିଭାଗ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଗୁଡଭେଲା ବ୍ଲକ ଲିଖିରିଆ ଗାଁରେ ଦୁଇ କରୋନା ପଜିଟିଭ ଚିହ୍ନଟ ପରେ ସେହି ଅଞ୍ଚଳରେ କରାଯାଇଥିବା କଣ୍ଟେନ୍‌ମେଣ୍ଟ ସମ୍ପର୍କରେ ଜିଲା ପ୍ରଶାସନ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ଉପରେ ସମୀକ୍ଷା କରାଯାଇଥିଲା। ରାଜ୍ୟ ବାହାରୁ ଫେରିବାକୁ ଥିବା ବ୍ୟକ୍ତି ଓ ପ୍ରବାସୀ ଶ୍ରମିକଙ୍କ ପାଇଁ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଖୋଲାଯାଇଥିବା ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର, କ୍ୱାରାଣ୍ଟାଇନ୍ ସେଣ୍ଟରଗୁଡିକର ସ୍ଥିତି ଓ ଆନୁଷଙ୍ଗିକ ବ୍ୟବସ୍ଥା ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ଏମ୍‌ଜିଏନ୍‌ଆର୍‌ଇଜିଏ ଯୋଜନା ମାଧ୍ୟମରେ ବିଭିନ୍ନ ପ୍ରକଳ୍ପରେ କାମ ଯୋଗାଇଦେବାକୁ ଅଧିକାରୀଦ୍ୱୟ ନିର୍ଦ୍ଦେଶ ଦେଇଥିଲେ।



ଜିଲା କୋଭିଡ୍-୧୯ ପର୍ଯ୍ୟବେକ୍ଷକଙ୍କ ସମୀକ୍ଷା ବୈଠକରେ ଉପସ୍ଥିତ ଅଧିକାରୀ ।

## ଯୁବକଙ୍କୁ ପିଟି ହତ୍ୟା

- ୨ ସାଙ୍ଗଙ୍କ ସହ ୩ ଗିରଫ
- ଜମିରେ ପୋତାଯାଇଥିବା ମୃତଦେହ ଉଦ୍ଧାର

**ସୁନ୍ଦରଗଡ଼, ୨।୫ (ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ଧରୁଆଡିହି ଥାନା ଅନ୍ତର୍ଗତ ସଲଙ୍ଗାବୁଡ ଗ୍ରାମରେ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଜଣେ ଯୁବକଙ୍କୁ ଲାଠି ଓ ଲୁହାଛଡ଼ରେ ପିଟି ହତ୍ୟା କରାଯାଇଛି । ମୃତକ ହେଲେ ପ୍ରକାଶ ବୀରଗଣ୍ଡିଆ । ତାଙ୍କ ଘର କିଞ୍ଜିରକେଲା ଥାନା ଅନ୍ତର୍ଗତ କୁଲବା ଗ୍ରାମରେ । ଏ ସମ୍ପର୍କରେ ପ୍ରକାଶଙ୍କ କାକା ଭବାନୀ ବୀରଗଣ୍ଡିଆ ଧରୁଆଡିହି ଥାନାରେ ଶନିବାର ଅଭିଯୋଗ କରିଛନ୍ତି । ପୋଲିସ ଏକ ମାମଲା( ନଂ. ୫୯/୨୦) ରୁଜୁ କରି ମୃତଦେହକୁ ଶନିବାର ବ୍ୟବଚ୍ଛେଦ ପାଇଁ ସୁନ୍ଦରଗଡ଼ ଡାକ୍ତରଖାନାକୁ ପଠାଯାଇଛି । ଏହି ହତ୍ୟା ଘଟଣାରେ ପୋଲିସ ପ୍ରକାଶଙ୍କ ୨ ସାଙ୍ଗ କୁଲବା ନୂଆଡିହି ଗ୍ରାମର ଗୁଲଶନ କରାଲି ଓ ଶଙ୍କର କରାଲିଙ୍କ ସହ ସଲଙ୍ଗାବୁଡ ଗ୍ରାମର ତପନ ଗର୍ଡିଆଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି । ଶଙ୍କର ଓ ଗୁଲଶନ ଶୁକ୍ରବାର ପ୍ରକାଶଙ୍କୁ ଘରୁଡାକି ଆଣି ସଲଙ୍ଗାବୁଡ ଯାଇଥିଲେ। ସେଠାରେ ତପନ ଗର୍ଡିଆଙ୍କ ଘରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ପ୍ରକାଶଙ୍କ ସହ ସେମାନଙ୍କ ପାଟିତୁଣ୍ଡ ହୋଇଥିଲା । ୩ ଅଭିଯୁକ୍ତ ତାଙ୍କୁ ଲାଠି ଓ ଲୁହାଛଡରେ ପିଟି ହତ୍ୟା କରିଥିଲେ । ପ୍ରମାଣ ନଷ୍ଟ କରିବା ପାଇଁ ଗ୍ରାମ ନିକଟ ଏକ ଜମିରେ ମୃତଦେହ ପୋତି ଦେଇଥିଲେ ।

## ପ୍ରବାସୀ ଶ୍ରମିକ ପଞ୍ଜୀକରଣ ଲକ୍ଷେ ଟପିଲା

**ବଲାଙ୍ଗୀର ଅଫିସ, ୨।୫**

ରାଜ୍ୟ ବାହାରେ ଥିବା ପ୍ରବାସୀ ଶ୍ରମିକମାନେ ନିଜ ଜିଲାକୁ ଫେରିବା ପାଇଁ ରେଜିଷ୍ଟ୍ରେଶନ ଜାରି ରଖିଛନ୍ତି। ପ୍ରଶାସନ ପକ୍ଷରୁ ମିଳିଥିବା ସୂଚନା ମୁତାବକ ଶନିବାର ସୁଦ୍ଧା କେବଳ ବଲାଙ୍ଗୀର ଜିଲାର ପ୍ରବାସୀ ଶ୍ରମିକ ଓ ଲୋକଙ୍କ ରେଜିଷ୍ଟ୍ରେଶନ ୧ ଲକ୍ଷ ଟପିଯାଇଛି। ଏତେ ସଂଖ୍ୟାରେ ପଞ୍ଜୀକରଣ ଜିଲା ପ୍ରଶାସନର ମୁଣ୍ଡବ୍ୟଥାର କାରଣ ହୋଇଛି। ଏହି ପ୍ରବାସୀ ଶ୍ରମିକମାନେ ଜିଲାକୁ ଫେରିବା ପରେ ସେମାନଙ୍କୁ ୧୪ଦିନିଆ କ୍ୱାରାଣ୍ଟାଇନ୍ ସୁବିଧା ଯୋଗାଇବା ଜିଲା ପ୍ରଶାସନ ପାଇଁ ଚ୍ୟାଲେଞ୍ଜ ହେବା ନିଶ୍ଚିତ।

**ବଲାଙ୍ଗୀର ଜିଲା**

- ଏ ପର୍ଯ୍ୟନ୍ତ ଜିଲାରେ ୨୦ହଜାର କ୍ୱାରାଣ୍ଟାଇନ ଶଯ୍ୟା ସୁବିଧା
- ସଂକ୍ରମଣ ଆଶଙ୍କାରେ ଆତଙ୍କିତ ଜିଲାବାସୀ
- ଧରାପଡ଼ିଲା ଶ୍ରମ ବିଭାଗର ଅପାରଗତା

ଜିଲାର ୨ଟି ମ୍ୟୁନିସିପାଲିଟି, ୩ଟି ଏନ୍ଏସି ଏବଂ ୩୧୭ ଗ୍ରାମପଞ୍ଚାୟତରେ ପ୍ରାୟ ୨୦ହଜାର କ୍ୱାରାଣ୍ଟାଇନ୍ ଶଯ୍ୟା ବ୍ୟବସ୍ଥା କରାଯାଇଛି । ଆନ୍ଧ୍ରପ୍ରଦେଶ, ତାମିଲନାଡୁ, କେରଳ, ମହାରାଷ୍ଟ୍ର, ଗୁଜରାଟ, ଛତିଶଗଡ଼ ଓ ଅନ୍ୟ ରାଜ୍ୟରେ ଥିବା ପ୍ରବାସୀ ଶ୍ରମିକମାନେ ରେଜିଷ୍ଟ୍ରେଶନ କରିଥିବାରୁ ସେମାନଙ୍କୁ କେଉଁ ମାଧ୍ୟମରେ ଅଣାଯିବ ତାହା ସ୍ପଷ୍ଟ ହୋଇନାହିଁ। ରେଳ ଓ ବସ୍ ସୁବିଧା କରାଯିବ ବୋଲି କୁହାଯାଉଥିଲେ ମଧ କେତୋଟି ବସ୍ ଓ ଟ୍ରେନ୍ ଚଳାଚଳ କରିବ ତାହା ସ୍ପଷ୍ଟ ହୋଇନାହିଁ । ଏଣୁ ପ୍ରବାସୀ ଶ୍ରମିକ ଓ ଲୋକେ ପର୍ଯ୍ୟାୟକ୍ରମେ ଆସିବା ଅନୁମାନ କରାଯାଉଛି । ଏହା ହେଲେ ପ୍ରବାସୀ ଶ୍ରମିକ ଓ ଲୋକଙ୍କୁ କ୍ୱାରାଣ୍ଟାଇନ୍ କରିବା ସୁବିଧା ହେବ ବୋଲି ପ୍ରଶାସନିକ ଅଧିକାରୀମାନେ ଚିନ୍ତା କରୁଛନ୍ତି । ରାଜସ୍ଥାନର କୋଟାରେ ପଢୁଥିବା ଜିଲାର ଛାତ୍ରୀଛାତ୍ର ନିଜସ୍ୱ ଉଦ୍ୟମରେ ବସ୍ ଯୋଗେ ଶନିବାର ରାତି ସୁଦ୍ଧା ବଲାଙ୍ଗୀରରେ ପହଞ୍ଚିବେ ବୋଲି ଜଣାଯାଇଛି । ସେ ସମସ୍ତ ଛାତ୍ରୀଛାତ୍ରଙ୍କୁ କ୍ୱାରାଣ୍ଟାଇନରେ ରଖିବା ପାଇଁ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା ସରିଛି। ଇତିମଧ୍ୟରେ ଜିଲାର ଲକ୍ଷାଧିକ ପ୍ରବାସୀ ଶ୍ରମିକଙ୍କ ରେଜିଷ୍ଟ୍ରେଶନ ଜଣାପଡିବା ପରେ ରାଜ୍ୟ ଶ୍ରମ ବିଭାଗ ଓ ଜିଲା ଶ୍ରମ ଅଧିକାରୀ ଓ କର୍ମଚାରୀଙ୍କ ମୁଖା ଖୋଲିଯାଇଛି । ଜିଲା ଶ୍ରମ ଅଧିକାରୀଙ୍କ ତଥ୍ୟ ମୁତାବକ ଚଳିତବର୍ଷ ଜିଲାରୁ ଦାଦନ ସର୍ଦ୍ଦାରଙ୍କ ଜରିଆରେ ଅନ୍ୟ ରାଜ୍ୟକୁ କାମ କରିବାକୁ ଯିବାକୁ ୨୩ ହଜାର ଶ୍ରମିକଙ୍କ ପଞ୍ଜୀକରଣ କରାଯାଇଥିଲା । ସେଥିମଧ୍ୟରୁ ମାତ୍ର ୧୧ ହଜାର ୮ ଶହ ଜଣ ଅନ୍ୟ ରାଜ୍ୟକୁ କାମ କରିବାକୁ ଯାଇଛନ୍ତି ବୋଲି କୁହାଯାଇଥିଲା। ଏବେ ଲକ୍ଷାଧିକ ସଂଖ୍ୟାରେ ପ୍ରବାସୀ ଶ୍ରମିକଙ୍କ ରେଜିଷ୍ଟ୍ରେଶନରୁ ଜିଲା ଶ୍ରମ ବିଭାଗ କିଭଳି ମିଥ୍ୟା ତଥ୍ୟ ପ୍ରଦାନ କରୁଥିଲେ ତାହା ସ୍ପଷ୍ଟ ହେବା ସହ ଦଲାଲ ଜରିଆରେ ବେଆଇନ ଶ୍ରମିକ ଚାଲାଣ ଅଭିଯୋଗ ସ୍ପଷ୍ଟ ହୋଇଥିବା ଚର୍ଚ୍ଚା ଆରମ୍ଭ ହୋଇଯାଇଛି । ଏନେଇ ଜିଲା ଶ୍ରମ ଅଧିକାରୀ ସୁରେଶ ବେହେରାଙ୍କୁ ତାଙ୍କ ମୋବାଇଲ ନଂ ୯୪୩୭୦୧୮୮୧୬୩ରେ ଯୋଗାଯୋଗ କରାଯାଇଥିଲା । ରିଙ୍ଗ୍ ହେବା ସତ୍ତ୍ୱେ ସେ ଫୋନ ରିସଭ କରି ନ ଥିଲେ ।

## ସଂକ୍ଷେପରେ

### କ୍ୱାରାଣ୍ଟାଇନରେ ଖୋର୍ଦ୍ଧାରୁ ଲୁଚି ଆସିଥିବା ୪ ଶ୍ରମିକ

ବୌଦ୍ଧ,୨।୫(ସ୍ୱ.ପ୍ର): କରୋନା ପାଇଁ ସାରା ଦେଶ ଲକ୍‌ଡାଉନରେ ଜାରି ହୋଇଥିବା ବେଳେ ବହୁ ଶ୍ରମିକ ବିଭିନ୍ନ ଉପାୟରେ ଘରକୁ ଫେରୁଥିବାରୁ ପ୍ରଶାସନର ଚିନ୍ତା ବଢ଼ିଯାଇଛି । ଶନିବାର ଖୋର୍ଦ୍ଧାରୁ ୪ ଜଣ ଶ୍ରମିକ ଏକ ଟ୍ରକ୍ ଯୋଗେ ଲୁଚି ଆସି ବୌଦ୍ଧ ସହରରେ ବୁଲୁଥିଲେ। ଏହା ଜଣାପଡିବା ପରେ ପ୍ରଶାସନ ପକ୍ଷରୁ ସେମାନଙ୍କୁ ନେଇ କ୍ୱାରାଣ୍ଟାଇନରେ ରଖାଯାଇଛି। ଉକ୍ତ ୪ ଶ୍ରମିକ ଖୋର୍ଦ୍ଧାର ଏକ ରାଇସ୍ ମିଲ୍‌ରେ କାମ କରୁଥିବା ବେଳେ ସେମାନଙ୍କ ମଧ୍ୟରୁ ୨ ଜଣ ବୌଦ୍ଧ ଜିଲା କୃଷ୍ଣମୋହନପୁର ଓ ଆଉ ଜଣେ ସମ୍ବଲପୁରର ଅଟନ୍ତି । ଶନିବାର ଶ୍ରମିକମାନେ କୃଷ୍ଣମୋହନପୁରକୁ ଚାଲି ଚାଲି ଯାଉଥିବା ବେଳେ ସହକାରୀ ଜିଲାପାଳ ଅବିନାଶ ପାଣ୍ଡିଆ ଓ ଅଧ୍ୟାପକ ପ୍ରବୀର ଦାସ ସେମାନଙ୍କୁ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟ ରାସ୍ତାରୁ ଉଦ୍ଧାର କରି ରାଧାନଗର ପଞ୍ଚାୟତରେ ଥିବା କ୍ୱାରାଣ୍ଟାଇନ ସେଣ୍ଟରରେ ରଖିଛନ୍ତି ।

### ଅନ୍ୟ ରାଜ୍ୟରୁ ଫେରିବାକୁ ୩୩୬୫ଜଣଙ୍କ ପଞ୍ଜୀକରଣ

ଜୁନାଗଡ଼, ୨।୫(ଡି.ଏନ୍.ଏ.): ଲକ୍‌ଡାଉନ ଉଠିବା ପରେ ଓଡ଼ିଶାରୁ ବିଭିନ୍ନ ରାଜ୍ୟରେ ଫସିଥିବା ଶ୍ରମିକ, ଛାତ୍ରୀଛାତ୍ର ଓ ଅନ୍ୟମାନେ ଘରକୁ ଫେରିବେ। ଏ ନେଇ ପଞ୍ଜୀକରଣ କରିବାକୁ ଓଡ଼ିଶା ସରକାର ବାଧ୍ୟତାମୂଳକ କରିଛନ୍ତି। ଗତ ୨୪ତାରିଖଠାରୁ ଏହି ପଞ୍ଜୀକରଣ ଆରମ୍ଭ ହୋଇଛି। ରାଜ୍ୟ ବାହାରେ ଫସିଥିବା ବ୍ୟକ୍ତିଙ୍କ ପାଇଁ ତାଙ୍କ ପରିବାର ସଦସ୍ୟ ଅନ୍‌ଲାଇନ ସହ ଅଫ୍‌ଲାଇନ ଜରିଆରେ ଏବେ ପଞ୍ଜୀକରଣ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଅନ୍ୟ ରାଜ୍ୟରୁ କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଓ ସହରାଞ୍ଚଳରୁ ଫେରିବାକୁ ବର୍ତ୍ତମାନ ଶୁକ୍ରବାର ସୁଦ୍ଧା ୩୩୬୫ଜଣ ପଞ୍ଜୀକରଣ କରିଛନ୍ତି। ସେଥିରୁ ବ୍ଲକ ଅନ୍ତର୍ଗତ ୩୪ ପଞ୍ଚାୟତରେ ୩୩୦୦ ଓ ଜୁନାଗଡ଼ ସହରାଞ୍ଚଳକୁ ୬୫ ରହିଛନ୍ତି। ଲକ୍‌ଡାଉନ ଉଠିବା ପରେ ସେମାନେ ନିଜ ନିଜ ଅଞ୍ଚଳକୁ ଆସିବେ। ଏହାପରେ ସେମାନଙ୍କୁ ୧୪ଦିନ କ୍ୱାରାଣ୍ଟାଇନରେ ରଖାଯିବ ।

### ୩ ସଙ୍ଗରୋଧ କେନ୍ଦ୍ରରୁ ଚୋରି, ଭଙ୍ଗାରୁଜା

ଟିଟିଲାଗଡ଼, ୨।୫ (ଡି.ଏନ.ଏ.) କରୋନା ମହାମାରୀ ନେଇ ବାହାର ରାଜ୍ୟରୁ ଫେରିବାକୁ ଥିବା ଶ୍ରମିକଙ୍କ ସ୍ୱାସ୍ଥ୍ୟର ଯତ୍ନ ଲାଗି ସରକାର କରୋନା ଚିକିତ୍ସା କେନ୍ଦ୍ର ପ୍ରସ୍ତୁତ କରିଛନ୍ତି। ହେଲେ କେତେକ ଅସାମାଜିକ ତତ୍ତ୍ୱ କରୋନା କେନ୍ଦ୍ରରୁ ଚୋରି କରିବା ସହ ଭଙ୍ଗାରୁଜା କରିବା ଆଲୋଚନାର ବିଷୟ ହୋଇଛି। ସୂଚନା ମୁତାବକ ଶୁକ୍ରବାର ରାତିରେ ବଲାଙ୍ଗୀର ଜିଲା ଟିଟିଲାଗଡ ବ୍ଲକ ସିଲୁଆଁ ହାଇସ୍କୁଲ ସଙ୍ଗରୋଧ କେନ୍ଦ୍ରରୁ ଇନଭର୍ଟର, ଆକ୍ୱାଗାର୍ଡ ଆଦି ଚୋରି ହୋଇଯାଇଥିବା ଅଭିଯୋଗ ହୋଇଛି। ମାର୍ଲାଡ ପଞ୍ଚାୟତ ସଙ୍ଗରୋଧ କେନ୍ଦ୍ରର ଝରକା ଭାଙ୍ଗି ଚୋରି ଉଦ୍ୟମ ହୋଇଛି। ଅନ୍ୟପକ୍ଷରେ ବାଙ୍କିପଦର ପଞ୍ଚାୟତରେ ଦୁର୍ବୃତ୍ତମାନେ ଭଙ୍ଗାରୁଜା କରିଛନ୍ତି। ଛାତ ଉପରେ ଥିବା ନୂଆ ସିଣ୍ଟେକ୍ସ ପାଣି ଟାଙ୍କି ଢାଙ୍କୁଣି ଫିଙ୍ଗି ଦେବା ସହ ପାଇପ ସଂଯୋଗ କାଟି ଦେଇଛନ୍ତି। ଲାଟ୍ରିନକୁ ଯାଇଥିବା ପାଇପ, ପାଣି ଟ୍ୟାପ ଭଙ୍ଗାଭଙ୍ଗି କରାଯାଇଥିବା ସରପଞ୍ଚ ନବକିଶୋର ନାୟକ ଜଣାଇଛନ୍ତି। ଟିଟିଲାଗଡ ବ୍ଲକ ଅଞ୍ଚଳର ୨୪ ପଞ୍ଚାୟତରେ ୨୫ଟି କରୋନା ସଙ୍ଗରୋଧ କେନ୍ଦ୍ରରେ କେହି ରହୁନାହାନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

# କଣ୍ଟେନମେଣ୍ଟ ଜୋନ୍‌ରେ ୨୨ଗାଁ

**ବଲାଙ୍ଗୀର ଅଫିସ/ଗୁଡଭେଲା, ୨।୫(ଡି.ଏନ୍.ଏ.)**

## ବଲାଙ୍ଗୀରରେ କରୋନା ପଜିଟିଭ ଚିହ୍ନଟ ପରେ କାର୍ଯ୍ୟାନୁଷ୍ଠାନ



ଲିଖିରିଆ ଗାଁରେ ଅଗ୍ନିଶମ ଓ ପୌର ବିଭାଗ ପକ୍ଷରୁ ସାନିଟାଇଜେଶନ୍ କରାଯାଉଛି ।

- କୋଭିଡ୍ ହସ୍ପିଟାଲରେ ଦୁଇ ସଂକ୍ରମିତଙ୍କ ଚିକିତ୍ସା
- ଲିଖିରିଆ ଗାଁରେ ଆରମ୍ଭ ହେଲା ସାନିଟାଇଜେଶନ
- ସିଲ୍ ହେଲା ସଂଯୋଗ କରୁଥିବା ୬ ରାସ୍ତା
- କଣ୍ଟେନମେଣ୍ଟ ୪୮ ଘଣ୍ଟା ପର୍ଯ୍ୟନ୍ତ ବଳବତ୍ତର ରହିବ

ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ରୁଷୁଡା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଲିଖିରିଆ ଗାଁର ଦୁଇ ଯୁବକଙ୍କ ସ୍ୱାବ୍‌ଟେଷ୍ଟ ଶୁକ୍ରବାର ପଜିଟିଭ ଚିହ୍ନଟ ହୋଇଥିଲା। ଉଭୟ ଯୁବକ ପ୍ରବାସୀ ଶ୍ରମିକଭାବେ ତାମିଲନାଡୁ ଯାଇଥିଲେ। ସେମାନେ ମାର୍ଚ୍ଚ ୧୭ତାରିଖରେ ସେଠାରୁ ନିଜ ଗାଁ ଲିଖିରିଆକୁ ଫେରିଥିଲେ। ଉଭୟ ସଂକ୍ରମିତଙ୍କୁ ବଲାଙ୍ଗୀର କିସ୍ କ୍ୟାମ୍ପସ୍ ପରିସରସ୍ଥ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଜିଲାରେ କରୋନା ସଂକ୍ରମିତ ଘଟଣା ଜଣାପଡିବା ପରେ ପ୍ରଶାସନ ପକ୍ଷରୁ ତ୍ୱରିତ୍ ଆନୁଷଙ୍ଗିକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଜିଲାପାଳ ଅରିନ୍ଦମ ଡାକୁଆଙ୍କ ନିର୍ଦ୍ଦେଶକ୍ରମେ ଲିଖିରିଆ ଗାଁ, ତୁଷରା ଏନ୍‌ଏସିର ତୁଷରା, ନଅଗାଁ, ଖର୍ଡା, ଟିଙ୍କିରିପଡା ସମେତ ଗୁଡଭେଲା ବ୍ଲକର ୩ ପଞ୍ଚାୟତର ସିନ୍ଦିରାବହାଲି, ତେବଡାମୁଣ୍ଡା, ରୁଷୁଡା, ବର୍ଲା, ଚାଣ୍ଟିପଦର, ପିପଲମୁଣ୍ଡା ଓ ଦେଓଗାଁ ବ୍ଲକର ୭ ପଞ୍ଚାୟତର ଚନ୍ଦ୍ରପୁର, ମଦନାପାଲି, ସାଗରପାଲି, ଦେଓଗାଁ, ଜରାସିଂହା, ବରକାନୀ, ମହାକୁଡପାଲି, ସାରସବାହାଲ, କୁତୁର୍ଲା, ପାଣ୍ଡେଲ, ବଡ଼ଡୁଙ୍ଗୁରିପାଲି ଓ ଉଡାର ଗାଁକୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଛି । ପୋଲିସ ପ୍ରଶାସନ ପକ୍ଷରୁ କଣ୍ଟେନମେଣ୍ଟ ଜୋନକୁ ସଂଯୋଗ କରୁଥିବା ବିଭିନ୍ନ ରାସ୍ତାକୁ ସିଲ୍ କରିଦିଆଯାଇଛି।

ଏହି କଣ୍ଟେନମେଣ୍ଟ ଜୋନ୍‌ରେ କୌଣସି ପ୍ରକାର ଯାନବାହନ, ମାଲବାହୀ ଯାନ ଓ ଜନସାଧାରଣଙ୍କ ଯାତାୟାତକୁ ବାରଣ କରାଯାଇଛି । ଏହି ଅଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କୁ ଘରେ ରହିବାକୁ ପରାମର୍ଶ ଦିଆଯାଇଛି । କଣ୍ଟେନମେଣ୍ଟ ଜୋନ୍‌ରେ ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନକୁ ବନ୍ଦ ଘୋଷଣା କରାଯାଇଛି। ଏହି କଣ୍ଟେନମେଣ୍ଟ ୪୮ ଘଣ୍ଟା ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ଜିଲାପାଳ ଡାକୁଆ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ କାର୍ଯ୍ୟକ୍ରମ ଅନୁଧ୍ୟାନ ପାଇଁ ବିଭିନ୍ନ ଅଧିକାରୀ ଓ କର୍ମଚାରୀଙ୍କୁ ଭିନ୍ନ ଭିନ୍ନ ଦାୟିତ୍ୱ ଦିଆଯାଇଛି । ବଲାଙ୍ଗୀର ଉପଜିଲାପାଳଙ୍କ ଅଫିସରେ ଏକ କଣ୍ଟ୍ରୋଲ ରୁମ୍ ଖୋଲିବାକୁ ଉପଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇ କଣ୍ଟେନମେଣ୍ଟ ଅଞ୍ଚଳର ଲୋକଙ୍କ ଜରୁରୀ ଔଷଧ ଓ ଗ୍ରୋସରି ସାମଗ୍ରୀ ବିଷୟ ଅନୁଧ୍ୟାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅପରପକ୍ଷରେ ରାପିଡ୍ ରେସପନ୍ସ ଟିମ୍ ଓ ଅନ୍ୟ ମେଡିକାଲ ଟିମ୍ ଲିଖିରିଆ ଗାଁରେ ପହଞ୍ଚି ସଂକ୍ରମିତଙ୍କ ସଂସ୍ପର୍ଶ ତାଲିକା ଓ ଭ୍ରମଣ ଇତିହାସ ସଂଗ୍ରହ କରିଛି । ଶନିବାର ସକାଳୁ ଲିଖିରିଆ ଗାଁରେ ଅଗ୍ନିଶମ ବିଭାଗ ଓ ପୌର ସଂସ୍ଥା କର୍ମଚାରୀ ପହଞ୍ଚି ସାନିଟାଇଜେଶନ କାମ ଆରମ୍ଭ କରିଛନ୍ତି।

### ୪୫ ଦିନ ପରେ ଜଣାପଡ଼ିଲା କରୋନା ସଂକ୍ରମଣ

**ବଲାଙ୍ଗୀର ଅଫିସ, ୨।୫**

ବଲାଙ୍ଗୀର ଜିଲା ଲିଖିରିଆ ଗାଁର ଦୁଇ କୋଭିଡ୍-୧୯ ପଜିଟିଭ ଯୁବକଙ୍କ ସଂକ୍ରମଣ ସମ୍ପର୍କରେ ଶୁକ୍ରବାର ସୂଚନା ମିଳିଥିଲା । ଏହି ଦୁଇ ଯୁବକ ତାମିଲନାଡୁରୁ ମାର୍ଚ୍ଚ ୧୭ ତାରିଖରେ ନିଜ ଗାଁ ଲିଖିରିଆ ଫେରିଥିଲେ । ଏପ୍ରିଲ ୨୮ ତାରିଖରେ ଉଭୟ ଯୁବକଙ୍କ ସ୍ୱାବ୍ ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଥିଲା । ମେ ୧ ତାରିଖରେ ଉଭୟେ କରୋନା ସଂକ୍ରମିତ ଚିହ୍ନଟ ହୋଇଥିଲେ । ତାମିଲନାଡୁରୁ ଫେରିବାର ୪୫ ଦିନ ପରେ ଉଭୟ ଯୁବକ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଏହିଦିନ ମଧ୍ୟରେ ଯୁବକ ଦ୍ୱୟ ନିଜ ପରିବାର ଲୋକଙ୍କ ସହ ଗାଁ, ଆଖପାଖ ଗାଁ, ବଲାଙ୍ଗୀର ଓ ଅନ୍ୟ ସ୍ଥାନକୁ ଯାତ୍ରା କରିଥିବା ଚର୍ଚ୍ଚାର ବିଷୟ ହୋଇଛି । ଦୀର୍ଘ ୪୫ଦିନ ପରେ ସେମାନଙ୍କ ସଂକ୍ରମଣ ଜଣାପଡିଥିବାରୁ ସେମାନଙ୍କ ସଂସ୍ପର୍ଶ ତାଲିକା ପ୍ରସ୍ତୁତ କରିବା ଚ୍ୟାଲେଞ୍ଜ ହୋଇପଡିଛି । ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ଟିମ୍ ଉଭୟ ସଂକ୍ରମିତଙ୍କ ସବିଶେଷ ସୂଚନା ସଂଗ୍ରହ କରିବାକୁ ଚେଷ୍ଟା ଚଳାଇଛନ୍ତି । ଲିଖିରିଆ ଗାଁରୁ ୫୩ ଜଣଙ୍କ ସ୍ୱାବ୍ ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଛି । ଏହାସହିତ ଲିଖିରିଆ ଓ ଆଖପାଖ ଗାଁରେ କରୋନା ଯୋଦ୍ଧାମାନେ କାଶ, ଜ୍ୱର, ସର୍ଦ୍ଦି ଓ ଅନ୍ୟାନ୍ୟ ଲକ୍ଷଣ ଥିବା ଲୋକଙ୍କ ତଥ୍ୟ ସଂଗ୍ରହ କରାଯାଉଛି। ସେମାନଙ୍କ ମଧ୍ୟରୁ ସନ୍ଦିଗ୍ଧ ଲୋକଙ୍କ ସ୍ୱାବ୍ ସଂଗ୍ରହ ଶନିବାର ମଧ୍ୟ ଜାରି ରହିଛି।

# ୧୧ରୁ ରବିଧାନ ସଂଗ୍ରହ

**ସମ୍ବଲପୁର,୨।୫ (ବ୍ୟୁରୋ)**

**ସମ୍ବଲପୁର ଜିଲା**
- ଧାନ ସଂଗ୍ରହ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି
- ଜିଲାରେ ମଣ୍ଡି ସଂଖ୍ୟା ବୃଦ୍ଧି
- ସାମାଜିକ ଦୂରତାକୁ ପ୍ରାଧାନ୍ୟ

ସମ୍ବଲପୁର ଜିଲାରେ ମେ ୧୧ ତାରିଖରୁ ରବି ଧାନ ସଂଗ୍ରହ ଆରମ୍ଭ ହେବ। ଜିଲାର ମୋଟ୍ ୫୧ଟି କେନ୍ଦ୍ରରୁ ୩୦ଟି ପ୍ୟାକ୍ସ ଧାନ କିଣିବେ । ପ୍ରତି କେନ୍ଦ୍ରରେ ସାମାଜିକ ଦୂରତ୍ୱ ରକ୍ଷା କରାଯିବ। ପ୍ରତିଦିନ ୩୦ରୁ ୩୫ଜଣ ଚାଷୀ ଧାନ ବିକ୍ରି କରିପାରିବେ ବୋଲି ଜିଲାସ୍ତରୀୟ ଧାନ ସଂଗ୍ରହ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ହୋଇଛି। ଶନିବାର ଜିଲାପାଳ ଶୁଭମ ସକ୍‌ସେନାଙ୍କ ଅଧ୍ୟକ୍ଷତା ଅନୁଷ୍ଠିତ ଏହି ବୈଠକରେ ରେଙ୍ଗାଲି ବିଧାୟକ ନାଉରୀ ନାଏକ, କୁଚିଣ୍ଡା ବିଧାୟକ କିଶୋର ନାଏକ, ଜିଲା ପରିଷଦ ଅଧ୍ୟକ୍ଷ ରାଧେଶ୍ୟାମ ବାରିକ, ଚାଷୀ ପ୍ରତିନିଧି ଅଶୋକ ପ୍ରଧାନ, ବ୍ୟୋମକେଶ ଠାକୁର, ଜିଲା କୃଷି ମୁଖ୍ୟ ଅଧିକାରୀ ଏସ. କେ ରାୟ, ସିଏସ୍‌ଓ ରଞ୍ଜନ ସେଠ, ଏସିଏସ୍‌ଓ ସୁହାଂଶ ଭୋଇ, ଡିଆର୍‌ସିଏସ୍ ଲିଙ୍ଗରାଜ ନାଏକ ପ୍ରମୁଖ ଉପସ୍ଥିତ ଥିଲେ ।

ସମ୍ବଲପୁର ଜିଲାରେ ଚଳିତ ବର୍ଷ ୧୩ ହଜାର ୯୦୫ ଚାଷୀ ପଞ୍ଜୀକରଣ କରିଛନ୍ତି। ଜିଲାରେ ଏକର ପିଛା ୨୮.୦୫ କୁଇଣ୍ଟାଲ ଧାନ ସଂଗ୍ରହ ପାଇଁ କୃଷି ବିଭାଗ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ଏଫଏକ୍ୟୁ ଧାନର ମୂଲ୍ୟ କୁଇଣ୍ଟାଲ ପ୍ରତି ୧୮୧୫ ଏବଂ ଗ୍ରେଡ ଏ ଧାନର ମୂଲ୍ୟ ୧୮୩୫ ଟଙ୍କା ରହିଛି। ଏକ ମାସ ଭିତରେ ଧାନ ସଂଗ୍ରହ କରିବାର ଲକ୍ଷ୍ୟ ରହିଛି। ବିଗତ ବର୍ଷ ରବି ଋତୁ ସମୟରେ ୧୮ଟି ମଣ୍ଡିରେ ଧାନ ସଂଗ୍ରହ ହେଉଥିଲା। ହେଲେ କରୋନା ପାଇଁ ସାମାଜିକ ଦୂରତା ପାଳନ କରିବାକୁ ଚଳିତ ବର୍ଷ ଏହା ୩୦କୁ ବୃଦ୍ଧି ପାଇଛି । ଅନ୍‌ଲାଇନ ଟୋକନ ବ୍ୟବସ୍ଥା ଅନୁସାରେ ଧାନ ସଂଗ୍ରହ ହେବ। ପୂର୍ବରୁ ଟୋକନରେ ଦିଆଯାଇଥିବା ତାରିଖରୁ ୧୫ ଦିନ ପର୍ଯ୍ୟନ୍ତ ଚାଷୀଙ୍କୁ ଧାନ ବିକ୍ରି ଅନୁମତି ଥିଲା। ଏଥିଯୋଗୁ ସୃଷ୍ଟି ହୋଇଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଚାଷୀମାନେ ବୈଠକରେ ଆଲୋଚନା କରିଥିଲେ। ଚାଷୀଙ୍କ ପ୍ରସ୍ତାବକୁ ରାଜ୍ୟ ସରକାରଙ୍କୁ ଦିଆଯିବ ଏବଂ ସେହି ଅନୁସାରେ ଅନ୍ତିମ ନିଷ୍ପତ୍ତି ନିଆଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି । କିନ୍ତୁ ମଣ୍ଡିରେ କ୍ରୟ ବିକ୍ରୟ ଦାୟିତ୍ୱରେ ଥିବା କର୍ମଚାରୀ, ମିଲ୍ ମାଲିକଙ୍କ ସହିତ କେବଳ ଅନୁମତିପ୍ରାପ୍ତ ଚାଷୀ, ଗାଡି ଚାଳକ ଏବଂ ହେଲ୍‌ପର ରହିବେ। ଅନ୍ୟ କାହାକୁ ମଣ୍ଡି ଭିତରେ ରହିବା ପାଇଁ ଅନୁମତି ଦିଆଯିବ ନାହିଁ ବୋଲି ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ସକାଳ ୭ରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଧାନ ସଂଗ୍ରହ ହେବ। ଚାଷୀମାନଙ୍କ ପାଇଁ ପ୍ରତୀକ୍ଷାଳୟ, ଲୋଡିଂ, ଅନଲୋଡିଂ ପାଇଁ ବିଭିନ୍ନ ଜୋନ୍ କରାଯିବ। ପ୍ରତ୍ୟେକ ଜୋନର ଦୂରତା ୩ ମିଟର ରହିବ। କେନ୍ଦ୍ରମାନଙ୍କରେ ଧୂମପାନ, ଛେପ ପକାଇବାକୁ ନିଷେଧ କରାଯାଇଛି । ବିନା ମାସ୍କରେ କେହି ମଣ୍ଡିକୁ ଆସିବେ ନାହିଁ । କୌଣସି ବ୍ୟକ୍ତିଙ୍କୁ ଥଣ୍ଡା, ଜ୍ୱର କିମ୍ବା କାଶ ହୋଇଥିଲେ ସ୍ୱାସ୍ଥ୍ୟ ବିଭାଗକୁ ପଠାଯିବ। ସାନିଟାଇଜ ବ୍ୟବସ୍ଥା ହେବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

## ଭାଇଙ୍କ ଦେଶୀ ପିସ୍ତଲ ହେଲା କାଳ

**ରାଣୀ ବଗିଚା ଯୁବତୀ ମୃତ୍ୟୁ ଘଟଣାର ପର୍ଦ୍ଦାଫାଶ୍**

**ସୁନ୍ଦରଗଡ଼,୨।୫ (ଡି.ଏନ୍.ଏ.)**

ସୁନ୍ଦରଗଡ଼ ଟାଉନ ଥାନା ଅନ୍ତର୍ଗତ ରାଣୀ ବଗିଚାରେ ଗତ ୩୦ତାରିଖ ରାତିରେ ରେଣୁକା ନାଗ(୨୫) ନାମ୍ନୀ ଜଣେ ଯୁବତୀଙ୍କୁ ତାଙ୍କ ଘର ଭିତରୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରାଯାଇଥିଲା । ସୁନ୍ଦରଗଡ ଡାକ୍ତରଖାନାରେ ଭର୍ତ୍ତି କରିବାର କିଛି ସମୟ ମଧ୍ୟରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା । ନିଜ ଘର ବାକ୍ସରେ ଥିବା ଏକ ଦେଶୀ ପିସ୍ତଲରୁ ଗୁଳି ଫୁଟି ତାଙ୍କର ମୃତ୍ୟୁ ଘଟିଥିବା ଶନିବାର ଏସ୍‌ପି ସୌମ୍ୟା ମିଶ୍ରା ସ୍ପଷ୍ଟ କରିଛନ୍ତି । ପୋଲିସ ସେହି ଦେଶୀ ପିସ୍ତଲ ଓ ଗୁଳି ଜବତ କରିଛି । ମୃତା ଯୁବତୀଙ୍କ ବଡଭାଇ ଯଶୋବନ୍ତ ନାଗ (୩୨)ଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି । ଯଶୋବନ୍ତ ବେଆଇନ୍ ଭାବେ ଏହି ଦେଶୀ ପିସ୍ତଲକୁ ନିଜ ଘରେ ଏକ ବାକ୍ସରେ ରଖିଥିଲେ । ସେଦିନ ରାତିରେ ପରିବାର ଲୋକେ ଖାଇ ସାରି ବସିଥିଲେ । ଏହି ସମୟରେ ରେଣୁକା ଅନ୍ୟ ଏକ କୋଠରିରେ ଥିବା ବାକ୍ସକୁ ଖୋଲୁଥିବା ବେଳେ ଯଶୋବନ୍ତ ସେଥିରେ ଥିବା ପିସ୍ତଲ ଅଛି କି ନାହିଁ ଦେଖିଥିଲେ। ସେ ଗୁଳି ଭରା ପିସ୍ତଲକୁ ହାତରେ ଧରି ଯଶୋବନ୍ତ ଦେଖୁଥିବା ବେଳେ ହଠାତ୍ ଟ୍ରିଗରରେ ହାତ ବାଜିଯିବାରୁ ଏହା ଫୁଟି ରେଣୁକାଙ୍କ ଛାତିରେ ପଶି ଯାଇଥିଲା । ଝିଅର ଚିତ୍କାର ଶୁଣି ପରିବାର ଲୋକେ ଘର ଭିତରକୁ ଯାଇ ରକ୍ତ ଜୁଡୁବୁଡୁ ଅବସ୍ଥାରେ ରେଣୁକାକୁ ଉଦ୍ଧାର କରି ଡାକ୍ତରଖାନାକୁ ନେଇଥିଲେ । ହେଲେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା । ଏନେଇ ଟାଉନ ଥାନାରେ ଏକ ମାମଲା(ନଂ.୧୧୪/୨୦) ରୁଜୁ ହୋଇଛି।

## ୨୧୧ ଅମାନିଆ ଗଣିଲେ ୪୨,୭୦୦ ଟଙ୍କା

**ବରଗଡ଼ ଅଫିସ୍/ବିଜେପୁର(ଡି.ଏନ.ଏ.),୨।୫**

କରୋନା(କୋଭିଡ୍-୧୯) ଭୂତାଣୁ ସଂକ୍ରମଣକୁ ପ୍ରତିହତ କରିବା ପାଇଁ ଲକ୍‌ଡାଉନ୍ କଟକଣା ଲାଗୁ ହୋଇଥିବାବେଳେ ମାସ୍କ ପିନ୍ଧିବା ଏବଂ ସାମାଜିକ ଦୂରତ୍ୱ ଅବଲମ୍ବନ କରିବାକୁ ଗୁରୁତ୍ୱ ଦିଆଯାଉଛି । ମାତ୍ର କେତେକ ସ୍ଥଳେ ଲୋକେ ଏହାକୁ ଉଲ୍ଲଂଘନ କରୁଥିବା ମଧ୍ୟ ଦେଖିବାକୁ ମିଳୁଛି । ଫଳରେ ସମ୍ପୃକ୍ତ ଅମାନିଆମାନଙ୍କଠାରୁ ଜୋରିମାନା ଅସୁଲି କରାଯାଉଛି । ଶୁକ୍ରବାର ଏଭଳି ଭାବେ ୨୧୧ଜଣ ଅମାନିଆଙ୍କଠାରୁ ମୋଟ୍ ୪୨ହଜାର ୭୦୦ ଟଙ୍କା ଜରିମାନା ଆଦାୟ ହୋଇଥିବା ସୂଚନା ମିଳିଛି । ସେଥିମଧ୍ୟରୁ ମାସ୍କ ପିନ୍ଧି ନ ଥିବା ଯୋଗୁ ୨୦୭ ଜଣଙ୍କଠାରୁ ୪୦ହଜାର ୭୦୦, ସାମାଜିକ ଦୂରତ୍ୱ ଉଲ୍ଲଂଘନ ଯୋଗୁ ୨ଜଣଙ୍କଠାରୁ ୧ହଜାର, କଟକଣା ସତ୍ତ୍ୱେ ଦୋକାନ ଖୋଲିଥିବା ଯୋଗୁ ୨ଜଣଙ୍କଠାରୁ ୧ହଜାର ଟଙ୍କା ଜରିମାନା ଅସୁଲି ହୋଇଛି।

## ସାଇକେଲରେ ବିହାର ଗଲେ ୧୦ ଶ୍ରମିକ


ଶ୍ରମିକମାନେ ସାଇକେଲ ଯୋଗେ ବିହାର ରାଜ୍ୟକୁ ଫେରୁଛନ୍ତି ।

**ବରଗଡ଼ ଅଫିସ୍,୨।୫**

ଲକ୍ ଡାଉନ୍ ଯୋଗୁ ପ୍ରବାସୀ ଶ୍ରମିକଙ୍କ ଚିନ୍ତା ବଢ଼ିଯାଇଛି । ରୋଜଗାର ବନ୍ଦ ହୋଇ ପଡ଼ିଥିବାବେଳେ ସେମାନେ ଘରକୁ ଫେରିପାରୁ ନାହାନ୍ତି । ଅନ୍ୟପଟେ ସେମାନେ ଯେଉଁ ସ୍ଥାନରେ ଅଛନ୍ତି ସେଠାରେ ମଧ୍ୟ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏପରିକି ଗାଡ଼ି ମୋଟର, ରେଳ ଚଳାଚଳ ବନ୍ଦ ଥିବାରୁ ଶ୍ରମିକମାନେ ଚାଲିଚାଲି କିମ୍ବା ସାଇକେଲ ଯୋଗେ ଘରକୁ ଫେରୁଥିବା ପରିଲକ୍ଷିତ ହୋଇଛି । ଏଭଳି ଭାବେ ଶନିବାର ବଲାଙ୍ଗୀର ଜିଲା ହରିଶଙ୍କର ଅଞ୍ଚଳରୁ ବିହାର ରାଜ୍ୟର ନିଜ ଘରକୁ ୧୦ଜଣ ଶ୍ରମିକ ସାଇକେଲ ଯୋଗେ ଫେରୁଥିବା ଦେଖିବାକୁ ମିଳିଥିଲା। ସେମାନେ ଫେରିବା ବାଟରେ ବରଗଡ଼ରେ ଭାଜପା ନେତା, କର୍ମୀମାନେ ସେମାନଙ୍କୁ ଦଳୀୟ କାର୍ଯ୍ୟାଳୟକୁ ନେଇ ସେମାନଙ୍କୁ ଖାଦ୍ୟ ଓ ପାନୀୟ ବ୍ୟବସ୍ଥା ସହିତ ରାଶନ ସାମଗ୍ରୀ ପ୍ରଦାନ କରିଥିଲେ। ଏହାପରେ ସମ୍ପୃକ୍ତ ଶ୍ରମିକମାନେ ସାଇକେଲ ଯୋଗେ ପୁଣି ବିହାର ଅଭିମୁଖେ ଯାତ୍ରା କରିଥିଲେ ।

# ଭୟ ଭିତରେ ଉତ୍ସାହିତ ମୁଣ୍ଡେରବାସୀ

**ସମ୍ବଲପୁର,୨।୫(ବ୍ୟୁରୋ)**




କରୋନା କଟକଣା ଓ ଲକ୍‌ଡାଉନ ପରେ ଅନ୍ୟ ରାଜ୍ୟରେ ଥିବା ଶ୍ରମିକମାନଙ୍କ ପରିବାର ବର୍ଗଙ୍କୁ ଆଶ୍ୱସ୍ତି ମିଳିଛି। ସରକାର ସେମାନଙ୍କୁ ଫେରାଇ ଆଣିବା ବ୍ୟବସ୍ଥା କରିବା ପରେ ପରିବାର ବର୍ଗ ଉତ୍ସାହିତ ହୋଇ ପଡିଛନ୍ତି। ହେଲେ ସେମାନଙ୍କ ମଧ୍ୟରେ ଯେତିକି ଉତ୍ସାହ ରହୁଛି ମନରେ ସେତିକି ଭୟ ମଧ୍ୟ ରହୁଛି। ପରିବାର ଲୋକେ ପ୍ରଶାସନ ପାଖରେ ପଞ୍ଜୀକରଣ କରି ଶ୍ରମିକଙ୍କ ଫେରିବା ବାଟକୁ ଚାହିଁ ବସିଛନ୍ତି । କରୋନା ଭୟ ଓ ଲମ୍ବାରାସ୍ତା ଦେଇ ଆସୁଥିବାରୁ ସେମାନେ ଚିନ୍ତାରେ ପଡିଯାଇଛନ୍ତି। ଏହାସତ୍ତ୍ୱେ ବାହାରୁ ଫେରୁଥିବା ଶ୍ରମିକମାନେ ନିଜ ପରିବାରବର୍ଗଙ୍କୁ ଆଖି ସମ୍ମୁଖରେ ଦେଖି ପାରିବେ, ଏଥିପାଇଁ ଯୁଯୁମୁରା ବ୍ଲକ ମୁଣ୍ଡେର ଗ୍ରାମ ତୁରୀପଡାବାସୀଙ୍କ ମନରେ ଉତ୍କଣ୍ଠା ପ୍ରକାଶ ପାଇଛି । ମନରେ ଭୟ ରହିଥିଲେ ମଧ୍ୟ ସେମାନଙ୍କ ମଧ୍ୟରେ ଅସୀମ ଉତ୍ସାହ ଦେଖିବାକୁ ମିଳିଛି ।

ପଡାବାସୀଙ୍କ କହିବା ଅନୁସାରେ, ତୁରୀପଡା ଓ ନୂଆପଡାରେ ୪୦ ପରିବାର ବସବାସ କରୁଛନ୍ତି। ସେମାନେ ବାଉଁଶ ସାମଗ୍ରୀ ତିଆରି କରି ଗୁଜୁରାଣ ମେଣ୍ଟାଇଥାନ୍ତି। ହେଲେ ବର୍ତ୍ତମାନ ବାଉଁଶ ସାମଗ୍ରୀରେ ରୋଜଗାର ହେଉ ନ ଥିବାରୁ ସେମାନେ ବାଧ୍ୟ ହୋଇ ରାଜ୍ୟ ବାହାରକୁ କାମ କରିବାକୁ ଯାଉଛନ୍ତି। ଚଳିତବର୍ଷ ପଡାର ଏହି ପଡାର ପ୍ରାୟ ୩୮ଜଣ ଶ୍ରମିକ ଏଜେଣ୍ଟ ମାଧ୍ୟମରେ ତେଲେଙ୍ଗାନା ରାଜ୍ୟର ନାଲାକୁଣ୍ଡା ଇଟାଭାଟିରେ କାମ କରୁଛନ୍ତି। ସେମାନେ ସେଠାରେ ଠିକ୍ ଭାବେ ଅଛନ୍ତି। କାମ ବନ୍ଦ ହୋଇଯାଇଥିଲେ ମଧ୍ୟ ଭାଟି ମାଲିକ ଖାଇବା ଓ ରହିବା ବ୍ୟବସ୍ଥା କରିଛନ୍ତି । ହେଲେ ମଧ୍ୟ ମଜୁରୀ ଟଙ୍କା ଦେଉନାହାନ୍ତି ବୋଲି ପଡାର ଭୁତୁଲ କର, ବିରଞ୍ଚି କର, ପ୍ରଦୀପ ବାଗ, ମଞ୍ଜୁ କର, ବିଜଳି ରଣ, ଲଳିତା ନାଏକ ପ୍ରମୁଖ କହିଛନ୍ତି। ଏ ସମୟରେ କରୋନା ଭୟ ରହୁଛି। ଆମେ ପଞ୍ଚାୟତରେ ସମସ୍ତ ଶ୍ରମିକଙ୍କ ପଞ୍ଜୀକରଣ କରିଛୁ। ସେମାନଙ୍କୁ ଶୀଘ୍ର ଫେରାଇ ଅଣାଯିବ ବୋଲି ଝଙ୍କରପାଲି ସରପଞ୍ଚ ସୁରେଶ୍ୱର ମାଝୀ ପ୍ରତିଶ୍ରୁତି ଦେଇଛନ୍ତି ।


ବନବିଭାଗ ଜବତ କରିଥିବା କାଠଗଣ୍ଡି ଓ ଡଙ୍ଗା ।

## କାଠପଟା, ନିର୍ମାଣାଧୀନ ଡଙ୍ଗା ଜବତ

**ମନମୁଣ୍ଡା, ୨।୫ (ଡି.ଏନ.ଏ)**

ବୌଦ୍ଧ ଜିଲା ମନମୁଣ୍ଡା ରେଞ୍ଜ ରକ୍ସା (ଦହ୍ୟା) ପଞ୍ଚାୟତ ଅନ୍ତର୍ଗତ ଅମୁର୍ଡା ମହାନଦୀ କୂଳରେ ଚୋରା କାଠରେ ଡଙ୍ଗା ତିଆରି ଚାଲିଥିବା ସୂଚନା ପାଇ ମନମୁଣ୍ଡା ବନ ବିଭାଗ ପକ୍ଷରୁ ଶନିବାର ସକାଳ ସାଢେ ୮ଟାରେ ଚଢାଉ କରାଯାଇଥିଲା । ଚଢାଉରେ ଏକ ବଡ ଶାଳକାଠ ଗଣ୍ଡି, ୨୦ ଫାଳ ପଟା ଏବଂ ଏକ ନିର୍ମାଣାଧୀନ ଡଙ୍ଗାକୁ ଜବତ କରାଯାଇଛି। ଅଭିଯୁକ୍ତ ଫେରାର ଅଛନ୍ତି। ମନମୁଣ୍ଡା ରେଞ୍ଜ ଅଫିସର ନାରାୟଣ ସ୍ୱାଇଁଙ୍କ ନେତୃତ୍ୱରେ ଏହି ଚଢାଉ କରାଯାଇଥିଲା।

## ସଂକ୍ଷେପରେ

### ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର

ଜୟପୁର,୨।୫(ଡି.ଏନ୍.ଏ.): କୋରାପୁଟ ଜିଲା ଜୟପୁର ସହରର ବେଢ଼ାସାହିର ଯୁବକ ପ୍ରଦୀପ ମାଳି (୨୮) ଗତ ଗୁରୁବାର କେନାଲକୁ ଗାଧୋଇବାକୁ ଯାଇ ନିଖୋଜ ହୋଇଛନ୍ତି। ଅଗ୍ନିଶମ ବିଭାଗ ଖୋଜାଖୋଜି କରିଥିଲେ ମଧ ତାଙ୍କର କୌଣସି ସନ୍ଧାନ ମିଳି ନ ଥିଲା। ଶୁକ୍ରବାର ଓଡ୍ରାଫ ଓ ଅଗ୍ନିଶମ ବିଭାଗ ମିଳିତ ଭାବେ ଖୋଜାଖୋଜି କରିବା ବେଳେ ପ୍ରଦୀପଙ୍କ ମୃତଦେହ ଉଦ୍ଧାର ହୋଇଛି। ଉଲ୍ଲେଖଯୋଗ୍ୟ, ମୃତ ଯୁବକ କୋଲାବ ଜଳଭଣ୍ଡାର ପୁରୁଣାଗଡ଼ କେନାଲ ତୁଠକୁ ଗାଧୋଇବାକୁ ଯାଇ ନିଖୋଜ ହୋଇଥିଲେ। ସେଠାରୁ ଦେଢ଼ କିଲୋମିଟର ଦୂର ଗଡ଼ପଦର ରାସ୍ତା ଫାଟକ ନିକଟରୁ ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଏନେଇ ଥାନାରେ ଅପମୃତ୍ୟୁ ମାମଲା ରୁଜୁ ହେବା ସହ ତଦନ୍ତ ଚାଲିଛି।

### ନିଆଁରେ ପୋଡ଼ି ଶିଶୁ ଗୁରୁତର

ନନ୍ଦପୁର,୨।୫(ଡି.ଏନ୍.ଏ.): କୋରାପୁଟ ଜିଲା ନନ୍ଦପୁର ବ୍ଲକ ହିକିଂପୁଟ ପଞ୍ଚାୟତ ଅନ୍ତର୍ଗତ ଖିଲୁଆ ଗ୍ରାମର ଜଣେ ଚାରି ବର୍ଷର ଶିଶୁ ଶୁକ୍ରବାର ନିଆଁରେ ପୋଡ଼ିଯାଇ ଗୁରୁତର ଅବସ୍ଥାରେ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ଖିଲୁଆ ଗ୍ରାମର ଭକତରାମଙ୍କ ଝିଅ ସୁମିତ୍ରା (୪) ଘରେ ଏକାକୀ ଖେଳୁଥିବା ବେଳେ ସେ ଧରିଥିବା ଗାମୁଛାରେ ନିଆଁ ଲାଗିଯାଇଥିଲା। ଏଥିରେ ତାଙ୍କ ଶରୀର ପୋଡ଼ିଯାଇଥିଲା। ବର୍ତ୍ତମାନ ତାଙ୍କର ଚିକିତ୍ସା ଚାଲିଛି।

### ପ୍ରଧାନମନ୍ତ୍ରୀ ପାଣ୍ଠିକୁ ସହାୟତା

ବୋରିଗୁମ୍ମା,୨।୫(ଡି.ଏନ୍.ଏ.): କରୋନା ବିପତ୍ତି ବେଳେ ସରକାରୀ ରାଜକୋଷକୁ ସହାୟତାର ହାତ ବଢ଼ିଚାଲିଛି। ଏହି କ୍ରମରେ କୋରାପୁଟ ଜିଲା ବୋରିଗୁମ୍ମା ସହରର ଆଚାର୍ଯ୍ୟ ଏଜେନ୍ସି ମାଲିକ ମାନସ ରଞ୍ଜନ ଆଚାର୍ଯ୍ୟ ପ୍ରଧାନମନ୍ତ୍ରୀ କେୟାର ଫଣ୍ଡକୁ ୫୦ ହଜାର ଟଙ୍କା ଦାନ କରିଛନ୍ତି। ସ୍ଥାନୀୟ ତହସିଲ କାର୍ଯ୍ୟାଳୟ ଯାଇ ସେ ତହସିଲଦାର ସଞ୍ଜୀବ କୁମାର ସାହୁଙ୍କୁ ଦାନ ଅର୍ଥ ଚେକ ଆକାରରେ ପ୍ରଦାନ କରିଛନ୍ତି।

### ହୋମଗାର୍ଡଙ୍କୁ ମାଡ଼ ଘଟଣାରେ ୨ ଗିରଫ

ଉମରକୋଟ,୨।୫(ଡି.ଏନ.ଏ): ନବରଙ୍ଗପୁର ଜିଲା ଉମରକୋଟ ଥାନାରେ କାର୍ଯ୍ୟରତ ହୋମଗାର୍ଡ ବଙ୍କିମ ମଣ୍ଡଳଙ୍କୁ ମାଡ ଘଟଣାରେ ପୋଲିସ ଶନିବାର ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସାନଭରଣ୍ଡି ଗ୍ରାମର ଶ୍ରବଣ କୁମାର କୋଷ୍ଟା ଓ ଅକ୍ଷୟ କୁମାର ଦୁରୁଆ। ବଙ୍କିମ ସାନଭରଣ୍ଡି ଗ୍ରାମର ଏକ ଦୋକାନକୁ ଗତ ୨୯ ତାରିଖରେ ଯାଇଥିଲେ। ସେଠାର ଉପସ୍ଥିତ ଥିବା କେତେକ ଯୁବକ ଓ ଦୋକାନୀଙ୍କ ସହ କୌଣସି କାରଣକୁ ନେଇ ତାଙ୍କର ଗଣ୍ଡଗୋଳ ହୋଇଥିଲା। ଯାହା ଫଳରେ ଉକ୍ତ ଦୋକାନୀ ଓ କେତେକ ଯୁବକ ବଙ୍କିମଙ୍କୁ ମାଡ଼ ମାରିଥିଲେ। ବଙ୍କିମଙ୍କ ଅଭିଯୋଗ କ୍ରମେ ଥାନାରେ ନଂ. ୧୧୪/୨୦ରେ ମାମଲା ରୁଜୁ ହୋଇଥିଲା। ଅନ୍ୟପକ୍ଷରେ ଅଭିଯୁକ୍ତ ଯୁବକ ଦ୍ୱୟ ମଧ ବଙ୍କିମଙ୍କ ବିରୋଧରେ ଅଭିଯୋଗ କରିଥିବାରୁ ଏହାର ତଦନ୍ତ କରାଯାଉଥିବା ଉମରକୋଟ ଏସଡିପିଓ ହେମନ୍ତ ପାଢ଼ୀ କହିଛନ୍ତି।

### ମୁଖ୍ୟମନ୍ତ୍ରୀ ପାଣ୍ଠିକୁ ସହାୟତା

ମାଲକାନଗିରି/ରାଇଘର/ପଡିଆ/କୁଡୁମୁଲୁଗୁମ୍ମା,୨।୫(ଡି.ଏନ୍.ଏ) କୋରୁକୋଣ୍ଡା ବ୍ଲକ୍‌ର ‘ଜନନୀ’ ଓ ‘ସାଇବାବା’ ସ୍ୱୟଂ ସହାୟିକା ଗୋଷ୍ଠୀର ଶାନ୍ତି କରସୁଧା ପଟ୍ଟନାୟକ ଓ ସୁନାମଣି କାଡା ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୬ ହଜାର ଟଙ୍କା ସହାୟତା ବିଡିଓଙ୍କୁ ଦେଇଛନ୍ତି। ସେହିପରି ନବରଙ୍ଗପୁର ଜିଲା ରାଇଘର ବ୍ଲକ୍ ଶିକ୍ଷା ବିଭାଗ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୮ ଲକ୍ଷ ୯୧ ହଜାର ୨୦୦ ଟଙ୍କା ବିଡିଓଙ୍କୁ ପ୍ରଦାନ କରାଯାଇଛି। ପଡିଆ ବ୍ଲକ ନିଖିଳ ଉତ୍କଳ ଶିକ୍ଷକ ସଂଘ ପକ୍ଷରୁ ଶନିବାର ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଗୋଟିଏ ଦିନର ଦରମା ୨ଲକ୍ଷ ୪୬ ହଜାର ୮୬୧ ଟଙ୍କା ବିଇଓ ଚିତ୍ତରଞ୍ଜନ ପାଣ୍ଡେଙ୍କୁ ପ୍ରଦାନ କରାଯାଇଛି। ଏବିଇଓ ଏସ. ସତ୍ୟ ନାରାୟଣ, ସଂଘ ସଭାପତି ଡୋକାଲ ବିଚମ ଉପସ୍ଥିତ ଥିଲେ। ସେହିପରି କୁଡୁମୁଲୁଗୁମ୍ମା ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଗୋଟିଏ ଦିନର ଦରମା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ପ୍ରଦାନ କରାଯାଇଛି। ବିଇଓ ଶଶୀଭୂଷଣ ମିଶ୍ରଙ୍କୁ ସଭାପତି ରମେଶ ନେଲୁର ଓ ସମ୍ପାଦକ ବଳରାମ ପୂଜାରୀ ଏବାବଦ ଚେକ୍ ପ୍ରଦାନ କରିଛନ୍ତି।

# ଗାଁରେ ସଙ୍ଗରୋଧ କେନ୍ଦ୍ରକୁ ବିରୋଧ

ରାୟଗଡ଼ା ଅଫିସ,୨।୫

ରାୟଗଡ଼ା ଜିଲା ହାଲୁଆ ପଞ୍ଚାୟତ ଅଧୀନ ପୋଡ଼ାପାଡ଼ି ଗ୍ରାମରେ ସଙ୍ଗରୋଧ କେନ୍ଦ୍ରକୁ ବିରୋଧ କରି ଶୁକ୍ରବାର ଗ୍ରାମବାସୀ ସ୍କୁଲ ଫାଟକରେ ତାଲା ପକାଇଛନ୍ତି। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ପରିସ୍ଥିତି ଅଣାୟତ୍ତ ହେବାରୁ ପ୍ରଶାସନିକ ଅଧିକାରୀ ସେଠାରେ ପହଞ୍ଚି ବୁଝାଶୁଝା କରିଥିଲେ। ଉଲ୍ଲେଖଯୋଗ୍ୟ, ବ୍ଲକ୍ କର୍ତ୍ତୃପକ୍ଷଙ୍କ ଦ୍ୱାରା ଗାଁ ସରକାରୀ ଉଚ୍ଚ ବିଦ୍ୟାଳୟକୁ ସଙ୍ଗରୋଧ କେନ୍ଦ୍ର କରାଯାଇଛି। ତେବେ ଗ୍ରାମବାସୀଙ୍କ କହିବା ହେଲା, ବାହାର ରାଜ୍ୟରୁ ଲୋକେ ଆସି ଏଠାରେ ରହିଲେ ଭୂତାଣୁ ଦ୍ୱାରା ଗ୍ରାମବାସୀ ସଂକ୍ରମିତ ହେବେ। ତେଣୁ ସେମାନେ ଗାଁ ସ୍କୁଲରେ ସଙ୍ଗରୋଧ କେନ୍ଦ୍ରକୁ ସେମାନେ ବିରୋଧ କରୁଥିବା କହିଛନ୍ତି।



ଗ୍ରାମବାସୀଙ୍କୁ ଅଧିକାରୀମାନେ ବୁଝାଶୁଝା କରୁଛନ୍ତି।

## ତାଲା ପକାଇଲେ ଗ୍ରାମବାସୀ

ଗୁରୁବାର ଗ୍ରାମବାସୀଙ୍କ ବିରୋଧ ବିଷୟରେ ଖବର ପାଇ ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ ଗ୍ରାମକୁ ଯାଇ ବୁଝାଶୁଝା କରିବା ସହ ଲୋକଙ୍କୁ ସଚେତନ କରିଥିଲେ। ତେବେ ସେମାନେ ଜିଦ୍‌ରେ ଅଟଳ ରହିଥିଲେ। ଶୁକ୍ରବାର ଗ୍ରାମବାସୀ ସ୍କୁଲ ଫାଟକରେ ତାଲା ପକାଇଥିଲେ। ଫଳରେ ରାୟଗଡ଼ା ତହସିଲଦାର ଉମାଶଙ୍କର ବେହେରା, ଅତିରିକ୍ତ ତହସିଲଦାର ସୁନୀଲ ଖରା, ରାୟଗଡ଼ା ବିଡିଓ ରାଜେନ୍ଦ୍ର ମାଝିଙ୍କ ସମେତ ଆଇଆଇସି ନୀହାର ରଞ୍ଜନ ପ୍ରଧାନ ଏବଂ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ତଥାପି ସୁରକ୍ଷା ଦୃଷ୍ଟିରୁ ସେଠାରେ ଅଧିକ ପୋଲିସ ମୁତୟନ କରାଯାଇଥିବା ତହସିଲଦାର ସୂଚନା ଦେଇଛନ୍ତି।

## ଚନ୍ଦାହାଣ୍ଡିରେ ୯୦ ଶିକ୍ଷୟିତ୍ରୀ, ଶିକ୍ଷକ ଅନୁପସ୍ଥିତ

ଚନ୍ଦାହାଣ୍ଡି,୨।୫(ଡି.ଏନ.ଏ)

ସରକାର କରୋନା ମୁକାବିଲା ପାଇଁ ସମସ୍ତ ସ୍କୁଲ, କଲେଜ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ପାଇଁ କୌଣସି ଛୁଟି ଘୋଷଣା ହୋଇ ନ ଥିଲା। ଏପରିକି ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ନିଜ କାର୍ଯ୍ୟ ସ୍ଥଳରେ ରହି କୋଭିଡ-୧୯ ର ମୁକାବିଲା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଛାତ୍ରୀଛାତ୍ରଙ୍କୁ ପାଠ୍ୟପୁସ୍ତକ, ମଧ୍ୟାହ୍ନ ଭୋଜନ ଚାଉଳ ବଣ୍ଟନ, ଜନସଚେତନତା କାର୍ଯ୍ୟରେ ନିୟୋଜିତ ହେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ବିଦ୍ୟାଳୟ ବନ୍ଦ ପରେ ସମ୍ପୃକ୍ତ ଶିକ୍ଷୟିତ୍ରୀ, ଶିକ୍ଷକମାନେ ଜିଲା ବାହାରେ ନିଜ ଗ୍ରାମକୁ ଚାଲି ଯାଇଥିବା ସୂଚନା ମିଳିଛି। ଏହା ଜାଣିବା ପରେ ନବରଙ୍ଗପୁର ଜିଲାପାଳ ଜିଲାର ୧୦ଟି ବ୍ଲକର କେତେ ଜଣ ଶିକ୍ଷୟିତ୍ରୀ, ଶିକ୍ଷକ ଜିଲା ବାହାରକୁ ଯାଇଛନ୍ତି ତାହାର ତାଲିକା ପ୍ରସ୍ତୁତ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଜିଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଚନ୍ଦାହାଣ୍ଡି ବ୍ଲକରେ ୯୦ ଶିକ୍ଷୟିତ୍ରୀ, ଶିକ୍ଷକ ଜିଲା ବାହାରକୁ ଯାଇଥିବା ଚନ୍ଦାହାଣ୍ଡି ଗୋଷ୍ଠୀ ଶିକ୍ଷାଅଧିକାରୀଙ୍କ କାର୍ଯ୍ୟାଳୟରୁ ସୂଚନା ମିଳିଛି। ଜିଲା ଶିକ୍ଷାଅଧିକାରୀଙ୍କ ଚିଠି ପରେ କାର୍ଯ୍ୟାନୁଷ୍ଠାନ ଭୟରେ ସେମାନେ ଚନ୍ଦାହାଣ୍ଡି ବ୍ଲକକୁ ଫେରିବେ ବୋଲି ସୂଚନା ମିଳିଛି। ବାହାରୁ ଫେରୁଥିବା ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ଯେଉମାନେ ରେଡ ଜୋନରୁ ଫେରିବେ ସେମାନଙ୍କୁ ୧୪ ଦିନ ପର୍ଯ୍ୟନ୍ତ ସଙ୍ଗରୋଧ କେନ୍ଦ୍ରରେ ରଖାଯିବ ବୋଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ଭଜନଲାଲ ମାଝୀ କହିଛନ୍ତି। ଏପର୍ଯ୍ୟନ୍ତ କୌଣସି ଶିକ୍ଷୟିତ୍ରୀ ଶିକ୍ଷକ ହେଡ଼କ୍ୱାଟର ଛାଡିବା ନେଇ ଜଣାଇ ନାହାନ୍ତି। ବାହାରକୁ ଯାଇ ଥିବା ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିବା ସେ କହିଛନ୍ତି।

## ଆନ୍ଧ୍ର ଫେରନ୍ତା ୨ ଶ୍ରମିକଙ୍କୁ ମିଳୁନି ରନ୍ଧାଖାଦ୍ୟ

ନବରଙ୍ଗପୁର,୨।୫(ବି.ପ୍ର.)

ଆନ୍ଧ୍ରପ୍ରଦେଶ ବିଶାଖାପାଟଣାରୁ ୩ ଦିନ ତଳେ ନବରଙ୍ଗପୁର ଜିଲାକୁ ଫେରିଛନ୍ତି ୨ ଜଣ ଶ୍ରମିକ। ସେମାନଙ୍କୁ ନବରଙ୍ଗପୁର ବ୍ଲକ ବାଘସିଉନି ବାତ୍ୟା ଆଶ୍ରୟ ସ୍ଥଳରେ ରଖାଯାଇଥିବା ବେଳେ ରନ୍ଧାଖାଦ୍ୟ ମିଳୁନି। ହାଇସ୍କୁଲଠାରେ ସଙ୍ଗରୋଧ କେନ୍ଦ୍ର ହୋଇଥିଲେ ହେଁ ଧବଳେଶ ନାୟକ ଓ ଭଗବାନ ରନ୍ଧାରୀ ଦୁଇ ଶ୍ରମିକଙ୍କ ନାମ ପଞ୍ଜୀକରଣ ହୋଇ ନଥିବାରୁ ସଙ୍ଗରୋଧ କେନ୍ଦ୍ରରେ ରହିବାକୁ ଓ ଖାଇବାକୁ ଦିଆଯାଇ ପାରୁନାହିଁ। ପରିବାର ଲୋକ ଖାଇବାକୁ ଆଣି ଦେଇଥାନ୍ତି ବୋଲି ସେମାନେ କହିଛନ୍ତି। ପ୍ରଶାସନ ପକ୍ଷରୁ ବାହାର ରାଜ୍ୟ, ଜିଲାରୁ ଆସିଥିବା ଲୋକଙ୍କୁ ୧୪ ଦିନ କ୍ୱାରାଣ୍ଟାଇନ ସେଣ୍ଟରରେ ରହିବାକୁ କୁହାଯାଉଛି।

## ଗୁମ୍ମାକୁ ଫେରିବେ ୪୫୦୦ ଶ୍ରମିକ

ଗୁମ୍ମା,୨।୫

ରାଜ୍ୟ ବାହାରେ ଥିବା ଶ୍ରମିକମାନଙ୍କୁ ଫେରାଇ ଆଣିବାକୁ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକ୍ରିୟା ଜାରି ରହିଛି। ଶ୍ରମିକମାନଙ୍କୁ ନାମ ପଞ୍ଜୀକରଣ କରିବାକୁ ସରକାରଙ୍କ ପକ୍ଷରୁ କୁହାଯାଇଛି। ଏଥିରେ ଗଜପତି ଜିଲା ଗୁମ୍ମା ବ୍ଲକ୍ ଅଧୀନ ୨୦ ପଞ୍ଚାୟତର ୪୫୦୦ ଶ୍ରମିକ ନାମ ପଞ୍ଜୀକରଣ କରିଥିବା ବିଡିଓ ସୂଚନା ଦେଇଛନ୍ତି। ଏଥିସହ ଶ୍ରମିକମାନେ ଫେରିବା ପରେ ସେମାନଙ୍କୁ ସଙ୍ଗରୋଧରେ ରଖିବା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଥିବା ସେ କହିଛନ୍ତି। ବ୍ଲକ୍‌ରେ ପ୍ରାୟ ୨୬ଟି ସଙ୍ଗରୋଧ କେନ୍ଦ୍ର ପ୍ରସ୍ତୁତ କରାଯାଇଥିବା ମଧ୍ୟ ସେ କହିଛନ୍ତି। ସ୍ଥାନୀୟ ଆଶ୍ରମ ସ୍କୁଲ, କେସିପୁର ବାଳିକା ବିଦ୍ୟାଳୟ ଏବଂ ହଷ୍ଟେଲ, ଦକ୍ଷତା ବିକାଶ କେନ୍ଦ୍ର, ଗୁମ୍ମା ଆଦର୍ଶ ବିଦ୍ୟାଳୟ, ଗୁମ୍ମା ହାଇସ୍କୁଲ ସମେତ ପ୍ରତ୍ୟେକ ପଞ୍ଚାୟତରେ ୧୦ ରୁ ୧୫ ଶଯ୍ୟା ବିଶିଷ୍ଟ କେନ୍ଦ୍ର ଖୋଲାଯାଇଛି। ସେଗୁଡ଼ିକରେ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଥିବା ଅତିରିକ୍ତ ତହସିଲଦାର ରାଜେନ୍ଦ୍ର ମାଝି ସୂଚନା ଦେଇଛନ୍ତି। ରାଜ୍ୟ ବାହାରୁ ଆସୁଥିବା ଶ୍ରମିକଙ୍କୁ ୧୪ ଦିନ ସଙ୍ଗରୋଧରେ ରଖାଯାଇ ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା କରାଯିବ। ଏହାପରେ ସେମାନେ ଘରକୁ ଫେରିବେ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

## ଶ୍ରମିକଙ୍କୁ କାମ ଯୋଗାଇବା ନେଇ ସଚିବଙ୍କ ଗୁରୁତ୍ୱ

ମାଲକାନଗିରି,୨।୫ (ଡି.ଏନ୍.ଏ.)



ସଚିବ ଡି. ବିକ୍ରମ ଯାଦବ ଜିଲାସ୍ତରୀୟ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

ରାଜ୍ୟ ସମବାୟ ଖାଦ୍ୟ ଯୋଗାଣ ଖାଉଟି କଲ୍ୟାଣ ବିଭାଗ ଶାସନ ସଚିବ ଡି. ବିକ୍ରମ ଯାଦବ ଦିନିକିଆ ମାଲକାନଗିରି ଜିଲା ଗସ୍ତରେ ଆସି କ୍ଷେତ୍ର ପରିଦର୍ଶନ କରିବା ସହ ବିଭାଗୀୟ ଅଧିକାରୀମାନଙ୍କ ସହ ସମୀକ୍ଷା ବୈଠକ କରିଛନ୍ତି। ଯାଦବ ଖଇରପୁଟ, ଗୋବିନ୍ଦପାଲି, ଅମଲିପାଲି, ଏଫ୍‌ଏମ୍‌ସି କେନ୍ଦ୍ରଗୁଡିକ ପରିଦର୍ଶନ କରିବା ସହ ପ୍ରଶାସନ ତରଫରୁ ନିଆ ଯାଇଥିବା ବିଭିନ୍ନ ପଦ କ୍ଷେପ ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଏଥିସହ ଜିଲା କୋଭିଡ୍-୧୯ ଚିକିତ୍ସାଳୟ ପରିଦର୍ଶନ କରିଥିଲେ। ଅପରାହ୍ନରେ ଗ୍ରାମ୍ୟ ଉନ୍ନୟନସମ୍ମିଳନୀ କକ୍ଷରେ ବିଭାଗୀୟ ପଦାଧିକାରୀଙ୍କ ସହ ସମୀକ୍ଷା ବୈଠକ କରି ଶ୍ରମିକଙ୍କ କର୍ମ ସଂସ୍ଥାନ, ପୂର୍ତ୍ତ ଓ ଗ୍ରାମ୍ୟ ଉନ୍ନୟନ, ଜଳ ଓ ପରିମଳ ମିଶନ ତରଫରୁ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପଗୁଡିକରେ ବହୁ ସଂଖ୍ୟାରେ ଶ୍ରମିକମାନଙ୍କୁ କାମ ଯୋଗାଇବା ପାଇଁ ପରାମର୍ଶ ଦେଇଥିଲେ। ଏଥିସହ ଖରିପ ଋତୁ ପାଇଁ ଚାଷୀ ମାନଙ୍କୁ ସମବାୟ ଋଣ, ସାର, କୀଟନାଶକ ଔଷଧ ଯୋଗାଇ ଦେବାକୁ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଜିଲାପାଳ ମନୀଷ ଅଗ୍ରୱାଲ, ଡିଏଫଓ ପ୍ରଦୀପ ଦେବିଦାଶ ମିରାସେ, ଏସ୍‌ପି ହ୍ରିସିକେଷ ଡି. ଖିଲାରି, ଅତିରିକ୍ତ ଜିଲାପାଳ ବୀରସେନ ପ୍ରଧାନ, ପ୍ରକଳ୍ପ ନିର୍ଦ୍ଦେଶକ ବାଳମୁକୁନ୍ଦ ଭୂୟାଁ, ଉପଜିଲାପାଳ ରାମେଶ୍ୱର ପ୍ରଧାନ ଉପସ୍ଥିତ ଥିଲେ।

## ନିଶାଦ୍ରବ୍ୟ ବିକ୍ରି: ସିଲ୍ ହେଲା ଦୋକାନ

ମାଲକାନଗିରି,୨।୫(ଡି.ଏନ୍.ଏ.)

ଲକ୍‌ଡାଉନ୍ ସମୟରେ ପାନ, ତମାଖୁ ଓ ମଦବିକ୍ରି ବନ୍ଦ ରହିଛି। ତଥାପି ନିୟମ ଉଲ୍ଲଂଘନ କରୁଛନ୍ତି ବ୍ୟବସାୟୀ। କଟକଣା ବଳବତ୍ତର ରହିଥିଲେ ମଧ ଶୁକ୍ରବାର ମାଲକାନଗିରି ଜିଲା ସଦରସ୍ଥିତ ପ୍ରଧାନ ପାନ ମସଲା ଦୋକାନ ଖୋଲାଥିବା ଖବର ପାଇ ପୋଲିସ ଓ ପ୍ରଶାସନ ପକ୍ଷରୁ ମିଳିତ ଚଢ଼ାଉ କରାଯାଇଥିଲା। ଦୋକାନରେ ପାନ, ସିଗାରେଟ୍, ଗୁଟ୍‌ଖା, ବିଡ଼ି ଆଦି ନିଶାଦ୍ରବ୍ୟ ବିକ୍ରି ହେଉଥିବା ଜଣାପଡ଼ିବା ପରେ ଦୋକାନକୁ ସିଲ୍ କରାଯାଇଛି। ଚଢ଼ାଉରେ ସହକାରୀ ଜିଲାପାଳ ପ୍ରମୋଦ କୁମାର ବେହେରା, ପୋଲିସ ଓ ରାଜସ୍ୱ ବିଭାଗ ଅଧିକାରୀ ସାମିଲ ଥିଲେ।

## ତଦାରଖ କଲେ କୋଭିଡ୍ ହସ୍ପିଟାଲ

### ଜିଲା ଗସ୍ତ କଲେ ୨ ନୋଡାଲ ଅଧିକାରୀ





କୋଭିଡ୍ ହସ୍ପିଟାଲରେ ଅଧିକାରୀ, ଡାକ୍ତରଙ୍କ ସହ ଆଲୋଚନା କରୁଛନ୍ତି ନୋଡାଲ ଅଧିକାରୀ।

ଜୟପୁର,୨।୫(ଡି.ଏନ୍.ଏ.)/ (ନି.ପ୍ର.)

କୋରାପୁଟ, ନବରଙ୍ଗପୁର, ରାୟଗଡ଼ା ଓ ମାଲକାନଗିରି ଜିଲା ପାଇଁ ନିଯୁକ୍ତ ହୋଇଥିବା ଦୁଇ ନୋଡାଲ ଅଧିକାରୀ ଭି.ଭି. ଯାଦବ ଓ ରଶିଦ ଖାନ୍ ଶନିବାର ପୂର୍ବାହ୍ନରେ ଜୟପୁର ଏୟାରଷ୍ଟ୍ରିପ୍‌ରେ ପହଞ୍ଚି ବିଭିନ୍ନ ଅଞ୍ଚଳ ଗସ୍ତ କରିଛନ୍ତି। କୋରାପୁଟ ଜିଲା ପାଇଁ ନିଯୁକ୍ତ ରଶିଦ ଖାନ ପ୍ରଥମେ ଜୟପୁରସ୍ଥିତ କୋଭିଡ୍ ହସ୍ପିଟାଲ ତଦାରଖ କରିବା ପରେ କୋରାପୁଟ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ପ୍ରଶାସନିକ ପଦକ୍ଷେପର ସମୀକ୍ଷା କରିଛନ୍ତି। ସେଠାରୁ ସେ ନବରଙ୍ଗପୁର ଜିଲା ଗସ୍ତ କରିଛନ୍ତି ବିଭିନ୍ନ କାର୍ଯ୍ୟ ଅନୁଧ୍ୟାନ କରିଛନ୍ତି। ତାଙ୍କ ଗସ୍ତ ସମୟରେ ଏଡିଏମ୍ ଦେବେନ ପ୍ରଧାନ, ଉପଜିଲାପାଳ ଲୋକନାଥ ଦଳବେହେରା, ଡା. ରାମଚନ୍ଦ୍ର ମହାନ୍ତି, ଡା. ଦିଲୀପ ବିଶ୍ୱାଳ, ରାସ୍ତା ଓ ଗୃହ ନିର୍ମାଣ ବିଭାଗ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଭାସ୍କର ସାମନ୍ତରାୟ ଉପସ୍ଥିତ ଥିଲେ।

## କ୍ରେତାଙ୍କ ସମେତ ଧରାପଡ଼ିଲେ ୬

ଜୟପୁର,୨।୫(ଡି.ଏନ୍.ଏ./ନି.ପ୍ର.)

### ୫ ଲକ୍ଷ ଟଙ୍କାର ଟାଇଲ ଚୋରି ଅଭିଯୋଗ

ଜୟପୁର ସଦରଥାନା ବାରିଣିପୁଟ ଟାଇଲ୍ ଗୋଦାମରୁ ଚୋରି ମାମଲାରେ ଜଣେ କ୍ରେତାଙ୍କ ସମେତ ୬ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ଉକ୍ତ ଗୋଦାମର କର୍ମଚାରୀ ତଥା ଟାଉନଥାନା ଡେରା ସାହିର ପ୍ରକାଶ ରାୟ (୧୯), ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ଗୋବରୁଗୁଡ଼ାର ବିନୋଦ ମୁଦୁଲି (୨୨), ଭଜନ ଜାନୀ (୨୧), ହାଟପଦାର ଘାସି ସାଗର (୨୬), ଆଶିଷ ସାଗର (୨୩) ଓ ଚୋରି ସାମଗ୍ରୀ କିଣିଥିବା ଗେଟଗୁଡ଼ାର ମୋହନ ରାଓ (୪୭)। ଉକ୍ତ ଗୋଦାମର କର୍ମଚାରୀ, ୪ ଜଣ ଶ୍ରମିକ ମିଳିତ ଭାବେ ଉକ୍ତ ଗୋଦାମ ତାଲା ଖୋଲି ୫ଲକ୍ଷ ଟଙ୍କା ମୂଲ୍ୟର ୩ ଶହ ପ୍ୟାକେଟ ବିଭିନ୍ନ ବ୍ରାଣ୍ଡର ଟାଇଲ୍ସ ଚୋରି କରିଥିଲେ। ଏହାକୁ କିଣିଥିବା ମୋହନ ରାଓଙ୍କ ଘରୁ ୧୬୦ ପ୍ୟାକେଟ୍ ଟାଇଲ ଉଦ୍ଧାର କରାଯାଇଛି। ୭୦ ପ୍ୟାକେଟ ଗୃହ ନିର୍ମାଣରେ ବ୍ୟବହାର କରାଯାଇଥିଲା।



ଏସ୍‌ଏଚ୍‌ଜିର ମହିଳାମାନେ କରୋନା ଯୋଦ୍ଧାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି।

## କରୋନା ଯୋଦ୍ଧାଙ୍କୁ ସମ୍ବର୍ଦ୍ଧନା

ରାୟଗଡା ଅଫିସ,୨।୫

ରାୟଗଡା ସହରରେ ଏଯାବତ୍ କରୋନା ସଂକ୍ରମିତ ଚିହ୍ନଟ ହୋଇନାହାନ୍ତି। ତେବେ ଆନ୍ଧ୍ର ସୀମାନ୍ତ ଜିଲା ହୋଇଥିବାରୁ ପୋଲିସ ଏବଂ ପ୍ରଶାସନ ପକ୍ଷରୁ ସତର୍କ ଦୃଷ୍ଟି ରଖାଯାଇଛି। ପୋଲିସ ପକ୍ଷରୁ ରାତ୍ରି ପାଟ୍ରୋଲିଂକୁ ମଧ କଡ଼ାକଡ଼ି କରାଯାଇଛି। କରୋନା ଭଳି ମହାବିପତ୍ତି ସମୟରେ ପୋଲିସ ଲୋକଙ୍କ ସୁରକ୍ଷା ପ୍ରତି ଦୃଷ୍ଟିଦେବା ସହ ସଚେତନତା କାର୍ଯ୍ୟକ୍ରମ ଜାରି ରଖିଛି। ତେଣୁ ଏଏସ୍‌ଆଇ ପି. ରାବଣା ଏବଂ ଅନ୍ୟ ୫ ପୋଲିସ କର୍ମଚାରୀଙ୍କୁ ୨ ନଂ ୱାର୍ଡ ଜଗନ୍ନାଥ ମନ୍ଦିର ସାହିର ଝିମିଝିମି ଏସ୍‌ଏଚ୍‌ଜିର ମହିଳାମାନେ କରୋନା ଯୋଦ୍ଧାଭାବେ ସମ୍ବର୍ଦ୍ଧିତ କରିଛନ୍ତି। ଏମାନଙ୍କ ପାଇଁ ଜନସାଧାରଣ ସୁରକ୍ଷିତ ଅଛନ୍ତି ବୋଲି ମହିଳାମାନେ କହିଛନ୍ତି।

## ନଦୀରୁ ଯୁବକଙ୍କ ମୃତଦେହ ଉଦ୍ଧାର

କାଳିମେଳା,୨।୫(ଡି.ଏନ.ଏ.)

କାଳିମେଳା ବ୍ଲକ ପୋଟେରୁ ନଦୀରୁ ଶନିବାର ଜଣେ ଯୁବକଙ୍କ ମୃତଦେହ ପୋଲିସ ଉଦ୍ଧାର କରାଯାଇଛି। ଗ୍ରାମବାସୀଙ୍କଠାରୁ ଖବର ପାଇ କାଳିମେଳା ଓ ପୋଟେରୁ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ। ସମ୍ପୃକ୍ତ ଯୁବକଙ୍କ ବେକ କଟାଯାଇଥିବା ବେଳେ ରଶିରେ ତାଙ୍କ ହାତଗୋଡ ବନ୍ଧାଯାଇଥିବା ଦେଖିବାକୁ ମିଳିଛି।

## ଯୁବକଙ୍କ ଆତ୍ମହତ୍ୟା

କାଳିମେଳା,୨।୫(ଡି.ଏନ.ଏ.)

କାଳିମେଳା ବ୍ଲକ ମାଦ୍ଦାପାଲ୍ଲୀ ପଞ୍ଚାୟତ ଏମଭି-୬୩ ଗ୍ରାମର ଜଣେ ଯୁବକ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସେହେଲେ ରାଜେଶ ହାଲଦାର (୨୧)। ପୋଟେରୁ ପୋଲିସ ମୃତଦେହ ଜବତ କରି ଅପମୃତ୍ୟୁ ମାମଲା ରୁଜୁ କରିଛି।

## ବିଭିନ୍ନ ସ୍ଥାନରେ ଶ୍ରମିକ ଦିବସ

ଜୟପୁର,୨।୫(ଡି.ଏନ୍.ଏ.)

ଗାଗନାପୁରସ୍ଥିତ ବିଲ୍ଟ କାଗଜକଳରେ ୪ଟି ସଂଘ ଶ୍ରମିକ ଦିବସ ପାଳିଛନ୍ତି। ଶ୍ରମିକ ନେତା ପ୍ରଦୀପ ପାଞ୍ଜିଆ ପତାକା ଉତ୍ତୋଳନ କରିଥିଲେ। ଶ୍ରମିକ ନେତା ପ୍ରମୋଦ ମହାନ୍ତି ଓ ବାଳକୃଷ୍ଣ ପ୍ରଧାନ ବକ୍ତବ୍ୟ ରଖିଥିଲେ। ସିଟି କୋର୍ଡିନେସନ କମିଟି ପକ୍ଷରୁ ଆୟୋଜିତ ଶ୍ରମିକ ଦିବସ ଅବସରରେ ବରିଷ୍ଠ ସଦସ୍ୟ ନଳିନୀ ରଥ ପତାକା ଉତ୍ତୋଳନ କରିଥିଲେ। ଏଥିରେ ଭଗବାନ ରେଡ୍ଡୀ, ସଂଗଠନ ସଂପାଦକ ଯୁଧିଷ୍ଠିର ରାଉଳ, ସତ୍ୟନାରାୟଣ ବରାଳ, ରାମକୃଷ୍ଣ ଦାଶ, ବିନୋଦ ବାହାଦୁର, ସୁଦର୍ଶନ ବିଶୋୟୀ ଉପସ୍ଥିତ ଥିଲେ। ଜିଲା ବିଜୁ ଶ୍ରମିକ ସାମ୍ମୁଖ୍ୟ କାର୍ଯ୍ୟାଳୟରେ ସାମ୍ମୁଖ୍ୟ ଜିଲା ସଭାପତି ବାଲା ରାୟ ପତାକା ଉତ୍ତୋଳନ କରିଥିଲେ।

## ୧୦ ଯୁବକଙ୍କୁ ଗାଡ଼ିଭଡ଼ା କରି ପଠାଇଲା ପ୍ରଶାସନ

ଦଶମନ୍ତପୁର,୨।୫(ଡି.ଏନ୍.ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକସ୍ଥିତ ମା’ ଖମ୍ବେଶ୍ୱରୀ ପୀଠ ସମ୍ମୁଖରେ ବସିରହିଥିବା ୧୦ ଜଣ ଯୁବକଙ୍କୁ ସ୍ଥାନୀୟ ପୋଲିସ ଓ ତହସିଲ ପ୍ରଶାସନ ଗାଡ଼ିଭଡ଼ା କରି ସେମାନଙ୍କ କର୍ମସ୍ଥଳୀକୁ ପଠାଇଛି। କଳାହାଣ୍ଡି ଜିଲା କଲମପୁର ବ୍ଲକ ହାରାମାଳ ପଞ୍ଚାୟତ ବ୍ରାହ୍ମଣ କେନ୍ଦୁଗୁଡ଼ା ଗ୍ରାମର ମଞ୍ଜନ ଗଉଡ଼, ନୀଳାମ୍ବର ଗଉଡ଼, ବରେନ୍ଦ୍ର ଗଉଡ଼, ଧନେଶର ଗଉଡ଼, ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଗଉଡ଼ ଦେଓପାଲି ସଦର ପଞ୍ଚାୟତର ଇନ୍ଦ୍ର ମୁଦୁଲି, ଅମିର ଗଉଡ଼, ରବିନ୍ଦ୍ର ମୁଦୁଲି, ଲକ୍ଷ୍ମଣ ମୁଦୁଲି ବୃନ୍ଦା ମୁଦୁଲି ଦାମନଯୋଡ଼ିସ୍ଥିତ ଏକ କଂପାନୀରେ ଦୀର୍ଘ ମାସ ହେବ ଡ୍ରାଇଭର ଓ ହେଲପର ଭାବେ କାର୍ଯ୍ୟ କରିଆସୁଥିଲେ। ଲକ୍‌ଡାଉନ ଯୋଗୁ କାମ ବନ୍ଦ ହେବା ପରେ ସେମାନେ ଦଶମନ୍ତପୁର ବ୍ଲକ ମୁଜାଙ୍ଗ ପଞ୍ଚାୟତର ଜଙ୍ଗଲ ଓ ପାହାଡ଼ ଦେଇ ଚାଲିଚାଲି ଘରକୁ ଫେରୁଥିଲେ। ସେମାନଙ୍କୁ ଦେଖି ସାମାଜିକ କର୍ମୀ କୃପା ରାଏ, ଦିଲିପ ଭାଇ ସ୍ଥାନୀୟ ପ୍ରଶାସନକୁ ଜଣାଇବା ପରେ ବିଡିଓ ଡମ୍ବରୁଧର ମଲ୍ଲିକ, ଥାନା ଅଧିକାରୀ କ୍ଷିରେଶ୍ୱର ସାହୁ ଓ ତହସିଲଦାର ଅଜୟ ପ୍ରକାଶ ତିର୍କି ଶ୍ରମିକମାନଙ୍କୁ ବୁଝାଶୁଝା କରି ସେମାନଙ୍କ କମ୍ପାନୀକୁ ପୁନର୍ବାର ପଠାଇ ଦେଇଛନ୍ତି।

## ନିମ୍ନମାନର ଛତୁଆ, ଲଡୁ ବଣ୍ଟନ ନେଇ ଉତ୍ତେଜନା

ଏମଭି ୭୯,୨।୫(ଡି.ଏନ.ଏ.)

### ପୋଲିସ ବୁଝାଶୁଝା ପରେ ମହିଳାମାନେ ସାମଗ୍ରୀ ନେଲେ



ମହିଳମାନେ ସାମଗ୍ରୀ ନେବାକୁ ଧାଡିରେ ଛିଡା ହୋଇଛନ୍ତି।

ମାଲକାନଗିରି ଜିଲା କାଳିମେଳା ବ୍ଲକ ଏମପିଭି-୮୩ ଗ୍ରାମ ଅଙ୍ଗନୱାଡି କେନ୍ଦ୍ରରେ ଗର୍ଭବତୀ ମାଆ ଓ ଶିଶୁଙ୍କ ପାଇଁ ଆସିଥିବା ଛତୁଆ ଓ ଲଡୁ ବଣ୍ଟନକୁ ନେଇ ଶନିବାର ଉତ୍ତେଜନା ପ୍ରକାଶ ପାଇଛି। ପିଲାଙ୍କୁ ବଣ୍ଟାଯାଉଥିବା ଛତୁଆ ଓ ଲଡୁ ପ୍ୟାକେଟଗୁଡ଼ିକ କେବେ ପ୍ରସ୍ତୁତ ହୋଇଛ,ଏହାର ଅବଧି ତାରିଖ ସମ୍ପର୍କରେ ଉଲ୍ଲେଖ ନ ଥିବା ଏବଂ ଏହା ଅତି ନିମ୍ନମାନର ଥିବା ନେଇ ଗ୍ରାମବାସୀ ଅଙ୍ଗନୱାଡି କର୍ମୀ ସରଜୁ ସରକାରଙ୍କ ନିକଟରେ ଅଭିଯୋଗ କରିଥିଲେ। ମାତ୍ର ସରଜୁ ଅତି ହାଲକା ମନୋଭାବ ନେଇ ଉତ୍ତର ଦେବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଥିଲା। ପରେ ଗ୍ରାମବାସୀ ଛତୁଆ ଓ ଲଡୁ ପ୍ୟାକେଟ ଫେରାଇ ଦେଇଥିଲେ। ଘଟଣାକୁ ନେଇ ଅଧିକ ପାଟିତୁଣ୍ଡ ହେବାରୁ ଖବର ପାଇ ମୋଟୁ ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥଲା। ପୋଲିସ ବୁଝାଶୁଝା ପରେ ମହିଳାମାନେ ସାମଗ୍ରୀ ନେଇଥିଲେ। ପିଲାଙ୍କୁ ଦିଆଯାଇଥିବା ଏହି ଛତୁଆ ଓ ଲଡୁ ଏମ ପି ଭି ୧୨୭ ଗ୍ରାମର ଜୟ ମା ବାସନ୍ତୀ ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରସ୍ତୁତ କରିଛି। ଏଥିରେ ପ୍ରସ୍ତୁତ ତାରିଖ ଓ ଅବଧି ସମୟ ବାବଦରେ କିଛି ଉଲ୍ଲେଖ ନ ରହିବା କିପରି ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ପଡୁନାହିଁ ବୋଲି ଆକୁଳ ସାନା, ଅଜିତ ବାୱାଲି, ରବିନ ମଣ୍ଡଳ, ଗଣେଶ ମୁଖାର୍ଜୀଙ୍କ ସମେତ ଅନ୍ୟମାନେ ପ୍ରଶ୍ନ ଉଠାଇଛନ୍ତି। ଏ ଦିଗରେ ବିଭାଗୀୟ ଅଧିକାରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ରବିବାର, ମେ ୩/୨୦୨୦ Sunday, May 3/2020

## ସଂକ୍ଷେପରେ

### ବ୍ୟାଙ୍କ ମୁଖ୍ୟଙ୍କୁ ଭେଟିଲେ ଆର୍‌ବିଆଇ ଗଭର୍ନର

ନୂଆଦିଲ୍ଲୀ,୨।୫: ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) ଗଭର୍ନର ଶକ୍ତିକାନ୍ତ ଦାସ ରାଷ୍ଟ୍ରାୟତ୍ତ ଏବଂ ଘରୋଇ ବ୍ୟାଙ୍କ ସିଇଓଙ୍କୁ ଶନିବାର ଭେଟିଛନ୍ତି। ବର୍ତ୍ତମାନର ଚ୍ୟାଲେଞ୍ଜିଂ ସ୍ଥିତିରେ ଅର୍ଥ ବ୍ୟବସ୍ଥାକୁ ବ୍ୟାଙ୍କଗୁଡିକର ଯୋଗଦାନ ଉପରେ ସମୀକ୍ଷା କରିଛନ୍ତି। ଅଣ ବ୍ୟାଙ୍କିଙ୍ଗ ବିତ୍ତ ପ୍ରତିଷ୍ଠାନ(ଏନ୍‌ବିଏଫ୍‌ସି)ଗୁଡିକୁ ସହାୟତା ଏବଂ ମୋରାଟୋରିୟମ ସୁବିଧା ଭଳି ବିଭିନ୍ନ ପ୍ରସଙ୍ଗ ବୈଠକରେ ଆଲୋଚନା ହୋଇଛି। ବୈଠକରେ ଡେପୁଟି ଗଭର୍ନର ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ସାମିଲ ହୋଇଥିବା ରିଜର୍ଭ ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ଅର୍ଥ ବ୍ୟବସ୍ଥାର ବିଭିନ୍ନ କ୍ଷେତ୍ରକୁ ପୁଞ୍ଜି ପ୍ରବାହ, ମାଇକ୍ରୋ ଫାଇନାନ୍ସ ପ୍ରତିଷ୍ଠାନ, ହାଉସିଂ ଫାଇନାନ୍ସ କମ୍ପାନୀ ଏବଂ ମ୍ୟୁଚୁଆଲ ଫଣ୍ଡ ଶିଳ୍ପ ମଧ୍ୟ ଆଲୋଚନା ପରିସରଭୁକ୍ତ ହୋଇଥିଲା। ଲକ୍‌ଡାଉନ ସମୟରେ ବ୍ୟାଙ୍କଗୁଡିକର କାର୍ଯ୍ୟକଳାପକୁ ଗଭର୍ନର ପ୍ରଶଂସା କରିଥିବା ଜଣାପଡିଛି।

### ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ବିଓବିର ଦାନ

**ଭୁବନେଶ୍ୱର,୨।୫:** ବ୍ୟାଙ୍କ ଅଫ୍ ବରୋଦା (ବିଓବି)ଓଡ଼ିଶାର ସମସ୍ତ କର୍ମଚାରୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୮.୦୮ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। କୋଭିଡ୍-୧୯ ମୁକାବିଲା ନିମନ୍ତେ ଏହି ରାଶି ପ୍ରଦାନ କରାଯାଇଛି ବୋଲି ବ୍ୟାଙ୍କ ପକ୍ଷରୁ ସୂଚନା ରହିଛି। ବ୍ୟାଙ୍କର ଡିଆର୍‌ଏମ୍ ଭାରତ ଭୂଷଣ, ଡିଆର୍‌ଏମ୍ ହରିଶ ଚନ୍ଦ୍ର ସିହ୍ନା, ଆର୍‌ବିଏମ୍ ମାନସ ଜି.ମହାରଣା ପ୍ରମୁଖ ଓଡ଼ିଶା ସରକାରଙ୍କ ଡେଭଲପମେଣ୍ଟ କମିଶନର ସୁରେଶ ମହାପାତ୍ରଙ୍କୁ ଅର୍ଥରାଶିର ଚେକ୍ ହସ୍ତାନ୍ତର କରିଛନ୍ତି।

# ଆର୍ଥିକ ପ୍ୟାକେଜ ନେଇ ମାନସ ମନ୍ଥନ

ନୂଆଦିଲ୍ଲୀ,୨।୫



■ମୋଦିଙ୍କୁ ଭେଟିଲେ ଶାହା, ସୀତାରାମନ

■ପ୍ରମୁଖ ମନ୍ତ୍ରଣାଳୟ ସହ ଆଲୋଚନା

କୋଭିଡ୍-୧୯ ଲାଗି ସାରା ଦେଶରେ ଅଚଳାବସ୍ଥା ଲାଗି ରହିଛି। କ୍ଷତିଗ୍ରସ୍ତ ଅର୍ଥ ବ୍ୟବସ୍ଥାକୁ ଦ୍ୱିତୀୟ ପ୍ୟାକେଜ ପ୍ରଦାନ କରିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ,ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ସମେତ ଅର୍ଥ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀଙ୍କୁ ଭେଟିଛନ୍ତି। ଆର୍ଥିକ ପ୍ୟାକେଜର ରୂପରେଖ କିଭଳି ରହିବ ସେ ନେଇ ବୈଠକରେ ଆଲୋଚନା ହେଉଥିବା କୁହାଯାଉଛି। ସୀତାରାମନ ଏବଂ ଶାହାଙ୍କ ସହ ଆଲୋଚନା ପରେ ପ୍ରଧାନମନ୍ତ୍ରୀ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରଣାଳୟ ସମେତ ଅନ୍ୟ ପ୍ରମୁଖ ମନ୍ତ୍ରଣାଳୟ ସହ ମଧ୍ୟ ସ୍ଥିତି ନେଇ ଆଲୋଚନା କରିଛନ୍ତି। ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ସଂଗ୍ରହ ଡାଟା ଶୁକ୍ରବାର ଜାରି ହେବାର ଥିଲା ମାତ୍ର ଏହାକୁ ସ୍ଥଗିତ ରଖାଯାଇଛି। ଅର୍ଥ ବ୍ୟବସ୍ଥାକୁ ସହାୟତା କରିବା ଲାଗି ବିସ୍ତୃତ ଯୋଜନା ସମ୍ପର୍କରେ ମନ୍ତ୍ରଣାଳୟ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କୁ ଏକ ବିବରଣି ପ୍ରଦାନ କରାଯିବ। ମୋଦି ଶୁକ୍ରବାର ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ, ଶ୍ରମ ଏବଂ ଶକ୍ତି ମନ୍ତ୍ରଣାଳୟ ସହ ଆଲୋଚନା କରିଛନ୍ତି। ଗୁରୁବାର ବାଣିଜ୍ୟ ଏବଂ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରଣାଳୟ ସହ ଆଲୋଚନା ହୋଇଥିବା ବେଳେ ଉଭୟ ଘରୋଇ ଏବଂ ବିଦେଶୀ ନିବେଶ ଆକୃଷ୍ଟ କରିବା ଫୋକସ ରହିଥିଲା। ଦେଶର ଶିଳ୍ପ କ୍ଷେତ୍ରରେ ସୁଧାର ଆସିଲେ ଏହା ଦ୍ୱାରା ଅଭିବୃଦ୍ଧି ଧାରା ତ୍ୱରାନ୍ୱିତ ହେବ ବୋଲି କୁହାଯାଉଛି। ଏବେ ଦେଶର ଅଭିବୃଦ୍ଧି ହାର ସବୁଠାରୁ କ୍ଷତିଗ୍ରସ୍ତ ଥିବାରୁ ଏଥିରେ ସୁଧାର ଆଣିବାକୁ ସରକାର ପ୍ରୟାସ ଜାରି ରଖିଛନ୍ତି ବୋଲି ବୈଠକ ପରେ ଅର୍ଥମନ୍ତ୍ରୀ ସୀତାରାମନ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ଦ୍ୱିତୀୟ ଆର୍ଥିକ ପ୍ୟାକେଜରେ ସରକାର କ୍ଷୁଦ୍ରବାଣିଜ୍ୟ, କୃଷକ, ମହିଳା, ଗରିବ, ପ୍ରବାସୀ ଶ୍ରମିକଙ୍କ ସମେତ ଦୁର୍ବଳବର୍ଗଙ୍କୁ ସହାୟତା କରିବେ ବୋଲି ଗଣମାଧ୍ୟମ ରିପୋର୍ଟରେ କିଛି ଦିନ ତଳେ ଖବର ପ୍ରକାଶ ପାଇଥିଲା। ଲକଡାଉନ ପାଇଁ ବେସାମରିକ ବିମାନ ଚଳାଚଳ, ହସ୍ପିଟାଲିଟି, ଅଟୋମୋବାଇଲ, ରିୟଲ ଇଷ୍ଟେଟ ଏବଂ ଲଜିଷ୍ଟିକ ସହ ଅନ୍ୟ କ୍ଷେତ୍ରଗୁଡିକ କ୍ଷତିଗ୍ରସ୍ତ ହୋଇଛନ୍ତି। ବର୍ତ୍ତମାନ କିଛି କ୍ଷେତ୍ର ଲାଗି ଆର୍ଥିକ କାର୍ଯ୍ୟକଳାପକୁ ଅନୁମୋଦନ ପ୍ରଦାନ କରାଯାଇଥିବା ବେଳେ ସରକାର କିନ୍ତୁ ପ୍ରଭାବିତ କ୍ଷେତ୍ରଗୁଡିକୁ ସହାୟତା ଦେଇ ନାହାନ୍ତି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଅର୍ଥ ବ୍ୟବସ୍ଥା ଲାଗି ୧.୭ ଲକ୍ଷ କୋଟି ଟଙ୍କାର ଏକ ପ୍ୟାକେଜ ଘୋଷଣା କରିଥିଲେ। ଏହା ଜି-୨୦ ଦେଶ ସମୂହଙ୍କ ପ୍ୟାକେଜ ତୁଳନାରେ ଅତି ନଗଣ୍ୟ। ସୂଚନାଯୋଗ୍ୟ ଆମେରିକା ଏହାର ମୋଟ ଜିଡିପିର ୧୧% ପ୍ୟାକେଜ ଭାବେ ପ୍ରଦାନ କରିଥିବା ବେଳେ ଅଷ୍ଟ୍ରେଲିଆ ୯.୭% ଏବଂ ବ୍ରାଜିଲ ୩.୫% ପ୍ରଦାନ କରିଥିବା ଏକ ରିପୋର୍ଟରୁ ସାମ୍ନାକୁ ଆସିଛି।

## ବେପରୁଆ ଟୁଇଟରୁ ଉଡ଼ିଗଲା ଲକ୍ଷେ କୋଟି

ନୂଆଦିଲ୍ଲୀ,୨।୫



ପ୍ରମୁଖ ଇ-ଯାନ କମ୍ପାନୀ ଟେସଲାର ମୁଖ୍ୟ କାର୍ଯ୍ୟନିର୍ବାହି ଅଧିକାରୀ (ସିଇଓ) ଏଲନ ମସ୍କଙ୍କ ବେପରୁଆ ଟୁଇଟ ପୁଣି ଥରେ କମ୍ପାନୀ ଲାଗି କ୍ଷତିକାରଣ ହୋଇଛି। ଏହି କାରଣ ପାଇଁ ଶନିବାର ଟେସ୍‌ଲାର ବଜାର ପୁଞ୍ଜିକରଣରୁ ୧୪ ବିଲିୟନ ଡଲାର ବା ପ୍ରାୟ ଲକ୍ଷେ କୋଟି ଟଙ୍କା ଉଡିଯାଇଛି। ମସ୍କ ତାଙ୍କର ପୂର୍ବ ଟୁଇଟ ପାଇଁ ବିବାଦ ଘେରକୁ ଚାଲି ଆସିଥିଲେ। କମ୍ପାନୀର ଶେୟାର ପ୍ରାଇସ ଅଧିକ ରହିଥିବା ସେ ଶନିବାର ଟୁଇଟ କରିଥିଲେ। ଏହା ପରେ କମ୍ପାନୀର ଶେୟାର ମୂଲ୍ୟରେ ଲଗାତର ହ୍ରାସ ହେବା ଦେଖାଯାଇଥିଲା। ରିପୋର୍ଟ ମୁତାବକ ଶେୟାର ବଜାର କାରବାର ଆରମ୍ଭ ହେବାର ମାତ୍ର ଅଧଘଣ୍ଟା ମଧ୍ୟରେ ଟେସଲା ଶେୟାର ପ୍ରାୟ ୧୨% ଖସିଯାଇଥିଲା। ପରେ ଏଥିରେ ସୁଧାର ଆସିବା ଯୋଗୁ ଏହା ପୂର୍ବ ତୁଳନାରେ ୭.୧୭% ନିମ୍ନରେ ରହିଛି। ୨୦୧୮ରେ ତାଙ୍କର ଅନ୍ୟ ଏକ ବିବାଦୀୟ ଟୁଇଟ ସାମ୍ନାକୁ ଆସିଥିଲା। ଟେସ୍‌ଲା ଏକ ଘରୋଇ କମ୍ପାନୀ ହେବାକୁ ଯାଉଛି ବୋଲି ସେ ଟୁଇଟ କରିଥିଲେ। ଏଥିଯୋଗୁ କମ୍ପାନୀର ଭାଲ୍ୟୁଏଶନ ୧୪୧ ବିଲିୟନ ଡଲାରରୁ ୧୩୩ ବିଲିୟନ ଡଲାରକୁ ଖସି ଆସିଥିଲା। ଏହି ଘଟଣା ପରେ ତାଙ୍କୁ କମ୍ପାନୀର ଅଧ୍ୟକ୍ଷ ପଦରୁ ହଟାଯାଇଥିଲା।

## କାନାରା ବ୍ୟାଙ୍କ ପକ୍ଷରୁ ସହାୟତା

ଭୁବନେଶ୍ୱର,୨।୫

କୋଭିଡ୍-୧୯କୁ ଧ୍ୟାନରେ ରଖି କାନାରା ବ୍ୟାଙ୍କ ପକ୍ଷରୁ ବିଭିନ୍ନ ସତର୍କତା ପଦକ୍ଷେପ ହାତକୁ ନିଆଯାଇଛି। ବ୍ୟାଙ୍କର ଗ୍ରାହକ ଏବଂ କର୍ମଚାରୀଙ୍କୁ ମାସ୍କ ପିନ୍ଧିବା, ହ୍ୟାଣ୍ଡ ସାନିଟାଇଜର ଏବଂ ହ୍ୟାଣ୍ଡ ଗ୍ଲୋଭସ ବ୍ୟବହାର କରିବାକୁ କୁହାଯାଇଛି। ବ୍ୟାଙ୍କର ଏଟିଏମ୍‌ଗୁଡିକୁ ବାରମ୍ବାର ବିଶୋଧନ କରାଯାଉଛି। ବ୍ୟାଙ୍କର ପ୍ରତ୍ୟେକ କର୍ମଚାରୀଙ୍କୁ ଗୋଟିଏ ଦିନର ବେତନ ପ୍ରାୟ ୧୫ କୋଟି ଟଙ୍କା ପିଏମ୍ କେୟାର୍ସ ପାଣ୍ଠିକୁ ପ୍ରଦାନ କରାଯାଇଛି। କରୋନା ଭୂତାଣୁ ବିରୋଧରେ ମିଳିତ ଭାବେ ଲଢିବା ଲାଗି ବ୍ୟାଙ୍କର ଜେନେରାଲ ମ୍ୟାନେଜର ଶ୍ରୀକାନ୍ତ ମହାପାତ୍ର ଆହ୍ୱାନ ଜଣାଇଛନ୍ତି।

## ଆତସୁସି ଓଗାଟା ହେବେ ହୋଣ୍ଡା ଟୁହ୍ୱିଲର୍ସର ଏମ୍‌ଡି

ନୂଆଦିଲ୍ଲୀ,୨।୫



ହୋଣ୍ଡା ମୋଟର କମ୍ପାନୀ ପକ୍ଷରୁ ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡର ବରିଷ୍ଠ ପରିଚାଳନା ଟିମ୍‌ରେ ପରିବର୍ତ୍ତନ ଘୋଷଣା କରାଯାଇଛି। ରିପୋର୍ଟ ମୁତାବକ ଆତସୁସି ଓଗାଟା ହୋଣ୍ଡା ଟୁହ୍ୱିଲର୍ସର ନୂଆ ସଭାପତି, ସିଇଓ ଏବଂ ଏମ୍‌ଡି ଭାବେ ଦାୟିତ୍ୱ ଗ୍ରହଣ କରିବେ। ହୋଣ୍ଡା ମୋଟର କମ୍ପାନୀ ଜାପାନର ଅପରେଟିଂ ଏକଜିକ୍ୟୁଟିଭ ଭାବେ ସେ ମଧ୍ୟ କାମ କରିବେ। ଗତ ୩ ବର୍ଷ ପର୍ଯ୍ୟନ୍ତ ହୋଣ୍ଡା ଟୁହ୍ୱିଲର୍ସକୁ ମାର୍ଗଦର୍ଶନ ଦେଇ ଆସିଥିବା ମିନରୋ କାଟୋଙ୍କ ଉତ୍ତରାଧିକାରୀ ଭାବେ ସେ କାର୍ଯ୍ୟ କରିବେ। କାଟୋ ଚଳିତ ବର୍ଷ ମେ ପହିଲାରୁ ଜାପାନ ଫେରିଯିବେ। ସେଠାରେ ତାଙ୍କୁ ହୋଣ୍ଡା ମୋଟର କମ୍ପାନୀ ଅପରେଟିଂ ଏକଜିକ୍ୟୁଟିଭ ଓ ଚିଫ ଅଫିସର ଲାଇଫ କ୍ରିଏସନ ଅପରେଶନ ଭାବେ ନିଯୁକ୍ତି କରାଯାଇଛି। ୧୯୬୨ରେ ଜନ୍ମ ହୋଇଥିବା ଓଗାଟା ୧୯୮୫ରେ ହୋଣ୍ଡା ଜାପାନରୁ କ୍ୟାରିୟର ଆରମ୍ଭ କରିଥିଲେ। ଅଟୋମୋଟିଭ କ୍ଷେତ୍ରରେ ସେ ଦୀର୍ଘ ୩୫ ବର୍ଷ ହେବ କାର୍ଯ୍ୟରତ ଅଛନ୍ତି। ସେହିଭଳି ହୋଣ୍ଡା ଟୁହ୍ୱିଲର୍ସର ବରିଷ୍ଠ ପରଚେଜ ନିର୍ଦ୍ଦେଶକ ଭାବେ ଭି.ଶ୍ରୀଧର, ଯଦବିନ୍ଦର ସିଂ ଗୁଲେରିଆ ଏବଂ ବିନୟ ଡିଙ୍ଗରା କମ୍ପାନୀର ବୋର୍ଡକୁ ନିର୍ଦ୍ଦେଶକ ଭାବେ ମନୋନୀତ ହୋଇଛନ୍ତି।

## ୱାରେନ ବଫେଟ୍‌ଙ୍କ କ୍ଷତି ୫୦ ବିଲିୟନ ଡଲାର

**ନୂଆଦିଲ୍ଲୀ,୨।୫:**କରୋନା ମହାମାରୀ ଯୋଗୁ ୱାରେନ ବଫେଟଙ୍କ ବର୍କସାୟାର ହାଥାୱେ ଇଙ୍କ୍ ଗଭୀର ଭାବେ କ୍ଷତିଗ୍ରସ୍ତ ହୋଇଛି। କମ୍ପାନୀକୁ ତ୍ରୈମାସିକ ୫୦ ବିଲିୟନ ଡଲାରର ନେଟ୍ କ୍ଷତି ସହିବାକୁ ପଡିଥିବା ଶନିବାର ସୂଚନା ମିଳିଛି। ବାଣିଜ୍ୟ ପରିଚାଳନାରେ କମ୍ପାନୀକୁ ଝଟକା ଲାଗିବାକୁ ଏଭଳି ସ୍ଥିତି ଉପୁଜିଛି। କରୋନା ଆସିବା ଫଳରେ ଗ୍ରୁପ୍‌ର ୯୦ ବ୍ୟବସାୟ ମଧ୍ୟରୁ ଅଧିକାଂଶ ପ୍ରଭାବିତ ହୋଇଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

## କରୋନା ଯୋଦ୍ଧାଙ୍କୁ ଏଲ୍‌ଆଇସିର ସମ୍ବର୍ଦ୍ଧନା

**ଭୁବନେଶ୍ୱର,୨।୫:** ଲକ୍‌ଡାଉନ ସମୟରେ ଏଲ୍‌ଆଇସିର ମଣ୍ଡଳ କାର୍ଯ୍ୟାଳୟ କାର୍ଯ୍ୟ ଜାରି ରହିଛି। କରୋନା ବିରୋଧରେ ଲଢେଇ ଜାରି ରଖିଥିବା ଯୋଦ୍ଧାଙ୍କୁ ଏଲଆଇସି ସମର୍ଥନ ଜଣାଇଛି। ବର୍ତ୍ତମାନର ଚ୍ୟାଲେଞ୍ଜିଂ ସମୟରେ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)ର ସଫେଇ କର୍ମଚାରୀଙ୍କୁ ଏଲ୍‌ଆଇସି ପକ୍ଷରୁ ସୂର୍ଯ୍ୟନଗରସ୍ଥିତ ମଣ୍ଡଳ କାର୍ଯ୍ୟାଳୟରେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ ମଣ୍ଡଳ ପ୍ରବନ୍ଧକ ଅକ୍ଷୟ କୁମାର ସାହୁ ସଫେଇ କର୍ମୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ବିପଣନ ପ୍ରବନ୍ଧକ ଅନନ୍ତ ଭୂଷଣ ରଥ ସଫେଇ କର୍ମଚାରୀଙ୍କ ଅବଦାନକୁ ପ୍ରଶଂସା କରିଥିଲେ। ବିକ୍ରୟ ପ୍ରବନ୍ଧକ ଅଶୋକ କୁମାର ରାଏ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଖେଳ ଖବର

# ଭାରତ ୨୦୩୨ ଅଲିମ୍ପିକ୍ସ ପାଇଁ ବିଡ୍ ଦାଖଲ କରିବ

ନୂଆଦିଲ୍ଲୀ,୨।୫



ନରିନ୍ଦର ବାତ୍ରା

ଭାରତ ୨୦୩୨ ଅଲିମ୍ପିକ୍ସ ପାଇଁ ବିଡ୍ ଦାଖଲ କରିବ। କୋଭିଡ୍-୧୯ ଆଶଙ୍କା ଦୂର ହେବା ପରେ ଭାରତ ଯେପରି ଅଲିମ୍ପିକ୍ସ ସମେତ ଅନ୍ୟ ଅନ୍ତର୍ଜାତୀୟ ପ୍ରତିଯୋଗିତା ଆୟୋଜନ ପାଇଁ ବିଡ୍‌ରେ ସଫଳ ହେବ ସେଥିପାଇଁ ଉଦ୍ୟମ କରାଯିବ ବୋଲି ଭାରତୀୟ ଅଲିମ୍ପିକ୍ ଆସୋସିଏଶନ ସଭାପତି ନରିନ୍ଦର ବାତ୍ରା ପ୍ରକାଶ କରିଛନ୍ତି। ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ଇତିମଧ୍ୟରେ ୧୦ ବର୍ଷ ବିତି ଯାଇଛି। ଭାରତ ଏଥିରୁ ଅନେକ କିଛି ଶିଖିଛି ମାତ୍ର ବଡ଼ ଇଭେଣ୍ଟ ଆୟୋଜନ ଆଶାରୁ ନିବୃତ୍ତ ହୋଇନାହିଁ। ଆମେ ଏହାକୁ ଗୁରୁତ୍ୱର ସହ ନେଉଛୁ । ୨୦୨୬ ୟୁଥ୍ ଅଲିମ୍ପିକ୍ସ ଏବଂ ୨୦୩୨ ଅଲିମ୍ପିକ୍ସ ଆୟୋଜନ ପାଇଁ ଆମେ ଦୃଢ଼ ଆଶାୟୀ ବୋଲି ସେ କହିଛନ୍ତି। ଭାରତ ଏ ସମ୍ପର୍କରେ ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟିକୁ ଲିଖିତଭାବେ ଜଣାଇ ଦେଇଛି। ୨୦୨୬ ଗେମ୍ସ ପାଇଁ ଥାଇଲାଣ୍ଡ, ରୁଷିଆ ଓ କଲମ୍ବିଆ ସହିତ ଭାରତର ପ୍ରତିଦ୍ୱନ୍ଦ୍ୱିତା ହେବ। ସେହିପରି ୨୦୩୨ ଅଲିମ୍ପିକ୍ସ ପାଇଁ କୁଇନ୍ସଲାଣ୍ଡ, ଶାଙ୍ଘାଇ ଏବଂ ସମ୍ଭାବ୍ୟ ସିଓଲ-ପ୍ୟୋଙ୍ଗୟାଙ୍ଗ ମିଳିତ ବିଡ୍ ସହିତ ଭାରତର ମୁକାବିଲା ହେବ। ଅଲିମ୍ପିକ୍ସ ପାଇଁ କାଗଜପତ୍ର ପ୍ରସ୍ତୁତ କାର୍ଯ୍ୟ ଆରମ୍ଭ ହୋଇ ଯାଇଛି। ତେବେ କରୋନା ଭାଇରସ ସଂକ୍ରମଣ ପ୍ରଭାବରୁ ଅନ୍ୟ କାର୍ଯ୍ୟ ଧିମେଇ ଯାଇଛି। ୨୦୨୫ ସୁଦ୍ଧା ଏ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ହୋଇପାରେ ବୋଲି ବାତ୍ରା କହିଛନ୍ତି । ଆସନ୍ତା ଡିସେମ୍ବର ମଧ୍ୟରେ କୌଣସି କ୍ରୀଡ଼ା କାର୍ଯ୍ୟକଳାପ ଆରମ୍ଭ ହେବନାହିଁ ବୋଲି ବାତ୍ରା ଆଶା କରୁଛନ୍ତି। ତେଣୁ ଏବେ ଏକ ଟିମ୍ ଗଠନ କରାଯିବ। ଏହି ଟିମ୍ ବିଭିନ୍ନ ଭେନ୍ୟୁ ବୁଲି ରିପୋର୍ଟ ପ୍ରଦାନ କରିବ। ''କୌଣସି ବ୍ୟବସାୟିକ ପ୍ରତିଷ୍ଠାନ କିମ୍ବା ସରକାରଙ୍କ ସହିତ ଅଲିମ୍ପିକ୍ସ ସମ୍ପର୍କରେ ଆଲୋଚନାର ଏହା ସମୟ ନୁହେଁ। ଆତଙ୍କ ସୃଷ୍ଟି କରିଥିବା କରୋନାର ମୁକାବିଲା ଏବେ ସମଗ୍ର ବିଶ୍ୱର ପ୍ରମୁଖ ଚିନ୍ତା'' ବୋଲି ବାତ୍ରା ପ୍ରକାଶ କରିଛନ୍ତି। ଦିଲ୍ଲୀ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ବିବାଦ ମଧ୍ୟରେ ରହିଥିଲା। ପ୍ରସ୍ତୁତିରେ ବିଳମ୍ବ, ନିମ୍ନମାନର ଭିତ୍ତିଭୂମି ଏବଂ ଆର୍ଥିକ ଅନିୟମିତତା ପରି ଗୁରୁତର ଅଭିଯୋଗ ଆସିଥିଲା । ନିକଟରେ ଦିଲ୍ଲୀଠାରୁ ୨୦୨୧ ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍ ଆୟୋଜନ ଅଧିକାର ହଟାଇ ନିଆ ଯାଇଥିଲା। ଆୟୋଜକମାନେ ନିର୍ଦ୍ଧାରିତ ସମୟରେ ଆୟୋଜନ ଫି ଦେଇ ପାରି ନ ଥିବା ପ୍ରକାଶ କରାଯାଇଥିଲା। ବକ୍ସିଂ ବିବାଦ ସମ୍ପର୍କରେ କିଛି କହି ନ ଥିଲେ ହେଁ ୨୦୧୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନରୁ ଆମେ ଅନେକ କିଛି ଶିଖିଛୁ ବୋଲି ବାତ୍ରା କହିଛନ୍ତି। ଭାରତ ଅଲିମ୍ପିକ୍ସ ପରି ବଡ଼ ଇଭେଣ୍ଟ ଆୟୋଜନ ପାଇଁ ସକ୍ଷମ ବୋଲି ସେ ପ୍ରକାଶ କରିଛନ୍ତି। କରୋନା ଭାଇରସ ସଂକ୍ରମଣ ପ୍ରଭାବ ଯୋଗୁ ଟୋକିଓ ଅଲିମ୍ପିକ୍ସ ୨୦୨୧କୁ ଘୁଞ୍ଚିଛି। ତେବେ ଏହି କ୍ରୀଡ଼ା ମହାକୁମ୍ଭରୁ ଭାରତ ୧୦ରୁ ଅଧିକ ପଦକ ପାଇବ ବୋଲି ସେ ପୂର୍ବାନୁମାନ କରିଛନ୍ତି। ପାଖାପାଖି ୮୦ ଭାରତୀୟ ଆଥଲେଟ୍ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ସେମାନଙ୍କୁ ଡାଇରେକ୍ଟର ଓ ମୁଖ୍ୟ କୋଚ୍‌ମାନେ ଗାଇଡ୍ କରୁଛନ୍ତି। ତେଣୁ ଭାରତର ପଦକ ସଂଖ୍ୟା କମିବା ସମ୍ଭାବନା ନ ଥିବା ସେ କହିଛନ୍ତି।

## ମନୀଷ ଚାମ୍ପିୟନ, ତେଜାସ ରନର୍ସଅପ୍

ଭୁବନେଶ୍ୱର,୨।୫
(କ୍ରୀଡ଼ା ପ୍ରତିନିଧି)



ମନୀଷ କୁମାର

ଶହୀଦ ନଗରସ୍ଥିତ ଏସ୍‌ଆର ଚେସ୍ ସେଣ୍ଟରର ୧୪ତମ ପ୍ରତିଷ୍ଠା ଦିବସ ଅବସରରେ ପ୍ରଥମଥରପାଇଁ ଏକ ଅନ୍‌ଲାଇନ୍ ଚେସ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟଗୋଷ୍ଠୀ ଚେସ୍ ବ୍ରୋଞ୍ଜ ପଦକ ବିଜେତା ମନୀଷ କୁମାର (୫ପଏଣ୍ଟ)ଚାମ୍ପିୟନ ଏବଂ ତେଜାସ ଲୋହାନୀ ରନର୍ସଅପ୍ ଏବଂ ଆନ୍ଧ୍ରପ୍ରଦେଶର ଶିବାଂଶ ମିଶ୍ର(ଉଭୟେ ୪ ପଏଣ୍ଟ ଲେଖାଏ) ୩ୟ ସ୍ଥାନ ଅଧିକାର କରିଛନ୍ତି। ସୁଇସ୍ ପ୍ରଣାଳୀ(ପ୍ରତ୍ୟେକଙ୍କୁ ୧୦ ମିନିଟ ସମୟ)ରେ ଅନୁଷ୍ଠିତ ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତା(ଚେସ୍ ଡଟ୍ କମ୍‌ରେ ଅଟୋମେଟିକ୍ ପେୟାରିଂ)ରେ ମୋଟ ୪୩ ପ୍ରତିଯୋଗୀ ଭାଗ ନେଇଥିଲେ। ଏଥିରେ ରାଜ୍ୟ ଓ ଦେଶ ସମେତ ଆଫ୍ରିକା ଓ ସ୍କଟଲାଣ୍ଡର ପ୍ରତିଯୋଗୀ ମଧ୍ୟ ଅଂଶଗ୍ରହଣ କରିଥିଲେ। ଡ. ମାନସ ରଞ୍ଜନ ମିଶ୍ର(କିମ୍ସ) ଓ ସତ୍ୟଜିତ ପଟ୍ଟନାୟକ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ। ପ୍ରକାଶ ଯୋଗ୍ୟ ଯେ, ୨୦୦୬ ଏପ୍ରିଲ ୩୦ ପବିତ୍ର ଅକ୍ଷୟ ତୃତୀୟାରେ ଏସ୍‌ଆର୍ ଚେସ୍ ସେଣ୍ଟରର ସଭାପତି ଶୁଭାଶିଷ ପଟ୍ଟନାୟକ ଓ ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକଙ୍କ ଉପସ୍ଥିତିରେ ତତ୍କାଳୀନ କ୍ରୀଡ଼ାମନ୍ତ୍ରୀ ଦେବାଶିଷ ନାୟକ ଶହୀଦ ନଗର ଶାଖାକୁ ଉଦ୍‌ଘାଟନ କରିଥିଲେ।

## ଛାୟାରାଣୀଙ୍କୁ ପ୍ରଶଂସା କଲେ ଲକ୍ଷ୍ମଣ

କଟକ ଅଫିସ,୨।୫



ଭଦ୍ରକର ଜଣେ ମହିଳା ଛାୟାରାଣୀ ସାହୁଙ୍କୁ ଟୁଇଟରରେ ପ୍ରଶଂସା କରିଛନ୍ତି ଭାରତୀୟ କ୍ରିକେଟ ଜଗତର ପୂର୍ବତନ ତାରକା ଖେଳାଳି ଭି.ଭି.ଏସ୍. ଲକ୍ଷ୍ମଣ। ଲକ୍ଷ୍ମଣ ନିଜ ଟୁଇଟରେ ଛାୟାରାଣୀଙ୍କ ବଦାନ୍ୟତାକୁ ଉଲ୍ଲେଖ କରିବା ସହ ଏଭଳି ବିପତ୍ତି ସମୟରେ ସେ ମାନବିକତା ଓ ନିଃସ୍ୱାର୍ଥପରତା ଦେଖାଇ ସମାଜ ନିମନ୍ତେ ଉଦାହରଣ ସୃଷ୍ଟି କରିଛନ୍ତି ବୋଲି କହିଛନ୍ତି। ଟେଷ୍ଟ କ୍ରିକେଟର କିମ୍ବଦନ୍ତୀ ଖେଳାଳି ଲକ୍ଷ୍ମଣଙ୍କ ଏହି ଟୁଇଟ୍ ଏବେ ସୋସିଆଲ ମିଡ଼ିଆରେ ବେଶ୍ ଭାଇରାଲ ହୋଇଛି ।

ଭଦ୍ରକ ଜିଲା ବାସୁଦେବପୁର ଅନ୍ତର୍ଗତ ଲୁଙ୍ଗା ପଞ୍ଚାୟତର କୁରୁଦା ଗ୍ରାମର ଛାୟାରାଣୀ ଲକଡାଉନ ସମୟରେ ୧୫ଟି ଗ୍ରାମରେ ପରିବା ବାଣ୍ଟି ସାରିଲେଣି। ନିୟମିତ ଭାବେ ଏହି ସେବା କାର୍ଯ୍ୟ ଜାରି ରଖିଛନ୍ତି। ସ୍ଥାନୀୟ ଅଞ୍ଚଳରେ ଛାୟାରାଣୀ ଜଣେ ଅଗ୍ରଣୀ ଚାଷୀ ଭାବେ ପରିଚିତ। ସ୍ୱାମୀ ସର୍ବେଶ୍ୱର ସାହୁଙ୍କ ସହ ମିଶି ବର୍ଷ ତମାମ ସେ ନିଜର ୮ ଏକର ଜମିରେ ବିଭିନ୍ନ ପନିପରିବା ଚାଷ କରନ୍ତି। ଛାୟାରାଣୀଙ୍କ ସହ ଯୋଗାଯୋଗ କରିବାରୁ ସେ କହିଥିଲେ ଯେ, କିଛି ବର୍ଷ ପୂର୍ବରୁ ମୁଁ ମଧ୍ୟ ଅସହାୟ ଥିଲି। ଏଣୁ ଲୋକମାନେ ଅସହାୟ ଅବସ୍ଥାରେ କିପରି ଚଳନ୍ତି ତାହା ଭଲ ଭାବେ ବୁଝିଛି। ସମ୍ପ୍ରତି ସମସ୍ତେ ଘରେ ବସିଥିବାରୁ ଖାଦ୍ୟପେୟରେ ନାନାଦି ସମସ୍ୟା ଭୋଗୁଥିବେ। ଏଣୁ ଏହି ସମୟରେ ଲୋକଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସିଛି ବୋଲି ଛାୟାରାଣୀଙ୍କ ମତ। କେବଳ ପନିପରିବା ନୁହେଁ କ୍ଷୀର ମଧ୍ୟ ନିଃଶୁଳ୍କରେ ପ୍ରଦାନ କରୁଛି। ୨୦ଟି ଗାଈ ରଖିଛି। କରୋନା ମୁକାବିଲାରେ ମୁଖ୍ୟ ମଙ୍ଗ ଧରିଥିବା ପୋଲିସ କର୍ମଚାରୀଙ୍କୁ ଏହି କ୍ଷୀର ଦେଉଛି ବୋଲି ଛାୟାରାଣୀ କୁହନ୍ତି। କ୍ରିକେଟର ଲକ୍ଷ୍ମଣଙ୍କ ଟୁଇଟ୍ ତାଙ୍କୁ ସେବା କାର୍ଯ୍ୟରେ ଅଧିକ ଉତ୍ସାହିତ କରିବ ବୋଲି ସେ ମତ ଦେଇଛନ୍ତି ।

## ବ୍ୟାଟ୍ ନିଲାମ କରିବେ ଗିବ୍ସ

**ଜୋହାନ୍ସବର୍ଗ,୨।୫:** କୋଭିଡ-୧୯ ମହାମାରୀ ବିରୋଧରେ ଚାଲିଥିବା ଲଢେଇରେ ଏବେ ସାମିଲ ହୋଇଛନ୍ତି ଦକ୍ଷିଣ ଆଫ୍ରିକା ପୂର୍ବତନ ବ୍ୟାଟ୍ସମ୍ୟାନ ହର୍ଶେଲ ଗିବ୍ସ। ଏହି ଲଢେଇ ପାଇଁ ଅର୍ଥ ସଂଗ୍ରହ ଲକ୍ଷ୍ୟରେ ବାହାରିଛନ୍ତି ଗିବ୍ସ। ଦିନିକିଆ ଇତିହାସରେ ସର୍ବାଧିକ ଟାର୍ଗେଟର ସଫଳ ପିଛା କରିବାରେ ମୁଖ୍ୟଭୂମିକା ଗ୍ରହଣ କରିଥିବା ଗିବ୍ସ ଯେଉଁ ବ୍ୟାଟ୍‌ରେ ଏହି ଐତିହାସିକ ଇନିଂସ ଖେଳିଥିଲେ ତାହାକୁ ନିଲାମ କରିବାକୁ ନିଷ୍ପତ୍ତି ନେଇଛନ୍ତି। ୨୦୦୬ରେ ଅଷ୍ଟ୍ରେଲିଆ ବିପକ୍ଷରେ ଏହି ଦିନିକିଆ ମ୍ୟାଚ୍ ଖେଳାଯାଇଥିଲା। ୫ ମ୍ୟାଚ୍ ବିଶିଷ୍ଟ ସିରିଜର ନିର୍ଣ୍ଣାୟକ ମୁକାବିଲାରେ ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ ୪ ଉଇକେଟ ହରାଇ ୪୩୪ ରନ ସଂଗ୍ରହ କରିଥିଲା। ତେବେ ଦକ୍ଷିଣ ଆଫ୍ରିକା ଗୋଟିଏ ବଲ୍ ବାକି ରଖି ୯ ଉଇକେଟ ହରାଇ ୪୩୮ ରନ କରି ବିଜୟୀ ହେବା ସହ ଇତିହାସ ସୃଷ୍ଟି କରିଥିଲା। ଗିବ୍ସ ଏହି ମ୍ୟାଚ୍‌ରେ ୧୧୧ଟି ବଲର ସମ୍ମୁଖୀନ ହୋଇ ୨୧ ଚୌକା ଓ ୭ ଛକା ସହ ୧୭୫ ରନର ଧୂଆଁଧାର ପାଳି ଖେଳି ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

## ସନ୍ଦୀପ କୁମାରୀ ୪ବର୍ଷ ବାସନ୍ଦ

**ନୂଆଦିଲ୍ଲୀ, ୨।୫ (ପି.ଟି.):** ଡୋପ୍ ଟେଷ୍ଟରେ ବିଫଳ ହେବାରୁ ଆଥଲେଟିକ୍ସ ଇଣ୍ଟିଗ୍ରିଟି ୟୁନିଟ୍ ଡିସ୍‌କସ୍ ଥ୍ରୋୟର ସନ୍ଦୀପ କୁମାରୀଙ୍କୁ ୪ ବର୍ଷ ବାସନ୍ଦ କରିଛି। କୌତୂହଳର କଥା ଏହିକିଯେ, ୨୦୧୮ରେ ଗୁଆହାଟୀଠାରେ ଜାତୀୟ ଆନ୍ତଃ ରାଜ୍ୟ ଚାମ୍ପିୟନଶିପ୍ ବେଳେ ନ୍ୟାଶନାଲ ଆଣ୍ଟି ଡୋପିଂ ଏଜେନ୍ସି (ନାଡା)ର ଅଫିସିଆଲମାନେ କୁମାରୀଙ୍କଠାରୁ ରକ୍ତ ନମୁନା ସଂଗ୍ରହ କରିଥିଲେ। ନ୍ୟାଶନାଲ ଡୋପ୍ ଟେଷ୍ଟିଂ ଲାବୋରେଟୋରି (ଏନ୍‌ଡିଟିଏଲ୍)ରେ ଏହାର ପରୀକ୍ଷା କରାଯାଇଥିଲା। ଫଳାଫଳ ନେଗେଟିଭ ଆସିଥିଲା। କୁମାରୀ ଏହି ଚାମ୍ପିୟନଶିପ୍‌ରେ ୫୮.୪୧ ମିଟି ଥ୍ରୋ କରି ସ୍ୱର୍ଣ୍ଣ ପଦକ ଜିତିଥିଲେ। ୱାର୍ଲ୍ଡ ଆଣ୍ଟି ଡୋପିଂ ଏଜେନ୍ସି (ୱାଡା) କିନ୍ତୁ କୁମାରୀଙ୍କଠାରୁ ସଂଗୃହୀତ ସାମ୍ପଲକୁ ଆଉଥରେ କାନାଡାସ୍ଥିତ ମଣ୍ଟ୍ରିଲ ଲାବୋରେଟୋରିରେ ପରୀକ୍ଷା କରିବା ଲାଗି ନିଷ୍ପତ୍ତି ନେଇଥିଲା। ସେଥିରେ ଆନାବୋଲିକ୍ ଷ୍ଟେରଏଡ୍ ମେଟିନୋଲୋନ୍ ପାଇଁ ପଜିଟିଭ ଆସିଥିଲା। କୁମାରୀ ଏନ୍‌ଡିଟିଏଲ୍ ଦ୍ୱାରା ଦୋଷମୁକ୍ତ ହେବାର ୨ବର୍ଷ ପରେ ସେ ଦଣ୍ଡିତ ହୋଇଛନ୍ତି। ଫଳରେ ୨୦୧୮ ଜୁନ୍ ୨୬ରୁ ୨୦୧୮ ନଭେମ୍ବର ୨୧ ପର୍ଯ୍ୟନ୍ତ ତାଙ୍କର ସମସ୍ତ ଫଳାଫଳକୁ ରଦ୍ଦ କରିଦିଆଯାଇଛି। ୱାଡାର ୪ ବର୍ଷିଆ ବାସନ୍ଦ ଦଣ୍ଡ ଶୁକ୍ରବାର ଘୋଷଣା କରାଯାଇଛି। ଏହା ସାମ୍ପଲ ସଂଗ୍ରହର ପରଦିନଠାରୁ କାର୍ଯ୍ୟକାରୀ ହେବ। କେବଳ କୁମାରୀ ନୁହଁନ୍ତି ଏନଡିଟିଏଲ୍ ଦ୍ୱାରା ନେଗେଟିଭ ଆସିଥିବା ଅନ୍ୟ ୪ଭାରତୀୟଙ୍କ ଫଳାଫଳ ମଧ୍ୟ ମଣ୍ଟ୍ରିଲ ଲାବରେଟୋରିରେ ନେଗେଟିଭ୍ ଆସିଛି।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ